"ଜୟଗୁରୁ"

# -:: ପ୍ରାର୍ଥନା ସଂଗୀତ ::-

LAST UPDATED : JANUARY 2021

ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଶାଖା: ଆମେରିକା ସାରସ୍ୱତ ସଂଘ

## ପ୍ରାର୍ଥନା ସଂଗୀତ ........................ ୧୦


ଅଗତିର ଗତି ଅନାଥ ନାଥ ........ ୧୦
ଅତଳ ସାଗରେ ବୁଡି ଯାଉଥିଲି ........ ୧୦
ଅତୁଳ ତୁମରି ବିପୁଳ ଦାନର ........ ୧୦
ଅଦେଖା ମରମ ମନ୍ଦିରେ ........ ୧୦
ଅନନ୍ତ ଆକାଶ ଅନନ୍ତ ସାଗର ........ ୧୧
ଅନୁପମ ରୂପଠାଣି ହେ ଠାକୁର ........ ୧୧
ଅନ୍ତରରେ ମୋର ପ୍ରେମପ୍ରୀତି ........ ୧୧
ଅନ୍ତରେ ତା'ର ରୂପ ପରକାଶେ ........ ୧୧
ଅନ୍ଧାରୀ ଜୀବନ ମେଘେ ........ ୧୨
ଅଭୟ ବାଣୀ ........ ୧୨
ଅଭିନନ୍ଦନଂ ଘେନ ବନ୍ଦନଂ ........ ୧୨
ଅଳତା ସୁନ୍ଦର ତୁମ ଚାରୁ ଚରଣ ........ ୧୩
ଅରପିଲି ତବ ଚରଣେ ପରାଣ ........ ୧୩
ଅରୂପ ସ୍ୱରୂପ ତୁମେ ବହୁ ରୂପ ଧାରୀ ........ ୧୩
ଅକ୍ଷୟ ଆନନ୍ଦ ଧାମେ ଚାଲ ରେ ପଥିକ ........ ୧୩
ଆଉ କେତେଦିନେ ଏ ଶୁଷ୍କଜୀବନେ ........ ୧୩
ଆଉ ରାହା କେ ବତାଇ ଦେବ ........ ୧୪
ଆଖି ଭିଜିଗଲା ଲୁହରେ ଲୁହରେ ........ ୧୪
ଆଖି ମାଗେ ଦରଶନ, ଚିତ୍ତ ମାଗେ ଚେତନା ........ ୧୪
ଆଖିର ଦି ଟୋପା ଲୁହ ........ ୧୪
ଆଖିର ଲୁହରେ ଶକତି କାହିଁ ମୋ ........ ୧୫
ଆଜି ଏ ଶୁଭଲଗନେ ........ ୧୫
ଆଜି ତୁମ ଜନ୍ମଦିନ ପ୍ରାଣର ଠାକୁର ........ ୧୫
ଆଜି ବାରୁଛି ମୋର ଏ ଅନ୍ତର ........ ୧୬
ଆଜି ମୁଁ କହୁଛି ମୋର ମନକଥା ........ ୧୬
ଆଜି ମୁଁ କହିବି ଭରା ମନ କଥା ........ ୧୬
ଆଜି ତ ପହିଲି ରଜ ........ ୧୬
ଆଜି ରାତି ପାହି ହେବ କାଲି ସକାଳ ........ ୧୬
ଆଣିଲ ଯେବେ ଗୋ ମୋତେ ତୁମରି ପାଶେ ........ ୧୭
ଆଦର ଦିନେ ତ କରିନାହିଁ ପ୍ରଭୁ ........ ୧୭
ଆନନ୍ଦ ଧାରା ବୁହାଇ ଦିଅ ........ ୧୭
ଆନେ ମୋର ମନ ନାହିଁ ........ ୧୭
ଆମାର୍ ମାଥା ନତ କରେ ଦାଓ ........ ୧୮
ଆମେ ତ ସଭିଏଁ ନାନା ଜାତି ଫୁଲ ........ ୧୮
ଆଶ ମୋର ଚିରଦିନ ଦୟାନିଧି ........ ୧୮
ଆସ ସରବେ ବାହୁ ତୋଳି ........ ୧୮
ଆସିଛି ବଡ ଆଶାରେ ତୁମରି ଦ୍ୱାରେ ........ ୧୯
ଆସିଛେ ସରବେ ଏକଠାବୁ ଯିବା ........ ୧୯
ଆସିବା ପଥର ବନ୍ଧୁ ତୁମେ ମୋର ........ ୧୯
ଆହା କି ସୁନ୍ଦର ରୂପ ମନୋହର ........ ୧୯
ଆହା କି ସୁନ୍ଦର ମୂରତି ଆଜି ଆଖି ଦେଖିଲା ........ ୧୯
ଆହେ ଦୟାମୟ ମହିମା ତୁମର ........ ୨୦
ଆହେ ପରାଣ ଧନ ........ ୨୦
ଆହେ ପ୍ରିୟତମ ମୋର ଶ୍ରୀଗୁରୁଦେବ ........ ୨୦
ଉଠିତେ ଜୟଗୁରୁ ବସିତେ ଜୟଗୁରୁ ........ ୨୦
ଏ କି ଦେଖିଲା ଆଖି ........ ୨୧
ଏ କୂଳେ ବାନ୍ଧନା ଆଉ ତରଣୀ ମୋର ........ ୨୧
ଏ କେମିତି ବନ୍ଧନ ........ ୨୧
ଏ ଜୀବନେ ଯାହା ଦେଇଛ ଠାକୁର ........ ୨୨
ଏ ଦେହକୁ ତୁମ ମନ୍ଦିର ........ ୨୨
ଏ ଦେହ ହେଉ ହେ ପ୍ରଭୁ ........ ୨୨
ଏ ନୟନ, ଅନା ଅନା ........ ୨୨
ଏ ନୟନ କର କର ଗୁରୁ ରୂପ ଦରଶନ ........ ୨୩
ଏ ନୟନ କି ହେରିଲା ଉପମା ତାର ........ ୨୩
ଏ ବାଉଳା ! ଚିହ୍ନିରଖ ଅନାଥର ........ ୨୩
ଏ ବିଶ୍ୱ ସଂସାର ଯା'ର ଚରଣେ ଆଶ୍ରିତ ........ ୨୩
ଏ ମନ ଭାବେ କେତେ ........ ୨୩
ଏ ମର ସଂସାରେ ମନ କେହି ନୁହେଁ କାର ........ ୨୪
ଏ ସଂସାର ରଙ୍ଗମଞ୍ଚେ କରିବାକୁ ଅଭିନୟ ........ ୨୪
ଏଇ ଜୀବନେ ଠାକୁର ତୁମେ ଏକା ନିଜର ........ ୨୪
ଏଇ ତ ସଂସାର ଏଇ ତ ସଂସାର ........ ୨୫
ଏଇ ପରା ସେଇ ଦୟାନିଧି ସଙ୍ଗୀତ ........ ୨୫
ଏଇ ମୋ ମନର ଆଶା ........ ୨୫
ଏଇ ବାଂଶୋରୀବାଲା ମୋତେ ବାଉଲା କଲା ........ ୨୫
ଏଇ ଶପଥ ମୁଁ ନେଲି ........ ୨୬

ଏଇ ସଂସାରେ ଏଇ ଭଙ୍ଗା ଘରେ ........ ୨୬
ଏକ ଲକ୍ଷ୍ୟ ଏକ ବାକ୍ୟ ........ ୨୬
ଏତିକି ମାଗୁଣି ଖାଲି ........ ୨୬
ଏତିକି ମାଗୁଣି ମୋର ହେ ପ୍ରାଣଠାକୁର ........ ୨୭
ଏତେ ଦିନେ କିହେ ପ୍ରିୟ ........ ୨୭
ଏତେ ଦିନେ କିହେ ବନ୍ଧୁ ........ ୨୭
ଏମିତି ଜଣେ ସାରା ଜଗତେ ........ ୨୭
କଣ୍ଟକମୟ ଜୀବନ-ପଥରେ ମିନତି ........ ୨୮
କଣ୍ଠ ଭରି ତୁ କର ........ ୨୮
କଣ୍ଠେ ସେ ସୁର ଦିଅ ମା’ ........ ୨୮
କଜ୍ଜ୍ୱଳ କାଳିଆ କାଇଁଚ ମାଳିଆ ........ ୨୮
କଥା ଦେଇ ଦେଉଛୁ ପାଶୋରି ........ ୨୯
କଦମ୍ବ ବନେ ବଂଶୀ ବାଜିଲା ରେ ........ ୨୯
କଦମ୍ବ ବନେ ସେ କାଳିଆ କାହ୍ନୁ ........ ୨୯
କପାଳରେ ଦେବି ଗୋରଚନା ବିନ୍ଦୁ ........ ୨୯
କନ୍ନଡ ସଂଗୀତ - ତନ୍ଦେ ନିନ୍ନୁ ଦୟାମୟନ୍ନୁ ........ ୩୦
କର ମନ ନାମ-ରତନ କଣ୍ଠ ହାର ........ ୩୦
କରୁଣା କଣାଏ ବରଷିଲେ ପରା ........ ୩୦
କରୁଣାମୟ ହେ କରୁଣା ସାଗର ........ ୩୦
କରୁଣା ସାଗର ହେ ପ୍ରାଣ ଠାକୁର ........ ୩୧
କହ ଦୀନବନ୍ଧୁ, କି-। ବନ୍ଧୁଠାରେ ........ ୩୧
କହ ବନ୍ଧୁ ! ମୋତେ ସତେ କେତେ ସୁଖ ପାଅ ........ ୩୧
କାଜ୍ କିରେ ତୋର ବେଦ୍-ବିଚାରେ ........ ୩୧
କାତର ପରାଣେ ଡାକିଲେ ହେ ଦୟାମୟ ........ ୩୨
କାମନା ବାସନା ସାରା ଜୀବନର ........ ୩୨
କାଲି ମୋର ଥିଲ ଆଜି ବି ରହିଛ ........ ୩୨
କାହ୍ନୁରେ ମୋହନ ମୁରଲୀ ........ ୩୨
କାହିଁକି ଏ ଛଳ କହ ପ୍ରିୟବର ........ ୩୩
କାହିଁକି ତୁ ଯାଉ ତାଙ୍କୁ ଭୁଲି ........ ୩୩
କି ଦେଇ ପୂଜିବି କହ ........ ୩୩
କି ଦିଏ ପୂଜିବ ଗୁରୁ ଉପଚାର ପାବ କୈ ........ ୩୩
କି ଭାଷାରେ କୃତଜ୍ଞତା ଜଣାଇବି ମୋର ........ ୩୩
କି ଶୋଭାରେ ଆଜି ........ ୩୪
କି ସୁନ୍ଦର ଆହା କି ମଧୁର ସତେ ........ ୩୪
କିଏ ଜାଣେ ସେ କିଭଳି ଜଣେ ........ ୩୪
କିଏ ନେବରେ ସୁଧା ନାମ ରସ ଆସ ........ ୩୫
କିଏ ପ୍ରଭୁ ପଣେ ହେବ ତୁମ ସରିକି ........ ୩୫
କି ସୁନ୍ଦର କି ସୁନ୍ଦର କି ସୁନ୍ଦର ଶ୍ରୀପୟର ........ ୩୫
କୁଞ୍ଜେ କୋକିଳ ଗାଏରେ ........ ୩୫
କୁନ୍ଦ ସୁନ୍ଦର ମନ୍ଦ ମଧୁର ........ ୩୬
କେଉଁ ଜନମର ପୁଣ୍ୟ ଫଳେ ପ୍ରଭୁ ........ ୩୬
କେତେ ଭାଗ୍ୟ ମୋର ........ ୩୬
କେତେ ସୁଧା ବୋଳା ଆଶିଷ ତୁମର ........ ୩୬
କେତେ ଶୋଭା ମନଲୋଭା ଚାରୁଚରଣ ତଳ ........ ୩୭
କେତେ ତପ କେବେ କରିଥିଲି ଗୋ ........ ୩୭
କେତେ ଭୁଲାଉଛୁ ମାଆ ........ ୩୭
କେତେ ଦିନେ ଘୁଞ୍ଚିବ ଏ ମାୟା ମୋହ ଘୋର ........ ୩୭
କେବେ ହେବି ହରିଧନେ ........ ୩୮
କେବେ ବୁଝିବ ମୋ ମନ କଥା ........ ୩୮
କେବେହେଲେ ଥରେ କହିନି ଠାକୁର ........ ୩୮
କେବେ ସେ ଦିନ ସତେ ଆସିବ ରେ ........ ୩୮
କେମିତି ମୁଁ ହେବି ସତେ କୁହ ତୁମର ........ ୩୯
କେହି ଜଣେ ଯେବେ ମୋର ଥାଏ ନିଜର ........ ୩୯
କୋଟି କଣ୍ଠ ଭରି ବାଜି ଉଠେ ଆଜି ........ ୩୯
କୋଟିକାମ ଜିଣା ଠାଣି କି ମନୋହର ........ ୩୯
କୋଟି କୋଟି ଜନ ମନ ସୁଖଶାନ୍ତି ........ ୪୦
କୋଟି ପୁଣ୍ୟବଳେ ଆଜି ପାଇଛି ଗୋସାଇଁ ........ ୪୦
କୋଟି ବ୍ରହ୍ମାଣ୍ଡ ମଉଡମଣି ........ ୪୦
କୃପା ସାଗର ହେ ! ନ କର ମୋରେ ଅନ୍ତର ........ ୪୦
ଖୋଜିବା ପରି ମୁଁ ........ ୪୧
ଖୋଜିହେଲି ଏ ସାରା ସଂସାର ........ ୪୧
ଗଙ୍ଗା-ତରଙ୍ଗରେ ଧଉତ ........ ୪୧
ଗାଆରେ ମନ ମଧୁର ମଧୁର ........ ୪୧
ଗୁହାରି ମୋ ଶୁଣ ଠାକୁର ........ ୪୨
ଗୁରୁ ଏକା ପତିତପାବନ ........ ୪୨
ଗୁରୁ କେମନ ଧନ ........ ୪୨

ଗୁରୁ କୃପା ହିଁ କେବଳ ............ ୪୨
ଗୁରୁ କୃପା କରି ସମ୍ବଳ ............ ୪୨
ଗୁରୁ ଚରଣ ତଳେ ପ୍ରଣତି ଢାଳେ ............ ୪୩
ଗୁରୁ ତୋମାର ଆମି ତୋମାର ଆମି ............ ୪୩
ଗୁରୁଦେବ ! ତବ ମଣିମନ୍ଦିରେ ଆଜି ............ ୪୩
ଗୁରୁଦେବ ଦୟା କର ଅଧମ ସନ୍ତାନେ ............ ୪୩
ଗୁରୁଦେବ ପରି ଜଣେ ସାମନ୍ତ ............ ୪୪
ଗୁରୁନାମ ଅବିରାମ ଗାଇ ଯା ମନୁଆଁ ............ ୪୪
ଗୁରୁ ନାମ୍ କର ସାଧନା ............ ୪୪
ଗୁରୁନାମ ଗାଅ ମହାନନ୍ଦେ ଭାଇ ............ ୪୪
ଗୁରୁନାମ ଗାଇ ମନ ............ ୪୪
ଗୁରୁନାମ ଜପରେ ବାଉଳା ମନ ............ ୪୫
ଗୁରୁନାମ ତୁ ସାର କର ମାନସ ............ ୪୫
ଗୁରୁନାମ ନାବେ ପାରି ହେବୁ ଯେବେ ............ ୪୫
ଗୁରୁନାମ ରଟରେ ମନ ............ ୪୫
ଗୁରୁନାମ ସାଗର ବାରିରେ ............ ୪୬
ଗୁରୁପଦେ ମାଗରେ ଯାଇ ............ ୪୬
ଗୁରୁ ପାଦ ପଦ୍ମେ ............ ୪୬
ଗୋପନ ମନର କଥା ଆଜି ପ୍ରିୟ ............ ୪୬
ଜ୍ଞାନ ବୁଦ୍ଧି-ପ୍ରଦାୟକ, ଶକତି ବିଧାତା ............ ୪୭
ଜ୍ଞାନ ସୂତାରେ ତୁ ଗୁନ୍ଥରେ ମନ ............ ୪୭
ଘନ ଅନ୍ଧକାରେ ଏକା ମୁହିଁ ହେ ............ ୪୭
ଘନ ସୁନ୍ଦର ମୋହନ ମୂରତିଙ୍କୁ ଦେଖି ............ ୪୭
ଘେନ ବନ୍ଦନ ............ ୪୮
ଚରଣ ଯୁଗ ତବ ଶରଣ ମୋର ............ ୪୮
ଚରଣ ତଳର ଧୂଳିଟିଏ ହେବି ............ ୪୮
ଚରଣ ତଳରେ ତୋର ............ ୪୮
ଚରଣ ତୁମର ସରଗୁ ବଳି ............ ୪୮
ଚରଣ ସେବାରେ ନିତିଦିନ ବିତୁ ............ ୪୯
ଚରଣେ ଶରଣ ଦିଅ ପତିତପାବନ ............ ୪୯
ଚନ୍ଦନ ଚର୍ଚ୍ଚିତ କାନ୍ତ କଳେବର ............ ୪୯
ଚାହାଁ ଲୋ ସଖି ! କମଳ ଆଖି ............ ୪୯
ଚାହାଁରେ ବାରେ ଚାହାଁରେ ............ ୪୯
ଚାହିଁନି କେବେ ମୁଁ ତୁମକୁ ଠାକୁର ............ ୫୦
ଚାହେଁ ମନ ମୋର ............ ୫୦
ଚାଲ ମନ ! ଯିବା ଚାଲ ............ ୫୦
ଚାଲରେ ମନ ଶ୍ରୀଗୁରୁ ଚରଣ ............ ୫୧
ଚିର ଅପରାଧୀ ମୁହିଁ ଯେ ଠାକୁର ............ ୫୧
ଚିର ବାଞ୍ଛିତ ତୁମେ ପ୍ରିୟତମ ............ ୫୧
ଚିର ମନ ବାସନା ମୋର ............ ୫୧
ଚିନ୍ତାମନୁ ବରଜ (ମନବାଇ) ............ ୫୧
ଚିହ୍ନିଛୁ କି ଗୁରୁ କି ଧନ ............ ୫୨
ଚିହ୍ନା ଜଣା କଳପନାର ............ ୫୨
ଛନ୍ଦା ଚରଣ ତଳେ ବନ୍ଧା ରଖ ଏ ମନ ............ ୫୨
ଛୋଟ ଫୁଲଟିଏ କର ହେ ଠାକୁର ............ ୫୩
ଜଗବନ୍ଧୁ ହେ ! ଭବ-ବେଦନାହାରୀ ............ ୫୩
ଜଣକର ଫୁଲ ବଗିଚାରେ ଆମେ ............ ୫୩
ଜଣାଉଛି ଯୋଡି କର ହେ ଠାକୁର ............ ୫୩
ଜୟଗୁରୁ ମହାନାମ କୀର୍ତ୍ତନ ............ ୫୪
ଜୟଗୁରୁ ବୋଲ ଭାଇ ଗୁରୁ ନାମ ଗାଓ ............ ୫୫
ଜୟ ଜଗଦୀଶ ହରେ ............ ୫୫
ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ ............ ୫୫
ଜୟଗୁରୁ ଜୟଗୁରୁ ନାମ ଗାଅ ............ ୫୫
ଜୟ ଜୟ ଜୟ ନିଗମ ଆନନ୍ଦ ............ ୫୬
ଜୟ ବିଶ୍ୱପତି ............ ୫୬
ଜୟ ଶିବଶଂଭୁ ନିଗମେଶ୍ୱର ............ ୫୬
ଜାଣୁଛି, ବୁଝୁଛି ଅପରାଧର ମୋ ସୀମା ନାହିଁ ............ ୫୬
ଜୀବ ଥିବା ଯାଏ ଦେବ ............ ୫୭
ଜୀବଧନ ! ଏତିକି ମୋ ନିବେଦନ ............ ୫୭
ଜୀବନ କାଳ ମୋ ସରି ସରି ଆସେ ............ ୫୭
ଜୀବନ, ଜନମ ତୁମେ ସବୁ ତ ଦେଇଛ ............ ୫୭
ଜୀବନ ପାତ୍ର ମୋ ଭରିଛି ............ ୫୮
ଜୀବନ-ଯମୁନା ଯେବେ ବହିବ ଉଜାଣି ............ ୫୮
ଜୀବନ-ବନ୍ଧୁ ମୋ ଏତିକି କରିବ ............ ୫୮
ଜୀବନ ବନ୍ଧୁକୁ ମୋର ଏତେ ଦିନେ ପାଇଛି ରେ ............ ୫୮
ଜୀବନ ସର୍ବସ୍ୱ ପ୍ରଭୁ ତୁମେ ହେ ଠାକୁର ............ ୫୮

ଜୀବନରେ ଫୁଲ ଫୁଟିଥିଲେ ସିନା ............ ୫୯
ଜୀବନେ ଆସିବ କେବେ ସେ ଦିନ ............ ୫୯
ଜୀବନେ ଏକ ସମୟ ଆସେ ............ ୫୯
ଝରା ଲୁହ ସବୁ ଶୁଖିଗଲେ ଯାଉ ............ ୫୯
ଝୁଲାଅ ଗୋ ଝୁଲଣ ଦୋଳି ............ ୬୦
ଟିକି ମୋର ନାଆଟି ............ ୬୦
ଡର ଲାଗେ ଏ ତରଙ୍ଗ ହେରି ............ ୬୦
ଡରକେ ସେ ମିଳେ ନାହିଁ ............ ୬୦
ତାର ପାଦର ନୂପୁର ରୁଣୁଝୁଣୁ ............ ୬୧
ତୁ ଏକା ନାଉରୀଆ ଅଥଳ ନୀରେ ............ ୬୧
ତୁମ ଇଛା ହେଉ ପୂର୍ଣ୍ଣ ............ ୬୧
ତୁମ ଦରହାସ କମ ନୟନ ............ ୬୧
ତୁମ ଦୟା ଦାନେ ଜୀବନ କୁସୁମ ............ ୬୨
ତୁମ ପାଇଁ ଯେବେ ଫୁଟି ପାରିଲିନି ............ ୬୨
ତୁମ ବିନେ ହେ ଗୋସାଇଁ ............ ୬୨
ତୁମ ଶ୍ରୀଚରଣେ ପ୍ରଭୁ ............ ୬୨
ତୁମ ସୁନ୍ଦର ସୁଠାମ ଠାଣି ............ ୬୩
ତୁମକୁ ନିଜର କରି ପାରିଲିନି ............ ୬୩
ତୁମକୁ ପାରିବିକି ଭୁଲି ପ୍ରିୟ ମୋହରି ............ ୬୩
ତୁମରି ଚରଣେ ଶରଣ ନେଇଛି ............ ୬୪
ତୁମରି ପୂଜାର ଆବରଣ ତଳେ ............ ୬୪
ତୁମରି ପୂଜାର ଗୁରୁ ଭାର ମୋତେ ............ ୬୪
ତୁମରି ବିନା କାହିଁକି ଭଲ ଲାଗେନା ............ ୬୪
(ତୁମେ) କେତେ ସତେ ଆପଣାର ............ ୬୫
ତୁମେ ଜୀବନର ଧନ ମୋର ............ ୬୫
ତୁମେ ତ ମୋ ଗଣ୍ଠି ରତନ ............ ୬୫
ତୁମେ ପରାଣପ୍ରିୟ ଠାକୁର ............ ୬୫
ତୁମେ ମୋ ମାତା ତୁମେ ମୋ ପିତା ............ ୬୬
ତୁମେ ମୋ ମୁକତି ତୁମେ ମୋ ଶକତି ............ ୬୬
ତୁମେ ଯାହ ବିଚାରୁଛ ଭଲ ବୋଲି ଠାକୁର ............ ୬୬
ତୁମେ ପଚାରୁଛ ମୁଁ କିଏ ............ ୬୬
ତୁମେ ଦୟାନିଧି ଥାଉ ଥାଉ ............ ୬୬
ତୁମେ ବିନେ ହେ ଗୋସାଇଁ ............ ୬୭
ତୁମେ ଭଲ ପାଇବାର କାଙ୍ଗାଳ ପ୍ରଭୁ ............ ୬୭
ତୁମେ ମୋ ଗତି ତୁମେ ମୁକତି ............ ୬୭
ତୁମେ ମୋ ଭଙ୍ଗା ବୀଣାର ସୁର ମୂର୍ଚ୍ଛନା ............ ୬୭
ତୁମେ ମୋ ହୃଦର ତପନ କିରଣ ............ ୬୮
ତୁମେ ମୋ ମନ ଆକାଶେ ପୁନେଇଁ ଚାନ୍ଦ ............ ୬୮
ତୁମେ ମୋତେ ଖୋଜି ଆଣିଛ ଠାକୁର ............ ୬୮
ତୁମେ ଶୁଦ୍ଧ, ତୁମେ ବୁଦ୍ଧ ............ ୬୮
ତୁମେ ହାତ ଧରିନିଅ ............ ୬୯
ତୁମେ ହେ ଜାଳିଛ ମୁକ୍ତି ମଶାଲ ............ ୬୯
ତୁମେ ହେ ଗଉରୀ ଶୀଅଙ୍ଗ ସଂଗତି ............ ୬୯
ତେଜି ମନ କଲେ ତୁମକୁ ବନ୍ଧୁ ହେ ............ ୬୯
ତୋର ଇହ ପରକାଳେ ଜ୍ୟୋତିରେଖା ............ ୬୯
ଥରେ ଖାଲି ମୋତେ କହ ତ ଠାକୁର ............ ୭୦
ଥରେ ଦେଖି ମନ ବାଇ ............ ୭୦
ଦରଶେ ତବ କୋଟି ରବି ............ ୭୦
ଦୟା କି ତୁ ଗଲୁ ଭୁଲି ............ ୭୦
ଦୟାମୟ ଦିଅ ଫିଟାଇ ଏ ମୋର ମନ ଦୁଆର ............ ୭୧
ଦୟାମୟ ଘେନ ଗୁହାରି ............ ୭୧
ଦୟାମୟ, ଶୁଣିବା ହେଉ ଗୁହାରି ............ ୭୧
ଦୟାମୟୀ ମା ବୋଲି ଗୋ ............ ୭୧
ଦୟାନିଧି ! ନ ନିଅ ପାଦ ଘୁଞ୍ଚାଇ ............ ୭୨
ଦାଓ ବୋଲେ ଦାଓ ............ ୭୨
ଦିଅ ମନ ପ୍ରେମଧନ ଅରଜନରେ ............ ୭୨
ଦିନ ତୋମାର ଆନନ୍ଦେ ଯାବେ ଜପଲେ ଗୁରୁର୍ ନାମ ............ ୭୨
ଦିନ ଯାଉ ସେ ଚରଣ ବନ୍ଦି ............ ୭୨
ଦିନୁଁ ଦିନ କାଳ ଯାଏ ବହି ............ ୭୩
ଦିନେ ହେଲେ ଥରେ ମିଳନ ତୁମର ............ ୭୩
ଦୀନ ଜନେ ଦୀନବନ୍ଧୁ ! କରନା କରନା ପର ............ ୭୩
ଦୀନ ନାଥ ମାଗୁ ନାହିଁ କିଛି ଆଉ ............ ୭୩
ଦୀନବନ୍ଧୁ ! ଏହି କଥାରେ ମୋ ମନ ............ ୭୩
ଦୀନବନ୍ଧୁ ନାମ ଯେବେ ............ ୭୪
ଦୀନବନ୍ଧୁ ! ମୋ ବନ୍ଧୁ ହୋଇବ କେବେ ............ ୭୪
ଦୀନବନ୍ଧୁ ହେ, କେତେ ଭାବୁଛି ମନେ ............ ୭୪

ଦୀନବନ୍ଧୁ ହେ ! ମୋର ଗଳାର ହାର ........ ୭୪
ଦୀନ ବାନ୍ଧବ ହେ! ଏତିକି କରୁଣା ହେଉ ........ ୭୫
ଦୁଇ ଦିନିଆ ସଂସାର ମେଳ ........ ୭୫
ଦୁଃଖ ଘରେ ମୋର ଜନମ ଠାକୁର ........ ୭୫
ଦୁଃଖ ଯେବେ ପ୍ରଭୁ ଆସୁଛି ଜୀବନେ ........ ୭୫
ଦୁଃଖ ବୋଲି ଜାଣୁ ନାହିଁ ........ ୭୬
ଦୁଃଖରେ ତୁମକୁ ଯେବେ ପାଇବି ଜଗତ ସାଇଁ ........ ୭୬
ଦୁନିଆଁରେ ଗୁରୁ କିଏ ଅଛି ତାର ସରି ........ ୭୬
ଦୁନିଆଁ ରେ ମୋର କେହିନାହି କିଛି ନାହିଁ ........ ୭୭
ଦେଇ କି ଧନ ତୋଷିବି ମନ ........ ୭୭
ଦେଖ ଗୋ ବିଜେ ବିଶ୍ୱବନ୍ଦନ ........ ୭୭
ଦେଖି କହିଲୁ କିଏ ସେ ତୋର ........ ୭୭
ଧନରେ ମାନରେ ମନ ନାହିଁ ନାହିଁ ........ ୭୮
ଧନ୍ୟ ଧନ୍ୟ ଗୁରୁଦେବ ........ ୭୮
ଧନ୍ୟ ହଇଲ ଧରଣୀ ତୋମାର ........ ୭୮
ଧରା ପଡିଛ ହେ ନଦୀୟାଚାନ୍ଦ ........ ୭୮
ନ ଥିଲେ ଅପରାଧୀ ମୋହ ସରି ........ ୭୯
ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର ........ ୭୯
ନନ୍ଦନବନ ପାରିଜାତ ତୁମେ ........ ୭୯
ନବ ସୁନ୍ଦର ମୋହନ କାନ୍ତି ଧର ........ ୭୯
ନବ ବରଷର ପ୍ରଥମ ପ୍ରଭାତେ ........ ୮୦
ନମୋ ନମୋ ନମଃ ପ୍ରଭୁ ........ ୮୧
ନୟନ ଧାରେ ଧାରେ ........ ୮୧
ନୟନ-ରଞ୍ଜନ ନୟନେ ନୟନେ ........ ୮୧
ନୟନ ତୁମକୁ ପାରେ ନାହିଁ ଦେଖି ........ ୮୧
ନୟନାଭିରାମ ଆମ ପ୍ରଣିପାତ ଘେନାକ୍ଷର ........ ୮୨
ନାଆ ଟଳମଳ ଝଞ୍ଜା ଖର ........ ୮୨
ନାହିଁ ନନ୍ଦନ ବନର ସୁମନ ........ ୮୨
ନାମ ଭଜୁ ଥା'ରେ ମନପକ୍ଷୀ ହେଳା ନ କରି ........ ୮୨
ନାରାୟଣ ! ଘେନ ବନ୍ଦନ ........ ୮୨
ନିଅ ପ୍ରଭୁ ହାତ ଧରି ........ ୮୩
ନିଗମ ତାରକଂ ........ ୮୩
ନିଜ ଭାଗ୍ୟ ଭୋଗିବାକୁ ଆସିଛି ........ ୮୩
ନିଝୁମ ନିଦରେ ଶୋଇ ପଡିଥିଲି ........ ୮୩
ନିରାଶ ନ କର ଆଜି ........ ୮୪
ନିରେଖ ନିରେଖ ଆଖି ରାଜେଶ୍ୱର ରାଜେ ........ ୮୪
ନିରେଖ ନିରେଖ ମନ ଭୁବନମୋହନ କାନ୍ତି ........ ୮୪
ନିଃଶ୍ୱାସକୁ ମୋର ବିଶ୍ୱାସ ନାହିଁ ପ୍ରଭୁ ! ........ ୮୪
ନେଇଗଲ ଯେବେ ଅଜଣା ରାଇଜେ ........ ୮୪
ପଚାରୁଛି ପଦେ କଥା ........ ୮୪
ପଝାରୀ ରେ! ଡର ନାହିଁ ଆଖି ........ ୮୫
ପଦ ବନ୍ଦେ ଗୁରୁଦେବ ........ ୮୫
ପଦତଳ ମନୋହର ବିକଚ ଶତଦଳ ........ ୮୫
ପଦେ ଖାଲି ପଦରେ ଗୁହାରି ........ ୮୫
ପଦେ ମୋ ଗୁହାରି ଘେନ ........ ୮୫
ପରମ ଆରାଧ୍ୟ ଦେବ ମିନତି ଆମର ........ ୮୫
ପରମ ଆରାଧ୍ୟ ଦେବ ହେ ଜଗତାଧାର ! ........ ୮୬
ପରମ ଆରାଧ୍ୟ ଦେବ ହେ ବିଶ୍ୱବିହାରୀ ........ ୮୬
ପରମ ସାଧନ ଅଟେ ଗୃହସ୍ଥ ଧରମ ........ ୮୬
ପରଶ ତୁମର ପ୍ରଭୁ କେତେ ସରସ ........ ୮୬
ପରାଣ ନାଥ ହେ ନିଅ ମୋତେ ହାତ ଧରି ........ ୮୭
ପରାଣ ମଧୁପ ନ ରସିଲା ଯେବେ ........ ୮୭
ପରାଣପତି ତୁ ଏକା ଅଗତିର ଗତି ........ ୮୭
ପକ୍ଷୀ ଉଡି ଯିବରେ ବସା ପଡିଥିବରେ ........ ୮୭
ପରାଣରୁ ବଳି ପ୍ରିୟତମ ତୁମେ ........ ୮୮
ପାଇ ନାହିଁ ଭଲ ଦିନେ ମୁଁ ତୁମକୁ ........ ୮୮
ପାତିଥିବି ହାତ କରୁଣା ଦୁଆରେ ........ ୮୮
ପାଶେ ଅଛିରେ ମୁଁ ତୋର କା'ରେ ଡର ........ ୮୮
ପାଶେ ମୁଁ ତ ଅଛି ଭୟ ନାହିଁ କିଛି ........ ୮୮
ପୁଣ୍ୟ ନଦୀର ଧାରେ ରେ ........ ୮୯
ଫୁଲ ଚନ୍ଦନର ପୂଜା ଉପଚାର ........ ୮୯
ଫୁଲ ଯେବେ ହୋଇଥାଆନ୍ତି ........ ୮୯
ଫୁଲଟିଏ ହୋଇ ଫୁଟିଛି ଠାକୁର ........ ୮୯
ଫୁଲେ ଯଦି ଏତେ ସରାଗ ତୁମର ........ ୮୯
ଫୁଲେ ଯେବେ ଏତେ ଆଦର ତୁମର ........ ୯୦
ପ୍ରଭୁ ! କେତେ ସୁଖ ପାଅ ସତେ ........ ୯୦

ପ୍ରଭୁ ! କେତେ ଯେ ସହିଛ ମୋ ଲାଗି ........ ୯୦
ପ୍ରଭୁ ତୁମ ପାଇଁ ଝରା ଶେଫାଳି ହୋଇ ........ ୯୧
ପ୍ରଭୁ ! ନନ୍ଦନ ବନ ଇନ୍ଦ୍ରଭୁବନ ........ ୯୧
ପ୍ରଭୁ ତୁମରି ଚରଣ ତଳେ ........ ୯୧
ପ୍ରଭୁ ! ତୁମ ଶ୍ରୀଚରଣ ତଳେ ........ ୯୧
ପ୍ରଭୁ! ତୁମେ ପ୍ରଭାତର ପ୍ରଥମ କିରଣ ........ ୯୨
ପ୍ରଭୁ ହେ ଏତିକି ଗୁହାରି ଶିରିପଦରେ ........ ୯୨
ପ୍ରଭୁ ହେ ! ତୁମରି ଅଭୟ ଚରଣ ତଳେ ........ ୯୨
ପ୍ରଭୁ ହେ, ତୁମରି ମହିମା ମାନ ........ ୯୨
ପ୍ରଭୁ ହେ, ମୁକତି ମୁଁ ଚାହୁଁ ନାହିଁ ........ ୯୩
ପ୍ରଣତି ଘେନ ପଦେ ମଙ୍ଗଳମୟ ........ ୯୩
ପ୍ରଣତି ଘେନ, ହେ ଦେବ ନିଗମାନନ୍ଦ ! ........ ୯୩
ପ୍ରଣତ ଜନର ପ୍ରଭୁ ପ୍ରଣତି ଘେନ ........ ୯୩
ପ୍ରାଣନାଥ ! ଆଜି ଗୁହାରି ଜଣାଏଁ ........ ୯୪
ପ୍ରାଣବନ୍ଧୁ ରେ! ମୁଖ ପିଟାଇ ଦୁଃଖ ........ ୯୪
ପ୍ରିୟ ହେ! ନିଅ ପ୍ରଣତି ........ ୯୪
ପ୍ରିୟଠାରୁ ବଳି ପ୍ରିୟ ତୁମେ ମୋର ........ ୯୪
ପ୍ରିୟତମ ! ଘେନ ମୋ କୋଟି ପ୍ରଣାମ ........ ୯୫
ପ୍ରିୟତମ ! ତୁମେ ସିନା ଏକା ମୋ ଭୂଷଣ ........ ୯୫
ପ୍ରେମ ବିନେ ସେ ଧନ ମିଳେ ନାହିଁ ରେ ........ ୯୫
ପ୍ରେମମୟ ଜୟ ନିଗମାନନ୍ଦ ........ ୯୫
ପ୍ରେମମୟ ତୁମ ଚରଣ ତଳେ ........ ୯୫
ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ ........ ୯୬
ବତାଇ ଦିଅ କାହାରେ ମୁଁ ଡାକିବି ଆଉ ........ ୯୬
ବନ-ଗମନ ଛାଡି ମୁଁ ........ ୯୬
ବନ୍ଦନ ଘେନ ପ୍ରିୟତମ ତବ ........ ୯୬
ବନ୍ଦନ ଘେନ ସୁନ୍ଦର ତବ ........ ୯୬
ବନ୍ଦନ ଘେନ, ହେ ଜଗତବନ୍ଦ୍ୟ ........ ୯୭
ବନ୍ଦନ ଘେନ, ହେ ବିଶ୍ୱବନ୍ଦନ ........ ୯୭
ବନ୍ଦନ ଘେନା କର ........ ୯୭
ବନ୍ଦନଂ ଦେବ! ବନ୍ଦନଂ ........ ୯୭
ବନ୍ଦନ ନିଅ ଦେବ! ବନ୍ଦନ ନିଅ ........ ୯୮
ବନ୍ଦନ ହେ ବନ୍ଦନ ! ଘେନ ବାରେ ଆମ ଅଭିନନ୍ଦନ ........ ୯୮
ବନ୍ଦେ ନିଖିଳ ମାନସ ତବ ........ ୯୮
ବନ୍ଦେ ବନ୍ଦେ ........ ୯୮
ବନ୍ଦେ ବନ୍ଦେ ବନ୍ଦେ ଶ୍ରୀନିଗମାନନ୍ଦମ୍ ........ ୯୯
ବନ୍ଦେ ଶ୍ରୀଗୁରୁଦେବ ........ ୯୯
ବନ୍ଧୁ! ଜୀବନ ସଙ୍ଗିନି ତୁମେ ମୋର ........ ୯୯
ବନ୍ଧୁ! ତୁମେ ମୋର ପରାଣର ପ୍ରିୟ ........ ୯୯
ବନ୍ଧୁ ତୋ ପ୍ରେମ ଡୋରି ଲଗାଇ ........ ୯୯
ବନ୍ଧୁ ହେ! ଆଉ ତ ଛାଡିବି ନାହିଁ ........ ୧୦୦
ବନ୍ଧୁ ହେ! ତୁମେ ଏକା ମୋ ଜୀବନ ଧନ ........ ୧୦୦
ବହୁଦିନେ ପାଇଛି ହେ ନୀଳମଣି ........ ୧୦୦
ବରଣ କରି ଶଙ୍କର ........ ୧୦୦
ବାଇମନରେ ଗାଆ ଗାଆ ........ ୧୦୧
ବାଉଳା, ଥିବା ଯାଏ ଏ ଜୀବନ ........ ୧୦୧
ବାଉଳା ! ମନରେ ଥରେ ବିଚାର ........ ୧୦୧
ବାଛି ବାଛି କେ ଦେଇଛି ........ ୧୦୧
ବାପ ତ ଆମର ଜଣେ ........ ୧୦୨
ବାର ବାର ହାତ ଖସିବ ତୋହର ........ ୧୦୨
ବାସନା ମୋହର ନାଥ ........ ୧୦୨
ବାହୁଡି ସବୁ ଦୁଆରୁ ହେ ଦୟାନିଧି ........ ୧୦୨
ବିତୁଁ ନିଶିଦିନ ସେବାରେ ତୁମର ........ ୧୦୨
ବିବେକ ଆଖି ତୁ ଖୋଲରେ ମନୁଆଁ ........ ୧୦୩
ବିଶାଳ ମଝିରେ ମହା ସମାଧିରେ ........ ୧୦୩
ବିଶ୍ୱାସଟି ମୂଳ ଯାହାର ଧନ୍ୟ ସେହି ........ ୧୦୩
ବେସୁରା ବୀଣାରେ ଯେ ସୁର ଦେଲ ........ ୧୦୩
ବୋଲ ମନ, ଜୟଗୁରୁ ବୋଲରେ ........ ୧୦୪
ଭକତି ଗଙ୍ଗା ଝରାଇ ଦିଅ ହେ ........ ୧୦୪
ଭକତି-ତଟିନୀ-ଧାର ........ ୧୦୪
ଭକତି-ପ୍ରଦୀପ ଜାଳିଦିଅ ଦେବ ........ ୧୦୪
ଭକତି ଭିଖାରି ଯେହୁ ନାଥ ତବ ଚରଣେ ........ ୧୦୫
ଭକତିରେ ଧରିଥାଅ ଗୁରୁ ପାଦପଦ୍ମ ........ ୧୦୫
ଭକ୍ତବାଞ୍ଛା କଳ୍ପତରୁ ........ ୧୦୫
ଭଜରେ ମନ ନରାକାର ପରଂବ୍ରହ୍ମଙ୍କୁ ........ ୧୦୬
ଭଜ ରେ ଭଜ ଗୁରୁଗୋବିନ୍ଦ ........ ୧୦୬

ଭଲ ପାଇବାକୁ ଶିଖାଇ ଦିଅ ହେ ........ ୧୦୬
ଭଙ୍ଗାଗଢା ମିଛମାୟା ଏଇ ସଂସାର ........ ୧୦୬
ଭଙ୍ଗୁର ସଂସାରେ ତୋର ........ ୧୦୭
ଭବ ପାରାବାରେ ତୁମେ ନାଉରୀ ........ ୧୦୭
ଭବେର ଘାଟେ ଦିଛେନ ଖେୟା ........ ୧୦୭
ଭୟ ବିପଦ ଜଳନିଧି ........ ୧୦୭
ଭାବ ବିନୋଦିଆ ଭକ୍ତବତ୍ସଳ ଘେନ ........ ୧୦୭
ଭାବ-ରାଇଜର ମଉଡମଣି ସେ ........ ୧୦୮
ଭାସିଗଲି ଭବଜଳେ ଠାବ ଦିଅ ପାଦତଳେ ........ ୧୦୮
ଭାସି ଚାଲ ମନ ମହାକାଳର ତରଙ୍ଗେ ........ ୧୦୮
ଭାରି ସୁଆଦ ବଡ ସୁଆଦ ........ ୧୦୯
ଭାଙ୍ଗଲୋ ମେଲା ବିଦାୟ ବେଲା ........ ୧୦୯
ଭିକାରୀ ନୁହେଁ ମୁଁ ମାଗିବିନି କେବେ ........ ୧୦୯
ଭିଖ ଦିଅ, ଭିଖ ଦିଅ ........ ୧୧୦
ଭିଜା ଆଖି ଲୁହ ଝରି ପଡୁଥିଲା ........ ୧୧୦
ଭିଜା ଶ୍ରାବଣର ଅଳସ ସକାଳ ........ ୧୧୦
ଭୁଲି ମୁଁ ପାରୁନି ପ୍ରିୟ ........ ୧୧୦
ମଉଳା ଜୀବନ ବେଳେ ........ ୧୧୧
ମଣିମା ଶୁଣିମା ହେଉ ଦୀନ ଗୁହାରି ........ ୧୧୧
ମଣିମା ହେ ! ମୁଁ ଯେ ଶତ ବାସନାର ଦାସ ........ ୧୧୧
ମଥା ଛୁଇଁ ମୋହର ତୁମେ କହିଲ ........ ୧୧୧
ମଧୁର ମଧୁର ବଂଶୀ ବାଜେ ........ ୧୧୧
ମଧୁରେ ମଧୁରେ ମୁରଲୀ ବାଜିଲା ........ ୧୧୨
ମନ କଥା କହୁଛି ଶ୍ୟାମା ........ ୧୧୨
ମନ କଥା ଶୁଣ ମୋର ମା ........ ୧୧୨
ମନ ଘରେ ବସା ବାନ୍ଧି ରଖିବାକୁ ........ ୧୧୨
ମନ ଚାଲ ନିଜ ନିକେତନେ ........ ୧୧୩
ମନଚାରୀ ରେ ! ଅଳପେ ଅନାଅଁ ଥରେ ଫେରି ........ ୧୧୩
ମନ ଜୟଗୁରୁ ଜୟଗୁରୁ ବୋଲ ........ ୧୧୩
ମନ ଜାଣୁ ଜାଣୁ ସିନା ତୁ ହେଉଛୁ ବାଇ ........ ୧୧୩
ମନନ ଧିଆନ ଜ୍ଞାନ ........ ୧୧୪
ମନର କଥା ମୋ ଏତେ ........ ୧୧୪
ମନର ଗୁହାରି ଶୁଣ ଜଗତଜୀବନ ........ ୧୧୪
ମନର ଠାକୁର ଆଜି ........ ୧୧୪
ମନର ବେଦନା କହିବି ବୋଲି ମୁଁ ........ ୧୧୫
ମନରେ ! ଏ ବିଚାର କର ସାର ........ ୧୧୫
ମନରେ ଗୁରୁତତ୍ତ୍ୱକୁ ........ ୧୧୫
ମନରେ ! ଜୀବନ ଯାଏ ସରି ସରି ........ ୧୧୫
ମନରେ ବନ୍ଦନ କର ତୁ ଅବିରତ ........ ୧୧୬
ମନ ହାତୀ ଆନେ ମାତି ........ ୧୧୬
ମନ ବାସନା ଭରି ହରି ନାମ ଗାଅ ........ ୧୧୬
ମନଭୋଲା ଚପଲାର ମତ ଘୁରେ ମରୋନା ........ ୧୧୬
ମନ ମୋହନ ସେ ମୂରତି ........ ୧୧୬
ମନେ ମୋର ଚିର ଜାଗେ ହେ ଠାକୁର ........ ୧୧୬
ମନୁଆଁ ସେ ଦିନକୁ ମନେ ପକା ........ ୧୧୭
ମରମ ମଝିରେ ଅଲିଭା ଦୀପାଳୀ ଜାଳି ........ ୧୧୭
ମରମ ବେଦନା କହିବି କା' ଆଗେ ........ ୧୧୭
ମରମର ବ୍ୟଥା ପରାଣର କଥା ........ ୧୧୭
ମହକ ନ ଥିବା ଫୁଲଟିଏ ହୋଇ ........ ୧୧୮
ମହାବାହୁ ଏତିକି ମାଗୁଣି ମୋର ........ ୧୧୮
ମହାବାହୁ, ଏତିକି କରୁଣା ହେଉ ........ ୧୧୮
ମହାବାହୁ ! ନାମ ଗାଉ ଗାଉ ଜୀବ ଯାଉ ........ ୧୧୮
ମାଗୁଛି ପତାଇ ହାତ ମୋର ଦୁଇ ........ ୧୧୮
ମାଗୁଛି ହେ ପ୍ରଭୁ ତୁମ ସେବା କରି ........ ୧୧୯
ମାଗୁନାହିଁ ଧନଜନ ମାଗୁଛି ମୁଁ ଶରଣ ........ ୧୧୯
ମାଗୁଣି ଏତେ ମାତର ........ ୧୧୯
ମାଗେ ଭବମାନବ ଆଶିଷ ମଧୁ ଧାର ........ ୧୧୯
ମାଧବ ହେ ଦୀନବାନ୍ଧବ ମୋର ........ ୧୨୦
ମାନସେ ମନାସେ ନାଥ ଚିର ଶରଣ ........ ୧୨୦
ମିଛେ ମିଛେ ଘୁରି ମରେଁ ମୁଁ ସିନା ........ ୧୨୦
ମୁଁ ଦେଇ କି ଧନ ତୋଷିବି ମନ ........ ୧୨୦
ମୁଁ ଗୁହାରି କରେ ମୋ ଆଖିର ଲୁହରେ ........ ୧୨୦
ମୁଁ ଯେ ଏକ ବାସହୀନ କାଗଜ ଫୁଲ ........ ୧୨୧
ମୁଁ ଯେ କରୁଣାକଣା ଭିଖାରୀ ........ ୧୨୧
ମୁଁ ଯେ ତୁମରି ସନ୍ତାନ ........ ୧୨୧
ମୁଁ ଯେ ତୁମରି ଏକା ହେ ସୁନ୍ଦର ........ ୧୨୧

ମୁଁ ଯେ ତୁମରି ବାଉଳା ବଇଁଶୀ ........ ୧୨୨
ମୁଁ ଯେ ନୀଳ କଇଁ ........ ୧୨୨
ମୂଢରେ ଦୃଢ କରିଥା ........ ୧୨୨
ମେଘ ମହ୍ଲାର ........ ୧୨୨
ମୋ ଆକୁତି ଶୁଣ ଦିଅଁ ........ ୧୨୩
ମୋ ଆଖିରେ ଲୁହ ଭରିଦିଅ ପ୍ରଭୁ ........ ୧୨୩
ମୋ ବିଧୁର ପ୍ରାଣେ ........ ୧୨୩
ମୋ ପ୍ରଭୁ ଆଶିଷମୟ ........ ୧୨୩
ମୋ ପ୍ରଭୁ ସମ କମନୀୟ ନାହିଁ ଆଉ ........ ୧୨୩
ମୋ' ଭାଲେ ସତେ ହେବକି ସେଦିନ ........ ୧୨୩
ମୋ ଭିଜା ଆଖିରୁ ଲୁହ ପୋଛି ଦେଇ ........ ୧୨୪
ମୋ ମନ ଆକାଶେ ଚାନ୍ଦଟିଏ ........ ୧୨୪
ମୋ ମନ ଫୁଲବନେ ରସିକ ଭ୍ରମର ତୁମେ ........ ୧୨୪
ମୋ ମନରେ ତୁମେ ଗନ୍ଧ କସ୍ତୁରୀ ........ ୧୨୪
ମୋହ ଲାଗି ଏକା ଆସିଛ ବନ୍ଧୁ ହେ ........ ୧୨୫
ମୋତେ ଆଜି ତୁମେ କୁହ ଠାକୁର ........ ୧୨୫
ମୋତେ ଆନନ୍ଦଧାମେ ପଥ ........ ୧୨୫
ମୋତେ କମଳ କୋମଳ ଚରଣେ ........ ୧୨୫
ମୋତେ ତୁମରି ଦୁଆରେ ଭିଖାରି କରିଛ ........ ୧୨୬
ମୋତେ ସେଇ ରାଇଜକୁ ନେଇ ଯାଅ ........ ୧୨୬
ମୋତେ ସେବକ ପଣରେ ରଖ ହେ ଠାକୁର ........ ୧୨୬
ମୋତେ ସେବକ ସାଜ ଦିଅ ଠାକୁର ........ ୧୨୬
(ମୋର) ଆଉ କାମନା ନାହିଁ ମା ! ........ ୧୨୭
ମୋର ବୋଲି ଯା'ରେ ଆଦର କରିବି ........ ୧୨୭
ମୋର ବୋଲି ମୋତେ କହିବାକୁ ସତେ ........ ୧୨୭
ମୋର ମଥା ନତ କରି ........ ୧୨୭
(ମୋର) ସକଳ ବନ୍ଧନ ତୁଟାଇ ଦିଅ ........ ୧୨୭
ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ ........ ୧୨୮
ଯହିଁକି ଯା ସାଜେ ଭଲ ........ ୧୨୮
ଯାହା କର ହେ ଜଗତ ସାଇଁ ........ ୧୨୮
ଯାହାଦେବ ଗୁରୁଦେବ ସେ ମୋ କୋଟି ବଇଭବ ........ ୧୨୮
ଯେଉଁ ବଇଁଶୀର ସୁରେ ରାଧାକୁ ମୋହିଲ ........ ୧୨୮
ରତନ ଆସନେ ବସେ ଗୌରୀ ଶଙ୍କର ........ ୧୨୮
ରଙ୍ଗପୟର ହେ ରଙ୍ଗପୟର ........ ୧୨୯
ରତ୍ନ ସିଂହାସନେ ଉଭା ଲାବଣ୍ୟ ଠାଣିରେ ........ ୧୨୯
ରସନା, ଗୁରୁ ବିନେ ଆନେ ରସନା ........ ୧୨୯
ରାହା ଦେଖାଅ ମୋତେ ଦୟାସାଗର ........ ୧୨୯
ରୂପ ତାର କି ମନୋହର କେତେ ରୁଚିର ........ ୧୩୦
ଶରଣ ଦେବ ଠାକୁର ଚରଣ ତଳେ ........ ୧୩୦
ଶୁଣ ମୋର ମନ ଗୁହାରି ........ ୧୩୦
ଶ୍ରୀ ଗୁରୁଦେବ ତୁମକୁ ମୁଁ ପ୍ରଣାମ କରେ ........ ୧୩୦
ଶ୍ରୀଗୁରୁ ନାମ ତୁ ସୁମରଣ କର ........ ୧୩୦
ଶ୍ରୀଛାମୁରେ ଆଜି ଅଞ୍ଜଳି ପାତିଛି ........ ୧୩୧
ଶ୍ୟାମା ଚରଣ ତଳେ ଶରଣ ଦେ ମା ........ ୧୩୧
ସକଳ ବନ୍ଧନ ତୁଟାଇ ଦେଇଛ ........ ୧୩୧
ସଖି ସାର ହେଲା ନୀର ଧାର ଗୋ ........ ୧୩୧
ସଜଳ ନୟନେ କୁସୁମ ଅଞ୍ଜଳି ମୋର ........ ୧୩୨
ସଜନୀ ଗୋ ! ପରାଣୁ ........ ୧୩୨
ସତ କହ ଲୀଳାମୟ କେଉଁ ଲୀଳା କରୁଛ ........ ୧୩୨
ସତ କହ, ସତ କହ ମୋତେ ........ ୧୩୨
ସପତ ସାଗର ସରଜିଛି ଯିଏ ........ ୧୩୩
ସବୁ ପ୍ରଭୁ ତୁମରି ଲୀଳା ........ ୧୩୩
ସହଜ ଭାବ ମୋତେ ଦିଅ ହେ ପ୍ରେମମୟ ........ ୧୩୩
(ସେଇ) ମାଆ ତ ଆମରି ........ ୧୩୩
ସେଇ ମୋ ଜଣକ ତୁମେ ........ ୧୩୪
ସେ ଏକା ସାଥି ଏଇ ମର ସଂସାରେ ........ ୧୩୪
ସଂଘ ମୋ ପାଇଁ ସକଳ ତୀର୍ଥ ........ ୧୩୪
ସଂଘସେବୀ ଭକ୍ତଗଣ ........ ୧୩୫
ସଂପି ଦେଉଛି ପଦତଳେ ଜୀବନ ........ ୧୩୫
ସଂସାର ଜଞ୍ଜାଳେ ନିତି ଜଳିଜଳି ........ ୧୩୫
ସଂସାର ସାଗରେ ଭାସୁଅଛି ମୁହିଁ ........ ୧୩୫
ସଂସାରେ ମୋହର କିଛି ନାହିଁ ସିନା ........ ୧୩୬
ସ୍ମରରେ ମନ ! ନିଗମାନନ୍ଦ ........ ୧୩୬
ସାଗରେ ତରଙ୍ଗପରି ଅଧୀର ମୋ ମନ ........ ୧୩୬
ସାଗରେ ଭୂଧରେ ନଭେ ପାତାଳରେ ........ ୧୩୬
ସାଧୁସଙ୍ଗ ମୋତେ ଦିଅ ........ ୧୩୭

ସାରା ବଗିଚାଟା ଫୁଲଭରା ଦେଖି ........ ୧୩୭
ସିଂହ ଦୁଆର ପାଶେ ........ ୧୩୭
ସୁଆଦ ତା'ର କେ' ବାରିପାରେ ........ ୧୩୭
ସୁଠାମ ସୁନ୍ଦର ଶ୍ରୀମୁଖ ଯା'ର ........ ୧୩୮
ସୁନ୍ଦର ଫୁଲହାର ........ ୧୩୮
ସୁନ୍ଦରଠାରୁ ସେ ଆହୁରି ସୁନ୍ଦର ........ ୧୩୯
ସେ ଅଛନ୍ତି କି ନାହିଁ ଯେବେ ତୁ ........ ୧୩୯
ସେ ଚରଣ ତଳେ ଆଜି ........ ୧୩୯
ସେ ତ ସକଳ ସାଧନ ଧନ ରେ ........ ୧୩୯
ସେଦିନ ହୋଇବ କେବେ ଅଛି ଅନାଇଁ ........ ୧୪୦
ସେ ନାମେ କି ଯାଦୁ ଅଛି କହକହ ରେ ସଖୀ ........ ୧୪୦
ସେ ଯେ ଭାବ ବିନୋଦିଆ ହରି ହେ ........ ୧୪୦
ସେଇ କଜଳ ଘେନାଇ ଦିଅ ........ ୧୪୦
ସେଇ ଜଣକର ଚରଣତଳରେ ........ ୧୪୦
ସେବକ ବ୍ରତ ତୁ ଦିଅ ଗୋ ମାଆ ........ ୧୪୧
ସେହି ଭାବ ଦିଅ ଆହେ ପ୍ରେମମୟ ! ........ ୧୪୧
ସ୍ନେହ-ପ୍ରୀତି-ଭକ୍ତି ଭରା ........ ୧୪୧
ଲୀଳାମୟ ଲୀଳାନିଧି ହେ ........ ୧୪୨
ଲେଖିଦିଅ ତୁମ ନାମ ଥରେ ........ ୧୪୨
ଲୋଡୁ ତୁ ଯେବେ ଗୁରୁ-ଆଶିଷରେ ........ ୧୪୨
ହସରେ ହସରେ ମୁକୁତା ଝରେ ........ ୧୪୨
ହେ ଆନନ୍ଦ ! ଭୁବନାନନ୍ଦ ........ ୧୪୩
ହେ ଗୁରୁ ତୁମେ ମଙ୍ଗଳମୟ ........ ୧୪୩
ହେ ଗୁରୁଦେବ ପରମାରାଧ୍ୟ ........ ୧୪୩
ହେ ଜଗତଗୁରୁ ହେ ମହିମାମେରୁ ........ ୧୪୩
ହେ ଠାକୁର ! କେବେ ହେବ ଭାଗ୍ୟ ମୋର ........ ୧୪୪
ହେ ଠାକୁର ! ବନ୍ଦନ ଘେନ ହେ ମୋର ........ ୧୪୪
ହେ ଦୟାଳୁ ହେ ଦରଦୀ ! ........ ୧୪୫
ହେ ଦୁଃଖ ହାରୀ ........ ୧୪୫
ହେ ଦୁଃଖହାରୀ, ହେ ଦୁଃଖହାରୀ! ........ ୧୪୫
ହେ ନିଗମାନନ୍ଦ ମୋର ପରାଣ ଠାକୁର ........ ୧୪୫
ହେ ପରମାରାଧ୍ୟ ତ୍ରିଜଗତବନ୍ଦ୍ୟ ........ ୧୪୫
ହେ ପ୍ରାଣ ଠାକୁର ! ପରମ ଈଶ୍ୱର ........ ୧୪୬
ହେ ପ୍ରାଣ ଠାକୁର ପ୍ରଣତି ଆମର ........ ୧୪୬
ହେ ବିଶ୍ୱସେବକ ଶିରୋମଣି ! ........ ୧୪୬
ହେ ବିଶ୍ୱବିହାରୀ ଭୁବନମୋହନ ନନ୍ଦନ ........ ୧୪୭
ହେ ଭାବନିଧି! ଭାବରେ ରଖ ........ ୧୪୭
ହେ ମହାନ, ମହିମାବନ୍ତ ମହାବାହୁ ........ ୧୪୭
ହେ ମହାମହୀମ ଭୁବନମୋହନ ନନ୍ଦନ ........ ୧୪୮
ହେ ମୋର ଜୀବନବନ୍ଧୁ ........ ୧୪୮
ହେ ସତ୍ୟ ସୁନ୍ଦର ଦେବ ପରାତ୍ପର ........ ୧୪୮
ହେବ କି ସେ ଏ ଜନମେ ........ ୧୪୮
ହୋରି ଖେଳନ୍ତି ରଙ୍ଗେ କହ୍ନାଇ ଗୋ ........ ୧୪୯
ହୃଦୟର କଥା ହୃଦୟର ଭାବ ........ ୧୪୯
କ୍ଷମାନିଧି ! କ୍ଷମା ଜମା ମାଗୁନାହିଁ ........ ୧୪୯
କ୍ଷମା-ସାଗର ବୋଲାଇ ହେଲା ଏକି ସୁବିଚାର ........ ୧୪୯
କ୍ଷମା-ସାଗର ହେ ! କାହିଁକି ଏ ନାମ ଧର ........ ୧୫୦

# ପ୍ରାର୍ଥନା ସଂଗୀତ

## ଅଗତିର ଗତି ଅନାଥ ନାଥ

ଅଗତିର ଗତି ଅନାଥ-ନାଥ !
ଜଣାଏଁ ଶ୍ରୀପଦେ ଦୀନ ଆରତ
ଅନ୍ଧାରେ ବୁଲୁଛି ମୁହିଁ
ସାରାଟି ଜୀବନ ଖୋଜି ହେଲି ଖାଲି
ପଥ କାହିଁ, ପଥ କାହିଁ ।୧।

ଶୁଣିଛି କାନେ ଅଧମ ତାରିଛ
ଜାଣି ନାହିଁ କିଏ ଦିଏ କି ଲାଞ୍ଚ
ଭବସାରା ଭରମିଲି
କାହୁଁ କିସ ଆଣି ତୋଷିବି ତୁମକୁ
ସବୁତ ସୃଷ୍ଟି ତୁମରି ।୨।

କିଛି ନ ପାଇ ମୋ ମନ ବିକଳ
ଖୋଜା ଲୋଡ଼ା ମୋର ସବୁ ବିଫଳ
ରଖ,ମାର ଯାହା ମନ
ଭେଟି ଦେବା ପାଇଁ କିଛି ନାହିଁ ଆଉ
ପ୍ରଣତି ମାତର ଘେନ ।୩।

## ଅତଳ ସାଗରେ ବୁଡ଼ି ଯାଉଥିଲି

ଅତଳ ସାଗରେ ବୁଡ଼ି ଯାଉଥିଲି
ତୁମେ ତ ନେଇଛ କୋଳାଇ
ଦେଇଛ ଆଶରା ଅଭୟ ଚରଣେ
କରୁଣା ଦୁଆର ମେଲାଇ ।୦।

ମୋ ଆଖିରେ ମାଖି ଜ୍ଞାନର ଅଞ୍ଜନ
ଲିଭାଇ ଦେଉଛ ମାୟାର ସପନ
ଜନମ ଜନମ କେତେ ଯେ ବନ୍ଧନ
ଦେଉଅଛ ତୁମେ ତୁଟାଇ ।୧।

କାନେ କାନେ ମୋର କହୁଅଛ କେତେ
ମଧୁଭରା ତୁମ ପ୍ରୀତି କଥା ଯେତେ
ମୁକତି ଧାମକୁ ନେଉଅଛ ଟାଣି
ହାତ ଧରି ପଥ ମଣାଇ ।୨।

ରୋଗରେ ଶୋକରେ ଦୁଃଖ ଦୁରୁଦିନେ
ଦେଖେ ମୁଁ ତୁମକୁ ମୋର ସନ୍ନିଧାନେ
ମୋ ଭଙ୍ଗା ଦୁଆର ଜଗି ରହିଥାଅ
ମୋ ପାଇଁ ଦରଦ ବୁହାଇ ।୩।

ନିରତ ବାରୁଛି ଏ ପରାଣ ମୋର
ତୁମେ ମୋର ସାଥୀ କୋଟି ଜନମର
ତୁମେ ଏକା ମୋର ଲୁହ ପୋଛା ବନ୍ଧୁ
ରହିଅଛ ମୋତେ ଅନାଇ ।୪।

ଏତେ ସ୍ନେହ ପାଇ ତେବେ ବି ଏ ମନ
ବିଷୟକୁ ଧାଏଁ ନ ମାନି ବାରଣ
ଆଖି ଲୁହ ଢାଳି କରେ ପଦେ ଅଳି
ନିଅ ଏ ମନକୁ ମନାଇ ।୫।

## ଅତୁଳ ତୁମରି ବିପୁଳ ଦାନର

ଅତୁଳ ତୁମରି ବିପୁଳ ଦାନର ପ୍ରତିଦାନ ନାହିଁ ନାହିଁ
ସୀମାହୀନ ତୁମ ଅଭୁଲା ପୀରତି କେ ପାରିବ ମୂଲ ଦେଇ ।୦।

ବୁଝିତ ନପାରେ କାହିଁକି ଏ ଦୀନ ପାଇଁ
ଦରଦ ତୁମରି ଉଛୁଳି ପଡୁଛି ଦୁଇ କୂଳ ସୀମା ଡେଇଁ
କାହିଁକି କରୁଣା କୁବେର ଭଣ୍ଡାର ଦେଇଛ ମେଲି ମୋ ପାଇଁ ।୧।

ମାଆ ପରି ତୁମେ ସେନେହ ପରଶ ଦେଇ
ମୋ ଚଲା ପଥରୁ କାଢି ଦେଇ କଣ୍ଟା ରହିଛ ମୋତେ ଅନାଇ
ରହିଅଛ ମୋର ଜୀବନେ ମରଣେ ହାତଧରା ସାଥୀ ହୋଇ ।୨।

ମୋହ ଲାଗି ଏକା ଆସିଛ ହେ ପ୍ରିୟ-ବର !
ହସି ହସି ତୁମେ ବହିଛ ଅଧମ ଉଦ୍ଧାର ଦାରୁଣ ଭାର
କୋଟି ଜନମର ଅନନ୍ତ ବନ୍ଧନ ନିମିଷକେ ମୋର ଫେଡ଼ି ।୩।

(ଆଜି) ତୁମ ଆବେଗରେ ଏ ଆଖିରୁ ଲୁହ ଝରେ
ବ୍ୟଥିତ ପରାଣ ଅକୁହା କୋହରେ କୃତଜ୍ଞତା ଜଣା କରେ
ଲୋଟିଯାଏ ତୁମ ଚରଣ ତଳରେ କିଣା-ଦାସ-ଆଶ ବହି ।୪।

## ଅଦେଖା ମରମ ମନ୍ଦିରେ

ଅଦେଖା ମରମ ମନ୍ଦିରେ ତୁମେ ବସିତ ରହିଛ ଦେବତା
ଅବୁଝା ଏ ମନ ଭାଳେ ଦୂରେ ତୁମେ ମୁରୁଖ ପଣିଆଁ ମୋରତା ।୦।

ଯାଦୁକର ପରି ଖେଳ କେତେ ଖେଳ
ଅନ୍ତରରେ ଲୁଚି ହସି ଖଳଖଳ
ତୁମ ଲୀଳା ଖେଳା ସେହିମତି ସିନା ତୁମେ ହଠ ବାଜି କରତା
ଏତେ ପାଶେ ତୁମେ ଅଛ ବୋଲି ପାଶୋରି ଦିଏ ମୁଁ ସେକଥା ।୧।

ଦୂର ବନଫୁଲ ବାସ ଚହଟାଇ
ବାସନା ବାରେ ମୁଁ ଆଖି ନ ଦେଖଇ
ଖୋଜି ବୁଲେ ଅଂଧ ନୟନ ନିରତ କି ଫୁଲ କାହିଁ ତା ମମତା
ପରଳ ଘେରା ମୋ ଆଖି ଦେଖେ ଯହିଁ ଏ ସବୁର ତୁମେ କରତା ।୨।

ମୃଗ ନାଭି ଗନ୍ଧେ ମୃଗୁଣି ଆକୁଳ
ବାସ ଲାଗି ଖୋଜି ବୁଲେ ବନସ୍ଥଳ
ସେହିପରି ସିନା ଅନ୍ତର ମୋର ଆକୁଳେ ଖୋଜଇ ସବିତା
ନଜାଣେ ମୋ ଘର କୋଣରେ ଜଳୁଛି ଆଲୋକର ଦୀପ ସଳିତା ।୩।

କରାଉଛ ବୋଲି ସବୁ ମୁଁ କରୁଛି
ସତତ ଏକଥା ପାଶୋରି ବସୁଛି
ଦୟାମୟ ପଦେ ଏତିକି ମାଗୁଣି ଭୁଲାଇ ନରଖ ଏ ମଥା
ପାଶେ ପାଶେ ତୁମେ ଅଛ ନିରନ୍ତର ଜଗାଅ ମନର ସତତା ।୪।

## ଅନନ୍ତ ଆକାଶ ଅନନ୍ତ ସାଗର

ଅନନ୍ତ ଆକାଶ ଅନନ୍ତ ସାଗର
କୋଟି ବ୍ରହ୍ମାଣ୍ଡ ଝୁଲଇ ପୟରେ ତୁମର ।ଧ।
ସେ ଅନନ୍ତେ ଅନ୍ତ ତୁମେ ଗୁରୁ ମୋର ।୦।

ଆକାଶର ନୀରବତା  ସାଗରର ଗଭୀରତା
ମହାମହିମ ହେ  ତୁମେ ତାର ସୀମା ରେଖା
ତୁମରି ମଧୁ ପରଶେ  ଗଗନେ ରବି ବିଳସେ
ଦୂର ନୀଳ ଘନ କୋଳେ  ଚମକି ଚପଳା ଖେଳେ

ସୁଦୂର ଗ୍ରହ ତାରକା  ଭାସମାନ ନିହାରିକା
ତୁମରି ଇଙ୍ଗିତେ  ବିକଶନ୍ତି ଜ୍ୟୋତିରେଖା
ତନ୍ତ୍ର ଯୋଗ ଜ୍ଞାନ ପ୍ରେମ  ସାଧନେ ତୁମେ ଅସୀମ
ଭକ୍ତଜନ ଦୁଃଖ ହାରୀ ପ୍ରଳୟ ଜଳେ କାଣ୍ଡାରୀ
ତୁମେ ବଳବନ୍ତ ଏ ବିଶ୍ୱସୃଷ୍ଟିର ।୨।

## ଅନୁପମ ରୂପଠାଣି ହେ ଠାକୁର

ଅନୁପମ ରୂପଠାଣି ହେ ଠାକୁର ! ଅତୁଳନ ତବ ବାଣୀ
ଅକଳନ ପ୍ରେମ ସେନେହ ସୁଷମ ନ ପାରଇ ପରିମାଣି
ହେ ଠାକୁର ! ନ ପାରଇ ପରିମାଣି ।୦।

ଅପାସୋରା ସ୍ମୃତି ଛାୟା କିଏ ତୁଟାଇବ ମାୟା
ପ୍ରଣତି ଘେନ ଧିଆନି
ପ୍ରଳୟ ବତାସେ ଟଳିବ ନାହିଁ ସେ କି ଅବା ଦିବା ରଜନୀ
ହେ ଠାକୁର ! କି ଅବା ଦିବା ରଜନୀ ।୧।

ସୁମରି ସ୍ମୃତି ତୁମର ହୃଦୟ ତ ଭରପୂର
କରିନାମ ମଥା ମଣି
ଗୁରୁପଦ ଧରି ଜୀବନ ମୋହରି ହେଉ ପରପାରଗାମୀ
ହେ ଠାକୁର ! ହେଉ ପରପାରଗାମୀ ।୨।

ଧନଜନ ମୋହ ମଦ ଏ ଜଗତର ସଁପଦ
ସବୁ ଦଣ୍ଡକର ମଣି
ମଥା ନତକରି ଚରଣେ ତୁମରି ଗୁରୁଦାସ ହୁଏ ଗୁଣି
ହେ ଠାକୁର ! ଗୁରୁଦାସ ହୁଏ ଗୁଣି ।୩।

## ଅନ୍ତରରେ ମୋର ପ୍ରେମପ୍ରୀତି

ଅନ୍ତରରେ ମୋର ପ୍ରେମପ୍ରୀତି ଭାବ
ଭରିଦିଅ ପ୍ରଭୁ ଭରି ଦିଅ
ଯେତେ ଅଛି ମୋର କୁସଂସ୍କାର ରାଜି
ହରି ନିଅ ପ୍ରଭୁ ହରି ନିଅ ।୦।

ତୁମ ସ୍ନେହ ପ୍ରେମ ପୀରତି ଦେଇଣ
ତୁମରି କରିଣ ନିଅ
ସଂସାର-ବନ୍ଧନ ଛିନ୍ନ କରି ମୋର
ତୁମ ପ୍ରେମ-ଡୋରେ ବାନ୍ଧି ଦିଅ ।୧।

କାନେ ମୋର ସଦା ତୁମ ବଂଶୀସ୍ୱନ
ବାଜୁଥାଉ ପ୍ରଭୁ ବାଜୁ ଥାଉ
ବିରହ ବେଦନା ବ୍ୟାକୁଳ ଅନ୍ତରେ
'ଜୟଗୁରୁ' ନାମ ସଦା ଗାଉ ।୨।

ତୁମେ ମୋର ଧନ ତୁମେ ମୋ ଜୀବନ
ତୁମ ଶ୍ରୀଚରଣେ ମନ ରହୁ
କରି ଚିରଦିନ ଶ୍ରୀପଦ ସେବକ
ରଖିବ ମୋତେ ହେ ମହାବାହୁ ।୩।

ପ୍ରତି ଅଙ୍ଗ ମୋର ତୁମରି କରମ
ଦିବସ ରଜନୀ କରୁଥାଉ
ଶ୍ରୀଚରଣ ତଳେ ମଥା ମୋର ଲୋଟି
ତୁମ ପଦଧୂଳି ଲଭୁ ଥାଉ ।୪।

ତୁମ କୃପା ବଳେ ଅନ୍ତର-ମନ୍ଦିରେ
ତୁମରି ଦର୍ଶନ ପାଉ ଥାଉ
ତୁମରି ଦର୍ଶନେ ଆପଣାରେ ଭୁଲି
'ଜୟଗୁରୁ' ଗାଇ ଜୀବ ଯାଉ ।୫।

## ଅନ୍ତରେ ତା'ର ରୂପ ପରକାଶେ

ଅନ୍ତରେ ତା'ର ରୂପ ପରକାଶେ
ଆକାରେ ସେ ନିରାକାରା
ଦେଖିବାର ଯିଏ ଖୋଜି ଦେଖୁ ତା'ରେ
ସେଇ ମୋ ଜନନୀ ତାରା ।୦।

ଆକାଶ ଭରି ତା ରୂପ ପରକାଶେ
ଚିଦାନନ୍ଦମୟୀ ନାଚେ, କାନ୍ଦେ, ହସେ
ନାସା ଅନିଳରେ ଧମନୀ ତଳରେ
ଭରି ତନୁ ମନ ସାରା

ପଲକେ ପଲକେ କହିଦିଏ ଲୋକେ
ଚିର ଜାଗର ସେ ପରା ।୧।

ରୂପ ଯେବେ ତା'ର ଫୁଟଇ ଅନ୍ଧାରେ
ମେଘ କୋଳେ ସତେ ବିଜୁଳି ଆଖିଠାରେ
ମରମୁଁ ଝରାଏ ଭକତି ପୀରତି
ଝରଣାର ନୀର ଧାରା
ଦେଖିଲା ଆଖିର ଅଭୁଲା ତାରା ସେ
ଅଦେଖା ର ସେ ପାଶୋରା ।୨।

## ଅନ୍ଧାରୀ ଜୀବନ ମେଘେ

ଅନ୍ଧାରୀ ଜୀବନ ମେଘେ ତୁମେ ଧ୍ରୁବ ତାରା ତ
ଦରଶାଅ ପଥ ମୋରେ ହେଲେ ପଥ ହରା ତ ।୦।

ରବି ଶଶୀ ଗ୍ରହ ତାରା
ତୁମରି କିରଣେ ଭରା
ପରାଣର ସାଥୀ ଏକା ତୁମେ ସିନା ଚିର ତ ।୧।

ତୁମେ ମାତା ତୁମେ ପିତା
ତୁମେ ବନ୍ଧୁ ତୁମେ ଭ୍ରାତା
ତୁମ ବିନେ ସାହା କେହି ନାହିଁ ପ୍ରଭୁ ମୋର ତ ।୨।

ତୁମେ ବରାଭୟ ଦାତା
ତିନି ଭୁବନ କରତା
ଜୀବନ ମରଣ ସବୁ ତୁମରି ବିଧାନ ତ ।୩।

ଯାବତ ଜନମ ଭାର
ଭେଟୁଛି ମୁଁ ଘେନା କର
ଚରଣେ ଶରଣ ଦିଅ ଗତି ଅଗତିର ତ ।୪।

## ଅଭୟ ବାଣୀ

କହିଲେ ଠାକୁର ବିଦାୟ ପୂର୍ବରୁ ଶୁଣ ଏ କେତୋଟି ବଚନ
ମୋର ତିରୋଧାନେ ରଖିବ ସ୍ମରଣେ, କରିବ ଯତନେ ସାଧନ
ବତ୍ସ ! ଲଙ୍ଘିଯିବ ବାଧା-ବନ୍ଧନ ।୧।

ପାଳିଲେ ବଚନ, ତୁମକୁ ଜଗତେ ନାହିଁ ଶକ୍ତି ରୋଧ କରିବ
ହେବ ଅଗ୍ରସର ବିଶ୍ୱ ରାଜପଥେ, କିଏ ବାଧା ଦେଇପାରିବ
ବତ୍ସ ! ତୁମ ଆଗେ ସିନା ହାରିବ ।୨।

ହୁଅ ଗୃହବାସୀ ଅଥବା ସନ୍ନ୍ୟାସୀ ନାହିଁ ଏଥି ବାଛବିଚାର
ମହତ ଇଚ୍ଛାକୁ ରୂପ ଦେବାପାଇଁ ଆଶ୍ରୟ ନେଇଛ ମୋହର
ବତ୍ସ ! ଏକପଥେ ସଖା ସୋଦର ।୩।

ମୋର ବର୍ତ୍ତମାନେ ଆଦେଶ ପାଳନେ ଦ୍ୱନ୍ଦ ନ ରହିବ କିଞ୍ଚିତେ
ନିଜ ମୁଖେ ମୁହିଁ କରେଁ ଯା ପ୍ରକାଶ ଅନୁସରି ଯିବ ସୁଚିତ୍ତେ
ବତ୍ସ ! ଉପଦେଶ ମାନି ନିଶ୍ଚିନ୍ତେ ।୪।

ମୋର ଅନ୍ତର୍ଦ୍ଧାନେ ଅସଲ ପରୀକ୍ଷା ଆରମ୍ଭ ହୋଇବ ସତ୍ୱରେ
ମୋ ଇଚ୍ଛା ସେକାଳେ ପ୍ରେରଣା ରୂପରେ ଫୁଟିବ ବିଶୁଦ୍ଧ ଅନ୍ତରେ
ବତ୍ସ ! ନ ଫୁଟିବ ଶୁଦ୍ଧ ନହେଲେ ।୫।

ସଦ୍‌ଗୁରୁ-ଅବ୍ୟକ୍ତ-ଇଚ୍ଛା ସବୁକାଳେ ପ୍ରକାଶ ନିର୍ମଳ ଅନ୍ତରେ
ରୂପାୟିତ ଯେବେ କରିବ ସେ ଇଚ୍ଛା ସଂଘବଦ୍ଧ ହୁଅ ସକଳେ
ବତ୍ସ ! ଅଧିକ ସଂହତ ଭାବରେ ।୬।

ଆପ୍ରାଣ ଚେଷ୍ଟାରେ ରୂପ ଦେବାପାଇଁ ମୋ ଇଚ୍ଛା ବ୍ୟକତ ଅବ୍ୟକ୍ତ
ଲାଗିଯିବ ଯେହୁ ଶିଷ୍ୟ ମୋର ସେହୁ ସେହି ସେ ପ୍ରେମିକ ଭକତ
ବତ୍ସ ! ସୁଖପାଏ ମୋତେ ପ୍ରକୃତ ।୭।

କହେ ବାରମ୍ବାର ମୋ ଇଚ୍ଛା ତାହାର ଅନ୍ତରେ ବିକଶି ଉଠିବ
ଅକୃତ୍ରିମ ପ୍ରେମବଳେ ସେ ହୃଦୟ ଶତଦଳ ରୂପେ ଫୁଟିବ
ବତ୍ସ ! ପରାଣ-ଅଶାନ୍ତି ତୁଟିବ ।୮।

ଯେତେଦିନ ଥିବି ସ୍ଥୂଳଦେହ ଧରି ମୁଖ ନିର୍ଦ୍ଦେଶକୁ ମାନିବ
ଅନ୍ତର୍ଦ୍ଧାନ ପରେ ବୁକୁ-ଭାଷା ମୋର ବୁଝିବାକୁ କ୍ଷମ ହୋଇବ
ବତ୍ସ ! ଅନ୍ତରୁ ପ୍ରେରଣା ପାଇବ ।୯।

ଚିତ୍ତ ଶୁଦ୍ଧ କର, ଅଭାବେ ତାହାର ମୋ ଇଚ୍ଛା ବିକୃତ ରୂପରେ
ଦେଖାଦେବ ସିନା, ବୁଝିବାକୁ ହେଲେ ସମାହିତ ହୁଅ ଅନ୍ତରେ
ବତ୍ସ ! ଗଭୀରୁ ଅଧିକ ଗଭୀରେ ।୧୦।

ଚିତ୍ତଶୁଦ୍ଧି ପାଇଁ ଏକଦିଗେ ସର୍ବେ କର ଧ୍ୟାନ ଅବଲମ୍ବନ
ଗୁଣକ୍ଷୟ ପାଇଁ ଅପର ଦିଗରେ ଆଚର ନିଷ୍କାମ କରମ
ବତ୍ସ ! ସମଭାବେ ଦୁଇ ସାଧନ ।୧୧।

ତେବେ ସିନା ମୋତେ ଲଭିବ ପ୍ରକୃତେ ଫୁଟିବ ପ୍ରେରଣା ରୂପରେ
ଅନ୍ତରେ ପାଇବା ଅସଲ ପ୍ରାପତି ବୁଝିବ ସେକାଳେ ସକଳେ
ବତ୍ସ ! କେଭେଁ ନ କାନ୍ଦିବ ବିକଳେ ।୧୨।

ଅଛି ଚିରକାଳ ଥିବି ଚିରକାଳ ସନ୍ଦେହ ତିଳେ ଯେ କରିବ
ଅସ୍ତିତ୍ୱରେ ମୋର ନାହିଁ ତା ବିଶ୍ୱାସ ଝୁରି ଝୁରି କାନ୍ଦି ମରିବ
ବତ୍ସ ! ବିଫଳେ ଜୀବନ ହାରିବ ।୧୩।

ଏହି ଦେହକାଳେ ଦେଖୁଛ ସକଳେ ରହିଛି ବାହାରେ ତୁମର
ରକ୍ଷା କଲେ ଦେହ ସକଳ ହୃଦୟ ହେବ ମୋ ଆସନ ମନ୍ଦିର
ବତ୍ସ ! ଦେବତା ଆସନ ରୁଚିର ।୧୪।

## ଅଭିନନ୍ଦନଂ ଘେନ ବନ୍ଦନଂ

ଅଭିନନ୍ଦନଂ .... ଘେନ ବନ୍ଦନଂ
ବିଶ୍ୱବରେଣ୍ୟ ହେ ଘେନ ବନ୍ଦନଂ
ତବ ଶ୍ରୀଚରଣେ ଫୁଲ ଚନ୍ଦନଂ ।୦।

ପରମବ୍ରହ୍ମ ସ୍ୱରୂପ ବ୍ରହ୍ମାନନ୍ଦଂ
ତୁମେ ଅତୀବ ପରମ ସୁଖଦଂ
ତୁମେ କେବଳଂ ଜ୍ଞାନ ମୂର୍ତ୍ତି
ତୁମେ ଦ୍ୱନ୍ଦ୍ୱର ଅତୀତ ଘନ ମୂର୍ତ୍ତି ।୧।

ତୁମେ ଗଗନ ପରିବ୍ୟାପ୍ତ ଅନନ୍ତ
ତୁମେ ତତ୍ତ୍ୱମସି ତୁମେ ଆଦି ଲକ୍ଷ୍ୟ
ତୁମେ ଏକଂ ନିତ୍ୟଂ ତ୍ୱମେବ କେବଳଂ
ତୁମେ ବିମଳଂ ସଚଳଂ ନିଷ୍କଳମ୍ ।୨।

ତୁମେ ସର୍ବଦା ସର୍ବତ୍ର ବିରାଜିତ
ତୁମେ ସକଳ ଅନ୍ତରେ ସାକ୍ଷୀଭୂତ
ତୁମେ ସର୍ବ ଭାବମୟର ଅତୀତ
ତୁମେ ସତ୍ତ୍ୱ ରଜ ତମ ଗୁଣାତୀତ
ନମାମି ସଦ୍‌ଗୁରୁ ନିଗମାନନ୍ଦମ୍ ।୩।

## ଅଳତା ସୁନ୍ଦର ତୁମ ଚାରୁ ଚରଣ

ଅଳତା ସୁନ୍ଦର ତୁମ ଚାରୁ ଚରଣ
ପ୍ରଣାମ କରି ମୁଁ ନାଥ କଲି ବରଣ ।୦।

କୋଟି କୁମୁଦ ରୁଚିର ଦେବ ଦୁର୍ଲ୍ଲଭ ପୟର
ଅପଲକ ମୋ ପଲକ ଆହା କି ରୂପ ମଧୁର
ଦେହ ମନ ସେଇ ପଦେ କଲି ଅର୍ପଣ ।୧।

କୋମଳ ପୟର ଦୁଇ ପରଶ ପାଇବା ପାଇଁ
ଅନ୍ତରର ଅଭିଳାଷ ଥିଲା ଯାହା ଲିଭି ନାହିଁ
ସତ ହେଲା ଆଜି ପ୍ରିୟ ସେଇ ସପନ ।୨।

ଗୋଲାପ ପାଖୁଡା ସରି ଶ୍ରୀପଦ ସୁନ୍ଦର ଭରି
ଅଶେଷ ମୋ ଦରଶନ ଅଭିଳାଷ ଗଲା ପୂରି
ଶୂନ୍ୟ ଥିଲା ପୂର୍ଣ୍ଣ କଲ ଏହି ଜୀବନ ।୩।

ହୃଦୟ ଆବେଗ ନେଇ ଯେବେ ପଦ ଦେଲି ଛୁଇଁ
କଳଙ୍କର ଦାଗ ସବୁ କୃପା କରି ଦେଲ ଧୋଇ
ମରଣ ଜିଣା ଚରଣେ ଗଲି ଶରଣ ।୪।

ଆହେ ପ୍ରଭୁ ଦୀନବନ୍ଧୁ ପ୍ରେମମୟ ପ୍ରେମସିନ୍ଧୁ
ଧନ୍ୟ କଲ ଏ ଜୀବନ ପାଇଲି ଅମୃତ ବିନ୍ଦୁ
ମାନସ କୁସୁମ କରେ ଘେନ ବନ୍ଦନ ।୫।

## ଅରପିଲି ତବ ଚରଣେ ପରାଣ

ଅରପିଲି ତବ ଚରଣେ ପରାଣ, ଦେହ ତୁଲେ ମନ ମୋର
ହେରିବି ତୁମକୁ, ସେବିବି ତୁମକୁ, ଏ ମୋର କାମନା ସାର ।୦।

ପାଳିବି ନିରତ ଆଦେଶ ତୁମର
ଶୁଣିବି ବିବେକ-ମୂରଲୀର ସ୍ୱର
ଶୟନେ, ସ୍ୱପନେ, ଅବା ଜାଗରଣେ
ସେ ସୁରେ ଭରୁ ଅନ୍ତର ।୧।

ତବ ପୂତ-ନୀରେ କରିବି ସ୍ନାହାନ
ପ୍ରେମ-ସୁଧା ଧାର କରୁଥିବି ପାନ
ଏ ତନୁ ଆଦରୁ ବଇରାଗ୍ୟ ପଛା
କରୁଣା କର ଠାକୁର ! ।୨।

ଅରୂପ ରୂପର ସାଗରର ନୀରେ
ଆଗେ ବୁଡି, ବୁଡାଇବି ମୁଁ ଅପରେ
ଭସାଇବି ପ୍ରେମେ ଜଗତ-ଜନରେ
ତେଜି ଲୋକ ଲାଜ, ଡର ।୩।

## ଅରୂପ ସ୍ୱରୂପ ତୁମେ ବହୁ ରୂପ ଧାରୀ

ଅରୂପ ସ୍ୱରୂପ ତୁମେ - ବହୁ ରୂପ ଧାରୀ
ତୁମେ ହେ କରୁଣାନିଧି - ଭବ ଦୁଃଖହାରୀ ।୦।

ତୁମେ ହେ ମଙ୍ଗଳମୟ
ତୁମେ ସୁଖର ଆଳୟ
ଦୀନ ତାରଣ ଭକତ ହୃଦୟ ବିହାରୀ ।୧।

ତୁମେ ପିତା ତୁମେ ମାତା
ତୁମେ ଭବ ଭୟ ତ୍ରାତା
ତୁମେ ଗୁରୁ ଜ୍ଞାନଦାତା ପ୍ରଭୁ ଦଇତାରୀ ।୨।

ତୁମେ ପୁରୁଷ ଉତ୍ତମ
ବିଶ୍ୱରୂପ ସତ୍ୟକାମ
ସଗୁଣ ନିର୍ଗୁଣ ତୁମେ ପାପ ନାଶକାରୀ ।୩।

ତୁମେ ଧର୍ମ ତୁମେ ଜ୍ଞାନ
ତୁମେ ଜୀବର ଜୀବନ
ତୁମରି ଚରଣେ ଦାସ ଶରଣ ଭିଖାରୀ ।୪।

## ଅକ୍ଷୟ ଆନନ୍ଦ ଧାମେ ଚାଲ ରେ ପଥିକ

ଅକ୍ଷୟ ଆନନ୍ଦ ଧାମେ ଚାଲ ରେ ପଥିକ ମନ
ପାଇବୁ ଶାଶ୍ୱତ ସୁଖ ଶମିବ ଦଗ୍ଧ ଜୀବନ ।୦।

ସେ ବଡ ପବିତ୍ର ଦେଶ ନାହିଁ ତହିଁ ପାପ ଲେଶ
ପ୍ରେମାନନ୍ଦ ସମାବେଶ ସକଳ ଶୋକ ଭଞ୍ଜନ ।୧।

(ତଥା) ଶାନ୍ତି ନାମେ ପୂଣ୍ୟନଦୀ ବହୁଛି ତ ନିରବଧି
ନ ରହିବ ମନ-ବ୍ୟାଧି କଲେଟି ଅବଗାହନ ।୨।

ଅଜସ୍ର ଅମୀୟ ସୁଧା ବାଞ୍ଛା ପୁରେ ମିଳେ ସଦା
ଘୁଞ୍ଚିବ ମନର କ୍ଷୁଧା ସେ ସୁଧା କରି ସେବନ ।୩।

(ତଥା) ନିତ୍ୟାନନ୍ଦ ନିତ୍ୟୋତ୍ସବ ଅନନ୍ତ ପୂର୍ଣ୍ଣ ବୈଭବ
ଅପ୍ରାପ୍ୟ ଅଭାବ ସର୍ବ ତକ୍ଷଣେ ହେବ ପୂରଣ ।୪।

(ତଥା) ସଦାବ୍ରତ ତୃପ୍ତି ଅନ୍ନ ଲାଳସା ନ ଥାଏ ଆନ
ସେବନେ ବାସନା ପୂର୍ଣ୍ଣ (ହୁଏ) ଚିଦାନନ୍ଦ ଉଦ୍ଦୀପନ ।୫।

## ଆଉ କେତେଦିନେ ଏ ଶୁଷ୍କଜୀବନେ

ଆଉ କେତେଦିନେ ଏ ଶୁଷ୍କଜୀବନେ ହୋଇବ ପ୍ରେମ ସଞ୍ଚାର ହେ
ହେବି ପୂର୍ଣ୍ଣକାମ ଗାଇ ଗୁରୁ-ନାମ ବହିବ ପ୍ରେମାଶ୍ରୁଧାର ହେ
ଶୁଦ୍ଧ ହେବ ପ୍ରାଣ ମନ
ନିରେଖିବି ପ୍ରେମବୃନ୍ଦାବନ ହେ ।୧।

ସଂସାର-ବନ୍ଧନ ହୋଇବ ମୋଚନ ପାହିବ ଅମା-ରଜନୀ ହେ
ଏ ପାପ ଜୀବନ ହୋଇବ ସୁବର୍ଣ୍ଣ ପରଶି ପରଶମଣି ହେ
ସେହି ମୂରତି ମୋହନ
ବିଶ୍ୱେ ଦେଖିବ ସଦା ନୟନ ହେ ।୨।

କେବେ ହେବ ଦୂର କର୍ମଫାଙ୍କ ମୋର ଜାତିକୁଳ ଅଭିମାନ ହେ
ଲଜ୍ଜା-ଭୟପାଶ ହୋଇବ ବିନାଶ ଦମ୍ଭ ମାନ ଅପମାନ ହେ
ଧରି ବୈରାଗ୍ୟର ଝୁଲି
ହେବି ବୋଲି ଭକ୍ତ-ପଦ ଧୂଳି ।୩।

ହସିବି କାନ୍ଦିବି ନାଚିବି ଗାଇବି ପ୍ରେମେ ହୋଇ ଉନମତ୍ତ ହେ
ପ୍ରେମ ସିନ୍ଧୁଜଳେ ବୁଡିବି ଅତଳେ ବୁଡାଇ ସାରାଜଗତ ହେ

ଦେଖି ସେ କୁଞ୍ଜବିହାରୀ
ଉଚ୍ଛୁଳିବ ଆନନ୍ଦ ଲହରୀ ହେ ।୪।

ମୋହନ ମୂରତି ସୁମଧୁର ଅତି ନିରେଖି ପରାଣ ଭରି ହେ
ରୋମାଞ୍ଚିବ ତନୁ ଝରିବ ନୟନୁ ଅବିରଳ ନେତ୍ର-ବାରୀ ହେ
ମେଣ୍ଟାଇବି ଚିର ଆଶ
ମାଗି ପଦସେବା ଅଭିଳାଷ ହେ ।୫।

## ଆଉ ରାହା କେ ବତାଇ ଦେବ

ଆଉ ରାହା କେ ବତାଇ ଦେବ
ଆନ ସାହା କିଏ ଗୁରୁଦେବ!।୦।

ମଳିନ ମରମ ମଳିନ କରମ
ମଳିନ ଧରମୀ ମନ,
ମଳିନର ସଙ୍ଗ ମଳିନ ଏ ଅଙ୍ଗ
ମଳିନ ବାସ-ଭୂଷଣ,
ସରୋବର କାହିଁ ସେ ନୀରେ ଗାଧୋଇ
ଶୁଦ୍ଧ ହେବ ଏ ଜୀବ ।୧।

ଖେଳର ଦରବ ମେଳ କରି ଦେବ !
ଦେଲ ତ ଭବେ ପଠାଇ

ସଂସାର ଲୀଳାରେ ଅସାର ଖେଳାରେ
ମାତି ଗଲା କାଳ ବହି,
ଏତିକି ମିନତି ତବ ପଦେ ମତି
ନିତି ନିତି ଖେଳୁଥିବ ।୨।

ପାଶକୁ ତୁମର ଆଶ କରି ମୋର
ଚିତ୍ତ ହେଲେ ଆଗୁସାର,
ମଣାଏ ପ୍ରବୃତ୍ତି ଖଣା-ପଥେ ନିତି
ନିବୃତ୍ତି ଯାଏ ପାଶୋର,
ପଙ୍କିଳ ଏ ମତି ଶଙ୍କି ଚଳେ ନିତି
ଲୋଡଇ ଆଶିଷ ତବ ।୩।

## ଆଖି ଭିଜିଗଲା ଲୁହରେ ଲୁହରେ

ଆଖି ଭିଜିଗଲା ଲୁହରେ ଲୁହରେ
ସବୁ ଦୁଃଖ ଦେଲ ସାରି
କୋଟି ଜନମର କଳୁଷ କାଳିମା
ପଲକରେ ନେଲ ହରି ।୦।

ଅମା ରଜନୀର ଶେଷ ତାରା ଆସି
କହି ଦେଇ ଗଲା ମୋତେ ହସି ହସି
ଜଳି ନାହିଁ ଯିଏ ବେଦନା ନିଆଁରେ
ଦୁଃଖୀ କିଏ ତାହା ପରି ? ।୧।

ହଜିଗଲା ମୋର ସକଳ ଗରବ
ମାନ ସନମାନ ଧନ ଗଉରବ

ଏଇ ଯେ ତୁମର ନିଠୁର କରୁଣା
ପାରିବି ନାହିଁ ପାଶୋରି ।୨।

ଯାହା ଇଚ୍ଛା ଏବେ ଅଛି ତୁମ ମନେ
ମଧୁମୟ ହୋଇ ଫୁଟୁ ଏ ଜୀବନେ
ପରମ ପ୍ରେମର ବିପୁଳ ଦାନରେ
ମୋ ଅନ୍ତର ଦିଅ ଭରି ।୩।

ଏ ପାରି ମୋହର ଯାବତ ବନ୍ଧନ
ଏ ପାରି ଲୁହର ସକଳ କ୍ରନ୍ଦନ
ଏହିଠାରେ ସବୁ ରହିଯାଉ ପ୍ରଭୁ
ଯିବି ଖାଲି ନାମ ଧରି ।୪।

## ଆଖି ମାଗେ ଦରଶନ, ଚିତ୍ତ ମାଗେ ଚେତନା

ଆଖି ମାଗେ ଦରଶନ, ଚିତ୍ତ ମାଗେ ଚେତନା
ମନ ମାଗେ ଭୁଲିବାକୁ ଭବ ଦୁଃଖ ଯାତନା ।୦।

ଶିର ମାଗେ ପଦ ଛୁଇଁ
ପ୍ରଣତି ଢାଳିବା ପାଇଁ
କର ମାଗେ କରିବାକୁ ତବ ଶୁଭ ଅର୍ଚ୍ଚନା ।୧।

କାନ ମାଗେ ଶୁଣିବାକୁ
କଣ୍ଠ ମାଗେ ଗୁଣିବାକୁ
ତୁମ ଗୁଣ ଅତୁଳନ, ତୁମ ଜ୍ଞାନ ଗାରିମା ।୨।

ପ୍ରୀତି ମାଗେ ଅନୁରାଗ
ଭାବ ଭିଜା ଅନୁଭବ
ପ୍ରାଣ ମାଗେ ସାଧିବାକୁ ତୁମ ସୁର ସାଧନା ।୩।

ଲୁହ ମାଗେ ଝରିବାକୁ
ତୁମ ଲାଗି ଝୁରିବାକୁ
ଜୀବ ମାଗେ ତରିବାକୁ ତେଜି ସବୁ କାମନା ।୪।

## ଆଖିର ଦି ଟୋପା ଲୁହ

ଆଖିର ଦି ଟୋପା ଲୁହ
ମନର ଅବୁଝା କୋହ
ନିବେଦୁଛି ତୁମ ପଦେ
ଘେନ ବାରେ ଦୟାମୟ ।୦।

ନିତିଦିନ ଭାଳେ କହିବି ତୁମକୁ
ମନର ଅକୁହା କଥା
କହିଦେଲେ ଥରେ ତୁମ ସନ୍ନିଧାନେ
ଶମିବ ମରମ ବ୍ୟଥା
ବିବେକ ବାଂଶୁରୀ ସ୍ୱନ
ରୋକିଦିଏ ମୋର ମନ
ଶୁଣି ମୋ ଦରଦୀ କଥା,
ମନ ହେବ କି ଅଥୟ ।୧।

ଏ ତିନି ଭୁବନେ ତୁମ ବିନା ଜଣେ
କିଏ ଅଛି ମୋ ନିଜର ?
ନିଶାନ୍ତେ ଏକାନ୍ତେ କାହା ପଦ ପ୍ରାନ୍ତେ
ଢାଳିବି ନୟନୁ ନୀର

ତୁମେ ମୋ ପରାଣ ସାଇଁ
ପିତା ମାତାବନ୍ଧୁ ଭାଇ
ସବୁ ସମ୍ବନ୍ଧରେ ତୁମେ
ସାର ଅଟ ପ୍ରାଣ ପ୍ରିୟ ।୨।

## ଆଖିର ଲୁହରେ ଶକତି କାହିଁ ମୋ

ଆଖିର ଲୁହରେ ଶକତି କାହିଁ ମୋ
ତୁମ ପାଇଁ ଝରୁଥିବ
ତୁମ ପାଦଦୁଇ ଧୋଇବା ପାଇଁକି
ଗଙ୍ଗା ହୋଇ ବହୁଥିବ ।0।

ସବୁ ବୁଝ ବୋଲି ତୁମକୁ ଠାକୁର
କହୁଛି ଅବୁଝା କଥା
ଦୁନିଆରେ ଏକା ତୁମେ ପ୍ରିୟ ମୋର
ଆଉ ସବୁ ଖାଲି ତୁଚ୍ଛା
ଅସହାୟ ବୋଲି ଶରଣ ପଶୁଛି
ପର ବୋଲି ନ ଭାବିବ ।୧।

ଜୀବନ ଦେଇଛ ମରଣ ଦେଇଛ
ସଂସାରେ ପଠାଇ ମୋତେ
ଜୀବନ ମରଣ ମଝିରେ ରଖିଛ
କରମ ଜଞ୍ଜାଳ ଯେତେ
ଅଭୟ ଦିଅ ହେ ଅରୁଣ ସୁନ୍ଦର
ଜଞ୍ଜାଳ ଦୂରେଇ ଯିବ ।୨।

ପରଖିବ ଯଦି କଷଟି ପଥରେ
ହାରି ଯିବି ଏକାଥରେ
ଏତିକି ଅଳି ମୋ ହେ ପ୍ରାଣ ଠାକୁର
ନ ଯିବ ମୋ ଠାରୁ ଦୂରେ
ମରଣ କାଳରେ ମଧୁ ଚାହାଣିର
ପରଶ ନିଶ୍ଚୟ ଦେବ ।୩।

## ଆଜି ଏ ଶୁଭଲଗନେ

ଆଜି ଏ ଶୁଭଲଗନେ
ସଜଫୁଟା ବାସ କୁସୁମ ଅଞ୍ଜଳି
ଅରପୁଛି ଶ୍ରୀଚରଣେ ।0।

କେଉଁ ମନ୍ତ୍ରେ ତୁମ ଅର୍ଚ୍ଚନା କରିବି
କିଛି ମୋତେ ଜଣା ନାହିଁ
ତୁମ ମହାନାମ ମହାମନ୍ତ୍ର ଏକା
ଏତିକି ଜାଣିଛି ସାଇଁ
ତୁମରି ଆଶିଷ ଦାନେ ।୧।

କେଉଁ ଜ୍ଞାନେ ପ୍ରଭୁ ତୁମକୁ ଜାଣିବି
ସେ ବିଦ୍ୟା ଅଜଣା ମୋର
ଏତିକି ମାତର ଜାଣିଛି ହେ ନାଥ
ତୁମେ ମୋ ସର୍ବସ୍ୱ ଚିର
ଅପାଶୋରା ଏ ଜୀବନେ ।୨।

ତୁମ ପୀରତିର ପ୍ରୀତି ମୁଁ ଅଜଣା
କିନ୍ତୁ ଅନୁଭବେ ଯାହା
ଅନ୍ତ ହୀନ ବିରହର ଅଗ୍ନିତାପ
କି ଜଳାଇ ପାରେ ନିଆଁ
ପ୍ରେମ ପୁଲକିତ ପ୍ରାଣେ ।୩।

ସ୍ଥୂଳ ସୂକ୍ଷ୍ମଭେଦ ତୁଟାଇ ମୋ ମନୁ
ଦେଖାଇ ଆଲୋକ ପଥ
ତୁମ ପ୍ରେମ ଫାଶେ ବାନ୍ଧି ରଖିଥାଅ
ମାଗୁଛି ପସାରି ହାତ
ଦେଇ ଆଶରା ଚରଣେ ।୪।

## ଆଜି ତୁମ ଜନ୍ମଦିନ ପ୍ରାଣର ଠାକୁର

ଆଜି ତୁମ ଜନ୍ମଦିନ ପ୍ରାଣର ଠାକୁର
ସାରା ବିଶ୍ୱେ ଖେଳିଯାଏ ଆନନ୍ଦ-ଜୁଆର ।0।

ଶ୍ରାବଣ ପୂର୍ଣ୍ଣିମା ଜହ୍ନ ହସେ ଖିଲିଖିଲି
ଧରାପୃଷ୍ଠେ ଦେବଶିଶୁ ଆସିଛନ୍ତି ବୋଲି
ସଦ୍‌ଗୁରୁ ହୋଇ କରିବେ ଜୀବ-ଉଦ୍ଧାର ।୧।

ସେହି ଶିଶୁ ପଦ ସ୍ପର୍ଶ ପାଇଲା ଧରଣୀ
ଚତୁର୍ଦ୍ଦିଗୁ ଶୁଭେ ଶଙ୍ଖ ହୁଳହୁଳି ଧ୍ୱନି
ବରଣ କରି ଚରଣ ଆନନ୍ଦେ ଅଧୀର ।୨।

ଏହିପରି ଏକ ତୁମ ଶୁଭ ଜନ୍ମଦିନ
ନୀଳାଚଳ କୁଟୀରରେ ଉତ୍ସବ ପାଳନ
ଜଗଦ୍‌ଗୁରୁଙ୍କ ପ୍ରେରଣା ପାଇଲା ଅନ୍ତର
ଉତ୍କଳ ଭକତେ ଦେଲ ସଙ୍ଘ ଉପହାର ।୩।

ତୁମ ଜନ୍ମଦିନ ଆମ ସଙ୍ଘ ଜନ୍ମଦିନ
ଏ ସଙ୍ଘର ଉଡେ ଆଜି ବିଜୟ କେତନ
ଦେଶ-ବିଦେଶରେ ଖ୍ୟାତି ବଢେ ଦିନୁଦିନ
ବିକାଶର ପଥେ ହୁଏ ଦ୍ରୁତ ଅଗ୍ରସର ୪।

ଅନ୍ତରର ଭାବଭକ୍ତି ଦେଉ ଉପହାର
ଘେନା କର ଦୟା ବହି କରୁଣାସାଗର
ଭକତି-ପ୍ରୀତି-ପ୍ରଣତି ଜଣାଇ ପୟର ।୫।

## ଆଜି ବାରୁଛି ମୋର ଏ ଅନ୍ତର

ଆଜି ବାରୁଛି ମୋର ଏ ଅନ୍ତର
ତୁମରି ହାତର ଗଢା କଣ୍ଢେଇ ମୁଁ
ଖେଳନା ତୁମରି ଖେଳର ।୦।

ଏ ଜୀବନ ବନ୍ଧା ତୁମରି ସାଥୀରେ
ଏ ପରାଣ ଛନ୍ଦା ତୁମରି ପ୍ରୀତିରେ
ତୁମକୁ ନେଇ ମୋ ଧରମ-କରମ
ତୁମେ ସରବସ୍ୱ ମୋହର ।୧।

ତୁମେ ପ୍ରାଣବନ୍ଧୁ କେତେ ଜନମର
ତୁମେ ଦୟାସିନ୍ଧୁ ମୋ ସୁଖ-ଦୁଃଖର
ଜୀବନେ ମରଣେ ହାତଧରା ସାଥୀ
ଦରଦୀ ଦିଅଁ ମୋ ଲୁହର ।୨।

ପାଶେ ପାଶେ ମୋତେ ନେଉଅଛ ଟାଣି
ଅଯୋଗ୍ୟ ହେଲେ ବି ପାରୁଅଛି ଜାଣି
ତୁମ ସେନେହର ଅନୁରାଗ କଣା
ଆବେଗ ଭରେ ମୋ ଅନ୍ତର ।୩।

ଜନମ-ଜନମ ଆସିଛି ଗୋଡାଇ
ଆସୁଥିବି ନାଥ ! ନ ଦେବ ଆଡେଇ
ଚାହେଁନା ମୁକତି, ଚାହେଁ ତୁମ ପ୍ରୀତି
ରଖ କରି କିଣା କିଙ୍କର ।୪।

## ଆଜି ମୁଁ କହୁଛି ମୋର ମନକଥା

ଆଜି ମୁଁ କହୁଛି ମୋର ମନକଥା ତୁମ ଆଗେ
ସୁଖ ଶାନ୍ତି ମାଗୁନାହିଁ ଯା' ଅଛି ଭୋଗିବି ଭାଗ୍ୟେ ।୦।

ସେଥିକୁ ନାହିଁ ପଶରା ତୁମେ ମୋ ଦୁଃଖ ପାସୋରା
କାୟା ପଛେ ଛାୟା ପରି ରହିଛ ଭକତ ସଙ୍ଗେ ।୧।

ଶୁଣିଛି ହେ ଦୟାମୟ ! ଭକତ ଅନ୍ତରେ ଥାଅ
ଦିନେ ବାରି ନ ପାରିଲି ମାୟା ଆବରଣ ଯୋଗେ ।୨।

ଦାସ ହୃଦାସନେ ବସ ଦିଅ ଅମୃତ ପରଶ
ସେବିବି ପଦଯୁଗଳ ସଦା ଭରା ଅନୁରାଗେ ।୩।

ଅନ୍ତକାଳେ ଦେବ ଦେଖା ଆହେ ଚିରଦିନ ସଖା
କର ଯୋଡି ଏହି ଭିକ୍ଷା ଅଧମ ନିରତ ମାଗେ ।୪।

## ଆଜି ମୁଁ କହିବି ଭରା ମନ କଥା

ଆଜି ମୁଁ କହିବି ଭରା ମନ କଥା ମୋହର
ଅଧମ ବୋଲି ମୁଁ କାନ ନ କରିବ ପଥର ।୦।

ମୂକ ହୋଇ ଦୁଃଖ ସହେ, ମୁଖ କେବେ ନ ଫିଟାଏ
କାମନା ମୁଁ କରୁ ନାହିଁ ସାନ୍ତ୍ୱନା ଦିଅ ଠାକୁର ।୧।

ଆହା ବୋଲି ବାକୁ କେହି, ସାହା ନ ମିଳିଲେ ନାହିଁ
ମାଗୁଛି କେବଳ ବଳ ଦିଅ ଦୁଃଖ ସହିବାର ।୨।

ତୁମେ ହେ କରିବ ପାରି, ହୋଇ ଜୀବନ ନାଉରୀ
ବାଞ୍ଛା ନୁହେଁ ବଳ ମାଗେ ତରିବାକୁ ଏ ସଂସାର ।୩।

ଏତିକି କହୁଛି ସାଇଁ, ତେଜି ଗଲେ ମାୟା ଦେହୀ
ଆଖି ନୀରେ ଢାଳି ଭସାଇବି ତୁମ ପୟର ।୪।

## ଆଜି ତ ପହିଲି ରଜ

ଆଜି ତ ପହିଲି ରଜ
ଠାକୁରଙ୍କ ପାଇଁ ହସୁଛି କୁଞ୍ଜ
(ହସୁଛି କୁଞ୍ଜ ଲୋ) ଉଇଁଛି ବାଳ ସୂରୁଜ ।୦।

ଜଗନ୍ନାଥ ଦେଶ ଆମ
ବାର ମାସେ ତେର ଯାତରା ମାନ
(ଯାତରା ମାନ ଲୋ) ପାଳ ସଂଘ ନୀତି ମାନ ।୧।

ଚାରି ସାଧନାରେ ସିଦ୍ଧ
ଗୁରୁ ରୂପେ ସିଏ ଜଗତ ବନ୍ଦ୍ୟ
(ଜଗତ ବନ୍ଦ୍ୟ ଲୋ) ସଂଘ ଶକ୍ତି ଚାରି ବେଦ ।୨।

ମା' ଭାଇମାନେ ମିଳି
ଶଙ୍ଖ ହୁଳହୁଳି ପଡେ ଉଛୁଳି
(ପଡେ ଉଛୁଳି ଲୋ) ଭାବ ଭକ୍ତି ଯାଏ ଖେଳି ।୩।

ଜଗତ ଉଦ୍ଧାର ପାଇଁ
ବୈକୁଣ୍ଠ ବରଜି ଆସିଛ ଧାଇଁ
(ଆସିଛ ଧାଇଁ ଲୋ) ମୁକତିର ଭାର ନେଇ ।୪।

ଦିଅ ହେ ଆଶିଷ ଢାଳି
ତୁମ ଦିଆ ପଥ ହେଉ ସଞ୍ଚାଳି
(ହେଉ ସଞ୍ଚାଳି ଲୋ) ତୁମକୁ ଆଶରା କରି ।୫।

ରଜ ଦୋଳି ଗୀତ ଗାଇ
ପଣତି ଜଣାଉ ମଥା ନୁଆଁଇ
(ମଥା ନୁଆଁଇ ଲୋ) ଶୁଭ ଆଶୀର୍ବାଦ ପାଇଁ ।୬।

(ଆଜି) କରୁଛୁ ଶ୍ରୀପଦେ ଅଳି
ଭକ୍ତ ସମ୍ମିଳନୀ ଆମ ଗୁହାରୀ
(ଆମ ଗୁହାରୀ ଲୋ) ଦିଅ ପ୍ରେମପ୍ରୀତି ଢାଳି ।୭।

## ଆଜି ରାତି ପାହି ହେବ କାଲି ସକାଳ

ଆଜି ରାତି ପାହି ହେବ କାଲି ସକାଳ
ଭାବୁ ନାହିଁ ମନ ଗଡି ଯାଉଛି କାଳ ।୦।

ହୃଦ ସିଂହାସନରେ ବସାଇ ପ୍ରେମ ଭରେ
ଭକତି ସୁମନରେ ଗୁରୁପାଦ ପୂଜିରେ
ଗୁରୁନାମ ହେବ ତୋ ପଥ ସମ୍ବଳ ।୧।

ତୁଣ୍ଡରେ ନାମ ରଟି ଫଳଟିରେ ନାହିଁଟି
ମନରେ ଯେବେ ତୋର ନାମ ନ ପଡେ ଘର
ମାଳି ଗଡାଇ ମିଛେ ହେବ କି ଫଳ ।୨।

ଅଣହେଳାରେ ବେଳ ନ କାଟରେ ପାଗଳ
ଏତିକି ବେଳୁ ମନ କର ତୁ ଗଣ୍ଠିଧନ
ସେ ନାମ ସୁଧା ପିଅ ପିଅ କେବଳ ।୩।

## ଆଣିଲ ଯେବେ ଗୋ ମୋତେ ତୁମରି ପାଶେ

ଆଣିଲ ଯେବେ ଗୋ ମୋତେ ତୁମରି ପାଶେ
ବାନ୍ଧିରଖ ଏ ମନକୁ ତୁମରି ବଶେ ।୦।

କିଏ ମୁଁ ତୁମର ବୋଲି ନ ଜାଣି ଆସିଲି ଚାଲି
ଏବେ ଜାଣିଲେବି ମନ ଦୂରେଇ ବସେ ।୧।

ଆଦିରେ ଥିଲି ତୁମର ଅନ୍ତେ ଯିବି ତୁମ ପୁର
ମଧ୍ୟେ ଖାଲି କଲବଲ ମାୟା ଆବେଶେ ।୨।

ତୁମରି ବିନା ଇଚ୍ଛାରେ ଆସି ମୁଁ ନାହିଁ ମର୍ତ୍ତ୍ୟରେ
ତୁମ ଅନିଚ୍ଛାରେ କାହିଁ ମନ କି ରସେ ।୩।

ଲେଉଟାଣି ପଥଚାହିଁ ବସିଛି ମନ ମନାଇ
ନେଇଯିବ କେବେ ପ୍ରିୟ ବାହୁଡା ରଥେ ।୪।

## ଆଦର ଦିନେ ତ କରିନାହିଁ ପ୍ରଭୁ

ଆଦର ଦିନେ ତ କରିନାହିଁ ପ୍ରଭୁ
ପାଇଛି ତୁମର ଆଦର
ପ୍ରେମରେ ତୁମକୁ ଡାକିନାହିଁ ଦିନେ
ବରିଛି ମୁଁ ପ୍ରେମ ତୁମର ।୦।

ଜାଣିଛି ମୁଁ ଦୂରେ ପଳାଇ ଯିବାର
ସ୍ନେହର ବନ୍ଧନ ତୁଟାଇ ତୁମର
ଭଲ କୁହା ତୁମ ଶୁଣିବା ପାଇଁକି
କାନ ମୋ ପାଲଟେ ପଥର ।୧।

ଅକାଳେ ସକାଳେ କେବେ ଯେବେ ଦିନେ
ଡାକିବି ତୁମକୁ ବିଚାରଇ ମନେ
ବାର ଆଉ ବାର କୁ ଚିନ୍ତା ଜାଗଇ
ଆଖି ମନ ଆଗେ ମୋହର ।୨।

ତେବେ କେ ବାରୁଛି ଏ ମୋର ହୃଦୟ
ତୁମେ ସ୍ନେହମୟ ତୁମେ ଦୟାମୟ
ଅତୁଳ ତୁମର ସୋହାଗ ଆଦର
ନାହିଁ ସୀମା କ୍ଷମା-ଗୁଣର ।୩।

ଅଲିଭା ହରଷେ ତୁମ ସ୍ନେହ ଦାନ
ଇତିହାସେ ଲେଖା ରହୁ ଚିରଦିନ
ଯାବତ ଜୀବନ ଥିବ ଏ ଭୁବନେ
ଅଭୁଲା ହେଉ ଏ ମନର ।୪।

କରୁଣା ତୁମର ଆହେ କ୍ଷମାନିଧି
କିଏ ସେ ବର୍ଣ୍ଣିବ କାର ଏତେ ବୁଦ୍ଧି?
ସହଜେ ହୀନ ମୁଁ ମୂଢ ଠାରୁ ମୂଢ
କି ଗାଇବି ଗୁଣ ତୁମର ।୫।

ଦେଇ ଜାଣିନାହିଁ କିଛି ହେ ଠାକୁର
ନେବା ପାଇଁ ସଦାବେଳେ ମୁଁ ଆତୁର
ଦିଅ ଯେତେ ଦୁଃଖ ମାଗେ ଖାଲି ବଳ
ଦିନାନ୍ତେ ଥରେ ଡାକିବାର ।୬।

ଧନ, ଜନ, ସୁଖ କିଛି ଲୋଡା ନାହିଁ
ଖାଲି ତୁମ ପାଦେ ବିଶ୍ୱାସ ଦିଅ ଗୋସାଇଁ!
ଅପାସୋରା ରହି ଥାଉ ଜୀବନେ
କୁବେର ସଂପଦ ସେ ମୋର ।୭।

## ଆନନ୍ଦ ଧାରା ବୁହାଇ ଦିଅ

ଆନନ୍ଦ ଧାରା ବୁହାଇ ଦିଅ — ବୁହାଇ ଦିଅ ଠାକୁର
ଆମ ଏ ଭକ୍ତ ସମ୍ମିଳନୀ — ହେଉ ସରସ ସୁନ୍ଦର ।୦।

ମଧୁର ହେଉ ଏ ସମାବେଶ — ଏଇ ମିଳନ ବେଳା
ସବୁରି ପ୍ରାଣ ପରଶ ପାଉ — ତୁମ ଅମୀୟ ଲୀଳା
ତୁମରି ପୂଜା ଅର୍ଚ୍ଚନାରେ — ପୁଲକ ଜାଗୁ ମନେ
ମିନତୀ ଆମ ଚରଣ ତଳେ — ସୁନ୍ଦର ହେ ସୁନ୍ଦର ।୧।

କାର୍ଯ୍ୟସୂଚୀ ହେଉ ମଧୁର — ସକଳ ଅନୁଷ୍ଠାନ ସୁନ୍ଦର
ପ୍ରତିଟି ଅଧିବେଶନ ହେଉ — ସରସ ଆଉ ମଧୁର
ଜୟଗୁରୁ ଧ୍ୱନିରେ ଉଠୁ — ଉଛୁଳି ସବୁ ଅନ୍ତର ।୨।

ଏ ରାସସ୍ଥଳୀ ବୃନ୍ଦାବନେ — ମିଳିଛୁ ଆମେ ମନ ଅଧୀରେ
ମିଳନାନନ୍ଦ ପୁଲକ ଆଜି — ନଚାଉ ଆମ ଅନ୍ତର
ଶୁଣିବୁ ଆମେ ତୁମରି ବାଣୀ — ହେ ପ୍ରିୟ ଆମ ଠାକୁର ।୩।

ତୁମରି କୃପା ଆଶୀଷଧାର — ପଡୁ ହେ ଝରି ସବୁରି ପର
ଲୀଳାରେ ତୁମ ଉଲ୍ଲସି ଉଠୁ — ସବୁରି ମନ ଅନ୍ତର
ହସି ଉଠୁ ଏ ଆନନ୍ଦଧାମ — ପାଇ ତୁମରି ମନ୍ତର ।୪।

ସବୁରି ମଧ୍ୟେ ତୁମରି ଛାଇ — ମଧୁର ଶିରି ରହିବୁ ଚାହିଁ
ଉଛୁଳି ଉଠୁ କଣ୍ଠେ ଆମ — ବନ୍ଦନାର ଝଙ୍କାର
ସମ୍ମିଳନୀ ଦିବସ ତିନି — ହେଉ ସରସ ସୁନ୍ଦର ।୫।

## ଆନେ ମୋର ମନ ନାହିଁ

ଆନେ ମୋର ମନ ନାହିଁ, କରୁଣା କର ଗୋସାଇଁ ।୦।

ନୟନ ଯେ ଦିଗେ ହେରିବ ସେ ଦିଗେ ତୁମ ଛବି ଦେଖୁଥିବ
କାନ ଶୁଣୁଥିବ ତୁମରି ଚରଣ ନୂପୁର ମଧୁର ରବ
ତୁମ ପଦରଜ ଶିରେ ବୋଳି ହୋଇ ନାଚୁଥିବି ଥେଇ ଥେଇ ।୧।

ମନ ମୋର ତୁମ ପୀରତି ବିହୁନେ ଆନ ରସେ ନ ରସିବ
ହୃଦୟ ମନ୍ଦିରେ ତୁମରି ଆରତି ବତି ନିତି ଜଳୁଥିବ
କଣ୍ଠ ମୋହର ହେଉଥିବ ଖାଲି ତୁମ ନାମ ଗୁଣ ଗାଇ ।୨।

ତୁମରି କରୁଣା ଦୁଆରେ ମୋ ହାତ ଅଞ୍ଜଳି ଥିବ ପାତି
ସୁଖ ଦୁଃଖ ସବୁ ତୁମ ଦାନ ବୋଲି ଭାଳୁଥିବ ମୋର ମତି
ପାଗଳ ହେବି ମୁଁ ତୁମ ବିରହରେ ସଦା ଚେତନା ହଜାଇ ।୩।

## ଆମାର୍ ମାଥା ନତ କରେ ଦାଓ

ଆମାର୍ ମାଥା ନତ କରେ ଦାଓ ହେ ତୋମାର
ଚରଣ-ଧୂଳାର ତଳେ
ସକଲ ଅହଙ୍କାର ହେ ଆମାର
ଡୁବାଓ ଚୋଖେର ଜଲେ |୦|

ନିଜେରେ କରିତେ ଗୌରବ ଦାନ
ନିଜେରେ କେବଲି କରି ଅପମାନ
ଆପନାରେ ଶୁଧୁ ଘେରିଆ ଘେରିଆ
ଘୁରେ ମରି ପଲେ ପଲେ
ସକଲ ଅହଙ୍କାର ହେ ଆମାର
ଡୁବାଓ ଚୋଖେର ଜଲେ |୧|

ଆମାରେ ଯେନ ନା କରି ପ୍ରଚାର
ଆମାର ଆପନ କାଜେ
ତୋମାରି ଇଚ୍ଛା କର ହେ ପୂର୍ଣ୍ଣ
ଆମାର ଜୀବନ ମାଝେ
ଯାଚି ହେ ତୋମାର ଚରମ ଶାନ୍ତି
ପରାନେ ତୋମାର ପରମ କାନ୍ତି
ଆମାରେ ଆଡ଼ାଲ କରିଆ ଦାଡାଓ
ହୃଦୟ-ପଦ୍ମ-ଦଲେ |
ସକଲ ଅହଙ୍କାର ହେ ଆମାର
ଡୁବାଓ ଚୋଖେର ଜଲେ |୨|

## ଆମେ ତ ସଭିଏଁ ନାନା ଜାତି ଫୁଲ

ଆମେ ତ ସଭିଏଁ ନାନା ଜାତି ଫୁଲ ବହୁ ରଙ୍ଗ ବହୁ ମହକର
ଗୁରୁ ସେବା ପାଇଁ ମନେ ଆଶା ବହି
ହୋଇ ଅଛୁ ଆମେ ଗୁନ୍ଥା ହାର ।୦।

ଆମେ ଏକ ପିତାର ସନ୍ତାନ, ଏକ ଆମ ଚିନ୍ତା ଏକ ମନ
ଆମେ ତ ସକଳେ ଭାଇ ଭଉଣୀ
ଆମେ ଏକ ନିଗମ ସଂସାର ।୧।

ଆମେ ଏକ ମନ୍ତ୍ରରେ ଦୀକ୍ଷିତ, ଗୁରୁସେବା ଏକା ଆମ ବ୍ରତ
ଗୋଟିଏ ପଥର ଯାତ୍ରୀ ଆମେରେ
ଗୋଟିଏ ଆମର ଲକ୍ଷ୍ୟ ସ୍ଥଳ ।୨।

କେହି ନୁହେଁ ଏଠି ବଡ ସାନ, ସକଳେ ତ ଅଯୋଗା ସନ୍ତାନ
ଗୁରୁ କୃପା ବଳେ ଆମେ ବଳିୟାନ
ଗୁରୁ ନାମ ଆମ ସହଚର ।୩।

ପ୍ରାଣର ନିବିଡ ଆକର୍ଷଣେ, ବାନ୍ଧି ହୋଇ ଅଛୁ ଟାଣ ପଣେ
ଏ ତନୁ ମନର ପ୍ରତି କଣିକାରେ
ମିଳନ ଆନନ୍ଦ ତୋଳେ ସ୍ୱର ।୪।

ଶ୍ରୀଗୁରୁ ଶ୍ରୀପଦେ ଲୁହ ଢାଳି, ଏ ଶୁଭ ଲଗନେ କରୁ ଅଳି
ତୁମ ସେବା ପାଇଁ ଆମ ସଂଘ ପ୍ରୀତି
ଭଙ୍ଗୁର ସଂସାରେ ହେଉ ଚର ।୫।

## ଆଶ ମୋର ଚିରଦିନ ଦୟାନିଧି

ଆଶ ମୋର ଚିରଦିନ ଦୟାନିଧି !
ଆଶ ମୋର ଚିରଦିନ
ଦୁଆରେ ତୁମରି ଭିଖାରୀ ପଣରେ
ଯାଉ ଏ ଛାର ଜୀବନ ।୦।

ଶୁଣିଛି ଏ ମୋର କାନ ଦୟାନିଧି,
ଶୁଣିଛି ଏ ମୋର କାନ
ପାପୀ ଲାଗି ତୁମ ଦୁଆର ମୁକୁଳା
ରହିଥାଏ ଚିରଦିନ, ଦୟାନିଧି !
ଶୁଣିଛି ଏ ମୋର କାନ ।୧।

ତୁମରି ମଧୁ ବଚନ, ଦୟାନିଧି !
ତୁମରି ମଧୁ ବଚନ
ଶୁଣୁଥିବ ରୂପ ହେରୁଥିବ ଚିର
ଏ ମୋର ଅନ୍ଧ ନୟନ, ଦୟାନିଧି !
ଏ ମୋର ଅନ୍ଧ ନୟନ ।୨।

ତୁମ ବିନେ କିଏ ଆଉ, ଦୟାନିଧି !
ତୁମ ବିନେ କିଏ ଆଉ
ଜଗତରେ ଅଛି ଆଶୟ ମୋହର
ହରିବାକୁ ଦୁଃଖ ଦାଉ, ଦୟାନିଧି !
ହରିବାକୁ ଦୁଃଖ ଦାଉ ।୩।

ଅଛି ମୁଁ ସକଳ ସହି, ଦୟାନିଧି !
ଅଛି ମୁଁ ସକଳ ସହି
ଜଗତର ଦୁଃଖ-ତାପ-ନାଶନକୁ
ତୁମବିନେ ସାହା ନାହିଁ, ଦୟାନିଧି !
ତୁମବିନେ ସାହା ନାହିଁ ।୪।

ରଖିଲେ ରଖ ବା ମାର, ଦୟାନିଧି !
ରଖିଲେ ରଖ ବା ମାର
ଖାଲି ତୁମ ନାମ ଗାଇ ଦିନ ଯାଉ
ଏତିକି ମାଗୁଣି ମୋର, ଦୟାନିଧି !
ଏତିକି ମାଗୁଣି ମୋର ।୫।

## ଆସ ସରବେ ବାହୁ ତୋଳି

ଆସ ସରବେ ବାହୁତୋଳି
ହୋଇଣ ମେଳି ଶ୍ରୀଗୁରୁ ବୋଲି ।୦।

ଜୟଗୁରୁ ନାମ ସାର ସକଳ ପ୍ରେମ ଆଧାର
ତାଙ୍କ ନାମ ସମ ନାହିଁ ସରି ହୋଇଣ ମେଳି ଶ୍ରୀଗୁରୁ ବୋଲି ।୧।

ଯେବେ ଚାହଁ ମୋକ୍ଷ ଧାମ ଧର ଧର ଗୁରୁନାମ
କିବା ଦିବସ ବିଭାବରୀ ହୋଇଣ ମେଳି ଶ୍ରୀଗୁରୁ ବୋଲି ।୨।

ପାପ ତାପ ଯା' ସଂସାରେ ଦୂରେ ଯିବ ସେ ନାମରେ
ଭାଇ ବନ୍ଧୁ ନୁହେଁ କେ ତୋହରି ହୋଇଣ ମେଳି ଶ୍ରୀଗୁରୁ ବୋଲି ।୩।

ଧନ ଧାନ୍ୟ ତୋ ଅସାର ସବୁତ ଦୁଇ ଦିନର
ଗୁରୁନାମ ନ ଦିଅ ପାଶୋରି ହୋଇଣ ମେଳି ଶ୍ରୀଗୁରୁ ବୋଲି ।୪।

ପାର ହେବୁ ଏ ଜଗତ ହୁଅ ତୁ ଗୁରୁ ଭକତ
ମୋହ ମାୟା ଯିବ ସବୁ ଚାଲି ହୋଇଣ ମେଳି ଶ୍ରୀଗୁରୁ ବୋଲି ।୫।

## ଆସିଛି ବଡ ଆଶାରେ ତୁମରି ଦ୍ୱାରେ

ଆସିଛି ବଡ ଆଶାରେ ତୁମରି ଦ୍ୱାରେ
ଫେରାଇ ଦେଇନ ଜାଣେ ନିରାଶେ କା'ରେ ।୦।

କରିନି ସାଧନ ଯୋଗ ଭଜନ କୀର୍ତ୍ତନ
ଜାଣିନି ଭକତି ପ୍ରୀତି ଅତି ମୁଁ ଅଜ୍ଞାନ
କରୁଣା କର ଠେଲି ଦିଅନା ଦୂରେ ।୧।

ମାଗିବାର ପ୍ରୟୋଜନ ନାହିଁ ତ କିଛିତେ
ମାଗେ ଦରଶନ ବାରେ ହୃଦୟ ମନ୍ଦିରେ ।୨।

ନଗଣ୍ୟ ମୁଁ ମହା ବିଶ୍ୱେ କି କରିବି ଦାବି
ସେ ଲାଗି ଅଭିମାନ ନାହିଁ ଅନୁଭବି
ମିନତି ଟିକିଏ ଆଶ୍ରା ଶ୍ରୀରଙ୍ଗା ପୟରେ ।୩।

ଆସିଛି ହୋଇ ନିଃସ୍ୱ ଯିବି ଶୂନ୍ୟ ହସ୍ତେ

## ଆସିଛେ ସରବେ ଏକଠାବୁ ଯିବା

ଆସିଛେ ସରବେ ଏକଠାବୁ ଯିବା ଏକ ଠାବକୁ ତ ପୁଣି
ଏକଇ ପିତାର ସନ୍ତାନ ସଭିଏଁ ଏ କଥାକୁ ମନେ ଗୁଣି
ଆସ ମିଳି ସକଳେ
ଗାଅ 'ଜୟଗୁରୁ' ସଦା କାଳେ ।୧।

ଏକ ମନ ଏକ ପ୍ରାଣ ହୋଇ ଗାଅ ଗାଅରେ କଣ୍ଠ ମିଳାଇ
ଜୀବନ ମରଣ ସାଥୀ ହେବାକୁ ତ ଆଉ ଜଣେ କେହି ନାହିଁ
ଗୁରୁ ବିହୁନେ କେହି
ଏ ଜଗତେ ତ୍ରାଣକର୍ତ୍ତା ନାହିଁ ।୨।

ଯା'ର ପ୍ରେମରସେ ନିମଗନ ହୋଇ ପ୍ରେମ ଧାମେ ଯିବା ଚଳି
ତାହାରି କରୁଣା ରସପାନେ ଚିତ୍ତ ରହିଥାଉ ସଦା ଭଳି
ଯହିଁ ଭକତ ଜନ
ନାମ ଗାଏ ତହିଁ ଶ୍ରୀଭଗବାନ ।୩।

ପ୍ରେମମୟ ଗୁରୁ ଜ୍ଞାନର ବିଗ୍ରହ ଭବଭୟ ନିବାରକ
ଆଶୀଷ ତାଙ୍କର ଇହ ଜଗତର ଚିତ୍ତ ସଂକଟ ନାଶକ
ଗୁରୁ ନାମଟି ଗାଇ
ଜୀବ ଯାଉ ଗୁରୁଦାସ ହୋଇ ।୪।

## ଆସିବା ପଥର ବନ୍ଧୁ ତୁମେ ମୋର

ଆସିବା ପଥର ବନ୍ଧୁ ତୁମେ ମୋର ଫେରିବା ପଥର ସାଥୀ
ଜୀବନ-ପୋଥିରେ ତୁମେ ହେ ଲେଖିଛ ଅମର ପ୍ରେମର ଗୀତି ।୦।

ପ୍ରାଣବନ୍ଧୁ ବୋଲି ଡାକୁଥିବି
ନିତି ତୁମ ଛବି ଦେଖୁଥିବି
ଅଲିଭା ଗାରରେ ଲେଖୁଥିବି ବସି ତୁମରି ଅଭୁଲା ପ୍ରୀତି ।୧।

ପିତା ହୋଇ ମୋର ଦୁଃଖ ହର

ମାତା ହୋଇ କୋଳେ ତୋଳି ଧର
ଅମତା ବାଟରେ ଚାଲି ଯିବି କାଳେ ମାୟା ସପନରେ ମାତି ।୨।

ତୁମ ଭାବ ନଇ ନୀରଧାର
ବାହି ନେଇ ଯାଉ ନାଆ ମୋର
ତୁମେ ଧ୍ରୁବତାରା ପାଶେ ଥିଲେ ପରା ହାରିଯାଏ ଅମାରାତି ।୩।

## ଆହା କି ସୁନ୍ଦର ରୂପ ମନୋହର

ଆହା କି ସୁନ୍ଦର ରୂପ ମନୋହର ମଣି ମରକତ ଝରେ
ନ ଦେଖିଲା ଆଖି ଖୋଜି ବୁଲେ ତାକୁ, ଦେଖିଲା ନୟନ ଝୁରେ ।୦।

ମଦନ ମୋହନ ବଦନ ଦେଖି
ନ ରହିବ କାହା ନୟନ ଲାଖି ?
ପାଷାଣ ପରାଣ ତରଳି ପଡେ ତା ପ୍ରୀତି ବୋଳା ଚାହାଣୀରେ ।୧।

ରୂପ ଲାଗି ଯେବେ ଏତେ ଆକୁଳତା ବିରହ ଜାଗଇ ମନେ
କେତେ ପୁଲକିତ ନହେବ ପରାଣ ଅପରୂପ ଦରଶନେ !
ଭାବମୟ ତା'ର କମ ମୂରତି
ଜାଣିହୁଏ ନାହିଁ, ଟାଣେ ତା' କତି
କିଏସେ କଳିବ ସେ ଲାବଣ୍ୟ ଠାଣି ଅନୁଭବ ଯା'ରେ ହାରେ ।୨।

ତାହାରି ପାଇଁ ତ ରାଧା ଝୁରି ମଲା ଯମୁନା ରହିଛି ସାକ୍ଷୀ
ଲାଜ ଡର ସବୁ ଭୁଲି ଯାଇ ତାକୁ ଛାତିରେ ଧରିଲା ଜାକି
ବଇଁଶୀ କହିଲା ଶୁଣ ଗୋ ରାଇ
ତୁମେ ମୋ ପାଇଁ, ମୁଁ ତୁମ ପାଇଁ
ଗହନ ମନର ଦହନ ନାଶିବା ପ୍ରୀତି ରତି ସୁଖ ସାରେ ।୩।

ତା' ପ୍ରେମ ପାଶରେ ବାନ୍ଧି ହେଲେ ଥରେ ସେ ବନ୍ଧନ ଫିଟେ ନାହିଁ
ଅଧୀର ମନର ମଧୁର ଗଣ୍ଠି ସେ ପ୍ରେମ ଦିଆ ନିଆ ପାଇଁ
ମିଠା ମିଠା ଲାଗେ ମୂରତି ଯା'ର
ଆହୁରି ମଧୁର ପୀରତି ତା'ର
ଭାବ ନଉକାରେ ବସି ପଡିଲେ ସେ ଭବ-ନଈ ପାର କରେ ।୪।

## ଆହା କି ସୁନ୍ଦର ମୂରତି ଆଜି ଆଖି ଦେଖିଲା

ଆହା କି ସୁନ୍ଦର ମୂରତି ଆଜି ଆଖି ଦେଖିଲା
କୋଟି ରୂପ ଜିଣି ପଦ୍ମାସନ ଠାଣି,
ପ୍ରାଣ ନେଲା କିଣି, ମନ ମୋହିଲା ।୦।

ସତେ ସଂସାର ସାର ସୁଷମା, ତାର କିଏ ବା ଦେବ ଉପମା
ଯିଏ ବିଶ୍ୱ ବଗିଚାର ମାଳୀ, ତାକୁ କିଏ ବା ପାରିବ କଳି
ଶ୍ରୁତି-ସ୍ମୃତିକୁ ଯେ ନ ହୁଏ ଗୋଚର
କବି, ମୁନି, ଜ୍ଞାନୀ ବୁଦ୍ଧି ହଜିଲା ।୧।

ପାଦ ପଙ୍କଜେ ରଙ୍ଗ ଅଳତା, କିଏ ପକାଇଛି ସତେ ଚିତା
ଯିଏ ସମରପେ ଦେହ ମନ, ତାକୁ ବରାଭୟ କରେ ଦାନ
କଟୀକି ଶୋଭୁଛି ସୁକ୍ଷ୍ମ ବସନ
ଶତ ଶ୍ୱେତପଦ୍ମ ନିନ୍ଦା ପାଇଲା ।୨।

କେତେ ସୁପ୍ରଶସ୍ତ ବକ୍ଷ ସ୍ଥଳ, ସତେ ଲବଣୀ ପରି କୋମଳ
କେତେ ସୁଦୀର୍ଘ ସୁଚାରୁ ସ୍କନ୍ଧ, ହସ୍ତେ ସୁଲଳିତ ମଣିବନ୍ଧ
ପୂତ ଉପବୀତ ବକ୍ଷରେ ଲମ୍ବିତ
ଭୁଜପାଶ ମନ ବାନ୍ଧି ରଖିଲା ।୩।

ସେହି କମନୀୟ ମୁଖ କାନ୍ତି, ଗଣ୍ଡେ କୁଞ୍ଚିତ ଅଳକାପନ୍ତି
ସେହି ସୁରଙ୍ଗଜବା ଅଧର, ତହିଁ ଝରୁଛି କରୁଣା ଧାର
ଚନ୍ଦନର ବିନ୍ଦୁ ଲାଗେ ସତେ ଇନ୍ଦୁ
ଲଲାଟ ଗଗନେ ଉଇଁ ଆସିଲା ।୪।

ଘେନ ପ୍ରାର୍ଥନା ମୋ ପ୍ରାଣେଶ୍ୱର, ଚିର ଦାସ ପଣେ ଘେନା କର
ଶିର ମୋର ପଦେ ଲୋଟୁଥାଉ, ମୁଖ ନିରନ୍ତର ନାମ ଗାଉ
ଏହି ମାତ୍ର ଅଳି କରେ ନିଉଛାଳି
କଞ୍ଜପଦେ ଚିତ୍ତ ଲାଖି ରହିଲା ।୫।

## ଆହେ ଦୟାମୟ ମହିମା ତୁମର

ଆହେ ଦୟାମୟ ମହିମା ତୁମର ଗାଉଛି ତିନି ଭୁବନ
ଜୟ ଜୟ ଜୟ ଭୁବନ-ନନ୍ଦନ ଜୟ ପରାଣର ଧନ
ହେ ବନ୍ଦନ ··· ପ୍ରଣତି ମିନତି ଘେନ
ବିଶ୍ୱ ସମଗରା ଯହିଁ ଦେଖେ ତହିଁ ସବୁ ତୁମ ସରଜନ ।୧।

ଘରେ ପରବାସେ ସୁଖେ ଅବା ଦୁଃଖେ ତୁମରି କରି ଚିନ୍ତନ
ଅପାର ଆନନ୍ଦ ଲଭେଁ ଅବିରତ ତୁମେ ସଖା ଜୀବଧନ
ହେ ବନ୍ଦନ ··· ମାଗୁଅଛି ଦିବ୍ୟଜ୍ଞାନ
ଯହିଁ ତହିଁ ଥାଏ ସଂପଦେ ବିପଦେ ସାର ହେଉ ଗୁଣ ଗାନ ।୨।

ମୃତ ସଞ୍ଜିବନୀ ତୁମ ନାମ ଘୋଷି ସଞ୍ଚରେ ପିଣ୍ଡେ ପରାଣ
ସମରପି ତବ ପଦେ ଦେହମନ ମାଗୁଛି ଅଧମ ଜନ
ହେ ବନ୍ଦନ ··· କର ଆଶୀର୍ବାଦ ଦାନ
ଯାଉ ଏ ଜୀବନ କରି ଚିର ଦିନ ତୁମ କରମ ସାଧନ ।୩।

## ଆହେ ପରାଣ ଧନ

ଆହେ ପରାଣ ଧନ ମୋର ରଙ୍କରତନ
ଗଳାମାଳି ଦୁଃଖହାରୀ ଜୀବଜୀବନ ।୧।

ଧନ୍ୟ ଧନ୍ୟ ଠାକୁର ବାଞ୍ଛା ପୂରଣ କର
ଯାହା ମାଗିଥିଲି ପ୍ରଭୁ କରିଛ ଦାନ ।୨।

ତୁମେ ଭକ୍ତ ଠାକୁର ଭକ୍ତ ପାଇଁ ଅସ୍ଥିର
ଭକ୍ତ ଭାବ-ବିନୋଦିଆ ଭକତ ଧନ ।୩।

ଯେବେ ଡାକେ ଭକତ ତୁମେ ଶୁଣ ତୁରନ୍ତ
ଧାଇଁ ଆସ ପାଶେ ଯେବେ ଘୁଞ୍ଚେ କଷଣ ।୪।

ଯେବେ ମୁହିଁ ଡାକିଛି ଅବା କିଛି ମାଗିଛି
ସବୁ ତୁମେ ଦେଇଅଛ ମୋତେ ହେ ଦାନ ।୫।

ଯେବେ ମୁଁହି କାନ୍ଦିଲି ତୁମ ରୂପକୁ ଭାଳି
ପ୍ରେମ ଡୋରି ଲଗାଇଲ ବାନ୍ଧିଲ ମନ ।୬।

ତୁମ ଇଚ୍ଛା ଭୁଲିଲି ନିଜ ଇଚ୍ଛାରେ ଚାଲି
ସବୁ ବିପଦ ମୁଣ୍ଡେଇ ଗଲି ଶରଣ ।୭।

ହେ ଶରଣ ରକ୍ଷଣ ଠେଲି ଭବ କଷଣ
ମୋର ଭୁଲ କ୍ଷମା କରି (ପଦେ) ଦିଅ ଶରଣ ।୮।

## ଆହେ ପ୍ରିୟତମ ମୋର ଶ୍ରୀଗୁରୁଦେବ

ଆହେ ପ୍ରିୟତମ ମୋର ଶ୍ରୀଗୁରୁଦେବ
ତୁମ ବିନା ମୋର ଆଉ କିଏ ସେ ହେବ ? ।୦।

ଆସିଥିଲି ଖାଲି ହାତେ ମୁଁ ଏକା ଏକା
ଯିବି ଚାଲି ନୀରବରେ ହୋଇ ମୁଁ ଏକା
ଯିବାବେଳେ ଧନ ଜନ କି କାମ ଦେବ ? ।୧।

କିଛି ମୋର ନାହିଁ ଲୋଡା ସବୁ ଦେଇଛ
ସୁଖେ ଦୁଃଖେ ସବୁବେଳେ ପାଶେ ରହିଛ
ତେଣୁ ଅଧମ ତୁମର ଋଣୀ ରହିବ ।୨।

ଆଣିଛ ଠାକୁର ମୋତେ ତୁମେ ଇଚ୍ଛାକରି
ଫେରିବି ସ୍ୱଧାମେ ପୁଣି ତୁମ କାମ ସାରି
ତୁମ ମନ ଲାଖି ସେବା କରାଇ ନେବ ।୩।

ଏ ଜୀବନେ କିଛି ଯେଣୁ ନ ପାରିବି ଦେଇ
ତୁମ ରୂପ ଧ୍ୟାୟି ଯିବି ଲୋତକ ଝରାଇ
'ଜୟଗୁରୁ' ନାମ ଖାଲି ସଙ୍ଗେ ମୋ ଯିବ ।୪।

## ଉଠିତେ ଜୟଗୁରୁ ବସିତେ ଜୟଗୁରୁ

ଉଠିତେ ଜୟଗୁରୁ ବସିତେ ଜୟଗୁରୁ - ଜୟଗୁରୁ ଜପେର ମାଲା
ଚାଲିତେ ଜୟଗୁରୁ ଫିରିତେ ଜୟଗୁରୁ - ଜୟଗୁରୁ ପ୍ରାନେରଆଲା
ସାର କରେଛି
ଜୟଗୁରୁ ନାମ ସାର କରେଛି
ଆମାର ଉପାସୋନାର ମହାମନ୍ତ୍ର -
ଜୟଗୁରୁ ନାମ ସାର କରେଛି ।୧।

ଦର୍ଶନେ ଜୟଗୁରୁ ସ୍ପର୍ଶନେ ଜୟଗୁରୁ - ଜୟଗୁରୁ ମନ୍ତ୍ରେର ସାର
ନିଶ୍ୱାସେ ଜୟଗୁରୁ ପ୍ରଶ୍ୱସେ ଜୟଗୁରୁ - ଜୟଗୁରୁ ପ୍ରାନେର ହାର
ହାର ପରେଛି
ଜୟଗୁରୁ ନାମେର ହାର ପରେଛି
ଅନ୍ୟ ଭୁଷନ ଚାୟନା ଆମି -
ଜୟଗୁରୁ ନାମେର ହାର ପରେଛି ।୨।

ସଂପଦେ ଜୟଗୁରୁ ବିପଦେ ଜୟଗୁରୁ - ଜୟଗୁରୁ ପରମ ଧନ
ହରସେ ଜୟଗୁରୁ ବିଷାଦେ ଜୟଗୁରୁ - ପ୍ରେମାନନ୍ଦ ରସାୟନ
ଆର କି ଆଛେ
ଏମନ ରତନ ଆର କି ଆଛେ
ପ୍ରାନାରାମ ଶାନ୍ତିଧାମ -
ଏମନ ରତନ ଆର କି ଆଛେ ।୩।

ରୋଗେତେ ଜୟଗୁରୁ ଶୋକେତେ ଜୟଗୁରୁ -
ଜପ ସବେ ଅନିବାର
ଶୟନେ ଜୟଗୁରୁ ସପନେ ଜୟଗୁରୁ -
ଜୟଗୁରୁ ବେଦେର ପାର
ଆର କି ଆଛେ
ପେମେ ରସାୟନ ଆର କି ଆଛେ
ରୋଗେ ଶୋକେ ଶାନ୍ତି ଦିତେ -
ପ୍ରେମେ ରସାୟନ ଆର କି ଆଛେ ।୪।

ଜୀବନେ ଜୟଗୁରୁ ମରନେ ଜୟଗୁରୁ - ଜୟଗୁରୁ ସେ ମହାନାମ
ଜୟଗୁରୁ ବଲିଆ ଏ ତନୁ ତେଜିଲେ - ପୂର୍ଣ୍ଣହବେ ମନସ୍କାମ
ଆର କି ଆଛେ
ଏମନ ସମ୍ବଲ ଆର କି ଆଛେ
ତାରକ ବ୍ରହ୍ମ ମହାନାମ - ଏମନ ସମ୍ବଲ ଆର କି ଆଛେ
ଭବପାରେ ଯେତେ ହଲେ - ଏମନ ସମ୍ବଲ ଆର କି ଆଛେ ।୫।

ସବେ ଜୟ ଗାଅରେ
ଜୟଗୁରୁ ମହାମନ୍ତ୍ରେ ସବେ ଜୟ ଗାଅରେ
ଜୟଗୁରୁ ମହାନାମେ ସବେ ଜୟ ଗାଅରେ
ପ୍ରେମାନନ୍ଦେ ନେଚେ ନେଚେ ସବେ ଜୟ ଗାଅରେ

ସକଲ ବେଦେର ସାର ପ୍ରେମେର ପାରାବାର
ଗୁରୁ ଜୟ ଗୁରୁ ଜୟ ଗୁରୁ ଜୟ ଗୁରୁ ଜୟ ।୬।

## ଏ କି ଦେଖିଲା ଆଖି

ଏ କି ଦେଖିଲା ଆଖି
ବିହି ଆଣିଲା ଧରା ତଳେ ଚାନ୍ଦ କି ! ।୦।

ଅତୁଳ ଶୋଭା ଦିଏ ଆନନ୍ଦ ଭରି
ଭାବିଲେ, ସୁଧା ଧାର ପଡଇ ଝରି
ମନ କହେ ନିରତ ହେରୁଥିବ କି ।୧।

ସଜାଇ ହୃଦୟର ଆସନ ମୋର
ବସାଇ ପାରିଲେ ମୁଁ ବନ୍ଦି ପୟର
ପାଆନ୍ତି ପରା ସତେ କୋଟିନିଧି କି ।୨।

ବଚନରେ ଅଛି ସେ କି ମଧୁରତା !
ନୟନରେ ପୂରିତ ସ୍ନେହ-ମମତା
ଅଧର ହସ ଢାଳି ଦିଏ ସୁଧା କି ? ।୩।

ସେ ନାମଟି ଶୁଣିଲା ଦିନୁ ଏ କାନ
ହରାଇ ବସିଲାଣି ବିବେକ ଜ୍ଞାନ
ହେରି ନୟନ ମନ ଉଠେ ପୁଲକି ।୪।

ସେ କଣ୍ଠସ୍ୱର ସତେ କେତେ ମଧୁର
ଭବ-ମାୟା, ଜଞ୍ଜାଳ ଯାଏ ପାଶୋର
ସଙ୍ଗ ଲଭିବି ଏତେ ଭାଗ୍ୟ ହେବ କି ? ।୫।

## ଏ କୂଳେ ବାନ୍ଧନା ଆଉ ତରଣୀ ମୋର

ଏ କୂଳେ ବାନ୍ଧନା ଆଉ ତରଣୀ ମୋର
ଉଛୁର ହେଉଛି ବେଳ ଯିବି ମୁଁ ଘର ।୦।

ଆସିଥିଲି ନେବାପାଇଁ କିଛି ସୁଖ କିଛି ହସ
ଏ ପାରିର ଦୁନିଆରୁ କିଛି ଫୁଲ କିଛି ବାସ
ଏ ଫୁଲ ଦେଇଛି କଣ୍ଟା ଏ ସୁଖ ବେଦନା ଭାର ।୧।

ଏ ପାଖେ ଉଆଁସି ରାତି ସେ ପାଖେ ପୁନେଇ ଚାନ୍ଦ
ଏ କୂଳ ବିରହ ଝୁରେ ସେ କୂଳ ମିଳନ ଛନ୍ଦ
ସେପାରିକି ଯିବାପାଇଁ ମନ ମୋର ତରତର ।୨।

ଏ ପୁର ଜୀବନ ମାୟା ସବୁ ସେ ପାରିର ଛାଇ
ରୂପ ମୋର ଖୋଜି ବୁଲେ ସ୍ୱରୂପ ଲାବଣ୍ୟ କାହିଁ
ବାହାରେ ନାଉରୀ ନାବ ବେଗେ ପାଲ ତୋଳିଧର ।୩।

## ଏ କେମିତି ବନ୍ଧନ

ଏ କେମିତି ବନ୍ଧନ ଏ କେମିତି ବନ୍ଧନ
ତୁମ ପାଇଁ ଦିନ ରାତି ଝୁରି ମରେ ମରମ ।୦।

ଏ ଭବ ସଂସାରେ ମୋତେ ଜନମ ଦେଲ
ମାୟା ଜଂଜାଳରେ ମନ ବାନ୍ଧି ରଖିଲ
ହୃଦରେ ଆଙ୍କିଲ ମୋର ବିରହ ବେଦନା ଗାର
କନ୍ଦାଇ ଏତେ ଲୁହରେ ଭିଜାଇଲ ନୟନ ।୧।

ଅଭିମାନେ ଯେବେ କେବେ ହେଲେ ବିମୁଖ
ତଥାପି ପଡଇ ମନେ ତୁମ ଶ୍ରୀମୁଖ
ପରଖି ଥରକୁ ଥର କରିଲ କେତେ ନିଜର
ଲୁଚି ଲୁଚି ଭାଙ୍ଗିଦେଲ ମାୟାଘେରା ସପନ ।୨।

କେତେ ଜନମ ହେଳାରେ ହଜେଇ ଦେଲି
ଏଇ ଜନମେ ତୁମକୁ ପାଇଲି ମୁହିଁ
ତୁମ ସେବା ଅଧିକାରୀ କର ଦେଇ କୃପାବାରୀ
ଆଶିଷ ବରଷି ପ୍ରଭୁ ଧନ୍ୟକର ଜୀବନ ।୩।

## ଏ ଜୀବନେ ଯାହା ଦେଇଛ ଠାକୁର

ଏ ଜୀବନେ ଯାହା ଦେଇଛ ଠାକୁର
ଅଳପ ତ କିଛି ଦେଇନ
ଅଯୋଗ୍ୟ ବୋଲି ମୁଁ ସେ ମହାଦାନରୁ
ତିଳେ ତ ଛଡାଇ ନେଇନ ।୦।

ବରଷିଛ ପ୍ରଭୁ ଅଶେଷ ଆଶିଷ
କୃତଜ୍ଞତାଦିନେ କରିନି ପ୍ରକାଶ
ତେବେ ହେଲେ ଦୟା କରିଛ ଅଧମେ
ପ୍ରତିଦାନ କିଛି ଦେଇନ ।୧।

ପୂରାଇଛ ମୋର କେତେ କେତେ ଆଶା
ମେଣ୍ଟାଇ ଦେଇଛ ପ୍ରାଣର ପୀଆସା
ମାଗି ନ ଥିଲି ଯା ପାଇଛି ଜୀବନେ
କିଛି ମାତ୍ର ତୁମେ ଚାହିଁ ନ ? ।୨।

ତଥାପି ସଂସାର ମାୟା ମୋହେ ପଡି
ଧାଇଁଲି ଅସାର ସୁଖ ଅନୁସରି
ପଛକୁ ଫେରି ମୁଁ ଦେଖିଲି ତୁମେ ତ
ପାଦେ ମୋତେ ଛାଡି ଯାଇନ ।୩।

## ଏ ଦେହକୁ ତୁମ ମନ୍ଦିର

ଏ ଦେହକୁ ତୁମ ମନ୍ଦିର, ହୃଦୟକୁ ତୁମ ସିଂହାସନ
କରି ଦିଅ ପ୍ରଭୁ କୃପା ବହି, ପଦେ ଏହି ନିବେଦନ ।୦।

ଏ ଜୀବନ ଏକ ଅବୁଝା ତଟିନୀ
ସୁଖ ଦୁଃଖ ଦୁଇଧାର
ଅଜ୍ଞାନ-ଅନ୍ଧାର କାମନା ଜୁଆରେ
ଭାସିଯାଏ ବହୁ ଦୂର
ହେ ଭବନାଉରୀ କର ପାରି, ଦେଇ ତୁମ ଦରଶନ ।୧।

ଦୂର କରି ଖେଦ ସକଳ ବିଭେଦ
ଚିତ୍ତେ ଆଙ୍କ ତୁମ ଛବି
ଜନମେ ଜନମେ ତୁମ ରୂପ ହେରି
ଜୀବନ ଧନ୍ୟ କରିବି
ଭିଜି ଭିଜି ଲୁହ ବରଷାରେ ଚାହିଁଛି ଏଇ ନୟନ ।୨।

ମରଣ ଦୁଆରେ ବଞ୍ଚିବାର ଆଶା
କରିବ ଯେବେ ଅଧୀର
ମନରେ ସାଇତା ଯେତେ ତୁମ କଥା
ସ୍ମୃତି ପଟେ ଜାଗୁ ମୋର
ଏହି ଅଳି, ଜୀବ ଗଲାବେଳେ କରିଦିଅ ପଦେ ଲୀନ ।୩।

## ଏ ଦେହ ହେଉ ହେ ପ୍ରଭୁ

ଏ ଦେହ ହେଉ ହେ ପ୍ରଭୁ! ତୁମ ଆସନ ମନ୍ଦିର
ମୁଦିଲେ ନୟନ ଯେହ୍ନେ ଦେଖଇ ରୂପ ତୁମର ।୦।

କେତେ କେଉଁ କାଳ ଧରି
କଳୁଷ ରହିଛି ପୂରି
ନିତି ନୂଆ ଆବର୍ଜନା
ହେଉ ଅଛି ତହିଁ ଜମା
କିପରି କରିବି କୁହ, ସେ ସବୁକୁ ପରିଷ୍କାର ।୧।

ଶୁଣିଛି ମାତର ଥରେ
ନାମ ଯେତେ ପାପ ହରେ
ସେତେ ପାପ ଅରଜିବ
ପାପୀ ପକ୍ଷେ ଅସମ୍ଭବ
ଶିଖାଇ ଦିଅ ଠାକୁର ! ସେ ନାମର କଉଶଳ ।୨।

ହୃଦୟ ବେଦୀ ଉପରେ
ରାଜୁଥାଅ ନିରନ୍ତରେ
ତୁମ ପଦ ସେବୁଥିବି
ତୁମ ଜୟ ଗାଉଥିବି
ଶୁଣୁଥିବି କାନେ କାନେ, ତବ ବାଣୀ ସୁମଧୁର ।୩।

## ଏ ନୟନ, ଅନା ଅନା

ଏ ନୟନ, ଅନା ଅନା ଭୁବନ ମୋହିନୀ ବାମା
ନୀଳ ନୀରଦ ଜିଣି ତ୍ରିନୟନ-ମୋହିନୀ
ନୀଳନୟନୀ ରୂପ ଶ୍ୟାମା ।୦।

ନୀଳ-କମଳ ପଦ ଦଳିତ ଶମ୍ଭୁ-ମଦ
ନୀଳବସନା ହରନାରୀ
ନୀଳ କଣ୍ଠେ ନୀଳ ନାଗ-ହାର ଝଳି
ଆନନ ଶଶୀ-ଶିରୀହାରି
ଚାରୁ ନିତମ୍ବିନୀ ରାମା ।୧।

କାଳୀ କରାଳିନୀ ନର-ଶିର-ମାଳିନୀ
ଲୋଳ-ରସନା ଜନ-ମାତା
ଡାକିନୀ, ଯୋଗିନୀ- ସଙ୍ଗ ବିଳାସିନୀ
ଶକ୍ତିମୟୀ ଜଗତ ଜିତା
ଖପରଧାରିଣୀ ଭାମା ।୨।

ପାପ ବିନାଶିନୀ ତ୍ରିଭୁବନ ପାଳିନୀ
ଜୟ ଜନନୀ ଜଗଦ୍ଧାତ୍ରୀ
ସତତ କୃପାଳିନୀ ଭବ-ଭୟ ବାରିଣୀ
ଶରଣାଗତ-ଗତି ଦାତ୍ରୀ
ରଟତୁ ନିରତ ମୁଖେ ମା' ମା' ।୩।

## ଏ ନୟନ କର କର ଗୁରୁ ରୂପ ଦରଶନ

ଏ ନୟନ, କର କର ଗୁରୁ ରୂପ ଦରଶନ
ଭୁବନ-ନନ୍ଦନ, ମନ ବିମୋହନ, ଭବ ସଙ୍କଟ ନାଶନ ।୦।

ଚରଣରୁ ଝରେ ଅମୀୟ ନିର୍ଝର
ଲିଭାଇ ଦିଏ ଯେ ଭବ ଦାବାନଳ
ତୃଷିତ ଚାତକ ସମାନ ଭକତ ଲୋଡେ ଯେଉଁ ସୁଧାପାନ ।୧।

ଅଧରେ ବିକଶେ ହାସ ମନୋହର
ଉଲ୍ଲସାଇ ଦିଏ ବିଶ୍ୱ ଚରାଚର
ଶିରେ ବିରାଜଇ କେଶ ମନୋହର ତିନି ଜଗତପାବନ ।୨।

ଅକଳଙ୍କ ଶଶୀ ପୁଣି ଝଲମଲ
ଜ୍ଞାନ, ପ୍ରେମ ଭରା ନେତ୍ର ସୁମଞ୍ଜୁଳ
ଅମାନାଶୀ ତେଜ ଫୁଟି ତହିଁ କରେ ଜଗତ ଦୁଃଖ ନାଶନ ।୩।

## ଏ ନୟନ କି ହେରିଲା ଉପମା ତାର

ଏ ନୟନ କି ହେରିଲା ଉପମା ତାର ତ ନାହିଁ
ନିଖିଳ ଭୁବନ ଭରି କମ ରୂପ ମାଧୁରୀ
ସରି ଆଉ କିଏ ଅଛି କାହିଁ ? ।୦।

ବରନ ନବୀନ-ଘନ ନିନ୍ଦନ ସୁଶୋଭନ
ବିଜୁଳି ସମାନ ପୀତବାସ
ଚାରୁ ଚରଣତଳ ନିନ୍ଦି କମଳ ଦଳ
ଶୋଭନ ରଙ୍ଗ ପ୍ରକାଶ
କଟୀ ତଟେ କିଙ୍କିଣୀ ବାଜଇ କିଣି କିଣି
କିଣିନିଏ ଚିତ୍ତ ମଜ୍ଜାଇ ।୧।

ପରିସର ଉର ପର ଦୋଳି ଖେଳେ ବନମାଳ
ଶୀକରେ ମୂରଲୀ କିବା ଶୋଭା
ଚିକ୍କଣ କାଳିଆ ତନୁ ପାଶୋର ନ ଯିବ ମନୁ
ସୁର, ନର, ମୁନି ମନ ଲୋଭା
ଅଧରରେ ଦରଦର ହାସ କିବା ମନୋହର
ଭୂରୁ କାମ କମାଣ ନିନ୍ଦଇ ।୨।

ଗଢିଛି ସେ କେଉଁ ବିଧି ଏ ରୂପ ଲାବଣ୍ୟ ନିଧି
ଠୁଳ କରି ସକଳ ମାଧୁରୀ
ତହିଁ ସେ ତ୍ରିଭଙ୍ଗ ଠାମ ତ୍ରିଜଗତେ ଅନୁପମ
ବର୍ଣ୍ଣି କେ ପାରିବ ଶ୍ୟାମ ଶିରୀ
ଜୀବ ଯାଉ ସେ ଚରଣ ଧ୍ୟାୟୀ ।୩।

## ଏ ବାଉଳା ! ଚିହ୍ନିରଖ ଅନାଥର

ଏ ବାଉଳା ! ଚିହ୍ନିରଖ ଅନାଥର ସେ ଯେ ନାଥ
ଶିରିମୁଖରୁ ତା ଝରେ ସୁଧାଧାର ମାଗ ତୁ ପତାଇ ହାତ ।୦।

ସୁଖ ଦୁଃଖ ଯେତେ ଆସୁ ତୋ ଜୀବନେ
ପସରା ତିଳେକ ନ ରଖ ତୁ ମନେ
ଦିଅରେ ଅଜାଡି ସବୁ ତା ଚରଣେ ନୁଆଁଇ ନିତି ତୋ ମାଥ ।୧।

ପାଶୋରି ଦିଅ ତୁ ଆଖିର ପଲକ
ରବିରେ ଶଶୀରେ ହେର ତା ଝଲକ
ଚାନ୍ଦ ମୁଖେ ତାର ଭରିଛି ପୁଲକ ଉଚ୍ଛୁଳାଇ ଦେବ ଚିତ୍ତ ।୨।

ଡାକି ଧର ରଂଗ ଚରଣ ଯୁଗଳ
ଡାକି ନାମ ମାଗ କରୁଣା କେବଳ
ଫାଙ୍କି ଆନ ଯେତେ ଦିଶେ ଝଲମଲ ଭାଇ ବନ୍ଧୁ ଦାରା ସୁତ ।୩।

ଆଖିରେ ତାର ତୁ ମିଶାଇ ଦେ ଆଖି
ସପନ ଚେତନ ସବୁରି ସେ ସାକ୍ଷୀ
ଯିବାବେଳେ ଉଡି ତୋର ପ୍ରାଣପକ୍ଷୀ ମଣାଇ ନେବ ସେ ପଥ ।୪।

## ଏ ବିଶ୍ୱ ସଂସାର ଯା'ର ଚରଣେ ଆଶ୍ରିତ

ଏ ବିଶ୍ୱ ସଂସାର ଯା'ର ଚରଣେ ଆଶ୍ରିତ
ଆଶ୍ରିତମାନଙ୍କଯେହୁ ବରାଭୟ ହସ୍ତ
ସେହି ଶ୍ରୀଗୁରୁ ଚରଣ
ବନ୍ଦନା କରୁଛୁ ଆମେ ଦୀନ ଭକ୍ତଗଣ ।୧।

ପରମବ୍ରହ୍ମ ରୂପରେ ନିତ୍ୟ ବିରାଜିତ
ମନ ବୁଦ୍ଧି ଇନ୍ଦ୍ରିୟର ଯେ ଅଟେ ଅତୀତ
ସେହି ଶ୍ରୀଗୁରୁ ଚରଣ
ବନ୍ଦନା କରୁଛୁ ଆମେ ଦୀନ ଭକ୍ତଗଣ ।୨।

ଜ୍ଞାନପ୍ରେମଘନର ଯେ ଅଟନ୍ତି ମୂରତି
ସଦ୍‌ଗୁରୁ ରୂପରେ ଜୀବେ ଦିଅନ୍ତି ମୁକତି
ସେହି ଶ୍ରୀଗୁରୁ ଚରଣ
ବନ୍ଦନା କରୁଛୁ ଆମେ ଦୀନ ଭକ୍ତଗଣ ।୩।

## ଏ ମନ ଭାବେ କେତେ

ଏ ମନ ଭାବେ କେତେ
କାହିଁ ଭାସି ଭାସି ଯାଉଛି ସତେ ରେ ।୦।

କାଳ-ପାରାବାର କାହିଁ କେତେ ଦୂର
ଆଦି ଅନ୍ତ ସୀମା ନାହିଁ ଯାହାର
ଭାସେ ତହିଁ ଏକା ଜୀବନ ନଉକା
ଅନ୍ତିମ ମିଳନେ ମତି ଆତୁର ସେ
ବାଧା ବନ୍ଧନ
ତୁଚ୍ଛ ଏ ମାନ
ଧାଏଁ ଅନ୍ଧକାର ବିଜନ ପଥେ ସେ
ଅନନ୍ତ ରେ ଅନ୍ତ ହେବ କେମନ୍ତ ସେ ।୧।

ସେହି ଯେ ମୋହର  ଅତି ଆପଣାର
ପରାପର ତିଳେ ନାହିଁ ବିଚାର
ଅଥଳ ସାଗରେ ନାଆ ଗଲାବେଳେ
ଆଖି ମାରି ଚାହେଁ ଥରକୁ ଥର ସେ
ବିଦ୍ୟୁ ଝଲକେ ଆଖି ପଲକେ
ରାହା ତ ବତାଏ ଅକୂଳ ପଥେ ସେ
ଅଛି ମୁହିଁ ବୋଲି ଦେଇ ସଙ୍କେତ ସେ ।୨।

ଅବ୍ୟୟ ଅରୂପ  ସେ ଯେ ବିଶ୍ୱରୂପ
ଅଜର ଅମର ଚିର ସୁନ୍ଦର
ତାହାର ତୁଳନା  ସେହି ଏକା ସିନା
ସବୁ କଳପନା  ମାନ ର ହାର ସେ
ଗୁରୁ ପଦରେ
ଅମୃତ ଝରେ
ଲୋଡେ ନିତି ମତି  ଥିବି ତା ସାଥେ ମୁଁ
ପାଦ ଧୂଳି ଝରୁଥିବ ମୋ ମାଥେ ରେ ।୩।

## ଏ ମର ସଂସାରେ ମନ କେହି ନୁହେଁ କାର

ଏ ମର ସଂସାରେ ମନ କେହି ନୁହେଁ କା'ର
'ଜୟଗୁରୁ' ନାମ ଏକା ସାଥୀ ବନ୍ଧୁ ତୋର ।୦।

ତିନି ଭୁବନେ ସେ ନାମ ସାଧନାର ଧନ ରେ
ତା' ବିନା ମୁକତି ପଥ ନାହିଁ ନାହିଁ ଆନ ରେ
ସଂସାର ମାୟାରେ ବୁଡି ନ ହୁଅ ବିଭୋର ।୧।

ଅନା ଅନା ଭବ-ନଈ କେତେ ଖରେ ବହେ ରେ
ଅସାର ସଂସାର କଥା କହି କହି ଯାଏ ରେ
ଦି'ଦିନିଆ ଦୁନିଆରେ ଗୁରୁ ନାମ ସାର ।୨।

ଅନ୍ଧ ଏ ନୟନ କିଛି ଦେଖି ପାରେ ନାହିଁ ରେ
କାଳ ଆସେ, ଚାଲିଯାଏ କୋଟି ପ୍ରାଣ ନେଇ ରେ
ଏ ଜଗତେ ଆଜି କଥା କାଲିକି ଅନ୍ତର ।୩।

ବାଉଳା ନ ହୁଅ ଆଉ, ଗୁରୁ ନାମ ଜପ ରେ
ସରିଯିବ ଜୀବନର ସବୁ ଦୁଃଖ ତାପ ରେ
ପାର କରି ଦେବେ ଗୁରୁ ଭବ-ନଈ ଧାର ।୪।

## ଏ ସଂସାର ରଙ୍ଗମଞ୍ଚେ କରିବାକୁ ଅଭିନୟ

ଏ ସଂସାର ରଙ୍ଗମଞ୍ଚେ କରିବାକୁ ଅଭିନୟ
ତୁମ ଆଜ୍ଞା ଶିରେ ଘେନି ଆସିଛି ମୁଁ ଦୟାମୟ ।୦।

ସ୍ୱରୂପ ଘୋଡାଇ ମୋର ତୁମ ଦିଆ ଆବରଣେ
ସବୁ ତ ଯାଇଛି ଭୁଲି କିଛି ଆଉ ନାହିଁ ମନେ
ବିତିଲାଣି କେତେ ଜନ୍ମ ଜାଣିବି କିପରି କୁହ ? ।୧।

ପୂରୁବ ତପସ୍ୟା ଅବା କେଉଁ ଜନ୍ମ ପୁଣ୍ୟଫଳେ
ଲଭିଛି ମାନବ ଜନ୍ମ ତୁମରି କରୁଣା ବଳେ
ଚିହ୍ନିଲି ତୁମର ବୋଲି ଦେଲ ଯେବେ ପରିଚୟ ।୨।

ତୁମରି ନିର୍ଦ୍ଦେଶ ମାନି ଏ ଜନମେ ଯାହା ମୁହିଁ
କରିଗଲି କରୁଅଛି ଭଲ ଭେଲ ବୁଝ ସାଇଁ
ଯାହା ମୋର ପ୍ରାପ୍ୟ ପ୍ରଭୁ ! କେବଳ ସେତିକି ଦିଅ ।୩।

ଚାଲିଛି ଲୀଳା ନାଟକ ଭବରଙ୍ଗଭୂମି ପରେ
ତୁମରି ରଚନା ଏ ତ ତୁମ ନିରିଦେଶେ ଚାଲେ
ତୁମକୁ ନ ଦେଖେ କେହି ଅନ୍ତରାଳେ ତୁମେ ଥାଅ ।୪।

କରୁ କରୁ ଅଭିନୟ ତୁମକୁ ଯେ ପାରେ ଚିହ୍ନି
ସେ ଜାଣେ ତା ଅଭିନୟ ସରି ସରି ଆସିଲାଣି
ତୁମେ ତାର ଆବରଣ ଖୋଲିଦେବ ଲୀଳାମୟ ।୫।

ଏହି ନିବେଦନ ମୋର ଘେନାକର ଭାବଗ୍ରାହୀ
ତୁମରି ଏ ଯନ୍ତ୍ର ରହୁ ଲୀଳା ସହଚର ହୋଇ
ଜନମ ଜନମ ବିତୁ, ସେ ପାଇଁ ନ ପାଏ ଭୟ ।୬।

## ଏଇ ଜୀବନେ ଠାକୁର ତୁମେ ଏକା ନିଜର

ଏଇ ଜୀବନେ ଠାକୁର ତୁମେ ଏକା ନିଜର
ତୁମେ ମୋ ଆଶା ସାହା ଭରସା ଦୟାସାଗର ।୦।

ତୁମେ ମୋ ମାତା ତୁମେ ମୋ ପିତା
ତୁମେ ମୋ ବନ୍ଧୁ ଭାଇ
ତୁମରି ସ୍ନେହ ଶରଧା ସତେ
ତୁଳନା ତା'ର ନାହିଁ
ହେ ବିଶ୍ୱପତି ! ତୁମେ ମୋ ସାଥୀ ଜନ୍ମଜନ୍ମର ।୧।

ଅନ୍ତରଯାମୀ ଅନ୍ତର କଥା
ସବୁ ତ ଜାଣୁଅଛ
କେବେ ନିଜର ପାରିନି କରି
ତୁମେ ତ କରିଅଛ
ଭୁଲାଏ ମୋତେ ମାୟା ସଂସାର ନିଶିବାସର ।୨।

ଆଖିରୁ ଲୁହ ଝରଇ ଯେବେ
ସଂସାର କଥା ନେଇ
କାନ୍ଦନା ଧନ ! ମୁଁ ପରା ଅଛି
କୁହ ତ ବୋଧ ଦେଇ
ପିନ୍ଧା-ପଣତେ ପୋଛି ତ ଦିଅ ଲୁହ ମୋହର ।୩।

ଏତିକି ଅଳି ପାଦରେ ତୁମ
କରୁଣା ଟିକେ ହେଉ
ସଞ୍ଜ ସକାଳେ ତୁମରି ପାଶେ
ମନ ମୋହର ଥାଉ
ସେବି ମୋ ଧନ୍ୟ ହେଉ ଜୀବନ ରଙ୍ଗ ପୟର ।୪।

## ଏଇ ତ ସଂସାର ଏଇ ତ ସଂସାର

ଏଇ ତ ସଂସାର ଏଇ ତ ସଂସାର
ଆଜି କଥା କାଲିକି ଅନ୍ତର
ଜୀବ ଗଲେ ନିଜ ଲୋକ ହେବେ ସାତ ପର ।୦।

ମରଣ ବେଳାରେ ଥାଉ ଏତିକି ଅଜ୍ଞାନ
ମାୟା ମୋହ ଆସକ୍ତିରେ ଦେଖୁଛୁ ସପନ
ସମୟର ଆଖିଠାର ବେଳ ଥାଉ ହେଜ କର
ପଞ୍ଚସଖା ହେବା ପାଇଁ ଶ୍ରୀଗୁରୁ ସୁମର ।୧।

ଦାରା ପୁତ୍ର ବନ୍ଧୁ ସଖା କେ ନୁହେଁ କାହାର
ସ୍ୱାର୍ଥ ପାଇଁ ବନ୍ଧା ସବୁ ମିଛେ ଆପଣାର
ପଛେ ଗୋଡାଇ ଥାଉ ସ୍ୱରୂପ ଜାଣିବା ହେଉ
ମରିଚୀକାର ସନ୍ଧାନ ଅଟଇ ଅସାର ।୨।

ଇନ୍ଦ୍ରିୟ କବଳୁ ଯେବେ ପାଇବୁ ନିସ୍ତାର
ଆତ୍ମ ସମର୍ପଣ କର ଶ୍ରୀଗୁରୁ ପୟର
ଅହେତୁକ କୃପାମୟ ଦେବେବେରେ ତୋତେ ଅଭୟ
ତାଙ୍କ କୃପାରୁ ଖୋଲିବ ମୁକ୍ତିର ଦୁଆର ।୩।

## ଏଇ ପରା ସେଇ ଦୟାନିଧି ସଙ୍ଗୀତ

ଏଇ ପରା ସେଇ ଦୟାନିଧି ସଙ୍ଗୀତ
ଏଇ ସେଇ ଦୟାନିଧି
ସୁରଙ୍ଗ କମଳ ଚରଣଯୁଗଳ
ହେରୁଥାଆ ନିରବଧି – ସଙ୍ଗୀତ ।୦।

ଅରୂପ ସ୍ୱରୂପ ସେ ଯେ ବିଶ୍ୱରୂପ
ବନ୍ଦେ ଭୁବନାତ୍ମଜ ତପୋନିଧି
ଜୀବ ଉଦ୍ଧାରଣ ଭକତ ତାରଣ
କାରଣେ ଜନ୍ମିଲେ କୃପା-ବାରିଧି ।୧।

ବ୍ରହ୍ମାନନ୍ଦ ଗିରି ଗିରିନ୍ଦ୍ର ତନୟା
ପୂର୍ବଜନ୍ମେ ବାଞ୍ଛିତ ବକ୍ତାମୃତ
ପୂର୍ଣ୍ଣ କଲେ ସତ୍ୟ ସ୍ୱୟଂ ଜଗନ୍ନାତ
ସଂସାର ପାଶେ ରଖିଥିଲେ ବାନ୍ଧି ।୨।

ଶଇଶବ କାଳେ ମାତାଙ୍କ ଆଦେଶେ
ଚଣ୍ଡୀ ମଣ୍ଡପରେ ଜଳାନ୍ତେ ଦୀପ
ପ୍ରକଟ ହୋଇଲେ ମାତା ଦଶଭୁଜା
ଭୟେ ଥରୁଥିଲେ ସେ କାନ୍ଦି କାନ୍ଦି ।୩।

କ୍ରମେ ତତ୍ତ୍ୱ ଜ୍ଞାନ ଯୋଗ ପ୍ରେମ ସାଧି
ସିଦ୍ଧ ଋଷି ଶିବ ସ୍ୱରୂପ ହେଲେ
ଜୀବରେ ଶିବତ୍ୱ ଦେଖି ଚମକୃତ
ହେଲେ ମାତା ଭଗବତୀ-ସଙ୍ଗୀତ
ପୟରେ ପଡିଲେ ଲୋଟି ।୪।

ଶ୍ରୀମୁଖ ମାଧୁରୀ ହେରି ନେତ୍ର ଭରି
ଧନ୍ୟ ହୋଇବି ଥିଲି ଆଶା ବାନ୍ଧି
ଭାଙ୍ଗିଲା ମୋ ଆଶା ବଢିଲା ପିପାସା
ଆଖି ପଲକ ହେଲା ପ୍ରତିଦ୍ୱନ୍ଦ୍ୱୀ ।୫।

ଲୀଳାମୟଙ୍କର ଅପ୍ରାକୃତ ଲୀଳା
କହ କେ ସହଜେ ପାରିବ ବୁଝି
ସେ ସିନା ବୁଝିବ ଏ ପରମ ଲୀଳା
ମରମେ ତାଙ୍କୁ ଯେ ରଖିଛି ବାନ୍ଧି ।୬।

## ଏଇ ମୋ ମନର ଆଶା

ଏଇ ମୋ ମନର ଆଶା ଦୀନବନ୍ଧୁ
ଶୟନେ ସ୍ୱପନେ ଘୁମେ ଜାଗରଣେ
ସାରା ଜୀବନର ସୋହାଗ ସରାଗ
ଢାଳିଦିଏ ସବୁ ଏଇ ଶ୍ରୀଚରଣେ ।୦।

ଯେତେକ ଅଛି ମୋ କଣ୍ଠର ସୁର
ଭରୁ ସବୁ ତୁମ କର୍ଣ୍ଣ କୁହର
ସଙ୍ଗୀତ ମୋର ଇଙ୍ଗିତ ପାଉ
ତୁମ ରୂପ ଗୁଣ ଗାନେ ଦୀନବନ୍ଧୁ ।୧।

କାନ ଶୁଣୁ ତୁମ ଚରଣ ନୂପୁର
ରୁମୁଝୁମୁ ରୁମୁଝୁମୁ ଝୁମୁ ସ୍ୱର
ପାଦ ମୋର ଚିର ଅନୁସରୁ ଥାଉ
ତୁମ ଚଲାପଥ ଯେଣେ ଦୀନବନ୍ଧୁ ।୨।

ବାରଦୁଆରିଆ ଭିଖମଗା ଝୁଲି
ଚିରଦିନ ଲାଗି ହୋଇଥାଉ ଖାଲି
ଥାଳମୋର ପୂରି ଯାଉ ଏ ଥରକ
ତୁମରି କରୁଣା ଦାନେ ଦୀନବନ୍ଧୁ ।୩।

## ଏଇ ବାଂଶୋରୀବାଲା ମୋତେ ବାଉଳା କଲା

ଏଇ ବାଂଶୋରୀବାଲା ମୋତେ ବାଉଳା କଲା
ତା ସୁର ମଧୁରେ ମତି ଭିଜାଇ ଦେଲା ।୦।

ଏଇ ଜଣକ ମୋର ଚିତ୍ତ ଚୋରା ନାଗର
ତାହାରି ଲାଗି ଖାଲି ନିଦ ସପନ ଭୁଲି
ଦିବସ ରଜନୀ ମୋର ସମାନ ହେଲା ।୧।

ସେ ଦିନ ସଂଜବେଳେ ପ୍ରେମ ଯମୁନା କୂଳେ
ବୁକୁରେ ବୁକୁ ଥାପି ଜୀବନ ଦେଲି ବିକି
ସୋହାଗ ସାଗରେ ମୋତେ ହଜାଇ ଦେଲା ।୨।

ଏ ଗୁଣମଣି ମୋତେ ବାନ୍ଧି ରଖିଲା ଚିତ୍ତେ
କୋଟି ସରଗ ସୁଖ ଦେଲା ଏ ପଦ୍ମମୁଖ
ଜୀବନ ଜଂଜାଳ ସବୁ ଛଡାଇ ନେଲା ।୩।

## ଏଇ ଶପଥ ମୁଁ ନେଲି

ଏଇ ଶପଥ ମୁଁ ନେଲି
ସେଦିନ ମାଗିବି କ୍ଷମା, ପାରିବି ମୁଁ
ଯେବେ 'ତୁମେ  ମୋର' ବୋଲି ।୦।

ଅଳି କରିବାର ସାଜେ ସିନା ଏକା ଆପଣା ଜନ ପାଶରେ
ମୁଖ ଫିଟିବ  କି ଯେତେ ଦୁଃଖୀ ହେଲେ, ଥାଏ ଯେବେ ଦୂରେ ଦୂରେ
ନଉକରପଣେ ସିଉକାର ମିଳୁ, ଏତିକି ମିନତି କଲି ।୧।

ଜାଣି ବା ନ ଜାଣି, ବୁଝି ବା ନ ବୁଝି, ଆବରିଛି ଯେତେ ଦୋଷ
ଜଣାଇବାକୁ ତ' ଛାତିରେ ମୋହରବଳ ପାଉନାହିଁ ଲେଶ
କ୍ଷମା ଆଉ ସତେ ମାଗିବି କିପରି, ଶଙ୍କି ନିଶିଦିନ ମଲି ।୨।

ନାଗରା ବାଜୁଛି ତୁମେ ତ' ଅକୂଳ କ୍ଷମା-ପାରାବାର-ପତି
ଅପରାଧ ମୋର ସୀମା ନାହିଁ ବୋଲି, ବାରୁଛି ମୁଁ ନିତି ନିତି
ଅଧମଜନରେ ତୁମ ବିନେ ଆଉ ଶମିବ କିଏ କିପରି ? ।୩।

ଦଣ୍ଡିବା ଶକତି ଯାର ଥାଇ ପରା, ସେ ପୁଣି କ୍ଷମା ଆଚରେ
ମିଛ କି ଏ କଥା କହ କୃପାନିଧି ! ଅନାଇଁ ଅଧମେ ଥରେ
କୋଟି ଅପରାଧ କ୍ଷମାକର ନାଥ ! ଚରଣେ ଶରଣ ଗଲି ।୪।

## ଏଇ ସଂସାରେ ଏଇ ଭଙ୍ଗା ଘରେ

ଏଇ ସଂସାରେ ଏଇ ଭଙ୍ଗା ଘରେ
ମାଟିର ଦୀପାଳି ଜଳେ
ଆଖିର ଲୁହରେ ମାଟିର ମଣିଷ
ତୁମ ଅରଚନା କରେ ।୦।

ମଳିନ ମାଟିର ଏଇ ମଣିଷ ପାଇଁ
ଆସିଛ ଠାକୁର କେତେ କରୁଣା ନେଇ
ଭଗବାନ ହୋଇ ବସିଛ ମୋ ଲାଗି
ଧୂଳିର ଧରଣୀ ପରେ ।୧।

ନ ଥିଲା ସଂସାରେ ଯାହା ଥିଲା ମୁଁ ଦେଲି
ରୁଷିବ ନାହିଁ ଦେବତା ଅଳପ ବୋଲି
ଗିରି ଶିରେ ଚାହାଁ ବୁଡି ଆସେ ବେଳ
ଜୀବନ ବାରୁଣୀ ତୀରେ ।୨।

ଆସିଥିଲି ତବ ଶୁଭ କରମ କରି
ଗଲା ବେଳେ ଯିବି ତୁମ ଚରଣ ଧରି
ତୁମେ ଚଉବାହା ହେବନି କି ସାହା
ଭବ-ପାରାବାର ନୀରେ ।୩।

## ଏକ ଲକ୍ଷ୍ୟେ ଏକ ବାକ୍ୟେ

ଏକ ଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ !
ଧନ୍ୟ ହୁଅ ମୃତ୍ୟୁ ଜିଣା ମହାମନ୍ତ୍ର ଧ୍ୟାୟି, 'ଜୟଗୁରୁ' ଜୟ ଗାଇ ।୦।

ଜୀବନର ଯେତେ କାଳ ଗଲା ହସି ଖେଳି
କର୍ମ ହେଲା ଶେଷ ଆସ, ଆସ ବେଗେ ଚଳି, ସର୍ବେ ଏକ ଇଛା ଧରି ।୧।

ନୁହଁ କେହି ପାପୀ ତାପୀ, ସର୍ବେ ଭାଗ୍ୟବାନ
ଦେଉଛନ୍ତି ଡାକ, ଉଠ, ଜାଗ ଭଗବାନ, ଜାଗ ଅମୃତ ସନ୍ତାନ ।୨।

ନୟନେ ଲୋତକ ଭର, ଅନ୍ତରେ ଭକତି
ହାତେ ଅଶିଥିଳ ମୁଷ୍ଟି, ବାହୁରେ ଶକତି, ଧର ବଜ୍ର ଦୃଢ ମତି ।୩।

ବହୁମୂଲ୍ୟ ଉପଚାରେ ନାହିଁ ପ୍ରୟୋଜନ
ଥିଲେ ଆଣ ଦୁଃଖୀ ପାଇଁ ହୃଦେ ଏକ କୋଣ, ଥିଲେ ତିଳେ ହେଲେ ସ୍ଥାନ ।୪।

ନିଜେ ଅରଜିବା ଦ୍ରବ୍ୟେ କର ଅରଚନା
କଣ୍ଟା କି କୁସୁମ ହେଉ ନ କର ଶୋଚନା, ଖାଣ୍ଟି ହେଲେ ନାହିଁ ମନା ।୫।

ଅଛି ଯେବେ ତପ୍ତ ରକ୍ତ, କି ସମବେଦନା
ଆସ ଧରି ଯିବା କରି ସଂଗ୍ରାମ ସାଧନା, ଏହି ଚରମ ସାଧନା ।୬।

ନାହିଁ ପରାଜୟ ଏଥି, ନାହିଁ ଅପମାନ
ଅଜେୟ ଅସ୍ତ୍ର ଧାରଣେ ହୁଅ ଆଗୁଆନ, ତ୍ରିଭୁବନେ ବଳବାନ ।୭।

ଏକ ମନେ ଚାଲ, ଭୟ ହୋଇବ ଖଣ୍ଡିତ
ବିଜୟ ଗୌରବେ ପଥ ହେଲାଣି ମଣ୍ଡିତ, ଗାଅ ବିଜୟ ସଙ୍ଗୀତ ।୮।

## ଏତିକି ମାଗୁଣି ଖାଲି

ଏତିକି ମାଗୁଣି ଖାଲି
ଘୁମର ଅମଳ ତୁଟାଇ ଦିଅ ହେ ଚାହିଁବି ନୟନ ମେଲି ।୦।

ପିତା ପରା ତୁମେ ନ ହୁଅ ନିଠୁର
ଭେଟିବି ବୋଲି ମୋ ଅନ୍ତର ଆକୁଳ
ଆଶିଷ ତୁମର ପାଉଛି ନିରତ ଖୋଜେ କାହିଁ ତୁମେ ବୋଲି ।୧।

ରହି ଦୂରେ ଦୂରେ ଅଗୋଚରେ କାହିଁ
ସୁଖ ଦୁଃଖ ଭଲ ମନ୍ଦ ବୁଝ ସାଇଁ
ଦେଖି ତ ନ ପାରେ ଆଖିରେ ମୋହର ଭରିଛି ମୋହର ବାଲି ।୨।

ଏ କି ଜାତି ପ୍ରେମ ବୁଝି ତ ନ ପାରେ
କଳନାକୁ ଜ୍ଞାନ ବୁଦ୍ଧି ମତି ହାରେ
ଛଳନା ନ କର କରୁଣାମୟ ହେ ଝୁରି ଝୁରି ନିତି ମଲି ।୩।

## ଏତିକି ମାଗୁଣି ମୋର ହେ ପ୍ରାଣଠାକୁର

ଏତିକି ମାଗୁଣି ମୋର ହେ ପ୍ରାଣଠାକୁର !
ତୁମ ପଦ ଧ୍ୟାୟି ଧ୍ୟାୟି ଯାଉ ପ୍ରାଣ ମୋର ।୦।

ତୁମ କଥା ହେଜି ହେଜି
ତୁମ ନାମ ଭଜି ଭଜି
ଏ ସଂସାର-ଯାତ୍ରା ଶେଷ ହେଉ ଜୀବନର ।୧।

ତୁମେ ମୋ ଜୀବନ ଜ୍ୟୋତି
ତୁମେ ମୋ ପରାଣ ପତି
ତୁମେ ତ କାଣ୍ଡାରୀ କର ଭବ-ନଦୀ ପାର ।୨।

ମହିମା ତୁମର ଗୁଣି
ତୁମ ଉପଦେଶ ଶୁଣି
ଦୁଃଖ-ସାଗରେ ଥିଲେ ବି ଆନନ୍ଦେ ହେବି ବିଭୋର ।୩।

ଆହେ ଗୁରୁଦେବ ଶ୍ରେଷ୍ଠ
ତୁମେ ତ ମୋ ଗୁରୁ ଇଷ୍ଟ
କୃପା କରି ଦିଅ ପଦସେବା ଅଧିକାର ।୪।

## ଏତେ ଦିନେ କିହେ ପ୍ରିୟ

ଏତେ ଦିନେ କିହେ ପ୍ରିୟ ! ପଡିଲା ମନେ
କେତେ ଭାଗ୍ୟ ସତେ ଆମ ଆଜି ଜୀବନେ ।୦।

ଦୂରେ ଦୂରେ ଥିଲ କାହିଁ କେଉଁ ଦେଶେ ଭାବଗ୍ରାହୀ
ଏବେ ପଡିଲା କି ଆମ ଡାକ ଶ୍ରବଣେ ।୧।

ତୁମ ପାଇଁ କେତେ ପରା ବହିଛି ଲୋତକ ଧାରା
ବୁଝିଲୁ ପାରିଛ ବାରି ଶେଷରେ ଦିନେ ।୨।

ଅନ୍ତର ଦେବତା ତୁମେ ବିଜେ ହେ ଆନନ୍ଦଧାମେ
ଗୋଟି ଗୋଟି ମନ କଥା କହିବୁ କାନେ ।୩।

ରଖିଛୁ ନୟନ ଭରି ମରମ ଉଛୁଳା ବାରି
ଧୋଇଦେବୁ ଆଜି ନାଥ ଢାଳି ଚରଣେ ।୪।

ସୁନ୍ଦର ଏ ଲୀଳା ଦେଖି ହେଉ ସତେ କେତେ ସୁଖୀ
ତୁମ ଛବି ହେରୁ ଆଜି ପ୍ରତି ନୟନେ ।୫।

କୋଟି କୋଟି ପଣିପାତ ଘେନା କର ପ୍ରାଣନାଥ
ମାଗୁଣି ଚରଣେ ଆମ ଏ ଶୁଭ ଦିନେ ।୬।

## ଏତେ ଦିନେ କିହେ ବନ୍ଧୁ

ଏତେ ଦିନେ କିହେ ବନ୍ଧୁ! ପଡିଲା ମନେ
ଛଳଛଳ ନୀର କିପାଁ କମ ନୟନେ? ।୦।
ଗୋପନ ମରମ ତଳେ
ସପନ ବେଦନା ଖେଳେ
ମଣିଥିଲି ସେ ଏକା ମୋ ସାଥି ଜୀବନେ;
କାନ୍ଦିଛି କେତେ ମୁଁ ସତେ
ବନ୍ଦି ମୁଁ କହିଛି କେତେ
ନାଶ ମୋ ବିରହଜ୍ୱାଳା, ଆସ ସଦନେ ।୧।
ଦୂରେ ଦୂରେ ଥାଅ ରହି
ଡାକିଲେ ଉତ୍ତର ନାହିଁ
ଏବେ ପଡିଲା କି ମୋର ଡାକ ଶ୍ରବଣେ ?
ନୀର ଆଖି ତଳେ ମୋର
ଧରା ପଡିଛ ଏଥର
ଆଉ କାହିଁ ପଳାଇବ କହ ବଦନେ ? ।୨।
ଆତୁର ମୋ ଲାଗି ପରା
ବହେ ତ ଲୋତକ ଧାରା
ବୁଝିଲି, ପାରିଛ ବାରି ମୋର ମରମେ ।୩।
ସତ କହ ହେ ଠାକୁର
ଆଉ ନ କରିବ ପର
ଠାବ ଦେବ ନିରବଧି ରଙ୍ଗ ଚରଣେ,
ଜନମେ ଜନମେ ଥିବ ସାଥି ଜୀବନେ ।୪।

## ଏମିତି ଜଣେ ସାରା ଜଗତେ

ଏମିତି ଜଣେ ସାରା ଜଗତେ ପାଇବା ନାହିଁ କାହିଁ ରେ
ଆମ ଦୁଃଖ ରେ ତାପରି ଦୁଃଖୀ ଆଉ କେ ନାହିଁ ନାହିଁ ରେ ।୦।

ପଥ ଅନେକ ବହୁତ ଦୂର
ଦେଖିଲା ତା' ର ଆଖି
ଅରମା ବୋଲି ବାଟ ଉଗାଳି
ବୁକୁ ରେ ନେଲା ଡାକି
କହିଲା କାନେ ଧୀର ବଚନେ, 'ଟିକିଏ ସୁଖ ପାଅ ରେ,
ସେବକ-ପଣେ ଜୀବନ-ରଣେ ଧନ୍ୟ ହୋଇ ଯିବୁରେ ।୧।

ଭକତ ତାର ଗଳା ର ମାଳି
ଭକତ ଭଗବାନ
ଭକତ ବିନୁ ସନ୍ନ୍ୟାସୀ ଟିଏ
ସମ୍ବଳ କଉପୀନ
ଭକତ ସାଥେ ନରକ ପଥେ ଯିବାକୁ ବାଟ ଚାହିଁ ରେ
ଭକତ ହିତ ସାଧନେ ରତ ନିଜକୁ ଭୁଲି ଯାଇ ରେ ।୨।

ହୃଦୟ ଭରା ପୀରତି ତାର
ମମତା ମଧୁଝରା
ଆଶିଷ ତାର ସେନେହ ମଖା
ବଚନ ଅପାସୋରା
କରୁଣା ଭରା ନୟନ ଝରା ଚାହାଣି ଛୁଇଁ ଛୁଇଁ ରେ
ମନ ଗହନ ଯୁଗ ସପନ ଜାଗଇ ଚେଇଁ ଚେଇଁ ରେ ।୩।

ସଞ୍ଜ ସକାଳେ ନାହିଁ ଦେଖିଲେ
ଅଧୀର ତାର ମନ
ଅଳି ଅଝଟ ନାହିଁ ଶୁଣିଲେ
ବିକଳ ତାର ପ୍ରାଣ
ପରାଣ ଭରି ଆନନ୍ଦ ଶିରୀ ଦେବାକୁ ଅଛି ରହି ରେ
ଦୁଃଖର ସାଥୀ ସୁଖର ସାଥୀ ଜୀବନ-ସାଥୀ ହୋଇ ରେ ।୪।

## କଣ୍ଟକମୟ ଜୀବନ-ପଥରେ ମିନତି

କଣ୍ଟକମୟ ଜୀବନ-ପଥରେ ମିନତି ମୋ ଘେନ ପ୍ରିୟ
ତୁମେ ହାତ ଧରି ନିଅ ।୦।

ଶୋକେ ବା ଆନନ୍ଦେ ଆଶା ନିରାଶାରେ
ତୁମେ ପାଶେ ଅଛ ଅତି ନିକଟରେ
ଜାଣଇ ସେ କଥା ଆହେ ଜ୍ଞାନଦାତା
ତୁମେ ପାଶେ ପାଶେ ଥାଅ ତୁମେ ହାତ ଧରି ନିଅ ।୧।

ମୋ ସଂଶୟେ ଯେବେ ହେ ମଙ୍ଗଳମୟ !
ନାମ ଭୁଲି ମନ ହୁଅଇ ଅଥୟ
ପାସୋରା ମନକୁ ସ୍ନେହ ଡୋରେ ବାନ୍ଧି
ତୁମେ ଅପାସୋରା ହୁଅ ତୁମେ ହାତ ଧରି ନିଅ ।୨।

ଆତ୍ମ ସ୍ୱାର୍ଥ ରକ୍ଷା ଲାଗି ଯେବେ ମନ
ଆନ ପ୍ରାଣେ କଷ୍ଟ ଦିଏ ଅନୁକ୍ଷଣ
ଟାଣେ ବାନ୍ଧି ତାକୁ ମଣ କରି ନିଅ
ଦାସ-ସାଜ ତାକୁ ଦିଅ ତୁମେ ପାଶେ ପାଶେ ଥାଅ ।୩।

ଅବଶ ତନୁର ଘୁମ ଘେରା ଆଖି
ଶେଷ ଶୟନରେ ହାତ ଦେଲେ ଟେକି
ଆହେ ଚିତ୍ତଚୋର କରୁଣା ସାଗର !
ହାତ ଧରି ସାଥେ ନିଅ ହେ ପ୍ରିୟ ଆନନ୍ଦମୟ ! ।୪।

## କଣ୍ଠ ଭରି ତୁ କର

କଣ୍ଠ ଭରି ତୁ କର ଗୁରୁନାମ ଗାୟନ
ଭୂମାନନ୍ଦ ରସ ପାନ କରୁଥା ରେ ମନ ।୦।

ବାଇମନ ! ନିରବଧି ଗୁରୁନାମ ଗାଅ ରେ
ଜଗତ-ଜଞ୍ଜାଳୁ ତୁହି ଗତି, ମୁକ୍ତି ପାଅ ରେ
ପୂରିବ ମନକାମନା, ଜୀବ ହେବ ଧନ୍ୟ ରେ ।୧।

ନାହିଁ ନାହିଁ ଏ ଜଗତେ ଦୟାମୟ ଆନ ରେ
ଗୁରୁ ବିନେ ନ ହୋଇବେ କେହି ନିଜ-ଜନ ରେ
ମଧୁରୁ ମଧୁର ନାମ ଅମୃତ ସମାନ ରେ ।୨।

ଗତି, ମୁକତି-ବିଧାତା ଏକା ଗୁରୁ ନାମ ରେ
ଗୁରୁନାମ ଜପ, ତୋ ପୂରିବ ମନସ୍କାମ ରେ
ଡର ନ ଥିବ ତୋହର ଯମର ଭୁବନ ରେ ।୩।

## କଣ୍ଠେ ସେ ସୁର ଦିଅ ମା'

କଣ୍ଠେ ସେ ସୁର ଦିଅ ମା' ଦିଅ ମା' ଗାଇବି ତାଙ୍କରି ନାମ
ଝଙ୍କାର ତୋଳୁ ସେ ସୁର ଲହରୀ ମନେ ମୋ ଦିବସ ଯାମ ।୦।

ଅମୃତମୟୀ ନାମଟି ତାଙ୍କରି
ସଂପଦେ ବିପଦେ ସାହା ସେ ସବୁରି
ଦେ ମା' ଅଭୟ 'ଜୟଗୁରୁ' ଜୟ ଜପୁଥାଏ ଅବିରାମ ।୧।

ଶକତି ଦିଅ ମା' ସେବିବି ପୟର
ଭକତି ଦିଅ ମା' ଅନ୍ତରେ ମୋହର
ଅପରୂପ ରୂପ ହେରି ତାଙ୍କ ସଦା ନାଚି ଉଠୁ ପ୍ରାଣ ମନ ।୨।

ତୁହି ମା' ଅରୂପା ତୁହି ଅପରୂପା
ଜଗଜ୍ଜନନୀ ମା' ତୁହି ବିଶ୍ୱରୂପା
ବରାଭୟକରୀ ତୁହି ମା'ଶଙ୍କରୀ ପୂରାଅ ବାସନା ମମ ।୩।

## କଜ୍ଜ୍ୱଳ କାଳିଆ କାଇଁଚ ମାଳିଆ

କଜ୍ଜ୍ୱଳ କାଳିଆ କାଇଁଚ ମାଳିଆ ଚରଣକୁ ଥରେ ଚାହାଁ ରେ ଝରୁଛି
ସେ ପଦ୍ମ ମକରନ୍ଦ ମଧୁ ମନ ଭରି ପିଇ ଯାଆ ରେ |୦|

ସଜ ଫୁଟା ପଦ୍ମ ପରି ପଦ ଶୋଭା
ସୁର-ନର-ମୁନି ଜନ ମନଲୋଭା
ଶିରେ ଶିଖୀପୁଚ୍ଛ ପ୍ରଭା ବିସ୍ତାରିଛି ନିନ୍ଦେ କୋଟି ଚନ୍ଦ୍ରମାରେ |୧|

ଗଳାରେ ବୈଦୁର୍ଯ୍ୟମାଳା ସୁଶୋଭିତ
ଇନ୍ଦ୍ର ନୀଳମଣି ଜ୍ୟୋତି ବିଭାଜିତ
ମୋହନମୁରଲୀ କରେଧରି ହରିଆହା କେଡେ ସୁନ୍ଦରିଆରେ |୨|

କଟୀରେ ଶୋଭିତ ପାଟ ପୀତାମ୍ବରୀ
ମନ କର୍ଣ୍ଣବୁଡ଼ା ପୟରେ ଘାଗୁଡ଼ି
ରୁମୁ ଝୁମୁଝୁମୁ ମଧୁସୁରେ ସୁରେ ପ୍ରେମାନନ୍ଦେ ନାଚୁଥାଆରେ |୩|

ଅପୂର୍ବ ଲାବଣ୍ୟମୟ ସେ ମୂରତି
କର ଦରଶନ ଆରେ ମୂଢ଼ମତି !
ଦୃଢ଼କରି ତୋର ବିଶ୍ୱାସ ଭକତି ସେଚରଣେ ଲୋଟୁଥାଆରେ |୪|

ବ୍ରହ୍ମା ଶିବ ଯା'ରେ ନ ପାଇ ଦର୍ଶନ
ଦିବସ ଶର୍ବରୀ ଧ୍ୟାନେ ନିମଗନ
ବିରଞ୍ଚି-ବାଞ୍ଛିତ କୌରବଲାଞ୍ଛିତ ଶ୍ୟାମସୁଧାନାମ ଗାଆରେ |୫|

## କଥା ଦେଇ ଦେଉଛୁ ପାଶୋରି

କଥା ଦେଇ ଦେଉଛୁ ପାଶୋରି
ଏତେ ଭୁଲାମନ ହେଲୁ, ସତେ ତୁ କିପରି ରେ ।୦।

ଆସିବା ବେଳେ କହିଛୁ ଭୁଲି ଯିବୁ ନାହିଁ
ତୁ ତାଙ୍କ ପଦ-ସେବକ ସେ ତୋହର ସାଇଁ
ଦୁନିଆଁକୁ ଆସି, ମନୁ ଦେଲୁ ଦୂର କରି ରେ ।୧।

ଚିଦାନନ୍ଦମୟ ସେ ଯେ ନିତ୍ୟ ସନାତନ
ଗୁରୁରୂପେ ବିରାଜିତ ସେହି ଭଗବାନ
ଗତି, ମୁକତି କାରଣ, ସବୁ ସେ ତୋହରି ରେ ।୨।

ଆଶେ-ପାଶେ ଘଟେ ଘଟେ ଅଦେଖାରେ ଥାଇ
ସୁଖ, ଦୁଃଖ, ଭଲ, ଭେଲ, ସବୁ କରେ ସେହି
ନ ଖୋଜି ତାହାଙ୍କୁ ହେଉ ତୁ ବାଉଳା ପରି ରେ ।୩।

## କଦମ୍ବ ବନେ ବଂଶୀ ବାଜିଲା ରେ

କଦମ୍ବ ବନେ ବଂଶୀ ବାଜିଲା ରେ ସଜନୀ !
ଦମ୍ଭ-ଶିଖରୀଚୂଳ ଭାଜିଲା ରେ ।୦।

କି ଆଚମ୍ବିତେ ଆସି
ଗଲା ଶ୍ରୁତି ପରଶି
କୁଳ-ଧରମ-ମାନ ତେଜିଲା ରେ ।୧।

ଚିତ୍ତ ଚିର ବିକଳ
ନୟନୁ ଝରେ ଜଳ
ନାସା ତ ଅନିଳ ବରଜିଲା ରେ ।୨।

କି ସୁରେ ସେ ବଜାଏ
ମରମ ଦହିଦିଏ
ବିବେକ, ଚେତନା ତ ହଜିଲା ରେ ।୩।

ସେ ରୂପ ନ ହେରିଲେ
ଜୀବ ଥିବ କି ଭଲେ
କେ ବିଧି ତାହାରେ ସରଜିଲା ରେ ।୪।

## କଦମ୍ବ ବନେ ସେ କାଳିଆ କାହ୍ନୁ

କଦମ୍ବ ବନେ ସେ କାଳିଆ କାହ୍ନୁ
କି ମଧୁର ସ୍ୱରେ ବଜାଏ ବେଣୁ
ପତର ଗହଳେ ପ୍ରୀତି ରସିଆ
ଦେଖିଲେ ସେ ଛବି ନ ଯାଏ ମନୁ ।୦।

ରଙ୍ଗିମା ଅଧରେ ଭଙ୍ଗୀ ଦେଖାଇ
ରସିକ ନାଗର ଉଭା ଲୋ ସହି !
କେତେ ମନ ଲୋଭା ଶ୍ୟାମଳ ତନୁ
ଅଦେଖାରେ ନୀର ଝରେ ନୟନୁ ।୧।

ଫୁଲଠାରୁ ତାର କୋମଳ ଦେହ
ବଜ୍ରଠୁ କଠିନ ତାର ହୃଦୟ
କୁହୁକ ପାଠରେ ପଣ୍ଡିତ ଯେଣୁ
ଭାରି ଡର ଲାଗେ ବାଇଲେ ବେଣୁ ।୨।

(ସେ) ଭଗାରୀ ହସାର ହସ ମୁଖକୁ
ଦେଖିଛି ଯେ ଥରେ ପଚାର ତାକୁ
ବରତିଛି କି ତା ପ୍ରେମ ବନ୍ଧନୁ
ଝୁରି ଝୁରି କ୍ଷୀଣ ହୋଇଛି ତନୁ ।୩।

ଭୁଲିଛି ସହି ଲୋ ସକଳ ଆଶ
ପତି ଶାଶୁଗୃହ ସଂପଦ ବାସ
ନାଶ ଗଲେ ଯାଉ ଅସାର ତନୁ
ଅଭିଳାଷ ଶ୍ୟାମ-ଚରଣ-ରେଣୁ ।୪।

## କପାଳରେ ଦେବି ଗୋରଚନା ବିନ୍ଦୁ

କପାଳରେ ଦେବି ଗୋରଚନା ବିନ୍ଦୁ
ମଥାରେ ମୟୂର ଚୂଳ
ହୃଦୟରେ ଥିବ କୌସ୍ତୁଭ ମଣି
ରୂପ ପରମ ମଞ୍ଜୁଳ ।୦।

ବନ ଫୁଲମାଳା ଗଳେ ପିନ୍ଧାଇବି
ହୀରାନୀଳା ମୋତିମାଳ
କର୍ଣ୍ଣରେ କୁଣ୍ଡଳ କୁଞ୍ଚିତ କୁନ୍ତଳ
ଦିଶୁଅଛି ଝଲମଲ ।୧।

ପାଟ ପୀତାମ୍ବରୀ କଟିରେ ପିନ୍ଧାଇ
ହସ୍ତେ ବଳୟ କଙ୍କଣ
ଶୁଭ୍ର ଉପବୀତ ହୃଦୟେ ଲମ୍ବିତ
ଉଜ୍ଜ୍ୱଳ ଚନ୍ଦ୍ରାନନ ।୨।

ହସ୍ତେ ଧରାଇବି ମୋହନ ମୁରଲୀ
ବଜାଇବ ତୁମେ ଧୀରେ
ହୃଦ-ବୃନ୍ଦାବନେ ସେ ମଧୁର ସ୍ୱର
ବାତୁଳ କରିବ ମୋରେ ।୩।

ତ୍ରିଭଙ୍ଗ ଠାଣିରେ ଠିଆ ହୋଇଥିବ
ପାଦରେ ଥିବ ନୂପୁର
ଆହା କେତେ ଶୋଭା ରୂପ ମନଲୋଭା
ତୁମେ ହେ ଜଗଦୀଶ୍ୱର ।୪।

ଏଇ ରୂପ ମୋର ମନ ନେଉ କିଣି
ମୁଁ ଦାସ ତୁମ ପୟର
ସେବା କରୁଥିବି ସେ ରଙ୍ଗାଚରଣ
ଭୁଲି ମୁଁ ନିଶିବାସର ।୫।

## କନ୍ନଡ ସଂଗୀତ – ତନ୍ଦେ ନିନ୍ନୁ ଦୟାମୟନୁ

ତନ୍ଦେ ନିନ୍ନୁ ଦୟାମୟନୁ
ନିନ୍ନା ସ୍ତୁତି ସୁଓ୍ୱଚ୍ଛା ଭାଗ୍ୟା
ନାନାଗେ ନିନ୍ନୁ ନିଡିଦେ ।୦।

ନନ୍ନାଦୁ ମରୁଭୂମି ହୃଦୟା
ନିନ୍ନା କୃପେୟା ମଳେୟା ସୁରିସୁ
ଭକ୍ତିୟା ହୃ ଓ୍ୱାରାଳଲଲ୍ଲି
ନିନ୍ନା ପାଦ ପୂଜେଗେ ।୧।

ନିନ୍ନା ପାଦ ପଦ୍ମସଦା
ହୃଦୟଦଲ୍ଲି ନେଲେସଲି
ନନ୍ନା ଦେନ୍ନୁ ଓ୍ୱାଦେନ୍ନୁ ଇଲ୍ଲା
ୟେଲ୍ଲା ନିନ୍ନା ଦାନଓ୍ୱେ ।୨।

ଦିନାଦିନା କନ୍ନିରୁ ସୁରିସି
ନିନ୍ନା ପାଦ ତୋଳେଓ୍ୱେନୁ
ନିନ୍ନା କୃପେୟେ ନନ୍ନା ଭାଗ୍ୟା
ୟେନ୍ଦୁ ହେନ୍ମେ ପଡୁଓ୍ୱେନୁ ।୩।

## କର ମନ ନାମ-ରତନ କଣ୍ଠ ହାର

କର ମନ ନାମ-ରତନ କଣ୍ଠ ହାର
ମନ-ସୁତାରେ ଗୁନ୍ଥ ତୁ ପଦକ ତାହାର ।୦।

ଧରି ଗୁରୁ ନାମ ଗୋଟି
ସୁତା ମୂଳେ କର ଗଣ୍ଠି
ବୁକୁରେ ଦୋଳାଇ ନାଚ, ନାଚ ନିରନ୍ତର ।୧।

ଜୟଗୁରୁ ସ୍ୱର ଧର
ଗଳା ତୁ ସାଧନ କର
ଗାଇ ସେହି ନାମ, ତୋଳ ସ୍ୱରର ଝଙ୍କାର ।୨।

ଶୁଣି ତୋର ମଧୁ-କଣ୍ଠ
ଦୁଃଖ କାଟିବ ରେ ବାଟ
ଦୂରରେ ଲୁଚିବେ କାହିଁ ମୋହ, ମାୟା ଘୋର ।୩।

ଗଡିଯାଏ ପରା ଦିନ
କର ମନ, ଗଣ୍ଠି ଧନ
ଗୁରୁ ନାମ ରତ୍ନ ସଞ୍ଚି ପୁରାଅ ଅମାର ।୪।

ଏ ମର ସଂସାରେ ଭାଇ
ଆନ କେହି ସାହା ନାହିଁ
ଜ୍ଞାନ-ବତୀ ଜାଳି, ଗୁରୁ ହେବେ କର୍ଣ୍ଣଧାର ।୫।

## କରୁଣା କଣାଏ ବରଷିଲେ ପରା

କଣାଏ କରୁଣା ବରଷିଲେ ପରା
ଫୁଲି ଉଠେ ଦେହ, ମନ
ସତ୍ୟପଥରେ ପଥୁକୀ କର ହେ !
କରି ଶୁଭାଶିଷ ଦାନ
ମହାବାହୁ ! ଆଖିରେ ଦିଅ ଅଞ୍ଜନ,
ଅଜ୍ଞାନ-ସାଗର ପାର ହେବା ଲାଗି ରାହା ଦିଶୁ ଚିର ଦିନ |୧|

ଅହଂକାର ଅହି କବଳରେ ହୋଇ
ନିଶି-ଦିନ କଲବଲ
ଆପଣା ମରଣ ଆପେ ଡାକି ସିନା
ଅକାରଣ ଗଲା ବେଳ
ମହାବାହୁ ! ଉଦ୍ଧାରକାରୀ ଆପଣ,
ଅମୃତ-ରାଇଜ କାହିଁ ସେ ଦେଶର ? ବତାଇ ଦିଅ ସନ୍ଧାନ |୨|

ସେ ଅମିୟ ପାନେ ରିପୁ, ଇନ୍ଦ୍ରିୟର
କ୍ଷୁଧା, ତୃଷା ଦୂରେ ଯାଉ
ଅନ୍ତରେ ଆନନ୍ଦ-ସ୍ୱରୂପ ରୂପର
ଦିବ୍ୟ ଜ୍ୟୋତି ହସୁଥାଉ
ମହାବାହୁ ! ହୁଅ ହେ ଦେବ, ପ୍ରସନ୍ନ,
ଅମୃତମୟ ସେ କ୍ରୋଡ଼ରେ ଭରସା ଦିଅ ଭୁବନମୋହନ |୩|

## କରୁଣାମୟ ହେ କରୁଣା ସାଗର

କରୁଣାମୟ ହେ କରୁଣା ସାଗର
ଦୟାମୟ ତୁମେ ଦୟାର ସାଗର
ତୁମେ କ୍ଷମାମୟ ତୁମେ ପ୍ରାଣପ୍ରିୟ
ଅନ୍ତରଯ୍ୟାମୀ ନାଥ ମୋ ପ୍ରଣତି ନିଅ ।୦।

ତୁମେ ଦୀନବନ୍ଧୁ ତୁମେ କୃପାସିନ୍ଧୁ
ତୁମେ ଭାବଗ୍ରାହି ତୁମେ ଭକ୍ତବନ୍ଧୁ
ତୁମେ ବିଶ୍ୱପତି ଅଗତିର ଗତି
ହୃଦୟନାଥ ହେ ଘେନ ମୋ ପ୍ରଣତି ।୧।

ତୁମେ ଦାରୁବ୍ରହ୍ମ ତୁମେ ଗୁରୁବ୍ରହ୍ମ
ସର୍ବ ଦେବମୟ ତୁମେ ପରମବ୍ରହ୍ମ
ତୁମେ ନିରାକାର ତୁମେ ହି ସାକାର
ତୁମ ପାଦ ପଦ୍ମେ କୋଟି ନମସ୍କାର ।୨।

ତୁମେ ହିଁ ନିର୍ଗୁଣ ତୁମେ ହିଁ ସଗୁଣ
ତ୍ରିଗୁଣ ଅତୀତ ତୁମେ ନିସତ୍ରୟଗୁଣ୍ୟ
ତୁମେ କଳ୍ପତରୁ ତୁମେ ବିଶ୍ୱଗୁରୁ
ଅନାଥ ନାଥ ହେ ତୁମକୁ ଜୁହାରୁ ।୩।

## କରୁଣା ସାଗର ହେ ପ୍ରାଣ ଠାକୁର

କରୁଣା ସାଗର ହେ ପ୍ରାଣ ଠାକୁର
ଏତିକି କରୁଣା ହେଉ
ତୁମରି ସେବକ ପଣେ ଏ ଜୀବନ ତବ ପଦେ ଖଟୁ ଥାଉ ହେ
ପ୍ରଭୁ ନ ଲୋଡେ କିଛି ମୁଁ ଆଉ ।୦।

ଅଭାଗା ଜନରେ ଦେଇଛ ଶରଣ
କରିଛ ଜୀବନ ଧନ୍ୟ
ବାରଣ ରଷଣ ହେ ପରାଣ ଧନ
ତୁମେ ବିପଦ ଭଞ୍ଜନ
ତବ ଦୟା ଦାନ ଏ ଦିନ ପରାଣ ତୁମରି ସେବାରେ ଯାଉ ହେ
ପ୍ରଭୁ ନ ଲୋଡେ କିଛି ମୁଁ ଆଉ ।୧।

ମୋ ଅନ୍ତର କଥା ଜାଣ ବୋଲି ପ୍ରଭୁ
ତୁମେ ହେ ଅନ୍ତରଯ୍ୟାମୀ
ମୋ ଜନମ ପ୍ରଭୁ ତୁମ ସେବା ପାଇଁ
ତୁମେ ମୋ ଜୀବନ ସ୍ୱାମୀ
ତୁମ ସେବା ତୁମେ ଶିଖାଇଛ ମୋତେ ଦୟାବହି ମହାବାହୁ ହେ
ପ୍ରଭୁ ନ ଲୋଡେ କିଛି ମୁଁ ଆଉ ।୨।

ଏତିକି ମାଗୁଣି ହେ ପରାଣମଣି
ଶୁଣ ମୋ ଜୀବନ ଧନ
କିବା ଦିବା ନିଶି ଗାଇ ତୁମ ଗୁଣ
ବିତୁ ଏ ସାରା ଜୀବନ
ଜୀବ ଯିବାବେଳେ ହେ ଜୀବନସ୍ୱାମୀ ଆଖି ରୂପ ହେରୁ ଥାଉହେ
ପ୍ରଭୁ ନ ଲୋଡେ କିଛି ମୁଁ ଆଉ ।୩।

## କହ ଦୀନବନ୍ଧୁ, କି । ବନ୍ଧୁଠାରେ

କହ ଦୀନବନ୍ଧୁ, କି-। ବନ୍ଧୁଠାରେ ଏତେ ଛଳନା
ଏ ତିନି ଭୁବନେ ଶକତି କାହାର କରିବ ତୁମକୁ କଳନା ।୦।
ତୁମ ପରା ବନ୍ଧୁ ଥାଉ ଥାଉ ମୋର
ରିପୁଏ କରନ୍ତି ସଦା ହରବର
କହିବି କହିବି ଦୁଃଖ ଭାର ମୋର
ତୁମ ଆଗେ କହି ପାରେ ନା
ପ୍ରଭୁ ! ତୁମ ଦରଶନ ପାଏନା ।୧।
ବହୁଦିନେ ଭେଟ ପାଇଛି ଗୋସାଇଁ
ଭୁଲାଇବା କଥା ଭୁଲିଯାଅ ସାଇଁ
ମନଟା କହୁଛି ପାଶେ ପାଶେ ଅଛ
ମିଳନର ବେଳ ଜୁଟେନା
କି-।ଇଁ କାରଣ ପାଏନା ।୨।
ଆଉ କେତେଦିନେ ହେବି ମୁଁ ତୁମର
ବଶ ହେଲେ ନାହିଁ ରିପୁଗଣ ମୋର
ଅବଶ ହେଲାଣି ସାଧନ ଶରୀର
ପୂରାଅ ମୋ ମନ-ବାସନା
ଆଉ ମୋତେ ପର କରନା
ପ୍ରଭୁ ! ତୁମ ବିନା ଦିନ ଯାଏନା ।୩।

## କହ ବନ୍ଧୁ ! ମୋତେ ସତେ କେତେ ସୁଖ ପାଅ

କହ ବନ୍ଧୁ ! ମୋତେ ସତେ କେତେ ସୁଖ ପାଅ
କି ବୋଲି ଡାକିବି, କି ଭଳି ଡାକିବି
କାନେ କାନେ ଥରେ କହ |୦|

ଅଧମ-ମଣ୍ଡଳେ ଛତି ମୁଁ ଟେକିଛି
ଜାଣି ଜାଣି ବଣା ବାଟେ ମୁଁ ଚାଲିଛି
ହାତ ଧରି ପଥ- ମଣାଇ ନେଉଛ
କାହିଁକି ଏଡିକି ସ୍ନେହ,
ମୋ ଲାଗି କାହିଁକି କରୁଣା ଦୁଆର
ସବୁବେଳେ ମେଲି ଦିଅ |୧|

ନାରୀ ଅବା ନର ନପାରୁଛି ବାରି
ପିତା ପୁତ୍ର ଅବା କିଏ ସେ କାହାରି,
କାହିଁକି ନିରତେ ଅନ୍ଧାରେ, ଆଲୋକେ
ମୋ ଆଡକୁ ଚାହିଁ ଥାଅ ?
କାହିଁକି ଆଶିଷଧାରା ଏ ପାପୀର
ମଥା ପରେ ବରଷାଅ ? |୨|

ପାଶେ ଡାକ ମୋତେ ଯେତେ
ଦୂରେ ଘୁଞ୍ଚି ଯାଏ ତେତେ
ତେବେ କେ ତୁମର ଦୟାର ଦୁଆର
ମୁକୁଳାଇ ଦେଇ ଥାଅ,
କେତେ ଆପଣାର କର ତୁମେ ସତେ
କୋଳେ ମୋତେ ଟାଣିନିଅ |୩|

## କାଜ୍ କିରେ ତୋର ବେଦ୍-ବିଚାରେ

କାଜ କିରେ ତୋର ବେଦ ବିଚାରେ
ସକଲ ବେଦେର ସାର ଗୁରୁ ନାମ
ରାଖ ନା ହୃଦୟ ଧରେ ।୦।

ଗୁରୁ ରୁପେ ପରମ ବ୍ରହ୍ମ ମାନୁଷେର ଦେହ ଧରେ
ନିଜେର କର୍ମ ନିଯେ ଶିଖାୟ ଦିକ୍ଷା ଦିଏ ଘରେ ଘରେ ।୧।

ଗୁରୁ ଆମାର ଆମି ଗୁରୁର ଆର କିଛୁ ନାଇ ତ୍ରିସଂସାରେ
ଯେ ବୁଝେ ଛେ ସେଇ ପେୟଛେ
(ତାର) ମାୟାର ବାଧନ ଗ୍ୟାଛେ ଦୁରେ ।୨।

ଏ ତିର୍ଥ ଓ ତିର୍ଥ ରେ ମନ ମିଛେ ଘୁରିଷ ଆଁଧାର ଘୋରେ
ସର୍ବ ତିର୍ଥ ଶ୍ରିଗୁରୁର ଚରନ ସ୍ମରନେ ଶମନ ପାଲାୟେ ଦୁରେ ।୩।

ତେତୀଶ କୋଟି ଦେବତା ଆଛେନ ଶ୍ରିଗୁରୁର ଐ କଲେବରେ
ସକଲ ପୁଜାର ଫଲ ପାବି ତୁଇ ଗୁରୁର ଚରନ ପୁଜା କରଲେ ।୪।

ଗୋଲକ ଭୁଲକ କାଶି ବ୍ରିନ୍ଦାବନ ଓରେ ମନ ତୁଇ ଖୁଜିଶ ଯାରେ
ଗୁରୁ ରୁପେ ହୃଦ ମାଝାରେ ବସେ ଆଛେନ୍ ଚିନଲିନା ରେ ।୫।

ଫଲେର ଆଶାୟ ଡାଲେ ଡାଲେ ଜଲ ଢାଲିଷ ତୁଇ ମୂଲ ଛେଡେ
ଜନ୍ମେ ଜନ୍ମେ ସବ ଖୋୟାଲି (ତବୁ) ଗୁରୁର ଚରନ ଚିନଲିନା ରେ ।୬।

ବହୁ ଜନ୍ମେର ପୁନ୍ୟ ଫଲେ ସଦଗୁରର ଚରନ ମିଲେ
ପେୟେଛେ ତାର ଅଭୟ ଚରନ ରାଖୋ ହୃଦୟେ ଯତନ କରେ ।୭।

**କାତର ପରାଣେ ଡାକିଲେ ହେ ଦୟାମୟ**

କାତର ପରାଣେ ଡାକିଲେ ହେ ଦୟାମୟ !
ଦୁଃଖ, ଶୋକ, ତାପ ଅପସରେ ଭବ-ଭୟ |୧|

ନୟନ ଆଗରେ ଶୁଭଚନ୍ଦ୍ରିକା ଖେଳେ
ମରମ-ସାଗରେ ନବ ତରଙ୍ଗ ଦୋଳେ
ଜୀବନେ ଜୀବନେ ହୁଏ ତ ପ୍ରେମ ଉଦୟ |୨|

ଦୂରେ ଯାଏ କାହିଁ ପରାଣର ଯେତେ ବାଧା
ଭୁଲିଯାଏ ସତେ ନାମ ଗାଇ ତୃଷ୍ଣା, କ୍ଷୁଧା
ଆନନ୍ଦ, ଆନନ୍ଦ, ଆନନ୍ଦ ମିଳେ ଅକ୍ଷୟ |୩|

ମନ-ସରୋବରେ ଫୁଟେ ଶତ ଶତଦଳ
ମଳୟ ପରଶି ପରାଣ କରେ ଶୀତଳ
ଦରଶନେ ଯେତେ ପାପ-ତାପ ଲଭେ କ୍ଷୟ |୪|

**କାମନା ବାସନା ସାରା ଜୀବନର**

କାମନା ବାସନା ସାରା ଜୀବନର ତବ ପଦ ଦରଶନ
ଅନ୍ତିମଦିନେ ତୁମେ ଦୟାମୟ! ଚାହିଁବ ମେଲି ନୟନ ।୦।

ସାଧନ, ଭଜନ, ପୂଜନ ସକଳ
ଛାଡିଦେଇ ମୁଁ ଯେ କରିଅଛି ମୂଳ
ପ୍ରତି ନିଃଶ୍ୱାସରେ ତୁମ ନାମ ଜପୁଥିବି ବସି ଅନୁଦିନ
ଶେଷ ହେଉ ସେହି ନିଃଶ୍ୱାସ ମୋର, କରି ତୁମ ନାମ ଗାନ ।୧। ।୧।

ଆଶା ମୋର ଆନେ ନାହିଁ କୃପାସିନ୍ଧୁ !
ମାଗୁଣି ମାତର କରୁଣାର ବିନ୍ଦୁ
ଚାଖିଛି ଥରେ ଯେ ତବ ପଦ ମଧୁ, ସେ କି ଆଶାକରେ ଆନ ?
ନାମ-ମକରନ୍ଦ ପାନେ ବିଭୋର ସେ, ଛାର ତା' ସଂସାର ଜ୍ଞାନ ।୨।

ଭକତ ତୁମର ଜଗତେ ଯେ ଜନ
ତୁମରି ସ୍ନେହରେ ଭରା ତା'ର ମନ
ତୁମବିନେ ପ୍ରେମ-ବାରିଧି ଜଳରେ ଭସାଇବ କିଏ ଆନ ?
ନିରାଶ ନ କର ଜଗବନ୍ଧନ ହେ ! ଅଭିଳାଷ ଏତେ ଘେନ ।୩।

**କାଲି ମୋର ଥିଲ ଆଜି ବି ରହିଛ**

କାଲି ମୋର ଥିଲ ଆଜି ବି ରହିଛ
ଆସିବା କାଲିକୁ ଥିବ ରହି
ଏ ମାୟା ସଂସାରେ ତୁମ ବିନୁ ଆନ
ମୋର ହୋଇ ଜଣେ କେହି ନାହିଁ ।୦।

ତୁମ ସରି କେହି ସିନିହ ସୋହାଗେ
ଆଦରେ କୋଳାଇ ନେବ ଅନୁରାଗେ
ଅବୁଝା ମନର ମଉଳା ସରାଗେ
ସରସ କରିବ ସାଉଁଳାଇ ।୧।

ତୁମେ ପାଶେ ଥାଉ ଭବ-ବତାସୀରେ
ଦୋହଲା ମନେ ମୋ ଅଭିମାନ ଭରେ
'ଏତିକି ନିଠୁର' କହିବାକୁ ଭାଳି
ଭରା ଆଖି ଲୁହ ଢାଳୁଥାଇ ।୨।

ଦୀନହୀନ ବୋଲି ଏତେ ସଉଭାଗ୍ୟ
ଶିରି ଲଭିବାକୁ ନୁହେଁ ମୁହିଁ ଯୋଗ୍ୟ
ଏ ଭାବ ମନେ ମୋ ଉଇଁଲେ ହେ ପ୍ରିୟ
ମରିଗଲା ପରି ଲାଗୁଥାଇ ।୩।

ଅଫୁଟା ଜୀବନେ ସୁବାସ ସଞ୍ଚାରି
ରଖ ପ୍ରିୟତମ ଆପଣାର କରି
କାଳ କାଳ ପାଇଁ ମୁଁ ତୁମରି ପୁଣି
ତୁମେ ମୋର ହୋଇ ଥିବ ରହି ।୪।

**କାହ୍ନୁରେ ମୋହନ ମୂରଲୀ**

କାହ୍ନୁରେ ମୋହନ ମୂରଲୀ ଆଉ ବଜାନା
ସେ ସ୍ୱର ମୋ କାନେ ପଶି
ସରମ ଦେଲାଣି ନାଶି
ସହିବି ମୁଁ କେତେ ନିନ୍ଦା ଗଞ୍ଜଣା ।୦।

କରିଛି ବୋଲି ଜୀବନେ ତୋତେ ଭରସା
ଛଡାଇ ନେଲୁ ତୁ ମୋର ସକଳ ଆଶା
କେତେବେଳେ କିଏ ଆସି
କହୁଛି ମରମେ ପଶି
ସେ ପରା ତୋହର, ଲୁହ ଝରାନା ।୧।

ତୋହରି ପାଇଁକି ଶ୍ୟାମ କଳଙ୍କହାର
ପିନ୍ଧିଛି ଗଳାରେ କରି କେତେ ଆଦର
ଦେବାକୁ କଳଙ୍କ ଦାଉ
କାହିଁକି ତୁ ଭଲ ପାଉ
ନେବାକୁ ତୋ ମନ କିଂପା ଚାହେଁନା ।୨।

## କାହିଁକି ଏ ଛଳ କହ ପ୍ରିୟବର

କାହିଁକି ଏ ଛଳ କହ ପ୍ରିୟବର
ବୁଝିତ ପାରେନା ମନ ମୋର
ଅନ୍ତର ମଝିରେ ଖେଳ ଲୁଚକାଳି
କାହିଁକି ସତେ ଏ ଛଳକର ।୦।
ମନ ଘରେ ଫୁଟେ ତୁମ ଛାଇ
ଆଖିରେ ଛବିର ଭେଟ ନାହିଁ
ବାରୁଛି ମୁଁ ନିତି ମନ ମନ୍ଦିରେ ମୋ
ନିଶିଦିନ ବସି ଖେଳାକର ।୧।
ମୋତେ ତୁମେ ସୁଖ ପାଅ ବୋଲି
ଅନୁଭବ କରେ ନିତି ଖାଲି
ଆଶିଷ ତୁମର ଚଲାପଥେ ମୋର
ବାରି ମୁଁ ପାରୁଛି ଅନିବାର ।୨।
ଛଳନା କାହିଁକି କର ଆଉ
ଦିଅ ପରିଚୟ ଖେଦ ଯାଉ
କିଏ ତୁମେ ମୋର ଜନନୀ ପିଅର
କି ବୋଲି ଡାକିବି ମନଚୋର ।୩।
ଯାହା ଇଚ୍ଛା ତୁମେ ହୁଅ ତାହା
ସୁଖରେ ଦୁଃଖରେ ଚିର ସାହା
ଯାହା ପଛେ ହୁଅ ସମ୍ବନ୍ଧରେ ମୋର
ତୁମେ ଏକା ମୋର ମୁଁ ତୁମର ।୪।

## କାହିଁକି ତୁ ଯାଉ ତାଙ୍କୁ ଭୁଲି

କାହିଁକି ତୁ ଯାଉ ତାଙ୍କୁ ଭୁଲି
କାହିଁକି ତୁ ଯାଉ ତାଙ୍କୁ ଭୁଲି
ସେ ତୋହର ଗଣ୍ଠିଧନ ଜୀବନ ଶଙ୍ଖାଳୀରେ ।୦।

ଦୁଇଦିନିଆଁ ସଂସାରେ ମାତି ଅନ୍ଧ ହେଲୁ
ପରକୁ ନିଜର ବୋଲି ଆଦରି ଧରିଲୁ
ଅତି ଆପଣାର ଜନେ ଦୂରେ ଦେଲୁ ଠେଲି ରେ ।୧।

ଯିଏ ଯେତେ ପ୍ରିୟ ବୋଲି କୋଳରେ ଧରିଲୁ
ସେତିକି ଦୁଃଖର ବୋଝ ଶିରେ ଚଢାଇଲୁ
କାନ୍ଦିକାନ୍ଦି ଶେଷେ ତୋର ଜୀବ ଯିବ ଚାଲିରେ ।୨।

ନିଦ୍ରା ଜାଗରଣ ସ୍ୱପନରେ ତୋର ଜଣେ
ଇହ ପରକାଳ ଜଗିଛନ୍ତି ଅନୁକ୍ଷଣେ
ତାଙ୍କ ପରି ଆପଣାର କିଏ ହେବ ସରିରେ ।୩।

ଏବେ ତା ଆଦର ଲାଗି କର ତୁ ଯତନ
ମନଭରି କର ସଦା ଗୁରୁ ଗୁଣ ଗାନ
ଶତ ଅପରାଧ କ୍ଷମି ନେବେ କୋଳେ ତୋଳିରେ ।୪।

## କି ଦେଇ ପୂଜିବି କହ

କି ଦେଇ ପୂଜିବି କହ?
ମନ , ଧନ ଯାହା ଆରପିବି, ତାହା
ତୁମେ କି ହେ ଦେଇ ନାହଁ ? ।୦।

ତୁମେ ତ' କହୁଛ , ତୁମେ କୁହାଉଛ
ତୁମେ ତ' କରୁଛ , ତୁମେ କରାଉଛ
କି ବୋଲି , କିପରି ଡାକିବି ତୁମକୁ
ତୁମେ ତେବେ କହି ଦିଅ ।୧।

ମନ ଭରି ଯେବେ ଡାକିବି ବିଚାରେଁ
କାହୁଁ କିଏ ଆସି ଚଉକତି ଘେରେ
ମାୟାର ମୋହିନୀ ମୋହ ଜାଲେ ଛନ୍ଦି
ବନ୍ଦୀ କରେ ମୋର ଦେହ ।୨।

ଦୟାମୟ ତୁମେ ବୋଲଉଛ ପରା
ପସାରିଛ କିପାଁ ମାୟାର ପସରା?
ନିରିମମ ବୋଲି କହିଲେ ତୁମକୁ
ଦୋଷ ଲେଖିବ କି ଦିଅଁ ? ।୩।

ଡରି ଯାଅ ନାହିଁ ଜୀବନର ସାଇଁ
ବେଶି କିଛି ମୋର ମାଗିବାର ନାହିଁ
ପୂଜା ବଦଳରେ ଦିନ ଅନ୍ତେ ଥରେ
ମନର ପ୍ରଣତି ନିଅ ।୪।

## କି ଦିଏ ପୂଜିବ ଗୁରୁ ଉପଚାର ପାବ କୈ

କିଦିୟେ ପୂଜିବ ଗୁରୁ ଉପଚାର ପାବ କୈ
ଅନୁ ପରମାନୁ ବିଶ୍ୱେ କି ଆଛେ ଆର ତୋମା ବୈ ।୦।

ଚରନେ ଦିବ ତୁଲସୀ ସେଓ ତ ବିଷ୍ଣୁ ପ୍ରେୟସୀ
ପରଭୁକ୍ତା ମ୍ଳାନ ବାସୀ ତୋମାର ଯୋଗ୍ୟ ହଲ କୈ ।୧।

ଧୂପ ଦିପ ଫୁଲ ଫଲ ତୁମି ବାୟୁ ତୁମି ଜଲ
ତୋମା ଦିୟେ ତୋମାୟ ପୁଜେ ଫଲଭାଗି କିସେ ହୈ ।୨।

ଶିବ ବିଷ୍ଣୁ ଭଜେ ନାନା ତୋମାୟ ତ କେଉ ଚିନେ ନା
ତୁମି ମୁଲ ସବାଇ ଶାଖା ଏ କଥା ଲୋକେ ବୁଝେ କୈ ।୩।

ମାୟାର ଫାଶୀ ବେନ୍ଧେ ଗଲାୟ ମୁଲ ଜଲ ଢାଲେ ଶାଖାୟ
ଗଙ୍ଗାଜଲ ଶୁଦ୍ଧ କରେ ଦିୟେ ପଞ୍ଚଗବ୍ୟ ଦୈ ।୪।

ମାୟାର ଆଡାଲ ଦିୟେ ଘିରେ ଦେଖଛ କୌତୁକ ଦାଡାୟ ଦୁରେ
ତୁମି ଆମାୟ ଦେଖ ଗୁରୁ ଆମି ତୋମାୟେ ଦେଖି କୈ ।୫।

## କି ଭାଷାରେ କୃତଜ୍ଞତା ଜଣାଇବି ମୋର

କି ଭାଷାରେ କୃତଜ୍ଞତା ଜଣାଇବି ମୋର
ସହଜେ ମୁଁ ନିରିମାଖି ଅଜ୍ଞାନୀ ମାତର ।୦।

ସାଧନ ଭଜନେ ନାମ ଲେଖା ନାହିଁ ଯାର
ତଥାପି ଶରଧା ତୁମେ ବହିଛ ଠାକୁର ।୧।

ହୀନ ଜନ ବୋଲି ମୋର ଜଗତେ ପ୍ରଚାର
ସ୍ରୋତରେ ମୁଁ ଗଲେ ପଡି ତୁମେ ଟାଣି ଧର

ବିପଦେ ଛାଡିଲେ ରତି ହୋଇଛ ହାଜର
ପ୍ରତି କ୍ଷଣେ ରଖିଅଛ ମୋଠାରେ ନଜର ।୨।

କାହାରି ରୋଷରେ କେବେ ହୋଇଲେ ଶିକାର
ତୁମର ଦରଦୀ ପ୍ରାଣ ହୁଅଇ କାତର
ତୁମ ପରଶେ ନିମିଷେ ହୋଇଯାଏ ଦୂର ।୩।

ଦୁନିଆଁ ହାଟରେ ଏକା ତୁମେ ଆପଣାର
ତୁମ ପ୍ରୀତି ମୂଲ ପାଇଁ ନାହିଁ କିଛି ମୋର
ଭରିଛ ଆଶିଷ ଦାନେ ଏ ମୋର ଅନ୍ତର ।୪।

ମାୟା ଭଉଁରୀରେ କାଳେ ଛାଡିଯିବ କର
ସଦ୍‌ଗୁରୁ ଇଲାକା ନାମେ ଟାଣିଅଛ ଘେର
ବିଶ୍ୱ ବନ୍ଦନୀୟ ତବ ପୟରେ ଜୁହାର ।୫।

## କି ଶୋଭାରେ ଆଜି

କି ଶୋଭାରେ ଆଜି ରତନ ଆସନେ ରସିକ ନାଗର ଉଭା ।୦।

କୋଟି ପ୍ରଭା ଜିଣି     ପଦ୍ମାସନ ଠାଣି
ପୂର୍ଣ୍ଣ ଶରଦ ଶୋଭା     ଲାଜ ପାଉଛି କିବା
ଲାଗେରେ ମୋତେ ସହୀ     ମରମ ଦିଏ ଦହି
ଗଢିଛି କେଉଁ ବିହି ଉପମା ତା'ର ନାହିଁ
ତପ୍ତ କାଞ୍ଚନ ବର୍ଣ୍ଣ ଆହା କି ମନଲୋଭାରେ ।୧।

ଶିରେ କୁଞ୍ଚିତ କେଶ     ଅଧରେ ମୃଦୁ ହାସ
ଗଳେ ରୁଦ୍ରାକ୍ଷ ମାଳ     ଦିଶେ କେଡେ ମଞ୍ଜୁଳ
ନାସା, କର୍ଣ୍ଣ, ଗଣ୍ଡଦେଶ ସକଳ ଶୋଭା ଶେଷ
ପତି ବରତା ବ୍ରତ ବୃଦ୍ଧି କରେ ନିରତ
ନିରତ ତା' ପ୍ରସଙ୍ଗ ଲୋଡେ ମୋ ମନଭୃଙ୍ଗରେ ।୨।

ଚିତ୍ତଚୋରା ମୂରତି     ସତୀକୁଳକୁ ଗତି
ଛଡାଏ ଭବ ଭୀତି     ବଢାଏ ବିଭୁ ପ୍ରୀତି
ସେ ରୂପ କି ମାଧୁରୀ ରହିଛି ସତେ ପ୍ରୂରି
ହେରି ନୟନ କୋଣୁ ଆନନ୍ଦେ ବହେ ବାରି
ମନ ଚାହେଁ ନିରତ ଖଟନ୍ତି ପଦ ସେବାରେ ।୩।

ସୁଧାଝରା ଚରଣ     ଅକ୍ଷୟ ଶାନ୍ତିଧାମ
ସକଳ ତୀର୍ଥ ଠୁଳ     ତ୍ରିଜଗତେ ଅତୁଳ
ସେ ପ୍ରଭୁ ପଦତଳେ     ପ୍ରୀତି ପ୍ରଣତି ଢାଳେ
ଏକାନ୍ତେ ଚିତ୍ତେ ଭାଳେ ମୋ ପ୍ରଭୁ କେତେବେଳେ
ଲେଖିବେ ମୋ କପାଳେ ଶ୍ରୀଗୁରୁ ମହାନାମରେ ।୪।

## କି ସୁନ୍ଦର ଆହା କି ମଧୁର ସତେ

କି ସୁନ୍ଦର ଆହା କି ମଧୁର ସତେ
ତୁମ ରୂପ ଦରଶନ
ପରାଣେ ପୁଲକ ଜଗାଏ ଝଲକ
ଆଣେ ମୋ ବେନି ନୟନ ।୦।

ପଦଯୁଗ ତୁମ ମୁନିଜନ ବନ୍ଦ୍ୟ
ସରସିଜ ସମ ଚାରୁ
କଟି ତଟେ ଶୋହେ ସୁବର୍ଣ୍ଣ ମେଖଳା
ପାଟ ପୀତାମ୍ବରୀ ସରୁ
କିଙ୍କିଣି କଙ୍କଣ ବାଜେ କଣ କଣ ପ୍ରେମେ ଶୁଣେ ବେନି କର୍ଣ୍ଣ ।୧।

ସୁଦୀର୍ଘ ବିଶାଳ ତୁମ ବକ୍ଷସ୍ଥଳ
ଶୋହେ ରୁଦ୍ରାକ୍ଷର ମାଳ
ଝୀନ ଉପବୀତ ସ୍କନ୍ଧେ ସୁଶୋଭିତ
ବ୍ରହ୍ମେ ବ୍ରାହ୍ମଣର ବଳ
ନୟନଯୁଗଳ ପ୍ରେମେ ଢଳ ଢଳ ବଚନ ଜିଣେ ପରାଣ ।୨।

ବଙ୍କିମ ଭ୍ରୂଲତା କହେ କେତେ କଥା
ଓଷ୍ଠେ ମଧୁ ମକରନ୍ଦ
ଶ୍ରୀମୁଖ ସୁଷମା ନାହିଁ ତା ଉପମା
ସତେ ପୂର୍ଣ୍ଣିମାର ଚାନ୍ଦ
ଆଶିଷଭରା ଏ ମଧୁର ବଚନେ ତୃପ୍ତ ଦେହ ମନପ୍ରାଣ ।୩।

ଯୋଗୀ ମୁନିରଷି ଧ୍ୟାନ ନେତ୍ରେ ବସି
ଦେଖନ୍ତି ଯାହା ନିରତେ
ଲଭୁଛି ଆଜି ମୁଁ ସେ ରୂପ ଦର୍ଶନ
କେଡେ ସଉଭାଗ୍ୟ ସତେ
ଏତେ କୃପା ମୋତେ କରିଛ ଠାକୁର ପ୍ରଣମେ ତୁମ ଚରଣ ।୪।

## କିଏ ଜାଣେ ସେ କିଭଳି ଜଣେ

କିଏ ଜାଣେ ସେ କିଭଳି ଜଣେ
କାହିଁ ଥାଏ ସେ କେଉଁ ଭୁବନେ |୦|

କେତେ ଯୋଗୀ ଋଷି ଦିବା ନିଶି ଘୋଷି ହାରିଗଲେ ଜଣେ ଜଣେ
ଜ୍ଞାନୀ ବିଜ୍ଞାନୀ ଏ ଖୋଜି ନ ପାଇଲେ ଦରଶନ ତାର ଦିନେ |୧|

ଆଦି ନାହିଁ ତାର, ଅନ୍ତ ନାହିଁ ତାର, ଘୁରି ବୁଲେ ଏଣେ ତେଣେ
ବେଦରେ ନ ଥାଏ,ପୁରାଣେ ନ ଥାଏ
ନ ଥାଏ ସେ ଦେବଗଣେ |୨|

ଥାଏ ସବୁଠାରେ, ନାହିଁ କେଉଁଠାରେ,ଖୋଜିଲେ ନ ମିଳେ କେଣେ
ଘଟେ ଘଟେ ତାର ଅରୂପ-ମନ୍ଦିର,ଗଢେ,ଭାଙ୍ଗେ ନିଜ ମନେ |୩|

ପ୍ରେମର ଠାକୁର, ପ୍ରେମ ପାରାବାର ସାର ବୋଲି ଏକା ଜାଣେ
ତାହାରି ସେ ସଖା,ତାକୁ ଦିଏ ଦେଖା,
ତାକୁ ଯେ ଆପଣା ମଣେ |୪|

## କିଏ ନେବରେ ସୁଧା ନାମ ରସ ଆସ

କିଏ ନେବରେ ସୁଧା ନାମ ରସ ଆସ
ଏ ରସ ପିଇଲେ ହେବ ଭୋକ ଶୋଷ ନାଶ ।୦।

ମୂକ ବାଚାଳ ହୋଇବ
ପଙ୍ଗୁ ଗିରି ଲଙ୍ଘି ଯିବ
ଅନ୍ଧ ଆଖି ଦେଖିବରେ ପରମପୁରୁଷ ।୧।

ନାମ ତରୁ ଡାଳେ ଡାଳେ
ଭକତି ସୁମନ ଦୋଳେ
ମୁକତି ଫଳ ଚାଖ ତୋ ମେଣ୍ଟିବ ପିଆସ ।୨।

ଭବସିନ୍ଧୁ ଉର୍ମି ମେଳା
ନାମ ତୋ ତାରଣ ଭେଳା
ନାମ ଗାଇ ହୁଅ ବାଇ ନାମରେ ବଳାଅ ଆଶ ।୩।

## କିଏ ପ୍ରଭୁ ପଣେ ହେବ ତୁମ ସରିକି

କିଏ ପ୍ରଭୁପଣେ ହେବ ତୁମ ସରିକି
ଥରେ ଦେଖି ଦେଲେ ମନ ହୁଏ ଝୁରିକି
ଉଭା ଦିବ୍ୟ ସିଂହାସନେ ବନ କୁସୁମ ଭୂଷଣେ
ଅତୁଳନ ସେ ରୂପ ମାଧୁରୀ କି ମାଧୁରୀ କି ।୦।

କୁଙ୍କୁମ ରାଗେ ରଞ୍ଜିତ ସେ ପଦ-ଯୁଗଳ
ଭ୍ରମର ଭ୍ରମରେ ଭାଳେ ସତେ କି କମଳ
କଟିତଟେ ଶ୍ୱେତବାସ ବକ୍ଷେ ଶୋଭେ ଉପବୀତ
ଲାବଣ୍ୟ ବୋଳା ସେ ତନୁ ମନ ନିଏ ହରିକି ।୧।

ଗନ୍ଧ ଚନ୍ଦନର ବିନ୍ଦୁ ଲଲାଟେ ପ୍ରକାଶେ
ଉଇଁଛି ଚନ୍ଦ୍ରମା ସତେ ପୂନେଇଁ ଆକାଶେ
କୁଞ୍ଚିତ ଘନ କୁନ୍ତଳ ଗଣ୍ଡମଣ୍ଡଳେ ମଞ୍ଜୁଳ
କୋଟି କନ୍ଦରପ ଜିଣା ସେ ମଧୁର ଶୀରିକି ।୨।

କଣ୍ଠେ ରୁଦ୍ରାକ୍ଷର ମାଳା ବକ୍ଷରେ ଲମ୍ବିଛି
କରୁଣା ଚାହାଣି ଭକ୍ତ ମନକୁ କିଣୁଛି
ସୁଧାବୋଳା ଶ୍ରୀମୁଖରୁ ରଙ୍ଗ ବଧୂଳୀ ଅଧରୁ
ପଡୁଛି କି କୃପା ମଧୁ ଝରିକି ରେ ଝରିକି ।୩।

ଏ ଜୀବନ ବିତିଯାଉ ତୁମ ସେବା କରି
ତୁମ ନାମ ଗାଇ ନେତ୍ରୁ ନୀର ପଡୁ ଝରି
କୃପା କରି ଗୁରୁଦେବ ଦେଇ ଶ୍ରୀଚରଣ ନାବ
କର ମୋତେ ଭବସିନ୍ଧୁ ପାରିକି ହେ ପାରିକି ।୪।

## କି ସୁନ୍ଦର କି ସୁନ୍ଦର କି ସୁନ୍ଦର ଶ୍ରୀପୟର

କି ସୁନ୍ଦର କି ସୁନ୍ଦର କି ସୁନ୍ଦର ଶ୍ରୀପୟର
ବୁକୁରେ ଜଡାଇ ଧରି ରଖିବାକୁ ମନ ମୋର ।୦।

ଯୁଗ ଯୁଗ ଧରି ନାଥ ରହିଥିଲି ଚାହିଁ
ଆଜି ସେ ସୁଦିନ ହେଲା ହେରିଲି ଗୋସାଇଁ
ମଥା ଆଜି ନତ କଲି ଅଭିଳାଷ ଥିଲା ମୋର ।୧।

ଢଳ ଢଳ ଆଖି ତୁମ କରୁଣ ମଧୁର
ଚାହାଣୀରୁ ଝରେ ତୁମ ପ୍ରୀତି ସୁମଧୁର
ସସାଗରା ନାଚି ଉଠେ ତାଳ ଧରେ ମୋ ଅନ୍ତର ।୨।

ସୁଦୀର୍ଘ ସୁଠାମ ତୁମ ଶ୍ରୀହସ୍ତଯୁଗଳ
ସ୍ନେହର ପରଶ ସତେ ଫୁଲଠୁ କୋମଳ
ବରାଭୟ ଛନ୍ଦ ମୁଦ୍ରା କାମନା ଯୁଗ ଯୁଗର ।୩।

କୁଞ୍ଚିତ କେଶ ବଲ୍ଲରୀ କୁହୁକ ମଞ୍ଜୁଳ
କି ଉପମା କିଏ ଦେବ କାହିଁବା ସମ୍ବଳ
ଜଟାଧାରୀ ହର ହରି ବିରଞ୍ଚି ତୁମେ ନିକର ।୪।

ଦରହାସ ମୁଖ ତୁମ ନିନ୍ଦେ ପୂର୍ଣ୍ଣଶଶୀ
ଅମୃତ ଆଶ୍ୱାସ ମଧୁ ଦେଉଛ ପରଶି
କେତେ ପୁଣ୍ୟ ଥିଲା ମୋର ଦେଖା ଦେଲ ହେ ଠାକୁର ।୫।

ଅଞ୍ଜଳି ଦେଉଛି ଦେବ ଘେନାକର ମୋର
ପଲକେ ହେଲେ ଚିତ୍ତରୁ ନ ହୁଅ ଅନ୍ତର
ଯାହା ଇଚ୍ଛା ସବୁ ନିଅ ଦିଅ ସେବା ଅଧିକାର ।୬।

## କୁଞ୍ଜେ କୋକିଳ ଗାଏରେ

କୁଞ୍ଜେ କୋକିଳ ଗାଏରେ, ଅଜଣା ବଂଶୀ କେ ବାଏ
ଶିହରଣ ଖେଳେ ପରାଣେ ସହୀ ରେ
ତା ପାଶେ ମୋ ମନ ଧାଏଁ ରେ । ।୦।

(ସେ ଯେ) ପୀରତି ଚତୁର କାହ୍ନୁ, ବାର ବାର ବାଏ ବେଣୁ
ଉଛୁଳାଏ ତନୁ ମନ ନବୀନ ପୁଲକେ ପ୍ରାଣ
ମୋର ହୃଦୟ ନଚାଇ ଦିଏ ରେ ।୧।

ଶ୍ୟାମ ପୀରତି ଯେତିକି ମିଠା, ତହିଁ ରହିଛି ଅନେକ କଣ୍ଟା
ଯିଏ ପାଇଛି ତାହାରେ ଭଲ, ତାର ଜୀବନଟା କଲବଲ
(ସେ) ଭରା ଲୁହ ଆଖି ଭଲ ପାଏରେ
(ସେ) ଅସଲି ନାଗରଟିଏ ।୨।

ପ୍ରୀତି ସୁଆଦ ଚଖେଇ ଦେଇ ଧରା ଦେଇ ପୁଣି ଦିଏ ନାହିଁ
ସେ ଯେ ସୁଆଦିଆ ପ୍ରେମଖଣି ଯିଏ ଭାବରେ ପାରିଛି କିଣି
(ତାର) ପରମବନ୍ଧୁ ବୋଲାଏ ରେ
(ଭବେ) ଭାଗ୍ୟବାନ ଏକା ସିଏ ।୩।

## କୁନ୍ଦ ସୁନ୍ଦର ମନ୍ଦ ମଧୁର

କୁନ୍ଦ ସୁନ୍ଦର ମନ୍ଦ ମଧୁର
ଛନ୍ଦରେ ତୁମ ଆଗମନ
ଇନ୍ଦୁ ନିନ୍ଦିତ ଛନ୍ଦା ଚରଣ
ମୁନିଜନ କରେ ବନ୍ଦନ ।୦।

ବନ୍ଦନା କରେ ନନ୍ଦିତ ପ୍ରାଣ
ଚନ୍ଦନ ବୋଳା ପଦକଞ୍ଜ
ସୁନ୍ଦର ତୁମ ଅଧରୁ ଝରେ
ବିନ୍ଦୁ ଅସରା ମକରନ୍ଦ ।୧।

ଅନ୍ଧ ନୟନ ଜ୍ୟୋତି ତୁମେ ହେ
ତୁମେ ତ ଖଞ୍ଜର ଭରସା
ଛନ୍ଦିତ ପ୍ରାଣ ବନ୍ଦନା କରେ
ଆନନ୍ଦମୟଙ୍କୁ କରି ଆଶା ।୨।

ନୟନେ ମୋ ଘେନାଇ ଦିଅ ହେ
ଜ୍ଞାନର ଶୀତଳ ଅଞ୍ଜନ
ସେ ଜ୍ଞାନ-ନେତ୍ରେ ହେରିବି ଦେବ
ତୁମ ରୂପ କାନ୍ତି ଅନୁପମ ।୩।

## କେଉଁ ଜନମର ପୁଣ୍ୟ ଫଳେ ପ୍ରଭୁ

କେଉଁ ଜନମର ପୁଣ୍ୟ ଫଳେ ପ୍ରଭୁ
ଲଭିଲି ତୁମର ଦରଶନ
ପଦସ୍ପର୍ଶେ ତବ ଶିହରଣ ଖେଳେ
ପୁଲକି ଉଠୁଛି ଦେହ ମନ ।୦।

ବନ୍ଦନ ମୋହର ଘେନ ଜଗଦୀଶ
ଚନ୍ଦନ ଅଗୁରୁ ସୁମନ ବିଶେଷ
ନିଃଶେଷ କରି ମୋ ଅନ୍ତର କାମନା
ଅରପୁଛି ତୁମ ପଦେ ଘେନ ।୧।

ବେପଥୁ କଂପନେ କଂପେ କଳେବର
ନୟନୁ ଲୋତକ ବହେ ଝରଝର
ଶିଥିଳ ଶରୀର ରୋମାଞ୍ଚିତ ଆଜି
ବାଞ୍ଛିତ ପରଶ ଲଭେ ମନ ।୨।

ଏ ଜୀବନ ନାଥ ତୁମର ତ ଦାନ
କରୁଥିବି ସଦା ତୁମ କର୍ମମାନ
ଆସୁ ଯେତେ ବାଧା ଯେତେ ଅପମାନ
କେବେ ନ ଛାଡିବି ସେବାଧର୍ମ ।୩।

ଏତିକି କରୁଣା କର କୃପାନିଧି
ପାର କରିଦିଅ ଏ ଭବ-ବାରିଧି
ଘାଟମୂଲ ପାଇଁ ଗଣ୍ଠିଲି ବାନ୍ଧିଛି
ଗୁରୁନାମ ସୁଧା ଗଣ୍ଠିଧନ ।୪।

## କେଡେ ଭାଗ୍ୟ ମୋର

କେଡେ ଭାଗ୍ୟ ମୋର ସତେ ହେ ଠାକୁର!
ତୁମ ଶରଣ ମୁଁ ପାଇଅଛି
ଚରଣ ସେବାରେ ଜୀବନ ବିତୁଛି
ଆଉ ମୋର ଲୋଡା ନାହିଁ କିଛି ।୦।

ଦେଇଛ ଜୀବନେ ଯେଣୁ ଧରା
ତୁମ ସଙ୍ଗ ସୁଖ ଅପାସୋରା
ସକଳ ବାସନା ପୂରଣ ହୋଇଛି
ତୁମ ପଦସେବା ମିଳିଅଛି ।୧।

ଚରଣ ବନ୍ଦନା କରୁଥାଇଁ
ନେତ୍ର ନୀର ଢାଳି ଧୋଇଦେଇ
ମନ-ସୁମନରେ ସଜାଇ ସେ ପଦ
ସୌରଭ ଆଘ୍ରାଣ କରୁଅଛି ।୨।

ପାଇବାକୁ ଆଉ ନାହିଁ କିଛି
ତୁମ କୃପା ଯେବେ ମିଳିଅଛି
କୃତଜ୍ଞତା ଭରା ଅଞ୍ଜଳି ମୋ ଘେନ
ପଦପ୍ରାନ୍ତେ ଦେବ ଢାଳୁଅଛି ।୩।

## କେଡେ ସୁଧା ବୋଳା ଆଶିଷ ତୁମର

କେଡେ ସୁଧା ବୋଳା ଆଶିଷ ତୁମର,
ମୋ ପରି ଅଧମ ଜନ ପାଇଁ
ଚଲାପଥ ମୋର କଣ୍ଟକମୟ,
କୁସୁମିତ କଲ ପ୍ରାଣ-ସାଇଁ ॥୦॥

ଘୁଞ୍ଚାଇଛ ଦୁଃଖ ଯାତନା ସକଳ
ତପତ ପରାଣ କରିଛ ଶୀତଳ
ସିଞ୍ଚି ଦେଇ ପ୍ରାଣେ ବିନ୍ଦୁଏ କରୁଣା,
ଅପସରି ଗଲା ଦୁଃଖ କାହିଁ ॥୧॥

ମାଗିବା ଆଗରୁ ଦେଇଅଛ ସବୁ
ଭକତ କୁ କେତେ ଭଲ ପାଅ ପ୍ରଭୁ
ଭକତ ପାଇଁକି ବ୍ୟଥା ପାଉଥାଅ,
ତା କରମ ଫଳ ବୋଝ ବୋହି॥୨॥

ଏତେ ଦରଦିଆ ବନ୍ଧୁ ତୁମେ ବୋଲି
ମରମେ ମରମେ ଏବେ ମୁଁ ବୁଝିଲି
ଭରମରେ କିଛି ମାଗିବିନି ଆଉ,
ସରମେ ହୃଦୟ ହୁଏ ଦହି ॥୩॥

ଗୋଟି ଗୋଟି କେତେ କହିବି ଠାକୁର
କୋଟି କୋଟି ଜୀବ କରୁଛ ଉଦ୍ଧାର
ରଚି ରଚି ମୁଖେ 'ଜୟଗୁରୁ' ନାମ
ଦିନ ଯାଉ ପାଦପଦ୍ମ ଧ୍ୟାଇ ॥୪॥

## କେତେ ଶୋଭା ମନଲୋଭା ଚାରୁଚରଣ ତଳ

କେତେ ଶୋଭା ମନଲୋଭା ଚାରୁଚରଣ ତଳ
ନବୀନ ଘନସୁନ୍ଦର ଦରଦୀ ଭକ୍ତବତ୍ସଳ ।୦।

ସଜ ସରସିଜ କିବା ଚରଣ ତଳେ ଫୁଟିଛି
ଦରଶନ କରି ମୋର ମନ-ଭୃଙ୍ଗ ଲୋଟୁଛି
କୋଟି କୋଟି ପ୍ରଣିପାତ ଘେନ ଦୟାଳୁ ଠାକୁର ।୧।

ଲାଗୁଛ ଯେପରି ପ୍ରଭୁ ବହୁ କାଳୁ ଚିହ୍ନାଚିହ୍ନା
କୃପା କରି ଘେନା କର ଆମ ପ୍ରାର୍ଥନା ବନ୍ଦନା
ପାସୋର ନ ଯାଉ ମନୁ ତୁମେ ମୋ ପ୍ରାଣଠାକୁର ।୨।

ଶ୍ରୀମୁଖ ସୁନ୍ଦର ଆଭା ପଟାନ୍ତର ନାହିଁ କାହିଁ
ଭୁବନ ମୋହନ ରୂପ ଥରେ ଯେ ଦେଇଛି ଚାହିଁ
ଅଜାଣତେ ଆଙ୍କି ହୁଏ (ତା) ମରମେ ରୂପ ସୁନ୍ଦର ।୩।

ନିତ୍ୟ ରାଇଜୁ ଆସିଛ ଧରାଧାମେ ବିଜେ କରି
ନରରୂପୀ ପରଂବ୍ରହ୍ମ ଆଜି ଭକତି ଭିକାରୀ
ଅରପୁଛି ପଦତଳେ ଭକ୍ତିଅର୍ଘ୍ୟ ଅଶୃଜଳ ।୪।

## କେତେ ତପ କେବେ କରିଥିଲି ଗୋ

କେତେ ତପ କେବେ କରିଥିଲି ଗୋ
ପ୍ରଭୁ ପାଇଲି ମୁଁ ତୁମ ସରି
ସୀମାହୀନ ମୋର ଦୁଃଖ ଜଞ୍ଜାଳକୁ
ନେଲ ଆପଣାର କରି ଗୋ ।୦।

ପାଶେ ପାଶେ ରହି ଶିଖାଇ ମଣାଇ
ମୁକତିର ପଥ ଦେଲ ତ ଦେଖାଇ
ଟିକିଏ ମାତର ଭଲ ପାଇବାକୁ
ହାତ ପାତି କଲ ଅଳି ଗୋ ।୧।

ସୁଖ ଦୁଃଖ ରୋଗ ଶୋକ ଆଦି ମାନ
ତୁମକୁ ପାଇବା ସୋପାନ ସମାନ
ଗୋଟିକରେ ପାଦ ଦେଲେ ତୁମେ ଆସି
ନେବ ପାଶେ ହାତ ଧରି ଗୋ ।୨।

ଲୋଡା ଏଥି ପାଇଁ ନାହିଁ କିଛି ଆନ
ମନ୍ତ୍ର ତନ୍ତ୍ର ଯୋଗ-ଯାଗ ଆୟୋଜନ
ସକଳ ଆନନ୍ଦ ମୂଳ ପରା ତୁମେ
ତୁମ ପଦ ସୁଖ ଝୁଲି ଗୋ ।୩।

କି ଦିବା ଯାମିନୀ ତୁମ ନାମ କରି
ଅନ୍ତର ଜପା ମାଳି ଗୋ
ପ୍ରଭୁ ପାଇଲି ମୁଁ ତୁମ ସରି ।୪।

## କେତେ ଭୁଲାଉଛୁ ମାଆ

କେତେ ଭୁଲାଉଛୁ ମାଆ
ଖେଳନା ଦେଖାଇ ମୋତେ
ଯେତେ ଭୁଲାଇଲେ ହେଲେ
ଛାଡିବି କି ସତେ ତୋତେ? ।୦।

ଖେଳ କୁଣ୍ଢାଇ ଦେଖାଇ
ସନ୍ତାନେ ଦେବୁ ଭଣ୍ଡାଇ
ମାଆ ହୋଇ ସତେ ତୋର ପରାଣ ସହେ କେମନ୍ତେ ।୧।

ଦେଖାଇ ମାୟାର ଛାୟା
ଛଳି ନ ପାରିବୁ ମାଆ!
ଅଳି ମୋତେ ଜଣା ଅଛି, ନ ଛାଡିବି ତୋ ପଣନ୍ତେ ।୨।

ଯାହାରେ ତୁ ପାଉ ସୁଖ
ପାଶେ ତାର ମୋତେ ରଖ
ଅବୋଧରେ ବୋଧ ଦେଇ ଖେଳାଅ ତାର ସଙ୍ଗତେ ।୩।

## କେତେ ଦିନେ ଘୁଞ୍ଚିବ ଏ ମାୟା ମୋହ ଘୋର

କେତେ ଦିନେ ଘୁଞ୍ଚିବ ଏ ମାୟା ମୋହ ଘୋର
କେବେ ଆଉ ନାଶିବ, ଏ ମନ ଅନ୍ଧକାର – ଘନସୁନ୍ଦର ହେ ।୧।

କେବେ ଅପସରିବ ମୋ କାମ, କ୍ରୋଧ, ଆଶା
କେବେ କହ ଘୁଞ୍ଚିବ ଏ ମନର ପିପାଶା – ଦୀନବାନ୍ଧବ ହେ ।୨।

ପାଶୋରି ସଂସାର ହେବ ତବ ପଦେ ଲୟ
ତୁଟିବ କେବେ ହେ ସତେ ପ୍ରପଞ୍ଚର ଭୟ – ମଧୁସୂଦନ ହେ ।୩।

ଅନାଥ ବତ୍ସଳ କେବେ ଆସିବ ସେ ଦିନ
ଶ୍ରୀପଦ ନଳୀନ କେବେ ହେରିବ ନୟନ – ମନମୋହନ ହେ ।୪।

ଅପଘନ ତବ ନବଘନ -ଛବି ହରା
ସପନେ ନାଚିବ ଆସି, ସେ ମୁରଲୀ ଧରା – ଜୀବତାରଣ ହେ ।୫।

ଜଗତ ସୁଖ ଦୁଃଖରେ ମଜ୍ଜିରହେ ଚିତ୍ତ
ଭୁଲାଏ ଜୀବରେ ତୁଚ୍ଛ-ଅରଜନ ବିତ୍ତ – ଜଗଜ୍ଜୀବନ ହେ ।୬।

ଅନ୍ତର ମଝିରେ ଥାଇ ଦେଖା ତ ନ ଦିଅ
ଅମୀୟ-ଝରା ସେ ସୁରେ ମୁରଲୀ ବଜାଅ – ନଟଶେଖର ହେ ।୭।

ପରାଣର ପ୍ରିୟତମ ତୁମେ ଜଗବନ୍ଧୁ
ଅଘ-ତମସା ନାଶନେ ତୁମେ ପୂର୍ଣ୍ଣଇନ୍ଦୁ – ପ୍ରାଣଠାକୁର ହେ ।୮।

ଚରଣେ ଶରଣ ଦିଅ, ହେ ମଧୁସୂଦନ !
ଅଜ୍ଞାନ-ଅନ୍ଧାର ନାଶ କର ଜନାର୍ଦ୍ଦନ – ପ୍ରାଣବଲ୍ଲଭ ହେ ।୯।

କୋଟି ପ୍ରଣିପାତ ଘେନ, ଦୋଷ କର କ୍ଷମା
ପାପହାରୀ ଜଗନ୍ନାଥ ! ଅସୀମ ମହିମା – ଶ୍ୟାମସୁନ୍ଦର ହେ ।୧୦।

## କେବେ ହେବି ହରିଧନେ

କେବେ ହେବି ହରିଧନେ ଧନୀ ହେ
ତୁମେ ହେବ ଗଳା ରତ୍ନ ମଣି ।0।

ହରି ପ୍ରେମାମୃତ ପାନେ ମୁଁ ନିରତ କ୍ଷୁଧା ତୃଷା ପାଶୋରିବି
ଭାଇ, ବନ୍ଧୁ, ଜାୟା ଜଗତର ମାୟା ମନୁ ଦୂରେ ବରଜିବି
ବାୟା ହେବି ହରିନାମ ଶୁଣି ହେ ।୧।

ବସନ ଭୂଷଣ ଅଶନ ବ୍ୟସନ ତହିଁ ତୁଲେ ମୋର ମନ
ସବୁ ସମରପି ତବ ନାମ ଜପି ହୋଇବି ମୁଁ ନିରିଧନ
ମନ ଘର ହେବ ନାମ ଖଣି ହେ ।୨।

ବେଉସା ମେଲିବି ଧନୀ ବୋଲାଇବି ତୁମ ପଦ ମୂଳଧନେ
ସୁଧ ବଢ଼ାଇବି ଭଣ୍ଡାରେ ରଖିବି ସାଇତି ନାମ ରତନେ
ଏତେ ମାତର ମୋର ମାଗୁଣି ହେ ।୩।

## କେବେ ବୁଝିବ ମୋ ମନ କଥା

କେବେ ବୁଝିବ ମୋ ମନ କଥା
ଯା ଲାଗି ଏ ମନେ ଏତେ ବ୍ୟଥା
ତୁମ ପ୍ରୀତି ଭାଳି ଆଖି ନୀର ଢାଳି
କ୍ଷୀଣ ହେଲାଣି ଏ ତନୁଲତା ।୧।

ଯମୁନା ଘାଟକୁ ଜାଣି ଜାଣି
ମିଛେ ମିଛେ ଯାଏ ଜଳ ଆଣି
ଆପଣା ରେ ଭୁଲି ନିରେଖିବି ବୋଲି
ତୁମ କମନୀୟ ରୂପ ରେଖା ।୨।

ଭାବ କୁଞ୍ଜବନେ ଯିବି ବୋଲି
ଦିନେ ଅଧେ ଯେବେ ମନ କଲି
କାମନା ଚତୁରୀ ନଣନ୍ଦର ନିନ୍ଦା
ଅପବାଦେ ନଇଁ ଯାଏ ମଥା ।୩।

ଆକୁଳ ନୟନେ ତୁମ ପାଇଁ
ବାତାୟନ ପଥେ ଚାହିଁ ଚାହିଁ
ଆଶା ଆଶା ରେ ନିଶିଦିନ ସରେ
ସରେ ନାହିଁ ଖାଲି ଆକୁଳତା ।୪।

ଝୁରି ଝୁରି ଗଲା ଏତେ ଦିନ
ନିଠୁର ନହୁଅ ଜୀବଧନ
କୃପା କରି ଆସ ପୂଜିବି ପୟର
ଗାଇ ଗାଇ ତୁମ ଗୁଣ ଗାଥା ।୫।

## କେବେହେଲେ ଥରେ କହିନି ଠାକୁର

କେବେହେଲେ ଥରେ କହିନି ଠାକୁର
ତୁମେ ମୋତେ ଭଲ ପାଅ ବୋଲି
ଅଭିମାନ ଭରେ କହିଛି ଖାଲି ଯା
ତୁମେ ମୋତେ ଦୁଃଖ ଦେଲ ବୋଲି ।0।

ଏତେ ଭଲପାଅ ଜାଣି ମୁଁ ନଥିଲି
ମିଛେ ମିଛେ କେତେ ଅନୁଯୋଗ କଲି
ଅସାର ସଂସାରେ ଦୁଃଖ ପାରାବାରେ
ତୁମେ ନାଉରିଆ ଭୁଲି ମୁଁ ଗଲି ।୧।

ଜୀବନେ ଯେବେ ମୁଁ ପାଇଅଛି ଦୁଃଖ
ଦେଖିଛି ତୁମରି ପୂର୍ଣ୍ଣ ଚନ୍ଦ୍ରମୁଖ
ଭୁଲି ମୁଁ ଯାଇଛି ନିମିଷକେ ପୁଣି
ତୁମେ କିଏ ମୋର ଥିଲ ବୋଲି ।୨।

ଲୁହ ଟୋପେ କେବେ ଝରିଗଲେ ମୋର
ଲାଗିଛି ଯେମିତି କେହି ନାହିଁ ମୋର
ସୁଖରେ ତୁମକୁ ଭୁଲିଛି ଠାକୁର
କାନ୍ଦିଛି ମୁଁ ଦୁଃଖ ଦେଲ ବୋଲି ।୩।

ପ୍ରାରବ୍ଧ କରମ ଭୋଗିଛି ଯେବେ ମୁଁ
ଦୁଃଖର ପାହାଡ ଛିଡିଛି ଭାବେ ମୁଁ
ସୁଖ ସାଗରରେ ପହଁରିଛି ଯେବେ
କହିନି ମୁଁ ତୁମ କରୁଣା ବୋଲି ।୪।

ବିପଦେ ଆପଦେ ପାଇଛି ପରଶ
ଜାଣି ଅଜଣା ମୁଁ ସେ ତୁମ ଆଶିଷ
ପରଖିଛି କେତେ ନିଜ ବୁଦ୍ଧି ତୁଲେ
ଜାଣି ଜାଣି ଦୁଃଖ କାରଣ ହେଲି ।୫।

ପ୍ରତି ଲୁହ ବିନ୍ଦୁ ତୁମକୁ ଦେଇଛି
ତୁମେ କନ୍ଦାଉଛ ବୋଲି ମୁଁ କହିଛି
କହିନାହିଁ କେବେ ହସିଛି ମୁଁ ଯେବେ
ତୁମରି କରୁଣା ପାଇଛି ବୋଲି ।୬।

ପଛେ ପଛେ ଅଛ ଜଗୁଆଳ ହୋଇ
କୃତଜ୍ଞତା କେବେ ଜଣାକରି ନାହିଁ
କ୍ଷମା କରିଦିଅ ସବୁ ଅପରାଧ
ତୁମ ପାଦେ ଦିଅଁ ଶରଣ ନେଲି ।୭।

## କେବେ ସେ ଦିନ ସତେ ଆସିବ ରେ

କେବେ ସେ ଦିନ ସତେ ଆସିବ ରେ
ଅବଗାହିବି ପ୍ରେମ ସିନ୍ଧୁ ନୀରେ ।0।

ଆନନ୍ଦେ ମତ୍ତ ହୋଇ, ଶ୍ରୀଗୁରୁ ନାମ ଗାଇ
ଦ୍ୱାରେ ଦ୍ୱାରେ କରିବି ଭ୍ରମଣରେ ।୧।

ଭେଟି ସର୍ବସ୍ୱ ମୋର, ହୋଇ ଚିର କୋୟର
ଅନୁରାଗେ ସେବିବି ଚରଣରେ ।୨।

ହେରିବ ଏ ନୟନ, ସତତ ପୂଣ୍ୟଧାମ
ଗୁରୁବାଣୀ ଶୁଣିବି ଶ୍ରବଣରେ ।୩।

## କେମିତି ମୁଁ ହେବି ସତେ କୁହ ତୁମର

କେମିତି ମୁଁ ହେବି ସତେ କୁହ ତୁମର
ତୁମ ନାମ ମଧୁ ପାନେ ହେବି ପାଗଳ ।୦।

ସକଳ ଚିନ୍ତା ବରଜି ତୁମରି ଭାବରେ ମଜ୍ଜି
ଚିତ୍ତ-ଚିନ୍ତାମଣି ତୁମେ ହେବ ଠାକୁର
ଆଖିରେ ଲାଖି ରହିବ ପଦ-କମଳ ।୧।

କସ୍ତୁରୀ ମିରିଗ ସରି ତୁମ ତନୁବାସ ଝୁରି
ଆନ ବାସେ ନ ରସିବ ଏ ନାସା ମୋର
ସୁବାସ ବାସ ଖୋଜିବ ଅନ୍ତର ତଳ ।୨।

ତୁମ ମଧୁର ମୁରଲୀ ସ୍ୱନେ କାନ ଯିବ ଭରି
ବାଇ ପ୍ରାୟେ ଖୋଜି ହେବି ସାରା ସଂସାର
ଆନ କାହିଁରେ ଏ କାନ ହେବ ବଧିର ।୩।

ଜୀବନ ସଞ୍ଜରେ ନାଥ ଦାସ ପଣେ ପାତେ ହାତ
ଭୁଲି ଯିବ ନାହିଁ ବନ୍ଧୁ ମିନତି ମୋର
ଜୀବନ ମରଣ ସାଥୀ ହେ ପ୍ରିୟବର ।୪।

## କେହି ଜଣେ ଯେବେ ମୋର ଥାଏ ନିଜର

କେହି ଜଣେ ଯେବେ ମୋର ଥାଏ ନିଜର
ଏହି ଦୁନିଆରେ ଏକା ତୁମେ ଠାକୁର ।୦।

ସଂସାର ମୋହ ନିଦରେ ଥିଲି ମୁଁ ଶୋଇ
ପରିଚୟ କାନେ ମୋର ଦେଲ ତ କହି
ମୁଁ ଉଠିଲି ଚେଇଁ ଯେତେ ମମତା ଫେଇ
ସଁପିଲି ନିଜକୁ ତୁମ କଞ୍ଜପୟର ।୧।

ଜନମ ଜନମ ଯେତେ କଲୁଷ ରାଶି
ସାଉଁଟି ସାଥିରେ ଯାହା ନେଇ ଆସିଛି
ପୋଛିଦିଅ ଏଥର ଆଉ ନ କରି ଦୂର
ପ୍ରେମଡୋରେ ବାନ୍ଧିରଖ ତୁମ ପାଶର ।୨।

ତୁମ ଭାବ-ନଈଧାରେ ଚାଲିବି ମୁହିଁ
ନିରତ ଏ ଜୀବନରେ ପରାଣସାଇଁ
ଦିଅ ଶୁଭବୁଦ୍ଧି କେବେ ବଣା ନ ହେବି
ଆଶିଷ ବରଷ ସଦା ଶିରେ ମୋହର ।୩।

ତୁମରି ଅଭୟ ରଙ୍ଗା କଞ୍ଜପୟରେ
ଶିର ମୋର ଲୋଟୁଥାଉ ସଞ୍ଜ ସକାଳେ
ତୁମ ଅମିୟ ବାଣୀ ହେଉଥିବି ମୁଁ ଗୁଣି
ଝଡଝଞ୍ଜା ଆସୁ ଯେତେ ଜୀବନେ ମୋର ।୪।

## କୋଟି କଣ୍ଠ ଭରି ବାଜି ଉଠେ ଆଜି

କୋଟି କଣ୍ଠ ଭରି ବାଜି ଉଠେ ଆଜି
ଶ୍ରୀଗୁରୁ ବନ୍ଦନା ସୁରେ ସୁରେ
ଗୁରୁ ପ୍ରେମମୟ ପଦ ଦରଶନ
ଜୀବ ଜୀବନ ର ତାପ ହରେ ।୦।

ନାହିଁ ତାଙ୍କ ସମ କରୁଣା ନିଧାନ
ଜୀବନ ଭୁବନ ତାଙ୍କରି ବିଧାନ
ପରମ ପୁରୁଷ ସେହି ଜଗଦୀଶ
ପୂରି ରହିଛନ୍ତି ତିନି ପୁରେ ।୧।

ସତ୍ୟ ଲୋକ ପାରେ ଅରୂପ ମନ୍ଦିରେ
ଚିର ବିରାଜିତ ନିତ୍ୟ ଜଗତରେ
ସେ ନିର୍ଗୁଣ ବ୍ରହ୍ମ ନୟନାଭିରାମ
ପ୍ରେମମୟ ଆଜି ଧରା ତଳେ ।୨।

ପାପୀତାପୀ ଜନ ଉଦ୍ଧାରିବା ପାଇଁ
ତାଙ୍କ ବିନା ଦୟାମୟ ଆଉ ନାହିଁ
ତାଙ୍କରି ଅମଳ କମଳ ଚରଣେ
ବିଶ୍ୱ ନିତି ପ୍ରଣିପାତ କରେ ।୩।

## କୋଟିକାମ ଜିଣା ଠାଣି କି ମନୋହର

କୋଟିକାମ ଜିଣା ଠାଣି କି ମନୋହର
ଦରଶନେ ସବୁ ଦୁଃଖ ଘୁଞ୍ଚିଲା ମୋର ।୦।

ସୁରଙ୍ଗପଦଯୁଗଳ ଦରଫୁଟନ୍ତା କମଳ
ମନଭୃଙ୍ଗ ଗଲାଲାଖି ହୋଇ ବିଭୋର ।୧।

କାନ୍ତି ଚ- କବରଣ ଅଙ୍ଗଗନ୍ଧ ମୋହେ ମନ
ବକ୍ଷକୁ ଲମ୍ବିଛି ଚାରୁ ଯୋଡା କୁନ୍ତଳ ।୨।

ମୁଖମଣ୍ଡଳ ଭଙ୍ଗିମା ଜଗତେ ନାହିଁ ଉପମା
ନଧର ଅଧରେ ହାସ କେତେ ରସାଳ ।୩।

ଜଳଦ ଗମ୍ଭୀର ବାଣୀ ଧନ୍ୟ ହେଲା କାନ ଶୁଣି
ସରଜିଲା ହୃଦକୋଣେ ଦିବ୍ୟ ଝଙ୍କାର ।୪।

ସତେ ଏତେ ଭାଗ୍ୟ ହେବ ନୟନ ନିରେଖୁଥିବ
ସନ୍ତାପ ହରା ରୂପ ସେ ନିଶି ପାଶୋର ।୫।

ଜୀବନର ଅଭିଳାଷ ତା ପଦ ଯୁଗ ପରଶ
ପିଣ୍ଡରୁ ପରାଣ ହେବା ବେଳେ ବାହାର ।୬।

## କୋଟି କୋଟି ଜନ ମନ ସୁଖଶାନ୍ତି

କୋଟି କୋଟି ଜନ ମନ ସୁଖଶାନ୍ତି ଦାୟକ
ସତ୍ୟ ଶିବ ସୁନ୍ଦର ହେ, ବ୍ରହ୍ମାଣ୍ଡର ନାୟକ
ପ୍ରଭୁ ହେ, ଆପଦ ବିପଦ ଶୋକ ପାପ ତାପ ହାରକ
ଭକ୍ତ ବାଞ୍ଛା କଳ୍ପତରୁ ଚିତ୍ତ ଶୁଦ୍ଧି କାରକ ।୦।

ଜ୍ଞାନୀ ଚିତ୍ତେ ଜ୍ଞାନ ତୁମେ, ତୁମେ ବୁଦ୍ଧି ବିବେକ
ଅବ୍ୟୟ, ଅକ୍ଷୟ ତୁମେ ଅନ୍ତର୍ଯାମୀ ଅଲେଖ
ପ୍ରଭୁ ହେ, ରୂପ ତୁମର ଗୋଟିଏ ହୋଇଅଛ ଅନେକ
ଅନେକ ମିଳନେ ପୁଣି ହୋଇଥାଅ ଏକକ ।୧।

ଦୀନବନ୍ଧୁ କୃପାସିନ୍ଧୁ ସର୍ବଶୁଭ କାରଣ
ପାପ ତାପ ଶୋକ ମୋହ କରିନିଅ ହରଣ
ପ୍ରଭୁ ହେ, ଚଉଦିଗେ ବିରାଜଇ ତୁମ ରଙ୍ଗା ଚରଣ
କୀଟୁ ବ୍ରହ୍ମ ପରିଯନ୍ତେ ଦେଉଅଛ ଶରଣ ।୨।

ତୁମେ ମାତା ତୁମେ ପିତା ସଖା ବନ୍ଧୁ ସୋଦର
ବିଦ୍ୟା ତୁମେ ବୁଦ୍ଧି ତୁମେ ଶକତିର ଆକର
ପ୍ରଭୁ ହେ, ଛାଡିଲେ ତୁମକୁ କିଛି ନ ରହଇ ମୋହର
ଜନ୍ମେ ଜନ୍ମେ ମୁହିଁ ପରା ପାଦ ପଦ୍ମ କୋୟର ।୩।

## କୋଟି ପୁଣ୍ୟବଳେ ଆଜି ପାଇଛି ଗୋସାଇଁ

କୋଟି ପୁଣ୍ୟବଳେ ଆଜି ପାଇଛି ଗୋସାଇଁ
କିପରି କରିବି ସେବା ବୁଝି ପାରୁନାହିଁ ।୦।

ଇଚ୍ଛା ଥିଲା ତବ ପାଶେ କାଟିବି ଜୀବନ
ମାତ୍ର କାଟି ପାରୁନାହିଁ ସଂସାର ବନ୍ଧନ
ବିତିଯାଉ ଏ ଜୀବନ ତୁମ ନାମ ଗାଇ ।୧।

ଜୀବନ ନାବରେ ପରା ତୁମେ ହେ କାଣ୍ଡାରୀ
ଏ ଭବ ସାଗରୁ କେବେ କରି ଦେବ ପାରି
ବସି ରହିଲି ମୁଁ ସେହି ଶୁଭ ଦିନ ଚାହିଁ ।୨।

ଏତିକି ଗୁହାରି ପଦେ ଘେନ ହେ ଠାକୁର
ତୁମ ପାଶେ ଯିବି ବୋଲି ମନ ତର ତର
ଆଉ କିଛି ମାଗିବାକୁ ମନ ବଳୁ ନାହିଁ ।୩।

## କୋଟି ବ୍ରହ୍ମାଣ୍ଡ ମଉଡମଣି

କୋଟି ବ୍ରହ୍ମାଣ୍ଡ ମଉଡମଣି ପାଞ୍ଚଟି ଅକ୍ଷରେ ନାଆଁ
ଭୁବନମୋହନ ପିତା ତୁମର ମାଣିକ୍ୟସୁନ୍ଦରୀ ମାଆ
ଦେଖି ହସେ ସାରା ଦୁନିଆଁ ।୦।

ଧାରା ଶିରାବଣ ମଧୁଝରା ଯାମିନୀ
ଝିଙ୍କାରୀ ଶବଦେ କଂପି ଉଠେ ମେଦିନୀ
ଜୋଛନା ବଉଦେ ଲୁଚି ଖେଳଇ ଶଶୀ
ନିଦ୍ରା ନିମଗନେ ଥିଲେ ଜଗତବାସୀ
ଚଉଦ ଭୁବନ ଆନନ୍ଦେ ମଗନ ବହେ ମୃଦୁ ମୃଦୁ ବାଆ
ଦେଖି ହସେ ସାରା ଦୁନିଆଁ ।୧।

ବଙ୍ଗପ୍ରଦେଶେ ସ୍ଥାପିତ ଜିଲ୍ଲା ନଦୀୟା
କୁତବପୁର ଥିଲା ଛୋଟିଆ ଗାଆଁ
ବାରଶତ ଛୟାଅଶୀ ସାଲ କାଳରେ
ଶ୍ରାବଣ ପୂନେଇଁ ରାତି ତିନି ପହରେ
ସିଂହ ରାଶିରେ ଜନମ ନେଲ ଆହେ ଭାବି ବିନୋଦିଆ
ଦେଖି ହସେ ସାରା ଦୁନିଆଁ ।୨।

ଗୋପନ ରାଇଜୁ ଆସି ଏ ଭୂମଣ୍ଡଳେ
ଖେଳିଲ ମାଣିକ୍ୟ ଦେବୀ ପଣତ ତଳେ
କୁଞ୍ଚିତ କେଶ ମଧ୍ୟରେ ଶୋଭେ ବଦନ
କଳା ମେଘ କୋଳେ ଦିଶେ ଚନ୍ଦ୍ର ଯେସନ
ଅଝଟ ହୋଇଲେ ମା' ଡାକୁଥିଲେ, ଆ-ଧନମଣି ଆ-
ଦେଖି ହସେ ସାରା ଦୁନିଆଁ ।୩।

ତନ୍ତ୍ର ଜ୍ଞାନ ଯୋଗ ପ୍ରେମ କରି ସାଧନ
'ଗୁରୁ' ଭାବେ ନିର୍ବିକଳ୍ପ ଅବତରଣ
ଗୁରୁଙ୍କ ନିର୍ଦ୍ଦେଶେ ଆସି ଏହି ଜଗତେ
କରୁଣା ବରଷି ଉଦ୍ଧାରିଲ ଭକତେ
ଦୟା ବହି ଚିତ୍ତେ କରି ଦିଅ ମୋତେ ତୁମ ପାଦତଳିଆ
ଦେଖି ହସେ ସାରା ଦୁନିଆଁ ।୪।

ଗୋପନେ ରହିଲ ଏ ଉତ୍କଳ ମାଟିରେ
ନୀଳସିନ୍ଧୁ ତୀରେ ନୀଳାଚଳ କୁଟୀରେ
ଏ ପୁଣ୍ୟ ଲଗନେ ପ୍ରଭୁ ମାଗୁଣି ମୋର
ଥାପି ଦିଅ ହୃଦେ ବେନି ରଙ୍ଗ ପୟର
ଆଜି ତବ ଶୁଭ ଜନମ ଦିନରେ ଭକତରେ ହୁଅ ସାହା
ଦେଖି ହସେ ସାରା ଦୁନିଆଁ ।୫।

## କୃପା ସାଗର ହେ ! ନ କର ମୋରେ ଅନ୍ତର

କୃପା ସାଗର ହେ ! ନ କର ମୋରେ ଅନ୍ତର
କି ଘେନି ଆଉ ମୁଁ ତୁମ ବିହୁନରେ
ତୋଳିବି ସଂସାରେ ଘର |୦|

ତୁମେ ତ ଅମୂଲ୍ୟ ନିଧି ଦୟାନିଧି ତୁମେ ରତନ ଭଣ୍ଡାର
ଅତି ଅଧମ ମୁଁ ତୁମେ ଏକା ମୋର
ମନ ଜୀବନ ଈଶ୍ୱର |୧|

ବତାଇ ଦିଅ ହେ ଏ ଦୀନ ଜନରେ କର ନାହିଁ ସାତପର
କିକଲେ, କିଦେଲେ କିରୂପେ ଭଜିଲେ
ହେବି ମୁଁ କିଣା କିଙ୍କର |୨|

ଲୁଚି ରହି ପଛେ ବସ ଅରୂପରେ ମନ-ସିଂହାସନ ପର
ତୁମ ବିନେ ଆଉ ଆହା କରିବାକୁ
କେ ଅଛି ଜଗତେ ମୋର ? |୩|

ଜାଣୁଛି, ବୁଝୁଛି, ଡାକିଲା ପରାଏ ଡାକୁନାହିଁ ମୁଁ ପାମର
ତୁମେ କି ସମିବ ନାହିଁ ଦୋଷ ଯେତେ
ବୋଲାଇ କ୍ଷମା ସାଗର ? |୪|

## ଖୋଜିବା ପରି ମୁଁ

ଖୋଜିବା ପରି ମୁଁ ଖୋଜି ନାହିଁ ପ୍ରଭୁ
ପାଇବା ପରି ମୁଁ ପାଇଛି
ବୁଝିବା ପରି ମୁଁ ବୁଝି ନାହିଁ ସିନା
ଚାହିଁବା ପରି ମୁଁ ଚାହିଁଛି ।୦।

ଭିଜିନାହିଁ ତବ ଭାବଜଳଧିରେ
ମଜ୍ଜି ନାହିଁ କେବେ ଭକତି ବିଭୋରେ
ଭଜିବା ପରି ମୁଁ ଭଜିନାହିଁ ସିନା
ତବ ଗୁଣଗାନ ଗାଇଛି ।୧।

ପୂଜା ଆରାଧନା ନ ଜାଣେ ତ କିଛି
ମାଜି ମୋ ହୃଦୟ ସଜାଇ ରଖିଛି
ନେବାପାଇଁ କେବେ ମାଗି ନାହିଁ କିଛି
ଯାହାଥିଲା ସବୁ ଦେଇଛି ।୨।

ଅରଜି ନାହିଁ ମୁଁ ତବ ସେବାଧର୍ମ
ବରଜି ପାରିନି କୁବୁଦ୍ଧି କୁକର୍ମ
ରାଜୀବ ଯୁଗଳ ପଦକୁ କେବଳ
ଭରସା କରି ମୁଁ ରହିଛି ।୩।

## ଖୋଜିହେଲି ଏ ସାରା ସଂସାର

ଖୋଜିହେଲି ଏ ସାରା ସଂସାର
ନିରାଶ୍ରୟ ଜନପାଇଁ ଛାୟା କାହିଁ ନାହିଁ ନାହିଁ

ଖୋଜିଲି ଗିରି, କାନନ , ଭୀମ ମରୁଥଳ
ଦଇବେ ଭେଟିଲି ଶେଷେ କଳ୍ପତରୁ ମୂଳ
ସମ୍ପଦର ସାର ସେ ଯେ ଗୁରୁପଦତଳ ।୧।

ବୁଡିଗଲି ସୂକ୍ଷ୍ମ ଧୀଆନରେ
ସମାଧି ରସର ଲାଗି, ମନ ଅତି ଅନୁରାଗୀ
ଏତେକାଳ ପରେ ଆଜି ଆଖିମେଲି ହେରେଁ
ରସ ପରିଣତି ଯେଉଁ ଦିବ୍ୟ ମୂରତିରେ
ଆତ୍ମାରାମ ଗୁରୁ ମୋର ସେ ଯେ ଧରତିରେ ।୨।

ମନ୍ତ୍ର ଜପେଁ ମୁକତି ଆଶରେ
ଫଳ ନାହିଁ ତହିଁ କିଛି ଏବେ ମୁଁ ମନେ ବାରୁଛି
ମୁକତି ସହଜ ଗୁରୁନାମ ଭଜନରେ
କିବା ଫଳ ଯାଗ , ଯଜ୍ଞ , ତୀର୍ଥ ସ୍ନାହାନରେ ?
ସବୁ ଫଳ ଠୁଳ ଗୁରୁ ପଦ-ସରୋଜରେ ।୩।

ନୟନରେ ସେ ଅଙ୍ଗ ଝଲକ -
ବିଳାସ ନ କଲେ ତହିଁ ମନ-ଭ୍ରାନ୍ତି ଘୁଞ୍ଚେ ନାହିଁ
ଚିନ୍ମୟ ର ଚଇତନ୍ୟ ହେଲେ ଜାଗରୁକ
ଅପସରି ଯିବ ହେଳେ ସବୁ ଚିନ୍ତା ଦକ
ଅମାଘେରା ଏ ପରାଣ ଲଭିବ ଆଲୋକ ।୪।

## ଗଙ୍ଗା-ତରଙ୍ଗରେ ଧଉତ

ଗଙ୍ଗା-ତରଙ୍ଗରେ ଧଉତ
ଜଟା କଳାପ ଯା' ର
ଅତି ରମଣୀୟ ଦିଶଇ
ଶୋଭା ସମ୍ଭାର ସାର ।୧।

ବାମ ଅଙ୍ଗେ ବାମାଗଉରୀ
ମୋଦେ ବିରାଜି ଯହିଁ
ଉପମା ଦେବାକୁ କ୍ଷିତିରେ
ଶିରୀ ସମ୍ପଦ ନାହିଁ ।୨।

ନାରାୟଣ ପ୍ରିୟ ରୂପେ ଯେ
ପୂଜ୍ୟ ତିନି ଭୁବନେ
ମଦନ-ଗରବ ନାଶି ଯେ
ଖ୍ୟାତି କାମ- ଦହନେ ।୩।

ବାରାଣାସୀପୁରେ ବିରାଜ
ବିଶ୍ୱନାଥ ପୟର -
ପୂଜନ କରୁଛି ନିରତ
ଭେଟି କୋଟି ଜୁହାର ।୪।

## ଗାଆରେ ମନ ମଧୁର ମଧୁର

ଗାଆରେ ମନ ମଧୁର ମଧୁର ଗାଆ
କୋଟି ପାରିଜାତ ମଧୁରୁ ମଧୁର
ପ୍ରେମବୋଳା ଗୁରୁ ନାଆଁ ।୦।

ନାରଦ ବୀଣାରେ ଗୁରୁ ନାମ ସୁର
ଶୁଣୁଛନ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ନାମ-ତରୁ ଡାଳେ ଘୁମୁରି ପାରା ତୁ
ଘୁମୁ ଘୁମୁ ଗାଇ ଯାଆ ।୧।

କଳସୀ କାଖରେ ଭାବମୟୀ ରାଇ
ବାଇ ହେଲା ଦିନେ ସେଇ ନାମ ଗାଇ
ଖସି ପଡିଲା ତା ଦୋହଲା କଟୀରୁ
ଚହଲା କଳସୀ ଆହା ।୨।

ଅମୃତମୟ ସେ ଗୁରୁ ନାମ ଏକା
ତା ବିନା ଜୀବନ ଲାଗେ ଫିକା ଫିକା
ପ୍ରାଣଭରା ପ୍ରେମ, ପ୍ରେମଭରା ନାମ
ବତାଇ ଦେବରେ ରାହା ।୩।

## ଗୁହାରି ମୋ ଶୁଣ ଠାକୁର

ଗୁହାରି ମୋ ଶୁଣ ଠାକୁର !
ଜଣାଉଛି ଯୋଡି ମୁଁ କର |୦|

ତୁମେ ଏକା ରାଜା ମୋର ମୁଁ ଚିର କିଣା କିଙ୍କର
ତୁମ ଗୁଣ ଗାଇବାକୁ କଣ୍ଠରେ ମୋ ଦିଅ ସୁର |୧|

ଚିତ୍ତର ଚିନ୍ତା ସାଉଣ୍ଟି ପ୍ରାଣର ଯେତେ ଭକତି
ଜୀବନ ସୂତାରେ ଗୁନ୍ଥି ଭେଟି ଦେବି କରି ହାର |୨|

ଦୁଆରେ ତୁମରି ରହି ଥିବି ଶିରୀ ମୁଖ ଚାହିଁ
ଆହେ କରୁଣା ନିଧାନ ! ବାଞ୍ଛା ମୋ କର ପୂରଣ |୩|

ନଉକରୀ ହେଉ ମୋର ତୁମ ପଦ ସେବିବାର
ଏତିକି କେବଳ ଭିକ୍ଷା ନିରତ ଗୁରୁଦାସର |୪|

## ଗୁରୁ ଏକା ପତିତପାବନ

ଗୁରୁ ଏକା ପତିତପାବନ
ଗୁରୁ ଧନେ ନଚିହ୍ନିଲୁ ମନରେ ।୦।

ଗୁଣର ଅତୀତ ସେ ଯେ ଧିଆନ ଅତୀତ
ସଚ୍ଚିଦାନନ୍ଦ ସ୍ୱରୂପ ସେ ଯେ ନିତ୍ୟ ସତ୍ୟ
ଦରଶନ ଲଭେ ଯେହୁ ସେହୁ ଭାଗ୍ୟବାନ ରେ ।୧।

କରୁଣାର ସିନ୍ଧୁ ଗୁରୁ-କୃପା ଅହେତୁକ
ଶୋକ ଦୁଃଖ ନଯାଣଇ ସେ ପଦସେବକ
ଭବ-ନଦୀ ନାବିକ ସେ ନାମ ନିରଞ୍ଜନ ରେ ।୩।

ଜନମ ଜନମ ତପ-ଫଳ ଥିବ ଯା'ର
ସଦଗୁରୁ କୃପା ଏକା ସଉଭାଗ୍ୟ ତା'ର
କାହାର ପଶରା ତା'ର, ଛାର ତ ଶମନ ରେ ।୪।

## ଗୁରୁ କେମନ ଧନ

ଗୁରୁ କେମନ ଧନ ଚିନ୍‌ଲିନାରେ ମନ
ଅମୂଲ୍ୟ ରତନ ସେ ଯେ ପତିତପାବନ ।୦।

(ସେ ଯେ) ବିନ୍ଦୁନାଦ କଲାତୀତ ନିତ୍ୟ ନିରଞ୍ଜନ
ଗୁନାତୀତ ଧ୍ୟାନାତୀତ ସତ୍ୟ ସନାତନ
ଭାଗ୍ୟବାନ୍ ଯେଇ ଜନ ପାୟ ତାଁର ଦରଶନ
ଯାଁର ଲାଗି ଯୋଗୀ ଋଷି ଧ୍ୟାନେ ନିମଗନ ।୧।

(ସେ ଯେ) ଅହେତୁକ କୃପାସିନ୍ଧୁ ପତିତଜନାର ବନ୍ଧୁ
ବିତରିୟେ କୃପାବିନ୍ଦୁ ପାର କରେ ଦୀନଜନ
(ଯଦି) ପାର ହବି ଭବନଦୀ ଚିନ୍ତ ନିରବଧି
ତାଁର କୃପାର ନାଇ ଅବଧି ଅକୂଳେର୍ କାଣ୍ଡାରୀ

ଜନ୍ମ ଜନ୍ମେର୍ ପୁଣ୍ୟଫଳେ ସଦ୍‌ଗୁରୁର୍ ଚରନ୍ ମିଳେ
ତରେ ଯାୟ ସେ ହେସେ ଖେଲେ, ଧନ୍ୟ ତାର ଜୀବନ ।୨।

ପୁଣ୍ୟବଳ ନା ଥାକିଲେ ତା'ର ଜୀବନ ଯାୟ ବିଫଲେ
ତା'ର ଭାଗ୍ୟେ ନାହିଁ ମିଲେ ଶ୍ରୀଗୁରୁର ଚରନ୍
(ଗୁରୁର) ଅଭୟ ଚରନ୍ ପେଲେ ପରେ କାଲେର ଭୟ ଯାବେ ଦୂରେ
କାଲେର କାଲ ମହାକାଲ, ଓଇ ଚରନେର ଭରସା କରେ
ଉମେଶ ତୋର୍ ନାଇରେ ଭୟ ପେୟେଛିସ ତାଁର ଚରନ୍ ଅଭୟ
(ଏଖନ୍) ଶମନ ତୋରେ କର୍‌ବେରେ ଭୟ କରିସ୍‌ରେ ଯତନ
ହୃଦ୍ ମାଝାରେ ରେଖେ ତାଁରେ କରିସ୍‌ରେ ପୂଜନ ।୩।

## ଗୁରୁ କୃପା ହିଁ କେବଳ

ଗୁରୁ କୃପା ହିଁ କେବଳ ଗାଅ ମନ ଭରି
ଗୁରୁ କୃପା ଭକତର ଏକା ପ୍ରାଣ ତରୀ |୦|

ଗୁରୁ କୃପା ଲଭି ଭାଇ ! ସୁଶୀତଳ କର ଦେହୀ
ଗୁରୁ କରୁଣାରେ ପଙ୍ଗୁ ସହଜେ ଲଙ୍ଘଇ ଗିରି |୧|

ଜୀବନର ପାପ, ତାପ କାହିଁ ହୋଇଯାଏ ଲୋପ
ଅଭୟ ହୋଇବୁ ତୁ ରେ, ଏକା ଗୁରୁ ନାମ ଧରି |୨|

ଗୁରୁ ନାମ ଗାନ କର ଲଭ ଆନନ୍ଦ ଅପାର
ଜୟଗୁରୁ ଜୟଗୁରୁ ଜପ ଦିବସ ଶର୍ବରୀ |୩|

## ଗୁରୁ କୃପା କରି ସମ୍ବଳ

ଗୁରୁ କୃପା କରି ସମ୍ବଳ ପଙ୍ଗୁ ଲଘଂଇ ଗିରି
ଜଳରେ ଭାସଇ ପଥରସୋଲ ଖଣ୍ଡଟି ପରି ।୧।

ମୂକ ହୋଇଯାଏ ବାଚାଳ ପଦ୍ମ ଗିରି ଶିଖରେ
ଫୁଟି ପାରେ ଗୁରୁ କୃପାରୁ ନାହିଁ ସନ୍ଦେହ ତିଳେ ।୨।

ଦୁସ୍ତର ଏ ଭବ ଜଳଧି ଗୁରୁ କୃପା ହୋଇଲେ
ଗୋଷ୍ପଦ ସମାନ ହୁଅଇ ଜୀବ ତରଇ ହେଳେ ।୩।

ଗୁରୁ କୃପା କରି ସମ୍ବଳ ଜୀବ ଶିବ ହୁଅଇ
ତାଙ୍କ କୃପା ହେଲେ ଦୁଃସାଧ୍ୟ କିଛି ତ୍ରିଲୋକେ ନାହିଁ ।୪।

ପଶୁତ୍ୱକୁ ଧ୍ୱଂସ କରଇ ଗୁରୁ କୃପା କେବଳ
ଦେବତ୍ୱ ଲଭିବା ପାଇଁକି ଦେଇ ପ୍ରେରଣା ବଳ ।୫।

ସବୁ ଅସମ୍ଭବ ସମ୍ଭବ ହୁଏ ଗୁରୁ କୃପାରୁ
ଦାରୁ ହୁଏ ଦୁବ ପଲକେ ଦୁବ ହୁଅଇ ଦାରୁ ।୬।

ନିରକ୍ଷର କୃପା ଲଭିଣ ବ୍ରହ୍ମଜ୍ଞାନୀ ହୁଅଇ
ଶ୍ରୁତ ସ୍ମୃତି ଶାସ୍ତ୍ର ସକଳ ତାର ମୁଖୁ ସ୍ଫୁରଇ ।୭।

ସାଧନ ଭଜନ ଅଟଇ ଉପଲକ୍ଷ୍ୟ ମାତର
ସିଦ୍ଧି ଲାଭ ହୁଏ ଲଭିଲେ ଗୁରୁ କୃପା କେବଳ ।୮।

ଧନ ମାନ ବିଦ୍ୟା ଗୌରବ ଲୋଡା ହୁଅଇ ନାହିଁ
କୃପା ଆକର୍ଷଣ ପାଇଁକି ଭକ୍ତି ମୂଳ ଅଟଇ ।୯।

କାମନା ବାସନା ବରଜି ଶୁଦ୍ଧ କରି ଅନ୍ତର
ବ୍ୟାକୁଳ ଅନ୍ତରେ ଡାକଇ ତାଙ୍କୁ ଯେ ନିରନ୍ତର
ଗୁରୁ କୃପା-ବାରି ବରଷେ ସଦା ଶିରେ ତାହାର ।୧୦।

## ଗୁରୁ ଚରଣ ତଳେ ପ୍ରଣତି ଢାଳେ

ଗୁରୁ ଚରଣ ତଳେ ପ୍ରଣତି ଢାଳେ
କରେ ଧରି ପୁଷ୍ପାଞ୍ଜଳି ଲୋଟୁଛି ପଦକମଳେ ।୦।

ନ ଜାଣେ ପୂଜନ ରୀତି ତବ ଆରାଧନା ବିଧି
ଜାଣୁଛି କେବଳ ପ୍ରଭୁତବ ପଦେ ସର୍ବ ସିଦ୍ଧି
ଅଷ୍ଟସିଦ୍ଧି ଗୁରୁ କୃପା ବଳେ ।୧।

ନାହିଁ ମୋ ଭକତି ବଳ ଦିଅ ବିଶ୍ୱାସ ଅଟଳ
ପୂଜିବି ଚରଣ ବେନି ନେତ୍ରୁ ଢାଳି ଅଶ୍ରୁଜଳ
ଉଭା ହୁଅ ମୋ ମନ-ଦେଉଳେ ।୨।

ବାଞ୍ଛା ମୋର ନିତ୍ୟଲୋକେ ନିତ୍ୟ ସଖୀଗଣ ତୁଲେ
ଶ୍ରୀଗୁରୁ ମହିମା ଗାଇ ନାଚିବି ପ୍ରେମ ବିଭୋରେ
ବୁଡାଅ ପ୍ରେମସିନ୍ଧୁ ଜଳେ ।୩।

କୋଟି ଅପରାଧ ମୋର କ୍ଷମିବ ପରାଣେଶ୍ୱର
ଗୁରୁ ନାମ ଗାଇ ଗାଇ ଯାଉ ଏ ଜୀବନ ଛାର
ପାଶେ ଥିବ ଜୀବ ଯିବା ବେଳେ ।୪।

## ଗୁରୁ ତୋମାର ଆମି ତୋମାର ଆମି

ଗୁରୁ ତୋମାର ଆମି ତୋମାର ଆମି ତୋମାରି-ଇ ତୋ ଆମି
(ଆବାର) ତୁମି ଆମାର ଆମି ତୋମାର ଆମାର ସକଲ ତୁମି ।୦।

(ଗୁରୁ) ଆମି ରଥ ତୁମି ରଥୀ
ଆମାର ସକଲ କାଜେ ତୁମି ସାଥି
(ଗୁରୁ) ତୋମାର ବଲେ ସବାଇ ଚଲେ, ଯେମନ ଚାଲାଓ ତୁମି ।୧।

ବାରି ବିନା ମୀନ ଯେମନ
(ଗୁରୁ) ତୋମାର ଛାଡା ଆମି ତେମନ
ପ୍ରାନେ କତ ଜ୍ୱାଲା ଯାଏକି ବୋଲା, ସବ ଯାନ ଅନ୍ତରଯାମୀ ।୨।

ଲତା ଯେମନ ତରୁ ଘିରେ
ଓସେ ଜଡିୟେ ଧରେଥାକେ ତା'ରେ
((ତେମନି) ଲତାର ମତନ ଆମାର ହ୍ରିଦୟ ରତନ ଜଡିୟେ ଥାକି ଆମି ।୩।

ତୋମାର ଧନେ ଆମି ଧନୀ
ତୋମାର ଜ୍ଞାନେ ଆମି ଜ୍ଞାନୀ
(ଆମାର) ପିତା ମାତା ବନ୍ଧୁ ଭ୍ରାତା, ସକଲ-ଇ ତୋ ତୁମି ।୪।

(ଆମାର) ପ୍ରାନ ତୁମି, ପ୍ରିୟ ତୁମି
(ଆମାର) ଭକ୍ତି ତୁମି, ମୁକ୍ତି ତୁମି
ସାଧନ ତୁମି, ଭଜନ ତୁମି, ତୁମି ହ୍ରିଦୟ ସ୍ୱାମୀ ।୫।

(ଆମାର) ତୁମି ବିନା କେ ଆର ଆଛେ
(ଗୁରୁ) ଆମାର ଯା'ସବ ତୋମାର କାଛେ
(ଏବାର) ଆମାର ଆମି ନିଲେ ତୁମି, ତୋମାର ହଇଲାମ ଆମି ।୬।

## ଗୁରୁଦେବ ! ତବ ମଣିମନ୍ଦିରେ ଆଜି

ଗୁରୁଦେବ ! ତବ ମଣିମନ୍ଦିରେ ଆଜି ଶୁଭ ଶଙ୍ଖ ବାଜେ
ବିଶ୍ୱମାନସ ତବ କଞ୍ଜ ଚରଣ ତଳେ
ପ୍ରଣତି ଦିଏ ସେବକ ସାଜେ |୦|

ଭୁବନେ ଭୁବନେ ଶୁଭେ ତବ ଶୁଭ ନାମ
ମିଳନ ମନ୍ଦିରେ ତବ ରୂପ ଅଭିରାମ
ତବ ଦୟା ମୋହ ମାୟା ଭାଜେ |୧|

ଆହତ ମରମେ ତୁମେ ଅନାହତ ତାର
ତୋଳୁଅଛ ଅବିରାମ ମଧୁର ଝଙ୍କାର
ତବ ପ୍ରେମ ତ୍ରିଭୁବନେ ରାଜେ |୨|

ସରଗରେ ମରତରେ ତନୁ ମନ ଭରା
ଚିର ଝଲମଲ ତୁମ ଶୋଭାର ପସରା
ତବ ପଦ ପାରିଜାତ ସାଜେ |୩|

## ଗୁରୁଦେବ ଦୟା କର ଅଧମ ସନ୍ତାନେ

ଗୁରୁଦେବ ଦୟା କର ଅଧମ ସନ୍ତାନେ
ଅଧମ ବୋଲେ ଦିୟୋନା ଫେଲେ,
ରେଖୋ ରାଙ୍ଗା ଚରନେ ।୦।

ହୃଦି ଆଲୋ କରେ କୃପା କର ଭକ୍ତି ଦିୟେ ପ୍ରାନେ
ଭକ୍ତି ମୁକ୍ତି ତୋମାରି ହାତେ,
ନା ଦିଲେ ତା ପାବୋ କେମନେ ।୧।

ରେଖୋ ଚରନ ଯୁଗଲ ହୃଦୟେ ମୋର,
ଦେଖତେ ପାଇ ଯେନ ପ୍ରତିକ୍ଷନେ
ଆର ଆଖୀ ନୀରେ ଧୋୟେତେ ପାରି
(ତୋମାର) ରାଙ୍ଗାଚରନ ମନେ ପ୍ରାନେ ।୨।

(ଚୋଖେର ଜଲେ ଧୋୟେତେ ପାରି
ତୋମାର ଅଭୟ ଚରନ ମନେ ପ୍ରାନେ)
ଆର କୋନୋ ସାଧ ନାଇକ ମନେ,
ରେଖୋ ଆମାୟେ ଏଇ ଚରନେ
(ଆମାୟେ) ଚରନ ଛାଡା କରୋ ନା ଯେନ
ଜୀବନେ କିମ୍ବା ମରନେ ।୩।

## ଗୁରୁଦେବ ପରି ଜଣେ ସାମନ୍ତ

ଗୁରୁଦେବ ପରି ଜଣେ ସାମନ୍ତ, ନାହିଁ ନାହିଁ ତ
ଭକତ ଜନର ଇହ ପରକାଳ ତାରଣ କାରଣ ସେହି ତ ।୦।

ଗୋଟିଏ ରୂପରେ ଜନମ ହୋଇଣ
କୋଟି ରୂପେ ପରକାଶ ତ
ଜ୍ଞାନର ଆଲୋକ ବିକଶିତ କରି
ପ୍ରେମବାରି ବୁହାଇଲେ ତ ।୧।

ତାଙ୍କରି ଆଶିଷେ ମୂକ ଗୀତ ଗାଏ
ପଙ୍ଗୁ ଲଙ୍ଘେ ଗିରିମାଳ ତ
ଦୁଃଖ ତାପହାରୀ ସେ ଏକା ସବୁରି
ତାଙ୍କ ପରି ସାହା ନାହିଁ ତ ।୨।

ଶିଷ୍ୟ ବୋଲି ଯା'ରେ ଗ୍ରହଣ କରନ୍ତି
ପିତା ପରି ଭଲ ପାଇ ତ
କୁପଥରୁ ଟାଣି ସୁପଥେ ନିଅନ୍ତି
ପଛେ ପଛେ ସଦା ଧାଇଁ ତ ।୩।

ହୃଦୟ-କନ୍ଦରେ ତାମସ ବିନାଶି
କୁଣ୍ଡଳିନୀ କରେ ଜାଗ୍ରତ
ତାଙ୍କ କୃପା ବଳେ ପଦ୍ମଫୁଲ ପରି
ପ୍ରଜ୍ଞା କେନ୍ଦ୍ର ଫୁଟି ଉଠେ ତ ।୪।

ଏମନ୍ତ ସାମନ୍ତ ତ୍ରିଭୁବନେ ନାହିଁ
ପରାବର ବ୍ରହ୍ମ ସେହି ତ
ମୁଁ ଜଣେ ପତିତ କର ଯୋଡି ମାଗେ
ଚିତ୍ତ ରହୁ ପଦେ ନିରତ
ନାହିଁ ନାହିଁ ତ ... ।୫।

## ଗୁରୁନାମ ଅବିରାମ ଗାଇ ଯା ମନୁଆଁ

ଗୁରୁନାମ ଅବିରାମ ଗାଇ ଯା ମନୁଆଁ
ସବୁଲୀଳା ସବୁଖେଳା ମାତ୍ର ଦିଦିନିଆ
ଜାଣିଥା ଏଇ ମିଛ ମାୟାଘେରା ଦୁନିଆଁ ।୦।

ଭଲ କହି ଯା କିଛି ଦେଇ ଯା ଏଇ ଭବ ସଂସାରେ
ନାମ ଗାଇ ଯା ମନ ଦେଇ ଯା ଶ୍ରୀଗୁରୁ ପୟରେ
ନିଜେ ତୁ ନୋହୁ ନିଜର କିଏ ବା ହୋଇବ ତୋର
ବୃଥା କୁ-କରମେ ମାତି ଗଲାଣି ତୋ ଦିନ ବିତି
ମଲାବେଳେ ବାଇ ହୋଇ ହେବୁ ଖାଲି ଛାନିଆ ।୧।

ଯେବେ ପାରିବୁ ଭବୁ ତରିବୁ ଦିଅ ନାମରେ ଲକ୍ଷ୍ୟ
ନାମ ରତନ କଲେ ଯତନ ଯାଇ ହୋଇବୁ ମୋକ୍ଷ
ଢଳିଗଲେ ଶରୀର କେହି ନୋହିବେ ତୋର
ନାମ କରି ଗଳାହାର ଏ ମାୟା ସଂସାରୁ ତର
ଗୁରୁପଦେ ମନ ଦେଇ ନ ହୁଅ ଅମାନିଆ ।୨।

## ଗୁରୁ ନାମ୍ କର ସାଧନା

ଗୁରୁ ନାମ୍ କର ସାଧନା.... ସାଧନା
ଯେ ନାମେତେ ପାପ୍ ହରେ, ଘୁଚେ ଭବ ଯାତୋନା ।୦।

ଗୁରୁ ରୂପ୍ ଧ୍ୟାନ୍ କର, ଗୁରୁ ବଲ ବଦନେ
ଗୁରୁ ନାମ୍ ସାର୍ କର, ଶାନ୍ତି ପାବେ ଜୀବନେ
ଭୁଲେ ଓ ଭୁଲନା ଯ୍ୟେନ ଶ୍ରୀଗୁରୁର୍ ଓଇ ଶ୍ରୀଚରନ
ଯେ ଚରନେ କୋଟି ଚନ୍ଦ୍ର ବିରାଜିତ ଜାନୋନା ।୧।

ଦୁର୍ଲଭ ମାନୁଷ୍ୟ ଜନ୍ମେ କି ପୂଣ୍ୟ କାଜ୍ କରେଛ
ଜନ୍ମ ହଇଲେ ମୃତ୍ୟୁ ଆଛେ, ତାର୍ ଉପାୟ କି ଭେବେଛ
(ସେଦା) ଆନନ୍ଦମୟେ ଭୁଲେ ନିରାନନ୍ଦେ ରୟେଛ
ଦିନ୍ ଥାକିତେ ଡାକ ତାରେ, ନଇଲେ ଦ୍ୟାଖା ପାବେନା ।୨।

## ଗୁରୁନାମ ଗାଅ ମହାନନ୍ଦେ ଭାଇ

ଗୁରୁନାମ ଗାଅ ମହାନନ୍ଦେ ଭାଇ
ନାମ ଗାଇ ନାଚ ଛନ୍ଦେ ଛନ୍ଦେ ତୁହି
ଗୁରୁଚରଣ ବିନେ ମୋକ୍ଷଧାମ କାହିଁ
ଭଜ ମୂଢ ମତି ଗୁରୁ ନାମ ତୁହି ।୦।

ଗୁରୁ କୃପା ବିନେ ଜ୍ଞାନ ଭକ୍ତି କାହିଁ
ଗୁରୁ ସେବା ବିନେ ସୁଖ ଶାନ୍ତି ନାହିଁ
ଗୁରୁ ଚରଣରେଣୁ ଅଙ୍ଗେବୋଳି ହୋଇ
ପଦେ ପ୍ରଣତୀ କର ଭକ୍ତିଅର୍ଘ୍ୟ ଦେଇ ।୧।

ଗୁରୁ ଚିନ୍ତା ବିନେ ସିଦ୍ଧ ଯତି କାହିଁ
ଗୁରୁ ଭଜନ ବିନେ ଗତିମୁକ୍ତି ନାହିଁ
ଗୁରୁ ସଖା ସମ ଆନ ସଖା କାହିଁ
ଗୁରୁଚରଣେ ମାଗ କୃପା ଭିକ୍ଷା ତୁହି ।୨।

ଗୁରୁ ନାମ ସୁଧା ମଧୁ ପିଇ ପିଇ
ହେଲେ ତରିବୁ ଭବସିନ୍ଧୁ ନାମ ଗାଇ
ଗୁରୁ ନାମ ଗଙ୍ଗା ଜଳ ପୂଣ୍ୟ ମୟୀ
ବୁଡି ରହ ତୁ ମନ ଗୁରୁ ପଦ ଧ୍ୟାୟି ।୩।

## ଗୁରୁନାମ ଗାଇ ମନ

ଗୁରୁନାମ ଗାଇ ମନ ତାଳେ ତାଳେ ନାଚରେ
ଯେତେ ତୋର ଭୟ ସବୁ ପଡିଯିବ ପଛରେ ।୦।

ପ୍ରେମସୁଧା କରି ପାନ, ହୁଅ ମତୁଆଳ ମନ
ମାୟା ମୋହ ପାଠ ଯେତେ ପଢିଛୁ, ତୁ ପୋଛରେ ।୧।

ଜାଣୁ କି ନା ଏ ସଂସାର - ଦି'ଦିନର ଖେଳଘର
ଆଖି ଥାଉଁ ଥାଉଁ ସିନା ଅନ୍ଧ ହେଉ ମିଛରେ ।୨।

ଅଜାଣତେ କାଳ ଆସି ଦେବ ତୋ ଗଳାରେ ଫାଶୀ
ରଖିବେ ଏକା ସେ ଗୁରୁ, ପତାଅ ତୁ ହାତରେ ।୩।

ଅଙ୍ଗେ ଗୁରୁପଦ ଧୂଳି - ଏତେ ବେଳୁ ହୁଅ ବୋଳି
ଗୁରୁନାମ ଦିବାନିଶି ଭଜ ଧୀର ଚିତ୍ତରେ ।୪।

ବୋଲ ମାନ, ବାଇମନ ! କର ଗୁରୁ ସଂକୀର୍ତ୍ତନ
ସେ ଏକା ଜୀବନ ସାହା, ଆଉ ସବୁ ତୁଚ୍ଛ ରେ ।୫।

## ଗୁରୁନାମ ଜପରେ ବାଉଳା ମନ

ଗୁରୁନାମ ଜପରେ ବାଉଳା ମନ !
ଦୂର ହେବ ତୋର ମର-ଜନମ-କଦନ ।୦।

ଗୁରୁନାମ ରଟିବା କାଳେ
ଚିତ୍ତ ରଖ ସେ ପାଦମୂଳେ
ଧରାଧାମେ ଗୁରୁ ଅବତାର ଏକା
ମନ-ଆଶା କରିବାକୁ ପୂରଣ ।୧।

ରସନା ତୋ ନାମ-ଆସନ
ଚିତ୍ତ କରୁ ନାମ ନର୍ତ୍ତନ
ନାମ-ପ୍ରେମ-ନୀରେ ଅବଗାହନରେ
ପୂତ ହେବ ତୋର ମନ-ପରାଣ ।୨।

ମିଳି ଗୁରୁ-ଭକତ ତୁଲେ
ନାମାମୃତ ପିଅ ରେ ଭୋଳେ
ଏ ଭବ-ସାଗରେ ଗୁରୁକୃପା-ନାବ
ଭସାଇ ମୁକତି-ଅଝାଳ ଟାଣ ।୩।

ଅନ୍ଧ ଏଇ ବେନି ନୟନ
ଲେପି ଦିଅ ଜ୍ଞାନ-ଅଞ୍ଜନ
ମୁକତିର ରାହା ଦେଖାଇବେ ଗୁରୁ
ଅନୁସର, ସେହି କଞ୍ଜ-ଚରଣ ।୪।

## ଗୁରୁନାମ ତୁ ସାର କର ମାନସ

ଗୁରୁନାମ ତୁ ସାର କର ମାନସ
ଦୂର ହେବରେ ଭବ-ଦୁଃଖ-ପରାଶ ।୦।

ଜୟଗୁରୁ ନାମ ଗୁଣ ଧିଆନେ ମନେ
ଅନନ୍ତ ବ୍ରହ୍ମାଣ୍ଡ ରଟେ ଯାହାର ନାମେ
ସେହି ତ ପ୍ରାଣଧନ          ତ୍ରିଭୁବନ କାରଣ
ପାପୀ ତାପୀ ତାରଣ          ସେ ଯେ ଦୟା ନିଧାନ
ଗାଅ ଗାଅ ସେ ନାମ ନିଶି ଦିବସ          ।୧।

ଚେତନରେ ଜୟଗୁରୁ ହେଜ ରେ ତୁହି
ସପନରେ ହେର ଗୁରୁ ସ୍ୱରୂପ ଛାଇ
ସକଳ କରମରେ          ସେ ନାମ ସୁମରରେ
ସଳଖ ବାଟ ସେହି          ଦେବେ ତୋତେ ବତାଇ
ଅବାଟେ ଯିବା ପାଇଁ          ଆଶା ବଳିବ ନାହିଁ
ଗୁରୁ କୃପାରେ ଲଭିବୁ ରେ ସନ୍ତୋଷ          ।୨।

ସୁମନ କୁମନ ଦୁହେଁ ଜଗିଆ ଥାଇ
କାହାରି ତୁଲେ କାହାରି ପଡଇ ନାହିଁ
ସୁମନ ରାହା ସାହା          କୁମନ ଭାଙ୍ଗେ ତାହା
ଗୁରୁ ଭରସା ଏକା          ତୁଟିବ ସବୁ ଧୋକା
ସେ ଏକା କରିବେ କୁମନରେ ବିନାଶ          ।୩।

ସୁମନ କହୁଛି ତର ଭବ-ସାଗର
କୁମନ ପଛରୁ ପାଦ ଟାଣୁଛି ତୋର
ଗୁରୁ ତୋ ନାଉରିଆ          କାତ ଧରି ସେ ଠିଆ
କଲେ ତୁ ତାଙ୍କ ଆଶ          କୁମନ ଯିବ ନାଶ
ସହଜେ ପହଞ୍ଚିବୁ ତୁ ମୁକତି ଦେଶ          ।୪।

ଗୁରୁନାମରସ ପିଇ ପାଗଳ ହୁଅ
ଆଶିଷ ଆଶାରେ ଭିଖ ଥାଳ ପତାଅ
ଧନ ଜନ ଗରବ          ଦି'ଦିନିଆଁ ପରବ
ଗୁରୁପଦ ଶରଣ          ଏକା ଅମୂଲ ଧନ
ନିଆଁ ପୋଡିବ ନାହିଁ          ଖଣ୍ଡ ଲୁଟିବ ନାହିଁ
ମାଗ ରେ ମନ ହୋଇ ତୁ ଗୁରୁଦାସ          ।୫।

## ଗୁରୁନାମ ନାବେ ପାରି ହେବୁ ଯେବେ

ଗୁରୁନାମ ନାବେ ପାରି ହେବୁ ଯେବେ
'ଜୟଗୁରୁ' ଜୟ ଭଜରେ
ଗୁରୁ ଦୟାମୟ କରୁଣା ସାଗର
ପ୍ରେମ କଳ୍ପତରୁ ଭବରେ          |୧|

ତ୍ରିଗୁଣ ରଜ୍ଜୁରେ ବନ୍ଧା ଜୀବନ
ଆଉ କେତେ କାଳ କାଟିବୁ ଦିନ
ଯେତେଦିନ ଥିବ ଏ ଜୀବଭାବ
ଗୁରୁ ପରମଙ୍କ ଭେଟ ନୋହିବ
କାହିଁ କାହିଁ ଖୋଜି ହେବୁ ନିରୁପାୟ
ନ ଥିବ ତୋ ବଳ ତେଜରେ          |୨|

ଶରୀର କେଦାରେ ହୋଇ କୃଷକ
ପାପ ପୁଣ୍ୟ  ବୀଜ ବୁଣୁ ଅନେକ
ପୁଣ୍ୟ ତେଜି ଯେବେ ପାପ ଅର୍ଜିବୁ
ସଂଚିତ କର୍ମର ଫଳ ଭୋଗିବୁ
ଧରି ଭିକ୍ଷା ଝୁଲି ଭ୍ରମରେ ନ ବୁଲି
ହୃଦୟ ମନ୍ଦିର ଖୋଜରେ          |୩|

ଭକତି କବାଟ ବିଶ୍ୱାସ ହୁକ
ଖୋଲିଲେ ପାଇବୁ ଗୁରୁଙ୍କ ଭେଟ
ବୋଲି ହେଲେ ଗୁରୁ ନାମ ତଇଳ
ନ ଲାଗିବ ମନେ ମାୟା ସଲିଳ
ଶ୍ରୀ ଗୁରୁ ଗୋବିନ୍ଦ ପଦ ଅରବିନ୍ଦ
ସେବାରେ ସଦା ତୁ ମଜ୍ଜରେ          |୪|

## ଗୁରୁନାମ ରଟରେ ମନ

ଗୁରୁନାମ ରଟରେ ମନ
ଗୁରୁ ବିନେ ନାହିଁ ଆନ ଶରଣ     ।୦।

ପାପୀ, ତାପୀ ଅଛ ଯେ ଯହିଁ
ଗୁରୁ ନାମ ଗାଅ ରେ ଭାଇ !
ସାରା ଜନମର କଳୁଷ-କାଳିମା
ଧୋଇଯିବ ନାମ କଲେ ଭଜନ     ।୧।

ତେଜ ମନୁ ଗରବ, ମାନ
ଭୋଗରେ ତୁ ନ ରଖ ମନ

ତୁଚ୍ଛ ସୁଖ ଆଶା କରି, ମରୀଚିକା
ପଛରେ ନ କର ଅନୁଧାବନ ।୨।

ଦି' ଦିନର ସୁଖରେ ଭୁଲି
ମିଛେ ମିଛେ ନୁହଁ ବାଉଳି
ପିଇ ନାମାମୃତ, ରସେ ଅବଗାହି,
ନିଶି ଦିନ ରହ ପ୍ରେମେ ମଗନ ।୩।

## ଗୁରୁନାମ ସାଗର ବାରିରେ

ଗୁରୁନାମ ସାଗର ବାରିରେ ବୁଡି ରହ ମନ ନିଶି ଦିନରେ
ଅକ୍ଷୟ ଆନନ୍ଦ ଲଭିବୁ ତୁ
ଦୂରେ ଘୁଞ୍ଚିଯିବ ତୋର ଦୁରୁଦିନ ରେ ।୦।

ପଲ୍ଲବିବ ଶୁଷ୍କତରୁ ନୀରଭରା ହେବ ମରୁ
ଉଛୁଳିବ ପ୍ରେମ-ଢେଉ ନୀରସ ଜୀବନରେ ।୧।

ଗୋଟିଏ କଉଡି ତୋର କୋଟିଏ ଧନ ସମ୍ଭାର
ପାଲଟିବ ନେଲେ ତୁହି ଗୁରୁର ଶରଣରେ ।୨।

ସଂସାର ନଦୀ ଦୁସ୍ତର ସହଜେ ହୋଇବୁ ପାର
କୂଳରେ ଲାଗିବ ନାଆ ଏଡାଇ ପବନରେ ।୩।

ନାମ ପରଶଇ ରସ ରସେ ହୁଏ ପ୍ରାଣ ବଶ
ବଶ ନ ହୋଇଲେ ହେବ ନିରାଶ ଜୀବନରେ ।୪।

ଗୁରୁନାମୁଁ ବଳି ନାହିଁ ଜଗତେ ମଧୁର କେହି
ନୋହିଲେ ନାମ ରସିକ ଜୀବ ଅକାରଣରେ ।୫।

## ଗୁରୁପଦେ ମାଗରେ ଯାଇ

ଗୁରୁପଦେ ମାଗରେ ଯାଇ
ବାଇ ହେବୁ ବୋଲି ସେ ନାମ ଗାଇ ।୦।

ଗାଇବୁ ତୁ ସେ ନାମ ଯେବେ
ଶୁଣି ଜନେ ପାଗଳ ହେବେ !
ସେଇ ସୁର-ଛନ୍ଦ ତାଳମାନ ଜଗି
ଗାଇ ଜଗତରେ ଦିଅ ମତାଇ ।୧।

କଠିଣ ସେ ପୀରତି-ଗୀତି
ନ କଲେ ତୁ ପଥର ଛାତି
ଗାଇଲା ବେଳକୁ ରିପୁକୁଳ ଆସି
ତାଳମାନ ତୋର ଦେବେ ଭଙ୍ଗାଇ ।୨।

ରହିବାକୁ ଭଗାରି ଦୂରେ
ଅଳି କର ଗୁରୁ ଛାମୁରେ
ଗୁରୁ ଚାହିଁଦେଲେ ଆଖି ପିଛୁଳାକେ
ଛାଏଁ ସେ ତୋ ପାଖୁଁ ଯିବେ ପଳାଇ ।୩।

ଏଥର ତୁ ଗୁରୁଙ୍କ ଭେଟି-
ଦେବୁ କହ ତୋର କେଉଁଟି
ଧନ, ମାନ ଯାହା ସବୁ ତାଙ୍କ ଦାନ
ମନ ତୋର ଦିଅ ଗୁରୁଙ୍କୁ ଧ୍ୟାୟି ।୪।

## ଗୁରୁ ପାଦ ପଦ୍ମେ

ଗୁରୁ ପାଦ ପଦ୍ମେ ଚିତ୍ତ ଥାଉରେ
କୋଟି ଜନ୍ମର କଳୁଷ ଯାଉ ।୦।

ଏ ଭବ ସାଗରେ ଅଥଳ ଜଳ
ଗୁରୁ ପାଦ ପଦ୍ମେ ମିଳଇ ଥଳ,
କାମ କ୍ରୋଧ ଆଦି ରିପୁ କବଳରୁ
ଯାହା ଯୋଗେ ରକ୍ଷା ପାଉରେ ।୧।

ଦ୍ୱୈତ ଭାବ ଦୂର ହୁଅଇ ତୋର
ଏକ ପୂର୍ଣ୍ଣ ବ୍ରହ୍ମ ହୁଏ ଗୋଚର
ଯୋଗ ପଥେ ତୋତେ ଦେଖାଇ ଦିଅନ୍ତି
ଆତ୍ମଜ୍ୟୋତି ଦାଉ ଦାଉରେ ।୨।

ଗଙ୍ଗା ଗୟା କାଶୀ ପ୍ରୟାଗ ପୁରୀ
ବୃଥା କେତେ ତୀର୍ଥ ଆସିଲୁ ଘୁରି
ଗୁରୁ ପଦ ଭୁଲି ବହି ଜଟା ଝୁଲି
ବୃଥା କେତେ କଷ୍ଟ ପାଉରେ ।୩।

ପଢି ଗୀତା ବେଦ ପୁରାଣ ନିତି
ତର୍କେ ଦିନ ତୋର ଯାଉଛି ବିତି
ଅସଲ ହଜାଇ ନକଲରେ ମାତି
ପଣ୍ଡିତ ପଣ ଦେଖାଉରେ ।୪।

ଗୁରୁ ବାକ୍ୟ ସର୍ବ ବେଦର ସାର
ଗୁରୁ ପଦ ତୀର୍ଥ ମୁକତି ଦ୍ୱାର
ସବୁ ନାମ ତେଜ ଗୁରୁ ନାମ ଭଜ
ଅଛି ଯେତେ କାଳ ଆଉରେ ।୫।

## ଗୋପନ ମନର କଥା ଆଜି ପ୍ରିୟ

ଗୋପନ ମନର କଥା ଆଜି ପ୍ରିୟ କହିବି ମୁଁ କାନେ କାନେ
କହିବି କହିବି ବୋଲି ଗୁମରୁଛି ଯାହା ମୋର ମନେ ମନେ ।୦।

ଯେବେ ବିପଦ ମଝିରେ ହୁଏ ମୁଁ ଅଧିର ଅତି
ଧିର ହୁଏ ଆଖି ପଲକରେ ତୁମ ପଦତଳେ ମଥା ପାତି
ଶୁଖିଯାଏ ମୋର ଆଖି ଲୁହ ଧାର ହେରି ତୁମ ଚନ୍ଦ୍ରାନନେ ।୧।

ଯେବେ ଦୁଃଖ ଭୋଗିଥାଏ ସାରାଦିନ ଉପବାସୀ
ତୁମେ ପ୍ରିୟତମ ଦୁଃଖ ଦୁରୁଦିନେ ହୁଅ ମୋ କୁଟୀର ବାସୀ
କିଏ ତୁମେ ମୋର କିଏ ମୁଁ ତୁମର ଏ ବିଚାର ଥାଉ ମନେ ।୨।

ଯେବେ ଛାଡିଯିବି କୁଟୁମ୍ବ ବାନ୍ଧବ ଦୁନିଆଁ ମାୟାବନ୍ଧନ
ଆରପୁରେ ଥାଇ ନ ଦେଖିବି ମୁହିଁ ଆଉ କାହାରି ବଦନ
ପ୍ରାଣବନ୍ଧୁ ମୋର ମାଗୁଣି ମାତର ସଙ୍ଗେ ଥିବ ଅନୁଦିନେ ।୩।

## ଜ୍ଞାନ ବୁଦ୍ଧି-ପ୍ରଦାୟକ, ଶକତି ବିଧାତା

ଜ୍ଞାନ ବୁଦ୍ଧି-ପ୍ରଦାୟକ,ଶକତି-ବିଧାତା
ସେବନ୍ତି ପଦ ଯାହାର ସକଳ ଦେବତା
ପରମ ଗୁରୁଟି ସେହି,
ଅନ୍ଧ-ନୟନେ ଅଞ୍ଜନ ଦେବେ ସେ ଘେନାଇଁ |୧|

ମୋକ୍ଷ ଦାୟକ ଅଟେ ଯା ଚରଣର ଛାୟା
ସୁଖ-ଶାନ୍ତି ଦେଇ ହରେ ମରଣର ମାୟା
ଭୁଲାମନ ! ନ ପାଶୋର,
ସେ ଗୁରୁ ଆନନ୍ଦମୟୀ ନାମଟି ସୁମର |୨|

ଶକତିଦାତା ସେ ଆତ୍ମଜ୍ଞାନର ଆଲୋକ
ଦେବ-ନରଲୋକ ସର୍ବ ବିଶ୍ୱର ପାଳକ,
ଉପାସନା ବିନେ ଯା'ର,
ମୂଢ଼ମତି ଲଭେ ଦୁଃଖ, ଜରା-ମରଣର |୩|

ପ୍ରବୃତ୍ତି-ପଥରେ ଚଳି ଅଜ୍ଞତାର ଦୋଷେ
ଦୁର୍ବଳ ମାନବ ବିଷଫଳ ଭୋଗେ ଶେଷେ,
ତେଣୁ, ଗୁରୁ ଏକ ସାହା,
ଜୀବନ-ମରଣେ ଦେଖାଇବେ ଶୁଭ ରାହା |୪|

କୃତକର୍ମ ଶୁଭା-ଶୁଭ ଫଳ-ଭାଗୀ ଜୀବ
ଅଶୁଭ-ଦୁର୍ଗୁଣ ଗୁରୁ-ଶରଣେ ଶମିବ,
ସଦା କରମେ, ମନନେ,
ଅଚଳା ଭକତି ଲୋଡ଼ା ତାଙ୍କ ଶ୍ରୀଚରଣେ |୫|

ଯୋଡି କର ଭିକ୍ଷା ମାଗ ସେ ଗୁରୁ ଚରଣେ
ସେ ରୂପ ସ୍ଥାପନାକର ନିରତ ମରମେ
ଭବ-ଦୁଃଖ, ଶୋକ, ମୋହ,
ନାଶ ଯିବ, ମନ ଭରି ପ୍ରଣତି ଜଣାଅ |୬|

## ଜ୍ଞାନ ସୂତାରେ ତୁ ଗୁନ୍ଥରେ ମନ

ଜ୍ଞାନ ସୂତାରେ ତୁ ଗୁନ୍ଥରେ ମନ
ଗୁରୁ ନାମ ରୂପୀ ଫୁଟା ସୁମନ
ସୂତାଗଲେ ଛିଡି ପଡିବରେ ଝଡି
ସେ ଫୁଲର ଯେତେ ପାଖୁଡା ମାନ ।୦।

ଉଚ୍ଛୁର ନକରି ନିତି ତୁ ଭଜରେ
ନାମ ହେବ ସାହା ଜୀବନ ସଂଜରେ
ମରଣ ଦୁଆରେ ଉଭାହୋଇ ବାରେ
ଦେଖା ଦେବେ ଗୁରୁ ପରମ ବ୍ରହ୍ମ ।୧।

ବାର ଚିନ୍ତା ଛାଡି ତାର ଚିନ୍ତା କର
ଭବରେ ନବୁଡି ଭାବରେ ତୁ ବୁଡ
ହୃଦ ସିଂହାସନେ ବସାଇ ପାରିଲେ
ଦୂରେ ଘୁଞ୍ଚିଯିବ ଭବ ବନ୍ଧନ ।୨।

ମିତ ସଙ୍ଗ ଛାଡି ସତ୍‌ସଙ୍ଗ କର
ଚାରୁ ରୂପ ଛାଡି ଗୁରୁ ରୂପ ହେର
ବିଷୟ ବରଜ ଗୁରୁବାଣୀ ହେଜ
ପାଇବୁ ପରମ ପଦ ଦର୍ଶନ ।୩।

## ଘନ ଅନ୍ଧକାରେ ଏକା ମୁହିଁ ହେ

ଘନ ଅନ୍ଧକାରେ ଏକା ମୁହିଁ ହେ
ଦିଅ ଦୟାବହି ବାଟ କହି ହେ ।୦।

ଆଖି ଆଗେ ଆଗେ କାଳ ବିଭାବରୀ
ଡରାଉଛି ମୋରେ ଚିତ୍ତ ଯାଏ ଥରି
ତୁମ ବିନେ ସାହା କେହି ନାହିଁ ହେ
ଦିଅ ଦୟାବହି ବାଟ କହି ହେ ।୧।

ଭକତ ବତ୍ସଳ ତୁମେ ବୋଲି ଗୁରୁ
ଏ କାନ ଶୁଣିଛି ଦୁନିଆଁ ମୁଖରୁ
ଜିଇ ରହିଛି ସେ ଆଶା ନେଇ ହେ
ଦିଅ ଦୟାବହି ବାଟ କହି ହେ ।୨।

ଅନ୍ଧାରେ ଝଲସେ ତୁମ ଆଖିତାରା
ତୁମ ଭକତଟି ନୁହେଁ ପଥହରା
ପ୍ରାଣ ମନ ତୁମକୁ ଖୋଜଇ ହେ
ଦିଅ ଦୟାବହି ବାଟ କହି ହେ ।୩।

## ଘନ ସୁନ୍ଦର ମୋହନ ମୂରତିଙ୍କୁ ଦେଖି

ଘନ ସୁନ୍ଦର ମୋହନ ମୂରତିଙ୍କୁ ଦେଖି
ଅଜାଣତେ କେତେବେଳେ ଲାଖିଗଲା ଆଖି
(ମୁଁ) ମୂଢ ନ ପାରିଲି ଜାଣି
କରୁଣା ନିଧାନ ନେଲ ମନ ପ୍ରାଣ କିଣି ।୧।

ନେଲ ଯେବେ ଭୃତ୍ୟ କରି ରଖ ଚିରଦିନ
ଶ୍ରୀପଦ-ନଳିନ ନିତି ହେରୁ ଏ ନୟନ
ଏତେ ପ୍ରାର୍ଥନା ମନର
ଚରଣ ସେବାରେ ବିତିଯାଉ ଦିନ ମୋର ।୨।

ଧେନୁ ପଛେ ରଖୁଆଳ ଧାଉଁଥିଲା ପରି
ଭକ୍ତ ପାଶେ ପାଶେ ଅଛ ଦିବସ ଶର୍ବରୀ
ଭକ୍ତ ହୁଡିଗଲେ ପଥ
ସତ୍ୟ ପଥ ଦରଶାଅ ଅନାଥର ନାଥ ।୩।

କଳି କେ ପାରିବ କେବେ ବରଷାର ଧାରା
ଗଣନା କରିବ କିଏ ଆକାଶର ତାରା
ତୁମ ମହିମା ତେସନ
ସେ ଏକା ଜାଣିଛି ଯା'ରେ ହୋଇଛ ପ୍ରସନ୍ନ ।୪।

ଭୁଲିଯିବି ନାହିଁ ପ୍ରଭୁ ମୁଁ ତୁମର ବୋଲି
ଶ୍ରୀଚରଣ ତଳୁ କେବେ ଦେବ ନାହିଁ ଠେଲି
ମୋର ଆନ ଗତି ନାହିଁ
ଅଗତିର ଗତି ତୁମେ ତ୍ରିଜଗତ ସାଇଁ ।୫।

## ଘେନ ବନ୍ଦନ

ଘେନ ବନ୍ଦନ ଘେନ ବନ୍ଦନ
ସଦ୍‌ଗୁରୁ ରୂପରେ ତୁମେ ଜଗତଗୁରୁ ମହାନ ।୦।

ବିଶ୍ୱଜନନୀଙ୍କ ଦାନ ଯେତେ ସ୍ଥୂଳ ଦ୍ରବ୍ୟଗଣ
ଜାଗ୍ରତରେ ସବୁ ତୁମେ ନେଇକର ଆପ୍ୟାୟନ ।୧।

ପୁଣି ସ୍ୱପନରେ ବୁଡି ମନ ଶକ୍ତି ଅନୁସରି
ସୁଃଖ ଦୁଃଖ ଦ୍ୱନ୍ଦ ରସ ସୂକ୍ଷ୍ମେକର ଆସ୍ୱାଦନ ।୨।

ତୁରୀୟ ଜ୍ଞାନ ବିଳସୀ ସକଳ ବେଦ ବିନାଶୀ
ବିଶ୍ୱେ ପରମାତ୍ମା ରୂପେ କରୁଛ ଅବଲୋକନ ।୩।

ହେ ଚୈତନ୍ୟ ସର୍ବାତୀତ ହେ ଗୁରୁ ଦେବ ନିରତ
ସ୍ୱରୂପେ ଆମକୁ ଦେବ ଦିଅ ବାରେ ଦରଶନ ।୪।

## ଚରଣ ଯୁଗ ତବ ଶରଣ ମୋର

ଚରଣ ଯୁଗ ତବ ଶରଣ ମୋର
କରୁଣା କର ଦୟାସାଗର
ସତ୍ୟ, ଶିବ ତୁମେ ଚିରସୁନ୍ଦର
ମଙ୍ଗଳମୟ ବିଶ୍ୱର ।୦।

ତୁମେ ଏକା ଭବଭୟ ବିନାଶନ
ପାପ ତାପ ମୋର କର ହେ ଖଣ୍ଡନ
ଦୁସ୍ତର ଭବ ସାଗରେ ତୁମେ
ନଉକାର ମଙ୍ଗ ଧର ।୧।

ତୁମ ପରସାଦେ, ତୁମ ନିର୍ଦ୍ଦେଶରେ
ଏ ଜୀବନ ଧରିଅଛି ଏ ବିଶ୍ୱରେ
ଯାହାକର ତୁମେ ଗୁରୁଦେବ ମୋର,
ମଙ୍ଗଳ ଲାଗି ସକଳ ।୨।

ତୁମ ନାମ ଗାଇ ଏ ଜୀବନ ଧରି
ଅନ୍ତିମେ ତୁମରି ପଦ ଆଶ୍ରା କରି
ଯାଉ ଏ ପରାଣ ଗୁରୁ ଦାସର ହେ
ନିବେଦନ ଘେନା କର ।୩।

## ଚରଣ ତଳର ଧୂଳିଟିଏ ହେବି

ଚରଣ ତଳର ଧୂଳିଟିଏ ହେବି ଏହି ଆଶା ଗୁରୁଦେବ
ଜୀବନେ ମରଣେ ଜନମେ ଜନମେ
ଲଭୁଥିବି ସ୍ପର୍ଶ ତବ ।୧।

ଅଗ୍ନିପିଣ୍ଡ ସଙ୍ଗେ ଶୁଷ୍କ କାଷ୍ଠଖଣ୍ଡ ମିଶି ହୁଏ ଅଗ୍ନିମୟ
ଅଙ୍ଗସ୍ପର୍ଶ ପାଇ ଧୂଳିକଣିକାଟି
ହୋଇଯିବ ସେ ଚିନ୍ମୟ ।୨।

ସାଗର ସଲିଳେ ତଟିନୀର ଜଳ ମିଶି ହରାଏ ନିଜକୁ
ସେହି ରୂପେ ତୁମ ଅଙ୍ଗସଙ୍ଗ ପାଇ
ହରାଇବି ଏ ରୂପକୁ ।୩।

ଆଦ୍ୟ ବାରିଧାରା ଝରିପଡେ ଯେବେ ଶୁଷ୍କ ବସୁନ୍ଧରା ପରେ
ବସୁଧା ସୁଗନ୍ଧ ପରି ମହକିବି
ରହି ତବ ପାଦତଳେ ।୪।

ଇହକାଳ ପରକାଳ ତବପଦ ସେବା ମୋ ହୋଇବ କାମ୍ୟ
ଅଭିଳାଷ ମୋର ମେଣ୍ଟିବ ଠାକୁର
ଜୀବନ ହୋଇବ ଧନ୍ୟ ।୫।

## ଚରଣ ତଳରେ ତୋର

ଚରଣ ତଳରେ ତୋର
ଧନ-ମାନ-ଯଶ-ପଉରୁଷ ବୋଲି
ସଂପଦ ଯାହା ବୋଲ, ସବୁତକ ଠୁଳ ମୋର ।୧।

ସୁମରିଲେ ତୋର ଶ୍ରୀପଦ-ପଙ୍କଜ
କୁବେର-ଭଣ୍ଡାର ପାଏଁ
ତେଣୁ ସିନା ମାଆ ତାରା ତ୍ରିନୟନୀ !
ମଧୁର ତୋ ନାମ ଗାଏଁ
ପାଶୋରିଲେ ତିଳେ, ଜୀବନ-ମେଘରେ
ଘେରି ଆସେ ଅମା ଘୋର ।୨।

ମାଗୁଣି ମାତର ଘେନ ମାଆ ମୋର,
ଦିଅ ଶ୍ରୀଚରଣେ ଛାଇ
ତିନି ଜଗତର ସଂପଦ ବଦଳେ
ଆଉ କିଛି ଲୋଡା ନାହିଁ
ଚରଣ-ଶରଣ-ଗତି ହେଉ ମୋର
ନିବେଦନ ଘେନା କର ।୩।

## ଚରଣ ତୁମର ସରଗୁ ବଳି

ଚରଣ ତୁମର ସରଗୁ ବଳି
କେଉଁ ସରଗ ମୁଁ ମାଗିବି ଆଉ
ଅନ୍ୟ କିଛି ପୂଣ୍ୟ ଦିଅ କି ନଦିଅ
ଶିର ଶିରିପଦ ପରଶ ପାଉ ।୦।

ତୁମେ ସତ୍ୟଶିବ ଚିରସୁନ୍ଦର
ତିନିଭୁବନର ରତନ ସାର
ମୁଁ ତୁମର ପ୍ରିୟ ଅମୃତ ସନ୍ତାନ
ଏତିକି ବିଶ୍ୱାସ ମନରେ ଥାଉ ।୧।

ଜଗତକୁ ଦେଲ ଅମୂଲ୍ୟ ଦାନ
ତୁମ ଜ୍ଞାନପ୍ରେମ ମଣିକାଞ୍ଚନ
ମୂଢଜନ ଠାରୁ ଆହୁରି ମୂଢ ମୁଁ
ମୋଠାରେ କିଞ୍ଚିତେ କରୁଣା ହେଉ ।୨।

ବୁଣିଦେଲେ ତୁମେ କରୁଣା ମୁଠେ
ଶୁଖିଲା ମରୁ ରେ କମଳ ଫୁଟେ
ସେହି କରୁଣା ତ କୋଟି କଇବଲ୍ୟ
ଗୋଟିଏ କଣିକା ମୋ ଲାଗି ଥାଉ ।୩।

## ଚରଣ ସେବାରେ ନିତିଦିନ ବିତୁ

ଚରଣ ସେବାରେ ନିତିଦିନ ବିତୁ
ଜୀବନ ସ୍ୱାମୀ ହେ ! ଶୁଣ ଗୁହାରୀ
ଗାଇ ଗାଇ ତବନାମ ଗୁଣମାନ
ନାଚୁଥିବି ସୁଖ ଦୁଃଖ ପାଶୋରୀ ।0।

ବସିଅଛ ତୁମେ ହୃଦୟ ଆସନେ
ନିଶିଦିନ ମୁହିଁ ରଖିଥିବି ମନେ
ତୁମେ ଏକା ମୋର ଆଉ ସବୁ ପର
ନିଜ ସ୍ୱାର୍ଥ ଲାଗି ଅଛନ୍ତି ଘେରି ।୧।

ପାପଚିନ୍ତା ଯେବେ ଚିତ୍ତକୁ ଘାରିବ
ତୁମେ ଦେଖୁଅଛ ପରାଣ ବାରିବ
ସେ କାଳରେ ନାଥ! କର ହେ ଏତିକି
ଲାଜ ସରମରେ ଯାଏ ମୁଁ ମରି ।୨।

ଏ ଦୁନିଆଁ କୋଳାହଳର ମଝିରେ
ତବନାମ ବାଜୁଥିବ ମୋ କାନରେ
ସକଳ କରମେ ନୟନେ ନୟନେ
ଦିଶିଯାଉ ଥାଉ ରୂପ ତୁମରି ।୩।

ସବୁଠାରେ ତୁମେ ରହିଅଛ ପୂରି
ପଶୁପକ୍ଷୀ କୀଟ ଅବା ନର ନାରୀ
ସମାନ ହେରିବ ଏ ମୋ ବେନି ନେତ୍ର
ପାତର ଅନ୍ତର ଭାବ ବିସୋରି ।୪।

## ଚରଣେ ଶରଣ ଦିଅ ପତିତପାବନ

ଚରଣେ ଶରଣ ଦିଅ ପତିତପାବନ
ଅନ୍ତର୍ଯ୍ୟାମୀ ନାଥ ମୋର ଜୀବର ଜୀବନ |୦|

ଜଗତ ନୟନେ ତେଣୁ ଘୃଣିତ ପରାଣ
ଅନ୍ତିମ ଭରସା ମୋର ଆହେ ନାରାୟଣ?
ବାଞ୍ଛା କଳ୍ପତରୁ ତୁମେ ପରା ଜନାର୍ଦ୍ଦନ |୧|

ଭକତି କାହାକୁ କହି
ସେତକ ମୁଁ ଶିଖି ନାହିଁ
ଗରବ ମନରେ ମୋର ଯାର ମୁଁ ସନ୍ତାନ
ମୋ ପିତା ସେ ତ୍ରିଜଗତେ ଏକା ବଡ ଜନ
ହେଳାରେ ଡାକିଲେ, ହେଳେ ଢ଼େରିବେ ଶ୍ରବଣ |୨|

ମାୟାର ବନ୍ଧନ ମୋର
ଦୂର ହେଉ, ଦୂର କର
ଅପରାଧ କ୍ଷମା କର କରୁଣା-ନିଧାନ !
କଣ୍ଠେ ଭରିଦିଅ ଦେବ, ତବ ଜୟଗାନ
କରଯୋଡି ଏହି ଭିକ୍ଷା ମାଗେ ଅକିଞ୍ଚନ |୩|

ଜାଣିଛି ମୁଁ ଭଲ କରି
ପାପୀ ନାହିଁ ମୋହ ସରି

## ଚନ୍ଦନ ଚର୍ଚ୍ଚିତ କାନ୍ତ କଳେବର

ଚନ୍ଦନ ଚର୍ଚ୍ଚିତ କାନ୍ତ କଳେବର
ଶ୍ରୀଗୁରୁ ମନୋହର ବେଶ
ମନ୍ଦାର ନିନ୍ଦିତ ରଙ୍ଗିମ ଅଧର
ମନ୍ଦ ମନ୍ଦ ମଧୁ ହାସ ।0।

କମଳ କମନୀୟ କୋମଳ କଣ୍ଠ
ମଣ୍ଡିତ ବନ ଫୁଲ ହାରେ
ସୁନ୍ଦର ଶତଦଳ ଶୋଭିତ ପାଦ
ବାସିତ ସଉରଭ ଭାରେ ।୧।

ପ୍ରେମ ପୁଲକ ପରିଶୀଳନ ସଂଘ
ଗୁରୁ ଗଉରବ ଗୀତ ଗାଏ
ମାୟା ମୟ ସଂସାର ଶଙ୍କିତ ଚିତ୍ତ
ଜ୍ଞାନ କରମେ ଅବଗାହେ ।୨।

ଧର୍ମ ସନାତନ ବିମଳ ବସନ୍ତ
ବିଳସିତ ଲଳିତ ସମୀର
ଯୁଗ ଜନ ବନ୍ଦନ ଜୟଗୁରୁ ନାମ
ମଧୁର ମଧୁର ରସ ସାର ।୩।

## ଚାହାଁ ଲୋ ସଖି ! କମଳ ଆଖି

ଚାହାଁ ଲୋ ସଖି ! କମଳ ଆଖି ରାଧାମୋହନ ରୂପଧାରୀ
ବଂଶୀ ଅଧରେ ଡାକି ସଧୀରେ ଗୁପତେ ମନ କରେ ଚୋରି
ଧୀର ସମୀରେ ଯମୁନା କୂଳେ କଦମ୍ବ ବନେ ବନମାଳୀ ।0।

ଶ୍ୟାମ ସୁନ୍ଦର ସଖି ନଟବର ପୀତ ବସନ ଗିରିଧାରୀ
ବ୍ରଜରାଜ ରୂପ କଞ୍ଜ ମଧୁର ଅଧରୁ ମଧୁ ପଡେ ଝରି
ଧୀର ସମୀରେ ଯମୁନା କୂଳେ କଦମ୍ବ ବନେ ବନମାଳୀ ।୨।

କୁଞ୍ଚିତ କେଶ ନୀଳ କଳେବର ଚାହାଁଣୀ ସ୍ନେହ ପ୍ରୀତି ଭରି
ମଞ୍ଜୁଳ କାନ୍ତି ମନୋହର ଭାତି ଶାନ୍ତ ମଧୁର ରୂପ ଶିରି
ଧୀର ସମୀରେ ଯମୁନା କୂଳେ କଦମ୍ବ ବନେ ବନମାଳୀ ।୧।

ଅମୃତ ଝରା ରଙ୍ଗ ଚରଣ ସୁଖ ସରଣୀ ଦୁଃଖହାରୀ
ସେ ପଦେ ସଖି ! ଶରଣ ନେବା କୁସୁମ ଅଞ୍ଜଳି ଭରି
ଧୀର ସମୀରେ ଯମୁନା କୂଳେ କଦମ୍ବ ବନେ ବନମାଳୀ ।୩।

## ଚାହାଁରେ ବାରେ ଚାହାଁରେ

ଚାହାଁରେ ବାରେ ଚାହାଁରେ
କୁଞ୍ଜେ କି ଶୋଭା ଆଜ !
ବିରାଜନ୍ତି ଗୁରୁ ବରଜରାଜ ।0।

ହାରେ ଚନ୍ଦ୍ରହାସ ତନୁ ଠାଣିକି
ତନୁ ଠାଣି ନିଏ ମନ କିଣି କି !
ମଣି ମରକତ ମଣଇ ଲାଜ ।୧।

ପଦଯୁଗେ ନବ କମଳ କାନ୍ତି
ଦଶନ ଯେସନ ମୁକୁତା ପନ୍ତି
ଜିଣଇ ଅଧର ଅରୁଣ ତେଜ ।୨।

ନୀଳ ଇନ୍ଦିବର ନିନ୍ଦେ ନୟନ
କେଶ କାନ୍ତି ଆହା କି ଶୋଭାବନ
ଉଇଁ ଆସଇ କି ନବ ନୀରଦ ।୩।

ଅଧରେ ମୁରଲୀ ଅଧୀରେ ବାଜେ
କଟି ତଟେ ଝୀନ ବସନ ସାଜେ
ମଣ୍ଡିଛନ୍ତି ସଜ-କୁସୁମ ଶେଯ ।୪।

ଜିଣି ପାରିଜାତ ଅଳସ ଗନ୍ଧ
ଅଙ୍ଗ ସୁବାସ ବହେ ମନ୍ଦ ମନ୍ଦ
ପରଶି ଯାଏ ଗୋ ପରାଣ ଆଜ ।୫।

ଏଇ ଚିତ୍ତଚୋରା ପ୍ରୀତି ପାଇଁକି
ମନ ହୁଏ ଦେବି ଜୀବନ ବିକି
ବରଜି ସକଳ ସରମ ଲାଜ ।୬।

## ଚାହିଁନି କେବେ ମୁଁ ତୁମକୁ ଠାକୁର

ଚାହିଁନି କେବେ ମୁଁ ତୁମକୁ ଠାକୁର
ତୁମେ ଅଭାଗାରେ ଚାହିଁଛ
ମାଗିନି କିଛି ମୁଁ ଲୋଡିନି କେବେ ମୁଁ
ଜୀବନ-ପାତ୍ର ମୋ ଭରିଛ ।୦।

ଦେହ ମନ ପ୍ରାଣ ତୁମ ଦୟାଦାନ
ଅନୁଭବ କରେ ଏ କ୍ଷୁଦ୍ର ଜୀବନ
ଦୁଃଖ ଦୁରୁଦିନେ ଝରେ ଯେବେ ଲୁହ
ମୋ ମଥା ଆଉଁସି ଦେଇଛ ।୧।

ଅନ୍ତର ଭରି ମୁଁ ଡାକିନାହିଁ ଦିନେ
ଅନ୍ତର ମନ୍ଦିରେ ବସିଛ ମଉନେ
କେତେ କଥା କାନେ କହୁଛ ଗୋପନେ
କେତେ ସତେ ଭଲ ପାଉଛ ।୨।

ପାଶେ ପାଶେ ରହି ମଣାଉଛ ପଥ
ଅମତା ମାଡି ମୁଁ ଧାଏଁ ଅବିରତ
ଫେରାଇ ଆଣିବା ପାଇଁ ତୁମେ ପରା
ପଛେ ପଛେ କେତେ ଧାଇଁଛ ।୩।

ଝରାଇନି ଲୁହ ତୁମ ପାଇଁ କେବେ
ଝରିଛି ଲୁହ ମୋ ଅସାର ଦରବେ
କାହିଁକି ମୋ ଲାଗି ନୟନ ତୁମର
ଲୁହ ଛଳ ଛଳ କରିଛ ? ।୪।

ନ ଭୁଲେ ତୁମକୁ ଜୀବନେ ମରଣେ
ଦାସ ପଣେ ରଖ ଜନମେ ଜନମେ
ଅଲୋଡା ମୋହର ଏ ଜୀବନ ଭାର
ହସି ହସି ତୋଳି ନେଇଛ ।୫।

## ଚାହେଁ ମନ ମୋର

ଚାହେଁ ମନ ମୋର ଗାଆନ୍ତି ସେ ନାମ ନିରନ୍ତର ।୦।

ମନ ବୀଣା ତାରେ ସୁର ବାନ୍ଧି,
ଧରଣୀର ରେଣୁ ରେଣୁ ଭେଦି
ନିଶି ଦିବସରେ ସ୍ୱପ୍ନରେ ଜାଗରେ ଗାଉଥିବି ସେ ନାମ ମଧୁର ।୧।

ବନେ ବନେ କୁଞ୍ଜେ କୁଞ୍ଜେ ବୁଲି,
କୋକିଳର ସୁରେ ସୁର ମେଳି
ଭ୍ରମର ଗୁଞ୍ଜନ ତାଳେ ଗୁଞ୍ଜରଣ କରୁଥିବ ସେ ସୁର ଲହର ।୨।

ନୀଳ ପାରାବାର ଫେନରାଶି
ସୁନୀଳ ଅମ୍ବର,ରବି,ଶଶୀ
ଶୁଣି ସେ ସଙ୍ଗୀତ ହେବେ ପୁଲକିତ ଆନନ୍ଦରେ ହୋଇବେ ବିଭୋର ।୩।

ବନାନୀ ପାଦପ ଛାୟା କୋଳେ
ଗିରିଦରି ଝରଣାର ଜଳେ
ସେ ନାମ ମାଧୁରୀ ପ୍ରତିଧ୍ୱନି ଭରି ଖେଳି ଯାଉଥିବ ବହୁଦୂର ।୪।

ବସନ୍ତର ଅନ୍ତହିନ ଶିରୀ
ଜୋଛନା ଧଉତ ବିଭା ବରୀ
ସେ ସୁର ଲହରୀ ସ୍ପନ୍ଦନରେ ଥରି ଗାଉଥିବ ସଙ୍ଗୀତ ମଧୁର ।୫।

ସେ ପଦ ସରୋଜ ସ୍ମରି ସ୍ମରି
ନାମ ଭଜନକୁ ଆଶା କରି
ଯାଉ ଏ ଜୀବନ ଆହେ ଜନାର୍ଦ୍ଦନ ଏତିକି ପଦେ ମିନତି ମୋର ।୬।

## ଚାଲ ମନ ! ଯିବା ଚାଲ

ଚାଲ ମନ ! ଯିବା ଚାଲ, ଶ୍ରୀଗୁରୁଚରଣ ତଳେ
ଧର୍ମ, ଅର୍ଥ, କାମ, ମୋକ୍ଷ ଲଭିବାରେ ଅବହେଳେ ।୦।
ନାହିଁ ଇହ-ପରକାଳ
ନାହିଁ ଯାତନା ଜଞ୍ଜାଳ
ସତ୍ୟ ନିତ୍ୟ ତହିଁ ଠୁଳ ବିହରିବା ସୁଖଭୋଳେ ।୧।
ଶୋକ-ତାପ ମୋହ-ମାୟା
ପରଶିବ ନାହିଁ କାୟା
ଅଜ୍ଞାନ-କୁହୁଡିଛାୟା ଭୁଲାଇବ ନାହିଁ ଛଳେ ।୨।
ଅନନ୍ତ ଆଶିଷଧାର
ବହେ ଯହିଁ ନିରନ୍ତର
ସନ୍ତରଣ କର ବନ୍ଧୁ! ସେହି ମହିମା-ସଲିଳେ ।୩।
ଦି'ଦିନ ଭବ-ବନ୍ଧନ
ସାର କେବଳ କନ୍ଦନ
ନିତ୍ୟ ପ୍ରେମ-ଆନନ୍ଦରେ ସନ୍ତରିବା ଅବହେଳେ ।୪।
ଗୁରୁନାମ ରଟି ମୁଖେ
ଗୁରୁପଦ ସେବି ସୁଖେ
କାମନା-ବାସନା ଦିଅ ଢାଳି ସେହି ପଦତଳେ ।୫।
ପୂରିବରେ ମନୋରଥ
ସେହି ଏକା ମୋକ୍ଷପଥ
ଗୁରୁ ଏକା ସାହାହେବେ ଜୀବନର ସଞ୍ଜବେଳେ ।୬।

## ଚାଲରେ ମନ ଶ୍ରୀଗୁରୁ ଚରଣ

ଚାଲରେ ମନ ଶ୍ରୀଗୁରୁ ଚରଣ ନିତ୍ୟାନନ୍ଦ ଧାମକୁ ।0।

ଛଅରାଗ ସଙ୍ଗେ ଛତିଶ ରାଗିଣୀ
ହୋଇ ମୂର୍ତ୍ତିମନ୍ତ ଅର୍ଘ୍ୟଥାଳି ଘେନି
ପାଛୋଟି ନେବେରେ ଦେଉଳ ଦୁଆରୁ
ଲଭିବୁ ପରମ ପଦକୁ ।୧।

ରୋଗ ଶୋକ ଜରା ଜନମ ମରଣ
ସଂସାର ଲୀଳାର ନିତ୍ୟସଙ୍ଗମାନ
ପାରିବେ ନାହିଁରେ ତୋତେ କାବୁକରି
ଲଭିବୁ ପରମ ସୁଖକୁ ।୨।

ଅହଂ ଅଭିମାନ ମିଥ୍ୟା ଭୟ ଛାଡ
କାମ କ୍ରୋଧ ଲୋଭ କପଟ ବେଭାର
ହୋଇ ଉପେକ୍ଷିତ ପଳାଇ ଯିବେରେ
ଛୁଁଇ ସେ ଆପଣା ମନକୁ ।୩।

ସୁଖଦୁଃଖ ହାନିଲାଭ ଦ୍ୱନ୍ଦ୍ୱମାନ
ସକଳ ହେବେ ସେ ତୋ ପକ୍ଷେ ସମାନ
ଆନନ୍ଦ ସାଗରେ ବୁଡି ରହିଥିବୁ
ତୁଚ୍ଛକରି ମୋକ୍ଷ ପଦକୁ ।୪।

## ଚିର ଅପରାଧୀ ମୁହିଁ ଯେ ଠାକୁର

ଚିର ଅପରାଧୀ ମୁହିଁ ଯେ ଠାକୁର !
ଚିର ଅପରାଧୀ ମୁହିଁ
ଜାଣି ଜାଣି ପୁଣି ଅଜଣା ହେଉଛି
ଦେଖୁ ଦେଖୁ, ଦେଖୁ ନାହିଁ ।0।

ଆଖି ଆଗେ ମାୟାଜାଲ ଘେରା କୂଟ-କପଟରେ ମନ ଭରା
ଚିର ଚଞ୍ଚଳ ଚିତ୍ତ ସତତ ସପନକୁ ସତ ମଣୁ ଥାଇ
ପର ଜନେ ମୋର ବୋଲି ମୁଁ ଆଦରି
ଆପଣା ଜନରେ ପାଶୋରଇଁ ।୧।

କରାଉଛ ତୁମେ ଛପି ରହି ଗରବେ କହେ ମୁଁ 'କଲି ମୁହିଁ'
ସୁଖବେଳେ ତୁମ ନାଆଁ ଧରେ ନାହିଁ
ଦୁଃଖବେଳେ କହେ 'ରଖ ସାଇଁ'
ଶପଥ କରି ମୁଁ କହୁଛି ଠାକୁର !
ଏ କଥା ତୁମର ପାଦ ଛୁଇଁ ।୨।

ଅବୁଝା ମୋ ପରି ନାହିଁ କେହି
ଅପରାଧର ମୋ ସୀମା ନାହିଁ
'ମୁଁ କାର' ମୋହର ଏକାନ୍ତ ଦୋଷ
ଅଭିମାନେ ଖାଲି ଫୁଲୁଥାଇ
ଦୟାମୟ ! ତୁମେ ଯାହାରେ ଯା' ଦିଅ
କ୍ଷମାଟିକ ଥାଉ ମୋହପାଇଁ ।୩।

## ଚିର ବାଞ୍ଛିତ ତୁମେ ପ୍ରିୟତମ

ଚିର ବାଞ୍ଛିତ ତୁମେ ପ୍ରିୟତମ
ସୁରଭିତ କୁଞ୍ଜେ ତବପଦ କଞ୍ଜେ
ବନ୍ଦନା ଘେନ ବାରେ ମମ ।0।

ବହଇ ମଳୟାନୀଳ ପଞ୍ଚମେ ଗାଏ କୋକିଳ
ମଧୁପର ଗୁଞ୍ଜରଣ ଶଶୀକର ସୁଶୀତଳ
ମନ୍ଦେ ହସେ ବସନ୍ତ ସରବେ ସେବା ନିରତ
ହେରି ତବ ରୂପ ଅନୁପମ ।୨।

ବନ୍ଦେ ଉପବନ ଗିରି ନଦୀ କାନନ
ଝରଣାର କଳକଳ ମଧୁର ସଙ୍ଗୀତ ତାନ
ବିକଶିତ କୁସୁମ ଶୋଭଇ ଅତି ସୁଷମ
କୂଜିତ ବନେ ବିହଙ୍ଗମ ।୧।

ବନ୍ଦନା କରେ ତବ ଅଭୟ ପଦ ରାଜୀବ
ହେ ମୋର ଚିର ବାଞ୍ଛିତ! କରୁଣା କର କିଞ୍ଚିତ
ତବ ଚରଣେ କୋଟି ପ୍ରଣାମ ।୩।

## ଚିର ମନ ବାସନା ମୋର

ଚିର ମନ ବାସନା ମୋର
ଅଳି ଶୁଣ ପ୍ରାଣନାଥ ! ଦାସ କର ଚରଣର |୦|

ମଥା ଥାଉ ପଦ ତଳେ କର ଚଳୁ ଚରଣରେ
ପଦ ଚାଲୁ ତବ ଧାମେ ଏକ ମନେ ନିରନ୍ତର |୧|

ଛଡା ତୁଳସୀର ବାସ ଆଘ୍ରାଣର ହେଉ ଆଶ
କାନ ସଦା ଶୁଣୁ ଥାଉ ତୁମରି ନାମ ମଧୁର |୨|

କଣ୍ଠ ଗାଉ ତୁମ ଗୀତ ତବ ରୂପ ହେରୁ ଚିତ୍ତ
ଏଥୁଁ ବଳି ଆନ କିଛି ଲୋଡ଼ା ନାହିଁ ଜୀବନର |୩|

ଚଞ୍ଚଳ ଏ ମନ ମୋର ନ ରହେ ତ ଲବେ ସ୍ଥିର
ଭଜନ, ପୂଜନ ତବ ପଲକେ ଯାଏ ପାଶୋର |୪|

ମାଗୁ ନାହିଁ ଧନ, ଜନ, ପଦବୀ ଅବା ଭୂଷଣ
ତବ ପଦ ଧ୍ୟାନରେ ବିତୁଁ, ମୋ ନିଶି ବାସର |୫|

## ଚିନ୍ତାମନୁ ବରଜ (ମନବାଇ)

ଚିନ୍ତାମନୁ ବରଜ (ମନବାଇ)
ହସି ହସି, ରସି କି ଦିବସ ନିଶି
ଜୟଗୁରୁ ମୁଖେ ଭଜ ।0।

ଦି ଦିନିଆ ସବୁ ଅଟେରେ ଅସାର
ଆଜି ଅଛି କାଲି ନାହିଁ ତୋ ସଂସାର
ବାପ ମାଆ ଭାଇ ଭାରିଯା-ସଭିଏଁ
କିଏ ତୋର ଥରେ ହେଜ ।୧।

ଧୀର ଚିତ୍ତରେ ତୁ କରତ ବିଚାର
ଦୁନିଆଁ ଭିତରେ ରହିଛକେ ଚିର?
କିଏ ପଠାଇଲା ତୋତେ ଏ ମରତେ
ଚିର କି ତୋ ତେଜ ଓଜ ।୨।

ବେଳ ଥାଉଁ ଗୁରୁନାମ ସୁଧା ପିଅ
ଆନନ୍ଦମୟୀର ସୁନା ପୁଅ ହୁଅ
ସଭିଙ୍କି ସମାନ ଆଖିରେ ଦେଖିତୁ
ଗଢ ଭକତ ସମାଜ ।୩।

ତନୁ, ମନ, ଧନ, ଗଉରବ, ମାନ
ସାଇତୁଛୁ ଯେତେ ଗରବ ଗୁମାନ
ସୁଖ ଯେବେ ଚାହୁଁ ଦୟାନିଧି ପଦେ
ଢାଳିବାକୁ ହୁଅ ସଜ ।୪।

## ଚିହ୍ନିଛୁ କି ଗୁରୁ କି ଧନ

ଚିହ୍ନିଛୁ କି ଗୁରୁ କି ଧନ ?
ସେ ତ ନର ଦେହେଁ ବ୍ରହ୍ମପରମ ରେ ।୦।

ଗୁରୁ ବ୍ରହ୍ମା ଶିବ, ଗୁରୁ ନାରାୟଣ
ଅଖଣ୍ଡ ମଣ୍ଡଳେ ବ୍ୟାପ୍ତ ତ୍ରିଭୁବନ
ପରମାତ୍ମ ପଦ କରାନ୍ତି ଦର୍ଶନ
ଯାହା ଧ୍ୟାନେ ଯୋଗୀ ମଗନ ରେ ।୧।

ବିନ୍ଦୁନାଦ କଳାତୀତ ନିରଞ୍ଜନ
ଧ୍ୟାନର ଅତୀତ ସତ୍ୟ ସନାତନ
ଜ୍ଞାନତତ୍ତ୍ୱମାଳା ଅଙ୍ଗର ଭୂଷଣ
ଭୁକ୍ତିମୁକ୍ତି ଲାଭେ କାରଣ ରେ ।୨।

ଜନ୍ମ ଜନ୍ମାନ୍ତରୁ ଭାଗ୍ୟ ଅରଜନ
କଲେ ପୁଣ୍ୟ ଫଳେ ପାଇବୁ ଦର୍ଶନ
ଅହେତୁକ କୃପା ବିନ୍ଦୁ ବିତରଣ
କରି, ତାରେ ଦୀନ ଅଧମ ରେ ।୩।

ଠୁଳ ହୁଏ ଯାର କୋଟି ଜନ୍ମ ପୁଣ୍ୟ
ସଫଳଜନ୍ମା ସେ ତିନି ଲୋକେ ଧନ୍ୟ
ମିଳଇ ଅମୂଲ୍ୟ ସଦ୍‌ଗୁରୁ ଚରଣ
ହସି ହସି ବରେ ମରଣ ରେ ।୪।

ଘଟଣା ବଳରେ ଅଭୟ-ଚରଣ
ପାଇ ଧନ୍ୟ ଯେହୁ କରେ ନର ଜନ୍ମ
ମହାକାଳ ଭୟେ କରେ ପଳାୟନ
ନିଅ ଗୁରୁପଦେ ଶରଣ ରେ ।୫।

ମରଣ ଦୁଆରେ ଦେଇ ଦରଶନ
ମୁକ୍ତିପଥେ ଜୀବେ କରନ୍ତି ଚାଳନ
କିଏ ତାଙ୍କ ପରି କୃପା ପରାୟଣ
ଭବ-ପାରାବାର ତାରଣ ରେ ।୬।

## ଚିହ୍ନା ଜଣା କଳପନାର

ଚିହ୍ନା ଜଣା କଳପନାର ତ ତୁମେ ବାହାର
କାହୁଁ ଚିହ୍ନିବି ମୁଁ ଛାର ମାତର ।୦।

ନର ଦେହ ରୂପରେ ସତେ ଦେଖାଦେଲ ସିନା ମରତେ
ଏ ତୁମର ଲୀଳା କିଏ ସେ କଳିବ,
ଭାଳିଲେ ତ ଘୁରି ଯାଉଛି ଶିର ।୧।

ଯୋଗୀ ମନ ଧୀଆନେ ଯୋଗୀ ତ୍ୟାଗୀ ଜନ ଗହନେ ତ୍ୟାଗୀ
ବିବେକର ତୁମେ ବିବେକ ଗୋସାଇଁ,
ଜଗତ ଜନର ଜାଣ ଅନ୍ତର ।୨।

ଆପଣାରେ ଆପେ ପ୍ରକାଶ ଜ୍ଞାନାଲୋକେ ଜ୍ୟୋତି ବିକାଶ
କୋଟିଶଶୀଜିତ ବଦନ ସୁନ୍ଦର,
ପ୍ରେମ ପାରାବାର ରତନ ସାର ।୩।

ଚେତନର ତୁମେ ଚୈତନ୍ୟ ତତ୍ତ୍ୱମୟ ବିଶ୍ୱ ବରେଣ୍ୟ
ରସରାଜ ତୁମେ ସରାଗ ସୋହାଗ,
ତୁମରି ରୂପରେ ଠୁଳ ସକଳ ।୪।

ପାଗଳ ମୁଁ ତୁମ ନାମରେ ଆନ ଆଶା ନାହିଁ ମନରେ,
ଯାହା ଇଛା କର ତିଳେକ ମାତର,
ଶୋଚନା ତହିଁକି ନାହିଁ ଠାକୁର ।୫।

## ଛନ୍ଦା ଚରଣ ତଳେ ବାନ୍ଧା ରଖ ଏ ମନ

ଛନ୍ଦା ଚରଣ ତଳେ ବାନ୍ଧା ରଖ ଏ ମନ
ଦଣ୍ଡି ନ ପାରିବ ଆଉ ରବିନନ୍ଦନ ।୦।

ନଶ୍ୱର ଶରୀର ଆଶ୍ରୟ କରି
ତୁମକୁ ଜୀବନେ ଦେଲି ପାସୋରି
ଏ ଭବ-ସାଗରେ ମୁଁ ମୀନ ପରି
ଜଞ୍ଜାଳ ଜାଲରେ ପଡି ମୁଁ ମଲି
ଉଦ୍ଧାର କର ହେ ମନମୋହନ ।୧।

ଧର୍ମହୀନ-ଚିତ୍ତ ଅଜ୍ଞାନ ହୋଇ
କର୍ମହୀନ-ବିତ୍ତ ସଞ୍ଚି ରଖଇ
ବିଷୟ-ମୋହରେ ମନ ମଜାଇ
କରୁଣାର ଧନ ଦେଲି ହଜାଇ
ଅସରା ଲୁହରେ ଭିଜେ ନୟନ ।୨।

ଦୂର କରିବନି ପଦ-ସେବାରୁ
ପର ଭାବିବନି କୃପା ଦେବାରୁ
ଗଲାବେଳେ ଉଡି ମୋ ପ୍ରାଣପକ୍ଷୀ
ରହିଥିବ ଏକା ତୁମେ ତା ସାକ୍ଷୀ
ଅଭୟ ପଦରେ ଦେବ ଶରଣ ।୩।

## ଛୋଟ ଫୁଲଟିଏ କର ହେ ଠାକୁର

ଛୋଟ ଫୁଲଟିଏ କର ହେ ଠାକୁର
ମଧୁର ମହକ ଦେଇ
ତୁମରି ସେବାରେ ମଉଳି ଯାଇ ମୁଁ
ଯିବି ସତେ ଧନ୍ୟ ହୋଇ ।୦।

ଲୋଡା ନାହିଁ ମୋର ଧନ ଜନ କିଛି
ଅବା ମାନ ସନମାନ
ତୁମ ବଗିଚାର ମାଳି କରି ମୋତେ
ପାଦତଳେ ଦିଅ ଠାଇଁ ।୧।

ଜଗୁଆଳି ପଦେ ସ୍ଥାନ ଦିଅ ମୋତେ
ନିତିପଦ ସେବା ପାଇଁ
ଜଳୁ ମୋ ଜୀବନ ସଳିତାଟେ ପରି
ମନ୍ଦିରେ ତୁମରି ପାଇଁ ।୨।

ଜାଣେ ନାହିଁ ପୂଜା ଅରଚନା କିଛି
ଭଜନ ମୁଁ ଜାଣି ନାହିଁ
ଏତିକି ଜାଣିଛି ତୁମେ ମୋର ସବୁ
ଆହେ ଜଗତର ସାଇଁ ।୩।

ଜଗତ ଉଦ୍ଧାର ପାଇଁ ହେ ଠାକୁର
ସଦଗୁରୁ ରୂପ ନେଇ
ଆସିଛ ଜଗତେ ଆଶିଷ ଦିଅ ହେ
ଜୀବ ଯାଉ ପଦ ଧ୍ୟାୟୀ ।୪।

## ଜଗବନ୍ଧୁ ହେ ! ଭବ-ବେଦନାହାରୀ

ଜଗବନ୍ଧୁ ହେ ! ଭବ-ବେଦନାହାରୀ
ଅଥଳ ଅକୂଳ ସଂସାର-ସାଗରେ
ତୁମେ ଏକା ମୋର ତାରଣ ତରୀ ।୦।

ଏ ଦୁନିଆ ଅନ୍ଧାରୀ ଘରେ
ଦୁରୁ ଦୁରୁ ହୃଦୟ ଥରେ
ଡାକି ଦେବି ଯେବେ ରଖ ରଖ ବୋଲି
ଶୁଣିବ ମୋ ଡାକ ଶ୍ରବଣ ଡେରି ।୧।

ଦୁଃଖ ଦିନେ ତୁମ ଶ୍ରୀମୁଖ
ଚାହିଁ ଚାହିଁ ଭୁଲିବି ଦୁଃଖ
ଅମଳ କମଳ ପଦ ରଜ ବିନା
ମାଗିବି ଆଉ ମୁଁ କି ସୁଖ ଶିରୀ ।୨।

ଏ ଜୀବନ ମଉଳା ଫୁଲ
ମାଗେ ଖାଲି ଏତିକି ମୂଲ
ତୁମ କୁଂଜବନେ ଫୁଟି ଚହଟିବ
ଅରୂପ ସୁନ୍ଦର ସ୍ୱରୂପ ଧରି ।୩।

## ଜଣକର ଫୁଲ ବଗିଚିଚାରେ ଆମେ

ଜଣକର ଫୁଲ ବଗିଚାରେ ଆମେ ନାନା ଜାତି ରଙ୍ଗବେରଙ୍ଗ ଫୁଲ
ଆସରେ ସକଳେ ତା'ଆ ପାଆ ତଳେ ଲୋଟିଯିବା ହୋଇ ଗୋଟିଏ ମାଳ ।୦।

ତା' ରୂପ ଜୋଛନା ଆମରି ସୁଷମା
ତା' ଗୁଣ ଗାରିମା ଆମ ମାଧୁରିମା
ତା' ପ୍ରେମ ପୀୟୁଷ ଆମରି ଆୟୁଷ ବାଟ ଅବାଟରେ ସେ ଜଗୁଆଳ ।୧।

ନାହିଁରେ ଭାବନା ଏପାର ସେପାର
ଆମେ ତା'ର ନିତ୍ୟ ଲୀଳା ସହଚର
ତା' ଭାବ ଭାବନା ନବ ନବ ରୂପେ ରୂପାୟିତ ହେଉ ନିତ୍ୟ ଉଜ୍ଜ୍ୱଳ ।୨।

ତା' ଇଚ୍ଛା ବ୍ୟାପକ ରୂପ ଦେବା ପାଇଁ
ସଂଘବଦ୍ଧ ହୋଇ ଆସ ତ୍ୟାଗୀ ଗୃହୀ
ଆମେ ତ ସକଳ ଏକଇ ପିତାର ଲକ୍ଷ୍ୟ ଆମ ଏକ ତା' ପଦତଳ ।୩।

ଯେ ଦିନ ତା' ଇଚ୍ଛା ଭୁଲିଯିବୁ ଭାଇ
ସେଦିନ ବୁଝିବୁ ସେ ଅନ୍ତରେ ନାହିଁ
ଆମ ନିଜ ଇଚ୍ଛା ହୋଇଲେ ବିଲୟ ତା' ଇଚ୍ଛା ଫୁଟିବ ହୋଇ କମଳ ।୪।

ଦୁଃଖ ଦୁରୁଦିନେ ଜୀବନେ ମରଣେ
ଶୋକ ସାନ୍ତ୍ୱନାରେ ବିରହ ମିଳନେ
ଇହ ପରକାଳ ପ୍ରୀତିର ସମ୍ବଳ ଦେବତା ସେ ସତ୍ୟ-ଶିବ-ସୁନ୍ଦର ।୫।

ଚିତ୍ତ ଶୁଦ୍ଧି ପାଇଁ ମରମେ ଧିଆନ
ଗୁଣକ୍ଷୟ ପାଇଁ ନିଷ୍କାମ କରମ
ବିଶୁଦ୍ଧ ଅନ୍ତରେ ତା' ଇଚ୍ଛା ସକଳ ବ୍ୟକତ ହୋଇବ ହୋଇ ମଧୁର ।୬।

## ଜଣାଉଛି ଯୋଡି କର ହେ ଠାକୁର

ଜଣାଉଛି ଯୋଡି କର ହେ ଠାକୁର ! ଜଣାଉଛି ଯୋଡି କର
ଅକିଞ୍ଚନ ଜନ ବୋଲି ପାଦ ତଳୁ କରି ଦିଅନାହିଁ ଦୂର ।୦।

ବୁଝି ତ ନ ପାରେ ତୁମେ କାହିଁ ପାଇଁ
ଧରା ଦେଇ ପୁଣି ଧରା ଦିଅ ନାହିଁ
ଯେତେ ଅପରାଧ କଲେ ମୁହିଁ ପରା ତୁମ ପୟର କିଙ୍କର ? ।୧।

ବିଜୁଳି-ଝଲକ ପରି ଥରେ ଥରେ
ତୁମ ରୂପ ଫୁଟି ଲିଭେ ଏ ଆଖିରେ
ଘେରି ଆସେ ପଲକରେ ଏ ଜୀବନ-ଆକାଶରେ ଘନ ଘୋର ।୨।

ଅତି ଭଲ ତୁମ ପ୍ରେମ ମୋହଠାରେ
ବଳ କାହିଁ ତୋଳି ରଖିବି ଛାତିରେ
କହି ଦିଅ ଆଖି ପତା ତଳେ ମୋର କିପରି ରହିବ ଚିର ।୩।

ତୁମ ବିନେ ଆଖି ନ ଚାହିଁବ ଆନେ
ଜୀବଧନ କରି ରଖିବି ଜୀବନେ
ତୁମ କଥାରେ ମୁଁ ବିଷୟ ବାସନା ପଲକେ କରିବି ଦୂର ।୪।

ଥରେ ଯେବେ ସଉଭାଗ୍ୟବଳେ ମୋର
ଦରଶନ ନାଥ ପାଇବି ତୁମର
ପଦଯୁଗ ଛନ୍ଦି ଧରିବି, ନଥିବ କାହିଁ ପଳାଇବା ବଳ ।୫।

ଛାଡି ଦେବି, ଶୁଣି ମନ କଥା ମୋର
ମନମତ ଯେବେ ହୋଇବ ଠାକୁର !
ପାର କରିବ ଏ ଭବନଦୀ, ମୂଲ ଦେଇ ନ ପାରିବି ତାର ।୬।

# ଜୟଗୁରୁ ମହାନାମ କୀର୍ତ୍ତନ

ଜୟଗୁରୁ ଜୟଗୁରୁ ଜୟଗୁରୁ ଜୟ,
ଜୟଗୁରୁ ଜୟଗୁରୁ ଜୟଗୁରୁ ଜୟ ।୧।

ନାଚି ନାଚି ବାହୁ ତୋଳି ଜୟଗୁରୁ ଜୟ,
ପ୍ରେମାନନ୍ଦେ ହଲି ଝୁଲି ଜୟଗୁରୁ ଜୟ ।୨।

ଖୋଳ-କରତାଳେ ତାଳେ ଜୟଗୁରୁ ଜୟ,
ତାଳେ ବା ବେତାଳେ ବୋଲ ଜୟଗୁରୁ ଜୟ ।୩।

ତାରକବ୍ରହ୍ମ ମହାନାମ ଜୟଗୁରୁ ଜୟ,
ପୂର୍ଣ୍ଣ ପ୍ରେମ ଶାନ୍ତିଧାମ ଜୟଗୁରୁ ଜୟ ।୪।

ମହାମନ୍ତ୍ର ସିଦ୍ଧନାମ ଜୟଗୁରୁ ଜୟ,
ଅନାଦିର ଆଦି ନାମ ଜୟଗୁରୁ ଜୟ ।୫।

ମହା ଉଦ୍ଧାରଣ ନାମ ଜୟଗୁରୁ ଜୟ,
ପାତକୀ ତାରଣ ନାମ ଜୟଗୁରୁ ଜୟ ।୬।

ଭୁକ୍ତି-ମୁକ୍ତି ପଦାୟକ ଜୟଗୁରୁ ଜୟ,
ଚିର ଶାନ୍ତି ବିଧାୟକ ଜୟଗୁରୁ ଜୟ ।୭।

ବିଶ୍ୱର ବିଜୟୀ ନାମ ଜୟଗୁରୁ ଜୟ,
ବ୍ରହ୍ମଶକ୍ତିଭରା ନାମ ଜୟଗୁରୁ ଜୟ ।୮।

ମହାଶକ୍ତିଧର ନାମ ଜୟଗୁରୁ ଜୟ,
ପରଂବ୍ରହ୍ମ ପର ନାମ ଜୟଗୁରୁ ଜୟ ।୯।

ଦୁର୍ବଳର ମହାବଳ ଜୟଗୁରୁ ଜୟ,
ଭବ ପାରର ସମ୍ବଳ ଜୟଗୁରୁ ଜୟ ।୧୦।

ଭବରୋଗ-ମହୌଷଧି ଜୟଗୁରୁ ଜୟ,
ଗୋଷ୍ପଦ ଭବ ଜଳଧି ଜୟଗୁରୁ ଜୟ ।୧୧।

ଅବିଦ୍ୟାନାଶକ-ନାମ ଜୟଗୁରୁ ଜୟ,
ସ୍ୱରୂପ ପ୍ରାପକ ନାମ ଜୟଗୁରୁ ଜୟ ।୧୨।

ସର୍ବେନ୍ଦ୍ରିୟ ସଂଯମନ ଜୟଗୁରୁ ଜୟ,
ସର୍ବେନ୍ଦ୍ରିୟ ଆପ୍ୟାୟନ ଜୟଗୁରୁ ଜୟ ।୧୩।

ସର୍ବଲୋକ ଆକର୍ଷଣ ଜୟଗୁରୁ ଜୟ,
ସର୍ବ ଅଘମର୍ଷଣ ଜୟଗୁରୁ ଜୟ ।୧୪।

ସର୍ବ ବିଘ୍ନବିନାଶନ ଜୟଗୁରୁ ଜୟ,
ସର୍ବ ବାଧା ପ୍ରଶମନ ଜୟଗୁରୁ ଜୟ ।୧୫।

ସର୍ବ ଅଭାବବିନାଶନ ଜୟଗୁରୁ ଜୟ,
ସର୍ବାଭାବ ବିକାଶନ ଜୟଗୁରୁ ଜୟ ।୧୬।

ସର୍ବଲୋକଗତ ନାମ ଜୟଗୁରୁ ଜୟ,
ସର୍ବ ଲୋକାତୀତ ନାମ ଜୟଗୁରୁ ଜୟ ।୧୭।

ସର୍ବଲୋକଯୁକ୍ତ ନାମ ଜୟଗୁରୁ ଜୟ,
ସର୍ବଲୋକମୁକ୍ତ ନାମ ଜୟଗୁରୁ ଜୟ ।୧୮।
ସର୍ବ ପାପ-ତାପକ୍ଷୟ ଜୟଗୁରୁ ଜୟ,
ପୂର୍ଣ୍ଣ ଜ୍ଞାନ ପ୍ରେମୋଦୟ ଜୟଗୁରୁ ଜୟ ।୧୯।
ସର୍ବଦେବୋମୟ ଗୁରୁ ଜୟଗୁରୁ ଜୟ,
ସର୍ବ ଲୋକାଶ୍ରୟ ଗୁରୁ ଜୟଗୁରୁ ଜୟ ।୨୦।

ନ ଗୁରୋରଧିକଂ ତତ୍ତ୍ୱଂ ଜୟଗୁରୁ ଜୟ,
ନ ଗୁରୋରଧିକଂ ସତ୍ୟଂ ଜୟଗୁରୁ ଜୟ ।୨୧।

ନ ଗୁରୋରଧିକଂ ତପଃ ଜୟଗୁରୁ ଜୟ,
ନ ଗୁରୋରଧିକଂ ଜପ ଜୟଗୁରୁ ଜୟ ।୨୨।

ଗୁରୋଃ ପରତରଂ ନାସ୍ତି ଜୟଗୁରୁ ଜୟ,
ଗୁରୁରେବ ପରଂବ୍ରହ୍ମ ଜୟଗୁରୁ ଜୟ ।୨୩।

ଧ୍ୟାନମୂଳଂ ଗୁରୋମୂର୍ତ୍ତି ଜୟଗୁରୁ ଜୟ,
ପୂଜା ମୂଳଂ ଗୁରୋଃ ପଦଂ ଜୟଗୁରୁ ଜୟ ।୨୪।

ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ଜୟଗୁରୁ ଜୟ,
ମୋକ୍ଷମୂଳଂ ଗୁରୋଃ କୃପା ଜୟଗୁରୁ ଜୟ ।୨୫।

ଅସାମ୍ପ୍ରଦାୟିକ ନାମ ଜୟଗୁରୁ ଜୟ,
ସର୍ବ ସଂପ୍ରଦାୟ ନାମ ଜୟଗୁରୁ ଜୟ ।୨୬।

ଶାକ୍ତ-ଶୈବ-ବୈଷ୍ଣବ ବୋଲ ଜୟଗୁରୁ ଜୟ,
ସୌର ଗାଣପତ୍ୟ ବୋଲ ଜୟଗୁରୁ ଜୟ ।୨୭।

ଜ୍ଞାନୀ ବୋଲ ଭକ୍ତ ବୋଲ ଜୟଗୁରୁ ଜୟ,
ସଂସାରୀ ସନ୍ୟାସୀ ବୋଲ ଜୟଗୁରୁ ଜୟ ।୨୮।

ଗୃହୀ ବୋଲ ତ୍ୟାଗୀ ବୋଲ ଜୟଗୁରୁ ଜୟ
ଯୋଗୀ ବୋଲ ଭୋଗୀ ବୋଲ ଜୟଗୁରୁ ଜୟ ।୨୯।

କୀଟ ପତଙ୍ଗ ବୋଲ ଜୟଗୁରୁ ଜୟ,
ସ୍ଥାବର ଜଙ୍ଗମ ବୋଲ ଜୟଗୁରୁ ଜୟ ।୩୦।

ଯକ୍ଷ ରକ୍ଷ ନର ବୋଲ ଜୟଗୁରୁ ଜୟ,
ଗର୍ନ୍ଧବ କିନ୍ନର ବୋଲ ଜୟଗୁରୁ ଜୟ ।୩୧।

ଦେବତା ଅସୁର ବୋଲ ଜୟଗୁରୁ ଜୟ,
ଭୂଚର ଖେଚର ବୋଲ ଜୟଗୁରୁ ଜୟ ।୩୨।

ସର୍ବାବସ୍ଥାର ମହାନାମ ଜୟଗୁରୁ ଜୟ,
ଆତ୍ମାରାମ ପୂର୍ଣ୍ଣକାମ ଜୟଗୁରୁ ଜୟ ।୩୩।

ରୋଗେ ସୁଖେ ମହାଦୁଃଖେ ଜୟଗୁରୁ ଜୟ,
ମହାନନ୍ଦେ ମହାସୁଖେ ଜୟଗୁରୁ ଜୟ ।୩୪।

ଜୀବନେ ମରଣେ ବୋଲ ଜୟଗୁରୁ ଜୟ,
ଶୟନେ ସ୍ୱପନେ ବୋଲ ଜୟଗୁରୁ ଜୟ ।୩୫।

ଜନ୍ମଜନ୍ମାନ୍ତରେ ବୋଲ ଜୟଗୁରୁ ଜୟ,
ଲୋକ-ଲୋକାନ୍ତରେ ବୋଲ ଜୟଗୁରୁ ଜୟ ।୩୬।

ରୁଚିରେ ବା ଅରୁଚିରେ ଜୟଗୁରୁ ଜୟ,
ଶୁଚିରେ ବା ଅଶୁଚିରେ ଜୟଗୁରୁ ଜୟ ।୩୭।

ଜପ ନାମ ଅବିରାମ ଜୟଗୁରୁ ଜୟ,
ମନ ପ୍ରାଣ ଅଭିରାମ ଜୟଗୁରୁ ଜୟ ।୩୮।
ପାନ କର ନାମ-ସୁଧା ଜୟଗୁରୁ ଜୟ,
ଦୂର ହେବ ଭବ କ୍ଷୁଧା ଜୟଗୁରୁ ଜୟ ।୩୯।
ଜୟଗୁରୁ ଜୟଗୁରୁ ଜୟଗୁରୁ ଜୟ,
ଜୟଗୁରୁ ଜୟଗୁରୁ ଜୟଗୁରୁ ଜୟ ।୪୦।

## ଜୟଗୁରୁ ବୋଲ ଭାଇ ଗୁରୁ ନାମ ଗାଓ

ଜୟଗୁରୁ ବୋଲ ଭାଇ ଗୁରୁ ନାମ ଗାଓ
ଜୟଗୁରୁ ବୋଲେ ସବେ ପାରେ ଚଲେ ଯାଓ ।୦।

ଜୟଗୁରୁ ମହାମନ୍ତ୍ର ଜପି ମନେ ମନେ
ଜୟଗୁରୁ ଡାକି ମୋରା ଆକୁଲ ପରାନେ ।୧।

ଜୟଗୁରୁ ସଚନ୍ଦନେ ଚରନ ସାଜାଏ
ଜୟଗୁରୁ ଦରଶନେ ଜୀବନ ଝୁରାଏ ।୨।

ଜୟଗୁରୁ ଭକ୍ତି ରସେ ଭାସି ଅଶ୍ରୁଜଲେ
ଜୟଗୁରୁ ବାହୁ ତୁଲେ ନାଚି ତାଲେ ତାଲେ ।୩।

ଜୟଗୁରୁ ନାମ ନିଏ ଉଠି ଶଯ୍ୟା ହତେ
ଜୟଗୁରୁ ମୁଖେ ବୋଲି ପଥେ ଯେତେ ଯେତେ ।୪।

ଜୟଗୁରୁ ସଂଘକରି ହୋଲେ ସନ୍ଧ୍ୟାବେଲା
ଜୟଗୁରୁ ଭକ୍ତ ମାଝେ ଚଲେ ଲିଲାଖେଲା ।୫।

ଜୟଗୁରୁ ମହାନାମ ସର୍ବନାମ ସାର
ଜୟଗୁରୁ ମୂଲାଧାର ଉପାୟ ସବାୟ ।୬।

ଜୟଗୁରୁ ସକଲେରେ ପ୍ରିୟତମ ହଏ
ଜୟଗୁରୁ ନିରନ୍ତର ବୋଲ ସୁଖମୟ ।୭।

ଜୟଗୁରୁ ଆଦିଗୁରୁ ଜାନି ଏଇ କ୍ଷନ
ଜୟଗୁରୁ ତ୍ରିବେନିତେ ଆତ୍ମ ନିମଜ୍ଜନ ।୮।

ଜୟଗୁରୁ ପିତାମାତା ଆତ୍ମିୟ ସ୍ୱଜନ
ଜୟଗୁରୁ ସଂସାରେତେ ବନ୍ଧନ କାରନ ।୯।

## ଜୟ ଜଗଦୀଶ ହରେ

ଜୟ ଜଗଦୀଶ ହରେ (ପ୍ରଭୁ) ଜୟ ଜଗଦୀଶ ହରେ
ଜୟ ଭୁବନନନ୍ଦନ ମାଣିକ-ହୃଦ ଚନ୍ଦନ
ଘେନ ଭକତ ବନ୍ଦନ ବନ୍ଧୁ ପୟରେ ।୦।

ଜୟ ଜଗତ ବନ୍ଦନ 'ଜୟଗୁରୁ' ନିରଞ୍ଜନ
ଜୟ ପତିତପାବନ ଘେନ ହେ ଅଭିନନ୍ଦନ
ଘେନ ଭକତ ବନ୍ଦନ ବନ୍ଧୁ ପୟରେ ।୧।

ଜୟ ମଦନମୋହନ ଜୟ ହେ ମନମୋହନ
ଜୟ ସୁନ୍ଦର ବଦନ ଜୟ ପ୍ରଭୁ ଜନାର୍ଦ୍ଦନ
ଘେନ ଭକତ ବନ୍ଦନ ବନ୍ଧୁ ପୟରେ ।୨।

ଜୟ ଆରତ ଧ୍ୱଂସନ ଜଗତଜନ ରଞ୍ଜନ
ଜୟ ଗରବ ଗଞ୍ଜନ ଜୟ ହେ ଆରତତ୍ରାଣ
ଘେନ ଭକତ ବନ୍ଦନ ବନ୍ଧୁ ପୟରେ ।୩।

ତବ ଶୁଭ ଆଗମନ ଆଜି ଏହି ଶୁଭଦିନ
ଚରଣେ ପ୍ରଣତି ଘେନ ହେ ପ୍ରଭୁ ଜୀବଜୀବନ !
'ଜୟଗୁରୁ' ଜୟ ଗାଇ ବନ୍ଧୁ ପୟରେ
ଘେନ ପ୍ରୀତି ପୁଷ୍ପାଞ୍ଜଳି ଶୁଭ ବାସରେ ।୪।

## ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ

ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ
ଜୟ, ଭକତ ହୃଦୟ-ତଟ ଚନ୍ଦନ ହେ
ଜୟ, ମରତ-ଭୁବନ ରୁଚି-ନନ୍ଦନ ହେ
ଘେନ, ଶରଣାଗତ ଅଭିନନ୍ଦନ ହେ ।୧।

ତୁମେ, ଶ୍ୟାମକାନ୍ତ ରୁଚି ସୁନ୍ଦର ହେ
ତୁମେ, ପ୍ରଳୟ ପୟୋନିଧି ମନ୍ଦର ହେ
ତୁମେ, ସୂକ୍ତ ମନ୍ତ୍ର ବେଦ ଛନ୍ଦର ହେ
କର, ଉଜ୍ଜ୍ୱଳ ମୂଢମନ-କନ୍ଦର ହେ ।୨।

ତୁମେ, ଅନ୍ଧ ନୟନ ଯୁଗ ଅଞ୍ଜନ ହେ
ତୁମେ, ଶଙ୍କିତ ମନ ଭୟ-ଭଞ୍ଜନ ହେ
ତୁମେ, ରିପୁଦଳ-ମଦ-ଗର-ଗଞ୍ଜନ ହେ
କର, ଅମୀୟ ବରଷି ଭବରଞ୍ଜନ ହେ ।୩।

ତୁମେ, ବ୍ରହ୍ମ ସନାତନ ଈଶ୍ୱର ହେ
ତୁମେ, ପ୍ରାଣବନ୍ଧୁ ତିନି ବିଶ୍ୱର ହେ
ତୁମେ, ନିତ୍ୟ, ଆନ ସବୁ ନଶ୍ୱର ହେ
ତବ, ଆଶିଷ ସଂପଦ ନିଃସ୍ୱର ହେ ।୪।

ଦିଅ, ଶୁଦ୍ଧ ପୂତ ମତି ଅନ୍ତର ହେ
ଦିଅ, ପ୍ରେମ-ଭକ୍ତି-ଯୁକ୍ତ ମନ୍ତର ହେ
ଦିଅ, ଅନ୍ତେ ଠାବ ପଦପ୍ରାନ୍ତର ହେ
ଗୁରୁଦେବ ! ଗୁହାରି ନିରନ୍ତର ହେ ।୫।

## ଜୟଗୁରୁ ଜୟଗୁରୁ ନାମ ଗାଅ

'ଜୟଗୁରୁ 'ଜୟଗୁରୁ' ନାମ ଗାଅ
ଗୁରୁନାମେ ରଟ ଜୟ ଜୟ |୦|

ଆସ ରେ ସରବେ ଆସ ମାତି ପ୍ରେମାନନ୍ଦେ
ପାନ କର ଗୁରୁନାମ ସୁଧା-ମକରନ୍ଦେ
ଶାନ୍ତିଧାମ ,ମୁକ୍ତିଧାମ ସେ ନାମ ଅକ୍ଷୟ |୧|

ପ୍ରପଞ୍ଚ ସଂସାର ଏ ତ ଅତି ଭୟଙ୍କର
ଷଡ଼ ବଇରୀ ନିରତ କରନ୍ତି ସଞ୍ଚାର
ତାରକା ବ୍ରହ୍ମ ସେ ନାମ ନିବାରିବେ ଭୟ |୨|

ମୟାନଦୀ ପାର ପାଇଁ ସେ ତ ନାଉରିଆ
ମୋହର-ଭଉଁରି ଜଳେ ସେହି ଏକା ସାହା
ସମ୍ପଦେ , ବିପଦେ ଗୁରୁ ପଦେ ରଖ ଲୟ |୩|

ଅନାଥର ଶରଣ ସେ ଅଗତିର ଗତି
ଗୁରୁ ଅନ୍ଧ ନୟନର ଚନ୍ଦ୍ରିକାର ଜ୍ୟୋତି
ଜୀବନେ ମରଣେ ଗୁରୁ ପଦଟି ଆଶ୍ରୟ |୪|

## ଜୟ ଜୟ ଜୟ ନିଗମ ଆନନ୍ଦ

ଜୟ ଜୟ ଜୟ ନିଗମ ଆନନ୍ଦ
ଜୟ ହେ ବିଶ୍ୱ-ବରେଣ୍ୟ !
ବନ୍ଦନା କରେ ନିଖିଳ ବିଶ୍ୱ
ଭକତି ପ୍ରଣତି ଘେନ ।୦।

ତୁମେ ନିରାକାର ତୁମେ ହିଁ ସାକାର
ତୁମେ ମୂଳାଧାର ବ୍ରହ୍ମ ପରାତ୍ପର
ତୁମେ ହିଁ ମଧୁର ତୁମେ ହିଁ ବିଧୁର
ଜ୍ୟୋତି-ପାରାବାର ଭୁବନ ନନ୍ଦନ ।୧।

ତୁମେ ହିଁ ଅନନ୍ତ ତୁମେ ହିଁ ଅବ୍ୟକ୍ତ
ତୁମେ ଶାନ୍ତ ଦାନ୍ତ ତୁମେ ହିଁ ପ୍ରଶାନ୍ତ
ନାହିଁ ଥଳ କୂଳ ନାହିଁ ଆଦି ଅନ୍ତ
ସ୍ୱରୂପ ଦର୍ଶନେ ଦିଅ ଦିବ୍ୟଜ୍ଞାନ ।୨।

ଜୟ ବ୍ରହ୍ମା ବିଷ୍ଣୁ ଶିବ ସ୍ୱରୂପ ହେ
ଆଦି ଅନାଦିର ବିଶ୍ୱରୂପ ହେ
ତୁମେ ହିଁ ଅରୂପ ତୁମେ ହିଁ ସ୍ୱରୂପ
ଅପରୂପ ତୁମେ ଘେନ ବନ୍ଦନ ।୩।

## ଜୟ ବିଶ୍ୱପତି

ଜୟ ବିଶ୍ୱପତି ଶିବ ସ୍ୱରୂପ ହେ
ପରମାନନ୍ଦ ଦାୟୀ ଚନ୍ଦ୍ର ରୂପ ହେ
ଜୟ ଶାନ୍ତ ଦାନ୍ତ ଜଗତ ଈଶ୍ୱର
ଜଗତ୍‌ପତି ! ଘେନ ମୋର ନମସ୍କାର ।୧।

ଜୟ ସକଳ ବିବୁଧ ଆଶ୍ରୟ ହେ
ଜୟ ବ୍ରହ୍ମସ୍ୱରୂପ ସଦାଶୟ ହେ
ସତୀ ପ୍ରାଣାଧିକ ପ୍ରିୟ ପତୀଶ୍ୱର
ଜଗତ୍‌ପତି ! ଘେନ ମୋର ନମସ୍କାର ।୨।

ଜୟ ପୂଜ୍ୟ ନମସ୍ୟ ହୃଦୟାଧାର
ଜୟ ସ୍ୱାମୀ ପଞ୍ଚପ୍ରାଣ ଅଧୀଶ୍ୱର
ଜୟ ନୟନ ତାରକା ଜ୍ଞାନାଧାର
ଜଗତ୍‌ପତି ! ଘେନ ମୋର ନମସ୍କାର ।୩।

ଜୟ ପତ୍ନୀ ଆନନ୍ଦ ପ୍ରଦାୟକ ହେ
ତୁମେ ବ୍ରହ୍ମା ଶିବ ଲୋକପାଳକ ହେ
ପତି ବ୍ରହ୍ମ ସ୍ୱରୂପ ନିର୍ଗୁଣାଧାର
ଜଗତ୍‌ପତି ! ଘେନ ଦୀନା ନମସ୍କାର ।୪।

ଜୟ ଭୁବନ ମୋହନ ପୂର୍ଣ୍ଣଇନ୍ଦୁ
ଜୟ ପତ୍ନୀପ୍ରାଣାଧିକ ଦୟାସିନ୍ଧୁ
ଦାସୀ ସର୍ବ ଦୋଷ ନାଥ କ୍ଷମାକର
ତବ ପଦକଞ୍ଜେ କୋଟି ନମସ୍କାର ।୫।

## ଜୟ ଶିବଶଂଭୂ ନିଗମେଶ୍ୱର

ଜୟ ଶିବଶଂଭୂ ନିଗମେଶ୍ୱର
ଜୟ ବ୍ରହ୍ମାବିଷ୍ଣୁ ପରମେଶ୍ୱର ।୦।

ଜୟ ଆଦି ଅନାଦି ସ୍ୱରୂପ
ଜୟ ଜୟ ଦେବ ବିଶ୍ୱରୂପ
ଜୟ ସତ୍ୟ ସନାତନ ଈଶ୍ୱର
ବନ୍ଦନା କରୁଛୁ ତବ ପୟର ।୧।

ଜୟ ବର ଅଭୟ ଦାୟକ
ଜୟ ଭକ୍ତ-ହୃଦୟ ରଞ୍ଜକ
ଜୟ ଜୟ ଗୁରୁ ଯୋଗେଶ୍ୱର
ବନ୍ଦନା କରୁଛୁ ତବ ପୟର ।୨।

ଜୟ ଜ୍ଞାନେଶ୍ୱର ପ୍ରେମିକବର
ଜୟ ଜୟ ଶରଣାଗତ ଈଶ୍ୱର
ଜୟ ଜୟ ସତ୍ୟ ଶିବ ସୁନ୍ଦର
ବନ୍ଦନା କରୁଛୁ ତବ ପୟର ।୩।

ଜୟ ଜୟ ଗୁରୁ ନିତ୍ୟ ଆଧାର
ଜୟ ଜୟ ପ୍ରଭୁ କୃପା-ସାଗର
ଜୟ ବିରାଜିତ ଶତଦଳର
ବନ୍ଦନ ଘେନ ପ୍ରଣତ ଜନର ।୪।

## ଜାଣୁଛି, ବୁଝୁଛି ଅପରାଧର ମୋ ସୀମା ନାହିଁ

ଜାଣୁଛି, ବୁଝୁଛି ଅପରାଧର ମୋ ସୀମା ନାହିଁ, ସୀମା ନାହିଁ
ତେବେ ବି ଠାକୁର ! ତୁମ ଚରଣରେ କ୍ଷମା ଜମା ମାଗୁନାହିଁ
ମାଗୁଛି ମାତର ଏତେ
କ୍ଷମା ମାଗିବାକୁ ତୁମ ପଦତଳେ ଶକତି ଦିଅ ହେ, ମୋତେ ।୧।

ନୁହେଁ ମୁହିଁ ଆନ ତୁମରି ସନ୍ତାନ ଦୂର କର ନାହିଁ ମୋତେ
ଠେଲିଦେଲେ ଯେତେ, ଦୂରେ ଦୂରେ କେତେ
ଦୂର ହେବି ନାହିଁ କେବେ
ତୁମେ ହେ କ୍ଷମା-ସାଗର
ଆଶରା ଦେବାକୁ ମନା କର ନାହିଁ ବିନୀତ ପ୍ରାର୍ଥନା ମୋର ।୨।

କ୍ଷମା ଦେଲେ ଦିଅ, ନ ଦେଲେ ନ ଦିଅ, ତହିଁକି ଶୋଚନା ନାହିଁ
ବାରଣ ନ କର ସେବକ-ଜନର ସେବା କେବେ ନେବାପାଇଁ
ଆଉ ପଦେ କଥା ମୋର
କିଳିଦେବ ନାହିଁ ଦେଉଳ ଦୁଆର, ଜଣାଏଁ ନୁଆଁଇ ଶିର ।୩।

## ଜୀବ ଥିବା ଯାଏ ଦେବ

ଜୀବ ଥିବା ଯାଏ ଦେବ ଏ ଦେହରେ ମୋର
ହାତ ମୋର ଚଳୁଥାଉ ଚରଣେ ତୁମର
ହେ ଠାକୁର ! ଏହି ମିନତି ମୋହର ।୦।

ପାଦ ମୋର ଚାଲୁ ତୁମ ଚଉଧାରେ ଚିର
ପ୍ରଦକ୍ଷିଣ କରୁଥାଉ ତୁମ ଶ୍ରୀମନ୍ଦିର
ହେ ଠାକୁର ! ଏହି ମିନତି ମୋହର ।୧।

ଆଖି ମୋର ଦେଖୁଥାଉ ଛବିଟି ତୁମର
ଅଦର୍ଶନେ ଝରୁଥାଉ ନୟନରୁ ନୀର
ହେ ଠାକୁର ! ଏହି ମିନତି ମୋହର ।୨।

କାନ ମୋର ଶୁଣୁ ତୁମ ବନ୍ଦନା ଝଙ୍କାର
ଅନ୍ତରେ ମୋ ଭରୁ ତୁମ ବାଣୀଟି ମଧୁର
ହେ ଠାକୁର ! ଏହି ମିନତି ମୋହର ।୩।

ତୁମ ଅଙ୍ଗବାସ ବାରି ନାସିକା ମୋହର
ଆଗମନୀ ବାର୍ତ୍ତା ଦେଉ ଅଜପାରେ ମୋର
ହେ ଠାକୁର ! ଏହି ମିନତି ମୋହର ।୪।

ଏ ଦେହ ଏ ମନ-ପ୍ରାଣ ସବୁ ତ ତୁମର
ଲାଗି ରହୁ ନିରନ୍ତର ସେବାରେ ତୁମର
ହେ ଠାକୁର ! ଏହି ମିନତି ମୋହର ।୫।

ସେବାର ଆନନ୍ଦ ଭରି ଏ ଦେହ ମୋହର
ଜୀବନେ ମରଣେ ହସୁ ଚରଣେ ତୁମର
ହେ ଠାକୁର ! ଏହି ମିନତି ମୋହର ।୬।

## ଜୀବଧନ ! ଏତିକି ମୋ ନିବେଦନ

ଜୀବଧନ ! ଏତିକି ମୋ ନିବେଦନ
ସୁମରି ତୁମରି ଗୁଣ ଅସୁମାରୀ, ବିତୁ ଏ ସାରା ଜୀବନ ।୧।

ଜନମି ଥିଲେ ହେଁ ତବ ସେବା ପାଇଁ
ଇନ୍ଦ୍ରିୟଗଣଙ୍କ ଆଜ୍ଞାବହ ହୋଇ
ଚଳାଉଛି ମୋର ଜୀବନ-ନଉକା, ହୋଇ କାଣ୍ଡାରୀ ବିହୀନ ।୨।

ଜୀବନର ଯେଉଁ ଭାର ଗୁରୁତର
ଦେଇଅଛ ଆହେ ପ୍ରାଣର ଠାକୁର !
ଅବହେଳା କରି ଦୂରେ ଦେଲି ଠେଲି ହୋଇ ମନର ସ୍ୱଜନ ।୩।

ତୁମ ବାଣୀ ଶୁଣି ସେ ସୁଖ ସ୍ୱପନ
ଭାଙ୍ଗିଗଲେ ହେଲେ ଚିରାଭ୍ୟସ୍ତ ମନ
ପୂର୍ବ କୁସଂସ୍କାର ହେଉନାହିଁ ଦୂର, ହତାଶ ମଣେ ଜୀବନ ।୪।

ହୃଦୟର ପୁଞ୍ଜିଭୂତ କୁ-ସଂସ୍କାର
ଦୂର କରି ଆହେ ଦୟାର ସାଗର
ବ୍ୟର୍ଥ ଜୀବନରେ ଆଶାର ଆଲୋକ ଜାଳିଦିଅ ଅନୁଦିନ ।୫।

ତୁମ ଇଚ୍ଛା ସଦା ସତ୍ୟ ସ୍ୱରୂପରେ
ଫୁଟି ଉଠୁ ମୋର ହୃଦୟ ମନ୍ଦିରେ
ତୁମ ନିର୍ଦ୍ଦେଶିତ ପଥେ ଅବିରାମ ଗତି କରୁ ଏ ଜୀବନ ।୬।

## ଜୀବନ କାଳ ମୋ ସରି ସରି ଆସେ

(ଦେବ) ଜୀବନ କାଳ ମୋ ସରି ସରି ଆସେ
ନ ସରେ ନୟନୁ ସପନ
ପ୍ରତାରଣା କରି ପ୍ରତାରିତ ହୁଏ
ତେବେବି ନ ବୁଝେ ଏ ମନ ।୦।

କ୍ଷମତା ର ମୋହ କରଇ ପାଗଳ
ସମ୍ମାନ ପାଇଁ ମୋ ପରାଣ ଆକୁଳ
ଅଭିମାନ ମୋର ପାହାଡ ସମାନ
ମଥା ନୋଇଁବାକୁ ବିମନ ।୧।

କୀରତି ଆଶାରେ ମନ୍ଦିର ତୋଳାଏ
ପାଣ୍ଡିତ୍ୟ ପଣର ବିଜ୍ଞାପନ ଦିଏ
କରମ ନାମରେ ଅକରମ କରେ
ତୁମ ପାସେ କରି ଗୋପନ ।୨।

ସଂସାରକୁ ଦିଏ ମୁଁ ଉଚ୍ଚ ଆସନ
ତୁମ କାମ ପାଇଁ ମୁଁ ଦିନ ଅକ୍ଷମ
ପ୍ରତିଶୃତି ମୋର ଗତ ସ୍ମୃତି ହୁଏ
ନ-ମାନଇ ଅନୁଶାସନ ।୩।

ମନ ମୋର କେଉଁ କାମନାରେ ଭରା
ହୃଦୟ ବିଷୟ ଭୋଗର ପସରା
ଇନ୍ଦ୍ରିୟ ସକଳ ବିଷୟ ରସରେ
ରହିଥାନ୍ତି ସଦା ମଗନ ।୪।

ଭାଙ୍ଗିଦିଅ ମୋର ଗରବ ଗୁମାନ
ଲିଭାଇ ଦିଅ ଏ ମାୟାର ସପନ
ତୁମେ ହୁଅ ମୋର ପ୍ରିୟାଦପି ପ୍ରିୟ
ଏତିକି ଚରଣେ ଜଣାଣ ।୫।

## ଜୀବନ, ଜନମ ତୁମେ ସବୁ ତ ଦେଇଛ

ଜୀବନ, ଜନମ ତୁମେ ସବୁ ତ ଦେଇଛ
ପ୍ରତିଦାନେ କେବେହେଲେ କିଛି ନ ଚାହିଁଛ
ତୁମ ଅଯାଚିତ ଦାନ
କିପରି ଶୁଝିବି ଭାଳି ହଜିଯାଏ ଜ୍ଞାନ ।୧।

ଦାତାପଣେ ଜଗତରେ ପତାକା ଉଡ଼ାଇ
ଦୟାର ସାଗର କରୁଣାର ଅନ୍ତ ନାହିଁ
ଲୁଚି ରହିଥାଅ କାହିଁ
କାହିଁକି କୁଣ୍ଠିତ ଦରଶନ ଦେବା ପାଇଁ ? ।୨।

କେତେ ମୁଁ ବିଚାରେ ମନେ ଦିଅନ୍ତି କି ଧନ
ହେଜି ଦେଖେ ଯେତେ ସବୁ ତୁମରି ତ ଦାନ
କେଉଁ ଉପଚାରେ ଆଉ
ତୋଷିବି ତୁମକୁ, କହ ପାଇବି ମୁଁ କାହୁଁ ? ।୩।

ଯେତେ ଦେଉଥିଲେ ତୋଷ ନୁହଁଇ ମୋ ମନ
ପଦ ତଳେ କର ପାତି ମାଗେ ଅଭାଜନ
ଦିଅ; ଦିଅ ହେ ଶକତି
ମନ ଭରି ଢାଳୁଥିବି ଚରଣେ ପ୍ରଣତି ।୪।

## ଜୀବନ ପାତ୍ର ମୋ ଭରିଛ

ଜୀବନ ପାତ୍ର ମୋ ଭରିଛ କେତେ ମୋତେ
ନ ଦେଲ କିଛି ବୋଲି କହିବି କି ହେ ଆଉ ?
ଜୀବନ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ ।୦।

କୂଳର ଜନପ୍ରାଣୀ କେତେ ମିଳାଅ ଆଣି
ନୟନ ପଲକରେ ଲୁଚାଅ ଜାଣି ଜାଣି
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି
ମରତ ପ୍ରବାସୀ ମୁଁ ନଜାଣି ଆଣେ ଦାଉ ।୧।

ଚାଲରେ ଚାଲ ମନ ନିତ୍ୟ ମଧୁବନ
ଦେଖିବୁ ପ୍ରିୟ ରାସ, ଅଦୂରେ ଗୋଲକରେ
ଅଦୂରେ ପଥେ ଆଜି ମିଳନ ତା'ର ସାଥେ
ବିଜୟ ରଥେ ତୋର ଜୀବନ ଆଲୋକରେ ।୨।

ଯାତ୍ରା ପଥ ତୋର ପଲକେ ହେବ ଶେଷ
ଶେଷ ରେ ସନ୍ଦେହ ସକଳ ତୋର କ୍ଳେଶ
ଧନ୍ୟ ହେବୁ ଆଜି ପୂଣ୍ୟ ଦରଶନେ
କ୍ଷୁର୍ଣ୍ଣ ସବୁ ପାପ ଦୁଷ୍କୃତିର ରାହୁ
ଜୀବନ ଦେବତା ମୋ ଜୀବନ ପଥେ ବିଜେ
ତରଣୀ ମୋର ତବ ସାଗରେ ବହିଯାଉ ।୩।

## ଜୀବନ-ଯମୁନା ଯେବେ ବହିବ ଉଜାଣି

ଜୀବନ-ଯମୁନା ଯେବେ ବହିବ ଉଜାଣି
ତୁମେ ନାଉରିଆ ମୋର ବାହିବ ତରଣୀ ।୦।

ମରମ କଥାଟି ଆଜି ଫିଟାଇ କହୁଛି ସାଇଁ
ଫଗୁଣ ଗଲାଣି ଚାଲି, ଆଉ ତ ଫେରିବ ନାହିଁ
ଏତିକି ଭରସା ମୋର ତୁମ କର କରଣି ।୧।

ଟେକି ଦେଲି ଆହୁଲାଟି ତୁମ ହାତକୁ ଏ ଥର
ଆଜି ଯାଏ ଯାହାକୁ ମୁଁ କହୁଥିଲି ମୋର ମୋର
ତୁମ ହାତ ଲାଗି ହେବ ସୁନ୍ଦର ମୋ ସରଣୀ ।୨।

ଏ ଜୀବନ ଆର ପାଖେ କାମନାର ପର ପାରେ
ଥାପି ଦେବି ପାଦ ମୋର ସେ ଆଲୋକ ମୂଲକରେ
ପଛକୁ ପକାଇ ଦେଇ ଧୂଳିର ଏ ଧରଣୀ ।୩।

## ଜୀବନ-ବନ୍ଧୁ ମୋ ଏତିକି କରିବ

ଜୀବନ-ବନ୍ଧୁ ମୋ ଏତିକି କରିବ
ଜୀବ ଯିବା ବେଳେ ପାଶେ ପାଶେ ଥିବ ।୦।

ତୁମ ମୂରତି ମୋ ହୃଦେ ବସାଇ
ତୁମ ପ୍ରେମଜଳେ ଚିତ୍ତ ଭସାଇ
ତୁମ ସୁର ତାନ ହେ ମୋ କାନେ ଭରିବ
ମୋ ଲାଗି ଖାଲି ଏତିକି କରିବ ।୧।

ଦେଖୁଥିବି ତୁମ ରୂପ ସୁନ୍ଦର
ଆନ କଥାକୁ ମୁଁ ଥିବି ବଧିର
ନୟନର ନୀର ହେ ଶୀପଦେ ଝରିବ
ମୋ ଲାଗି ଖାଲି ଏତିକି କରିବ ।୨।

ଘୋଟି ଆସିଲେ ସେ ଘୋର ଅନ୍ଧାର
ରଟୁଥିବି ତୁମ ନାମ ମଧୁର
ସବୁ ଦୁଃଖ ସାରିବ ସଂସାରୁ ତାରିବ
ମୋ ଲାଗି ଖାଲି ଏତିକି କରିବ ।୩।

## ଜୀବନ ବନ୍ଧୁକୁ ମୋର ଏତେ ଦିନେ ପାଇଛି ରେ

ଜୀବନ ବନ୍ଧୁକୁ ମୋର ଏତେ ଦିନେ ପାଇଛି ରେ
ଅଭାଗା ଜୀବନେ ଆଜି କେତେ ଭାଗ୍ୟ ହୋଇଛି ରେ ।୦।
ନୟନରୁ ଦୁଃଖ ବାରି
ଦିନେ ପଡୁଥିଲା ଝରି
ଅଦେଖା କର ପରଶେ ଲୁହ ପୋଛି ଦେଇଛି ରେ ।୧।
କରମ କଷଣ ଗାର
ଜୀବନ ଜଞ୍ଜାଳ ଭାର
ଶିରେ ବହିଥିଲି ଯାହା ସବୁ ତ ସେ ନେଇଛି ରେ ।୨।
ତା ମୋହନ ବେଣୁ ସୁରେ
ପାଗଳ କରିଛି ମୋରେ
ସେଇ ସୁର ପଛେ ପଛେ ମନ କେତେ ଧାଇଁଛି ରେ ।୩।
ତା ଗୁଣ ଗାଇବି କେତେ
ପେମରେ ବାନ୍ଧିଲା ମୋତେ
କୋଳେ ତୋଳି ନେବ ବୋଲି କଥା ମୋତେ ଦେଇଛି ରେ ।୪।

## ଜୀବନ ସର୍ବସ୍ୱ ପ୍ରଭୁ ତୁମେ ହେ ଠାକୁର

ଜୀବନ ସର୍ବସ୍ୱ ପ୍ରଭୁ ତୁମେ ହେ ଠାକୁର
ପ୍ରଣାମ କରୁଛୁ ଦେବ ଚରଣେ ତୁମର |୦|

ଚିଦାନନ୍ଦମୟ ଚିର ଚିନ୍ମୟ ସୁନ୍ଦର
ଦିବ୍ୟଜ୍ୟୋତିର୍ମୟ ତୁମେ ପ୍ରଣବ ଓଁକାର
ଚନ୍ଦ୍ରକିରଣ ସୁଧା ପୁରିତ ଅମ୍ବର
ଛାୟାପଥ ଗ୍ରହତାରା ତୁମେ ଦିବାକର |୧|

ଅନନ୍ତ ଆନନ୍ଦଧାରା ବହେ ନିରନ୍ତର
ତୁମରି ମହିମା ପ୍ରଭୁ ଅସୀମ ଅପାର
ଅନ୍ତର ଦେବତା ଜାଣ ସକଳ ଅନ୍ତର
ସୁନ୍ଦର ସୃଷ୍ଟିର ସବୁ ବିଧାନ ତୁମର |୨|

ଝଡର ଆକାଶେ କମ୍ପେ ଦୀପ ଶିଖା ଆଜି
ଗର୍ବ ଦମ୍ଭ ଅଭିମାନ ଯାଉ ସବୁ ଭାଜି
ଆନନ୍ଦ ଆଲୋକପଥେ ନିଅ ହେ ଠାକୁର !
ଦୂର କରିଦିଅ ହୃଦ ଅମା ଅନ୍ଧକାର |୩|

ଏ ଜୀବନେ ଯାହା ପ୍ରଭୁ ତୁମ ଦୟାଦାନ
ତୁମେ ଧ୍ୟାନ ଜ୍ଞାନ ସବୁ ତୁମ ପଦେ ଲୀନ
ଅନିତ୍ୟ ସଂସାରେ ପ୍ରଭୁ ଯାହା ଅଛି 'ମୋର'
ତୁମ ଶ୍ରୀଚରଣେ ସମ୍ପି ନମୁଁ ବାରବାର |୪|

## ଜୀବନରେ ଫୁଲ ଫୁଟିଥିଲେ ସିନା

ଜୀବନରେ ଫୁଲ ଫୁଟିଥିଲେ ସିନା
        ମରଣରେ ବାସ ଚହଟିବ
ନଥିଲେ ଗଗନେ ନିବିଡ ନୀରଦ
        ନୀରଧାର କାହୁଁ ବରଷିବ     ।୦।

ଜୀଇଁ ଥାଉଥାଉ କରିଥିଲେ ଗାନ
        ଦୁଃଖହାରୀ ଗୁରୁ ନାମ ଗୁଣ ମାନ
ମରଣେ ସେ ନାମ ଗାଇ ଗାଇ ମନ
        ପର ପୁଲକରେ ପୁରିଯିବ     ।୧।

ପର କରିଦେଲେ ପରମ ପତିଙ୍କି
        ଅନାଥର ନାଥ ଅଗତି ଗତିଙ୍କି
ଅମର ମନ୍ଦିରେ କିଏ ନେଇ କହ
        ପ୍ରୀତିପଲଙ୍କରେ ବସାଇବ     ।୨।

ପୂଜିଥିଲେ ସିନା ଶ୍ରୀଗୁରୁ ଚରଣ
        ମରଣ ହୋଇବ ଅମୃତ ସୋପାନ
କୋଟି ଜନମର ଶୂନ୍ୟଭିକ୍ଷା ଝୁଲି
        କରୁଣା ଦାନରେ ଭରିଯିବ     ।୩।

## ଜୀବନେ ଆସିବ କେବେ ସେ ଦିନ

ଜୀବନେ ଆସିବ କେବେ ସେ ଦିନ
କହ ଦୟାମୟୀ କରୁଣା ସାଗରୀ ତୋ ପଦେ ମିଳିବ ସ୍ଥାନ ।୦।

ଭୋଗଇ ଯେ ଜନ ଘୋର ଦୁରୁଦିନ
ମାଆ ତାକ ଏକା ତା'ର ଜୀବଧନ
ବିପଦ ସାଗର ତରଣୀ ତାରିଣୀ ଦୟାମୟୀ ତୋ ଶରଣ ।୧।

ଆନନ୍ଦମୟୀ ଗୋ ତୋ କରୁଣା ବିନେ
ସୁଖ ଲେଶ ନାହିଁ କାହାରି ଜୀବନେ
ଚକାଇ ରହିଛି ସେ ଦିନ ଯେବେ ଗୋ ପୂଜିବି ତୋର ଚରଣ ।୨।

ପୁଲକେ ନାଚିବି ତୋହ ନାମ ଗାଇ
ମାଆ ବିନା ମୋର ଜଗତେ କେ ନାହିଁ
ଅସାର ସଂସାରେ ସୁସାର ଏକା ତୋ ମାଆ ଭଜନ ପୂଜନ ।୩।

## ଜୀବନେ ଏକ ସମୟ ଆସେ

ଜୀବନେ ଏକ ସମୟ ଆସେ
ତୁମ ପଦେ ଉଚ୍ଚ ମଥା     ନଇଁଯାଏ ଶେଷେ     ।୦।

ଯେବେ ଅମା ଅନ୍ଧକାର ଘନେଇ ଆସେ
ଚାଲୁ ଚାଲୁ ଏ ସଂସାରେ     ଜୀବନ ଆକାଶେ
କୁହ ହସି ହାତ ଠାରି ସାହା ଏକା ହେବ ବୋଲି
        ନିରାଶ ପ୍ରାଣେ ପୂନେଇଁ ଚାନ୍ଦ ହସେ     ।୧।

ସଂସାରେ ଯେ ହୋଇଥାନ୍ତି ନିଜର, ନିଜର
ଦୁଃଖେ ମୁହଁ ମୋଡ଼ି ସବୁ     ହୋଇଯାନ୍ତି ପର
ଦରଦୀ ହାତ ବଢାଇ ଅଭୟ ବାଣୀ ଶୁଣାଇ
ପୋଛିଦିଅ ଲୁହ ଯେତେ ବସାଇ ପାଶେ     ।୨।

ଭାଗ୍ୟବାନ ଏକା ସିଏ ଯେ ତୁମକୁ ଭଲ ପାଏ
ଦେହ-ମନ-ପ୍ରାଣ ସବୁ     ତୁମ ପଦେ ସମ୍ପି ଦିଏ
ହୁଏ ସଦା ନିରିଭୟ ଗାଇ 'ଜୟଗୁରୁ' ଜୟ
        ତରିଯାଏ ଭବ ସିନ୍ଧୁ ତବ ଆଶିଷେ ।୩।

ସଂସାରର ମୋହ ଡୋରି କାଟିଦିଅ କୃପା କରି
ହୁଏ ମୁଁ ପ୍ରଭୁ ତୁମରି     କରୁଛି ପଦେ ଗୁହାରି
ତୁମକୁ ଟିକିଏ ଭଲ ପାଇ ମୁଁ ବସେ     ।୪।

## ଝରା ଲୁହ ସବୁ ଶୁଖିଗଲେ ଯାଉ

ଝରା ଲୁହ ସବୁ ଶୁଖିଗଲେ ଯାଉ
        ଭରା ବହୁଥାଉ ଭକତି ଝର
ଝୁରୁ ଥାଉ ମନ ତୁମରି ପାଇଁକି
        ଦିବା ନିଶୀଥିନୀ ହୋଇ ବିଭୋର   ।୦।

ହସ କାନ୍ଦ ଭରା ଏ ଜୀବନ ସତେ
ସେନେହ ମମତା ମଧୁର ଯେ କେତେ
ସବୁରି ଭିତରେ ତୁମରି ମୁରଲୀ
        ମିଳନ ଆଶାରେ କରୁ ଅଧୀର     ।୧।

ଶିଶୁ ଖେଳୁଥାଏ ସାଙ୍ଗ ସାଥୀ ମେଳେ
ଖେଳ ଶେଷେ ଖୋଜେ ମାଆକୁ ବିକଳେ
ତେସନେ ଦୁନିଆଁ ରଙ୍ଗ ଖେଳ ମେଳେ
        ତୁମ ସ୍ମୃତି ଥାଉ ସଦା ଅମର     ।୨।

ଭାବ ଫୁଲବନେ ତୁମରି ଗୁଞ୍ଜନ
ଅନ୍ତରେ ଜଗାଏ ଦିବ୍ୟ ଶିହରଣ
ମନ ମଧୁକର ନ ରସିବ ଯେବେ
        କିଏ ମେଣ୍ଟାଇବ ତୃଷା ମନର     ।୩।

ପୀରତି କୁସୁମ ଚିର ଅମିଳନ
ପାରିଜାତ ଗନ୍ଧ ନୁହେଁ ତା ସମାନ
ନିବେଦୁଛି ପଦେ ପ୍ରଣତି ସରାଗେ
        ଘେନା କର କରି ପଦ-କୋୟର     ।୪।

## ଝୁଲାଅ ଗୋ ଝୁଲଣ ଦୋଳି

ଝୁଲାଅ ଗୋ ଝୁଲଣ ଦୋଳି
ନଳିନୀକାନ୍ତ ନାମରେ ଦେଇ ହୁଳ ହୁଳି |୦|

ଧନ୍ୟ ସେହି ପିତା ମାତା ଧନ୍ୟ ସେହି ଜନ୍ମ
ଧନ୍ୟ ସେ କୁତବପୁର ଧନ୍ୟ ଗୁରୁ ଆମ |୧|

ଧନ୍ୟ ସେ ଭୈରବୀ ନଦୀ ଧନ୍ୟ ବଙ୍ଗ ମାଟି
ଧନ୍ୟ ଧନ୍ୟ ଶତ ଧନ୍ୟ ନଦିୟା ଜିଲ୍ଲାଟି |୨|

ଧନ୍ୟ ସେ ଶ୍ରାବଣ ମାସ ପୂର୍ଣ୍ଣ ସମ୍ବତ୍ସର
ଧନ୍ୟ ଝୁଲଣ ପୂର୍ଣ୍ଣିମା ପବିତ୍ର ବାସର |୩|

ଏହି ମାସ ଏହି ଦିନ ପୂର୍ଣ୍ଣିମା ତିଥିରେ
ଜନମିଛନ୍ତି ନଳିନୀକାନ୍ତ ନିଶିଥରେ |୪|

ସେହି ନଳିନୀକାନ୍ତ ଯେ ଆମର ଠାକୁର
ତନ୍ତ୍ର ଜ୍ଞାନ ଯୋଗ ପ୍ରେମ ସିଦ୍ଧ ବିଦ୍ୟାଧର |୫|

'ଜୟଗୁରୁ' ମନ୍ତ୍ର ତାଙ୍କ ନିର୍ଦ୍ଦେଶ ମନ୍ତର
ଜୟଗୁରୁ ବୋଲି ସର୍ବେ ପ୍ରେମରେ ବିଭୋର |୬|

ସାରସ୍ୱତ ଗୋକୁଳର ନିଗମ କହ୍ନାଇ
ଗୋପି ଭାବେ ନାଚ ସର୍ବେ ଦେଇ କରତାଳି |୭|

## ଟିକି ମୋର ନାଆଟି

ଟିକି ମୋର ନାଆଟି
ସାଧନା ତା' ନାଆଁଟି
ତୁମେ ନାଉରିଆ ମୋରେ ବତାଇଲ ରାହାଟି ।୦।

ଡର ଲାଗୁଥିଲା ଦେଖି ଭବ ଜଳ ରାଶି
ଆହା ବୋଲି କହି ତୁମେ ସାହା ହେଲ ଆସି
ଦର ହସି ଚାହିଁଲ
ନଉକାଟି ବାହିଲ
ଜାଣେ ନା ମୁଁ କେତେ ଦୂରେ ତୁମ ଘର ଗାଆଁଟି ।୧।

ଝଡ ବରଷା ବେଳରେ ନାଆ ଯାଏ ଥରି
କିଛି ଭୟ ନାହିଁ ବୋଲି କୁହ ଆଖି ଠାରି
ଜହ୍ନ ଉଇଁ ଆସଇ
ନାଆ ଭାସି ଚାଲଇ
ତନୁ ଛୁଇଁ ଯାଏ ଶେଷେ ସୁଲୁ ସୁଲୁ ବାଆଟି ।୨।

ଶିଖାଇଲ ଯେଉଁ ଗୀତ ଯେଉଁ ସୁର ତାନ
ପାଶୋରି ନ ଦେଉ ଏଇ ଅଭିମାନୀ ମନ
ତୁମ ପ୍ରେମ ଆଦର
ସତେ କେତେ ମଧୁର
ତୁମ ବିନା ସାଥୀ ମୋର ଆଉ କେହି ନାହାନ୍ତି ।୩।

ଭରା ଦରିଆ ତ ଖାଲି ଢେଉ ଛଳ ଛଳ
ଆଗରେ ଅଥଳ ଜଳ ପଛରେ ଅଥଳ
କହ ମୋର ନାଉରୀ
କେତେ ବାଟ ଆହୁରି ?
ମନ ହୁଏ ତୁମ ପ୍ରେମ ଗୀତି ନିତି ଗାଆନ୍ତି ।୪।

## ଡର ଲାଗେ ଏ ତରଙ୍ଗ ହେରି

ଡର ଲାଗେ ଏ ତରଙ୍ଗ ହେରି
ଥଳକୂଳ ନ ଦିଶଇ କେସନେ ହେବି ମୁଁ ପାରି ।୦।

କୁହୁଡି ଘେରା ଏ ମେଘ
ପବନ ବହଇ ବେଗ
ସାହା ନାହିଁ, ସାଥୀ ନାହିଁ ବଳହୀନ ଭାରି ।୧।

ଦେଖି ମୋତେ ଦୀନ ଅତି
କେ ଅଛି ଦୟାଳୁମତି?
ମୂଲ ବିନା କରିଦେବ ପାରି ଭବବାରି ।୨।

ଶୁଣିଛି ସାଧୁ ବଚନ
ଡାକିଲେ ଧରି ତା ନାମ
ଅଛି ଜଣେ ଦୁରୁଦିନେ ଶୁଣେ କାନ ଡେରି ।୩।

ତେଣୁ ନଦୀ ତୀରେ ବସି
'ଜୟଗୁରୁ' ବୋଲି ଘୋଷି
ଡାକେ ଗୁରୁଦାସ ପାର କର ହେ ନାଉରୀ ! ।୪।

## ତରକେ ସେ ମିଳେ ନାହିଁ

ତରକେ ସେ ମିଳେ ନାହିଁ ମିଳେ ନାହିଁ ନାହିଁରେ
ସେ ଯେ ସହଜ ମନରେ ବାସ ରଚଇ ପାଶେ ଥାଇ ପାଶେ
ଥାଇ ଥାଇ ରେ ।୦।

ଭାବକୁ ସେ ନିକଟରେ ତରକେ ସେ ବହୁ ଦୁରେ
ପଣ୍ଡିତ କି ତରକରେ ତାକୁ ପାଇ ରେ
ମିଳେ ନାହିଁ, ମିଳେ ନାହିଁ, ନାହିଁ ରେ ।୧।

ରସିକ ଭକତ ସଙ୍ଗେ ବିହରେ ସେ ନାନା ରଙ୍ଗେ
ଭକତ ମନ ସେ ସୁଖେ ଯାଏ ବହି ରେ
ମିଳେ ନାହିଁ, ମିଳେ ନାହିଁ, ନାହିଁ ରେ ।୨।

କାହ୍ନୁ ରୂପେ ଦ୍ୱାପରରେ ଗୁଆଳିଏ ଗୋପପୁରେ
ବାନ୍ଧିଥିଲେ ତା'ରେ ପ୍ରେମଡୋରି ଦେଇ ରେ
ମିଳେ ନାହିଁ, ମିଳେ ନାହିଁ, ନାହିଁ ରେ ।୩।

ପ୍ରେମିକର ବାନ୍ଧବ ସେ ପ୍ରେମିକ ମନରେ ରସେ
ଦୁଃଖ ଶୋକ ତାପ ତାର ହରି ଦେଇ ରେ
ମିଳେ ନାହିଁ, ମିଳେ ନାହିଁ, ନାହିଁ ରେ ।୪।

ସେ ଦିନ କେବେ ହୋଇବ ସିନ୍ଧୁରେ ବିନ୍ଦୁ ମିଶିବ
ଗୁରୁଦାସ ନିଶିଦିନ ଅଛି ଚାହିଁ ରେ
ମିଳେ ନାହିଁ, ମିଳେ ନାହିଁ, ନାହିଁ ରେ ।୫।

## ତାର ପାଦର ନୂପୁର ରୁଣୁଝୁଣୁ

ତାର ପାଦର ନୂପୁର ରୁଣୁଝୁଣୁ
ମୋର କାନରେ କଲାଣି ଗୁଣୁଗୁଣୁ
ଭୁଲି କି ସତେ ପାରିବି ତାରେ ନିତି ନିତି ଶୁଣୁ ଶୁଣୁ ।୦।

ପୀରତି ତାର ଅତି ଉଦାର ପରାଣ ଦେଲା ଭିଜାଇ
ସରମ କଲେ ସୋହାଗ ତାର ବସିବି ସିନା ହଜାଇ
ତାର ପ୍ରେମର ଯମୁନା ଛଳ ଛଳ
ତାର ପାଦର ପଦୁଅଁ ଢଳ ଢଳ
ଗଲେ ପଛକେ ଜୀବନ ଯାଉ ପୀରତି ମଧୁ କିଣୁ କିଣୁ ।୧।

ଆଖିରେ ଦେଲା ନୂଆ କଜ୍ଜ୍ୱଳ, ରାତିକି କଲା ଉଜ୍ଜ୍ୱଳ

ଆଦର ତାର ମଧୁର ଭାରି, ତୁଟାଇ ଦେଲା ଜଞ୍ଜାଳ
ତାର ବଇଁଶୀ ଡାକଇ ରାଇ ରାଇ
ମୁଁ ଯେ କେମିତି ପାରିବି ଘରେ ରହି ?
ଯାଉ ମୋ ଦିନ ତାହାରି ଗୁଣ ଭକତି ସୂତାରେ ବୁଣୁ ବୁଣୁ ।୨।

ହସଟି ତାର ମୁକୁତା ଝରା ଦେଖିଲେ ମନ ପୂରଇ
ଦରଦ ଭରା ମରମ କୋଣେ ବିରହୀ ତାରେ ଝୁରଇ
ମୋର କାନରେ ମନ୍ତର ଫୁଙ୍କି ଦେଲା
ମୋର ଛାତିରେ ତା ଛବି ଆଙ୍କି ଦେଲା
ପର କି ଆଉ ମଣିବି ତାରେ ପରମ ବନ୍ଧୁ ଜାଣୁ ଜାଣୁ ? ।୩।

## ତୁ ଏକା ନାଉରୀଆ ଅଥଳ ନୀରେ

ତୁ ଏକା ନାଉରୀଆ ଅଥଳ ନୀରେ
ତୋ ବିନେ କେ ସାହାରେ ମୋ ତରୀ ଲଗାଏ ତୀରେ ।୦।

ଏକେ ତ ମେଘ ଭରା ଅମାଘେରା ରାତି
ଏ ମେଘେ ନାହିଁ ତାରା ନାହିଁ ଚନ୍ଦ୍ରାବତୀ
ଉତ୍ତରା ପିଟେ ବାଆ
ପାଣି ଥରେ ଲହରୀରେ ।୧।

ଜାଣେନା କାହିଁଥାଉ କେତେ ଦୂରେ ଗାଆଁ

ଭରମେ ଥରେ ହେଲେ ଧରି ନାହିଁ ତୋ ନାଆଁ
ଶୁଣିଛି ଲୋକ ମୁଖେ
ତୋ ଘର ସବୁରି ଘର ।୨।

ସୁଖରେ ଖୋଜି ନାହିଁ ଡାକୁଛି ଦୁଃଖରେ ଆଜି
ମୋ ଟାଣ ଦମ୍ଭ ଯେତେ ସବୁତ ଗଲାରୁ ଭାଜି
ସଁପିଲି ପଦେ ପ୍ରାଣ
ରଖ, ମାର ତୋ ଖୁସିରେ ।୩।

## ତୁମ ଇଚ୍ଛା ହେଉ ପୂର୍ଣ୍ଣ

ତୁମ ଇଚ୍ଛା ହେଉ ପୂର୍ଣ୍ଣ ହେ ଠାକୁର
ତୁମ ଇଚ୍ଛା ହେଉ ପୂର୍ଣ୍ଣ
ଚୂର୍ଣ୍ଣ କରି ଦିଅ ମୋର କ୍ଷୁଦ୍ର ଇଚ୍ଛା
ତବ ପଦେ ହେଉ ଲୀନ ।୦।

କେତେ ଜନମର କାମନା ବାସନା
ଦଳି ଦେଇ ପଦେ କରିଦିଅ ଚୁନା
ଫୁଟି ଉଠ ନାଥ ସକଳ କରମେ
ଏ ଜୀବନ ତବ ଦାନ ।୧।

ମୋହ ସିନ୍ଧୁ ଗର୍ଭେ ବାସନା ତରଙ୍ଗେ
ଖେଳିଛି କେତେ ମୁଁ ଏହି ଭବରଙ୍ଗେ
ତୋଳି ନେଇ ପଦେ ଦେଇଅଛ ସ୍ଥାନ
ଧନ୍ୟ ହୋଇଛି ଜୀବନ ।୨।

ଇଚ୍ଛାମୟ ପ୍ରଭୁ ତୁମରି କରୁଣା
ଜନମେ ଜନମେ ନ ହେଉ ହେ ଊଣା
ସେବକ ପଣରେ ଯାଉ ଏ ଜୀବନ
ଏତିକି ମୋ ନିବେଦନ ।୩।

## ତୁମ ଦରହାସ କମ ନୟନ

ତୁମ ଦରହାସ କମ ନୟନ
ଭାଙ୍ଗିଦେଲା ମୋର ଅନନ୍ତ ଜନମ
ମାୟା ଘେରା ମୋହ ବନ୍ଧନ ।୦।

ବିନା ଶୁଳୁକରେ ବିକି ହେବା ପାଇଁ
ତନୁ ମନ ମୋର ଚେତାହରା ହୋଇ
ଆସିଛି ହେ ନାଥ ନ କର ନିରାଶ
ଦିଅ କଞ୍ଜପଦେ ଶରଣ ।୧।

ଆନ କିଛି ଲୋଡା ନାହିଁ ଏ ଜୀବନେ
ଶ୍ରୀଚରଣ ସେବା ଅଭିଳାଷ ବିନେ
ଜାଣେନା ଛାମୁରୁ କି ଆଜ୍ଞା ମିଳିବ
(ଡରେ) ଛୁଇଁ ନ ପାରଇ ଚରଣ ।୨।

ସଂସାର ଖେଳାରେ ଯାହା ବା ସରିଲା
ତୁମ ପାଇଁ ପ୍ରଭୁ ଏତିକି ରହିଲା
ଏ ତୁମ କରୁଣା ପଥେ ନୋହି ବଣା
ଆଣିଛି ତୁମ ସନ୍ନିଧାନ ।୩।

ଏକା ନିଶ୍ୱାସରେ ଆସିଛି ମୁଁ ଧାଇଁ
ନିରାଶ ନ କର ପ୍ରଭୁ ଭାବଗ୍ରାହୀ
ବୁକୁ ଫାଟି ଯାଏ କାଳେ ଦୀନବନ୍ଧୁ
ନ ନେଇ କରିବ ବାରଣ
ଶୁଣିଛି ଜାଣିଛି ତୁମ ପୀରତିର
ରୀତି କାଳେ କାଳେ ଏସନ ।୪।

## ତୁମ ଦୟା ଦାନେ ଜୀବନ କୁସୁମ

ତୁମ ଦୟା ଦାନେ ଜୀବନ କୁସୁମ,
ଫୁଟାଇଛ ପ୍ରଭୁ ଏ ଧରାଧାମେ
ହେ ଚିର ବାଞ୍ଛିତ, ମୋର ପ୍ରିୟତମ
ଅଞ୍ଜଳି ଦିଏ ତୁମ ଚରଣେ ।୧।

ଝରାଇଛ ମୋତେ ତୁମ ଚଲାପଥେ
ଝରିପଡିଥିବି ତୁମ ପଦ ପ୍ରାନ୍ତେ
ଆଦରେ ନେଇଛ ପାଦରେ ତୋଳି ହେ
କେତେ ସୌଭାଗ୍ୟ ମୋର ଜୀବନେ ।୨।

ମାଳାହୋଇ ଝୁଲେ ଗଳାରେ ତୁମର
ତୁମ ସୌରଭେ ମୋ ମନ ବିଭୋର
ମୋର ସୌରଭ ତୁମ ଦୟାଦାନ
ଲଭିବି ତୁମକୁ ଏ ମନ କୋଣେ ।୩।

ପାଖୁଡା ମେଲି ମୁଁ ତୁମ ଅଭିସାରେ
ନୀରବ ନିଶିଥେ କାନନେ କାନ୍ତାରେ
ତୁମ ପୀରତିର ମୂରଲୀ ସୁରରେ
ହଜାଇ ନିଜକୁ ପରାଣେ ମନେ ।୪।

ତୁମ ପାଇଁ ମୁଁ ଯେ ଚିର ଅମଳିନ
ତୁମେ ମୋ ପରାଣ, ତୁମେ ମୋ ଜୀବନ
ତୁମରି ଚରଣ ସେବାରେ ପ୍ରିୟ ହେ
ଲାଗି ରହି ଥାଏ ସେବକ ପଣେ ।୫।

## ତୁମ ପାଇଁ ଯେବେ ଫୁଟି ପାରିଲିନି

ତୁମ ପାଇଁ ଯେବେ ଫୁଟି ପାରିଲିନି
ବଗିଚାର ଫୁଲ ହୋଇ
ହସି ହସି ପଛେ ମଉଳି ଯିବି ମୁଁ
ଘାସ ଫୁଲଟିଏ ହୋଇ ।୦।

ତୁମ ପଦ ରେଣୁ ମୋ ଉପରେ ପଡୁ
ଦଳି ପଛେ ହୋଇଯାଏ
ଖୁସିରେ ନାଚିବି ଖୁସିରେ ଗାଇବି
ଏ ଜୀବନ ଥିବା ଯାଏ ।୧।

ଲାଗି ପାରିଲିନି ସେବାରେ ତୁମର
ସେ କଥା ମନରେ ଗୁଣି
ସନ୍ତାପିତ ଅଶ୍ରୁ ଢାଳେ ମୁଁ ଚରଣେ
ବେଦନାର ଅର୍ଘ୍ୟ ଘେନି ।୨।

ଚଲା ପଥେ ତୁମ ଲୋଟିବି ପ୍ରଭୁ ହେ
ଚରଣ ପରଶ ପାଇଁ
କୋଟି ଜନମର କଳୁଷ କାଳିମା
ପୋଛିବି ପରାଣ ସାଇଁ ।୩।

## ତୁମ ବିନେ ହେ ଗୋସାଇଁ

ତୁମ ବିନେ ହେ ଗୋସାଇଁ ମୋର ତିନି ଜଗତେ କେ ନାହିଁ ନାହିଁ
ରଖ, ମାର, ତୁମ ମନ ଏତେ ଜଣାଉଛି ପଦେ ମଥା ନୋଇଁ ।୦।

ଜନମ ମରଣ ମୋର
କୋଳରେ ଏକା ତୁମର
ତୁମ ତୁଲେ ଖେଳ ବୁଲ ତୁମେ ଏକା ସିନା ମାଆ, ବାପ, ଭାଇ ।୧।

ଆଖି ତୁମ ରୂପ ଚାହେଁ
କଣ୍ଠ ତୁମ ଗୁଣ ଗାଏ
ମୁଖ ତୁମ କଥା କହେ ମନ, ମଥା ସଦା ତୁମ ଲାଗି ବାଇ ।୨।

ପଡିଲେ ତୁମରି କଥା
ଆଉ ସବୁ ଲାଗେ ପିତା
ପଳାଏ ସଂସାର ଚିନ୍ତା ମୋଦେ ପୁଲକି ଉଠଇ ସାରା ଦେହି ।୩।

ମୋର ମୋର ବୋଲେ ଯାହା
ସବୁତ ତୁମରି ଦିଆ
ମୋର ଏକା ତୁମ ପାଆ ସତେ ଅସରା କୁବେର ଧନ ସେହି ।୪।

ମାଗୁଣି ଶୁଣ ଠାକୁର !
ନ କରିବ କେବେ ପର
ଏ ମିଳନ ରହୁ ଚିର ମୋର ଜନମ ମରଣ ସାଥୀ ହୋଇ ।୫।

## ତୁମ ଶ୍ରୀଚରଣେ ପ୍ରଭୁ

ତୁମ ଶ୍ରୀଚରଣେ ପ୍ରଭୁ ଆଜି ଏହି ଅଳି
ତୁମ ରୂପ ହେଉ ମୋର ନୟନ ସଞ୍ଜୋଳି ହେ
ଅନ୍ତର ହେଉ ବିଭୋର ସଦା ତୁମ ଗାନେ
ଶିହରିତ ହେଉ ତନୁ ତୁମ ସଂଦର୍ଶନେ ହେ ।୦।

କର ପରଶରେ ଖୋଲୁ ହୃଦୟ କବାଟ
ବିରାଜ ପରାଣେଶ୍ୱର ପରାଣ ନିକଟ ହେ
ଦୂରେ ଯାଉ ସଂସାରର କଳୁଷ କାଳିମା
ଦୁଃଖ ଶୋକ ତାପ ଭୟ ଯେତେକ ଗାରିମା ହେ ।୧।

ପ୍ରେମଅଶ୍ରୁ ଧୋଇ ଦେଉ ସବୁ ଅହମିକା
ଫୁଟାଉ ଅନନ୍ତ ଭାଷା ଅମୃତର ଲେଖା ହେ
ପାନ କରି ଅବିରତ କରୁଣାର ବାରି
ନାଚିବି ପୁଲକ ଭରେ ଜୟଗାନ କରି ହେ ।୨।

ତୁମଛଡା ଆଉ କିଛି ନ ଆସିବ ମନେ
ଦେଖୁଥିବି ତୁମ ଛବି ନୟନ ଦର୍ପଣେ ହେ
ଏତିକି ମୋ ଅନୁରୋଧ ତୁମଠାରେ ହେବ
ଚାହିଁଥିବି ଯେତେ ଦିନ ଆଶା ନ ପୂରିବ ହେ ।୩।

## ତୁମ ସୁନ୍ଦର ସୁଠାମ ଠାଣି

ତୁମ ସୁନ୍ଦର ସୁଠାମ ଠାଣି ସତେ ନେଲା ଏ ମନକୁ କିଣି
ନ ହେରିଲା ଆଖି ଭବେ କାହିଁ କିଛି ତୁମ କମ ଶିରୀ ଜିଣି ।୦।

ସଜ ସରସୀଜ ଲାଜେ ଗଲା ସରି ସରମରେ ପଦତଳ ନେଲା ବରି
ଏକ ପୂନେଇଁରେ କୋଟି ଚାନ୍ଦ ଶୋଭା ମନ କୁଞ୍ଜେ ହସିଲାଣି ।୧।

କାହିଁକାହିଁ ବୋଲି ଖୋଜିଖୋଜି ସୁଖ ନାହିଁ ନାହିଁ କହି ଫେରାଇଲୁ ମୁଖ
କରୁଣା ସାଗର ପାଶେ ପାଶେ ଥିଲ ମୁଢ ନ ପାରିଲୁ ଜାଣି ।୨।

ଏତେ ସୁଖ ଏତେ ଆନନ୍ଦ ସାଇତା ତୁମ ପାଶେ ଅଛି ଜାଣି ନ ଥିଲୁ ତା
ତୁମ ପାଖୁଁ ଦୂରେ କାହିଁ ଆନ ପୂରେ ଯିବା ମନୁ ହଜିଲାଣି ।୩।

ପ୍ରେମ କରୁଣାର ନୟନ ଯୁଗଳ ଆମ ପାଇଁ ସତେ ସଦା ଛଳଛଳ
ଆଉ ତେଜି କାହିଁ ନ ଯାଅ ଗୋସାଇଁ ମାଗୁ ପଦେ ଯୋଡି ପାଣି ।୪।

## ତୁମକୁ ନିଜର କରି ପାରିଲିନି

ତୁମକୁ ନିଜର କରି ପାରିଲିନି
ଜୀବନ ଗଲା ମୋ ସରି
ଏ ଜୀବନ ଶେଷେ ଆହେ ପ୍ରାଣଧନ
ରଖିବ ନିଜର କରି
ତୁମ ପ୍ରିୟଜନ ପରି ।୦।

ଭାବିଛି କେତେ ମୁଁ ସବୁ କଥା ଭୁଲି
ତୁମକୁ ଦେଖିବି ଖାଲି
ଛାଇ ଆଲୁଅର ରଙ୍ଗଆଣି କିଏ
ମୋ ଆଖିରେ ଦିଏ ଭରି
ମୋ ମନ ମୋର ବଇରୀ ।୧।

ଚରଣ ଛୁଇଁବି ହାତ ବଢାଇଲେ
ପାରେନା ଶ୍ରୀପଦ ଧରି
ସୁନ୍ଦର-ସୁମନ ତୋଳେ ପ୍ରଦେ ଦେବି
ପାଏ ନାହିଁ ପ୍ରାଣ ଭରି
ବିବେକ ଯାଏ ମୋ ହାରି ।୨।

ତୁମ ଗୁଣମାନ ଶୁଣିବା ମାନସେ
ବସିଲେ ମୁଁ କାନ ଡେରି
ପଞ୍ଚମ ତାନରେ ପ୍ରକୃତିର ଗାନ
କାନେ ମୋର ଯାଏ ଭରି
ନଚାନ୍ତି ଅଥୟ କରି ।୩।

ଶରଣ ମନାସି ବସିଲେ ତୁମର
କେ ଦିଏ ବାରଣ କରି
ମରଣ ଦୁଆରେ ନେଇଯାଏ ମୋତେ
ତୁମଠୁ ଅନ୍ତର କରି
ବିଷୟ ବିଷକୁ ଭରି ।୪।

ଜୀବନେ ତୁମକୁ ଭଲ ପାଇବି ମୁଁ
କେତେ ଆଶା ଥିଲି କରି
ସବୁ ଟାଣ ପଣ ପାଣିର ଗାର ମୋ
ଲାଜରେ ଗଲିଣି ସରି
ଅପରାଧ କରି କରି ।୫।

ଆଉ କିଛି ରାହା ନାହିଁ ହେ ଠାକୁର
ବାର ବାର ଗଲି ହାରି
ଗୁହାରିଆ ତବ ଦୁଆରେ ପଡିଛି
ଝରାଇ ନୟନୁ ବାରି
ଶ୍ରୀପଦ ଭରସା କରି ।୬।

## ତୁମକୁ ପାରିବିକି ଭୁଲି ପ୍ରିୟ ମୋହରି

ତୁମକୁ ପାରିବିକି ଭୁଲି ପ୍ରିୟ ମୋହରି !
ନୟନୁ ପାରେ କି ଓଟାରି ରୂପ ତୁମରି |୦|

ତୁମେ ମୋ ପରାଣ-ପତି
ଜନମ-ଜନମ-ସାଥୀ
ଧନ୍ୟ ମୁଁ ତୁମ ପାଦ ଧରି ତୁମକୁ ବରି |୧|

ତୁମେ ମୋ ପ୍ରେମ-ପସରା
ଅସରା-ଦୁଃଖ-ପାଶୋରା
ସୁଖ ପାଏ ତୁମକୁ ଝୁରି ହେ ଦୁଃଖହାରୀ |୨|

ଭୁବନ ଭୁଲା ସେ ରୂପ
ଭୁଲାଇଛି ଭବ-ତାପ
ଅଭୁଲା ସେ ରୂପ ମାଧୁରୀ ନୁହଇଁ କଳି |୩|

ତୁମରି ଦରଦୀ-ଭାଷା
ଦେଇଛି ମନେ ଭରସା
ନବଜୀବନ ଦେହେ ଭରି ଭୟ ନିବାରି |୪|

ଚରଣେ କରେ ମିନତି
ପରାଣେ ଭର ଭକତି
ସେବିବି ପଦ ନିଉଛାଳି ଯାତନା ଦଳି |୫|

## ତୁମରି ଚରଣେ ଶରଣ ନେଇଛି

ତୁମରି ଚରଣେ ଶରଣ ନେଇଛି
ତୁମେ ମୋ ଜୀବନ କାରଣ
ମୋ ଜୀବନ-ବ୍ରତ କେବଳ ତୁମରି
ମହାନ ଇଚ୍ଛାର ପୂରଣ ।୦।

ତୁମରି ସଂସାରେ ତୁମ ଆଦରଶ
ପ୍ରତିଷ୍ଠା ପାଇଁକି ମାଗୁଛି ବିଶ୍ୱାସ
ହେ କରୁଣାମୟ! ନାହିଁ ଆନ ଆଶ
ତୁମେ ତ ପୁରୁଷ ଉତ୍ତମ ।୧।

ନାହିଁ ମୋ ଭକତି ନାହିଁ ଦୃଢ ମତି
ପଦେ ମଥା ଛୁଇଁ ମାଗୁଛି ଶକତି
ତୁମରି କୃପାର କଣିକା ରେ ହୁଏ
ସକଳ ଅସାଧ୍ୟ ସାଧନ ।୨।

ଭଜନ ପୂଜନ ସବୁତ ଅସାର
ଏକ ଲକ୍ଷ୍ୟେ ମନ ଯେବେ ନୁହେଁ ସ୍ଥିର
ମୁଁ ମାଟି ମଣିଷ ତୁମେ ତ କୁଶଳି
କାରିଗର ବୁଝେ ମରମ ।୩।

## ତୁମରି ପୂଜାର ଆବରଣ ତଳେ

ତୁମରି ପୂଜାର ଆବରଣ ତଳେ
ତୁମକୁ ଯାଉଛି ଭୁଲି
ଜାଣି ପାରେ ନାହିଁ କେତେବେଳେ ତୁମେ
ଅଭିମାନେ ଯାଅ ଚାଲି ।୦।

କୁସୁମର ମାଳା ଦୀପର ଆଲୋକ
ଧୂପ ଆମୋଦରେ ହରାଏ ବିବେକ
ବନ୍ଦନା ଗୀତିର ପରଦା ଟାଣି ମୁଁ
ଚାହିଁ ରହେ ମୋତେ ଖାଲି ।୧।

ସେବକ ବୋଲି ମୁଁ ମିଥ୍ୟା ଆୟୋଜନ
କରୁଥାଏ ବସି ଦିନ ପରେ ଦିନ
ଯାହା ପାଇଁ ସବୁ ତା' କଥା ବିଶୋରି
ଆପଣାରେ ସାର କଲି ।୨।

ମନ୍ଦିର ତୋଳେ ମୁଁ ତୁମ ବାସ ପାଇଁ
କେତେ କି ସାମଗ୍ରୀ ରଖେ ଧାଇଁ ଧାଇଁ
କରମରେ ମାତି ଅସଲ ଉଦ୍ଦେଶ୍ୟ
ପଛକୁ ପକାଇ ଦେଲି ।୩।

ତୁମ ଜନ ବୋଲି ମିଥ୍ୟା ଗର୍ବ ଧରି
ସବୁରି ପରାଣେ ବେଦନା ଭରିଲି
ପ୍ରତିଦାନେ ମୋର ଅମୂଲ୍ୟ ପରାଣେ
କାଳିମା ଲେପନ କଲି ।୪।

ସାଧନ ଭଜନ ସ୍ମରଣ ମନନ
ସବୁଥିରେ ଖାଲି ମିଥ୍ୟା ଅଭିମାନ
ତେଣୁ ଦୂରେ ଦୂରେ ଘୁଞ୍ଚିଯାଅ ତୁମେ
ନିଜକୁ ଧରି ମୁଁ ମଲି ।୫।

## ତୁମରି ପୂଜାର ଗୁରୁ ଭାର ମୋତେ

ତୁମରି ପୂଜାର ଗୁରୁଭାର ମୋତେ ଦେଇଅଛ ଦୟାବହି
ରହି ପାଶେ ମୋର ଦିଅ ହେ ବତାଇ
ପଥ କାହିଁ ନ ହୁଡଇ ।୦।

ଅନ୍ତର ଯାହାର ମରୁଭୂମି ସମ
ଫୁଟିବକି ଫୁଲ ତହିଁ ପ୍ରିୟତମ
କି ଦେଇ ପୂଜିବି ଚରଣ ଯୁଗଳ
ନିସ୍ୱ ଆଜି ତ ମୁହିଁ ।୧।

ସିଂହାସନ ତଳେ ନଇବେଦ୍ୟ ପାଇଁ
ମୋର ହୋଇ ଭବେ କିଛି ମାତ୍ର ନାହିଁ
ଯେଣେ ଚାହେଁ ଦେଖେ ସବୁ ତୁମ ଦାନ
ତୁମେ ତ ଜଗତ ସାଇଁ ।୨।

ନିତି ନିତି ଢାଳୁ ଅଛି ଆଖି ଜଳ
ଭାବୁ ଅଛି ସେହି ମୋର ପୁଣ୍ୟ ବଳ
କରୁଣା ନିଧାନ ଧନ୍ୟ ହୋଇଯିବି
କଟାକ୍ଷରେ ଦେଲେ ଚାହିଁ ।୩।

## ତୁମରି ବିନା କାହିଁକି ଭଲ ଲାଗେନା

ତୁମରି ବିନା, କାହିଁକି ଭଲ ଲାଗେନା
ଦିନେ ନ ଦେଖିଲେ ଆଖି ରହି ପାରେନା
ତୁମରି ବିନା ।୦।

କୁମୁଦ ହସଇ ଦେଖି ଚନ୍ଦ୍ର ମଧୁ ଜ୍ୟୋଛନା
ମୋ ମନ ନାଚି କରେ ତବ ପଦ ବନ୍ଦନା
ନିତି କେତେକଥା ଭାଳେ ଗୋପନ ମରମ ତଳେ
ଭାବେ କହି ଦେବି ଖୋଲି ମନ ବେଦନା
ତୁମରି ବିନା ।୧।

ଜୀବନ ବେଦର ତୁମେ ପରା ମହାଓଁକାର
ମୋ ମନ ବୀଣାର ତୁମେ ସାତ ସୁର ଝଙ୍କାର
ନୟନରେ ନୀର ଭରେ ମନଝୁରେ ସେଇ ସୁରେ
ନ ଗାଇଲେ ତୁମ ନାମ ବଞ୍ଚିପାରେନା
ତୁମରି ବିନା ।୨।

ଜୀବନ ସଳିତା ଲିଭିଗଲେ ଇହକାଳରୁ
କରିବନି ଦୂର ତୁମରି ମମତା କୋଳରୁ
ତୁମ ଅପରୂପ ଛବି ସଦା ମୁହିଁ ଦେଖୁଥିବି
ଚରଣ ସେବକ କରି ରଖିବ ସିନା
ତୁମରି ବିନା ।୩।

## (ତୁମେ) କେତେ ସତେ ଆପଣାର

(ତୁମେ) କେତେ ସତେ ଆପଣାର !
ମାଟି ଦୁନିଆଁର ମିଛ ମଣିଷ ମୁଁ
କି ଜାଣେ ତୁମ ବେଭାର ।୦।

ଦେଇଛ ଆଶରା ଅଭୟ-ଚରଣେ
ନବ ଜୀବନର ରାହା ଏ ପରାଣେ
ନେଇଛ ଆଦରି ଜନମ ଜନମ
ଅକଳନ ପାପ ଭାର ।୧।

ମୋ ଦୀନ କୁଟୀରେ ଅଛ ଇଚ୍ଛା କରି
ଜଳ-ତୁଳସୀରେ ଅନୁରାଗ ଭରି
ଦୁଃଖ ଦୁରୁଦିନେ ସାହା ହୋଇଥାଅ
ପାଶେ ପାଶେ ରହି ମୋର ।୨।

ଅଯୋଗ୍ୟ ହେଲେ ବି ପାରୁଅଛି ବାରି
ଅଯାଚିତ ତୁମ ସ୍ନେହ ଅସୁମାରି
ଅତି ଭୀତି-ଭରା ଏ ଭବ-ସାଗରେ
ନେଉଅଛ ଧରି କର ।୩।

ହେ ଦରଦୀ ବନ୍ଧୁ ଲୁହପୋଛା ସାଥୀ !
କି ଭାବେ କହିବି ଅନ୍ତରର ଆର୍ତ୍ତି
ଏ ବୁକୁ-ଦୋହଲା ଉଚ୍ଛୁଳା ଲୁହରେ
ଖାଲି କ୍ଷମା ମାଗେ ଏ କିଙ୍କର ।୪।

## ତୁମେ ଜୀବନର ଧନ ମୋର

ତୁମେ ଜୀବନର ଧନ ମୋର
ଶୟନେ, ସପନେ, ଜୀବନେ, ମରଣେ
ତୁମେ ହେ ଭରସା ଚିର ।୦।

ପାଶୋରି ତୁମକୁ ଭୁଲି ମୋହଜାଲେ
ପାଶରୁ କରୁଛି ଦୂର
ତୁମେ ହେ ପିଅର, ପରାଣରେ ମୋର
ଡାକ ଦିଅ ନିରନ୍ତର ।୧।

ଦୟାମୟ ବୋଲି ଗୁହାରି ଜଣାଏଁ
ବିପଦେ ହେଲେ କାତର
ମା ଭୈ, ମା ଭୈ, କହ ତୁମେ ପିତା
ମରମେ ଜାଗି ମୋହର ।୨।

ପରାଣର ପ୍ରିୟ ! ଜୀବନ ଯୌବନ
ସବୁ ତ ଦାନ ତୁମର
କି କରି ପାଶୋରି ପାରିବୁ ହେ ତବ
କରୁଣା ସ୍ନେହ ଆଦର ।୩।

ଚରଣପଙ୍କଜେ ମାଗୁଛି, ତିଳେ ହେଁ
ମନରୁ ନ ହୁଅ ଦୂର
ସୁଖେ, ଦୁଃଖେ ଅବା ସଂପଦେ, ବିପଦେ
ପ୍ରଣତି ଘେନ ଠାକୁର ! ।୪।

## ତୁମେ ତ ମୋ ଗଣ୍ଠି ରତନ

ତୁମେ ତ ମୋ ଗଣ୍ଠି ରତନ - ଜୀବନଧନ
ଅଗତି ଗତିର କାରଣ - ମନମୋହନ ।୦।

ତୁମେ ମୋର ଚଇତନ୍ୟ
ଜୀବନ କରିଛ ଧନ୍ୟ
ଜଗତ ଜନ ପ୍ରାଣରାମ - ଜୀବଜୀବନ ।୧।

ଅନ୍ଧାରର ତୁମେ ଦୀପ
ତୁମେ ଅନାଦି ସ୍ୱରୂପ
ବିପଦ କାଳରେ କୋଳ ଘେନ - ଚନ୍ଦ୍ରବଦନ ।୨।

ଆସେ ଯେବେ କୁବାସନା
ତୁମେ ତ ଦିଅ ଚେତନା
ମାଗୁଛି ଚରଣେ ଶରଣ - ପ୍ରଣତି ଘେନ ।୩।

## ତୁମେ ପରାଣପ୍ରିୟ ଠାକୁର

ତୁମେ ପରାଣପ୍ରିୟ ଠାକୁର
ଜୀବନେ ମରଣେ ଚରଣେ ତୁମର
ଶରଣ ମାଗେ କିଙ୍କର ।୦।

ମନ ଚାହେଁ ରୂପ ଧରି ରଖିବାକୁ
ଆଖି ଲୁହ ଚାହେଁ ପାଦ ଧୋଇବାକୁ
ପଥବଣା ହେଲେ ଦେଖାଇବ ରାହା
ଅଧମ ଜନର ତୁମେ ଏକା ସାହା
କରୁଣା ଦାନରେ ଭରିଦିଅ ପ୍ରଭୁ
ଏ ମୋର ଶୂନ୍ୟ ଅନ୍ତର ।୧।

ବିରହିଣୀ ରାଧା ଭାବ ନାହିଁ ମୋର
ବାଜେନା ମୋ କାନେ ବଇଁଶୀର ସୁର
ଅଧମ ବୋଲି ମୁଁ ପ୍ରାଣର ଠାକୁର
ପାଦତଳୁ କେବେ କରିବନି ଦୂର
ଏ ଜୀବନ ଭାର ନେଇଅଛ ମୋର
କହିଛ ତୁମେ ଠାକୁର ।୨।

ଜୀବନ ନାବରେ ତୁମେ ହେ କାଣ୍ଡାରୀ
ସଂସାର ଭିତରେ ଗଲିଣି ମୁଁ ସରି
ଆଦର୍ଶ ସେବକ ନୁହେଁ ମୁଁ ଠାକୁର
ନିଜ ସୁଖ ଇଚ୍ଛି ବିତିଗଲା କାଳ
ସେବକ ପଣରେ ରଖ ଏ ଦାସରେ
ଭିକାରୀ ତୁମ ପ୍ରେମର ।୩।

## ତୁମେ ମୋ ମାତା ତୁମେ ମୋ ପିତା

ତୁମେ ମୋ ମାତା ତୁମେ ମୋ ପିତା
ତୁମେ ମୋ ବନ୍ଧୁ ସଖା
ତୁମେ ମୋ ବିଦ୍ୟା ତୁମେ ମୋ ବୁଦ୍ଧି
ତୁମେ ମୋ ପ୍ରଜ୍ଞା ଶିଖା ।୦।

ମଧୁ ସକାଳର ତୁମେ ହିଁ ଆଶିଷ
ସଞ୍ଜ ନଇଁଲେ ତୁମେ ମୋ ବିଶ୍ୱାସ
ସଂପଦେ ତୁମେ ବିପଦେ ତୁମେ
ତୁମେ ମୋ ମାନରଖା ।୧।

ଅମତା ପଥରେ ପାଦ ପଡିଗଲେ
ତୁମ ପଥ ଛାଡି ଅପଥରେ ଗଲେ
ଆଦରବୋଳା ଶାସନ କରି
ଦେଇଛ ମୋତେ ଦେଖା ।୨।

ଅଝଟ ହୋଇଲେ ଆକଟ କରିଛ
ମଧୁର ବାଣୀରେ ହୃଦୟ ଭରିଛ
ତୁମରି କଥା ଜୀବନେ ମୋର
ସ୍ନେହ-ଶାସନ ଶିକ୍ଷା ।୩।

ମାନିବି ଠାକୁର କଥାଟି ତୁମର
ତୁମେ ପାଖେ ରହି ହେବି ମୁଁ ନିଜର
ସେବା କରିବି ସେବକ ହେବି
ସେହି ମୋ ମହା-ଦୀକ୍ଷା ।୪।

## ତୁମେ ମୋ ମୁକତି ତୁମେ ମୋ ଶକତି

ତୁମେ ମୋ ମୁକତି ତୁମେ ମୋ ଶକତି ସାଥୀ ତୁମ ବିନା କେ ମୋର
ତୁମରି ଆଲୋକ ମଧୁ ଝଲକରେ ଚଳୁଅଛି ପାଦ ନିଶିବାସର ।୦।

ତୁମ ଗୀତ କରି କଣ୍ଠ ତଟ ମାଳି
ଦୁରୁଗମ ପଥ ଯିବି ମୁହିଁ ଚଳି
ଅଭୟ ମନ୍ତର ଦିଅ ଦୟାକରି ପାର ହେବି ମୋହ ମାୟା ସାଗର ।୧।

ବିପଦର ଭୟେ ନ ଯିବି ମୁଁ ଦୂରେ
ଥିଲେ ନାଥ ସଦା ତୁମେ ମୋ ପାଶରେ
ବନ୍ଧୁର ପଥରେ ନ ଝୁଣ୍ଟିବି ବାରେ ଲଭୁଥିବି ତୁମ ସ୍ନେହ ଆଦର ।୨।

ପୂର୍ଣ୍ଣକର ପ୍ରଭୁ ସକଳ ବାସନା
ସଂପଦେ ବିପଦେ ସାହା ତୁମେ ସିନା
ବାଞ୍ଛାକଳ୍ପତରୁ ପଦେ କରେ ଜଣା କ୍ଷମ ଯେତେ ଅପରାଧ ମୋହର ।୩।

## ତୁମେ ଯାହ ବିଚାରୁଛ ଭଲ ବୋଲି ଠାକୁର

ତୁମେ ଯାହା ବିଚାରୁଛ ଭଲ ବୋଲି ଠାକୁର
ସବୁ ଦିଅ ମୋତେ ବାଛି ବାରିଲିଣି ଏଥର ।୦।

ମୁଁ ଯେବେ ଚାହିଁଲି ଲିମ୍ବ ତୁମେ ଆଣି ଦିଅ ଆମ୍ବ
କେତେ ସୁଖ ପାଅ ସତେ କେତେ କର ଆଦର
ପ୍ରିୟଠାରୁ ବଳି ପ୍ରିୟ ତୁମେ ସିନା ମୋହର ।୧।

ସବୁ ପାଶୋରିଲେ ହେଲେ କୋଳେନିଅ ଟାଣି ଗେଲେ
ତେବେକେ ଏ ଭୁଲା ମନ ତୁମକୁ କରୁଛି ପର
ଅଜାଣ ପଣର ମୋର ନାହିଁ ନାହିଁ ପଟାନ୍ତର ।୨।

କହ କହ ଦୟାସିନ୍ଧୁ ତୁମେ ତ ପରାଣ ବନ୍ଧୁ
କହ ମୋତେ କେବେ ହେବି ତୁମ ଲାଗି ପାଗଳ
ଭାଳିବି ତୁମ କରଣି ସବୁ ମୋର ମଙ୍ଗଳ ।୩।

## ତୁମେ ପଚାରୁଛ ମୁଁ କିଏ

ତୁମେ ପଚାରୁଛ – ମୁଁ କିଏ ?
ସିଏ ପଚାରୁଛି ମୁଁ କିଏ ?
ମୁହିଁ ସେ ବ୍ରହ୍ମ ପରମ ଆତ୍ମା
ଘର କରିଛି ଏ ମର ଦେହେ ।୦।

ନୁହେଁ ମୁଁ ଦେହ, ନୁହେଁ ମୁଁ ପ୍ରାଣ
ନୁହେଁ ମୁଁ କାନ ନୟନ ମନ
ଦେହରେ ଥାଇ ତୁମରି ମୁଖେ
ମୋହରି ଗୀତ ମୁଁ ଗାଏ ।୧।

ମୁହିଁ କୋମଳ, ମୁହିଁ ମଧୁର
କେବେ କଠିନ, କେବେ କଠୋର
ମୋହରି ପୋଥି ପୁରାଣ ଶୁଣି
ସବୁରି ଆଖି ଫିଟି ଯାଏ ।୨।

ମୋହରି ପ୍ରେମ ସଭିଙ୍କି ଦେଇ
ସବୁରି ପ୍ରେମେ ବନ୍ଧା ମୁହିଁ
ଭକତ ପାଶେ ବସି ମୁଁ ନିତି
ସୁଖ ଦୁଃଖର କଥା କହେ ।୩।

## ତୁମେ ଦୟାନିଧି ଥାଉ ଥାଉ

ତୁମେ ଦୟାନିଧି ଥାଉ ଥାଉ
ମୁଁ କି ଭବ-ଜଳଧିରେ ଯିବି ଭାସି ?
ତୁମ ବିନା ଆଉ କ୍ଷମତା କାହାର
କ୍ଷମିବ କିଏ ମୋ ଦୋଷ ରାଶି ? ।୦।

ପାଶୋରି ତୁମକୁ ବାସନା ବଶରେ
ମଜ୍ଜି ଗଲି ସିନା ଅସାର ସଂସାରେ
ଭାବଭୁଲା ମନ, ପଥଭୁଲା ପାଦ
ତଳକୁ ତଳକୁ ଯାଏ ଖସି ।୧।

ଚରଣ ସେବାରେ କରି ଅଣହେଳା
ହରାଇ ଦେଇଛି କେତେ ମଧୁବେଳା
ଅନୁତାପ କରି ଜୀବନ ବିତୁଛି
ବାରେ ମୋତେ ଚାହିଁ ଦିଅ ହସି ।୨।

ଅପରାଧ ମୋର ନ ଧର ଠାକୁର
ରଖ କରି ମୋତେ ଚରଣ କିଙ୍କର
ତୁଟିଯାଉ ସବୁ ବାସନା ଜଞ୍ଜାଳ
ଫିଟି ଯାଉ ସବୁ ମାୟା ଫାଶି ।୩।

## ତୁମେ ବିନେ ହେ ଗୋସାଇଁ

ତୁମ ବିନେ ହେ ଗୋସାଇଁ !
ମୋର ତିନି ଜଗତେ କେ ନାହିଁ ନାହିଁ
ରଖ, ମାର ତୁମ ମନ
ଏତେ ଜଣାଉଛି ପଦେ ମଥା ନୋଇଁ |୦|

ଜନମ ମରଣ ମୋର   କୋଳରେ ଏକା ତୁମର
ତୁମ ତୁଲେ ଖେଳ ବୁଲ
ତୁମେ ଏକା ସିନା ମା, ବାପ, ଭାଇ   |୧|

ଆଖି ତୁମ ରୂପ ଚାହେଁ କଣ୍ଠ ତୁମ ଗୁଣ ଗାଏ
ମୁଖ ତୁମ କଥା କହେ
ମନ, ମଥା ସଦା ତୁମ ଲାଗି ବାଇ   |୨|

ପଡିଲେ ତୁମରି କଥା  ଆଉ ସବୁ ଲାଗେ ପିତା
ପଳାଏ ସଂସାର ଚିନ୍ତା
ମୋଦେ ପୁଲକି ଉଠଇ ସାର ଦେହୀ   |୩|

ମୋର ମୋର ବୋଲେ ଯାହା  ସବୁ ତ ତୁମରି ଦିଆ
ମୋର ଏକା ତୁମ ପାଆ
ସତେ ଅସରା କୁବେର ଧନ ସେହି   |୪|

ମାଗୁଣି ଶୁଣ ଠାକୁର!  ନ କରିବ କେବେ ପର
ଏ ମିଳନ ରହୁ ଚିର
ମୋର ଜୀବନ ମରଣ ସାଥୀ ହୋଇ  |୫|

## ତୁମେ ଭଲ ପାଇବାର କାଙ୍ଗାଳ ପ୍ରଭୁ

ତୁମେ ଭଲପାଇବାର କାଙ୍ଗାଳ ପ୍ରଭୁ !
ମୁଁ ଅକିଞ୍ଚନ ଭକ୍ତଟିଏ
ଦେଇ ଜାଣେନାହିଁ ନେଇ ଜାଣେ ଖାଲି
ଛାମୁରେ ହାତ ପତାଏ   ।୦।

ଦୁଃଖରେ ନୟନ ଭିଜିଲେ ଲୁହରେ
ମଥା ମୁଁ ଲୋଟାଏ ତୁମ ଶ୍ରୀପୟରେ
ସୁଖରେ ମନ ମୋ ବିଷୟରେ ମଜ୍ଜି
ତୁମକୁ ପାଶୋରି ଦିଏ   ।୧।

ଏତେ ସ୍ନେହ ଏତେ ଦରଦ ମୋ ପାଇଁ
ମୋ ମଙ୍ଗଳ ସଦା ବସିଥାଅ ଚାହିଁ
ଯେତେ ଦୋଷ ଅପରାଧ କଲେ ହେଲେ
କ୍ଷମା-ବାରି ଝରୁଥାଏ  ।୨।

ଭଲପାଇବାର ରୀତି ଜଣାନାହିଁ
ଭାବ ପ୍ରେମ ପ୍ରୀତି ଜାଣିବି ବା କାହିଁ?
ଜନମ ଜନମ ଅଜ୍ଞାନ-ଅନ୍ଧାରେ
ଘୂରେ ମୁହିଁ ମୂଢଟିଏ   ।୩।

ସତେ କେବେ ଭଲ ପାଇବି ତୁମକୁ
ଗୋପୀ ତୁଲେ ନିଶି ଦିନ ଭାଳିବାକୁ
ମନ ବିକି ଦେବି ଶ୍ରୀରଙ୍ଗପୟରେ
ଏ ଜୀବନ ଯିବା ଯାଏ  ।୪।

ହେ ବିଶ୍ୱପ୍ରେମିକ ! ହେ ରାସରସିକ !
ଭାବ ପ୍ରେମ ପ୍ରୀତି ଭକ୍ତିର ଉଦ୍ରେକ
ଏ ମରୁ ହୃଦୟେ ସିଞ୍ଚି ଦିଅ ଯେମ୍ନେ
ତୁମକୁ ମୁଁ ଭଲ ପାଏ
ବାଞ୍ଛା-କଳ୍ପତରୁ ହେ ଭକତବନ୍ଧୁ ! ଏହି ମୋର ଅଳିଟିଏ ।୫।

## ତୁମେ ମୋ ଗତି ତୁମେ ମୁକତି

ତୁମେ ମୋ ଗତି ତୁମେ ମୁକତି
ଛନ୍ଦା ଚରଣେ ଢାଳେ ପ୍ରଣତି
ହେ ମୋର ପ୍ରିୟ ଚିର ଆରାଧ୍ୟ
ଜନମ ମରଣ ଚିର ସାଥୀ
ଘେନ ମିନତି ପରାଣ-ପତି ବେଳ ତ ଯାଉଛି ବିତି  ।୧।

ଏ ମୋର ମନ ହେଉ ସୁମନ
ରହୁ ଶ୍ରୀପଦେ ନୋହି ମଳିନ
ଜୀବନ ଦୀପ ତୁମରି ଲାଗି
ଉଜଳୁ ଥାଉ ରଜନୀ ଦିନ
ଅସାରେ ସାର ତୁମେ ଠାକୁର ହୃଦେ ଫୁଟୁ ଶ୍ରୀମୂରତି  ।୨।

ଅମୀୟ ତବ ଅଭୟ ସୁର
ଶୁଣୁ ଏ କାନ ନୋହି ବଧୀର
ଶ୍ରୀଅଙ୍ଗ ବାସେ ପୁଲକୁ ଚିତ୍ତ
ନାମାମୃତେ ହୋଇ ବିଭୋର
ଏ ପ୍ରାଣବନ୍ଧୁ ସିନ୍ଧୁରେ ମିଶୁ ହେରୁ ତବ ଦିବ୍ୟ ଜ୍ୟୋତି ।୩।

## ତୁମେ ମୋ ଭଙ୍ଗା ବୀଣାର ସୁର ମୂର୍ଚ୍ଛନା

ତୁମେ ମୋ ଭଙ୍ଗା ବୀଣାର ସୁର ମୂର୍ଚ୍ଛନା
ତୁମେ ଯନ୍ତ୍ରୀ ମୁହିଁ ଯନ୍ତ୍ର ମନେ ରହେନା   ।୦।

ଅଗତିର ଗତି ତୁମେ ପରାଣ ସାଥୀ
ନାମ ଗାଇ ଏ ଜୀବନ ଯାଉ ମୋ ବିତି
ଭଲ ପାଏ ବୋଲି ମୁଁ ତ, କହି ପାରେନା   ।୧।

ଜୀବନ ରଥରେ ତୁମେ ମୋର ସାରଥୀ
ଭୁଲି ଯିବି ନାହିଁ ଆସୁ କରାଳ ରାତି
ପାଶେ ପାଶେ ରହିଥିବ, ଏଇ କାମନା   ।୨।

ଆସିଥିଲି ସାଧିବାକୁ ତୁମ କରମ
ଭୁଲିଗଲି ସବୁ ନାଥ ହେଲା ଭରମ
ଅସାର ସଂସାରେ ମାତି, ପାଏ ବେଦନା   ।୩।

ନାଟକର ଶେଷ ଦୃଶ୍ୟ ସରିଲା ପରେ
କଳାକାର ଫେରିଯାଏ ଆପଣା ଘରେ
ବାହୁଡାଇ ନେବ ପ୍ରିୟ, କରି କରୁଣା   ।୪।

## ତୁମେ ମୋ ହୃଦର ତପନ କିରଣ

ତୁମେ ମୋ ହୃଦର ତପନ କିରଣ ଆହେ ପରାଣ ଠାକୁର!
ହୁଅ ପରକାଶ ଅନ୍ତରେ ମୋହର ଅଜ୍ଞାନତା ହେଉ ଦୂର ।୧।

ଶତଦଳ ପଦ୍ମେ ହୁଅ ବିରାଜିତ ଜ୍ୟୋତିର୍ମୟ ରୂପ ଧରି
ସେ ରୂପ ଧିଆନେ ମନସାଧ ମେଣ୍ଟୁ ଅରିଗଣ ଯାନ୍ତୁ ହାରି ।୨।

ତୁମ ଆଦେଶରେ ହେଉ ଶାନ୍ତ କାନ୍ତ ଧରଣୀର ରୂପ ରାଶି
ନ ହେଉ କାନ୍ତାର ବିକଶିତ ହେଉ ମାନବର ସୁଖ-ଶଶୀ ।୩।

ସକଳ ହୃଦୟେ ଭରିଦିଅ ପ୍ରଭୁ ଅମିୟ ସେ ଭାବଧାରା
ପରସ୍ପରେ ଭେଟି ହେଉଥିବେ ତୋଷି ନ ଥିବ ବିପତ୍ତିଘେରା ।୪।

ସତ୍ ଚିନ୍ତନରେ ମଗନ ରହନ୍ତୁ ଆବାଳ ବୃଦ୍ଧ ବନିତା
ନ ରହୁ ଜଞ୍ଜାଳ ନ ପଶୁ କନ୍ଦଳ ବିକସୁ ବିଶ୍ୱଭ୍ରାତୃତା ।୫।

କଳି ସମ ଶିଶୁ ହୁଅନ୍ତୁ ପୁଷ୍ପିତ ସୁଗନ୍ଧିତ ବାସ ଧରି
ଦେଶ ଦଶ ପାଇଁ ଅର୍ପନ୍ତୁ ଜୀବନ ତ୍ୟାଗପୂତ ବ୍ରତ ଧରି ।୬।

ଏହି ମାତ୍ର ଅଳି କରେ ଶ୍ରୀପୟରେ ଆହେ ଜଗତର ନାଥ!
ହୋଇଯାଉ ଧ୍ୱଂସ ସକଳ ଅହଂତ୍ୱ ଏ ଜୀବନ ହେଉ ଶାନ୍ତ ।।୭।।

## ତୁମେ ମୋ ମନ ଆକାଶେ ପୁନେଇଁ ଚାନ୍ଦ

ତୁମେ ମୋ ମନ ଆକାଶେ ପୁନେଇଁ ଚାନ୍ଦ
ମୁଁ ତୁମ କରୁଣାଜଳେ ଫୁଟା କୁମୁଦ ।୦।

ତୁମ ପ୍ରେମ ଜଳେ ଭାସି ଶିହରିବ ତନୁରାଶି
ମଜ୍ଜି ଯିବି ଶୁଣି ତୁମ ମୁରଲୀ ନାଦ ।୧।

ଆଖିରେ ଆଖି ମିଶାଇ ଦେଖିବି ପରାଣ ସାଇଁ
ପିଇବି ମୁଁ ରୂପମଧୁ ହରାଇ ନିଦ ।୨।

ନାଚିବ ପରାଣ ମୋର ଝରିବ ନୟନୁ ନୀର
ବାଇ ହେବି ପାଇ ତୁମ ପ୍ରୀତି ସୁଆଦ ।୩।

ଜନମ ଜନମ ଧରି ତୁମେ ମୋର ମୁଁ ତୁମରି
ତୁମେ ମୋ ଜୀବନ ମରୁ ନବନୀରଦ ।୪।

ଆସିଲେ ସେ ଅମାରାତି ପାଶୋରି ନ ଦେବ ସାଥୀ
ମୋ ଆଶା ଭରସା ଏକା ତୁମରି ପଦ ।୫।

## ତୁମେ ମୋତେ ଖୋଜି ଆଣିଛ ଠାକୁର

ତୁମେ ମୋତେ ଖୋଜି ଆଣିଛ ଠାକୁର
ତୁମକୁ ମୁଁ ଖୋଜି ନାହିଁ
ତୁମେ ମୋତେ ସବୁ ଦେଇଛ ଜୀବନେ
କିଛି ମୁଁ ପାରିନି ଦେଇ ।୦।

ଦେବି ଦେବି ବୋଲି ଯାହା ବିଚାରୁଛି
କିଛି ନୁହେଁ ମୋର ଅନ୍ତରେ ଜାଣୁଛି
ତୁମ ଧନେ ପରା ପୂଜୁଛି ତୁମକୁ
ମୁଁ କିଛି ପାଇବି କାହିଁ ? ।୧।

କେ କେତେ ଦିଅନ୍ତି ଶୁଣୁଛି କାନରେ
ଶୁଣି ଶୁଣି ଏବେ ଭାବୁଛି ମନରେ
ଶରଧା ଟିକିଏ ମାତରକ ବିନା
କିଛି ତ ନ ଲୋଡ ସାଇଁ ।୨।

ଅନ୍ଧକାରେ ଯେବେ ହେଲି ବାଟବଣା
ତୁମେ ବତାଇଲ ତୁମରି ଠିକଣା
ତୁମ ବତା ବାଟେ ଚାଲି ଚାଲି ଦିନେ
ତୁମକୁ ଭେଟିବି ମୁହିଁ ।୩।

ଲକ୍ଷ୍ୟସ୍ଥଳ ମୋର କାହିଁ କେତେ ଦୂରେ
ସେ ଲାଗି ଶୋଚନା ନାହିଁ ତ ମନରେ
ତୁମ ନାମ ଧରି ପହଞ୍ଚିବି ଦିନେ
ସବୁ ବାଧାବିଘ୍ନ ଡେଇଁ ।୪।

ମୋ ଭିତରେ ଯେଉଁ 'ମୁଁ' ଟିଏ ଅଛି
ତୁମ ପାଦ ତଳେ ଦେବି ନେଇ ଭେଟି
ରୂପାନ୍ତର ତାକୁ କରାଇ ଦେବ ହେ
ତୁମ ପ୍ରେମଜଳେ ଧୋଇ ।୫।

## ତୁମେ ଶୁଦ୍ଧ, ତୁମେ ବୁଦ୍ଧ

ତୁମେ ଶୁଦ୍ଧ, ତୁମେ ବୁଦ୍ଧ, ତୁମେ ଅମୃତମୟ ଓଁକାର
ତୁମେ ସ୍ୱର୍ଗ, ଅପବର୍ଗ, ତୁମେ ଜୀବନର ମଧୁ ଝଙ୍କାର ।୦।

ତୁମେ ତିନି ଭୁବନର ତତ୍ତ୍ୱ
ତୁମେ ମର ହୃଦୟର ସତ୍ୟ
ତୁମେ ଭକ୍ତି, ଅନୁରକ୍ତି, ତୁମେ ପରମାନନ୍ଦ କନ୍ଦର ।୧।

ତୁମ ଶ୍ରୀଚରଣ ମହା ତୀର୍ଥ
ତୁମେ ନିଖିଳର ପରମାର୍ଥ
ତୁମେ ସ୍ରଷ୍ଟା, ତୁମେ ଦ୍ରଷ୍ଟା, ତୁମେ ଚିନ୍ମୟ ଚିର ସୁନ୍ଦର ।୨।

ତୁମେ ନୂଆ ଫଗୁଣର ସୂର୍ଯ୍ୟ
ତୁମେ ଆତ୍ମାର ଅଇଶ୍ୱର୍ଯ୍ୟ
ତୁମେ ଶାନ୍ତ, ତୁମେ କାନ୍ତ, ତୁମେ କୋଟିଏ କରୁଣା ଆଧାର ।୩।

ତୁମେ ପୀରତି ରସର ସାର
ତୁମେ ଭକତର ଗଳାହାର
ତୁମେ ଧର୍ମ, ତୁମେ କର୍ମ, ତୁମ କଞ୍ଜ-ଚରଣେ ଜୁହାର ।୪।

## ତୁମେ ହାତ ଧରିନିଅ

ତୁମେ ହାତ ଧରିନିଅ
ଜାଣେ ତୁମେ ଦୟାମୟା ।୦।

ତୁମ ବାଣୀ ଶୁଭେ    ଶୁଭେ କି ଅଶୁଭେ
ଯେତେ ଦୂର ଯାଏ    ଆଖି ଚାହିଁ ରହେ
କ୍ଷୀଣ ଦୀପ ଶିଖା    ଜଳି ଉଠି ଲିଭେ
ସବୁ ତ ଅନ୍ଧାରମୟ ।୧।

ସଂଶୟ ଦୋଳାରେ    ଦୋଳି ଖେଳେ ମନ
କେବେ ମିଳେ କେବେ ନ ମିଳେ ସନ୍ଧାନ
ଆଶୀଷ ତୁମରି    ଲଭୁଛି ମାତର
ମଣେ ଯେବେ ନିରାଶ୍ରୟ ।୨।

ମୁଦିଲେ ନୟନ    ଜଣେ କିଏ ଆସି
ହସି ହସି ଦିଏ    ମଥା ମୋ ପରଶି
ମେଲିଲେ ଆଖି ସେ    ଦୂର ପରବାସି
ତା ଠାବ ବତାଇ ଦିଅ ।୩।

ସୁଖ ବେଳେ କାହିଁ    ଡାକି ନାହିଁ ଥରେ
ଖୋଜୁଛି ତୁମକୁ    ଦୁଃଖର ଅନ୍ଧାରେ
କି ବିଚିତ୍ର ସତେ    ଦେଇ ଠେଲି ମୋତେ
କେବେ ତ ଦୂରେ ନ ରହ ।୪।

## ତୁମେ ହେ ଜାଳିଛ ମୁକ୍ତି ମଶାଲ

ତୁମେ ହେ ଜାଳିଛ ମୁକ୍ତି ମଶାଲ ଅମାଘେରା ଏହି ଘରେ
ବିଭୋର କରିଛ ବିଶ୍ୱମରମ ମହା ସଙ୍ଗୀତ ସ୍ୱରେ ।୦।

ରୁଦ୍ଧ ଦୁଆର ମୁକ୍ତ କରିଛ ଶୁଦ୍ଧ ସାଧନ ବଳେ
କାନେ କାନେ ତୁମେ ଶୁଣାଇଛ ଗୁରୁ ! ଓଁ କାର ମନ୍ତ୍ରରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୧।

ନବ ଆଦରଶ ଦରଶାଇ ତୁମେ ଦୀକ୍ଷା ଦେଇଛ ମୋରେ
ବିଞ୍ଚି ଦେଇଛ ଶାନ୍ତି ଅମୀୟ ବେଦନା ଆତୁର ଘରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୨।

କୁପଥ ବିପଥ ବାରି ଚଳାଉଛ ସୁପଥେ ଏ ଜୀବନରେ
ଆଲୋକ ଆଲୋକ ଆଲୋକ ଜାଳି ମୋହଘେରା ନୟନରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୩।

ଜୀବନର ଏଇ ଅଭିଯାନ ମୋର ସଫଳ କର ହେ ବାରେ
ପୂର୍ଣ୍ଣ କର ଏ ଶୂନ୍ୟ ପରାଣ ପୀରତି ରସର ଧାରେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୪।

ଘନ ବନ୍ଧୁର ସଂସାର ପଥେ ଦୁରୁଦୁରୁ ବୁକୁ ଥରେ
ଘୁଞ୍ଚୁ ଯାବତ ବାଧାବନ୍ଧନ ତୁମରି କରୁଣା ବଳେ
ସାରା ଜୀବନର ଭକ୍ତି ପ୍ରଣତି ଘେନାକର ପଦତଳେ ।୫।

## ତୁମେ ହେ ଗଉରୀ ଶୀଅଙ୍ଗସଂଗତି

ତୁମେ ହେ ଗଉରୀ ଶୀଅଙ୍ଗ ସଂଗତି ତୁମେ ଜଗତର ତାତ
ଶରଣାଗତରେ କରୁଣା ବିତର ତୁମେ ମୋ ପରାଣ ନାଥ ।୦।

ଦୀନହୀନଜନ ବିପଦ ବାରଣ ତୁମେ ଏକା କୃପାସିନ୍ଧୁ
ନିଖିଳ ଭୁବନ ଜନର ତୁମେ ତ ଏକମାତ୍ର ପ୍ରାଣ ବଂଧୁ ।୧।

କୋଟି ପ୍ରଣିପାତ ଅଧମ ଦାସର ଘେନାକର ଦୟାମୟ
ଚରଣତଳରେ ଶରଣ ମାଗୁଛି ନିବାର ଏ ଭବଭୟ ।୨।

## ତେଜି ମନ କଲେ ତୁମକୁ ବନ୍ଧୁ ହେ

ତେଜି ମନ କଲେ ତୁମକୁ ବନ୍ଧୁ ହେ ତୁମେ ତ ନ କର ଅନ୍ତର
ମୁଖ ଖୋଲି ମୁହିଁ ନ କହିଲେ ହେଲେ ତୁମେ ତ ବୁଝୁଛ ଅନ୍ତର ।୦।

ଜୀବନର ଯେତେ ବେଦନା କଷଣ
ନ କହିଲେ ହେଲେ ସବୁ ତୁମେ ଜାଣ
ଅଦେଖାରେ କାହିଁ ଥାଇ ପ୍ରିୟବର ଭଣ ତ ମୋହନ ମନ୍ତ୍ର ।୧।

ସୁଖ ନ ପାଇଲେ ତୁମକୁ ମୁଁ ହେଲେ
ଜାଣୁଛି ମୁଁ ତୁମେ ସୁଖ ପାଅ ଭଲେ
ତିଳେ ହେଲେ କାହିଁ ସ୍ୱାର୍ଥ ନ ଥାଇତ ନାହିଁ କେ ବାନ୍ଧବ ମୋହର ।୨।

ଘେରି ଅଛି ଚଉଦିଗେ ମୋ ଅନ୍ଧାର
ଭବ ପାରାବାର ନାହିଁ କୂଳ ତାର
ଯେତେ ଡାକ ଦେଲେ ତବ ଶିରୀ ମୁଖ ନ ଦେଖି ହୁଏ ମୁଁ କାତର ।୩।

ଜଳାଇ ଆଲୋକ ଜୀବନେ ନିରତେ
ରଖିଛ ତୁମେ ହେ ଅପାଶୋରା ସତେ
ମାୟା ମୋହ ଘନ ତମସାରେ ଘେରା ଚଉଦିଗେ ଏହି ସଂସାର ।୪।

## ତୋର ଇହ ପରକାଳେ ଜ୍ୟୋତିରେଖା

ତୋର ଇହ ପରକାଳେ ଜ୍ୟୋତିରେଖା ଗୁରୁ କୃପା ଏକା ।୦।

ସାଂସାରିକ ବିଦ୍ୟା ଯଶମାନ ପୌରୁଷେ ନୋହିବୁ ପୂର୍ଣ୍ଣକାମ
ଶ୍ରୀଗୁରୁ ସରଳ ପଥେ ନ ଗମିଲେ
ଜନ୍ମେ ଜନ୍ମେ କାହିଁ ସତଶିକ୍ଷା ।୧।

ବେଦାନ୍ତ ବେଦ ଶାସ୍ତ୍ର ପୁରାଣ ପାଠେ ପଣ୍ଡିତ ଅସାଧାରଣ
ସହସ୍ର ବସ୍ତର ଆୟୁଷ ବିଫଳ
ପାଲଟିଲେ ତପେ ଉଇହୁଙ୍କା ।୨।

ଯୋଗବଳେ ତିନି କାଳ ଜ୍ଞାନ ହେଲେ ଷଡ ଅଇଶ୍ୱର୍ଯ୍ୟବାନ
କି ହେବ ଆକାଶେ ଉଡି ବିଚରିଲେ
ରାମେଶ୍ୱର, ପୁରୀ, ବଦରିକା ।୩।

ଶାନ୍ତ ଦାସ୍ୟ ବାତ୍ସଲ୍ୟ ମଧୁର ସଖ୍ୟ ଭାବେ ହେଲେହେଁ ବିଭୋର
ସାଧନା ଏ ସିନା ଗୁରୁବାକ୍ୟ ବିନା
ଦିବାସ୍ବପ୍ନ ସମ ମରୀଚିକା ।୪।

ସୃଷ୍ଟି ସ୍ଥିତି ଲୟ ପାରୁ କରି ଭକ୍ତ ସଙ୍ଗେ କାହୁଁ ହେବୁ
ପୁନରାବର୍ତ୍ତନ ଭାଗ୍ୟର ଲିଖନ
ନୋହିଲେ ପରମ ପଦଦେଖା ।୫।

ଜୀବନର ରଙ୍ଗମଞ୍ଚ ପୁରି ସଞ୍ଚରେ କା ସଙ୍ଗୀତ ମାଧୁରୀ
ନୀରବିତ ନିଶି ଜାଗରଣେ ମିଶି
ପାଶେ ବସିଛନ୍ତି ନିତ୍ୟସଖା ।୬।

ଶ୍ୱାସେ ଶ୍ୱାସେ ବାନ୍ଧ ବୀଣା ତାର ଜାଗିଲ ପ୍ରଭାତେ ଯେ ପ୍ରକାର
ଗିରି ଝରଣାର କୁଳୁନାଦେ ଜପ
ଗୁରୁନାମ ହୃଦେ ହେବ ଲେଖା ।୭।

## ଥରେ ଖାଲି ମୋତେ କହ ତ ଠାକୁର

ଥରେ ଖାଲି ମୋତେ କହ ତ ଠାକୁର
କଲ କି ମନ ପାଶୋରା
ଘେନ କି ନ ଘେନ ମନ ନିବେଦନ,
ଭକତି-ମିନତିଭରା ।୦।

ପୁଣ୍ୟ ଭାରତମାତାର ତୁମେ ତ
ସନ୍ତାନ ବୋଲି ଉଠେ ଖ୍ୟାତିନେତ
ଧରମର ତୁମେ ବିଜୟ-ତିଳକ
ଲେପିଦେଲ ଦେଶସାରା
ଭେଦାଭେଦ ଭୁଲି ମିଶାଇ ଯାଇଛ
ମନର ମିଳନ ଧାରା ।୧।

ତୁମେ ତ ଯୋଗର ପରମ ସାଧକ
ପ୍ରେମ-ତନ୍ତ୍ରର ତୁମେ ଆରାଧକ
ସବୁ ମତବାଦୀ ସାଦରେ ସଂପାଦି
ତୁମେ ଚିର ଅପାଶୋରା
ବନ୍ଧୁ ତୁମେ ପୁଣି ଗୁରୁ ତୁମେ ଗୁଣୀ,
ଆପଣାର ଜନ ପରା ? ।୨।

ଗଲ ତୁମେ ତୁମ ଶୁଭବାଣୀ ଭଣି
ସେ ତ ଦୀନ-ହୀନ - କଣ୍ଠର ମଣି
ଅବୋଧ ମନର ଅମା-ଗଗନର
ତୁମେ ଉଜ୍ଜ୍ୱଳ ତାରା,
ମହିମା ସୁମରି ପୁଲକରେ ବେନି-
ନୟନ ଲୋତକଭରା ।୩।

ଦୂରେ ଥିଲେ ତୁମେ ପାଶେ ଥିଲାପରି
ଅନୁଭବେ କର-ପରଶ ତୁମରି
ସୁଖେ ଅବା ଦୁଃଖେ ଶିରପରେ ରହି
ଘୁଞ୍ଚାଏ ଭବ-ଭାରା,
ଯେତେ ଦୋଷ କଲେ କ୍ଷମିବ ନାହିଁ କି
କ୍ଷମାର ସାଗର ପରା ।୪।

## ଥରେ ଦେଖି ମନ ବାଇ

| | | | | | |
|---|---|---|---|---|---|
| ଥରେ ଦେଖି ମନ ବାଇ | ଜୟଗୁରୁ ରଟରେ | | ଅରକୁଛୁ ଯାହା ତୁହି | ଥିର ତ ନୁହଇ କେହି | |
| କେତେକାଳ ଥିବ ତୋର | ଜୀବ ମାଟି-ଘଟରେ | \|୦\| | ଜୟଗୁରୁ ଗାଇ ମାୟା | କର ତୁ ଆକଟରେ | \|୩\| |
| ନାମର ଭଜନ ବିନେ | ଶାନ୍ତି ନାହିଁ ଏ ଜୀବନେ | | ଗୁରୁନାମ ସୁଧା ପିଇ | ବୁଲ ତୁ ବାଉଳା ହୋଇ | |
| ଭାଇ ବନ୍ଧୁ ଦାରା ସୁତ | ମାୟା ତ ନିପଟରେ | \|୧\| | ଗୁରୁନାମେ ଘୁଞ୍ଚିବ ତୋ | ସକଳ ସଂକଟରେ | \|୪\| |
| ଦିନ ପରେ ରାତି ଆସେ | ଆଲୁଅ ଅନ୍ଧାର ଦିଶେ | | ପାପ ତାପ ହେବ ଦୂର | ଜୟଗୁରୁ ତୁ ସୁମର | |
| ସମାନ ନଯାଏ, ଖାଲି | ସାର ଛଟପଟରେ | \|୨\| | ସେହି ଏକା ଦେଖାଇବେ | ଧରମର ବାଟରେ | \|୫\| |

## ଦରଶେ ତବ କୋଟି ରବି

ଦରଶେ ତବ କୋଟି ରବି ବିଜିତ କମ କାନ୍ତି
ତୁଟିଲା ମନ ପରାଣୁ ମମ ସକଳ ଭ୍ରମ ଭ୍ରାନ୍ତି ।୦।

ତବ ନୟନ ଜ୍ୟୋତି ଲଭି ନବ ଅରୁଣ ଜାଗେ
ବିଶ୍ୱଜନ କର ପ୍ରସାରି ଆଶୀଷ ତବ ମାଗେ
କାନନ ଭରି କୁସୁମ ଦଳ ପ୍ରଣମେ ଶୀର ପାତି ।୧।

ବନଗହନ ଲତାପତର ଚାମର ଢୁଳାଏ
ମଧୁମଳୟ ସମୀରେ ଚାଳି ଆଲଟ ଚଳାଏ
ବିହଗଦଳ କାକଳିରେ ଗାଏ ଜୟ ଗୀତି ।୨।

ସାଗରର ଉର୍ମି ତବ ଚରଣ ପଖାଳେ
ବରଣକରେ ଗଗନ ରବି ଶଶୀ ତାରକା ମେଳେ
ନିଖିଳ ଭବ ଶରଣ ତବ ମାଗେ କର ପାତି ।୩।

## ଦୟା କି ତୁ ଗଲୁ ଭୁଲି

ଦୟା କି ତୁ ଗଲୁ ଭୁଲି
କାହିଁକି ଡାକିବି କହ ଶ୍ୟାମା ! ଦୟାମୟୀ ବୋଲି ।୦।

କୁସନ୍ତାନ ବୋଲି ମାଆ !
ନ କରିବୁ ତୁ କି ଆହା
ଦେଖୁ ଦେଖୁ ତ୍ରିତାପରେ ନିଶି ଦିନ ମରେ ଜଳି ।୧।

ହରାଇଛି ବୁଦ୍ଧି ଶୁଦ୍ଧି
ନ ଜାଣେ ତୋ ସେବା ବିଧି
କ୍ଷମାମୟୀ ସନ୍ତାନ ମୁଁ ଏତିକି ଜାଣୁଛି ଖାଲି ।୨।

ଦେଖା ଦେ ମା' ଥରେ ହେଲେ
(ମୋ) ପାପ ଆଖି ଅନ୍ତରାଳେ
ସେତିକି ମାତର ମନ-ଆଶା ନିବେଦନ କଲି ।୩।

ପଣତ-ତଳରେ ତୋର
ଘୋଡାଇବି ମଥା ମୋର
ପଖାଳିବି ପଦଯୁଗ ଆଖି ପାଣି ଢାଳି ଢାଳି ।୪।

## ଦୟାମୟ ଦିଅ ଫିଟାଇ ଏ ମୋର ମନ ଦୁଆର

ଦୟାମୟ ଦିଅ ଫିଟାଇ ଏ ମୋର ମନ ଦୁଆର
ଅଭକତ ବୋଲି ମୁହିଁ ହୃଦ ମୋର ଅନ୍ଧକାର ।।୦।।

ତବ କୃପାଲୋକ ପାଇ, ଘନକାଳିମା ଘୁଞ୍ଚଇ
ଗୁରୁନାମ ରଟୁଥାଉ, ଏ ପରାଣ ନିରନ୍ତର ।।୧।।

କର ମଙ୍ଗଳ ବିଧାନ, ଅପସରୁ ଦୁରୁଦିନ
ଫେଡି ଦିଅ ମାୟାଜାଲ, ଦୂରେ ଯାଉ ଅହଂକାର ।।୨।।

ଭେଦାଭେଦ ଭୁଲିଯାଇ, ନାମ ରସେ ହୁଏ ବାଇ
ସମ ନିରେଖୁ ନୟନ, ନ ହେରି ନିଜ ବା ପର ।।୩।।

ତୁମେ ତ ଜୀବନ ସାଥୀ, ତୁମ ବିନେ କେ ନାହାନ୍ତି
ସାହା ହୁଅ କୃପାନିଧି, ଏତିକି ମିନତି ମୋର ।।୪।।

## ଦୟାମୟ ଘେନ ଗୁହାରି

ଦୟାମୟ ଘେନ ଗୁହାରି,
ଦିଅ ମୋତେ ତୁମ ପ୍ରେମ ପାଗଳ କରି ।୦।

ପଲକ ପାଶୋରା ହେଉ ଆଖି ତୁମ ରୂପ ଚାହିଁ
ବାଉଳା କର ହେ ମୋତେ ସରଗ ଶୋଭା ଦେଖାଇ
ତୁମ ନାମ ଗୀତ ସୁର କାନରେ ମୋ ଦିଅ ଭରି ।୧।

ହାତକୁ ଚଳାଅ ମୋର ତୁମରି ଚରଣ ତଳେ
ଭୋକ ଶୋଷ ମେଣ୍ଟି ଯାଉ ପିଇ ନାମ କୃପା ଜଳେ
ସୁଖ ଦୁଃଖ ଏକା ହେଉ ତୁମରି ଦାନ ସୁମରି ।୨।

ଯାହ ତୁମେ କର ସବୁ ମୋହରି ମଙ୍ଗଳ ପାଇଁ
ତୁମ ବିନେ ନ ମାଗିବି କାହାକୁ ହାତ ପତାଇ
ଶୟନେ ସ୍ୱପନେ ଖାଲି ତୁମ ଲାଗି ହେବି ଝୁରି ।୩।

## ଦୟାମୟ, ଶୁଣିବା ହେଉ ଗୁହାରି

ଦୟାମୟ, ଶୁଣିବା ହେଉ ଗୁହାରି
ତୁମ ବିନେ ସାହା କେ ନାହିଁ ମୋହରି ।୦।

ମନ ମୋର କରୁ ତବ ରୂପ ଧିଆନ
ମୁଖ କରୁଥାଉ ତବ ଗୁଣ ଗାୟନ
ତୁମର ପ୍ରିୟ ଯାହା
କର ମୋ କରୁ ତାହା
ଲଭୁ ମୋର ନୟନ
ତବ ରୂପ ଦର୍ଶନ
ସଂପଦେ ବିପଦରେ
ନିଶି ଅବା ବାସରେ
ଦୟାମୟ,
ନାମ ନ ଦେଉ ମନ ପାଶୋରି ।୧।

କେବଳ ତୁମରି ନାମ ଗୁଣ କୀର୍ତ୍ତନ
ଶୁଣିବା ପାଇଁକି ଟାକି ଥାଉ ଶ୍ରବଣ
ଆଦେଶକୁ ତୁମରି
ପାଳନ ଚିନ୍ତା କରି
ଚରଣ ବେନି ମୋର
ଚଳୁ ହେ ନିରନ୍ତର
ଲୋଟୁଥାଉ ଏ ଶିର
ତବ ପୟର ତଳ
ଦୟାମୟ,
ଘେନ ମୁଁ ପଦ-ସେବା ପୂଜାରୀ ।୨।

ରିପୁଏ ରହନ୍ତୁ ସଦା କୋୟର ସରି
ତବ ପଦ ପୂଜନରେ ଭକତି ଭରି
ସଂସାରେ ଯେତେ ଦିନ
ଥିବ ଜୀବ ଜୀବନ
ତବ ସେବା ଧିଆନ
କରୁ ଥାଉ ଏ ମନ
ଭାଳି ମିଳନ ତବ
ମରଣ ଯାଉ ହାରି
ଦୟାମୟ,
ଜଣାଏ ପଦ ତଳେ ଜୁହାରି ।୩।

## ଦୟାମୟୀ ମା ବୋଲି ଗୋ

ଦୟାମୟୀ ମା ବୋଲି ଗୋ,
କେ ତୋତେ କହେ
ଏଇ ଘରେ ଥାଉ ତୁ
ତୋ ଦେଖା ନ ପାଏଁ ।୦।

ଆଦରେ ଜନମ ଦେଲୁ
ଗେହ୍ଲାଇ ତୁ ବଢାଇଲୁ
ମୁଖ ଲୁଚାଇ ତୁ ରହୁ ଯେତେ ମୁଁ ଚାହେଁ ।୧।

ଜାଣେ ଅଛୁ ଏଇ ଘରେ
କିଳିଣି ଦେଉ ଦୁଆରେ
କ୍ଷୀର ଦେଇ ବଢାଇ କେ ଦୂରରେ ରହେ ? ।୨।

ଅବୋଲର ହେଲି ବୋଲି
ଦୂରେ ଦୂରେ ଦେଉ ଠେଲି
ଅବାଧ୍ୟ ସନ୍ତାନେ କି ମା' କ୍ଷମା ନ ଦିଏ ।୩।

ଆଉ କିଛି ମାଗୁନାହିଁ
ଖାଲି ତୋର ପଦଛାଇ
ନ ମିଳୁ ପଛକେ ଆଜି ଦେବୁ ଯେବେ ଅନ୍ତ ହୁଏ ।୪।

## ଦୟାନିଧି ! ନ ନିଅ ପାଦ ଘୁଞ୍ଚାଇ

ଦୟାନିଧି ! ନ ନିଅ ପାଦ ଘୁଞ୍ଚାଇ
ଜୀବନର ସୁଖ ଦୁଃଖ ଠୁଳ କରି କର ଦେଉଛି ବଢାଇ ।୦।

ଜୀବନେ ପୂରଣ ନ ହେଲା କାମନା
କେତେ ମୁଁ ଫେରିବି ଦୁଆରୁ କୁହନା
ଦୂରେ ଦୂରେ ଆଉ ନ ରଖ ଦାସରେ, ମିନତି ଶୁଣ ଗୋସାଇଁ ।୧।

ବାସନା ବେଦନା ହେଲା ଗୁରୁଭାର
ସହି ନ ପାରୁଛି ଆଉ ହେ ଠାକୁର
କରି କଲବଲ କହ କିବା ଫଳ, କାହିଁକି ରଖ ବଞ୍ଚାଇ ।୨।

ଆଶା ପିପାସା ମୋ କେବେ ନ ମେଣ୍ଟଇ
ଖୋଜିଲିଣି ଆଉ ଦାନୀ କେହି ନାହିଁ
କାହାର ଦୁଆରେ ମାଗିବି ଭିଖ ମୁଁ, ଦିଅ ହେ ମୋତେ ବତାଇ ।୩।

ରଖ କରି ମୋତେ ଚରଣର ଦାସ
ଜୀବନ ଯାକର ଯେତେ ଭୋକ ଶୋଷ
ମେଣ୍ଟିଯାଉ ନାଥ ପୁରୁ ମନୋରଥ, ତୁମକୁ ହାତ ପତାଇ ।୪।

## ଦାଓ ବୋଲେ ଦାଓ

ଦାଓ ବୋଲେ ଦାଓ ମୋରେ
ଆମି ସବାର ଚେୟେ ତୋମାୟ
ଭାଲ ବାସବୋ କେମନ୍ କରେ |୦|

ତୁମି ତୋ ଆମାର ଜୀବନ
ତୁମି ଆମାର ଆରାଧ୍ୟ ଧନ
ତୁମି ଆମାର ପ୍ରାନୋ ସଖା ତାଇ ଡାକି ତୋମାରେ |୧|

ଜାନିନା ତୋ ସାଧନ ଭଜନ
ଶୁଧୁ ଜାନି 'ଜୟଗୁରୁ' ନାମ
'ଜୟଗୁରୁ' 'ଜୟଗୁରୁ' ବୋଲେ ପୂରବ ନୟନ ଜଲେ |୨|

ଭୁଲେ ଯଦି ଯାଇ ତୋମାରେ
ତୁମି ତୋ ଭୁଲୋନା ମୋରେ
ଅଧମ ବଲେ ତୁଲେ ନିଓ ଓଇ ଚରଣ ତଲେ |୩|

ଆଛେ ତ୍ରୁଟି ଆଛେ ଫାଙ୍କି
ତବୁ ଓ ଆମି ତୋମାୟ ଡାକି
ତୋମାର ଚରଣ ପାବାର ଲାଗି
କାଁଦବୋ ମନେର ସାଧେ |୪|

## ଦିଅ ମନ ପ୍ରେମଧନ ଅରଜନରେ

ଦିଅ ମନ ପ୍ରେମଧନ ଅରଜନରେ
ଲୁଟିବାରେ ସମରଥ ନୋହେ ଆନରେ ।୦।

ଏ ଧନ ଲଭିବା ପାଇଁ କରଣୀତ ଲୋଡା ନାହିଁ
ନାହିଁରେ ବିଚାର ତହିଁ ନିଶି ଦିନ ରେ ।୧।

ନିରିମଳ କର ହୃଦ ଦୂର କର ଭେଦ, ବାଦ
ଧର ଗୁରୁ ଶିରୀପଦ ବିଭୁ ଜ୍ଞାନ ରେ ।୨।

ନ ହୁଅ କଠୋର ମତି ଶୁଣାଅ ମଧୁ-ଭାରତୀ
ସମାନ ଦେଖୁ ଜଗତି ତୋ ନୟନ ରେ ।୩।

ନିଗୁଢ ପୀରତି-ଡୋରେ ବାନ୍ଧିରଖ ମନଚୋରେ
ସଂପି ଦିଅ ପ୍ରାଣ ତାରେ ଅନୁକ୍ଷଣରେ ।୪।

ସେ ତୋର ତୁ ତାର ବୋଲି ଟାଣ କରି ମନେ ଭାଳି
ଚାଲତୁ ଜଞ୍ଜାଳ ଠେଲି ତା ଚରଣରେ ।୫।

ଗନ୍ତାଘର ଭରିବାକୁ ମାଗତୁ ସେ ଦେବତାକୁ
ଲଭି ତା ପଦରେଣୁକୁ ହେବୁ ଧନ୍ୟରେ ।୬।

## ଦିନ ତୋମାର ଆନନ୍ଦେ ଯାବେ ଜପଲେ ଗୁରୁର୍ ନାମ

ଦିନ ତୋମାର ଆନନ୍ଦେ ଯାବେ ଜପଲେ ଗୁରୁର୍ ନାମ
ଜପ ଜପ ଗୁରୁନାମ, ଜପ ଜୟଗୁରୁ ମହାନାମ
ଜୟଗୁରୁ ଜୟଗୁରୁ ବଲେ ଗାହ ଅବିରାମ । ।୦।

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଶିବ ରାମ
ଗୁରୁ ସେବାୟ ମୋକ୍ଷ ମିଲେ ଧର୍ମ ଅର୍ଥ କାମ ।। ।୧।

ଶୁଭ୍ରବରନ ଭୁବନମୋହନ ଗୁରୁ ରାଧାଶ୍ୟାମ
ଗୁରୁର୍ ପଦେ ଶରନ ନିୟେ ଜପ ଗୁରୁର୍ ନାମ ।। ।୨।

ସାର କର ସଦ୍‌ଗୁରୁର ବାକ୍ୟ, ମିଟ୍‌ବେ ମନସ୍କାମ
ଆପନ ଘରେ ଆପନି ଗିୟେ ଦେଖ୍‌ବି ପ୍ରାନାରାମ ।। ।୩।

ଗୁରୁନାମାଶ୍ରୟ ସଙ୍ଗତି ତାପତ୍ରୟ - ଆଗୁନେ
କୀର୍ତ୍ତନ କର ନାମ ସତତ ସଂଯତ ମନ ସମାନେ
ଗୁରୁ ନାମ ଭରସା, ନାମ ସହାୟ, ନାମ ଶାନ୍ତିଧାମ ।। ।୪।

## ଦିନ ଯାଉ ସେ ଚରଣ ବନ୍ଦି

ଦିନ ଯାଉ ସେ ଚରଣ ବନ୍ଦି, ହେ ଦୟାନିଧି !
ଆକାଶେ, ବତାସେ ରବିରେ, ଶଶିରେ
ତୁମରି କିରଣ ରାଜେ
ତୁମେ ହେ ବିରାଟ, ତ୍ରିଜଗତ ଭରି
ତୁମରି ମୂରତି ସାଜେ
ତୁମେ ଏକା କରୁଣା-ବାରିଧି; ହେ ଦୟାନିଧି ! ।୧।

ଜନମ, ମରଣ ଜୀବନର ସ୍ୱାମୀ
ତୁମେ ହେ ଅନ୍ତର-ଯାମୀ
ସୁଖ-ଦୁଃଖ ସବୁ ତୁମରି ଭିଆଣ
ତୁମେ ହେ ମଙ୍ଗଳ-କାମୀ
ଦିଅ ଦିବ୍ୟ ଜ୍ଞାନ, ଶୁଭ ବୁଦ୍ଧି, ହେ ଦୟାନିଧି ! ।୨।

ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ମାଗୁଛି ଚରଣ ଧୂଳି
ଆଉ ଲୋଭ ନାହିଁ କେଉଁ କଥାରେ ତ
ଏଇ ସମ୍ପତ୍ତିରେ ଖାଲି
ଗୁରୁ ଦାସ-ଆଶ ନିରବଧି, ହେ ଦୟାନିଧି ! ।୩।

## ଦିନୁଁ ଦିନ କାଳ ଯାଏ ବହି

ଦିନୁଁ ଦିନ କାଳ ଯାଏ ବହି
ଗୁରୁନାମ ନ ଭଜିଲୁ ବୃଥା ହେଲା ଦେହୀରେ ।୦।

ଅଣବାହୁଡା ତ ମନ ! ଗତକାଲି ଦିନ
ଚିର ନୁହେଁ ରୂପ ତୋର ଧନ, ଯଉବନ
ଲକ୍ଷ୍ମୀ ନାମ ଚଞ୍ଚଳା, ସେ ବିଜୁଳୀର ଛାଇ ।୧।

ଅସତ୍ୟ ବଚନଠାରୁ ଦୂରେ ତୁ ନ ରହୁ
ରସନା ସଂଯତ ନୋହେ କଥା କହୁ କହୁ
ଶରଣାଗତରେ ନିଅ ବିପଥୁଁ ଫେରାଇ ।୨।

ଦିଅ ବଳ, ଦିଅ ବୁଦ୍ଧି, ବିବେକ ଠାକୁର !
ସୁତ, ଦାରା, ପିତା, ମାତା ମୋହ ହେଉ ଦୂର
ମୁକତି ଲଭୁ ଏ ଜୀବ ଗୁରୁନାମ ଗାଇ ।୩।

## ଦିନେ ହେଲେ ଥରେ ମିଳନ ତୁମର

ଦିନେ ହେଲେ ଥରେ ମିଳନ ତୁମର ଲୋଡିନାହିଁ କେବେ ଜୀବନେ,
ଅମା ନିଶୀଥରେ ଡାକିଛ ଦୁଆରେ ଭାଳିନାହିଁ ଯାହା ସପନେ ।୦।

କିଳିଛି ଦୁଆର ଅତିଥିରେ ମୁହିଁ ସେଦିନ ନିଠୁର ପରାଣେ,
ତେବେ ହେଲେ ତୁମେ ରୁଷି ନାହଁ ବନ୍ଧୁ! ଶରଣ ଦେଇଛ ଚରଣେ।୧।

ପାଶରୁ ତୁମର ପଳାଇଲେ ଦୂରେ ଆସି ହସ ହସ ବଦନେ,
ଆଦରେ କୋଳରେ ବସାଇଛ ମୋରେ ବାନ୍ଧି ପ୍ରେମଭୁଜ-ବନ୍ଧନେ ।୨।

ଭୁଲା ପଥୁକୀ ମୁଁ ପଥ ଯାଏଁ ହୁଡି ଡାକ ଦେଇଛ ମୋ ଶ୍ରବଣେ,
ଫେରି ଆସ ବୋଲି କେତେ ଥର ସତେ ଅମୀୟ ମଧୁର ବଚନେ ।୩।

ଶତ ଅପରାଧେ ଅପରାଧୀ ମୁହିଁ ବିକଳ ଧରମେ କରମେ
ବିପଦ-ତମସା ନିବାରିଛ ତୁମେ ବିସାରି ବିମଳ କିରଣେ ।୪।

## ଦୀନ ଜନେ ଦୀନବନ୍ଧୁ ! କରନା କରନା ପର

ଦୀନ ଜନେ ଦୀନବନ୍ଧୁ ! କରନା କରନା ପର
ତୁମେ ମୋ ଦୁଃଖପାଶୋରା ମୋ ଜୀବନ ଗଳାହାର ।୦।

ମୁଖେ ଧରି ତୁମ ନାଁ
କେତେ ଦୂର ତୁମ ଗାଁ
ପଚାରି ପଚାରି ବାଟ ଆସିଛି ତୁମ ଦୁଆର ।୧।

ତୁମେ ଗୁରୁ ନିରଞ୍ଜନ
ଭକତ ଗଣ୍ଠି ରତନ
ଧର୍ମ, ଅର୍ଥ, କାମ, ମୋକ୍ଷ ସବୁ ତ ତୁମେ ମୋହର ।୨।

ତାରିଲଣି କେତେ ପାପୀ
କେତେ କେତେ ଅନୁତାପୀ
ମୁଁ ଜଣେ ପାତକୀ ବୋଲି କେମିତି ପାଶୋରି ଦେଲ ? ।୩।

କଷଣ ନାଶନ ବୋଲି
ତୁମକୁ ଆଶରା କଲି
ଦିନେ ତ ତାରିବ, ଯେତେ ଉଛୁର କରୁଛ କର ।୪।

## ଦୀନ ନାଥ ମାଗୁ ନାହିଁ କିଛି ଆଉ

ଦୀନ ନାଥ ମାଗୁ ନାହିଁ କିଛି ଆଉ ।୦।

ଦୀନ ହୀନ ଏଇ ଦୁର୍ବଳ ସନ୍ତାନ
ଶୟନେ ସ୍ୱପନେ ଥିର କରିମନ
ଜନମେ ଜନମେ ଜୀବନେ ମରଣେ
ତୁମ ନାମ ରଟୁଥାଉ ।୧।

ଆଦେଶ ତୁମର ହେଉ ଶୀର ତାଜ
ଦୁନିଆଁ ଜଞ୍ଜାଳ ମଣି ମନେ ବ୍ୟାଜ
କେବଳ ତୁମରି ଶ୍ରୀଚରଣ ଧୂଳି
ଲଭିବାରେ ଆଶା ରହୁ ।୨।

ନିରତେ ଜଣାଇ ଦୂରରୁ ଜୁହାର
କର ଯୋଡି ମାଗୁଥିବି ମୁହିଁ ଛାର
ତୁମରି ଅଭୟ ଚରଣ ସେବାରେ
ଅଧିକାର ମହାବାହୁ ।୩।

ଜୟଗୁରୁ ଜୟଗୁରୁ ମୁଖେ ରଟି
ସାରା ଜୀବନଟା ଯାଉ ମୋର କଟି
ତୁମରି କରୁଣା ଜଳ ବିନ୍ଦୁ ପାଇ
ତୃଷାମୋର ମେଣ୍ଟୁଥାଉ ।୪।

## ଦୀନବନ୍ଧୁ ! ଏହି କଥାରେ ମୋ ମନ

ଦୀନବନ୍ଧୁ ! ଏହି କଥାରେ ମୋ ମନ
ଭୁଲି ଭବମାୟା ଲଭି ତବ ଦୟା ଜୀବନ ହୋଇବ ଧନ୍ୟ ।୦।

ଭାସିଯିବା ବେଳେ ସବୁ ଭବ ତାପ
ମାନ ଅଭିମାନ ବେଦନା ବିଳାପ
ବଜାଉଥିବି ମୁଁ ଶେଷ ବଁଇଶୀରେ ତୁମ ନାମ ଜୟ ଗାନ ।୧।

ସରି ଆସୁଥିବ ଦୂର ଯାତ୍ରା ପଥ
ଶୁଣୁଥିବି ଖାଲି ମଙ୍ଗଳ ସଂଗୀତ
ତୁମ ମଣିମୟ ଦେଉଳ ଦୁଆରେ ନିଶି ହେବ ଅବସାନ ।୨।

ହେରିବି ନୟନେ ହିରଣ୍ମୟ ରୂପ
ଭୁବନ ମୋହନ ଆନନ୍ଦ ସ୍ୱରୂପ
କୋଟି ଜନମର କାଳିମା ତୁଟିବ ଭାବରେ ଲୋଟିବ ମନ ।୩।

ଲଭିବି ସେ କାଳେ ଅମର ଜୀବନ
ଚିତ୍ତ ହେବ ଚିର ଆନନ୍ଦ ମଗନ
ପ୍ରଣତି ଜଣାଇ କହିବି ପ୍ରଭୁ ହେ ! ଶ୍ରୀଚରଣେ ଦିଅ ସ୍ଥାନ ।୪।

## ଦୀନବନ୍ଧୁ ନାମ ଯେବେ

ଦୀନବନ୍ଧୁ ନାମ ଯେବେ ବହିଛ ତୁମେ ଠାକୁର
ଶିରେ ମୋର ଲଦି ଦିଅ ଦୁନିଆଁର ଦୁଃଖ ଭାର ।୦।

ଦୁଃଖୀ ପାଶେ ତୁମେ ଯେବେ
ଉଭା ହୁଅ ନାଥ ତେବେ-
ସୁଖ ମୋର ଲୋଡା ନାହିଁ, ଚିର ଦୁଃଖୀ ମୋତେ କର ।୧।

ହେରି ତୁମ ଶିରୀ ମୁଖ
ନ ବାରିବି ସୁଖ-ଦୁଃଖ
ଆଲୋକ ଆଲୋକ ଖାଲି ଦିଶିବ ସାରା ସଂସାର ।୨।

ବୁକୁଭରା ଖରଶ୍ୱାସ
ରଖିଛି, ବିଞ୍ଚିବି ଆସ
ପାଦ ଧୋଇ ଦେବାପାଇଁ ସାଇତିଛି ଆଖି ନୀର ।୩।

ହସି ଖାଲି ଦିଅ ଚାହିଁ
ଆଉ କିଛି ଲୋଡା ନାହିଁ
ମୁଁ ଜଣେ ଦୀନ ଭିଖାରୀ, ଝୁଲିରେ ମୋ ଦୟା ଭର ।୪।

## ଦୀନବନ୍ଧୁ ! ମୋ ବନ୍ଧୁ ହୋଇବ କେବେ

ଦୀନବନ୍ଧୁ ! ମୋ ବନ୍ଧୁ ହୋଇବ କେବେ
କେବେ ମୁଁ କହିବି ତୁମେ ମୋ ବାନ୍ଧବ
ତୁମେ ଏକା ସାହା ଭବେ ।୦।

ସାତପର କରି ସଭିଏଁ ଗଲେଣି
ଗଲେଣି ସଇ ସଙ୍ଗାତ
କେମିତି ବଞ୍ଚିବି କା ହାତ ଧରିବି
ଦୂରେଇ ଦିଅନ୍ତି ସର୍ବେ ।୧।

ଏକୁଟିଆ ହୋଇ ପଥ ପଚାରେ ମୁଁ
ପଚାରେ କିଏ ନିଜର
ସାତ ବାଙ୍କ କରି ଶତ ମୁଖ ଫେରେ
ସବୁ ଦୀପ ଶିଖା ଲିଭେ ।୨।

ଚାରି କାତ ମୋର ଭାଙ୍ଗିତ ଗଲାଣି
ଅବାଟେ ପଡିଛି ଏକା
ଅବହେଳା କରି ଅପସରି ଗଲେ
ଅଲୋଡା ହେଲି ମୁଁ ଯେବେ ।୩।

ଏତେ ଦୁଃଖ ଦେଖି ନୀରବ ରହିଛ
କଥା କୁହ କଥା କୁହ
ଦୂରେ ଥାଅ ପଛେ ଧୀରେ କହି ଦିଅ
ମୋ ପ୍ରାଣବାନ୍ଧବ ଏବେ ।୪।

## ଦୀନବନ୍ଧୁ ହେ, କେତେ ଭାବୁଛି ମନେ

ଦୀନବନ୍ଧୁ ହେ, କେତେ ଭାବୁଛି ମନେ
କି କରି ତୁମକୁ ବସାଇବି ପ୍ରଭୁ
ମଳିନ ଏ ମୋର ହୃଦ ଆସନେ ।୦।

ଆନ ମନେ ତୁମକୁ ଯେବେ
ଅନାଏଁ ମୁଁ ପ୍ରଭୁ ହେ ତେବେ
ପ୍ରେମେ ଭୋଳ ହୋଇ ଆପଣାକୁ ଆପେ
ପାଶୋରି ଯାଏ ତ ମୁହିଁ ଜୀବନେ ।୧।

ନିରେଖିଲେ ସେ ରୂପ ଥରେ
ପ୍ରେମନୀର ନୟନୁ ଝରେ
ବଚନ ମୁଖରୁ ନ ଫୁଟଇ ଖାଲି
ଚାହିଁ ରହିଥାଏ ଥକା ନୟନେ ।୨।

ପୁରି ଉଠେ ହୃଦୟ ମୋର
ବହି ଯାଏ ଆନନ୍ଦ ନୀର
ଗଭୀର ପ୍ରେମର ତରଙ୍ଗରେ ବୁଡି
ଖୋଜି ବୁଲେ ଖାଲି ନାଉରୀ ଜଣେ ।୩।

## ଦୀନବନ୍ଧୁ ହେ ! ମୋର ଗଳାର ହାର

ଦୀନବନ୍ଧୁ ହେ ! ମୋର ଗଳାର ହାର
ଏ ସାରା ଜଗତେ ତୁମ ବିନେ ସତେ
ନାହିଁ କେହି ବନ୍ଧୁ ମୋର ନିଜର ।୦।

ଦୁଃଖ ଆପଦରେ ସୁଖ ସମ୍ପଦରେ
ଉଭା ହୋଇ ପାଶେ ସବୁ ଅବସ୍ଥାରେ
ଦେଇଛ ସାହସ ମୁଖରେ ମୋ ହସ
ସତେ ତୁମେ ବନ୍ଧୁ ଜନ୍ମଜନ୍ମର ।୧।

ମାୟାଗ୍ରସ୍ତ ହୋଇ ସ୍ୱଭାବ ହରାଇ
ଭୁଲିଯାଏ ଯେବେ ତୁମକୁ ଗୋସାଇଁ
ହୋଇ ହସ ହସ କୁହ ମୋତେ ଦାସ,
ତୁ ଅଟୁ ମୋହର ମୁହିଁ ତୋହର ।୨।

ତୁମେ ମାତା ପିତା ତୁମେ ବନ୍ଧୁ ଭ୍ରାତା
ତୁମେ ପ୍ରିୟ ସଖା ତୁମେ ପ୍ରାଣତ୍ରାତା
ତୁମେ ମୋର ଗୁରୁ ବାଞ୍ଛା-କଳ୍ପତରୁ
ତୁମେ ଅଟ ଏକା ସର୍ବସ୍ୱ ମୋର ।୩।

ଏତିକି ପ୍ରାର୍ଥନା ଘେନ ପ୍ରାଣପତି
ତୁମଠାରେ ରହୁ ମୋ ଅଚଳା ଭକ୍ତି
ତୁମରି ପ୍ରାପତି ଗୁଣୁଥାଉ ନିତି
ଏକମାତ୍ର ଆଶା ଦୀନ ଦାସର ।୪।

## ଦୀନ ବାନ୍ଧବ ହେ! ଏତିକି କରୁଣା ହେଉ

ଦୀନ ବାନ୍ଧବ ହେ! ଏତିକି କରୁଣା ହେଉ
ଥିବା ଯାଏ ମୋର ପିଣ୍ଡରେ ପରାଣ
ଗୁରୁ ନାମ କଣ୍ଠ ଗାଉ ।୦।

ଭକତ ତାରଣ ବିପଦ ବାରଣ
ଜୀବ ଉଦ୍ଧାରଣ ନାମ ତୁମର
ଶରଣ ରକ୍ଷଣ କୃପା ପରାୟଣ
ତୁମ ପରା ପ୍ରଭୁ ନାହିଁ କେ ମୋର
ଏତିକି କରିବ ଗୁହାରି ଶୁଣିବ, ପଦ ସେବି ଜୀବ ଯାଉ ।୧।

ବହୁ ଜନ୍ମ ବିତି ଯାଇଛି ଠାକୁର
ଚିନ୍ତି ନାହିଁ ତୁମ ରୂପ ମାଧୁରୀ
କରିନାହିଁ ଦିନେ ତବ ଗୁଣଗାନ
ଅଛି କେ ପାତକୀ ଆଉ ମୋ ପରି
ଝରି ନାହିଁ ଥରେ ନୟନୁ ଲୋତକ, ତୁମ ପାଇଁ ମହାବାହୁ ।୨।

ରସିକ ନାଗର ତୁମେ ତ ଠାକୁର
ଭକତ ଜୀବନ ଗଳାର ହାର
ଭକତ ରସିଆ ଭାବରେ ବଶିଆ
ଭାବ ବିନୋଦିଆ ରସଶେଖର
ଏଇ ଶୋଭା ଶୀରି ଶ୍ରୀମୁଖ ମାଧୁରୀ,
ଆଖିରେ ମୋ ଲାଖି ରହୁ ।୩।

## ଦୁଇ ଦିନିଆ ସଂସାର ମେଳ

ଦୁଇ ଦିନିଆ ସଂସାର ମେଳ ଖାଲି ଯିବା ଆସିବାର ଖେଳ
କୋଳି ଖାଇ ମଞ୍ଜି ପୋତିବୁ ପାଞ୍ଚିଛୁ
ମନ ତୁ ଏଡେ ପାଗଳ ।୦।

କିଏ ଯାଉଛି କିଏ ଆସୁଛି କିଏ ଗଣ୍ଠିଲି ବାନ୍ଧି ଚାହିଁଛି
ମଝି ଦରିଆରେ କିଏ ଉବୁଟୁବୁ
ପାଉନାହିଁ ଥଳକୂଳ ।୧।

ତଳୁ ତଳ ବରଡା ଖସୁଛି ଥାଇ ଉପରେ ଆନ ହସୁଛି
ମଝି କହେ ଭାଇ ତୋ କାମ ସରିଲା
ଆସୁଛି ମୋ ବେଳ କାଳ ।୨।

କେବେ ହେଲେ ତ ଚିନ୍ତିଲୁ ନାହିଁ ଆସିଥିଲୁ ଭବେ କାହିଁ ପାଇଁ
କିସ କରି ଯିବୁ କିସ ଘେନି ଯିବୁ
ବେଳହୁଁ ବିଚାର କର ।୩।

ଦିନେ ଆସିଥିଲୁ ତୁ ଲଙ୍ଗଳା ପୁଣି ଫେରିବୁ ହୋଇ ଫୁଙ୍ଗୁଳା
ଏ ପାରି କରମ ସେପାରିରେ ତୋର
ହେବ ନିୟନ୍ତା ଭୋଗର ।୪।

ସଦଗୁରୁଙ୍କ ଆଶରା କର ସାଥୀ ଇହ ପର କାଳେ ତୋର
ହାତ ଧରି ପଥ ମଣାଇ ନେବେ ସେ
ମାଡି ଯିବୁ ଢିପ ଖାଲ ।୫।

ତୋର ଜୀବନ ହୋଇବ ଧନ୍ୟ ପୁଣି ସାର୍ଥକ ହେବ ଜନମ
ଆନନ୍ଦ ଧାମରେ ତାଙ୍କରି ସେବାରେ
କାଟିବୁ ଅନନ୍ତ କାଳ ।୬।

## ଦୁଃଖ ଘରେ ମୋର ଜନମ ଠାକୁର

ଦୁଃଖ ଘରେ ମୋର ଜନମ ଠାକୁର !
ଦୁଃଖୀ ହେଲି ବୋଲି ଦୁଃଖ ନାହିଁ
ତୁମ ପାଦ ତଳେ ମଥା ମାଡି ଦେଲେ
ଦୁଃଖ ମୋର ଯାଏ ଦୂର ହୋଇ ।୦।

ମୁଁ ଯେ ଦୁଃଖୀ ବୋଲି ତୁମେ ଦୁଃଖୀଧନ
ପତିତ ବୋଲି ମୁଁ ପତିତପାବନ
ମୁଁ ଯେ ବିନ୍ଦୁ ବୋଲି ହେ କରୁଣାସିନ୍ଧୁ !
ଆସିଛ ମୋ ବନ୍ଧୁ ହୋଇ ।୧।

ଦୁନିଆ ହସଇ ଦୁଃଖ ଦେଖି ମୋର
ଅପବାଦ ବୋଝ ଅଜାଡି ମଥାର
ଦୁଃଖ ଲିଭିଯାଏ ଆଖିର ଲୁହରେ
ତୁମ ମୁଖ ଥିଲେ ଚାହିଁ ।୨।

ଦୁଃଖ-ସୁଖର ଏ ଅଜବ ଦୁନିଆଁ
ସଂସାରର ସାର ଖାଲି ଦିଆନିଆ
ତୁମ ପାଦେ ପଡି ଭକତି ମାଗୁଛି
ଦୁଃଖକୁ ସହିବା ପାଇଁ ।୩।

## ଦୁଃଖ ଯେବେ ପ୍ରଭୁ ଆସୁଛି ଜୀବନେ

ଦୁଃଖ ଯେବେ ପ୍ରଭୁ ଆସୁଛି ଜୀବନେ
ସହିବା ଶକତି ଦିଅ
ବିଷମ ସଂସାରେ ଆସୁ ଯେତେ ଝଡ
ଆଖିରୁ ନ ଝରୁ ଲୁହ ।୦।

ଦେଇଥିଲ ତୁମେ ଯେଉଁ ମମତାର ବନ୍ଧନ
ମୋହମାୟା ପ୍ରେମେ ପଡି ବିତାଇଲି ଜୀବନ
ଚାଲିଗଲେ ସବୁ ପର କରି ମୋତେ
ତୁମେ ପ୍ରଭୁ ସାହା ହୁଅ ।୧।

ଅଜଣା ଏ ଚଲାପଥେ ଆଉ ଚାଲିପାରେ ନା
ଘୋଟି ଆସେ ଅମାରାତି ପଥ କାହିଁ ଦିଶେନା
ଅନ୍ଧାର ଏ ମୋ ମରମ କୁଟୀରେ
ଜ୍ଞାନ-ଦୀପ ଜାଳିଦିଅ ।୨।

ଭଲ ପାଇଁ ଯେବେ ମୋତେ ଦେଉଅଛ କଷଣ
କାହିଁକି ଭରୁଛ ନିତି ଲୁହରେ ମୋ ନୟନ
ହୃଦୟ-ମନ୍ଦିରେ ଦେଖା ଦେଇ ବାରେ
ଏ ଭାବ ଶିଖାଇ ଦିଅ ।୩।

ତୁମେ ପରା ଗୁରୁ ମୋର ଜନ୍ମଜନ୍ମାନ୍ତରୁ
ସୁଖ ଦୁଃଖ ଯାହା ମୋର ତୁମ କରୁଣାରୁ
ଥିବାଯାଏ ଜୀବ ତୁମରି ଶ୍ରୀପଦ-
ସେବାର ସୁଯୋଗ ଦିଅ ।୪।

## ଦୁଃଖ ବୋଲି ଜାଣୁ ନାହିଁ

ଦୁଃଖ ବୋଲି ଜାଣୁ ନାହିଁ
ଯାହା ତୁମେ ମୋତେ ଦେଇଛ ଠାକୁର
ଏ ଜୀବନେ ସୁଖ ସେହି ।୦।

ପାଇଛି ତ ମୁହିଁ ଜନନୀ ଆଦର
ମାଧୁରୀ ଭରା ଏ ବିଶ୍ୱ ଚରାଚର
ଯେଣେ ଦେଖେ ତେଣେ ତୁମ କାରିଗରୀ
ତୁମରି ରୂପର ଛାଇ ।୧।

ଦୀନ ତହୁଁ ଦୀନ ଏ ମୋର ଜୀବନ
ତୁମେ ତ ଦେଇଛ ଅଭୟ ଶରଣ
ସାରା ଦୁନିଆଁର ଦୁଃଖ, ଶୋକ, ତାପ
ଭୁଲେ ତୁମ ନାମ ଗାଇ ।୨।

ମରଣର ଡର ନାହିଁ ତିଳେ ମୋର
ବାରୁଛି ଜଗତ ନିପଟ ଅସାର
ମରଣ ବରଣ କରୁଛି ନାଥ ହେ
ତୁମ ପଦ ସେବା ପାଇଁ ।୩।

ଏତିକି ମାତର ମାଗିବାର ମୋର
ଦିନୁଁ ଦିନ ବଢୁ ଭକତି ମନର
ଜାଗୁ ତୁମ ଲାଗି ନିତି ନବପ୍ରେମ
ନବ ଆଶା ଜନମାଇଁ ।୪।

## ଦୁଃଖରେ ତୁମକୁ ଯେବେ ପାଇବି ଜଗତ ସାଇଁ

ଦୁଃଖରେ ତୁମକୁ ଯେବେ
ପାଇବି ଜଗତ ସାଇଁ
ସପନେ ବି ଆଉ ଦିନେ
ସୁଖ ମୁଁ ଲୋଡିବି ନାହିଁ ।୦।

ଦୁଃଖୀଜନ ବନ୍ଧୁ ବୋଲି ପଡୁଛି ଜଗତେ ହୁରି
ଏତିକି କରିବି ଅଳି ବନ୍ଧୁ ମୋର ହୁଅ ବୋଲି
ବାନ୍ଧିବି ଭକତି ଡୋରେ ସେ ଶକତି ମୋର କାହିଁ ? ।୧।

ଦେବ ଯେତେ ଦିଅ ଦୁଃଖ ଯେତେ ବା ଯାତନା ଭୋଗ
ତୁମେ ପାଶେ ଥିଲେ ସବୁ ମଣିବି ମୁଁ ଗଉରବ
ଭୁଲିବି ଯାତନା ଘୋର ତୁମରି ମୁଖକୁ ଚାହିଁ ।୨।

ବେଦନା ଆଘାତେ ଯେବେ ଝରିବ ଆଖିରୁ ଲୁହ
ତୁମେ ବନ୍ଧୁ ସେତେବେଳେ ପୋଛି କି ନ ଦେବ କୁହ?
ଏହାଠାରୁ ବଳି ଆଉ ସଉଭାଗ୍ୟ ମୋର କାହିଁ ? ।୩।

ଏ ଭବ-ସାଗରେ ଯେବେ ଭାସିଯିବ ମୋର ନାବ
ନାଉରୀ ହୋଇଣ ତୁମେ କୂଳରେ ଲଗାଇ ଦେବ
ତେବେ ସିନା ବନ୍ଧୁ ନାମ ସାର୍ଥକ ହେବ ଗୋସାଇଁ ।୪।

## ଦୁନିଆଁରେ ଗୁରୁ କିଏ ଅଛି ତାର ସରି

ଦୁନିଆଁରେ ଗୁରୁ କିଏ ଅଛି ତାର ସରି
ଧରିଲେ ଯା' ନାମ ଥରେ ପାପୀ ଯାଏ ତରି ।୦।

ଚରଣେ ମାଗିଲେ ଯାରମିଳେ କ୍ଷମାର ଭଣ୍ଡାର
ଜୀବନର ସବୁ ଅପରାଧ ଯାଏ ସରି ।୧।

ନାମ ଧରି କଲେ କାମ ନାହିଁ ଯା ଆଶିଷ ସମ
ଯମଦଣ୍ଡ ନ ବାଧଇ ଯାରେ ଅନୁସରି ରେ ।୨।

କୋଟି ପାପ ଥିଲେ କରି କା ନାମ ଗାଇଲେ ସରି
ତରେ ହେଲେ ପାପୀତାପି କାହା ନାମ ଧରି ରେ ।୩।

ଯାହା ଇଛା ତାହା କର ନାମଟି ତାର ସୁମର
ସେହି ଏକା ବୁଦ୍ଧିଦାତା ନିଏ ପାପ ହରି ରେ ।୪।

କରି ସେ କରାଉ ଥାଇତା ବିନା କେ ଆନ ନାହିଁ
ଜଗତେ ବୋଲାଅ ସିଦ୍ଧ ତା ନାମ ସୁମରି ରେ ।୫।

ସେହି ଜଗତ କରତା ସେହି ଏକା ପିତା ମାତା
ଭଗାରି ନୁହଁଇ କାର ସେ ପରା ସବୁରି ରେ ।୬।

ସବୁରି ମଙ୍ଗଳ ଚାହେଁ ହେଉ ଯେତେ ଦୋଷୀ ଯିଏ
ଅପରାଧ କ୍ଷମା କରେ କିଏ ତାର ପରି ରେ ।୭।

ତାର ସରି ଗୁରୁ ଆଉ ଜଗତେ ମିଳିବେ କାହୁଁ
କ୍ଷମା ଶବଦ ଯାହାର ପଦେ ଅଛି ଭରି ରେ ।୮।

ଯେତେ ଦୋଷ କରିଥିଲେ ଥରେ ତା ନାମ ସ୍ମରିଲେ
ଜାଣି ରଖ ସବୁ ପାପୁ ହୋଇଯିବୁ ପାରି ରେ ।୯।

କୋଟି ଅପରାଧ କରି ଥରେ ବୋଲ ଗୁରୁ ହରି
ଯମ ଜଞ୍ଜାଳ ଯେତେକ ନେବେ ଗୁରୁ ହରି ରେ ।୧୦।

## ଦୁନିଆଁ ରେ ମୋର କେହିନାହି କିଛି ନାହିଁ

ଦୁନିଆଁ ରେ ମୋର କେହିନାହି କିଛି ନାହିଁ
ତୁମେ ଅଛ ବୋଲି ଡାକେ ତୁହାଇ ତୁହାଇ ।ଠ।

ମନ କହେ ସଦା ଡାକିବି ତୁମକୁ
ତୁମେ ମୋର ତୁମେ ମୋର
ଚଉପାଶେ ଘେରି, ଷଡରିପୁ ଗଣ
କରୁଛନ୍ତି ହରବର
ତୁମେ ହେ ଦିଅ ବତାଇ
ତୁମେ ଅଛ ବୋଲି ଡାକେ ତୁହାଇ ତୁହାଇ ।୧।

କର ମୋର ଖଟୁ ଥାଉ ନିରନ୍ତର
ତୁମରି ସେବକ ପଣେ
ଶିର ମୋର ଲୋଟୁଥାଉ ନିରନ୍ତର
ତୁମ ଶ୍ରୀ ରଙ୍ଗା ଚରଣେ
ଦିଅ ସେହି ବାଟ କହି
ତୁମେ ଅଛ ବୋଲି ଡାକେ ତୁହାଇ ତୁହାଇ ।୨।

ମାଗୁଣି ଏତିକି ରଖ ଜୀବଧନ
ନକର ମୋରେ ଅନ୍ତର
ଜୀବ ଯିବା ବେଳେ ଦେଖେ ତବ ରୂପ
ଜପେ ନାମ ନିରନ୍ତର
ନିଅ ହେ ପଥ ମଣାଇ
ତୁମେ ଅଛ ବୋଲି ଡାକେ ତୁହାଇ ତୁହାଇ ।୩।

## ଦେଇ କି ଧନ ତୋଷିବି ମନ

ଦେଇ କି ଧନ, ତୋଷିବି ମନ ? ।ଠ।

କୁସୁମ କାନନେ ବୁଲି – ବାସଫୁଲ ମୁଁ ବାଛିଲି
ସରାଗେ ପରାଗ ବୋଳି – ଅଛି ସେ ପାଖୁଡା ମେଲି
ଭ୍ରମର କହିଲା କାନେ
ଏ ପରା ତୁମରି ଦାନ ।୧।

ପଖାଳିବି ପାଦ ବେନି – ଭାଳି, ଗଲି ଜଳ ଆଣି
ଶୁଣିଲି ସେ କୁଳୁ ଭଣି – ଗୀତ ଗାଇ ନାଚେ ପୁଣି
ଲହରୀ ତାଳେ ଜଣାଏ
ତୁମେ ତାର ଜୀବଧନ ।୨।

ସୁବାସ ଚୁଆ-ଚନ୍ଦନ – କରିବାକୁ ଅରପଣ
ଭାଳିଲା ମୋର ଏ ମନ – କରିଗଲି ଆହରଣ
ସବୁଥିରେ ବାରିଲି ମୁଁ
ତୁମ କାରିଗରିପଣ ।୩।

ଯାହା ଦେଖୁଛି ନୟନ – ସବୁ ତ' ତୁମରି ଦାନ
କି ଘେନି ମୁଁ ଅରଚନ – କରିବି ଭଲା ଚରଣ ?
ନାହିଁ ନାହିଁ କିଛି ଆନ
ଜୁହାରୁଛି ନିଃଶରଣ ।୪।

## ଦେଖ ଗୋ ବିଜେ ବିଶ୍ୱବନ୍ଦନ

ଦେଖ ଗୋ ବିଜେ ବିଶ୍ୱବନ୍ଦନ
ଅପରୂପ ରୂପ ଜଗମୋହନ ।ଠ।
ଆହା କି ଶୋଭା ସେ ଚାରୁ ଚରଣ
ଅମଳ କମଳ ଜିଣା ବରଣ ।୧।
କଟିତଟେ ରାଜେ ସିତବସନ
ଗଳେ ଦୋଳେ ମାଳା ଶ୍ୱେତ ସୁମନ ।୨।
ବିଭା ବିଭାସିତ ବିଧୂ ବଦନ
ସେନେହ ମମତା ମଖା ନୟନ ।୩।
ନ ଧର ଅଧର ହାସ ମଣ୍ଡନ
ଘନ କୃଷ୍ଣ କେଶ ଜଟା ଶୋଭନ ।୪।
ନିରେଖିଲେ ଥରେ ରୂପ ମୋହନ
ବିକି ହୋଇଯାଏ ମନ ପରାଣ ।୫।
ରଙ୍ଗ ଚରଣରେ କରେ ଜଣାଣ
ନ ଲିଭୁ ନୟନୁ ସେ ଅପଘନ ।୬।

## ଦେଖି କହିଲୁ କିଏ ସେ ତୋର

ଦେଖି କହିଲୁ କିଏ ସେ ତୋର
ସାରା ଦୁନିଆଁ ତ ଯେ ଯାହାର ।ଠ।

ସୁଖ ପାଏ ତୋତେ ସାରା ଦୁନିଆଁରେ
ଦେହଟାକୁ ଲୋଭ ଯା'ର
ସୁଖପାଉ ତୁ ତ, ଖରା ବରଷାରୁ
ରଖେ ବୋଲି ତୋର ଘର
ମଡା ପୋଡା ବାସିଦିନରେ ମନୁଆଁ, କେହି ନୁହେଁ ତ କାହାର ? ।୧। ।୧।

ବେଳ ଥାଉଁ ଥାଉଁ ଥିରକର ବାବୁ !
ଆପଣାର ଯେ ତୋହର,
ଜନମକାଳରୁ ମରଣ ଯାଏ ସେ
ସାଥୀ ଏକା ଜୀବନର
ସପନକୁ ସତ ମଣିରେ ମନୁଆଁ ! ମନୁଁ ତାକୁ ନ ପାଶୋର ।୨।

ସବୁଠାରୁ ସୁଖ ପାଏ ସେ ତ ତୋତେ
ସୁଖ, ଦୁଃଖ ସାଥୀ ଚିର
ଦିନକ ଭିତରେ ବାରେକ ମାତର
ଡାକି ତାକୁ ତୁ ପଚାର
ମନର ଆସନ ପାତିରେ ମନୁଆଁ ! ତା ପାଦ ଥାପନ କର ।୩।

ଫୁଲ ଫଳ ଲାଞ୍ଚ ଦେଇ ତାକୁ ସତେ
କରିବୁ କି ଆପଣାର ?
ଆଖି ମେଲି ଯାହା ବ୍ରହ୍ମାଣ୍ଡେ ଦେଖୁଛୁ
ସବୁ ଦରବ ତ ତା'ର
କି ଦେଲେ ତୋର ସେ ହେବରେ ମନୁଆଁ ! ତାକୁ ଏକା ତୁ ପଚାର ।୪।

## ଧନରେ ମାନରେ ମନ ନାହିଁ ନାହିଁ

(ମୋର) ଧନରେ ମାନରେ ମନ ନାହିଁ ନାହିଁ
(ମୋର) କମଳ ଚରଣ ଧୂଳି ଚାହିଁ ଚାହିଁ ।୦।

ବାସବ ଗାରିମା ଅବା କୁବେର ଧନ ଭଣ୍ଡାର
ସବୁ ତ ସେ ପଦତଳ ଚିର ସାଇତା ସମ୍ଭାର

ଭିଖାରୀର ଆଶା ଖାଲି କରୁଣା କଣାକ ପାଇଁ ।୧।

କାହିଁକି ଲୋଡିବି ଆଉ ଜାଣେ ଯାହା ପଲକର
ଭିଖାରୀ ମୁଁ ସତ ବାକି ସେ ଧନ ଅଲୋଡା ମୋର
ଜୀବନର ଆଶ ଏକା ଥିବି ପଦେ ଦାସ ହୋଇ ।୨।

## ଧନ୍ୟ ଧନ୍ୟ ଗୁରୁଦେବ

ଧନ୍ୟ ଧନ୍ୟ ଗୁରୁଦେବ ଶ୍ରୀନିଗମାନନ୍ଦ
ବିତରିଗଲ ଭକତେ ଅତୁଳ ଆନନ୍ଦ
ତୁମ ଉପଦେଶ ଯେତେ
ହେଉ ଜୀବନର ଚିର ସାଥୀ ଏ ମରତେ ।୧।

ବିଧିବରେ ଭାଗ୍ୟବନ୍ତ ଜନନୀ ପିଅର
ରଖିଲେ ନଳିନୀକାନ୍ତ ନାମଟି ତୁମର
ତୁମେ ଧରାକୁ ଆସିଲ
ଭକତି କମଳ ଜନ ମନେ ଫୁଟାଇଲ ।୨।

ପିନ୍ଧି ଡୋର କଉପୁନି କଣ୍ଠେ ବାନ୍ଧି ମାଳି
ଭକତି ବିହୁନେ ମିଳିବେ କି ବନମାଳୀ
ଶିଖାଇଲ ତୁମେ ଜନେ
ଘରେ ବସି ଡାକଦେଲେ ମିଳିବେ ସେ ଦିନେ ।୩।

ଆଖି ଆଗେ ସିନା ତୁମ ମର ଦେହ ନାହିଁ
କଥା କହୁଅଛ ତୁମେ ପାଶେ ପାଶେ ଥାଇ
ମନ ପୂରାଇ ଡାକିଲେ
ଆଖି ପିଛୁଳାକେ ଆସି ଦେଖା ଦିଅ ଭଲେ ।୪।

ଥାଅ ପଛେ ଦୂରେ ତୁମ ଉପଦେଶ ବାଣୀ
ଶୁଭୁଥାଉ କାନେ କାନେ ଏତିକି ମାଗୁଣି
ଜୟ ହେ ଚିର ଅମର
ଘେନା କର ଚରଣରେ ଭକତି ଜୁହାର ।୫।

## ଧନ୍ୟ ହଇଲ ଧରଣୀ ତୋମାର

ଧନ୍ୟ ହଇଲ ଧରଣୀ ତୋମାର
ରାତୁଲ ଚରଣ ପରଶିୟା
ଦୀନ ହୀନ ଜନ ହଇଲ ଧନ୍ୟ
ତବ କୃପାକଣା ଲଭିୟା ।୧।

ଯୁଗେ ଯୁଗେ ତୁମି ଗୁରୁରୂପେ ଆସି,
ଘୁଚାଓ ଧରାର ଦୁଃଖତାପରାଶି
ଶୁଷ୍କ ହୃଦୟ ସିକ୍ତ କରଗୋ
କରୁଣା-ଅମୃତ ସିଞ୍ଚିୟା ।୨।

ନିଗମାନନ୍ଦରୂପେତେ ଏବାର
ପ୍ରକାଶିଲେ ଯଦି ଭୂତଲେ
ଅନାଥ କାଙ୍ଗାଲ ମୋରା ଯାଚି
ଠାଁଇ ତବ ଶ୍ରୀଚରଣ-ତରୁମୂଲେ ।୩।

ଭଜନବିହୀନ ମୂଢ ଅଭାଜନେ
ନିଜ କୃପାଗୁଣେ କ୍ଷମିୟା
ଧନ୍ୟ କର ଗୋ ସ୍ନିଗ୍ଧ କରୁଣ
କରୁଣାକଣା ପ୍ରଦାନିୟା ।୪।

## ଧରା ପଡିଛ ହେ ନଦୀୟାଚାନ୍ଦ

ଧରା ପଡିଛ ହେ ନଦୀୟାଚାନ୍ଦ
ପୀରତି ଡୋରିରେ ବାନ୍ଧି ନାଚନ୍ତି
ଭକତବୃନ୍ଦ ହୋଇ ଆନନ୍ଦ ।୦।

ଆଉ କାହିଁ ଯିବ ଦୂରେ ଚାଲି ପାସୋର ମନୁ
ଭକ୍ତ ହୃଦ-କାରାଗାରେ ବନ୍ଦୀ ହୋଇଛ ଯେଣୁ
ପ୍ରେମ-ଶିକୁଳିରେ ବନ୍ଧା ଛନ୍ଦା ତୁମ କମଳ-ପଦ ।୧।

ସର୍ବ ଘଟେ ଘଟେ ରହିଅଛ ଗୋପନରେ
ମୋର ସ୍ମୃତି ପଟେ ଆସ ନିତି ସପନରେ
ଆସି ଲୁଚିଯାଅ କାହିଁ ଖୋଜେ ମୁଁ ହଜାଇ ନିଦ ।୨।

କିଏ କଳିବ ତୁମର ସ୍ନେହ-କରୁଣା ଯେତେ
ଜୀବ ଉଦ୍ଧାରିବା ପାଇଁ ଆସିଅଛ ମରତେ
ଏତେ ଦରଦିଆ ଦିଅଁ ଭକତ ସୁଖ-ସମ୍ପନ୍ଦ ।୩।

ସତେ ବହୁଭାଗ୍ୟ ଫଳେ ଏବେ ଦେଇଛ ଦେଖା
ତୁମେ ଭକତର ପିତାମାତା ଭକତ ସଖା
ଭକତ ସୁଖରେ ସୁଖୀ ଭକତ ଦୁଃଖେ ବିଷାଦ ।୪।

ମନ-ପ୍ରାଣ କିଣି ନେଲା ତୁମ କମ ମୂରତି
ସେହି ଦିନୁ ଯୋଡି ହେଲା ପ୍ରଭୁ ଭାବ-ପୀରତି
କମଳ-ଚରଣେ ରଖ କରିଣ ନିତ୍ୟ ପାର୍ଷଦ ।୫।

## ନ ଥିଲେ ଅପରାଧୀ ମୋହ ସରି

ନ ଥିଲେ ଅପରାଧୀ ମୋହ ସରି
କ୍ଷମା ମାଗିବ କିଏ ପାଦ ଧରି ।୦।

କ୍ଷମା-ସାଗର ବୋଲି, ତିନି ଜଗତେ ହୁରି
ପଡୁଛି, ଶୁଣୁଛି ମୁଁ କାନ ଭରି
ମନରେ ହେଜିହେଜି, ସେହି ଘୋଷଣା ଆଜି
ଆସିଛି, ପରଖିବି ଟାଣ କରି ।୧।

ସତେ ସିଂହ-ଦୁଆର, କିଳିଦେବ ଠାକୁର !
ମନ-ଆଶା ମୋ ମନେ ଯିବ ମରି
ଅଶେଷ ଅପରାଧୀ, ଜନେ ହେ ଦୟାନିଧି !
ମିଶିଛି ପରା, ମୁଁ କି ଯିବି ଫେରି ? ।୨।

କ୍ଷମା ନ ଦେଲେ ମୋତେ, କଳଙ୍କ ଏ ଜଗତେ
ରଟିବ ସିନା, ଲାଜେ ଯିବି ସରି
ପିତା ମୋର ମହତ, ହୋଇ କି ବିପରୀତ
ଫଳ ଫଳିଲା ଭଲା କେଉଁପରି ? ।୩।

## ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର

ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର?
ସୁରେ ସୁର ନ ମିଶିଲେ ବେସୁରା ବୀଣା ତାର ।୦।

ମନର ମିଳନ ଯେବେ ମନ ତୁଲେ ନ ହେଲା
ଏକ ସୁରେ କଣ୍ଠ ଯେବେ ମିଳନ ପାଶୋରିଲା
ପରାଣର ମେଳ କାହୁଁ ହେବ ଥରେ ବିଚାର ।୧।

ଘୁମାଇଁ ନ ରହ ଆଉ, ଯାଏ ଗଡି ବେଳ ତ
ଏକ ତାନେ, ଏକ ସୁରେ ଗାଅ ଗାଅ ସେ ଗୀତ
ଯେ ଗୀତର ଛନ୍ଦେ ଭରା, ଗୁରୁ ନାମ ମନ୍ତ୍ର ।୨।

କେହି ନୁହେଁ ପର କା'ର ଏଇ ଧୂଳି ଧରାରେ
କହ କା'ଜନମ ନୁହେଁ ମାଟି ମାଆ କୋଳରେ
ବାଉଳା ସେ, ଏ ମନ୍ତ୍ର ହୁଏ ଯା'ର ପାଶୋର ।୩।

ଆସ, ଜାଗ, ନାମ ତାର ଗାଅ କଣ୍ଠ ମିଳାଇ
ଜାଣନା କି ଜୀବନର ନାଉରୀ ଏକା ସେହି
ସେଇ ଗୁରୁ, ସେଇ ବ୍ରହ୍ମା, ସେଇ ବିଷ୍ଣୁ ଶଙ୍କର ।୪।

## ନନ୍ଦନବନ ପାରିଜାତ ତୁମେ

ନନ୍ଦନବନ ପାରିଜାତ ତୁମେ, ବନ୍ଦନ ମୋର ଘେନ
ଅନ୍ଧନୟନେ ରଞ୍ଜନ କର ଜ୍ଞାନର ଅଞ୍ଜନ ।୦।

ତୁମେ ସୁରଧୂନୀ ଧାର
ଧୁଅ ମୋର ମାୟା ଘୋର
କଣ୍ଠରୁ ତବ 'ମା ଭୈ' 'ମା ଭୈ' ଶୁଣଇ ବ୍ୟଥିତ ଜନ
ନିଖିଳ ନୟନ ଆବାହନ କରେ ତବ ଶୁଭ ଆଗମନ ।୧।

ସ୍ୱପ୍ନର ତୁମେ ସତ୍ୟ
ସୃଷ୍ଟିର ତୁମେ ତତ୍ତ୍ୱ
ମୁକ୍ତିପିଆସୀ ହତାଶ ଜୀବନେ ଦୀପଶିଖା, ତେଜିଆନ
ବିଶ୍ୱଜନତା ଅଭୟ ଲଭଇ, କରି 'ଜୟଗୁରୁ' ଗାନ ।୨।

ତୁମ ସଙ୍ଗୀତ ସୁର
ମଙ୍ଗଳମୟ ଚିର
ମୂର୍ଚ୍ଛନା ତା'ର ଚରାଚର ଛୁଇଁ, କଲ୍ୟାଣ କରେ ଦାନ
ତାପିତ, ପୀଡିତ, ଦଳିତ ଜୀବନେ, ଶାନ୍ତିର ଆଲେପନ ।୩।

ଯୁଗ ଧର୍ମର ରକ୍ଷୀ
ନିତ୍ୟର ତୁମେ ସାକ୍ଷୀ
ଅମର ବାଣୀରେ ଅମୀୟର ଧାର ବରଷ ଜଗଜୀବନ !
ନିଠୁର ନ ହୁଅ ଶରଣାଗତରେ, ଚରଣେ ଦିଅ ଶରଣ ।୪।

## ନବ ସୁନ୍ଦର ମୋହନ କାନ୍ତି ଧର

ନବ ସୁନ୍ଦର ମୋହନ କାନ୍ତି ଧର !
ପଦ କଞ୍ଜତଳେ ହେଉ ଠାବ ମୋର ।୦।

ଚେତନେ, ଶୟନେ ସବୁ ମାୟା ଭୁଲି,
ରଟୁ ଏ ରସନା ଗୁରୁନାମ ଖାଲି
ରାଗ, ରୋଷମାନ ମାନସୁଁ ପାସୋର
ଗୁରୁନାମ ସୁମରଣ ହେଉ ସାର ।୧।

ଆଜି ଅଛି ଯାହା ସେ ତ ଦି'ଦିନର
ପଲକେ ସେ ଚାଲିଯିବ ଯମପୁର
ଭାଇ, ବନ୍ଧୁ କରିଦେବେ ସାତପର
ମନରୁ ସବୁରି ଯିବି ମୁଁ ପାସୋର ।୨।

ଜୀବ ଛାଡିଗଲେ ଭୂତ ବୋଲି କହି
ଶମସାନ ଭୂମିକୁ ତ ନେବେ ବହି
ସ୍ନେହ ମାୟା ମମତା ପାସୋରି ଦେଇ
ବନ୍ଧୁ ବାନ୍ଧବ ତୋ ସାଥୀ ପଲକର ।୩।

ଚରଣ ତଳେ ମାଗୁଛି ଠାବ ମୁହିଁ
ଆଉ ମାନ ଗଉରବ ଆଶା ନାହିଁ
ବାରଣ ନ କର ପ୍ରଭୁ ଭାବଗ୍ରାହୀ
ବଳ ଦିଅ ତବ ନାମ ଭଜିବାର ।୪।

## ନବ ବରଷର ପ୍ରଥମ ପ୍ରଭାତେ

ନବ ବରଷର ପ୍ରଥମ ପ୍ରଭାତେ
କରେ ତବ ପ୍ରଣିପାତ
ହେ ମୋର ପ୍ରାଣର ଆରାଧ୍ୟ ଦେବତା
ହେ ମୋର ଜୀବନ ନାଥ ! ।

ତୁମରି କୃପାର ଆଲୋକ ବିତରି
ଅନ୍ଧକାର ନାଶିଦିଅ
'ଅହଂ ମମତା' ଘୁଞ୍ଚାଇଣ ପ୍ରଭୁ
ତୁମରି କରିଣ ନିଅ ।

ଦେହର ଜଡତା ମନର କାଳିମା
ଘୁଞ୍ଚିଯାଉ ମୋର ଦୂରେ
ଅନ୍ତର ପୁର ପୁରି ରହିଥାଉ
ତୁମରି ମୋହନ ସ୍ୱରେ ।

ଶୁଦ୍ଧ କର ହେ ବୃତ୍ତି ମୋହର
ଉର୍ଦ୍ଧ୍ୱେ ଚାଳିତ କର
ତୁମରି ଅଭୟ- କର ପ୍ରସାରିଣ
ଆମ୍ଭଙ୍କୁ କୋଳରେ ଧର ।

ଅନ୍ତର ମଧ୍ୟରୁ ବିଦୂରିତ କର
ଅଶୁଭ ସଂସ୍କାରରାଶି
ଅଜ୍ଞାନର ମୂଳ ଚିର ଦିନ ପାଇଁ
ଦିଅ ହେ ଠାକୁର ନାଶି ।

ଜ୍ଞାନର ଅଗ୍ନିରେ ପୋଡିଦେଇ କାଟ
ସକଳ କରମ ଡୋର
ପ୍ରେମ-ପ୍ଲାବନରେ ଭସାଇ ଦିଅ ହେ
ଦଗଧ ହୃଦୟ ମୋର ।

ସେ ମରୁ ହୃଦରେ ହେଉ ଜାଗରଣ
ପ୍ରେମର ବୃନ୍ଦାବନ
ନିତ୍ୟଲୋକର ଆଭାସ ଫୁଟୁ ହେ
ମୋ ଅନ୍ତରେ ଅନୁକ୍ଷଣ ।

ମଦନେ ମୋହିଣ ସାର୍ଥକ କର
ମଦନମୋହନ ନାମ
ହୃଦରେ ସର୍ବଦା ଜାଗୁ ହେ ଠାକୁର
ତୁମରି ମୋହନ ଠାମ ।

ତୁମକୁ କେବଳ ଦେଖିବି ଠାକୁର
ସକଳ ହୃଦ ମଧ୍ୟରେ
ତୁମକୁ ଘେରିଣ ହେଉ ଜାଗରଣ
ଜଗତ ନୂଆ ଭାବରେ ।

ପ୍ରତି ଅଣୁ ମଧ୍ୟେ ତୁମରି ବିକାଶ
ଦେଖିବାକୁ ଯେହ୍ନେ ପାଇ
ତୁମରି ରୂପର ମାଧୁରିମା ମଧ୍ୟେ
ନିଜକୁ ଦେଇ ହଜାଇ ।

ତୁମରି ମଙ୍ଗଳ- ଇଚ୍ଛାର ଯେପରି
ଦେଇପାରେ ସଦା ଜୟ
ନିର୍ଭର କରିଣ ତୁମରି ଉପରେ
ହୋଇ ପାରିବି ନିର୍ଭୟ ।

ବିଶ୍ୱାସ ଦିଅ ଦିଅ ନିର୍ଭରତା
ଦିଅ ହେ ଭକତି-ଜ୍ଞାନ
ଦିଅ ମନେ ବଳ ଦୃଢତା ଅଟଳ
ଦିଅ ହେ ଅଦୀନ ପ୍ରାଣ ।

ବାହୁରେ ଶକ୍ତି ହୃଦୟରେ ଭକ୍ତି
ଆସୁ ହେ ଦେବତା ଜାଗି
ସ୍ୱଭାବ-ବିରୋଧୀ ରିପୁର ପ୍ରଭାବ
ନିମିଷକେ ଯାଉ ଲିଭି ।

ନୟନ ମଧ୍ୟରୁ ମାୟା-ଆବରଣ
ଯାଉ ମୋର ତ୍ୱରା ଖୋଲି
ବିଶ୍ୱରୂପଙ୍କୁ ଦର୍ଶନ କରି
ଲୋଟିବି ଚରଣେ ବୋଲି ।

ଜଗତକୁ ଯେହ୍ନେ ତବ ରୂପ ଭାବି
ପାଇବି ହେ ଅତି ଭଲ
ତୁମରି ଅସୀମ ପ୍ରେମର କଣିକା
ସସୀମ ହୃଦୟେ ଢାଳ ।

ଦିଅ ଜ୍ଞାନ ପ୍ରେମ କର୍ମଶକ୍ତି ଦିଅ
ସାଧିବି ତୁମରି କାର୍ଯ୍ୟ
ସବୁ ଆବରଣ ହରି ନେଇ ପ୍ରଭୁ
ଦିଅ ହେ ସେବକ ସାଜ ।

ସବୁ ଅଭିମାନ ଚୂର୍ଣ୍ଣ କରି ହେ
ତୁମରି କରିଣ ନିଅ
ତୁମରି ବିନ୍ଦୁ ସେବା ଅଧିକାର
ଦିଅ ପ୍ରଭୁ ମୋତେ ଦିଅ ।

ତୁମ୍ଭେ ମୋର ପ୍ରଭୁ ମୁହିଁ ତବ ଦାସ
ରହୁ ସଦା ଏହି ଜ୍ଞାନ
ନିର୍ମମ କରି ଚୂର୍ଣ୍ଣ କର ହେ
ମୋର ଦମ୍ଭ ଅଭିମାନ ।

ତୁମରି ଅତୁଳ ରୂପ ଆଲୋକରେ
ପୂର୍ଣ୍ଣ କର ମୋର ପ୍ରାଣ
ସ୍ନେହର ପରଶ ଦେଇ ହେ ଠାକୁର
ଅହମିକା କର ଚୂର୍ଣ୍ଣ ।

ତୁମରି ନାମର ଅମିୟ-ସାଗରେ
ବୁଡାଇଣ ମୋତେ ଦିଅ
ଚିର ଜୀବନର ଧ୍ରୁବତାରା ହୋଇ
ହୃଦୟ ଆକାଶେ ରୁହ ।

## ନମୋ ନମୋ ନମଃ ପ୍ରଭୁ

ନମୋ ନମୋ ନମଃ ପ୍ରଭୁ ନର ରୂପ ଧର
ଜଗତଗୁରୁ ହେ ଦେବ ବେଦାନ୍ତ ଭାଷ୍କର
ବ୍ରାହ୍ମି ସ୍ଥିତି ସମାହିତ ଆହେ ଯୋଗୀଶ୍ୱର
କୁଞ୍ଚିତ କୁନ୍ତଳ ତବ ପରମରୁଚିର -୧-

ପ୍ରେମ ଅବତାର ଦେବ କୃପା ପାରାବାର
ଅରୁଣ ନୟନ ଯୁଗ ଭକ୍ତ ଜ୍ୱାଳା ହର
ତୁଳସୀ ମାଳ ଚନ୍ଦନ ଦୁର୍ବା ବିଲ୍ୱଦଳ
ସୁଶୋଭିତ ଅଙ୍ଗ ତବ ଅତିମନୋହର -୨-

ନିତ୍ୟ ଲୋକେଶ୍ୱର ଆହେ ପୂଜ୍ୟ ଗୁରୁବର
ଯୁଗେଯୁଗେ ତୁମେ ସଦା ଗୁରୁ ଅବତାର
କଳୁଶ କଳଙ୍କ ନାଶି ମର ଜଗତର
ଜୀବ ଉଦ୍ଧାରିବା ପାଇଁ ଧରକଳେବର
ଜୟଗୁରୁ ଜୟଗୁରୁ ପରମ ଈଶ୍ୱର
ତବ ପାଦ ପଦ୍ମେ ରଖ ଅଧମେ କିଙ୍କର -୩-

## ନୟନ ଧାରେ ଧାରେ

ନୟନ ଧାରେ ଧାରେ ଅଞ୍ଜନ ଦିଅ ଗାରେ
ନିରେଖିବି ତୁମ ରୂପ ସବୁରି ଭିତରେ ।୦।

ସୁନ୍ଦର ଶ୍ରୀମୁଖ ହେରି
ନିଜକୁ ଦେବି ପାଶୋରି
ପୁଲକିତ ହେବ ଚିତ୍ତ ତୁମ ଧିଆନରେ ।୧।

ପ୍ରୀତିରେ ମିଶିବ ପ୍ରୀତି
ଗାଇ ତୁମ ଜ୍ଞାନ ଗୀତି
ଅବଗାହିବି ମୁଁ ନିତି ଭାବ-ପାରାବାରେ ।୨।

କର ବାରେ କୃପାନିଧି
ମୋ ଲାଗି ଏତିକି ବିଧି
ଶୁଣାଇବି ତୁମ ସୁର ଜଗତ ଜନରେ ।୩।

ତୁମେ ମୋ ଆଚାର୍ଯ୍ୟ ଶ୍ରେଷ୍ଠ
ମୁଁ ତୁମ ଦାସ କନିଷ୍ଠ
ଶିର ପାତି ଥିବି ଚିର ଚାରୁ ଚରଣରେ ।୪।

## ନୟନ-ରଞ୍ଜନ ନୟନେ ନୟନେ

ନୟନ-ରଞ୍ଜନ ନୟନେ ନୟନେ
ଅଞ୍ଜନ ହୁଅ ହେ ମୋର
ମନକୋଣେ ଲୁଚି ଖେଳ ଲୁଚକାଳି
ହୋଇ ତୁମେ ଚିତ୍ତଚୋର ।୧।

କଣ୍ଠତଟେ ନିଶିଦିନ ଝୁଲୁଥାଅ
ହୋଇ କଣ୍ଠ-ରତ୍ନହାର
ସୁବାସ ଅଗୁରୁ ଚନ୍ଦନ ହୋଇ ମୋ
ଲେପନ ହୁଅ ଅଙ୍ଗର ।୨।

ମଥା ପରେ ମୋର ବିରାଜୁ ଥାଅ ହେ
ହୋଇ ତୁମେ ଶିରୋମଣି
ହୃଦସିଂହାସନେ ହେ ଦେବତା ତୁମେ
ହୋଇଥାଅ ଚିନ୍ତାମଣି ।୩।

ନାସାପୁଟେ ହୋଇ ନିଃଶ୍ୱାସ ତୁମେ
ଅନ୍ତରେ ମୋ ଖେଳାକର
ବସନ ହୋଇ ମୋ ଅଙ୍ଗେ ଜଡି ରହି
ନିରତ ଲଜ୍ଜା ନିବାର ।୪।

ଶୟନେ ସପନେ ଘୁମେ ଜାଗରଣେ
ସଙ୍ଗେ ଥାଅ ମୋର ପ୍ରିୟ !
ଗୁରୁଦାସ ପଣେ ଶ୍ରୀଚରଣ ତଳେ
ସେବାର ନିଯୋଗ ଦିଅ ।୫।

## ନୟନ ତୁମକୁ ପାରେ ନାହିଁ ଦେଖି

ନୟନ ତୁମକୁ ପାରେ ନାହିଁ ଦେଖି ରହିଛ ନୟନେ ନୟନେ
ହୃଦୟ ତୁମକୁ ପାରେ ନାହିଁ ଜାଣି ହୃଦୟେ ରହିଛ ଗୋପନେ ।୦।

ବାସନା ବଶରୁ ଅବିରତ ମନ
ଧାଏଁ ଦଶଦିଗେ ପାଗଳ ସମାନ
ସାକ୍ଷୀ ରୂପେ ତୁମେ ସତତ ମରମେ ଜାଗିଛ ଶୟନେ ସ୍ୱପନେ ।୧।

ତେଜିଛନ୍ତି ସର୍ବେ କେହି ନାହିଁ ଯାର
ତୁମ ସ୍ନେହ ଅଛି ତୁମେ ଅଛ ତାର
ନିରାଶ୍ରୟ ଜନ ଗୃହ ନାହିଁ ଯାର ରଖ ତାକୁ ତୁମ ଭବନେ ।୨।

ତୁମ ବିନା ସାଥୀ କେହି ନାହିଁ ମୋର
ସମ୍ମୁଖେ ଅନନ୍ତ ଜୀବନ ବିସ୍ତାର
କାଳପାରାବାର କରୁଅଛ ପାର କେହି ନ ଜାଣଇଁ କେସନେ ।୩।

ତୁମେ ଅଛ ବୋଲି ମୁହିଁ ସିନା ଅଛି
ତୁମେ ପ୍ରାଣମୟ ତେଣୁ ମୁଁ ବଞ୍ଚିଛି
ଯେତେ ପାଇଲେ ହେଁ ତୃପ୍ତି ନ ଆସୁଛି ଯେତେ ଜାଣିଲେ ବି ନ ଜାଣେ ।୪।

ତୁମକୁ ପାଇବି ଜାଣେ ନିରନ୍ତରେ
ଲୋକ ଲୋକାନ୍ତରେ ଯୁଗ ଯୁଗାନ୍ତରେ
ତୁମ ଆଉ ମୋହ ବିନା କେହି ନାହିଁ, ନାହିଁ କିଛି ବାଧା ମିଳନେ ।୫।

## ନୟନାଭିରାମ ଆମ ପ୍ରଣିପାତ ଘେନାକ୍ଷର

ନୟନାଭିରାମ ଆମ ପ୍ରଣିପାତ ଘେନାକର
ଆଜି ଏ ଶୁଭଲଗନେ ଘେନ ପ୍ରାର୍ଥନା ଆମର |୦|

କେବେ ତୁମର ବିପୁଳ ସୁଶୋଭିତ ବକ୍ଷସ୍ଥଳ
ସୁଦୀର୍ଘ ନେତ୍ର-ଯୁଗଳ, ହୋଇବ ଦୃଷ୍ଟିଗୋଚର |୧|

ତବ ମୃଦୁ ମନ୍ଦହାସ ଅଧର ମଧୁର ଭାଷ
ସୁମଧୁର ଉପଦେଶ ଶୁଣିବ କର୍ଣ୍ଣ ଆମର |୨|

କେବେ ଚପଳ କିଶୋର ତବ ମୂର୍ତ୍ତି ମନୋହର
ହେରି ପ୍ରାଣ ମନ ଆମ ତୃପତ ହୋଇବ ଚିର |୩|

କେବେ ନିତ୍ୟଲୋକ ଯାଇ ଅଷ୍ଟସଖୀ ବେଶ ହୋଇ
କରିବୁ ତୁମର ସେବା, ତୋଷିବୁ ମନ ତୁମର |୪|

ଏହି ପ୍ରାର୍ଥନା ଆମର ପୂରଣ କର ସୁନ୍ଦର
ଏ ଜୀବନ ହେଉ ତୁମ ପୟର କିଣା କିଙ୍କର |୫|

## ନା'ଆ ଟଳମଳ ଝଞ୍ଜା ଖର

ନା'ଆ ଟଳମଳ ଝଞ୍ଜା ଖର
ନାଉରୀବର ହେ ନାଉରୀବର
ଅନ୍ଧାର ରାତିକୁ ମେଘ ଘୋର
ଲାଗୁଛି ଡର ହେ ନାଉରୀବର |୦|

ମନ ତରଣୀ ଭରିଛି ବାସନାରାଶି
ଆସକ୍ତି ସଲିଳେ ଭାସେ ଦିବସ ନିଶି
ଆହୁଲା ଟାଣୁଛି ଅହଙ୍କାର, କର୍ମେ ଶରୀର |୧|

ଅଜ୍ଞାନ ତିମିରେ ଅନ୍ଧ ଚେତନା ହଂସ
ସଂସାର-ପଙ୍କେ ପହଁରି ହୁଏ ଅବଶ
ବ୍ରହ୍ମ ଅରବିନ୍ଦ କରି ଦୂର, କି ହରବର |୨|

ଚବିଶି ପ୍ରକୃତି ଘନ ବଉଦ ବାରି
ଚିତ୍ତ-ଗଗନ ଗରଭ ଦେଉଛି ଭରି
ବିବେକ ବୁଡାଇ ବାର ବାର, କର ଉଦ୍ଧାର |୩|

ଭୟ-ତାରଣ-କାରଣ ପରାଣପ୍ରିୟ
ସନ୍ତପ୍ତ ସନ୍ତାନ ମାଗେ ବର ଅଭୟ
ଅଶେଷ ଆଶିଷ ସୁଧାଧାର, ଅଳି ମୋହର |୪|

## ନାହିଁ ନନ୍ଦନ ବନର ସୁମନ

ନାହିଁ ନନ୍ଦନ ବନର ସୁମନ ନାହିଁ ଚନ୍ଦନ ଚୂଆ
ଭକତି ପୋଥିରେ ଡୋରବନ୍ଧା ମୋର ପ୍ରଣତି ଶିଖୁଛି ନୂଆ ।୦।

କଳୁଷ ଜଳଧି ଉର୍ମିରେ ମୁହିଁ
ଆସିଛି ପ୍ରିୟ ଗୋ ଆଜି ମଥା ଧୋଇ
ଦିଅ ପରା ତୁମେ ଚରଣ-ପରଶ ନ ବାରି ଛୁଆଁ-ଅଛୁଆଁ
ଦେଉଳ ଦୁଆରେ ଆସିଛି ଆଜି ମୁଁ ଶୁଣି ଏଇ ଲୋକ କୁହା ।୧।

ନ ଦେଲେ ନ ଦିଅ ଚରଣ ପରଶ
କଳଙ୍କ ଲାଗିବ ହେବ ଅପଯଶ
ଦୂରୁଁ ଘେନ ପ୍ରିୟ ! ବନ୍ଦନ ତେବେ ମାନ ମୋର ସାନକୁହା
ବନଫୁଲଟିଏ ଆଣିଛି, ଭେଟିବି ଭରା ଆଖି ପାଣି ଧୁଆ ।୨।

## ନାମ ଭଜୁ ଥା'ରେ ମନପକ୍ଷୀ ହେଳା ନ କରି

ନାମ ଭଜୁ ଥା'ରେ ମନପକ୍ଷୀ ହେଳା ନ କରି
କରିଲେ ତୁ ହେଳା ବୁଡିଯିବ ଭେଳା
ଅଜାଣନ୍ତେ ଜୀବ ଯିବ ବାହାରି ।୦।

କାମନା ବାସନା ତୋର ଦୁଇ ଡେଣା
ଯାହା ପାଇଁ ତୁହି ଉଡି ବୁଲୁ ସିନା
ପାଇବୁରେ ଧକ୍କା ଡେଣା କାଟି ପକା
ଧରି ସଦ୍‌ଗୁରୁ ଜ୍ଞାନ-କଟୁରି ।୧।

ଜଞ୍ଜାଳ-ଜାଲକୁ ବିଛାଇ ଗୁପତେ
କାଳ-ଶବର ଯେ ବାନ୍ଧି ନେବ ତୋତେ
ଜ୍ଞାନ-ଚଞ୍ଚୁ ଧାରେ କାଟି ପକା ତା'ରେ
ଶ୍ରୀଗୁରୁ ଗୋବିନ୍ଦ ନାମ ସୁମରି ।୨।

ରୂପ ହେରି ଜପ କରୁଥିବୁ ନାମ
ଦୁଃଖ ହରି ସୁଖ ଦେବେ ପ୍ରିୟତମ
ଯେତେ ଦିନ ଥିବୁ ଶ୍ରୀପଦ ସେବିବୁ
କାଳ-ପାଶୁ ନେବେ ତୋତେ ଉଦ୍ଧାରି ।୩।

## ନାରାୟଣ ! ଘେନ ବନ୍ଦନ

ନାରାୟଣ ! ଘେନ ବନ୍ଦନ
ଅଗତି ଗତି କାରଣ ।୦।

ତାରା ହରା ଏ ନୟନ, ଅନ୍ଧାର ରଜନୀ ଦିନ
ଘେନାଇ ଦିଅ ଅଞ୍ଜନ ହେରୁ ତବ ଶ୍ରୀଚରଣ ।୧।

କର ପ୍ରଦୀପ ଧାରଣ, ଆଖି ଆଗେ ଜନାର୍ଦ୍ଦନ !
ଉଜ୍ଜ୍ୱଳ ଦିଶୁ ଭୁବନ ସାର୍ଥକ ହେଉ ନୟନ ।୨।

ଜଟୀଳ ସ୍ୱାର୍ଥ ବନ୍ଧନ, ପାଶ କର ବିମୋଚନ
ଘୁଞ୍ଚୁ ସକଳ ଅଜ୍ଞାନ କର ହେ ଆଲୋକ ଦାନ ।୩।

ବଳହୀନ ଏ ପରାଣ, ଶକତି କର ହେ ଦାନ
ତବ ଚରନ ଧିଆନ ବିଶ୍ୱାସ ହେଉ ମୋ ଟାଣ ।୪।

## ନିଅ ପ୍ରଭୁ ହାତ ଧରି

ସାଗରେ ତରଙ୍ଗପରି ଅଧୀର ମୋ ମନ ଭାରି
ଥିଲେ ବି ସାଗର ଅଙ୍କେ ଚିହ୍ନି ନ ପାରେ ଯେପରି ।୦।

କେତେ ଜନମର ଯେତେ ସଞ୍ଚିତ କରମ
ଜୀବନ-ପଥକୁ କଲା ମରୁଭୂମି ସମ
ମରୁପଥେ ଚାଲି କେତେ
ପାଇବାକୁ କୃପାବାରି ଚାହିଁଛି ଚାତକ ପରି ।୧।

ରଙ୍ଗ ଦୁନିଆରେ ବୁଲି ଖିଆଲି ମନରେ
ତୁମ କଥା ଗଲି ଭୁଲି ମାୟା ମମତାରେ
ତୁମ ପାଇଁ ଝୁରେ ମୁହିଁ
ବଢାଇ କରୁଣା କର ଭବ-ସିନ୍ଧୁ କର ପାରି ।୨।

ଗୋପନ ମରମେ ଯେତେ ଅକୁହା ବେଦନା
ସଂପି ଦେଲି ତୁମ ପଦେ କର ପ୍ରଭୁ ଘେନା
ଏ ମିନତି ପଦେ ନିତି
ଅଶାନ୍ତିରୁ ପ୍ରଶାନ୍ତିକୁ ନିଅ ପ୍ରଭୁ ହାତ ଧରି ।୩।

## ନିଗମ ତାରକଂ

ନିଗମାନନ୍ଦଂ ବନ୍ଦେ ଜଗତତାରକମ୍
ନିଗମାନନ୍ଦଂ ଜ୍ଞାନାଲୋକପ୍ରକାଶକମ୍ ।୦।

ନିଗମାନନ୍ଦଂ ଭବବନ୍ଧନ-ମୋଚକମ୍
ନିଗମାନନ୍ଦଂ ପରମାନନ୍ଦଦାୟକମ୍
ନିଗମାନନ୍ଦଂ ସୌମ୍ୟ-ମଧୁର-ଦର୍ଶନମ୍
ନିଗମାନନ୍ଦଂ ସଚ୍ଚିଦାନନ୍ଦବିଗ୍ରହମ୍ ।୧।

ନିଗମାନନ୍ଦଂ ବ୍ରହ୍ମଜ୍ଞାନ-ବିକାଶକମ୍
ନିଗମାନନ୍ଦଂ ଭକ୍ତହୃଦୟ-ରଞ୍ଜକମ୍
ନିଗମାନନ୍ଦଂ ସାରସଂପଦଜ୍ଞାପକମ୍
ନିଗମାନନ୍ଦଂ ଦୀନ-ପତିତ-ପାବକମ୍ ।୨।

ନିଗମାନନ୍ଦଂ ନିଗମତତ୍ତ୍ୱଭୂଷଣମ୍
ନିଗମାନନ୍ଦଂ ଶୃତିବେଦାନ୍ତଭାସ୍କରମ୍
ନିଗମାନନ୍ଦଂ ସତ୍ୟ-ଶିବ-ସୁନ୍ଦରମ୍
ନିଗମାନନ୍ଦଂ ପ୍ରେମ-କରୁଣା-ନିଳୟମ୍ ।୩।

ନିଗମାନନ୍ଦଂ ଅନ୍ଧ-ତାମସ-ନାଶକମ୍
ନିଗମାନନ୍ଦଂ ଜୀବଦୁଃଖକାତରମ୍
ନିଗମାନନ୍ଦଂ ବନ୍ଦେ ଶ୍ରୀପଦଯୁଗଳମ୍
ନିଗମାନନ୍ଦଂ ଚରଣେ ଗଚ୍ଛ ଶରଣମ୍ ।୪।

## ନିଜ ଭାଗ୍ୟ ଭୋଗିବାକୁ ଆସିଛି

ନିଜ ଭାଗ୍ୟ ଭୋଗିବାକୁ ଆସିଛି ମୁଁ ଧରାଧାମ
ତୁମକୁ ଦୋଷ ମୁଁ ଦେଇ ପାରିବି କି ଭଗବାନ ? |୦|

ବିଗତ କରମ ଫଳ ଥୋଇଛି ମୁଁ ନିଜ ପାଇଁ
ଏ ଜନମେ ଭୋଗିବାକୁ ଦୁଃଖ ମୋର କାହିଁ ପାଇଁ ?
ତାକୁ କି କହିବି ଭାଗ୍ୟ ତୁମେ କରିଅଛ ଦାନ |୧|

ପୂରୁବ ଜନମେ ଯାହା କରି ନାହିଁ ସମାପତ
ସେହି କରମ ସକଳ ଏ ଜନମେ ଉପଗତ
ଅପରାଧ ଅରଜିବି ନ କରିଲେ ସମାପନ |୨|

କରମ କାଟିବ ନାଥ କରୁନାହିଁ ଅରଦଳି
ଅଧିକ ଜଂଜାଳ ଆଉ ଦିଅ ନାହିଁ ବନମାଳି !
କରମ ଫଳର ଦୁଃଖ ସହିବାକୁ ଦିଅ ମନ |୩|

ଶଙ୍କରଙ୍କ ଜ୍ଞାନ ଦିଅ, ଚୈତନ୍ୟ ଠାକୁର ପ୍ରେମ
ଦିନରାତି ଗାଉଥିବି 'ଜୟଗୁରୁ' ମହାନାମ
ଅବଶେଷେ ଠାକୁର ହେ ! ରଖିବ ତୁମେ ଶରଣ |୪|

## ନିଝୁମ ନିଦରେ ଶୋଇ ପଡିଥିଲି

ନିଝୁମ ନିଦରେ ଶୋଇ ପଡିଥିଲି
ଚେତା-ଚଇତନ ନାହିଁ
ଚମକି ଉଠିଲି ଡାକିଦେଲା ମୋତେ
ପରଭାତୀ ପକ୍ଷୀ ଗାଇ ।୦।

ଦେଖିଲା ନୟନ ମୋର
ନାହିଁ ଆଉ ଅନ୍ଧାର
ଉଠାଇଲା ଯିଏ ବିଚାରିଲି, ତାକୁ
ପ୍ରତିଦିନ ଦେବା ପାଇଁ
ପୂରୁବେ ଅରୁଣ ବାରି ମୋର ମନ
ହସି, କଲା ମୋତେ ଚାହିଁ ।୧।

ଚେତାଇ ଦେଲା ସେ ବୋଲି
ପକ୍ଷୀ କି ଆଦର କଲି
କହିଲା ସେ ମୋତେ, କଣ୍ଠେ ତା' ସୁର
ଦେଇଛି କିଏ ଭରାଇ
ଆଦେଶରେ ତାର ଗାଉଛି ସେ ଗୀତ
ଆୟତ୍ତ ତାହାର ନାହିଁ ।୨।

କିଏ ଶୁଣାଇଲା ମୋତେ
କିଏ ଚେତାଇଲା ସତେ
ସଭିଏଁ କହିଲେ ଭାରି ଛଇଳ ସେ
ସବୁ କରେ ଲୁଚି ରହି
କେତେ ସୁଖ ପାଏ ମୋତେ ବୋଲି ଭାଳି
ତା' ପଦେ ଜୁହାରେ ମୁହିଁ ।୩।

## ନିରାଶ ନ କର ଆଜି

ନିରାଶ ନ କର ଆଜି ଦୟାଳୁ ଠାକୁର ହେ
କରୁଣା କଣାଏ ମାଗେ ପାତି ବେନି କର ହେ ।୦।

ଯେ ଦାନେ ଦେଇଛ ଭରି ମୁରୁଛିବି ମୁଁ କି କରି
ପ୍ରତିଦାନେ ପ୍ରେମବାରୀ ପଦେ ଘେନା କର ହେ ।୧।

ଶୟନରେ ସ୍ୱପନରେ ସେ ମୂରତି ନୟନରେ
ହେରି ବେନି ଆଖି ମୋର ହେଉ ଶୁଦ୍ଧ ଚିର ହେ ।୨।

ସନ୍ତାନର ଦୋଷରାଶି କ୍ଷମାକର ଅବିନାଶୀ
ଏତିକି ମାତର ପ୍ରଭୁ ଆଶା ଏ ମନର ହେ ।୩।

## ନିରେଖ ନିରେଖ ଆଖି ରାଜେଶ୍ୱର ରାଜେ

ନିରେଖ ନିରେଖ ଆଖି ରାଜେଶ୍ୱର ରାଜେ
ରତନ ସିଂହାସନରେ ଗୁରୁଦେବ ବିଜେ |୦|

ଅଗଣିତ ନରନାରୀ ସେ ପଦ କୃପା ଭିଖାରୀ
କରୁଣା ଅମୃତପାନେ ଚିର ଆଶାୟିତ ମନେ
ଧାମନ୍ତି ସରବେ ନିରନ୍ତର |୧|

ଜ୍ଞାନଚକ୍ଷୁ ମେଲି ମନ ! କର କର ନିରୀକ୍ଷଣ
ଗୁରୁ ମୂରତି ମୋହନ ଗୁରୁ ବିନେ ନାହିଁ ଆନ
ତ୍ରାଣକାରୀ ଏ ମର-ଜୀବର |୨|

ନାହିଁ କେହି ଆନ-ଜନ ପିତା-ମାତା-ବନ୍ଧୁଜନ
ଗୁରୁ ଏକା ପ୍ରାଣଧନ ଗତି-ମୁକତି କାରଣ
ଗୁରୁ-ପ୍ରେମ ପାନ କର ସାର |୩|

ଆବାହନ ବଳେ ଯାର ପରାଣ ହୁଏ ଶୀତଳ
ନିରତ ବନ୍ଦନା କର ସେ ପାଦପଦ୍ମ ଯୁଗଳ
ଝରେ ତହୁଁ କରୁଣା-ନିର୍ଝର |୪|

## ନିରେଖ ନିରେଖ ମନ ଭୁବନମୋହନ କାନ୍ତି

ନିରେଖ ନିରେଖ ମନ ଭୁବନମୋହନ କାନ୍ତି
ସେ ଯେ ଗୁରୁ ପ୍ରେମମୟ ଅଖିଳ ବ୍ରହ୍ମାଣ୍ଡ ପତି |୦|

ତିନି ଜଗତର ବିଧି ଯା' ନାମ କରୁଣାନିଧି
ସବୁରି ଅନ୍ତରେ ଜଳେ ତାହାରି ଅମର ଜ୍ୟୋତି |୧|

ନିରୋଳା ମରମ ଘରେ ବିରହୀ ଯାହାରେ ଝୁରେ
ଦାଣ୍ଡର ଭିକାରୀ ଗାଏ ତା ଗୁଣ ଗାରିମା ଗୀତି |୨|

ଗଗନେ ତପନ ଭାସେ କାନନେ କୁସୁମ ହସେ
ଜଳ ସ୍ଥଳ ଅନ୍ତରୀକ୍ଷ କମନୀୟ ତା କୀରତି |୩|

ତା ପ୍ରେମ ଶ୍ରାବଣଧାରା ତିନ୍ତାଏ ତପତ ଧରା
ମୋହି ନିଏ ପ୍ରାଣ ମନ, ପାହିଯାଏ କଳାରାତି |୪|

## ନିଃଶ୍ୱାସକୁ ମୋର ବିଶ୍ୱାସ ନାହିଁ ପ୍ରଭୁ !

ନିଃଶ୍ୱାସକୁ ମୋର ବିଶ୍ୱାସ ନାହିଁ ପ୍ରଭୁ !
ଏଇ ମାଟି ଘଟୁ ଦିନେ ଯିବ ପଳାଇ
ପ୍ରଭୁ, ଦିଅ ତୁମ ପ୍ରେମ ଧନ ହୃଦେ ରଖିବି କରି ଯତନ
ଗଲାବେଳେ ଯିବି ତାକୁ ସାଥୀରେ ନେଇ ।୦।

ହୃଦ-ସରସୀରେ ଫୁଟାଇ ଦିଅ ତୁମ ପଦ-କମଳ
ମନ-କଳସୀରେ ପୂରାଇ ଦିଅ ତୁମ ପ୍ରେମ-ସଲିଳ
ସେହି ପ୍ରେମ ଜଳେ ଅବଗାହି ତୁମ ପାଦପଦ୍ମ ଚିତ୍ତେ ଧ୍ୟାୟି
ଜୀବନର ଯେତେ କାଳ ଦେବି ବିତାଇ ।୧।

ଅଖିଳ ବ୍ରହ୍ମାଣ୍ଡ ସ୍ୱାମୀ ହେ ତୁମେ ପରା ଜନକ ମୋର
ତୁମେ ଥାଉ ଥାଉ ତିନି ଭୁବନେ ମୋର କାହାକୁ ଡର
କର ତୁମ ପ୍ରେମ ଧନେ ଧନୀ କେବେ ହେବି ନାହିଁ ଅଭିମାନୀ
ଏତେ ସଉଭାଗ୍ୟ ସିନା ତୁମରି ପାଇଁ ।୨।

ଏ ଭବ-ସାଗରେ ବୁହାଇ ଦିଅ ତୁମ ପ୍ରେମତରଙ୍ଗ
ଆହେ ପ୍ରେମମୟ କର ହେ ପାରି ନାବେ ଧରିଣ ମଙ୍ଗ
ମୋର ଏହିମାତ୍ର ଅଭିଳାଷ କର ତୁମ ଶ୍ରୀଚରଣ ଦାସ
କରୁଥିବି ସେବା ତୁମ ନାମକୁ ଗାଇ ।୩।

## ନେଇଗଲ ଯେବେ ଅଜଣା ରାଇଜେ

ନେଇଗଲ ଯେବେ ଅଜଣା ରାଇଜେ
ତୁଟାଇ ସଂସାର ବନ୍ଧନ
ମାୟା ଭେଳିକିରେ ଭୁଲାଇ କାହିଁକି
ଲୁହରେ ଭରିଲ ନୟନ ।୦।

କୃପା ବହି ଭବେ ଦେଲ ଜନମ
(ବୃଥା) ମାୟା ପ୍ରେମେ ବିତିଲା ଦିନ
ବାସି ଫୁଲ ସେ ତ ଝରିଗଲା ହେଲେ
ତୁମ ପାଦେ କର ବିଲୀନ ।୧।

ଦେଖା ଦେଲ ଯେବେ ଏଇ ଜନମେ
ହାତ ଧରି ନିଅ ମୁକତି ଧାମେ
ଦୀପଶିଖା ସେ ତ ଲିଭିଗଲା ହେଲେ
ତୁମ ସାଥେ ହେଉ ମିଳନ ।୨।

## ପଚାରୁଛି ପଦେ କଥା

ପଚାରୁଛି ପଦେ କଥା ଶ୍ରୀଛାମୁରେ ଯୋଡି କର
କ୍ଷମାକି ପାଶୋରି ଦେଲ ମୋହରି ପାଇଁ ଠାକୁର? ।୦।

ଜଳେ ଥଳେ ଆକାଶରେ ତୁମରି ସମାନ ଦୃଷ୍ଟି
କିଏ ସେ ନ ଜାଣେ କହ ତୁମର ଏ ସାରା ସୃଷ୍ଟି
ସବୁରି ପାଇଁ କି ପରା ତୁମର ସମ ବିଚାର ।୧।
ଅଧମ ହେଲେ ମୁଁ ପଛେ ନୁହେଁ କି ସୁତ ତୁମର?

ପିତା ତୁମେ ମୋର ବୋଲି ନ କରିବ ସିଉକାର
କୁବୁଦ୍ଧି ଅଜ୍ଞାନୀ ସୁତେ ପିତା କି କରେ ଅନ୍ତର ।୨।

ଜାଣୁଛି ତୁମ ବିହୁନେ ତିଳେ ମୋର ଗତି ନାହିଁ
ତେବେ ହେଲେ ତୁମକୁ ମୁଁ କେବେହେଲେ ଡାକୁ ନାହିଁ
ପାଶୋରି ତୁମକୁ ସାର କରିଛି ହୀନ ମୁଁ କାର ।୩।

ତୁମ ବିହୁନରେ କାଳ ଗରାସୁଛି ମୋତେ ଆସି
କୋଟି ଅପରାଧୁ ମୋର ଗଳେ ଝୁଲେ ମାୟା ଫାଶି
ତ୍ରାହି ତ୍ରାହି ଆର୍ତ୍ତତ୍ରାଣ ରକ୍ଷାକର ରକ୍ଷାକର
ଶରଣାଗତ ଦାସରେ କୃପାକର କୃପାକର ।୪।

## ପଝାରୀ ରେ! ଡର ନାହିଁ ଆଖି

ପଝାରୀ ରେ! ଡର ନାହିଁ ଆଖି ଆଗେ ହେରି ଭବ ନଦୀ ଧାର
ଅଛି ଜଣେ ନାଉରୀଆ   କରିବ ପାର ଉତାର   ।୦।

ବଢି ନଇ ଗରଜନ   ଶୁଣି ହେଉ ଛନ ଛନ
କୂଳ ଲଘିଂ   ଢେଉ ଦେଖି ଛାତି ତୋର ଥର ଥର   ।୧।

ଚଢରେ ସତ୍ୟର ନାଆ   କହରେ ଗୁରୁର ନାଆଁ
ଟିକି ନାଆ ହେଲେ ହେଉ ଡିଳେ ଖାତର ନ କର   ।୨।

କାଳି ମେଘ ଘୋଟେ ଯେବେ   ଆକାଶ କୋଣରେ ତେବେ
ଗୁରୁ ନାମ କୁନ୍ତ ଧରି   ପେଟ ଫୁଟାଅ ତାହାର   ।୩।

ନାଉରୀ ଜଣକ ଟାଣ   ଡାକ ଦେଇ ମନ ପ୍ରାଣ
କାତ ମାରି ସହଜରେ ତୋତେ ରେ କରିବ ପାର   ।୪।

ମନ ଖାଲି କରି ଟାଣ   ତା ପଦେ କଲେ ଧିଆନ
ଅଦେଖାରେ ଅଜଣାରେ ଆସି ହେବ ଆପଣାର   ।୫।

ବଳେ ଦିଶିବରେ ରାହା   ହୋଇବ ସେ ତୋର ସାହା
ଝଡ ଝଞ୍ଜାକୁ ନ ଡରି ଗୁରୁ ନାମକୁ ସୁମର   ।୬।

## ପଦ ବନ୍ଦେ ଗୁରୁଦେବ

ପଦ ବନ୍ଦେ ଗୁରୁଦେବ, ଗାଇ ତବ ଜୟ ହେ
ପୁଷ୍ପାଞ୍ଜଳି କରେ ଧରି ମାଗେ ବରାଭୟ ହେ   ।୦।

ସୁରଙ୍ଗବେନି ପୟର   ବନ୍ଦେ ବିଶ୍ୱ ଚରାଚର
ଅପରିମିତ ମହିମା ଯେ ପଦୁ ଉଦୟ ହେ   ।୧।

ରକ୍ତିମ ଛଟା ଶ୍ରୀମୁଖ   ଅଖଣ୍ଡ ସୁଧା ମୟୂଖ
ତେଜୋଦୀପ୍ତ ଅପଘନ ଦିଅଇ ଅଭୟ ହେ   ।୨।

ସଞ୍ଚାଳକ ସବୁକାଳେ   ତୁମେ କ୍ଷିତି ଚକ୍ରବାଳେ
ପଦ-ପରିଚର୍ଯ୍ୟା ଆଶେ ମତି କର ଥୟ ହେ   ।୩।

## ପଦତଳ ମନୋହର ବିକଚ ଶତଦଳ

ପଦତଳ ମନୋହର ବିକଚ ଶତଦଳ ବରନ-ବଇଭବ ନିନ୍ଦଇ,
ତନୁ-କାନ୍ତି ଝଲମଲ, କାନ୍ତ କୋମଳ ନୟନ, ମନ ଅଭିନନ୍ଦଇ   ।୧।

ପରିଶୁଭ୍ର ବାସ ସୁବେଷ୍ଟନେ ତବ ସରସ କଟି ତଟ ସାଜଇ
କମ ରୁଚିର ପରିସର ବକ୍ଷ ପର ସଜ ସୁମନ ହାର ବିରାଜଇ   ।୨।

ମୁଖ ମଣ୍ଡଳେ ଦରହାସ ଆଶିଷ-ବାରି ସତତ ସିଞ୍ଚଇ
ଘନ-କୃଷ୍ଣ କୁଞ୍ଚିତ ଚାରୁ କୁନ୍ତଳ କଣ୍ଠତଟପଟ ବିଞ୍ଚଇ   ।୩।

ନତ ଭକତଜନ ତବ ଚରଣ ଯୁଗଳେ ବନ୍ଦି ଆଶିଷ ଲୋଡଇ
ଦିଅ ଗୁରୁ ନିଗମ ! ଚିର ପଦ ଶରଣ ଗୁରୁଦାସ ଭିକ୍ଷୁକ ମାଗଇ ।୪।

## ପଦେ ଖାଲି ପଦରେ ଗୁହାରି

(ମୋର) ପଦେ ଖାଲି ପଦରେ ଗୁହାରି
ତୁମ ପଞ୍ଜୁରୀରେ ମୋତେ ରଖ କରି ପୋଷା ଶାରୀ   ।୦।

ପୀରତି-ଡୋରରେ ବାନ୍ଧି, ରଖ କରି ପାଦ ବନ୍ଦୀ,
ପଳାଇଯିବାକୁ ଆଉ ରାହା ନ ଥିବ ମୋହରି   ।୧।

ଗୋଳି ତବ ପ୍ରେମ ନୀର ଖୁଆଇ ଦେବ ଆହାର
ଆଉଁଷିଦେଇ ମୋ ଶିର ଡାକିବ ଆଦର ଭରି   ।୨।

ଶିଖାଇବ ମୋତେ ପ୍ରିୟ ! ତୁମ ନାମ ପ୍ରେମମୟ
ନିଶି-ଦିନ ରଟୁଥିବି ସେ ପଦଟି ନ ପାଶୋରି   ।୩।

ତୁମ ଆଶା-ପଥ ଚାହିଁ ଖାଲି ସେଇ ଗୀତ ଗାଇ
ଶୁଣାଇବି ତୁମ କାନେ ସାରାଟି ଜନମ ଧରି   ।୪।

## ପଦେ ମୋ ଗୁହାରି ଘେନ

ପଦେ ମୋ ଗୁହାରି ଘେନ
ମାଗୁ ନାହିଁ ଧନ ଜନ   ।୦।

ତୁମେ ବାଞ୍ଛାକଳ୍ପତରୁ   ଶରଣ ନେଲା ଉତ୍ତାରୁ
ଅନାଥ ହେଲେ ମୁଁ ନାଥ   କାହାକୁ ଏ ଅପମାନ ।୧।

ଆପଣାରେ ଆପେ ଭଣ୍ଡେ   ନ ହେଜେ ସେ ପଦ ଦଣ୍ଡେ
ତୁଣ୍ଡରେ ଦିଅ କୁହାଇ ଗୁରୁନାମ ଗୁଣ ଗାନ ।୨।

ଦିଅ ହେ ପାଗଳ କରି   ତୁଟାଇ ମାୟା ସବୁରି
ତୁମେ ଏକା ମୋର ବୋଲି   ରଟି ବୁଲେ ନିଶି ଦିନ   ।୩।

ଜେଣିକି ଦେବି ମୁଁ ଚାହିଁ   ସେ ରୂପ ଦିଶିବା ପାଇଁ
ନୟନ ପଟରେ ଦିଅ   ଲଗାଇ ଜ୍ଞାନ ଅଞ୍ଜନ ।୪।

ଭଲ ଭେଲ ଯେତେ ଯାହା   ସବୁତ ତୁମରି ଦିଆ
କରୁଣା କର ହେ ନାଥ   ଏତିକି ବୁଝୁ ଏ ମନ ।୫।

## ପରମ ଆରାଧ୍ୟ ଦେବ ମିନତି ଆମର

ପରମ ଆରାଧ୍ୟ ଦେବ ମିନତି ଆମର ଗ୍ରହଣ ହେବ
ଗୁରୁଦେବ ହେ, ଦିଅ ଶ୍ରୀଚରଣେ ଠାବ   ।୧।

ଅଜ୍ଞାନ ଅନ୍ଧାରେ ବୁଡି ପ୍ରବୃତ୍ତି ସ୍ରୋତରେ ଯାଉଛୁ ବୁଡି
ଗୁରୁଦେବ ହେ, ମାଗୁଁ କୃପା, କର ଯୋଡି   ।୨।

କରି ସୃଷ୍ଟି ସରଜନା ସତ୍ୟପଥେ କରୁଅଛ ଚାଳନା
ଗୁରୁଦେବ ହେ, କିଏ କଳିବ କରୁଣା   ।୩।

ଆଦି-ଅନ୍ତହୀନ ବିଶ୍ୱ ଆଚ୍ଛାଦିତ କରିଅଛ ଏକାଂଶ
ଗୁରୁଦେବ ହେ, ତୁମ ଅନନ୍ତ ବିକାଶ   ।୪।

ସମଗ୍ର ବିଶ୍ୱକୁ ଧରି ଥିଲେହେଁ, ପରମାନନ୍ଦେ ବିହରି
ଗୁରୁଦେବ ହେ, ଅଛ ସ୍ୱରୂପରେ ପୂରି   ।୫।

ତବ କରୁଣା-କଣିକା ଲାଭ କରି ପଦେ ହୋଇବୁ ବିକା
ଗୁରୁଦେବ ହେ, 'ସେବା' ହୋଇବ ଜୀବିକା   ।୬।

ଏହି ଆମ ନିବେଦନ ପୂରଣ କର ହେ ପରାଣଧନ
ଗୁରୁଦେବ ହେ, ମଣିବୁ ଜୀବନ ଧନ୍ୟ   ।୭।

## ପରମ ଆରାଧ୍ୟ ଦେବ ହେ ଜଗତାଧାର !

ପରମ ଆରାଧ୍ୟ ଦେବ ହେ ଜଗତାଧାର !
ଦ୍ୱନ୍ଦ୍ୱାତୀତ ଗୁଣାତୀତ ସର୍ବତତ୍ତ୍ୱସାର
ଆଜି ଶୁଭ ଲଗନରେ
ପ୍ରଣତି ଜଣାଉ ତବ ଶ୍ରୀରଙ୍ଗପୟରେ ।୧।

ସକଳ ଆଦି ଅନାଦି ତୁମେ ଏକା ଗୁରୁ
ସଦ୍‌ଗୁରୁ ରୂପରେ ପୂଜ୍ୟ ତୁମେ ଜଗଦ୍‌ଗୁରୁ
ତବ ଶ୍ରୀଚରଣ ତଳେ
ବନ୍ଦନା କରୁଛୁ ଆମେ ନିଶିବାସରରେ ।୨।

ତୁମରି ଇଚ୍ଛାରେ ହୁଏ ସୃଷ୍ଟି ସ୍ଥିତି ଲୟ
ତୁମଠୁ ଉଦ୍‌ଭବ ସୃଷ୍ଟି ତୁମଠି ବିଲୟ
ତୁମେ ନିତ୍ୟ ବିରାଜିତ
ଶ୍ରୀପଦ ବନ୍ଦନା କରୁ ଆମେ ଅବିରତ ।୩।

ଜ୍ଞାନ ପ୍ରେମ ତୁମଠାରେ ସର୍ବଦା ଆଶ୍ରିତ
ତୁମରି କୃପାରେ ଭକ୍ତ ହୁଏ ଯା ପ୍ରାପତ
ଦେବ ହେ ସତ୍ୟସୁନ୍ଦର !
(ଆଜି) ବନ୍ଦନା କରଇ ବିଶ୍ୱ ପ୍ରଣମି ପୟର ।୪।

## ପରମ ଆରାଧ୍ୟ ଦେବ ହେ ବିଶ୍ୱବିହାରୀ

ପରମ ଆରାଧ୍ୟ ଦେବ ହେ ବିଶ୍ୱବିହାରୀ
ଚରଣେ ପ୍ରଣତି ଘେନ ଭବଦୁଃଖହାରୀ
ନରରୂପୀ ଭଗବାନ
ମଙ୍ଗଳ ଆଶିଷେ ପୂର୍ଣ୍ଣ କର ଏ ଜୀବନ ।୧।

ଆହେ ଗୁରୁଦେବ ତବ ମହାନ ଶକତି
ବିଶ୍ୱଲୀଳା ମଧ୍ୟେ ପ୍ରବେଶିଣ ଯଥାରୀତି
ସତ୍ୟ ସ୍ୱରୂପ ବୋଲାଇ
ଚଳାଉଅଛ ଏ ସୃଷ୍ଟି , ଅଲକ୍ଷ୍ୟରେ ରହି ।୨।

ସେହି ଶକ୍ତି ବଳେ ସର୍ବେ ହୋଇ ଆକର୍ଷିତ
ମହତତ୍ତ୍ୱଠାରୁ ଜୀବ ଜଗତ ପର୍ଯ୍ୟନ୍ତ
ସବୁ ହୋଇଛି ସମ୍ଭବ
ସବୁଠାରେ ଖେଳେ ତବ ଶକ୍ତିର ବିଭବ ।୩।

ପ୍ରଳୟ କାଳରେ ବିଶ୍ୱ ହେଲେହେଁ ବିଲୟ
ଏକମାତ୍ର ତୁମେ ସର୍ବ ଉର୍ଦ୍ଧ୍ୱେ ହୋଇ ଥୟ
ରହି ଦ୍ରଷ୍ଟାର ଆସନେ
ଜଗତ-ବୀଜକୁ ରକ୍ଷା କରୁଛ ଯତନେ ।୪।

ସକଳ ସୁଖ ଦୁଃଖର ହୋଇଣ ଅତୀତ
ତୁମ ନିର୍ଦ୍ଦେଶିତ ପଥେ ଚଳୁଥିବୁଁ ନିତ୍ୟ
ଶ୍ରଦ୍ଧା, ବୁଦ୍ଧି ସେହିପରି
ଦିଅ ଦେବ, ଶ୍ରୀଚରଣେ ପ୍ରାର୍ଥନା ଆମରି ।୫।

## ପରମ ସାଧନ ଅଟେ ଗୃହସ୍ଥ ଧରମ

ପରମ ସାଧନ ଅଟେ ଗୃହସ୍ଥ ଧରମ
ଆବର ଅଟଇ ନିତ୍ୟ-କରମ-ବିଧାନ
ଏ ଜଗତ-ତପୋବନ ପବିତ୍ର ତୀର୍ଥ ସମାନ
ପ୍ରେମର ଆଧାର ପରିବାରର ବନ୍ଧନ
ଅଟେ ତାହା ପ୍ରେମମୟ ପ୍ରେମ ନିକେତନ ।୧।

ଛିନ୍ନକର ମାୟା, ମୋହ, ସଂସାର ଜଞ୍ଜାଳ
ଦୂର କର ଚଉପାଶୁ ଷଡରିପୁଦଳ
ଆସକ୍ତି ବିଷୟା ଘୋର ପାଶରୁ ତୁ ଅପସର
ଘୁଞ୍ଚିଯିବ ଦୂରେ କାହିଁ ଜୀବର କଷଣ
ମୋକ୍ଷଧାମ ଲୋଡ, ଭଜି ଶ୍ରୀଗୁରୁଚରଣ ।୨।

ଆସୁ ଦୁଃଖ, ଆସୁ ସୁଖ, ଆସୁ ଯେବେ ଯାହା
ସମଭାବେ ଘେନାକର ଜୀବନରେ ତାହା
ବିଧିର ବିଚାର ସବୁ ଏତେ ହେତୁ ରଖି ବାବୁ !
ଗୁରୁବ୍ରହ୍ମ ମହାମନ୍ତ୍ର କର ସୁମରଣ
ସାହା ହେବ ନିତ୍ୟସେହି ସତ୍ୟ ସନାତନ ।୩।

## ପରଶ ତୁମର ପ୍ରଭୁ କେଡେ ସରସ

ପରଶ ତୁମର ପ୍ରଭୁ କେଡେ ସରସ !
ପାସୋରାଇ ଦିଏ ଯେତେ ଭବ ପରାସ ।୦।

ନିତ୍ୟ ନୂତନ ରୁଚିର
ଶାଶ୍ୱତ ସତ୍ୟ ସୁନ୍ଦର
ପଦ-କଞ୍ଜ ମନୋହର ଶୋଭା ପ୍ରକାଶ ।୧।

ତପସ୍ୟା ଜନ୍ମ ଜନ୍ମର
ପୂର୍ଣ୍ଣ ଅବା ହେଲା ମୋର
ଆଶା-ତରୁ କୁସୁମିତ ଢାଳେ ସୁବାସ ।୨।

ସେ ପଦ-ପଙ୍କଜେ ମନ
ନିରତ ଲୋଡେ ଶରଣ
ହେବ ଏ ଜୀବନ ଧନ୍ୟ ପୂରିବ ଆଶ ।୩।

ଜଗତ ଜନ ବନ୍ଦନ
ଭକତ-ହୃଦ-ଚନ୍ଦନ
ସସ୍ମିତ ବଦନୁ ସତେ ଝରେ ପୀୟୂଷ ।୪।

କମଳ-ନେତ୍ର ଯୁଗଳ
କରୁଣାରେ ଢଳ ଢଳ
ଜୀବ ଦୁଃଖରେ କାତର ସଦା ମାନସ ।୫।

ମେଣ୍ଟାଇ ଯାବତ ଚିନ୍ତା
ଲୋଟାଇ ଚରଣେ ମଥା
ତୁଟାଇବି କୃପାବଳେ ବିଷୟା-ବିଷ ।୬।

## ପରାଣ ନାଥ ହେ ନିଅ ମୋତେ ହାତ ଧରି

ପରାଣ ନାଥ ହେ ନିଅ ମୋ ହାତ ଧରି
ଭବ ଜଳ ଭଉଁରୀରେ ମରେ ମୁଁ ଘୁରି ।୦।

ଆସିଥିଲି ଏ ସଂସାରେ ତୁମ ମହାନ ଇଚ୍ଛାରେ
କରିବାକୁ ବିଶ୍ୱହିତ କର୍ମ ତୁମରି
ସେବକ ଜୀବନ ଧରି ସେବା ଆଚରି ।୧।

ଦୁନିଆର ରଙ୍ଗ ଦେଖି ମନ ମୋର ଗଲା ଲାଖି
ମାୟା ମରିଚିକା ପଛେ ପାଗଳ ହେଲି
ତୁମ କଥା ଏ ମନରୁ ପାଶୋରି ଦେଲି ।୨।

ପ୍ରବୃତ୍ତି ସ୍ରୋତରେ ଭାସି ପ୍ରାଣ ମୋର ଗଲା ଆସି
ଅବଶ ଏ ତନୁ ମନ ଆହତ ଭାରି
ତଥାପି ଏ ମନ ଚାହେଁ ଯିବ ପହଁରି ।୩।

ଯେତେକ ଦେଲ ବତାଇ ଚେତନା ମୋ ଫେରୁ ନାହିଁ
ମୋହ ମଦ ନିଶା ମୋତେ ରଖିଛି ଘାରି
ଜୀବନ ଦୀପ ମୋ ଧୀରେ ଯାଏ ମଉଳି ।୪।

ମରଣ ଦୁଆରେ ଆଜି ତୁମ କଥା ମନେ ହେଜି
ଶରଣ ମାଗୁଛି ତୁମ ଚରଣ ଧରି
ଅରକ୍ଷ ଜନକୁ ରଖ ହେ ଦୁଃଖହାରୀ ।୫।

## ପରାଣ ମଧୁପ ନ ରସିଲା ଯେବେ

ପରାଣ ମଧୁପ ନ ରସିଲା ଯେବେ କମଳ ଚରଣେ ତବ
କହ ଦୟାମୟ ! ଜୀବନରେ ଆଉ କେଉଁ ସୁଖ ବଇଭବ ? ।୦।

ଅକଳନ ଧନ ଥାଇ ଅକାରଣ ନାହିଁ ତହିଁ ଲବେ ଲାଭ,
ସେ ଧନେ ଅନାଇ ପରମ ରତନେ ଯତନ ଯେବେ ନ ଥିବ ।୧।

ଅତି ଅଲିଅଳ କୋଳର ଦୁଲାଳ କମଳ ମୁଖ ବିଭବ
ଥାଇ କିବା ଲାଭ, ଯେବେ ତହିଁ ତବ ଶିରୀମୁଖ ନ ଫୁଟିବ ?

ଏ ମନ ଗଗନେ ଯେବେ ତବ ପ୍ରେମ-ଶଶୀ-କର ନ ହସିବ
ଛାର ସିନା ନଭ ଶଶାଙ୍କ ମୟୁଖ ତିମିର ସରି ଦିଶିବ ।୨।

ସତୀ ନାୟିକାର ପ୍ରେମ-ଅନୁରାଗେ କାଳିମା ସିନା ସମ୍ଭବ
ତା' ପ୍ରେମ-ହେମରେ ଯେବେ ତବ ପ୍ରେମ-ମଣି ଝଳି ନ ଦିଶିବ ? ।୩।

ମୋହ ପରମାଦେ ତବ ପଦେ ଯେବେ ସଂଶୟ ତିଳେ ଘଟିବ
କୂଟ କାଳନାଗ ବିଷମ ଗରଳ ଦଂଶନରୁ ବଳିଯିବ ।୪।

## ପରାଣପତି ତୁ ଏକା ଅଗତିର ଗତି

ପରାଣପତି ତୁ ଏକା ଅଗତିର ଗତି
ନାହିଁ ତ ତୋ ବିନେ କେହି ଜଗତେ ମୁକତି ।୦।

ମିଛ ମାୟା ଘୋର ଘାରେ ନିରନ୍ତର
କି ଦିବସ କିବା ରାତି
ପିତା, ମାତା, ମୋର ବାନ୍ଧବ ସୋଦର
ସଭିଏଁ ସୁଖର ସାଥୀ ।୧।

ଭଜନେ ପୂଜନେ ନାମ ଗୁଣ ଗାନେ
ଅଶକତ ଦିନ ରାତି
ଜାଣୁଛି କେବଳ ତୁ ଏକା ସମ୍ବଳ
ତେବେକେ ଚଞ୍ଚଳ ମତି ।୨।

ଏତିକି ମାତର ପାଦତଳେ ତୋର
ମାଗୁଣି ମୋହର ନିତି
ଧନ ଜନ ମାନ ସବୁ ଅକାରଣ
ଦିନ ଜାଉ ତୋତେ ଚିନ୍ତି ।୩।

ନ ଯାଉ ପାଶୋର, କ୍ଷଣେ ହେଲେ ମୋର
ପଦରୁ ତୋର ଭକତି
ଭବ ଜଳ ନିଧି ପାର ହେବା ପାଇଁ
ଭିଖ ମାଗେ ଶିର ପାତି ।୪।

## ପକ୍ଷୀ ଉଡି ଯିବରେ ବସା ପଡିଥିବରେ

ପକ୍ଷୀ ଉଡି ଯିବ ରେ ବସା ପଡ଼ିଥିବ ରେ
ଅଣଲେଉଟା ରାଇଜୁ ଡାକରା ଆସିବ ରେ |୦|

ସପନେ ଯେସନେ ମିଳେ ଘୋଡା ହାତୀ ରାଜତ୍ୱ
ନିଦ ଭାଙ୍ଗିଲେ ନଥାଏ ରାଜ୍ୟ, ସୈନ୍ୟ ସାମନ୍ତ
ସଂସାର ସେମିତି ଏକ ସପନ ରାଇଜ ରେ
ବେଳ ଥାଉ ଥାଉ ବନ୍ଧୁ ଧୀରେ ମନେ ହେଜ ରେ |୧|

ଅଙ୍ଗ ଭୂଷଣ ସଜାଉ ଛଟା କେତେ ରଙ୍ଗର
ଘଟ ଛାଡିଲା ଉତ୍ତାରୁ ନ ଜାଣୁ କି ବେଭାର
ଶ୍ୱାନ ଶକୁନ ଜଠରେ ତନୁ ଲୀନ ହେବରେ
ଅବା ଅନଳ ଶିଖାରେ ଭସ୍ମ ପାଲଟିବ ରେ |୨|

ରଜା ଯିବ ରାଣୀ ଯିବ, ଯିବ ମହାବଳୀ ରେ
ଯିବ ରୋଗୀ ହେବ ପୁଣି ବଇଦର ପାଳି ରେ
ପଞ୍ଚଭୂତ ମିଠା ହସେ ସୁଜ୍ଞାନୀକି ମୋହେ ରେ
ଶମନ-ଲୋଭା-ସୁମନେ ସୁମନା କି ଲୋଭେ ରେ |୩|

ଅମର ରାଇଜ ସୁତ ! ଭୁଲି ନିତ୍ୟ ସଂସାର
କେତେ କାଳ ଘୁରୁଥିବୁ ଏ ମୁଲକ ନଶ୍ୱର
ପରାଣ-ନିଦାନ ତୋର ଛନ୍ତି ବାଟ ଚାହିଁ ରେ
ସଦ୍ଗୁରୁ ଶରଣ ଲଭ ବିଭୁ ନାମ ଗାଇ ରେ |୪|

## ପରାଣରୁ ବଳି ପ୍ରିୟତମ ତୁମେ

ପରାଣରୁ ବଳି ପ୍ରିୟତମ ତୁମେ ତୁମରି ଶରଣ ନେଲି
ଦେହ-ମନ-ପ୍ରାଣ ସୁତ, ସୁତା, ଧନ ତବ ପଦେ ଅରପିଲି ।୦।

ରଖ ବା ନ ରଖ ଶୁଣ ବା ନ ଶୁଣ
ଦୁଃଖ ଦୁର୍ଦ୍ଦଶାରେ ଯାଉ ଏ ଜୀବନ
ହୁଏ ବା ବଧିର ଅବା ହୁଏ ମୂକ ନ ଯାଏ ସେ ନାମ ଭୁଲି ।୧।

ତୁମରୂପ ଛବି ସଦା ନିରେଖିବି
ଦଦରା କଣ୍ଠେ ମୋ ନାମ ଗାଉଥିବି
ଅନ୍ତରେ ତୁମରି ମହିମା ସୁମରି, ଜୀବ ମୋର ଯାଉ ଚାଲି ।୨।

ଫୋପାଡି ଦିଅ ବା ନିଅ କୋଳେ ତୋଳି
ଠେଲିଦିଅ ଅବା ଶ୍ରୀଚରଣେ ଦଳି
କେବେ ନ ଭୁଲିବି ସେ ରୂପ ମାଧୁରୀ, ଶ୍ରୀଚରଣେ ଏଇ ଅଳି ।୩।

ଅନାଥ ଜନର ତୁମେ ବନ୍ଧୁ ପରା
ନାଗରା ବାଜୁଛି ଏ ଜଗତ ସାରା
ନ ଶୁଭୁଛି କିଂପା ଏ ଦୀନ ଡାକରା, କେଉଁ ଅପରାଧ କଲି ।୪।

ତୁମ ସେବା କରି ଦିନ ମୋର ଯାଉ
ଭକତ ସେବାରେ ପ୍ରାଣ ମୋର ଥାଉ
ଆଉ ଯାହା କିଛି ହେଉ ବା ନ ହେଉ ସବୁ ପଦେ ଅରପିଲି ।୫।

## ପାଇ ନାହିଁ ଭଲ ଦିନେ ମୁଁ ତୁମକୁ

ପାଇ ନାହିଁ ଭଲ ଦିନେ ମୁଁ ତୁମକୁ
ତୁମେ ମୋତେ ଭଲ ପାଇଛ
ଭାଳି ନାହିଁ ତୁମ କଥା ମୁଁ ଜୀବନେ
ମୋ କଥା ମରମେ ଲେଖିଛ ।୦।

ଏକା ଏକା ବୁଲେ ଏ ସାରା ସଂସାର
ଆହା କରିବାକୁ ସାହା ନାହିଁ ମୋର
ଛାଇ ପରି ମୋର ପଛେ ପଛେ ରହି
କେତେ ଉପଦେଶ ଦେଇଛ ।୧।

ପଡିଗଲେ ପାଦ ଅବାଟରେ କାହିଁ
ଫେରିବାକୁ ଆଉ ବଳ ପାଏ ନାହିଁ
ମଧୁର ବଚନ କହି କେତେ ମୋତେ
ହାତ ଧରି ଟାଣି ଆଣିଛ ।୨।

କି ଅବା ତୁମର କରିବି ମୁଁ ସେବା
କି ଅଛି ତୁମକୁ ଦେବି ସତେ ଅବା
ଅଲୋଡା ପରାଣେ କେଉଁ ଲାଭ ପାଇଁ
ସ୍ନେହର ପରଶ ଦେଇଛ ।୩।

## ପାତିଥିବି ହାତ କରୁଣା ଦୁଆରେ

ପାତିଥିବି ହାତ କରୁଣା ଦୁଆରେ
ଜଣାଏ ଆଶିଷ ଝରିବା ଯାଏ
ଚାହିଁ ରହିଥିବି ଚନ୍ଦ୍ର ବଦନ କୁ
ନୟନରୁ ଲୁହ ସରିବା ଯାଏ ।୦।

ମଧୁର ତୁମର ପ୍ରୀତି ପରଶ
ମୋର ଜୀବନ କୁ କରେ ସରସ
ଝୁରି ହେଉଥିବି ତୁମ ପୀରତିକି
ପ୍ରାଣ ର ପିଆସୀ ପୂରିବା ଯାଏ ।୧।

ଅଳି କରେ ଫୁଲ ଅଳିକି ଚାହିଁ
ଗୁଣୁ ଗୁଣୁ ଗୀତ ଶୁଣିବା ପାଇଁ
ଆକୁଳ ପରାଣେ ଅଳୀ କରୁଥିବି
ତୁମ ସୁର କାନେ ଭରିବା ଯାଏ ।୨।

ଭଙ୍ଗା କୁଡିଆରେ ବାନ୍ଧିଛି ବସା
କାହାକୁ କହିବ ମନର ଭାଷା ?
ପଡି ରହିଥିବ ଶ୍ରୀଚରଣ ଧରି
ସଂସାର-ସାଗରୁ ତରିବା ଯାଏ ।୩।

## ପାଶେ ଅଛିରେ ମୁଁ ତୋର କା'ରେ ଡର

ପାଶେ ଅଛିରେ ମୁଁ ତୋର କା'ରେ ଡର ?
ମୁଦା ଆଖି ମେଲି ଚାହାଁ ତୁ ଏଥର ।୦।

ସୁଖ ସଂପଦରେ, ଦୁଃଖ ବିପଦରେ
ହସେ କାନ୍ଦେ ରଚି ନିତି ଖେଳ ଘର ।୧।

ଡେରି ବେନି କାନ ଶୁଣ ମୋ ବଚନ
ଦୂରେ ଘୁଞ୍ଚିଯିବ ମାୟା ଅନ୍ଧକାର ।୨।

ତୁରେ ମୋ ସନ୍ତାନ ଏ ତ ନୁହେଁ ଆନ
ରଖ ବିଶ୍ୱାସ ମୁଁ ନେବି କରି କୋଳ ।୩।

## ପାଶେ ମୁଁ ତ ଅଛି ଭୟ ନାହିଁ କିଛି

ପାଶେ ମୁଁ ତ ଅଛି ଭୟ ନାହିଁ କିଛି କାନ ଶୁଣେ ବାର ବାର
ଏ ଅଭୟବାଣୀ ତୁମର ସିନା ହେ ବାରୁଛି ଏ ମନ ମୋର ।୦।

ଡାକିଲା ପରାୟେ ନ ଡାକିଲେ ବି ତ
ଅକୁହା ମରମ କଥା ଶୁଣୁଛ ତ
ଧାଇଁ ଧାଇଁ ପଛେ ସମ୍ଭାଳି ରଖୁଛ ଯେତେ ହେଲେ ମୁଁ ଗୁଆଁର ।୧।

ସଂସାର ସାଗର ଅଥଳ ଜଳରେ
ମୋ ଜୀବନ ତରୀ ବୁଡିଗଲା ବେଳେ
ମୁଁ ଜାଣିବା ଆଗୁ ତୁମେ ଜାଣି ଉଭା ମଙ୍ଗ ଧରି ମଙ୍ଗୁଆଳ ।୨।

ମୋର ମୋର ମୋର କହି କହି ମୋତେ
ତୁମେ ମୋର ହୁଅ ମାଗୁଣି ମୋ ଏତେ
ନାହିଁ ନାହିଁ କହି ସବୁ ତୁଚ୍ଛ କରି ମନ ମୋ ହେବ ତୁମର
ରାଜୀବ ପୟରେ ଲାଗି ରହିଥିବ ସୁଖେ ବାହୁଡିବି ଘର ।୩।

## ପୁଣ୍ୟ ନଦୀର ଧାରେ ରେ

ପୁଣ୍ୟ ନଦୀର ଧାରେ ରେ
ଜୀବନ-ନଉକା ଚଳେ
ବାହି ଚାଲିଛନ୍ତି ଜୀବନ ସରଣୀ
ଗୁରୁ ହୋଇ କର୍ଣ୍ଣଧାର ରେ ।୦।

ଶିଖାଇଛନ୍ତି ସେ ତ୍ୟାଗ ବଇରାଗ୍ୟ
ଗୃହସ୍ଥ ଆଶ୍ରମ ସଂଯମୀର ଭୋଗ୍ୟ
ଯୋଗ୍ୟ କରିବା ପାଇଁ ଦେଇଛନ୍ତି
କ୍ଷେତ୍ର ସଂଘ ସାଧନ ରେ ।୧।

ପ୍ରୀତିଡୋରେ ବାନ୍ଧି ତାଙ୍କପ୍ରିୟ ଜନେ
ସେବାରେ ସନ୍ତୋଷ କରିଲେ ଯତନେ
କୋଳେ ଟୋଳି ନେଇ ଆଶିଷ ବରଷି
ଜୀବନ କରିବେ ସାର ରେ ।୨।

ଧରିଥା'ରେ ତାଙ୍କ ଚରଣଯୁଗଳ
ମହାନାମ ଜପି ସଞ୍ଚି ମନେ ବଳ
ବଞ୍ଚିଯିବୁ ତୁହି ମହାବତାସିରେ
ଧରିବେ ସେ ନିଷ୍ଫେକର ରେ ।୩।

'ଜୟଗୁରୁ' ନାମ ଜପୁଥା'ରେ ତୁହି
ଆନ ଭାବନାକୁ ମନରୁ ଦୂରେଇ
ପିନ୍ଧିପାରିଲେ ତୁ ନାମ ରତ୍ନହାର
ନେବେ ପରପାରି ଭାର ରେ ।୪।

## ଫୁଲ ଚନ୍ଦନର ପୂଜା ଉପଚାର

ଫୁଲ ଚନ୍ଦନର ପୂଜା ଉପଚାର
ଲୋଡା ନାହିଁ ଲୋଡା ନାହିଁ
ହୃଦ-ଚନ୍ଦନର ମହକ ପାଇଁକି
ରହିଥାଅ ତୁମେ ଚାହିଁ ।୦।

ସୁନା ଦେଉଳରେ ରୁପାଝରି ଦେଇ
ତୁମକୁ କିଏ ବା ପାରିଛି ବସାଇ
ହୃଦୟ-ମନ୍ଦିର ଖୋଜି ବୁଲୁଥାଅ
ତୁମ ସରି ଦିଅଁ କାହିଁ? ।୧।

ପାରିଜାତ ଫୁଲ ଗଳାରେ ପିନ୍ଧାଇ
ମନ ପ୍ରାଣ ତୁମ କିଣିଛି କି କେହି
ମନ-ସୁମନର ମାଳାଟିଏ ପାଇଁ
ଚାହିଁ ଥାଅ ତୁମେ ସାଇଁ ।୨।

ମଣି ମାଣିକର ଦୀପାଳି ଜଳାଇ
ତୁମକୁ ହେ ବନ୍ଧୁ! ପାଇନାହିଁ କେହି
ପ୍ରେମର ଦୀପାଳି ଟିକିଏ ଜଳିଲେ
ହସିଦିଅ ତୁମେ ଚାହିଁ ।୩।

ମନମନ୍ଦିର ମୋ ରଖିବି ସଜାଇ
ହସିବି ଖେଳିବି ତୁମ ନାମ ଗାଇ
ଏତିକି ଆଶିଷ ଦିଅ ହେ ପ୍ରାଣେଶ
ଆଉ କିଛି ମାଗୁ ନାହିଁ ।୪।

## ଫୁଲ ଯେବେ ହୋଇଥାଆନ୍ତି

ଫୁଲ ଯେବେ ହୋଇଥାଆନ୍ତି ଫୁଟି ଶତଦଳରେ
ଲୋଟୁଥାନ୍ତି ବାସ ବିତରି ତୁମ ପଦତଳରେ ।୧।

ହୋଇଥାନ୍ତି ଯେବେ କୋକିଳ ମୋର କୁହୁକୁ ତାନେ
ଢାଳି ଦେଉଥାନ୍ତି ଅମୃତ ନିତି ତୁମରି କାନେ ।୨।

ତଟିନୀଟି ହୋଇଥିଲେ ମୁଁ କୁଳୁକୁଳୁ ସ୍ୱନରେ
ପଖାଳନ୍ତି ତୁମ ପୟର ମୋର ଶୀତଳ ନୀରେ ।୩।

ଶଶୀ ହୋଇଥିଲେ ଗଗନେ ଯେବେ ରଜନୀ ମୁଖେ
ଜୋଛନା ପ୍ଲାବିତ କରନ୍ତି ତବ ଶ୍ରୀଅଙ୍ଗ ସୁଖେ ।୪।

ଦେଇଛ ମାନବ ଜନମ ଦୁର୍ଲ୍ଲଭରୁ ଦୁର୍ଲ୍ଲଭ
ରିପୁଗଣ ଟାଣ ନ ସହେ ସ୍ୱଭାବରେ ଅଭାବ ।୫।

କରୁଅଛି ଅଳି ଚରଣେ ରାଜି ମୋର ଅନ୍ତରେ
ରାଜୀବ-ଚରଣ ! ଶରଣ ଦିଅ ଦୀନ ଦାସରେ ।୬।

## ଫୁଲଟିଏ ହୋଇ ଫୁଟିଛି ଠାକୁର

ଫୁଲଟିଏ ହୋଇ ଫୁଟିଛି ଠାକୁର
ତୁମ ଶ୍ରୀପୟରେ ଲୋଟିବା ପାଇଁ
ବାସ ନାହିଁ ବୋଲି ଠେଲି ଦିଅ ନାହିଁ
ମିନତି ଶ୍ରୀପଦେ କରେ ଗୋସାଇଁ ।୦।

ଫୁଲ ରେ ମହକ ଭରିବାର ପାଇଁ
ସାଧନ-ଭଜନ କରି ପାରୁନାହିଁ
ତବ କୃପା ଆଶେ ଶ୍ରୀଚରଣ ପାଶେ
ବସି ରହିଅଛି ମଥା ନୁଆଇଁ ।୧।

କେବେ ହେବ ତୁମ ଚରଣ ପରଶ
ନିରାଶ ପରାଣେ ଖେଳିବ ହରଷ
ସୁବାସିତ ପୁଷ୍ପ ବାସ ବିଛୁରିବ
ଜଗତେ ମହକ ଦେବ ଖେଳାଇ ।୨।

ଅମୂଲ୍ୟ ଜୀବନ ପାଇଛି ଠାକୁର
କୃପାବାରି ବିନା ହେବ ନାରଖାର
ଚାତକ ଚାହିଁଲା ପରି ଚାହିଁଅଛି
କରୁଣା ବାରିରୁ ଟୋପାଏ ପାଇଁ ।୩।

## ଫୁଲେ ଯଦି ଏତେ ସରାଗ ତୁମର

ଫୁଲେ ଯଦି ଏତେ ସରାଗ ତୁମର ଫୁଲ ହୋଇ ମୁଁ ଯେ ଫୁଟୁଥିବି
ଚନ୍ଦନରେ ଯଦି ଚର୍ଚ୍ଚିତ ହୋଇବ ଚନ୍ଦନ ବନ ମୁଁ ହୋଇଥିବି ।୦।

ଧୂପ ଗନ୍ଧେ ଯେବେ ହୁଅ ହେ ବିଭୋର ଧୂପ ହୋଇ ମୁଁ ଯେ ଜଳୁଥିବି
ଦୀପଶିଖା ହୋଇ ତୁମରି ମନ୍ଦିରେ ଆଲୋକ ମୁଁ ଯେ ପରଶୁଥିବି ।୧।

ସୁଖପାଅ ଯଦି ସୁଗନ୍ଧ ସଲୀଳ ତୀର୍ଥସଲୀଳରେ ମିଶିଥିବି
ତୁମରି ସେବକ ବେନିକରେ ଯାଇ ତୁମରି ଚରଣ ଧୋଉଥିବି ।୨।

ସୁଖପାଅ ଯଦି ନୈବେଦ୍ୟ ସମ୍ଭାର ସୁପକ୍ୱ ଫଳରେ ମିଶିଥିବି
ତୁମରି ତୁଣ୍ଡରେ ସୁଆଦ ପରଶି ଜୀବନ ସଫଳ ମଣୁଥିବି ।୩।

ସୁଖପାଅ ଯଦି ପୂଜାଉପଚାର ସବୁ ଉପଚାରେ ରହିଥିବି
ସଂଜ ସକାଳରେ ଆରତି ବେଳରେ ଅଙ୍ଗପରିକ୍ରମା କରୁଥିବି।୪।

ସୁଖପାଅ ଯଦି ଦରିଦ୍ରଯନ୍ତ୍ରଣା ଦାରିଦ୍ର୍ୟରେ ନିତି ସଢୁଥିବି
ତୁମରି ଦୁଆରେ ଭିଖଝୁଲି ଧରି ତୁମ କୃପା ଭିକ୍ଷା କରୁଥିବି ।୫।

ନୟନ ଲୋତକ ସୁଖପାଅ ଯଦି ତୁମରୂପ ଝୁରି କାନ୍ଦୁଥିବି
ଗୁରୁଦାସ ପଣେ ଶ୍ରୀଚରଣ ତଳେ ଇହପରକାଳ ଖଟୁଥିବି ।୬।

## ଫୁଲେ ଯେବେ ଏତେ ଆଦର ତୁମର

ଫୁଲେ ଯେବେ ଏତେ ଆଦର ତୁମର
ଫୁଲ ହୋଇ ନିତି ଫୁଟୁଥିବି
ଚନ୍ଦରରେ ଯଦି ଚର୍ଚ୍ଚିତ ହୋଇବ
ମଳୟ ଚନ୍ଦନ ବନ ହେବି
ଏହି ଆଶା ମୋର
ପୂରଣ କର ହେ ପ୍ରାଣେଶ୍ୱର ।୧।

ଧୂପ ଗନ୍ଧେ ଯଦି ବିଭୋର ହୋଇବ
ଧୂପ ହୋଇ ସଦା ଜଳୁଥିବି
ଦୀପଶିଖା ହୋଇ ତୁମରି ମନ୍ଦିର
ଆଲୋକ ଝଲକେ ହସାଇବି
ଏହି ନିବେଦନ
ଗ୍ରହଣ କର ହେ ଜୀବଧନ ।୨।

ସୁଖ ପାଅ ଯଦି ପୂତ ବାରିଧାରା
ତୀର୍ଥ ଜଳରେ ମିଶିବି ଯାଇ
ଲହରୀ କରରେ ତୁମ ଶ୍ରୀଚରଣ
ଶୀତଳ ଜଳେ ଧୋଇବା ପାଇଁ
ଆଶା ଏ ଦୀନର
ଘେନ ନିତ୍ୟଲୋକ-ଅଧୀଶ୍ୱର ।୩।

ସୁଖ ପାଅ ଯଦି ନୈବେଦ୍ୟ ସମ୍ଭାର
ହୋଇଥିବି ନାନା ଜାତି ଫଳ
ତୁମରି ତୁଣ୍ଡରେ ସୁଆଦ ପରଷି
କରିବାକୁ ଜୀବନ ସଫଳ
ଆହେ ଜ୍ଞାନ ଘନ
ଘେନା କର ଏହି ନିବେଦନ ।୪।

ସୁଖ ପାଅ ଯଦି ପୂଜା ଉପଚାର
ସବୁ ଉପଚାର ହୋଇଥିବି
ସଞ୍ଜ ସକାଳରେ ଆରତି ବେଳରେ
ଶ୍ରୀଅଙ୍ଗ ପରଶ ଲଭୁଥିବି
ଆହେ ଗୁରୁଦେବ
ଦିଅ ମୋ ମନରେ ଏହି ଭାବ ।୫।

ସୁଖ ପାଅ ଯଦି ଦୀନ ଦୁଃଖୀ ବେଶ
ଅଭାବରେ ନିତି ସଢୁଥିବି
ଭିକ୍ଷା ଝୁଲି ଧରି ତୁମରି ଦୁଆରେ
ତୁମ କୃପା ଭିକ୍ଷା କରୁଥିବି
ଆହେ ଭାବଗ୍ରାହୀ
ଦିଅ ଶ୍ରୀଚରଣ ତଳେ ଠାଇଁ ।୬।

## ପ୍ରଭୁ ! କେତେ ସୁଖ ପାଅ ସତେ

ପ୍ରଭୁ ! କେତେ ସୁଖ ପାଅ ସତେ !
ଥଳକୂଳ କିଛି ପାଉ ତ ନାହିଁ ମୁଁ,
ସେ କଥା ବିଚାରେ ଯେତେ ।୦।

ବାରି ନ ପାରୁଛି ଆସିଲ ତୁମେ ହେ ! କେଉଁ ଶୁଭ ପରଭାତେ
ଖୋଜି ନାହିଁ, ମନେ ବସିଲ ଆସନେ,
ଲୁଚି ଆସି କେଉଁପଥେ ? ।୧।

ଦୁନିଆଁ ସାରା ତ ମୁହଁ ଫେରାଇଛି, ନ ଚାହିଁଛି ଦିନେ ମୋତେ
ପତିତ-ହୃଦୟ-ଘରେ କିସ ଭାଳି,
ବିଜେ କଲ କେଉଁ ମତେ ? ।୨।

ରିପୁକୂଳ ମୋର ଅତି ପରବଳ ମଇତ୍ର ମୁଖାରେ ଯେତେ
ସବୁ କଉଶଳ ଭାଙ୍ଗିଛ ତାଙ୍କର,
ତୁମେ କରୁଣା ର ହାତେ ।୩।

ଶାନ୍ତ ହୋଇ ମୁଁ, ଶାନ୍ତି ମନାସି ଚଉଦିଗେ ହାତ ପାତେଁ
କରୁଣା-ସଲିଳ ଢାଳିଦିଅ, ତୁମେ
କର ବୁଲାଇ ମୋ ମାଥେ ।୪।

କେବେ ସୁତ, ସୁତା, ଗୃହିଣୀ, ବନିତା, ନାନା ରୂପେ ନାନା ମତେ
ଅଭାବ ମଝିରେ ପରାଣମଣି ହେ !
ଆଶିଷ ଢାଳୁଛ କେତେ ।୫।

ଆତ୍ମାର ତୁମେ ଆତ୍ମୀୟ ମୋର, ସତ୍ୟ ଜୀବନ-ପଥେ
ଶତ ଜନମର ପରାଣ-ଠାକୁର !
ରହିଅଛ ଅନ୍ତରଗତେ ।୬।

## ପ୍ରଭୁ ! କେତେ ଯେ ସହିଛ ମୋ ଲାଗି

ପ୍ରଭୁ ! କେତେ ଯେ ସହିଛ ମୋ ଲାଗି ଯାତନା ଘୋର
ନୀରବରେ ବସି ଝରାଇଛ ନୟନୁ ଲୋତକ ଧାର ।୦।

ଦେବା ପାଇଁ ମୋତେ ନିତ୍ୟ ସୁଖ
ଆଦରି ନେଇଛ କେତେ ଦୁଃଖ
ଦୁରୁଦିନେ କାନେ ବଜାଇଛ ମମତା ମଧୁର ସ୍ୱର ।୧।

ବୁଲି ବନଗିରି ଶମଶାନ
କରିଛ ସାଧନା ନିଶିଦିନ
କଣ୍ଟା ପଥେ ଚାଲି ଝରିଅଛି କେତେ ଯେ ରକତ ଧାର ।୨।

ଗୋପନରେ ରହି ନୀଳାଚଳେ
ଧୋଇ ଦେଲ ମନ ପ୍ରେମଜଳେ
ଭକତ ମେଳରେ ବିତାଇଛ ବାର ବରଷ ମାତର ।୩।

ତୁମରି କରୁଣା ଧନ ସଞ୍ଚି
ପତିଦାନେ ଦେଇନାହିଁ କିଛି
ତୁମରି ଜନମ ଦିବସରେ (ଆଜି) ମାଗେ ସେବା ଅଧିକାର ।୪।

## ପ୍ରଭୁ ତୁମ ପାଇଁ ଝରା ଶେଫାଳି ହୋଇ

ପ୍ରଭୁ ତୁମ ପାଇଁ ଝରା ଶେଫାଳି ହୋଇ
ତୁମ ମନ ଲାଖି ସେବାରେ ମନକୁ ଲଗାଇ ତୋଷିବି ସଦା
ପରାଣ ସାଇଁ, ମୁଁ ପରାଣ ସାଇଁ ।୦।

ନିତି ସଞ୍ଜେ ଫୁଟି ସୁବାସ ସାଉଁଟି
ରଖିଥାଏ ନାଥ ସଜାଡି ସାଇତି
ମିଳନ ନିଶିରେ ତୁମ ପଦତଳେ ଆପଣାକୁ ଭେଟି ଦେଇ
ଲୋଟିବା ପାଇଁ, ପଦେ ଲୋଟିବା ପାଇଁ ।୧।

ଶୁଣି ନାହିଁ କାନ ଭ୍ରମର ଗୁଞ୍ଜନ
ପରଶିନି ତନୁ କେବେ କେହି ଆନ
ପ୍ରିୟ ଚଲାପଥେ ଝରି ପଡିଥାଏ, କୋମଳ ପଦ ପରଶେ
ହଜିବା ପାଇଁ, ସେ ହଜିବା ପାଇଁ ।୨।

ଲୁଟିଛି ତା ତନୁ ପ୍ରିୟ ଅଙ୍ଗରାଗ
ପୂରିଛି ପରାଣ ପାଇ ପ୍ରିୟ ସଙ୍ଗ
ନିଶି ଶେଷେ ପ୍ରାଣଧନ ବିଚ୍ଛେଦ ବେଦନା ଭାଳି, ଅବୁଝା ମନ
ବୁଝଇ ନାହିଁ, ତା'ର ବୁଝଇ ନାହିଁ ।୩।

ଅଝରା ଲୁହର ପସରା ସାଇତି
ଆକୁଳ ପରାଣେ କରୁଛି ମିନତି
ଝରା ଶେଫାଳିର ପୀରତି ପଦୁଅଁ ତୁମ ପଦେ ଯେହ୍ନେ ପ୍ରିୟ
ଦିଏ ଲୋଟାଇ, ମୁଁ ଦିଏ ଲୋଟାଇ ।୪।

## ପ୍ରଭୁ ! ନନ୍ଦନ ବନ ଇନ୍ଦ୍ରଭୁବନ

ପ୍ରଭୁ ! ନନ୍ଦନ ବନ ଇନ୍ଦ୍ରଭୁବନ
ଲୋଡା ନାହିଁ ମୋର ଲୋଡା ନାହିଁ
ପଦତଳେ ତବ ଶରଣ ମାଗୁଛି
ସେବକ ପଦରେ ଭାବଗ୍ରାହୀ ।୦।
ତିନି ଭୁବନର ନାଥ ତୁମେ ପରା
ଅନାଥର ନାଥ ନାମ ବହି
ଇହ ପରକାଳ ଜଗି ରହିଥାଅ
ସନ୍ତାନ ବତ୍ସଳ ତୁମେ ସାଇଁ ।୧।
ଏ ସାରା ସଂସାରେ ତୁମ ପରି ମୋର
ଆପଣାର ହୋଇ କେହି ନାହିଁ
ସୁଖର ଦୁଃଖର ଚିର ସହଚର
ତୁମ ସମ ଅଛି କେ ଗୋସାଇଁ ? ।୨।
ଭାସି ଯାଉଥିଲେ ଭବ-ସାଗରରେ
କୂଳରେ ଲଗାଅ ତୁମେ ନେଇ
ବାଟ ହୁଡି କେବେ ଅବାଟରେ ଗଲେ
ବାଟ ଯେ ଦେଖାଅ ତୁମେ ରହି ।୩।
ତୁମେ ପରା ପ୍ରଭୁ କୃପା-ପାରାବାର
ବାଟ ହୁଡିଯାଏ ସଦା ମୁହିଁ
ଦେହ ମନ ଧନ ଯାହା ତ ଦେଇଛ
ଶ୍ରୀପଦେ ସଂପୁଛି ପ୍ରାଣସାଇଁ ।୪।

## ପ୍ରଭୁ ତୁମରି ଚରଣ ତଳେ

ପ୍ରଭୁ ତୁମରି ଚରଣ ତଳେ
ପ୍ରଣତି ଢାଳି ହେ ପ୍ରାଣର ଠାକୁର ତୁମରି କରୁଣା ବଳେ ।୦।

ତୁମେ ଜାଣ ପ୍ରଭୁ ମୁଁ ପତିତ ଜନ ମୁଁ ଜାଣେ ତୁମେତ ପତିତପାବନ
ପ୍ରାର୍ଥନା ମୋହର ପ୍ରସାରିତ କର ଜୀବନର ସଞ୍ଜ ବେଳେ ।୧।

ତୁମେ ଜାଣ ମୁଁ ଯେ ସଦା ଅପରାଧି ମୁଁ ଜାଣେ ତୁମେ ତ କ୍ଷମାର ବାରିଧି
ଅପରାଧ ମୋର ଧୋଇ ଦିଅ ପ୍ରଭୁ ତୁମ କରୁଣା ସଲିଳେ ।୨।

ତୁମେ ଜାଣ ମୁଁ ଜେ ଭକତି ବିହିନ ମୁଁ ଜାଣେ ତୁମେ ତ ମୋର ଭଗବାନ
ମୋ ହୃଦେ ଭକତି ଦିଅ ପ୍ରାଣପତି ଅରପିବି ଶ୍ରଦ୍ଧା ଭରି ।୩।

ତୁମେ ଜାଣ ମୋର କଳୁଷଯେ ଭରି ମୁଁ ଜାଣେ ତୁମେ ତ କଳୁଷ ପ୍ରହାରୀ
ମୋତେ ନିଷ୍କଳୁଷ କରହେ ପ୍ରାଣେଶ (ତୁମ) ଶାସନ ଅଙ୍କୁଶ ବଳେ ।୪।

ତୁମେ ଜାଣ ପ୍ରଭୁ ମୁଁ ଯେ ନରାଧମ ମୁଁ ଜାଣେ ତୁମେ ତ ପୁରୁଷ ଉତ୍ତମ
ଅହମିକା ମୋର କରିଦିଅ ଦୂର ତୁମ ପ୍ରେମର ଜୁଆରେ ।୫।

ତୁମେ ଜାଣ ମୁଁ ତ ନୁହେଁ ସେବାକାରୀ ମୁଁ ଜାଣେ ତୁମେ ତ ସେବ୍ୟ ମୋହରି
ଦିଅ ହେ ଶକତି ସେବିବାକୁ ନିତି ଶିବ ଜ୍ଞାନେ ଜୀବ କୂଳେ ।୬।

ହେ ଅନ୍ତର୍ଯ୍ୟାମୀ ଜାଣ ମୋ କାମନା ଅନ୍ତିମ ଦିବସେ କରିବ ତା ଘେନା
ଗାଇ ଜୟଗୁରୁ କାଳ ମୋର ପୂରୁ ମିଶିଯାଏ ଶ୍ରୀପୟରେ ।୭।

## ପ୍ରଭୁ ! ତୁମ ଶ୍ରୀଚରଣ ତଳେ

ପ୍ରଭୁ ! ତୁମ ଶ୍ରୀଚରଣ ତଳେ
ଦୀପଟିଏ ହୋଇ ଜଳୁଛି ଠାକୁର
ଜଳୁଥାଏ ପଦ ତଳେ ।୦।

ଜଳିବା ଆନନ୍ଦେ ତୁମ ଶିରିପଦେ
ହସହସ ମୁଖେ ପ୍ରଭୁ
ଆଲୋକ ବିସାରି ଜଳୁଥାଏ ସଦା
ମୁଖରୁ ହସ ନ ଲିଭୁ
ଅଲିଭା ପ୍ରଦୀପ ଜ୍ୟୋତିରେ ତୁମକୁ
ଅବଲୋକେ ବେନି ଡୋଳେ ।୧।

ସ୍ନିଗ୍ଧ ସୁନ୍ଦର ସେ ଆଲୋକ ଶିଖା
ଜଳୁଥାଉ ଜଳୁଥାଉ
ସେ ଆଲୋକେ ହେରୁ ତୁମ ଅପରୂପ
ତୁମ ସେବା କରୁଥାଉ
ଆରତି ବେଳରେ ତୁମ ଜ୍ୟୋତିରୂପ
ଦେଖେ ମୁଁ ସଞ୍ଜ ସକାଳେ ।୨।

ମୋ ଜୀବନ ପ୍ରଭୁ ତୁମରି ଆଲୋକ
ଜଳେ ମୁଁ ତୁମକୁ ଚାହିଁ
ଅମା ଅନ୍ଧକାର ଯାଉ ଦୂରେ ଚାଲି
ପ୍ରାଣ-ପ୍ରଦୀପ ଜଳାଇ

ନିଷ୍କମ୍ପ ପ୍ରଦୀପ ଶିଖା ହୋଇ ପ୍ରଭୁ
ଜଳୁଥାଏ ପଦ ତଳେ |୩|

ଜୀବନ ସଳିତା ଜଳି ଜଳି ଶେଷେ
ମିଶିଯିବ ତୁମ ତୁଲେ
ଜୀବନ ଗୋଧୂଳି ଆସେ ଢଳି ଢଳି
ଅମା ଅନ୍ଧକାର ତଳେ
ଏ ଜୀବନ ଘନ ଯବନିକା ତଳୁ
ନିଅ ତୋଳି ତୁମ କୋଳେ
ପ୍ରଭୁ ଶ୍ରୀପଦେ ପ୍ରଣତି ଢାଳେ |୪|

## ପ୍ରଭୁ! ତୁମେ ପ୍ରଭାତର ପ୍ରଥମ କିରଣ

ପ୍ରଭୁ! ତୁମେ ପ୍ରଭାତର ପ୍ରଥମ କିରଣ
ପ୍ରଭୁ! ତୁମେ ସନ୍ଧ୍ୟାର ଗୋଧୂଳି ଲଗନ ।୦।

ସାରଥି ସାଜିଣ ତୁମେ ଏହି ଦେହ-ରଥେ
କୃପା ବହି ନିଅ ବାହି ଏ ଜୀବନ-ପଥେ
ପ୍ରଭୁ! ତୁମେ ମଧୁପର ମଧୁର ଗୁଞ୍ଜନ ।୧।

ହେ ଈଶ୍ୱର! ଏ ବିଶ୍ୱର ତୁମେ ହିଁ କରତା
ତୁମେ ସଖା ତୁମେ ବନ୍ଧୁ ତୁମେ ପିତାମାତା
ଘେନ ଅଭିନନ୍ଦନ ଜଗତବନ୍ଦନ ।୨।

ପୂର୍ଣ୍ଣ କର ଶୂନ୍ୟ ଏହି ହୃଦୟକୁ ମୋର
ପୁଣ୍ୟମୟ ହେଉ ଘୃଣ୍ୟ ନଶ୍ୱର ଶରୀର
ଅଭୟ ପଦ-କମଳେ ଦିଅ ହେ ଶରଣ ।୩।

## ପ୍ରଭୁ ହେ ଏତିକି ଗୁହାରି ଶିରିପଦରେ

ପ୍ରଭୁ ହେ ଏତିକି ଗୁହାରି ଶିରିପଦରେ
ଆହେ କରୁଣା ସାଗର କେବେ ହେବି ମୁଁ ତୁମର
ବନ୍ଧାଥିବି ତୁମ ପ୍ରେମ ଦୁଆରେ ।୦।

ତୁମ ସେବା କରୁଥିବି ଜୀବନ ଦେଇ
ସକଳ କରମ ହେବ ତୁମକୁ ନେଇ
ସାଥେ ଥିବ ମୋ ସଂସାର ତହିଁକି ନ ଥିବ ଡର
ଗାଉଥିବି ତୁମ ନାମ ଅଧିରେ ।୧।

ସଂସାର ଚାପରେ କେବେ ନ ଯିବି ଥକି
ତୁମ ଡାକରାକୁ ସଦା ଥିବି ମୁଁ ଡାକି
ପ୍ରାଣଭରା ଶତାଘାତ ନ କରୁ ମୋତେ ବଞ୍ଚିତ
ଦାସପଣେ ଥିବି ତୁମ ପାଶରେ ।୨।

ଭାଙ୍ଗି ଯିବ କେବେ ଯେବେ ଏ ମାଟି ଘଟ
ଧରିଥିବି ଶିରିପଦ ହେ ପ୍ରାଣନାଥ
ସ୍ୱର୍ଗେ ବା ନରକେ ନିଅ ପାଶେ ଥିବ ପ୍ରାଣପ୍ରିୟ
ଅଳିକରେ ଆଜି ଆଖି ଲୁହରେ ।୩।

## ପ୍ରଭୁ ହେ ! ତୁମରି ଅଭୟ ଚରଣ ତଳେ

ପ୍ରଭୁ ହେ ! ତୁମରି ଅଭୟ ଚରଣ ତଳେ
ଶତ ଯାତନାରେ ପଛେ ଜଳୁଥିବି ତୁମ ଆଶିଷରେ ସବୁ ସହିଯିବି
ମଙ୍ଗଳମୟ ପ୍ରାଣର ଠାକୁର ସନ୍ଦେହ ନ ଆସୁ ତିଳେ
ତୁମରି ଅଭୟ ଚରଣ ତଳେ ।୦।

କୋଟି ସଉଭାଗ୍ୟ, ଆଦରି ନେଇଛ ଚରଣେ ଶରଣ ଦେଇଛ
ଇହ ପରକାଳ ଗୁରୁଭାର ମୋର କରୁଣା କରିଣ ବହିଛ
କୃତଜ୍ଞତା ଭରେ ଆଖିର ଲୁହରେ ପ୍ରୀତିର ପ୍ରଣତି ଢାଳେ
ତୁମରି ଅଭୟ ଚରଣ ତଳେ ।୧।

ପାଶେ ପାଶେ ରହି ପଥ ମଣାଉଛ ଅବୁଝା ହେଲେ ବି ବାରୁଛି
ଅଭୟ ପଣତେ ଢାଙ୍କିଅଛ ମୋତେ ମା'ର ମମତା ପାଉଛି
ତୁମ ପରି ସତେ କିଏ ହେବ ମୋର ନିତି ପ୍ରତି ଖାଲି ଭାଳେ
ତୁମରି ଅଭୟ ଚରଣ ତଳେ ।୨।

ଦେଇଥିଲ ଯେଉଁ ଦୁର୍ଲ୍ଲଭ ଜନମ ଅସାର କଥାରେ ମାତି
(ତୁମ) ଇଚ୍ଛା ପୂରଣରେ ଲାଗି ପାରିଲିନି ଦିନ ମୋର ଗଲା ବିତି
କ୍ଷମା କରିଦିଅ ଅଧମ ସନ୍ତାନେ କୋଟି ପ୍ରଣତି ମୁଁ ଢାଳେ
ତୁମରି ଅଭୟ ଚରଣ ତଳେ ।୩।

ସାଧନ ଭଜନ କରି ପାରିଲିନି ସେଥିକି ଶୋଚନା ନାହିଁ
ନିମିଷେ ମାତର ଆଖିରୁ ମୋହର ଦୂରେଇ ନ ରହ ସାଇଁ
ଜନମ ଜନମ ହାତଧରା ସାଥୀ ରଖ ମୋତେ ପାଦ ତଳେ
ତୁମରି ଅଭୟ ଚରଣ ତଳେ ।୪।

## ପ୍ରଭୁ ହେ, ତୁମରି ମହିମା ମାନ

ପ୍ରଭୁ ହେ, ତୁମରି ମହିମାମାନ,
କୋଟି ଯୁଗେ କୋଟି ମୁଖ ତ ହାରିଛି
କେ ପାରିବ କରି ଗାନ ? |୦|

ଅନନ୍ତକାଳ ଯା'- ଅନନ୍ତ-ଗରିମା
ଅନ୍ତ ପାଇ ନାହିଁ କେହି
କଣାଟିଏ ତହୁଁ ଲେପିବି ମରମେ
ଏତିକି କରୁଣା-ସାଇଁ !
ମାଗୁଅଛି ଅକିଞ୍ଚନ |୧|

ଶମନ-ବିଜୟୀ ଯେଉଁ ଶୁଭ ନାମ
ତୁଣ୍ଡରେ ସେ ନାମ ଧରି
ଅନ୍ତିମେ ଏ ଭବ- ଦୁସ୍ତର-ସାଗର
ଅବହେଳେ ଯିବି ତରି
ସତତ କରେ ଚିନ୍ତନ |୨|

ଘେନ ଦୟାମୟ ! ଯତନେ ସାଇତା
ଫୁଲ-ଚନ୍ଦନ ମୋର
ପାପ-ତାପ-ହାରୀ -ଚରଣତଳରେ
ମାଗୁଛି ଲୋଟାଇ ଶିର
ଆଶା ମୋ କର ପୂରଣ |୩|

## ପ୍ରଭୁ ହେ, ମୁକତି ମୁଁ ଚାହୁଁ ନାହିଁ

ପ୍ରଭୁ ହେ, ମୁକତି ମୁଁ ଚାହୁଁ ନାହିଁ
ପଡିଲେ ବିପଦେ ତୁମରି ଶ୍ରୀପଦେ
ଭକତି ମୋ ଥାଉ ରହି ।୦।

ଆସିବି ଯିବି ମୁଁ ଥରକୁ ଥର
ତୁମ ପଦସେବା କାମନା ମୋର
ତରିବାକୁ ଏହି ସଂସାର-ସାଗର
ଦେଉଥିବ ତୁମେ ପଥ ମଣାଇ ।୧।

ନ ଲୋଡେ ମୁଁ ଧନ, ଜନ, ସମ୍ମାନ
ଭକତି ଡୋରରେ ବାନ୍ଧ ମୋ ମନ
ହୃଦ-ବୃନ୍ଦାବନେ ସତତ ବିହରି
ସେବା ଅଧିକାର ଦିଅ ଗୋସାଇଁ ।୨।

ଯମୁନା ପୁଲିନେ ରାସମଣ୍ଡଳେ
ରାସବିହାରୀ ହେ ଦେଖିଲେ ଥରେ
ଜନ୍ମେ ଜନ୍ମେ ଥିବି ସେବକ ପଣରେ
ଧନ୍ୟ ହେବ ନେତ୍ର ଦୋଳି ଖେଳାଇ ।୩।

## ପ୍ରଣତି ଘେନ ପଦେ ମଙ୍ଗଳମୟ

ପ୍ରଣତି ଘେନ ପଦେ ମଙ୍ଗଳମୟ
ଜୀବ ଦୁଃଖହାରୀ ନାଥ କରୁଣାମୟ ।୦।

ମନ ସାଥେ ଯୁଝି ଯୁଝି
ଏ ଶୁଭ ଲଗନେ ଆଜି
ଚରଣେ ଶରଣ ମାଗେ ହୁଅ ସଦୟ ।୧।

ସେବକ ଜୀବନ ମୋର
ହେଉ ନିତ୍ୟ ହେଉ ଚିର
ଆଖି ଲୁହ ଢାଳି ମାଗେ ବର-ଅଭୟ ।୨।

ଏ ଜୀବନେ ଖାଲି ନୁହେଁ
ଜୀବନାନ୍ତେ ପ୍ରାଣ ଚାହେଁ
ତୁମ ସେବା ଦୟାନିଧି ! ପରମ ଶ୍ରେୟ ।୩।

ତୁମ ନାମ ଗାଇ ଗାଇ
ତୁମ ରୂପ ଧ୍ୟାୟି ଧ୍ୟାୟି
ସେବା ପଥେ ବାଧା ଯେତେ ହେଉ ବିଳୟ ।୪।

ତୁମେ ଚିଦାନନ୍ଦ ଘନ
ତୁମେ ସତ୍ୟ ସନାତନ
ସ୍ୱରୂପେ ମୁଁ ତୁମ ଦାସ ଆନନ୍ଦମୟ ।୫।

ଅଭୁଲା ଏ ତୁମ ବାଣୀ
ନିତ୍ୟ ମନେ ଗୁଣି ଗୁଣି
ଚଞ୍ଚଳ ଏ ମନ ଚିର ହେଉ ଗୋ ଥୟ
ସେବକ ଚିର ଆରାଧ୍ୟ ହେ ଦୟାମୟ ! ।୬।

## ପ୍ରଣତି ଘେନ, ହେ ଦେବ ନିଗମାନନ୍ଦ !

ପ୍ରଣତି ଘେନ, ହେ ଦେବ ନିଗମାନନ୍ଦ !
ଦାସରେ ହୁଅ ପ୍ରସନ୍ନ ।୦।

ବୁଡି ମାୟା ଅନ୍ଧକାରେ ନିଶିଦିବସ ମୋ ସରେ
ଜ୍ଞାନବତୀ ଜାଳି କର କର ହେ ଆଲୋକ ଦାନ ।୧।

ସୁପଥେ ଘେନ ଠାକୁର ପ୍ରେମ ସୁଧା ଦାନ କର
ନିରାଶ ହୃଦୟେ ବୋଳି ଦିଅ ଆଶୀଷ ଚନ୍ଦନ ।୨।

ଜଗାଇ ନବ ଚେତନ ଧନ୍ୟ କର ଏ ଜୀବନ
ନିରନ୍ତର ଗୁରୁନାମ କଣ୍ଠ ମୋର କରୁ ଗାନ ।୩।

ମୁକତି ମୁଁ ମାଗୁନାହିଁ ସରଗ ମୁଁ ନ ଲୋଡଇ
ଚରଣ ତଳରେ ତବ ଅଭାଗା ମାଗୁଛି ସ୍ଥାନ ।୪।

ଜନମ ଜନମ ଧରି ତବ ପଦ ସେବା କରି
ସାର୍ଥକ ହେଉ ଜୀବନ ବାଞ୍ଛା ମୋ କର ପୂରଣ ।୫।

## ପ୍ରଣତ ଜନର ପ୍ରଭୁ ପ୍ରଣତି ଘେନ

ପ୍ରଣତ ଜନର ପ୍ରଭୁ ପ୍ରଣତି ଘେନ
ପ୍ରାଣର ଆରାଧ୍ୟ ଘେନ ବନ୍ଦନ ମମ
ଘେନ ମୋ ପ୍ରୀତି-ପ୍ରଣତି ହେ ଆନନ୍ଦ-ଘନ ।୦।

ପ୍ରାଣର ଆବେଗେ ଭରି ଅଶୃଳ ଅଞ୍ଜଳି
ତବ ଶ୍ରୀଚରଣେ ଦିଏ ପ୍ରୀତି ଭରେ ଢ଼ାଳି
ଆହେ କରୁଣାସାଗର !
(ଆଜି) ବନ୍ଦେ ବିଶ୍ୱ ଚରାଚର
ମୋ ହୃଦ ଚନ୍ଦନ ମମ ବନ୍ଦନ ଘେନ ।୧।

ଆନନ୍ଦରୁ ଜାତ କଲ ଏ ବିଶ୍ୱ ଜୀବନ
(ଆଜି) ଆନନ୍ଦମୟ ପ୍ରକୃତି କରୁଛି ବନ୍ଦନ
ନିଶୀଥ ଗଗନ କୋଳେ
ଆନନ୍ଦେ ଦାମିନୀ ଦୋଳେ
ଆନନ୍ଦ ଅନ୍ତରୁ ଶୁଭେ ଅନାହତ ସ୍ୱନ ।୨।

ମୋ ମନ କୁସୁମ ଫୁଟେ ତୁମରି ପ୍ରେମରେ
କଣ୍ଠ ଭରି ରହେ ସଦା ବନ୍ଦନାର ସୁରେ
ବନ୍ଦେ ପଞ୍ଚମ ଝଙ୍କାର
ବନ୍ଦେ ପ୍ରଣବ ଓଁକାର
ଦେବତା ଗନ୍ଧର୍ବେ ସର୍ବେ କରନ୍ତି ବନ୍ଦନ ।୩।

ଅଲକ୍ତ ରାଗ ରଞ୍ଜିତ ଶ୍ରୀପଦ ଯୁଗଳ
ନବ ଅରୁଣିମା ଖେଳେ ଶୋଭା କି ମଞ୍ଜୁଳ
ଜୟ ଶ୍ରୀନିଗମେଶ୍ୱର
ଜୟ ବ୍ରହ୍ମ ପରାତ୍ପର
'ଜୟଗୁରୁ' ଜୟ ଗାଇ କରୁଛି ବନ୍ଦନ
ଶୁଭେ ଶୁଭ ଶଙ୍ଖ ଶୁଭେ ହୁଳହୁଳି ସ୍ୱନ ।୪।

## ପ୍ରାଣନାଥ ! ଆଜି ଗୁହାରି ଜଣାଏଁ

ପ୍ରାଣନାଥ ! ଆଜି ଗୁହାରି ଜଣାଏଁ
ଶିରୀପଦରେ ଜୁହାରି ତ
ପଦ ଧରିଥିବି ନାମ ଗାଉଥିବି
ଜୀବ ଯିବା ଯାଏ ସରି ତ ।୦।

ଦୁଃଖ ସହିବାକୁ ମୂକ ହୋଇଯିବି
ଦୁନିଆଁ କଥାକୁ କାନ ମୁଦି ଦେବି
ଅନ୍ଧ ହୋଇଯିବି ବିଷୟ ଆଡକୁ
ତୁମ କମ ଠାମ ହେରି ତ ।୧।

ମନ ଚାହୁଁଥିବ ପୀରତି ପ୍ରିୟରେ
ବୁକୁ ଭିଜୁଥିବ ଆଖିର ଲୁହରେ
ମାଆ ମାଆ ଡାକୁଥିବ ମନପକ୍ଷୀ
ଅସହାୟ ଶିଶୁ ପରି ତ ।୨।

କରୁଣା ଦୁଆରେ ନଉକରୀ କରି
ବନ୍ଧା ପଡିଥିବି କିଣା ଦାସ ପରି
ସେବାରେ ସତତ ଲାଗି ରହିଥିବି
ସେବା ଅଭିଳାଷ ଧରି ତ ।୩।

## ପ୍ରାଣବନ୍ଧୁ ରେ! ମୁଖ ଫିଟାଇ ଦୁଃଖ

ପ୍ରାଣବନ୍ଧୁ ରେ! ମୁଖ ଫିଟାଇ ଦୁଃଖ ମୁଁ ନ କହିବି ଥରେ ।୦।

ମାଗୁନାହିଁ କିଛି ମାଗୁନାହିଁ,
ଭୋଗୁଅଛି , ଭୋଗିବାର ପାଇଁ
ଜୀବ ଗଲେ ଯାଉ ଚିନ୍ତା ନାହିଁ
ହାତ ନପାତି, ସହିବି କୋଟି ବେଦନାରେ ।୧।

ଆଖି ପାଣି ଆଖିରେ ମାରିବି
ମନ ପୋଡି ମନେ ମିଳାଇବି
ସବୁ ସହି ସିନା ଦିନ ନେବି
ବ୍ୟଥା ହେବ ପରା ଭାବି କଲେ ମୁଁ ଜଣାରେ ।୨।

ଆଶା ମନେ କେବେ ନ ପୋଷିବି
କଲା କରମ ଫଳ ଭୁଞ୍ଜିବି
ଭରମରେ ହେଲେ ନ ଦୋଷିବି
ତବ କରୁଣା ବୋଲି ତା କରିବି ଘେନାରେ ।୩।

ମୁଖ ମୋର ମୂକ ହୋଇ ରହୁ
ଆଖି ନୀର ଧାର ନ ଝରାଉ
ଶିର ପଦେ ତୋର ଲୋଟୁଥାଉ
ଏତେ ମାଗୁଣିକି ମୋର ନକର ମନା ହେ ।୪।

## ପ୍ରିୟ ହେ! ନିଅ ପ୍ରଣତି

ପ୍ରିୟ ହେ! ନିଅ ପ୍ରଣତି
ନିଅ ପ୍ରଣତି ମୋର
ଧନ୍ୟ ହୋଇଯାଉ ଏ ପାପ ଜୀବନ
ବଢାଇ ଦିଅ ସେ ପୁଣ୍ୟ ପୟର ।୦।

ତୁମ ଦୟା ଦାନ ଅତୁଳନ ଧନ
କିଏ ସେ କରିବ କଳନା ତାର?
ଅଭାଗା ଜୀବନେ ଅଜାଡି ଦେଇଛ
କୋଟି କରୁଣାର ମଧୁର ଧାର ।୧।

ଚଉଦ ଭୁବନେ ଝରି ଝରି ପଡେ
ତୁମରି ମଙ୍ଗଳ ସଙ୍ଗୀତ ସୁର
ନାମକୁ କରିଛ ସୁଧାରୁ ମଧୁର
ପ୍ରେମକୁ କରିଛ ସଂସାରେ ସାର ।୨।

ପୋଛି ଦେଇଅଛ ଦୁଃଖୀର ଲୋତକ
ନେଇଛ ପାପୀର ପାତକ ଭାର
ଭକତ ଜନର ଦୁଃଖ ନେଇ ନେଇ
ଦୁଃଖହାରୀ ନାମ ଆଜି ତୁମର ।୩।

ବନଫୁଲ ଦେଇ ପୂଜିବି ନାହିଁ ମୁଁ
କମନୀୟ ତୁମ ପଦ କମଳ
ଯେଉଁ ପ୍ରାଣଫୁଲ ତୁମରି ରଚନା
ସେଇ ଫୁଲେ ହେଉ ପୂଜା ତୁମର ।୪।

## ପ୍ରିୟଠାରୁ ବଳି ପ୍ରିୟ ତୁମେ ମୋର

ପ୍ରିୟଠାରୁ ବଳି ପ୍ରିୟ ତୁମେ ମୋର ଆହେ ପ୍ରାଣ ପ୍ରିୟତମ
ତୁମରି ଅମିୟ ପ୍ରୀତି ମଧୁ ଆଶେ ଆକୁଳ ସଦା ଏ ମନ ।୦।

କୃପାସିନ୍ଧୁ ପ୍ରେମବିନ୍ଦୁ ବିତରଣେ
ନ କରିବ କୁଣ୍ଠା ଅଳି ଶ୍ରୀଚରଣେ
ତ୍ରିତାପ ଦଗଧ ଅବିଦ୍ୟାରେ ଅନ୍ଧ କର ଶାନ୍ତିବାରି ଦାନ ।୧।

ଶ୍ରୀପଦେ ମୋ ଭିକ୍ଷା ବିଶ୍ୱାସ ଭକତି
ସ୍ଥିର ନିର୍ଭରତା ସତ୍ୟ ଅନୁରକ୍ତି
ବୀତରାଗ ଭୟ କ୍ରୋଧ ଚିତ୍ତକ୍ଷେତ୍ରେ ଫୁଟାଅ ସ୍ୱରୂପଜ୍ଞାନ ।୨।

ନିତ୍ୟାଶ୍ରୟ ହେଉ ସେ କଞ୍ଜଚରଣ
ଦିବ୍ୟାନନ୍ଦ ସ୍ଫୂର୍ତ୍ତି ହେଉ ଅନୁକ୍ଷଣ
କାନ୍ତ କମନୀୟ ପ୍ରାଣାକାଶେ ରାଜ ବିଶ୍ୱ ଦେବ ପ୍ରାଣାରାମ ।୩।

## ପ୍ରିୟତମ ! ଘେନ ମୋ କୋଟି ପ୍ରଣାମ

ପ୍ରିୟତମ ! ଘେନ ମୋ କୋଟି ପ୍ରଣାମ
ଚରଣ ତଳରେ ଜୁହାରି ଲୋଡୁଛି
କେବଳ ତୁମ ଶରଣ |୦|

ତୁମ ବଂଶୀସ୍ୱନ ଶୁଣୁ ମୋର କାନ
ହୃଦେ ବାଜୁ ତୁମ 'ଜୟଗୁରୁ' ନାମ
ବୀଣା ତାରେ ଛନ୍ଦି ସୁରେ ସୁର ବାନ୍ଧି
ଉଚ୍ଛନ୍ନ ହେଉ ପରାଣ |୧|

ଜୀବନଯାକର ଯେତେ ପାପରାଶି
ଧୋଇ ହୋଇଯାଉ ଅଶ୍ରୁଜଳେ ଭାସି
ତୁମ ଲାଗି ଏକା ପାଗଳ ହୋଇ ମୁଁ
ବୁଲୁଥାଏ ଦିବାଯାମ |୨|

ପିଣ୍ଡରେ ପରାଣ ଥିବାଯାଏ ମୋର
ପାଇବାକୁ ଟିକେ ତୁମରି ଆଦର
ଲୋଡୁଅଛି ପୁଣି ଆଶା କରିଅଛି
କରିବ ନାହିଁ ବାରଣ |୩|

## ପ୍ରିୟତମ ! ତୁମେ ସିନା ଏକା ମୋ ଭୂଷଣ

ପ୍ରିୟତମ ! ତୁମେ ସିନା ଏକା ମୋ ଭୂଷଣ
ତୁମ ବିନୁ କାହିଁ ଆନ ଦରବରେ ନ ରସୁ ପରାଣ ମନ ।୦।

ନୟନ ଭୂଷଣ ତୁମ କମ ରୂପ, ଶ୍ରବଣର ଗୁଣଗାନ
କରର ଭୂଷଣ ଶ୍ରୀପଦ ସେବନ, ମୁଖ ରଟୁଥାଉ ନାମ ।୧।

ପରା ସୁଖ ଶାନ୍ତି ହେ ଅନ୍ତରତମ ! ହେଉ ଅନ୍ତର ଭୂଷଣ
ତୁମ ଲାଗି ଭବ-କୂଟ ଅନୁଭବ ହେଉ କଣ୍ଠର ଭୂଷଣ ।୨।

ସଦା ତୁମ ତନୁ ବାସ ଆଶ ହେଉ ଏ ମୋ ନାସାର ଭୂଷଣ
ତୁମ ପାଇଁ ସବୁ ତୁମେ ମୋର ସବୁ ହେଉ ମନର ଭୂଷଣ ।୩।

ତୁମରି ଅଭୟ ଆଶିଷ ହେ ପ୍ରଭୁ, ହେଉ ମୋ ଶିର ଭୂଷଣ
ତୁମ ପୀରତିର ଚନ୍ଦନ ସୁବାସେ ପୂରି ରହିଥାଉ ପ୍ରାଣ ।୪।

## ପ୍ରେମ ବିନେ ସେ ଧନ ମିଳେ ନାହିଁ ରେ

ପ୍ରେମ ବିନେ ସେ ଧନ ମିଳେ ନାହିଁ ରେ ମନ
ତଇଲ ବିନେ ଦୀପ ଜଳେ ନାହିଁ ରେ ମନ ।୦।

ଜ୍ଞାନ ଆଲୋକ ଯେବେ ଲୋଡୁ ବାଉଳା ତେବେ
ଅନ୍ଧାରେ ବୁଲୁ କିଂପା ବାଇ ହୋଇ ରେ ମନ
ପରମ ନିଧି ସେ ତ ରହି ଅଛି ଗୁପତ
ପ୍ରେମ ବନ୍ଧନେ ତାକୁ ବାନ୍ଧ ଯାଇ ରେ ମନ ।୧।

ଶିଳାଖଣ୍ଡ ତରଲେ ତାହାରି ପ୍ରେମ ବଳେ
ଜୀବନ ମରଣର ସାଥି ସେହି ରେ ମନ
ପ୍ରେମେ ଚଳେ ଜଗତ ସକଳେ ଆତଯାତ
ଭେଟ ତା ପଦେ ପୂତ ପ୍ରେମ ନେଇ ରେ ମନ ।୨।

ପ୍ରାଣ ପଛେ ଛାଡ ତୁହି ପ୍ରେମକୁ ତେଜିବୁ ନାହିଁ
ପାଗଳ ହୁଅ ତା'ର ଗୁଣ ଗାଇ ରେ ମନ
ପ୍ରେମର ବଶ ହରି ନ ଦିଅ ତୁ ପାଶୋରି
ବାନ୍ଧି ରଖ ତୁ ପ୍ରେମ ଡୋରି ଦେଇ ରେ ମନ ।୩।

## ପ୍ରେମମୟ ଜୟ ନିଗମାନନ୍ଦ

ପ୍ରେମମୟ ଜୟ ନିଗମାନନ୍ଦ, କାନ୍ତି କୀର୍ତ୍ତି ମୂର୍ତ୍ତିମାନ୍
କୃପାମୟ ଦେବ ନିଗମ ଗୌରବ, ଶୌର୍ଯ୍ୟଗାରିମା ଦୀପ୍ତିମାନ୍ ।୧।

ସିଦ୍ଧ ସଦ୍‌ଗୁରୁ, ଭକ୍ତ କଳ୍ପତରୁ, ଅଭୟମୂରତି, ଜ୍ଞାନବାନ୍
ନେଇଛୁଁ ଶରଣ ଜିଣିବୁଁ ମରଣ ତ୍ରିଜଗତେ ଆମେ ଶକ୍ତିମାନ୍ ।୨।

ନିର୍ଭର କରି ନିର୍ଭୀକ ଆମେ ସଂଗ୍ରାମଜୟୀ ଆର୍ଯ୍ୟସନ୍ତାନ
ଜନ୍ମ-ମୃତ୍ୟୁଚ୍ଛେଦ ଶଙ୍କାବିହୀନ ହୋଇଛୁଁ ସକଳେ ବୀର୍ଯ୍ୟବାନ ।୩।

ତୁମରି ସାଧନା ଦେଇଛି ପ୍ରେରଣା, ବିଶ୍ୱହିତେ ଆମେ ତେଜିବୁ ପ୍ରାଣ
କରମସାଧନେ ଶରୀରପତନେ ଶ୍ରୀଚରଣତଳେ ଲଭିବୁଁ ସ୍ଥାନ ।୪।

ଜନହିତକର କରମ ତୁମର ସାଧନେ କରିବୁ ଜୀବନ ଦାନ
ତବ କୀର୍ତ୍ତିରକ୍ଷା ଜୀବନର ଦୀକ୍ଷା 'ଜୟଗୁରୁ' ଆମ ସଂଗ୍ରାମଗାନ ।୫।

## ପ୍ରେମମୟ ତୁମ ଚରଣ ତଳେ

ପ୍ରେମମୟ ତୁମ ଚରଣ ତଳେ
କୋଟିଏ ମାଣିକ ଦୀପାଳି ଜାଳେ
ନିଖିଳ ଭୁବନ ନନ୍ଦିତ କରି
ବନ୍ଦନା ତୁମ ଉଛୁଳି ପଡେ ।୦।

ତୁମ ପଥ ଚାହିଁ ଜଗତ ଧନ୍ୟ
ତୁମ ପଦପୂଜା ପରମ ପୁଣ୍ୟ
ତୁମ ଆରତିର ମଙ୍ଗଳ ମହୁରୀ
ମର ଜୀବନରେ ପୁଲକ ଢାଳେ ।୧।

ଗୀତା ଭାଗବତ ଗୁମର କଥା
ତୁମରି ପ୍ରାଣର ଅମର ଗାଥା
ତୁମରି ଭାବନା ଭାବର ସାଧନା
ଥଳ ଦିଏ ଭବ ସାଗର ଜଳେ ।୨।

ଚିତ୍ତ ଜାଗେ ତୁମ ଚେତନା ପାଇ
ଅଭୟ ଆଶୀଷ ମଥାରେ ନେଇ
ନିଦ ଭାଙ୍ଗିଦିଏ ବାଉଳା ବଇଁଶୀ
ବଜାଇଲେ ତୁମେ କଦମ୍ବ ମୂଳେ ।୩।

## ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ

ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ
ସେ ସୁରର ଭାବ ସିନା ସେହି ଏକା ବୁଝେ ।୦।

ଗୋପୀମାନେ ଯେଉଁ ଭାବେ କରିଥିଲେ ବଶ
ମଥୁରା ନାରୀଙ୍କଠାରେ ଥିଲା କି ତା ଲେଶ ?
ରାଧାଭାବ ମିଳିବ କି ଚନ୍ଦ୍ରାବଳୀ କୁଞ୍ଜେ? ।୧।

ଯଶୋଦା ମାଆଙ୍କ ଭଳି ବାତ୍ସଲ୍ୟ ମମତା
ଦେଇ ପାରିଲେ କି କହ ସେ ଦେବକୀ ମାତା
ନନ୍ଦର ଆନନ୍ଦ କେବେ ବସୁଦେବ ବୁଝେ ? ।୨।

କଦମ୍ବ ପାଦପ କି ହେ ନାହିଁ ଠାବେ ଠାବେ
କେଳି କଦମ୍ବ ସାଥୀରେ ସେ କି ଗଣା ହେବେ
ବୃନ୍ଦାବନ ଶୋଭା କାହିଁ ଆନ ବନେ ସାଜେ ? ।୩।

ଧବଳୀ ଶ୍ୟାମଳୀ ସମ ଆନ ଧେନୁ କାହିଁ ?
ତୁମ ବେଣୁ ସ୍ୱନ ଶୁଣି ଆସିବେ ଗୋଡାଇ
ଗୋପର ସର ଲବଣୀ ମନ ତୁମ ଖୋଜେ ।୪।

ଅପୂର୍ବ ତୁମର ଲୀଳା ହେ ଜଗତପତି !
ସେ ଏକା ବୁଝିବ ଯା'ରେ ଦେଇଛ ଶକତି
ଯାହା ପାଇଁକି ମୋହନ ବେଣୁ ତୁମ ବାଜେ ।୫।

## ବତାଇ ଦିଅ କାହାରେ ମୁଁ ଡାକିବି ଆଉ

ବତାଇ ଦିଅ କାହାରେ ମୁଁ ଡାକିବି ଆଉ
ତୁମବିନେ ତ୍ରିଭୁବନେ କରତା କେ ମହାବାହୁ ।୦।

ତୁମେ ତ ଜଗତପତି
ତୁମେ ଅଗତିର ଗତି
ଶମନ ଗରଗଞ୍ଜନେ ତୁମେ ପ୍ରଭୁ ଏକା ରାହୁ ।୧।

ତୁମକୁ ଦେଇ ପାଶୋରି
ରହିବି କହ କିପରି ?
ତୁମରି ଛବି ତ ଫୁଟେ ଚଉଦିଗେ ଯହିଁ ଚାହୁଁ ।୨।

ସରବେ ତୁମ ସନ୍ତାନ
ନାହିଁ ଭେଦାଭେଦ ଜ୍ଞାନ
ଶରଣ ଦେବ କେ ଆନ ତୁମପରା ପିତା ଥାଉଁ ? ।୩।

ଦିଅ ହେ ଚରଣତରୀ
ଭବଜଳୁ କର ପାରି
ସହିତ ନୁହଇ ଘୋର ସଂସାର ବିଷମ ଦାଉ ।୪।

ତୁମେ କରୁଣା ନିଧାନ
ଦୟାମୟ ଭଗବାନ
ଅସାର ଜୀବନ ଯାଉ ତୁମ ନାମ ଗାଉ ଗାଉ ।୫।

## ବନ-ଗମନ ଛାଡି ମୁଁ

ବନ-ଗମନ ଛାଡି ମୁଁ କରିବି ମନ-ଗମନ
ଗୃହ-ଲକ୍ଷ୍ମୀ ଘେନି ଘର ବାନ୍ଧିବି, କଲି ମୁଁ ପଣ ।୦।

ଥିଲେ ଯେ ଭଗାରିପଣେ ସାହା ହେବେ ସେହିମାନେ
ସବୁରି ଆନନ୍ଦେ ସୁଖୀ ହେବ ମୋ ଦେବତା-ମନ ।୧।

ସଂସାର-ଜଞ୍ଜାଳ ନେଇ ତାଙ୍କ ପଦେ ବଳି ଦେଇ
ତାଙ୍କରି ବଚନ ପାଳି ହେବି ମୁଁ ସେବକ-ଜନ ।୨।

ନିତି ନିତି ପେମାନନ୍ଦେ ସର୍ମ୍ପିମନ ତାଙ୍କ ପଦେ
ତାଙ୍କରି ସନ୍ତାନତୁଲେ ମିଶି ସୁଖେ ନେବି ଦିନ ।୩।

ସେହି ରୂପ ଘରେ ଘରେ ଦେଖିବି ମମତା-ଭୋଳେ
'ଜୟଗୁରୁ' ବୋଲି ଡାକି, ହେବି ମୁଁ ପ୍ରେମେ-ମଗନ ।୪।

## ବନ୍ଦନ ଘେନ ପ୍ରିୟତମ ତବ

ବନ୍ଦନ ଘେନ ପ୍ରିୟତମ ତବ
ସୁନ୍ଦର ପଦ ପ୍ରାନ୍ତେ
ଦୀନ ହୃଦୟର ଏତିକି ମିନତି ଆଜି ଶୁଭ ପରଭାତେ ।୦।

ଏ ମଣି ମନ୍ଦିର ଅଙ୍ଗନ ଭରି
ଉଚ୍ଛୁଳି ପଡୁଛି ମଙ୍ଗଳ ମହୁରୀ
ଭବ ନିଦ୍ରା ଭାଜି ବାଜି ଉଠେ ଆଜି ସେ ଝଙ୍କାର ତ୍ରିଜଗତେ ।୧।

କୋଟି ପ୍ରାଣ ମନ ଶ୍ରୀପଦେ ଜୁହାରି
ସିଂହାସନ ତଳେ କରନ୍ତି ଗୁହାରି
ବନ୍ଦନା ସୁରେ ବାଉଳା ଭକତ ନାଚି ଯାଏ ପୁଲକିତେ ।୨।

ତୁମ ଗୁଣ ଗାଇ ତୁମ ନାମ ଧରି
ଫୁଟିଲା ଯେ ଫୁଲ କୋଟି ପ୍ରାଣ ଭରି
ଶ୍ରୀଚରଣ ତଳେ ସେ କୁସୁମ ଦଳେ ଅରପନ୍ତି ଅନୁଗତେ ।୩।

## ବନ୍ଦନ ଘେନ ସୁନ୍ଦର ତବ

ବନ୍ଦନ ଘେନ ସୁନ୍ଦର ତବ
କମଳ ପୟର ଧାରେ
ନନ୍ଦିତ ହେଉ ନିଖିଳ ଭୁବନ
ପ୍ରୀତି ରତି ସୁଖ ସାରେ ।୦।

ଭବ ମନ୍ଦିର ଅଙ୍ଗନ ଭରି
ତବ ବନ୍ଦନା ମଧୁମୟ କରି
ବାଜି ଉଠୁ ଶଂଖ ମଙ୍ଗଳ ମହୁରୀ
ତୁମ ଗୁଣ ଗୀତ ସୁରେ ।୧।

ତୁମେ ପରାତ୍ପର ଗୁରୁ ବିଶ୍ୱମୟ
ବିଶ୍ୱ ମୁଖେ ଶୁଭେ ଜୟଗୁରୁ ଜୟ
ସବୁରି ଅନ୍ତରେ ତୁମରି ମନ୍ତର
ଝଙ୍କାରେ ଓଁକାର କାରେ ।୨।

ତୁମେ ହେ ଅନାମ ଅନନ୍ତ ଅରୂପ
ଭକ୍ତଲାଗି ବହି ଅଛ ନାମ ରୂପ
କଳି କେ ପାରିବ ତୁମରି ମହିମା
ଅସାର ସଂସାର ଘରେ ।୩।

ଭବଭାବ ଭୁଲା ତୁମ ରୂପଠାଣି
ଭୁବନ ମୋହନ ତୁମେ ଗୁଣ ମଣି
ମୁକତି ମାଗଇ ଏ ସାରା ଜଗତ
ତୁମରି କରୁଣା ଦ୍ୱାରେ ।୪।

### ବନ୍ଦନ ଘେନ, ହେ ଜଗତବନ୍ଦ୍ୟ

ବନ୍ଦନ ଘେନ, ହେ ଜଗତବନ୍ଦ୍ୟ !
ବନ୍ଦନ ଘେନ ମୋର
ତବ କୃପା ବାରି ପାଇ ଏ ଜୀବନ
କୁସୁମିତ ହେଉ ମୋର ।୦।

ଅଜ୍ଞାନ ଅନ୍ଧାରେ ଘୂରି ମୁଁ ବୁଲିଛି
ତୁମ ସମ ବନ୍ଧୁ କାହିଁ ନ ପାଇଛି
ବେଦନା ବିଧୁର ଅନ୍ତର ମୋହର
ଝୁରେ ତୁମ ପ୍ରୀତି ଚିର ।୧।

ଭୁଲିଛି ପ୍ରିୟ ମୁଁ ସକଳ ଭରସା
ତୁମେ ଏକା ମୋର ଜୀବନର ଆଶା
ଲିଭି ଲିଭି ଆସେ ଜୀବନ ପ୍ରଦୀପ
ଝରେ ନୟନରୁ ନୀର ।୨।

ଅନ୍ତରଯ୍ୟାମୀ ହେ, ଅନ୍ତର ବେଦନା
କିଏ ସେ ବୁଝିବ କୁହ ତୁମ ବିନା ?
ଅପରାଧୀ ମୁଁ ଯେ, ଅପରାଧ ମୋର
ନିଜ ଗୁଣେ କ୍ଷମା କର ।୩।

ପାଇଛି ତୁମକୁ ଜୀବନେ ଠାକୁର
ପାଦତଳୁ କେବେ କରିବନି ଦୂର
ଏତିକି ମିନତି ଶ୍ରୀରଙ୍ଗଚରଣେ
ତୁମେ ମୋର ମୁଁ ତୁମର ।୪।

### ବନ୍ଦନ ଘେନ, ହେ ବିଶ୍ୱବନ୍ଦନ

ବନ୍ଦନ ଘେନ, ହେ ବିଶ୍ୱବନ୍ଦନ !
ବନ୍ଦନ ଘେନ ମୋର
ଯେ ପଦ ବନ୍ଦେ ସୁର-ନାଗ-ନର
ସେ ପଦେ କୋଟି ଜୁହାର ।୦।

ହେ ବିଶ୍ୱଗୁରୁ ! ଅମୃତ ଓଁକାର
ଆଦି ପ୍ରଣବର ପ୍ରଥମ ଝଙ୍କାର
ଅନିତ୍ୟରେ ନିତ୍ୟ ତୁମେ ଏକା ସତ୍ୟ
ତୁମେ ହିଁ ଶିବ ସୁନ୍ଦର ।୧।

ହେ ବିଶ୍ୱରୂପ ! ବିଶ୍ୱ କାରିଗର
ଅନନ୍ତ ଲୀଳାର ବିଶ୍ୱ ନାଟ୍ୟକାର
ଆଦି ଲୀଳାମୟ ସୃଷ୍ଟି ସ୍ଥିତି ଲୟ
ତୁମେ ତ ଅମୃତ ଧାର ।୨।

ହେ ବିଶ୍ୱପ୍ରାଣ ! ଜଗତ ଈଶ୍ୱର
ଅରୂପ ସ୍ୱରୂପ ବିଶ୍ୱରୂପ ଧର,
ଅନାଦିରେ ଆଦି କାରଣ-ବାରିଧି
ତୁମେ ହିଁ ଶାନ୍ତ ମଧୁର ।୩।

ହେ ବିଶ୍ୱତ୍ରାଣ ! ବିଶ୍ୱ ନିରାଧାର
ବିଶ୍ୱକୁଳ ମାଗେ ଆଶିଷ ତୁମର
ବିଶ୍ୱଜନବନ୍ଧୁ ବିଶ୍ୱକୁଳ-ଇନ୍ଦୁ
ବିଶ୍ୱପିତା ! କରୁଣା କର ।୪।

### ବନ୍ଦନ ଘେନା କର

ଦେବ, ବନ୍ଦନ ଘେନା କର
ଆଜି ଏହି ଶୁଭ ମିଳନ ବାସରେ
ପ୍ରଣତି ଘେନ ଦାସର ।୦।
ମୁନି ଋଷି ବନ୍ଦ୍ୟ ସେ ପଦ-କମଳ
କେତେ ସୁକୋମଳ କାନ୍ତି ସୁମଞ୍ଜୁଳ
ଦେବତା ଗନ୍ଧର୍ବେ ସର୍ବେ ଆଜି ଠୁଳ
ବନ୍ଦିବାକୁ ସେ ପୟର ।୧।
ହୃଦୟ ପଦ୍ମେ ଶତଦଳ ପରେ
ଫୁଟି ଉଠିଅଛ ଜ୍ୟୋତି ପାରାବାରେ
ଧନ୍ୟ ହେଲା ଆଖି ହେରି ତବ ରୂପ
ଆହା ସତେ କି ମଧୁର ! ।୨।

ବନ୍ଦଇ ଆଜି ନିଖିଳ ଭୁବନ
ଶୁଭେ ବନ୍ଦନାର ସୁମଧୁର ତାନ
ଅପରୂପ ସାଜେ ସାଜିଛି ଧରଣୀ
ଘେନ ବନ୍ଦନ ତା'ର ।୩।
ବାଜି ଉଠୁଅଛି ମଙ୍ଗଳ ମହୁରୀ
ଶଙ୍ଖ ହୁଳହୁଳି ପଡୁଛି ଉଚ୍ଛୁଳି
'ଜୟଗୁରୁ' ନାମେ ଦିଗ ନିନାଦିତ
ନୁଆଁଉଛୁ ପଦେ ଶିର ।୪।

### ବନ୍ଦନଂ ଦେବା ବନ୍ଦନଂ

ବନ୍ଦନଂ ଦେବା ବନ୍ଦନଂ ବନ୍ଦନଂ ତବ ଚରଣାରବିନ୍ଦଂ
ପ୍ରଣମାମି ସଦ୍‌ଗୁରୁ ଚରଣାରବିନ୍ଦଂ ।୦।

ଚନ୍ଦନ- ଚର୍ଚ୍ଚିତ-କାନ୍ତକଳେବରଂ
ସୁରନର-ବନ୍ଦିତ-ପଦ-ଅରବିନ୍ଦଂ
ଶତଦଳ-ଶୋଭିତ-ଶ୍ରୀପଦଯୁଗଳଂ
ପ୍ରଣମାମି ସଦ୍‌ଗୁରୁ ଚରଣାରବିନ୍ଦଂ ।୧।

ମଧୁରଂ ମଧୁରଂ ଅଧରଂ ମଧୁରଂ
ମଧୁରଂ ମଧୁରଂ ବଦନଂ ମଧୁରଂ
ଶାନ୍ତ-ଜ୍ୟୋତିର୍ମୟ କାନ୍ତି ସୁମଧୁରଂ
ପ୍ରଣମାମି ସଦ୍‌ଗୁରୁ ଚରଣାରବିନ୍ଦଂ ।୨।

ନିର୍ଗୁଣଂ ସଗୁଣଂ ଅଚିନ୍ତନୀୟଂ
ବିଶ୍ୱାଧାରଂ ବ୍ୟାପ୍ତଂ ସଚରାଚରଂ
ସତ୍ୟଂ ଶିବଂ ସୁନ୍ଦରଂ ନିତ୍ୟଂ ନିରଞ୍ଜନମ୍
ପ୍ରଣମାମି ସଦ୍‌ଗୁରୁ ଚରଣାରବିନ୍ଦଂ ।୩।

ନିରାକାର-ନରାକାର-ଶୁଦ୍ଧ-ଜ୍ଞାନମୂର୍ତ୍ତିମ୍
ଭବଭୟ-ଭଞ୍ଜନଂ ତ୍ୱଂ ପ୍ରେମନିଧିମ୍
ତ୍ରାହି ଜଗଦୀଶ କରୁଣାବରୁଣାଳୟଂ
ପ୍ରଣମାମି ସଦ୍‌ଗୁରୁ ଚରଣାରବିନ୍ଦଂ ।୪।

## ବନ୍ଦନ ନିଅ ଦେବ! ବନ୍ଦନ ନିଅ

ବନ୍ଦନ ନିଅ ଦେବ! ବନ୍ଦନ ନିଅ
ଦୀନ ଜନ କୋଟି ମନ ଚନ୍ଦନ ନିଅ ।୦।

ତବ ପଦେ ଶତଦଳ କମଳ ବିଳାସ
ଭକତ ଚୋରାଏ ମଧୁ ମକରନ୍ଦ ବାସ
ତୁମେ ଚିର ସୁନ୍ଦର, ତୁମେ ଲୀଳାମୟ ।୧।

କୋଟି ରବି ଶଶୀ ତାରା ଚହଟ ଚପଳା
ତୁମ କଟି ତଟେ ମଣି ମାଣିକ ମେଖଳା
ତୁମେ ତିନି ଭୁବନର ଅଇଶ୍ୱର୍ଯ୍ୟମୟ।୨।

ପ୍ରେମର ଗୌରାଙ୍ଗ ତୁମେ ଜ୍ଞାନର ଶଙ୍କର
ନିତ୍ୟର ଅମୃତ ତୁମେ ଗୁରୁ ପରାତ୍ପର
ମଧୁର ମୋହନ ରୂପ ଆନନ୍ଦମୟ ।୩।

ତୁମ ଗୁଣ ଗାଇ ନାଚେ ଗନ୍ଧ ସମୀର
ସୁର ନର କିନ୍ନର ନୀଳ ପାରାବାର
ତୁମେ ଜୀବ-ନନ୍ଦନ ମଙ୍ଗଳମୟ ।୪।

## ବନ୍ଦନ ହେ ବନ୍ଦନ ! ଘେନ ବାରେ ଆମ ଅଭିନନ୍ଦନ

ବନ୍ଦନ ହେ ବନ୍ଦନ !
ଘେନ ବାରେ ଆମ ଅଭିନନ୍ଦନ ।୦।

ନବ ବରଷର ଆଜି ଶୁଭ ଲଗନେ
ତବ ନବ ଭାବ ଖେଳେ ତିନି ଭୁବନେ
ତୁମେ ଜନ ମନ ଚିତ୍ତ ରଞ୍ଜନ ।୧।

କୋଟି କଣ୍ଠେ ତୁମ ସୁର ଉଚ୍ଛୁଳି ଉଠେ
ଆଖିରେ ଆଖିରେ ତୁମ ମୂରତି ଫୁଟେ
ତୁଟିଯାଏ ସବୁ ଭବ-ବନ୍ଧନ ।୨।

ତୁମରି ଆଶିଷ ଲଭି ଜଗତ ହସେ
ତୁମ ପ୍ରେମ-ପାରାବାରେ ପରାଣ ଭାସେ
ପତିତ ତାପିତ ହୃଦ-ଚନ୍ଦନ ।୩।

ତୁମରି କିରଣେ ତାରା ତପନ ଶଶୀ
ବରଷନ୍ତି ଧରାତଳେ ଆଲୋକ ରାଶି
ତୁମେ ଭବ-ଅନ୍ଧକାର ଭଞ୍ଜନ ।୪।

ଅରୂପରୁ ଆସିଅଛ ସ୍ୱରୂପ ହୋଇ
ନିଖିଳ ଭୁବନ ତୁମ ରୂପର ଛାଇ
ନୟନେ ଦେଇଛ ଜ୍ଞାନ-ଅଞ୍ଜନ ।୫।

## ବନ୍ଦେ ନିଖିଳ ମାନସ ତବ

ବନ୍ଦେ ନିଖିଳ ମାନସ ତବ ସାରସ ପଦ ସୁନ୍ଦର
ନନ୍ଦନ ବନ ଚନ୍ଦନେ ଚିର ଚର୍ଚ୍ଚିତ ତବ ମନ୍ଦିର ।।୦।।

ସେ ମଙ୍ଗଳମୟ ବ୍ରହ୍ମାନନ୍ଦ ପଦ
ଦୁଃଖ-ତାପ ହାରୀ ଅଭୟ ସଂପଦ
ଅସାର ସଂସାରେ ସୁଧାମୟ କରେ
ସକଳ ହୃଦୟ-କନ୍ଦର ।।୧।।

ଶତ ସୁର ପୁର ମଣିମୟ ଶିରୀ
ହାରେ ହେରି ଯାର ଲାବଣ୍ୟ ମାଧୁରୀ
ଦରଶନ ତାର ଉଜ୍ଜଳ କରେ
ମୂଢ଼ ଜନ ମନ-ଅନ୍ଧାର ।।୨।।

ଅନନ୍ତ କୀରତି, ଅନନ୍ତ ମହିମା
ନାହିଁ ଯାର ଶେଷ, ନାହିଁ ଯାର ସୀମା
କୋଟି ଶିର ପରେ ଯେ ଆଶିଷ ଝରେ
ସେ ତ ତୁମ କୃପା-ବିନ୍ଦୁର ।।୩।।

ଭକତିରେ ଭରେ ଜୀବନ-ସରସୀ
ତରିଯାଏ ଜୀବ ସେ ପଦ ପରଶି
ମରଣ ସେପାରେ ନବ ତନୁ ଧରେ
ନବ ଭାବ ନବ ଛନ୍ଦର ।।୪।।

## ବନ୍ଦେ ବନ୍ଦେ

ବନ୍ଦେ ବନ୍ଦେ ଶ୍ରୀଗୁରୁ ପଦ ଅରବିନ୍ଦେ ।୦।

ଅମୀୟଧାର ଝରା ପଦଯୁଗ ଯାର
ବକ୍ଷେ ଶୋଭେ ଚନ୍ଦନ ଫୁଲ ହାର
ମନ୍ଦମଧୁର ହାସ ମୁଖ ଶିରୀ ସାର
ଜୟଗୁରୁ ନିଗମାନନ୍ଦେ ।୧।

କରୁଣାମୟ ଦେବ ନରଦେହଧାରୀ
ଶରଣାଗତ ତବ ପ୍ରେମ ଭିଖାରୀ
ମନର ଭକତି ପ୍ରୀତିଅଞ୍ଜଳି ଢାଳି
ମିନତି କରେ ପଦ ଦ୍ୱନ୍ଦେ ।୨।

## ବନ୍ଦେ ବନ୍ଦେ ବନ୍ଦେ ଶ୍ରୀନିଗମାନନ୍ଦମ୍

ବନ୍ଦେ ବନ୍ଦେ ବନ୍ଦେ ଶ୍ରୀନିଗମାନନ୍ଦମ୍
ସୁର-ମୁନି-ସେବିତ ପଦ-ଅରବିନ୍ଦମ୍ ।୦।

ମାଣିକ ନନ୍ଦନ ଜଗଜ୍ଜନ ବନ୍ଦନ
ବିଶ୍ୱବିମୋହନ ଭକ୍ତ-ପ୍ରାଣଧନ
ଯାବତ ମଧୁରାଧରୁ ଝରେ ମକରନ୍ଦମ୍ ।୧।

ଯୋଗୀଜନବନ୍ଦ୍ୟ ସ୍ୱରୂପ ଅନିନ୍ଦ୍ୟ
ଭବରୋଗ-ବୈଦ୍ୟ ତ୍ରିତାପ ଅଭେଦ୍ୟ
ବାତ୍ସଲ୍ୟ ମମତାନୀଳ ବହେ ମନ୍ଦମନ୍ଦମ୍ ।୨।

ପ୍ରୀତିସୁଧା ମୟୂଖ ମୁକ୍ତି ପ୍ରଦାୟକ
ଧୃତି ବିଲକ୍ଷକ ଭବସିନ୍ଧୁ-ତାରକ
ଶରଣ ପଦ-ପଙ୍କଜେ ତ୍ରାହି ଗୋବିନ୍ଦମ୍ ।୩।

## ବନ୍ଦେ ଶ୍ରୀଗୁରୁଦେବ

ବନ୍ଦେ ଶ୍ରୀଗୁରୁଦେବ ଅଭୟ ପଦ ରାଜୀବ
ଅନ୍ତର୍ଯାମୀ କରୁଣା ସାଗର
ଜ୍ଞାନବୁଦ୍ଧି ଅଗୋଚର ବନ୍ଦନୀୟ ପରାତ୍ପର
ଚରଣେ ପ୍ରଣତି ଘେନା କର ।୦।

ଅନ୍ତର ମଝିରେ ତୁମେ ରଚ ହେ ଆସନ
ଶୟନେ ସ୍ୱପନେ ଦେବ ଦିଅ ଦରଶନ
ମାୟାମୋହ ଅନ୍ଧକାର ଜୀବନ ଆକାଶୁ ହର
ଅହଂଜ୍ଞାନ ମନୁ ଦୂର କର ।୧।

ଜଗତ ଦୁର୍ଗତି ରାଶି ଦୂରକର ଗୁରୁ
ପାରକର ଦୀନ ଜନେ ଭବପାରାବାରୁ
ଖଳ ଦୁରୁଜନ ଚିତ୍ତ ଶୁଭ ଚିନ୍ତି ହେଉ ଶାନ୍ତ
ତୁମରି ଚିନ୍ତନ ହେଉ ସାର ।୨।

ଜୀବନ ମନନ ଧନ କରି ଅରପଣ
ତବ ଶ୍ରୀପଦ ଚିନ୍ତନ ହେଉ ମୂଳଧନ
ହେ ପ୍ରଭୁ କୃପା ନିଧାନ ପଦେ ନିବେଦନ ଘେନ
ଚଞ୍ଚଳ ମତି ହେଉ ସ୍ଥିର ।୩।

## ବନ୍ଧୁ! ଜୀବନ ସଙ୍ଖାଳି ତୁମେ ମୋର

ବନ୍ଧୁ! ଜୀବନ ସଙ୍ଖାଳି ତୁମେ ମୋର
ତୁମ ବିନେ କିଏ ଆଉ ଅଛି ଆପଣାର ? ।୦।

ତନୁ ମନ ପ୍ରାଣ ଧନ ସବୁ ତ ଦେଇଛ
ଅନ୍ତର ଦେବତା ହୋଇ ଅନ୍ତରେ ରହିଛ
ତୁମ ହାତ ଲେଖା ରେଖା ମୋ କପାଳ ଗାର ।୧।

ପ୍ରେମରେ ଭରିଛ ଭାବ ମଧୁରୁ ମଧୁର
ନାମକୁ କରିଛ ନିତ୍ୟ ଅମୃତର ଧାର
ଝୁରେ ମନ ନିତି ତୁମ କାନ୍ତି ମନୋହର ।୨।

ପୁଲକି ଉଠେ ପରାଣ ତୁମ ଗୁଣ ଗାଇ
ତୁମ ସମ ଦୟାମୟ ପ୍ରଭୁ ଆଉ ନାହିଁ
ହସି ହସି ନେଇଛ ମୋ ଜୀବନର ଭାର ।୩।

ତୁମ ପ୍ରୀତି ଗୀତି ସୁରେ ପରାଣ ରସାଇ
ସକଳ କଳୁଷ ମୋର ଦେଇଛ ଭସାଇ
ମର ଜୀବନର ତୁମେ ସୁଧା ରସ ସାର ।୪।

## ବନ୍ଧୁ! ତୁମେ ମୋର ପରାଣର ପ୍ରିୟ

ବନ୍ଧୁ! ତୁମେ ମୋର ପରାଣର ପ୍ରିୟ
ତୁମ ବିନେ କିପରି ମୁଁ ଧରିବି ଏ ଦେହ ? ।୦।

ଅବଗାହି ନିତି ତୁମ ପ୍ରେମ-ଜଳଧିରେ
ସନ୍ତରିବି ମୀନ ପରି ସେ ଅଥଳ ନୀରେ
ଭସାଇ ନେବ ଏ ଜୀବ ପ୍ରେମ-ନଦୀ ସୁଅ ।୧।

ସାଇତି ରଖିବି ବୁକେ ଆଦର ସୋହାଗେ
ଚୁମିବି ଚରଣ ତଳ ମନ-ଅନୁରାଗେ
ପୁଲକି ଉଠିବ ତନୁ ଥରେ ଯେବେ ଚାହଁ ।୨।

ତୁମ ନାମ ସୁଧା-ରସ ପିଇ ହେବି ଭୋଳ
ଝୁଲାଇବି ପ୍ରିୟ ମୋର ନିତି କରି କୋଳ
ହେରିବି ନୟନେ ଜ୍ଞାନ-ଚନ୍ଦ୍ରମା ଉଦୟ ।୩।

ଆପଣାରେ ଭୁଲି କେବେ ହେବି ମୁଁ ତୁମର ?
ଏ ମର ତନୁରେ ତୁମେ ବାନ୍ଧିବ ହେ ଘର
ପଖାଳିବ ସେ ପୟରେ ଏ ମୋ ଆଖି ଲୁହ ।୪।

## ବନ୍ଧୁ ତୋ ପ୍ରେମ ଡୋରି ଲଗାଇ

ବନ୍ଧୁ ତୋ ପ୍ରେମ ଡୋରି ଲଗାଇ
ନିତି ଆଣୁଥିବୁ ତୋ ଦୟା ଦୁଆରେ
ତୋ ଚରଣ ସେବା ପାଇଁ ।୦।

ଛନ୍ଦା ଚରଣରେ ବନ୍ଧାପଡିଥିବି
ତୋ ପ୍ରୀତି ଦୁଆରେ ରତି ମାଗୁଥିବି
ବାନ୍ଧି ରଖ ମୋତେ ତୋ ପ୍ରେମ ବନ୍ଧନେ
ସଂସାର ବନ୍ଧନ ଫେଇ ।୧।

ଶୁଣୁଥିବ କାନ ତୋ ମଧୁ ବଚନ
ଦେଖୁଥିବ ନେତ କମ ଅପଘନ
କଣ୍ଠ ଗାଉଥିବ ତୋ ଅପୂର୍ବ ଗାନ
ମନ ପୁଲକିତ ହୋଇ ।୨।

ଜଞ୍ଜାଳ ଜ୍ୱାଳାରେ ମନ ଯେବେ ଝୁରେ
ଆଉଁସି ଦେଉ ମୋ ପୋଛିଲୁହ ଧାରେ
ଏତେ ଦୟାମୟ ଅନନ୍ତ ଉଦାର
କଳି ମୁ ପାରଇ ନାହିଁ ।୩।

ସବୁ ଅହଙ୍କାର ହୋଇ ଯାଉ ଦୂର
ତୁ ମୋହର ବୋଲି ଏହି ଅହଙ୍କାର
ଜୀବନେ ମରଣେ ହେଉ ଅନୁଭବ
ଚିରନ୍ତନୀ ରୀତି ହୋଇ ।୪।

ଜୀବ ଗଲେ ଛାଡି ପଦେ ଥିବି ପଡି
ଝରା ପଦଧୂଳି ଦେବୁ ଅଙ୍ଗେବୋଳି
ନାମ ଗାଉଥିବି ରୂପ ଧ୍ୟାଉଥିବି
ଏତିକି ଅଳି ଗୋସାଇଁ ।୫।

## ବନ୍ଧୁ ହେ! ଆଉ ତ ଛାଡିବି ନାହିଁ

ବନ୍ଧୁ ହେ! ଆଉ ତ ଛାଡିବି ନାହିଁ
ବୁକୁ ଚିରି ତୁମେ ବସିବା ପାଇଁ କି
ଆସନ ରଚିବି ମୁହିଁ ।୦।

ଶିରିମୁଖ ତବ ନେତ୍ର ଦେଖୁଥିବ
ଆନେ ମୋର ଆଶା ନାହିଁ
ତୁମକୁ ହେରି ମୁଁ ବିଧାତାର ବରେ
ଆନରେ ନୋହିବି ବାଇ ।୧।

ବାନ୍ଧିବି ତୁମରି ଚରଣ ଯୁଗଳ
ପୀରତିର ଡୋରି ଦେଇ
ଦେଖିବି କାହାର ଅଛି କେତେ ବଳ
ମୋ ଠାରୁ ନେବ ଛଡାଇ ।୨।

ଅତି ଯତନରେ ରତନ ଲଭି ମୁଁ
ପାରିଲି ନାହିଁ କୋଳାଇ
ପାପ ଚିତ୍ତ ମୋର ସତତ ଚଞ୍ଚଳ
ସାହା ହୁଅ ଭାବ-ଗ୍ରାହୀ ।୩।

## ବନ୍ଧୁ ହେ! ତୁମେ ଏକା ମୋ ଜୀବନ ଧନ

ବନ୍ଧୁ ହେ! ତୁମେ ଏକା ମୋ ଜୀବନ ଧନ
ବାଇ ପରି ଖୋଜୁଛି ମୁଁ ତବ ଦରଶନ ହେ ।୦।

ମନେ ମନେ ଭଲ ବୋଲି ଯାହା ମୋ ବିଚାର
ଏକା ତୁମ ଦୟା ବିନେ ସବୁ ସେ ଅସାର
ତେଣେ ପରା ଟାଣୁଛନ୍ତି ଭଗାରୀ ଛଜଣ ।୧।

ଦୁନିଆଁ ବଢିନଈରେ ଭାସୁଛି ମୋ ନାଆ
କୂଳରେ ଲଗାଇ ଦେବ ତୁମେ ନାଉରିଆ
ଭରସା ମୋହର ତୁମ ବିନୁ ନାହିଁ ଆନ ।୨।

ସୁଖ ଲାଗି ଖୋଜି ବୁଲେଁ ଦୁଆର ଦୁଆର
କିଏ ଦେବ ସଭିଏଁ ତ ସୁଖେ ଆପଣାର
ସଙ୍ଗୀ ନାହିଁ ସାଥୀ ନାହିଁ ହୀନ ମୋ ଜୀବନ ।୩।

ଯାହା ଖାଇ ପିଇ ହେବ ଭୋକ ଶୋଷ ଦୂର
ଖୋଜି ଖୋଜି ନ ପାଇଲା କାହିଁ ହାତ ମୋର
ଶେଷରେ ଭରସା ଏକା ତୁମ ଦୟା ଦାନ ।୪।

ଚୂନା କରିଦିଅ ମୋର ମନରୁ 'ମୁଁ' କାର
ଜୀବନ-ବନ୍ଧୁ ! ମାଗୁଛି ପଦେ ଯୋଡି କର
ମାର ଅବା ତାର ତୁମେ ଯାହା ତୁମ ମନ ହେ ।୫।

## ବହୁଦିନେ ପାଇଛି ହେ ନୀଳମଣି

ବହୁଦିନେ ପାଇଛି ହେ ନୀଳମଣି
ହୃଦଚନ୍ଦନ ମୋହନ ଚିନ୍ତାମଣି ।
ଭୁଜ ପାଶରେ ନିବିଡେ ବାନ୍ଧିଥିବି
ପ୍ରାଣବନ୍ଧୁ ହେ ନିମିଷେ ନ ଛାଡିବି ।
ଚିତ୍ତଚୋର ହେ ନାଗର ତୁମେ ମୋର
ଘେନ ଉପହାର ଏହି ଫୁଲହାର ।

ମାଗୁଛି ମାଗୁଛି

ଭୁଲିଯିବ ନାହିଁ ବନ୍ଧୁ ମାଗୁଛି ମାଗୁଛି । (ଧୀର)
ଶ୍ରୀଚରଣେ ଦାସୀ ଏତେ ମାଗୁଛି ମାଗୁଛି । (ଧୀର)
ଅଭାଗିନୀ ଦାସୀ ଏତେ ମାଗୁଛି ମାଗୁଛି । (ଧୀର)
ଭୁଲିଯିବ ନାହିଁ ବନ୍ଧୁ ମାଗୁଛି ମାଗୁଛି । (ଶୀଘ୍ର)
ଶ୍ରୀଚରଣେ ଦାସୀ ଏତେ ମାଗୁଛି ମାଗୁଛି । (ଶୀଘ୍ର)
ଅଭାଗିନୀ ଦାସୀ ଏତେ ମାଗୁଛି ମାଗୁଛି । (ଶୀଘ୍ର)
ଜୟଗୁରୁ ଜୟଗୁରୁ ଜୟଗୁରୁ ଜୟଗୁରୁ ।

## ବରଣ କରି ଶଙ୍କର

ବରଣ କରି ଶଙ୍କର
ଚରଣ ତଳେ ଶରଣ ମାଗେ କିଙ୍କର ।୦।

ବରଜି ଆନ ମନ, ଅରଜି ଏକ ଧ୍ୟାନ
ମରଜି କର ଟାଣ ଗରଜି ଗୁଣ-ଗଣ
ଗାଇ, ଯାଉ ପରାଣ ।୧।

ଯା'ର ଶିର ଶୁଭ୍ରଚନ୍ଦ୍ର ରଞ୍ଜନ
ମାର ଦାହନ ଗରବ ଗଞ୍ଜନ
ଧାର ଜାହ୍ନବୀ ଯା' ଜଟା ଭରେ
ହାର କଣ୍ଠରେ ଯା, ଅହିବରେ
ସେ ପଦେ ଲୋଟୁ ମୋ ଶିର ।୨।

ଛାର କରି ସଂସାର, ବାର କର୍ମ ଅସାର
ଗାର ନାମ ତାହାର, ହାର ହୃଦୟ ସାର
ହେଉ ନିଶି ବାସର

ଅମଳ ଶ୍ରୁତିତଟେ ନାଗ କୁଣ୍ଡଳ
ଅନଳ ଧକଧକ ନେତ୍ର ମଣ୍ଡଳ
ଚରମ ବ୍ୟାଘ୍ରର ଅଙ୍ଗ ମଣ୍ଡନ
ଚରଣ ରଜ ଭବ-ତାପ ଖଣ୍ଡନ
ହର ହେ ! ତ୍ରିତାପ ହର ।୩।

## ବାଇମନରେ ଗାଆ ଗାଆ

ବାଇମନରେ
ଗାଆ ଗାଆ ତାର ନାମ କିବା ନିଶିଦିନ ।୦।
ଗାଏ ବିହଙ୍ଗମ ବନେ ବନେ
କିଏ ଶୁଣେ ଅବା କେ ନ ଶୁଣେ
ବୁଝୁ ଅବା ନ ବୁଝୁରେ କେହି
ତୁହି ଗାଉ ଥାଅ ଅବିରାମ ।୧।
ଥରେ ହେଜ ତୁ ଚିତ୍ତେ ବିଚାରି
ଫୁଟଇ ତ ଫୁଲ ଅସୁମାରି
ଝରିଯାଏ ସୁବାସ ବିତରି
ସେହିମତି, କରିଯାଅ ଗନ୍ଧ ବିତରଣ ।୨।
ଯାର ବିରହେ ଲୋତକ ଝରେ
ଭେଟିଲେ ତୁ ଭେଟି ପାରୁ ତାରେ
ଶେଷ ହେବାଯାଏ କଣ୍ଠେ ସ୍ୱର
କରୁ ଥାଅ ତାର ଗୁଣଗାନ ।୩।

## ବାଉଳା, ଥିବା ଯାଏ ଏ ଜୀବନ

ବାଉଳା, ଥିବା ଯାଏ ଏ ଜୀବନ
ନୟନକୁ କହ, ଦେଖୁଥାଉ ତା'ର କମଛବି ନିତିଦିନ ।୦।
କାନ ଶୁଣୁ ତା'ର ଅମୀୟ ବଚନ
କଣ୍ଠ କରୁ ତା'ର ସଙ୍ଗୀତ ଗାୟନ
ଜୀବନର ଯେତେ ସରାଗ, ସୋହାଗ କର ତା'ରେ ଅରପଣ ।୧।
ଆସିବ ବୋଲି ସେ ନିଦଭୁଲା ରାତି
ଚେତି ବସିଥାଅ ଫୁଲଶେଯ ପାତି
ପ୍ରଣବ-ଧ୍ୱନିରେ ମୂରଲୀ ନିନାଦ ଶୁଣିବାକୁ ପାତି କାନ ।୨।
ଜାଗରଣେ ଅବା ସପନରେ ତୋର
ଆଶ କର ସଦା ଦରଶନ ତା'ର
ଶିହରି ଉଠୁ ତୋ ତନୁ, ଅନୁଭବି ତା'ର ପ୍ରେମ ଆଲିଙ୍ଗନ ।୩।
ଆଖିରେ, ମନରେ, ଅନ୍ତରେ, ବାହାରେ
କାମନା ନାହିଁ ଯା' ତା' ବିନା ଆନରେ
ସଫଳ ଏକା ତା' ଜୀବନ, ଜନମ ସଫଳ ତା'ର ସାଧନ ।୪।

## ବାଉଳା ! ମନରେ ଥରେ ବିଚାର

ବାଉଳା ! ମନରେ ଥରେ ବିଚାର
ପଲକ ମାତର, ହେଜି କଥା ମୋର ଥୟରେ ଦିଅ ଉତ୍ତର |୦|
ଖଞ୍ଜିଦେଇଛି ଯେ ନୟନ ଯୁଗଳ ହେରିବାକୁ ଏ ସଂସାର
ଉଚିତ ନୁହେଁ କି ଜୀବନରେ ତୋର ରୂପ ଦରଶନ ତା'ର ? |୧|
ଲଭି ତୁ ରସନା ଭାଷୁ, ରସ ଚାଖୁ କରୁଣାବଳରେ ଯା'ର
ଉଚିତ ନୁହେଁ କି ଗାଇବାକୁ ଥରେ ଗୀତି ତା'ର ମହିମାର ? |୨|
ଶିଖାଇଲା ତୋତେ ଜଗତଜନରେ ଯେହୁ ପ୍ରେମ କରିବାର
ଉଚିତ ନୁହେଁ କି ଛନ୍ଦିବାକୁ ତାକୁ ଘେରାଇ ପୀରତି-ଡୋର ? |୩|
ଅଳୀକ, ପଲକ ମୋହରେ ବୁଡି ତୁ ବିଜୁଳିକୁ ମଣୁ ସାର
ଉଚିତ କି ଏ ତୋ କଳପନା ରୀତି ବିବେକକୁ ତୁ ପଚାର |୪|
ବିରହ-ଦହନ ସହି ଦହିହେଉ ଜୀବନରେ ବାର ବାର
ଉଚିତ ନୁହେଁ କି ବିରହପାଶୋରା ବନ୍ଧୁଆ ତୁଲେ ବେଭାର ? |୫|
ରଟୁ ତୋ ରସନା ତାହାରି ମହିମା, କାନ ଶୁଣୁ ବେଣୁ ତା'ର
ରତି ରଚିଲେ ତୁ ନିରତ ତା ତୁଲେ ବିରହ ଯୋଡିବ କର |୬|

## ବାଛି ବାଛି କେ ଦେଇଛି

ବାଛି ବାଛି କେ ଦେଇଛି ତୁମ ନାମ ଭକ୍ତ-ଗଳାହାର
ପହିଲି ଦର୍ଶନୁ ଲାଗୁଅଛ ମୋତେ ଭାରି ନିଜର ନିଜର ।୦।

ଭକ୍ତ ଲାଗି ଛାଡି ନିତ୍ୟଧାମ
ଧୂଳିଧରାରେ ହେଲ ଜନମ
ଆଦରି ନେଇଛ ଭକତଙ୍କ ପାଇଁ ଉଦ୍ଧାର ଦାରୁଣ ଭାର ।୧।

ତୁମ ଅମିୟ ମଧୁର ବାଣୀ
ମୋର ମନପ୍ରାଣ ନେଲା କିଣି
ସେନେହ ମମତା କରୁଣାରେ ଭରା ବେନି ନେତ୍ର ଢଳ ଢଳ ।୨।

ଭୂରୁଦ୍ୱୟ ମଧ୍ୟେ ଶୁଭ୍ରବିନ୍ଦୁ
ସତେ ଲାଗୁଛି ପୂର୍ଣ୍ଣିମା ଇନ୍ଦୁ
ମୋହନ ମୂରତି ସୁନ୍ଦରିଆ ଅତି ହେରୁଥିବି ନିରନ୍ତର ।୩।

ଛତୁ କାଇଁ କନ୍ଦମୂଳ ଖାଇ
ବହୁଦିନ ଦେଇଛ ବିତାଇ
ଭକ୍ତ ପାଇଁ ବ୍ୟଥା କେତେ ଯେ ସହିଛ ନାହିଁ ତା'ର ପଟାନ୍ତର।୪।

ତୁମେ ସାଧନ-ସମୁଦ୍ର ମନ୍ଥି
ଦେଲ ଭକ୍ତଙ୍କୁ ଅମୃତ ବାଣ୍ଟି
ଏତେ ଦରଦିଆ ଭକତ ବତ୍ସଳ ନାହିଁ କେ ତିନି ଲୋକର ।୫।

ତୁମ ସେବାରେ ସରଗସୁଖ
ନିତି ପାଉଛି ହେ ପଦ୍ମମୁଖ !
କୃତଜ୍ଞତା ଦିନେ ଜଣାଇନାହିଁ ମୁଁ କେତେ ହୀନବୁଦ୍ଧି ମୋର
ତଥାପି ଦେଇଛ ଚରଣେ ଆଶ୍ରୟ ଦୀନ ଦୟାଳୁ ଠାକୁର ।୬।

## ବାପ ତ ଆମର ଜଣେ

ବାପ ତ ଆମର ଜଣେ, ଆମେ ସବୁ ପୁଅ ଝିଅ ପରା ତାର,
ଆସରେ ସଭିଏଁ ଆତ୍ମବଳି ଦେବା ଦୁନିଆଁର ନାରୀ ନର ।୦।

ଆମେ ପରା ଏକ ପିତାର ସନ୍ତାନ
ଆସ ଭୁଲିଯାଅ ସବୁ ଭେଦଜ୍ଞାନ
ମିଛ ଅହଙ୍କାର ଦଳାଦଳି ଯେତେ ମନରୁ ଯାଉ ପାସୋର ।୧।

ସବୁ ସରଜନା, ସବୁ କଳପନା
ଏକା ତ ତାହାରି – ନୁହଇ ଅଜଣା
କରମ ସାଧନେ କାହିଁପାଇଁ ତେବେ ଚିତ୍ତରେ କିନ୍ତୁ ବିଚାର ।୨।

ଆଦରର ସୃଷ୍ଟି ତାର ତ ଜଗତ
ସରବେ ତାହାରି ବଳେ ଆତଜାତ
ହୀନବଳ ସରି କାହିଁକିରେ ତେବେ ତଳକୁ ମଥା ଆମର ? ।୩।

ଏ ଜଗତେ ନର-ନାରୀ ଯିଏ ଯହିଁ
ଲାଗରେ ସରବେ ସେବା-ଧର୍ମ ଧ୍ୟାୟୀ
ଧଇର୍ଯ୍ୟେ ଅଟଳ, କ୍ଷମାରେ ଧରଣୀ, ବିନୟରେ ତୃଣ ଛାର ।୪।

କର୍ତ୍ତବ୍ୟରେ ଦୃଢ ହୁଅ ବଜ୍ରସରି
କରୁଣା ତୁଲରେ ଫୁଲ ଯାଉ ହାରି
ସକଳ କରମେ ସେହି ଭଗବାନ ସାହାଟି ଏକା ଆମର ।୫।

## ବାର ବାର ହାତ ଖସିବ ତୋହର

ବାର ବାର ହାତ ଖସିବ ତୋହର ତାଙ୍କ ପଦ ଧରିଥିବୁ
ବାର ବାର ଆଖିମୁଦି ହେଉଥିବ ଶୀରିମୁଖ ଅନାଇବୁ ।୦।

ବାର ବାର ହାତେ କଣ୍ଟା ଫୁଟୁଥିବ ତଥାପି ତୋଳିବୁ ଫୁଲ
ବାର ବାର ମାଳ ଛିଣ୍ଡି ଯାଉଥିବ ଗୁନ୍ଥିବୁ ମାନି ତା ବୋଲ ।୧।

ବାର ବାର ମନ ଭୁଲାଇ ରଖିବ ଉପଦେଶ ଶୁଣୁଥିବୁ
ବାର ବାର ଦୁଃଖ ବେଦନା ଆସିବ ନାମ କେବେ ନ ଭୁଲିବୁ ।୨।

କର ଏହିପରି ଆସିବ ସେଦିନ ଯେଉଦିନ ସକଳ ଭୁଲି
ତାଙ୍କ ପାଶେ ରହି ତା' ପରଶ ପାଇ ଆନନ୍ଦେ ହସିବୁ ଖାଲି ।୩।

## ବାସନା ମୋହର ନାଥ

ବାସନା ମୋହର ନାଥ କର ହେ ପୂରଣ
ଅନାଥର ନାଥ ତୁମେ ଅଧମ ତାରଣ ।୦।

ଯେଉଁ ଦିଗେ ଯିବ ଆଖି ସେ ଦିଗେ ତୁମକୁ ଦେଖି
ସାର୍ଥକ କରିବି ମୋର ଜନମ ଜୀବନ ।୧।

ଚାହିଁ ନାହିଁ ଧନ ସୁଖ ଲୋଡା ତୁମ ପ୍ରେମ ମୁଖ
ପାଇ ତ ଭୁଲିବି ଦୁଃଖ ଆନନ୍ଦେ ହେବି ମଗନ ।୨।

ତୁମେ ମୋର ଧନ ମାନ ତୁମେ ଗଉରବ ଜ୍ଞାନ
କାୟା ସଙ୍ଗେଛାୟା ସମ ରହିଥିବି ନିଶିଦିନ ।୩।

ତୁମେ ପ୍ରାଣ ମୁହିଁ ପ୍ରାଣୀ ତୁମେ ମୋ ହୃଦୟ ସ୍ୱାମୀ
ତୁମ ଜ୍ଞାନେ ମୁହିଁ ଜ୍ଞାନୀ ନାହିଁ କିଛି ଆଉ ଜ୍ଞାନ ।୪।

ତୁମେ ସର୍ବ ସୁଖାଧାର ଶାନ୍ତିପ୍ରଦ ତୁମ ଗୀର
ତୁମ ଅଭୟ ଚରଣ କମଳେ ଦିଅ ହେ ସ୍ଥାନ ।୫।

## ବାହୁଡି ସବୁ ଦୁଆରୁ ହେ ଦୟାନିଧି

ବାହୁଡି ସବୁ ଦୁଆରୁ ହେ ଦୟାନିଧି !
ଆସିଛି ତୁମ ଦୁଆରେ ।୦।

ସବୁରି ସେନେହ-ବିମୁଖ ହୋଇ ମୁଁ
ସୁଖ ପାଇଛି ତୁମରେ
କଣ୍ଟା ଖୁଣ୍ଟା କେତେ ଫୁଟି ଦେହେ ସତେ
ଯାଇଛି କାଳ ଦୁଃଖରେ ।୧।

ସହି ମୁଁ ଲାଞ୍ଛନା ସକଳ ବେଦନା
ଚାହିଁଛି ତୁମ ପଥରେ
ତୁମରି ଶରଣ କରୁଛି ବରଣ
ମାଗୁଛି ଦୟା ଦୁଆରେ ।୨।

ଅପରାଧୀ ହୀନ ଗୁହାରିଆ ହୋଇ
ପଡି ରହିଛି ଦୁଆରେ
ଇଛା ହେଲେ ଦେବ ଶରଣ ଦୀନରେ
(ଅବା) ଠେଲି ଦେବ ଶ୍ରୀପୟରେ ।୩।

ପଦଧୂଳି କେବେ ଲାଗିବ ମୋ ମାଥେ
ଏହି ଆଶା ଜୀବନରେ
ପରାଣ ଦେବତା ଅଶ୍ରୁ ଅର୍ଘ୍ୟ ଡାଳି
ଜଣାଏ ଅତି କାତରେ ।୪।

## ବିତୁଁ ନିଶିଦିନ ସେବାରେ ତୁମର

ବିତୁଁ ନିଶିଦିନ ସେବାରେ ତୁମର
ମାଗୁଣି ଚରଣେ ଏତେ,
ସାରା ଜୀବନର ମନନେ, କରମେ
ଅନାଅଁ ଅନୁବରତେ ।୦।

ତୁମରି ଆଶିଷେ, ତୁମରି ଦୟାରେ
ସତ ବା ଅସତ ଯାହା ଏ ହିଆରେ
ହେଉ ସେ ମହତ, ହେଉ ପୁଣ୍ୟପୂତ
ଦୂରେ ଯାଉ ବାଧା ଯେତେ ।୧।

ତୁମେ ହୁଅ ଗୁରୋ ! ଚିର ପରସନ୍ନ
ତବ ତେଜେ ଫୁଟୁ ହୃଦୟ-ପ୍ରସୂନ
କୃପା ବଳେ ତବ ଭକତି-ମଳୟ
ବିହରୁ ଚିର ଏ ଚିତ୍ତେ ।୨।

କରୁଣା କର ହେ କରୁଣା-ନିଧାନ !
ଲେପି ଏ ନୟନେ ଜ୍ଞାନର ଅଞ୍ଜନ
ମୁକତି ପଥର ଆଲୋକ ଦେଖାଅ
ପ୍ରଣତ ଜନେ ତୁରିତେ ।୩।

## ବିବେକ ଆଖି ତୁ ଖୋଲରେ ମନୁଆଁ

ବିବେକ-ଆଖି ତୁ ଖୋଲରେ ମନୁଆଁ
ବିବେକ ଆଖି ତୁ ଖୋଲ
ଅନ୍ଧାର ତୋର ଏ ହୃଦୟ-ମନ୍ଦିରେ
ଭକତିର ବତୀ ଜାଳରେ ।୦।

କମଳ-ଆସନେ ନିରେଖ, ବିଜୟ
ଦୀନ-ଦୟାଳୁ ଠାକୁର
ଦୀନବନ୍ଧୁ ବୋଲି ଜଗତ-ଜନରେ
ବାନା ଉଡୁଅଛି ଯା'ର,
ତୁଟିବ ତୋର ଜଞ୍ଜାଳ ।୧।

ସବୁ ମାୟା, ସବୁ ମୋହ ପାଶୋରି ତୁ
ଦୀନବନ୍ଧୁ ବୋଲି ଡାକ
ସରାଗ, ସେନେହ, ପୀରତି, ଭକତି
ଠୁଳାଇ ତା ପାଦେ ରଖ
ଏ କଥା ମନୁ ନ ଭୁଲ ।୨।

ଡାକିଲା ପରି ତୁ ଡାକି ପାରିଲେ ରେ
ମନ ଥୟ କରି ତୋର
ଟଳି ଯିବ ତାର କମଳ ଆସନ
ସେ କି କରିପାରେ ପର ?
ସବୁରି ସେ ଆପଣାର
ବୋଲ ଜୟଗୁରୁ ବୋଲ।୩।

## ବିଶାଳ ମଝିରେ ମହା ସମାଧିରେ

ବିଶାଳ ମଝିରେ ମହା ସମାଧିରେ  ଚିର ତନ୍ମୟ ତୁମେ
ମୁଁ ଯେ ନିରାଶ୍ରୟ ଦଗଧ-ହୃଦୟ   ପଥ ଭୁଲା ପାନ୍ଥ ଜଣେ
ଅମର-ଜ୍ୟୋତିର ଆଲୋକର ଧାର   ଉଜ୍ଜ୍ୱଳେ ତବ ପ୍ରାଣ
ଆକୁଳ-ପରାଣ ବ୍ୟଥା ନିବେଦନ
ପ୍ରଣତି ଚରଣେ ଘେନ |୦|

ସୁପ୍ତ-ପରାଣ ଦୁଆରେ ଗୋପନ   କରାଘାତ ତୁମେ ଦେଲ
ଜଗାଇ ଜୀବନେ ଭୂମାନନ୍ଦ ଗାନେ ଅଚେତନେ ଚେତାଇଲ
ନବ ଆଦରଶେ ଜାତୀୟତା ଭାଷେ
ଦେଇଅଛ ଉଦ୍-ବୋଧନ
ସେ ବାଣୀରେ ଚିତ୍ତ ହେଲା ଅଭିଭୂତ,
ପ୍ରଣତି ଚରଣେ ଘେନ |୧|

ଲାଳସା-ମତ୍ତ ମାନବ-ଚିତ୍ତ   ଶାନ୍ତି ବିଧାନ ଆଶେ
ମଧୁମୟୀ ବାଣୀ ବିତରିଲ ପୁଣି   ଘରେ ଘରେ ଜନ ପାଶେ
ବେଦନା-କାତର-ଜୀବ-ଲାଗି ଚିର   ବ୍ୟାକୁଳିତ ତୁମ ମନ
ଆରତ-ଶରଣ, ଗୁରୁଦେବ ମମ !
ପ୍ରଣତି ଚରଣେ ଘେନ |୨|

ସାଧନ-ସାଗର ମନ୍ଥି ବାରିଲ,   ତତ୍ତ୍ୱ ନିହିତ କାହିଁ ?
ବ୍ୟାକୁଳ ସତତ ମାନବର ଚିତ୍ତ   ବ୍ୟଥା ନିବାରଣ ପାଇଁ
ଶାନ୍ତିର ବାଣୀ ହେ ଦୟାଳୁ-ମଣି ! କାନେ କାନେ କଲ ଗାନ
ମୁଗ୍ଧ ମାନବ ମୁହିଁ ଗୁରୁଦେବ !
ପ୍ରଣତି ଚରଣେ ଘେନ |୩|

## ବିଶ୍ୱାସଟି ମୂଳ ଯାହାର ଧନ୍ୟ ସେହି

ବିଶ୍ୱାସଟି ମୂଳ ଯାହାର ଧନ୍ୟ ସେହି ସଂସାରେ
ସେହିଟି ଅଟଳ ନଉକା ଉର୍ମି ଭରା ସାଗରେ ।୦।

ଗୁରୁ-ନାମ-ତରୀ ଭସାଇ ଯେହୁ ଭାବନା ହୀନ
ଯାବତ ବିପାକେ ସ୍ମରେ ଯେ ସଦା ଗୁରୁଚରଣ ।୧।

ଗୁରୁ ଶୀରିମୁଖ ବିହୁନେ ଯେହୁ ନ ଚାହେଁ ଆନେ
ଗୁରୁଚରଣ ଯେ ସୁମରେ ନିଶି ଦିବସ ମନେ ।୨।

ଦୂର ହୁଏ ସବୁ ଯାତନା ଭାଗ୍ୟବାନ ସେ ଭବେ
ଗୁରୁ ଶ୍ରୀଚରଣ କରୁଣା ଯେହୁ ଲଭଇ ଲବେ ।୩।

ଗୁରୁପଦ ତଳେ ଆଶ୍ରୟ ଯା'ର ଦିବା ଶର୍ବରୀ
ଭାଗ୍ୟବଳେ ହୃଦ-ଆସନେ ତା'ର ବିଜୟ ହରି ।୪।

## ବେସୁରା ବୀଣାରେ ଯେ ସୁର ଦେଲ

ବେସୁରା ବୀଣାରେ ଯେ ସୁର ଦେଲ
ଗାଇ କି ପାରିବି ତାରେ?
ଉଇଁବ ନା ସତେ ଶରଦ ଶଶୀ
ଜୀବନ-ଗଗନ ଧାରେ !  ।୦।

ହୃଦ-ଅନାହତେ ସେ ସୁର ବାଜେ
ଅଭିମାନୀ ମନ ଗରବ ଭାଜେ
ଭକତି-ସାଗରେ ଜୁଆର ଉଠେ
ଅଦେଖା ମରମ ଘରେ  ।୧।

ମଧୁର ମଧୁର ସେ ସୁର ନାଦ
ଭରିଦିଏ ପ୍ରାଣେ ପରମାନନ୍ଦ
ଗହନ ବନର ଦହନ ବ୍ୟଥା
ପଲକରେ ଅପସରେ  ।୨।

ସେହି ସୁରେ ତୁମ ମହିମାମାନ
କଣ୍ଠ ଭରି ନିତି କରିବି ଗାନ
ଶିଖାଇ ଦିଅ ହେ କରୁଣାମୟ
ଏଇ ଅଳି ଶ୍ରୀଛାମୁରେ  ।୩।

## ବୋଲ ମନ, ଜୟଗୁରୁ ବୋଲରେ

ବୋଲ ମନ, ଜୟଗୁରୁ ବୋଲରେ
ନିଶିଦିନ ହୋଇ ନାମରେ ବିଭୋର
ହୃଦୟ କବାଟ ଖୋଲ ଖୋଲରେ ।୦।

ଗୁରୁନାମ ନିଶା ପିଇ, ହୁଅରେ ପାଗଳ ତୁହି
ପାଶୋରି ଜଗତ ମାୟା ନାଚ
ତୁ ଆନନ୍ଦେ ହୋଇ ବିଭୋରରେ ।୧।

ଜପି ଗୁରୁ ମହାମନ୍ତ୍ର, ହୃଦୟ କର ପବିତ୍ର
ମଧୁର ମଧୁର ସେତ ପିଅ
ଗୁରୁ ନାମ ଚଳ ଚଳରେ ।୨।

ଘେନି ସଙ୍ଗେ ବନ୍ଧୁ ଭାଇ, ଗାଅରେ କଣ୍ଠ ମିଳାଇ
ନାଚରେ ତୁ ଥେଇ ଥେଇ ସେବା,
ଗୀତ ତୁଲେ ସ୍ୱର ମିଳାଇରେ ।୩।

ସଂପଦେ ବିପଦେ ସାହା, ଏକା ସେହି ଗୁରୁ ନାଆଁ
ଗୁରୁ ବୋଲି ଯିବୁ ତରି ଦୁନିଆ
ଦରିଆ ଢେଉ ମାଳାରେ ।୪।

ଧର ପ୍ରେମ ହତିଆର, ଷଡ ରିପୁ ମାରମାର
ପ୍ରେମ ଗୁରୁ ଏକା ଗୁରୁ ଭିକ
ମାଗ ଗୁରୁ ପାଦ ତଳରେ ।୫।

## ଭକତି ଗଙ୍ଗା ଝରାଇ ଦିଅ ହେ

ଭକତି ଗଙ୍ଗା ଝରାଇ ଦିଅ ହେ
ଶୀପଦ ଧଉତି ପାଇଁ
ଶକତି ମାଗୁଛି ହେ ଶିବ ସୁନ୍ଦର
ସେବା ଅଭିଳାଷ ନେଇ ।୦।

ଶୀମୁଖ ସନ୍ଦେଶ ତୁମ ଉପଦେଶ
ଗୁଣି ହେଉଥାଉ ମନ
ତୁମ ନାମାମୃତ ପିଇ ପିଇ ନିତ୍ୟ
ଶୀତଳ ହେଉ ମୋ ପ୍ରାଣ
ଅମୃତ ଝରଣ ଶ୍ରବଣ ମନନ
ଅଧମ ଶରଣ ସେହି ।୧।

ଆଚାର ବିଚାର ସେବକ ପଣର
ହେଉ ତବ ଇଚ୍ଛା ମତେ
ହେ ପ୍ରାଣ ଠାକୁର ଜୀବ ଇଚ୍ଛା ମୋର
ଲୀନ ହେଉ ଶିବ ସାଥେ
ଭକତି ପଥରେ ନିତି ଚାଲୁଥିବି
ସେବା ବ୍ରତ ନିତ୍ୟ ଧ୍ୟାୟୀ ।୨।

ସୁଖ ଦୁଃଖ ଯାହା ସବୁ ତୁମ ଦାନ
ତୁମେ ତ ମଙ୍ଗଳମୟ
ଭବ-ପାରାବାର ତରୀ ତୁମେ ମୋର
ଚରଣେ ଶରଣ ଦିଅ
ବିନ୍ଦୁ ହୋଇ ଦିନେ ସିନ୍ଧୁ ରେ ମିଶିବି
ଚରଣ ସେବାରେ ରହି ।୩।

ମୋ ସଙ୍ଘ ଅମୃତ, ହେବି ମୁ ଅମୃତ
ପିଇ ସଙ୍ଘ-ସୁଧାଧାରା
ଶ୍ରବଣ ମନନ ନିଦିଧ୍ୟାସନରେ
ହେଉଥିବି ଆତ୍ମହରା
ଦିଅ ଜ୍ଞାନ ଦିଅ ଭକତି ବିଶ୍ୱାସ
ଅଧମ ଉଦ୍ଧାର ପାଇଁ ।୪।

## ଭକତି-ତଟିନୀ-ଧାର

ଭକତି-ତଟିନୀ-ଧାର
ଧୀରେ ବହେ ଅନିବାର
ଅବଗାହି ସେଇ ପ୍ରେମ-ନୀରେ, କର ଜୀବନ-ଦହନ ଦୂର ।୦।

ମଳିନତା ଯିବ ଧୋଇ
ସ୍ନିଗ୍ଧ ହେବ ଏ ଦେହୀ
ଭକ୍ତି-ନୀରେ ସ୍ନାନେ ଭକତ ମିଳନେ 'ଜୟଗୁରୁ' ଗାନ ଗାଇ ।୧।

ଭରମେ ପଥ ନ ହୁଡ
ଭକତି-ସ୍ରୋତରେ ବୁଡ
ପୂତ ବାରି ପିଇ ପୁଣ୍ୟଧାମେ ଚଳ, ବାରବୁଲାପଣ ଛାଡ ।୨।

ମୁକ୍ତ ହେବ କେବେ ମନ
ମାୟା-ରଜ୍ଜୁ ହେବ ଛିନ୍ନ ?
ଭକତି-ନୀରରେ କରିଣ ସ୍ନାହାନ କରିବି ପୁଣ୍ୟଧାମେ ଅଭିଯାନ ।୩।

ଗୁରୁ ପଦ ଅନୁସରି
ସେହି ପଥେ ଯିବି ଚାଲି
ଗାଇବି ଆନନ୍ଦେ, ନାଚିବି ଆନନ୍ଦେ ପିଇ ନାମାମୃତ-ବାରି ।୪।

ଜୀବନ କରିବି ଦାନ
ଗୁରୁ-ସେବା କରି ପଣ
କେବେ ଏ ହୃଦୟ ହୋଇବ ମୋହର, ଗୁରୁଙ୍କ ଭ୍ରମଣସ୍ଥାନ ? ।୫।

## ଭକତି-ପ୍ରଦୀପ ଜାଳିଦିଅ ଦେବ

ଭକତି-ପ୍ରଦୀପ ଜାଳିଦିଅ ଦେବ
ଅନ୍ତର-ମନ୍ଦିରେ ମୋର
ନାଶ ହୋଇଯାଉ ଅମା ଅନ୍ଧକାର
ଶତ କୋଟି ଜନମର
ଜୀବନର ଦୁଃଖ ହର ।୦।

କେତେ ଜନମର ବାସନା ଦୁର୍ବାର
ଅଥଳ ସାଗରେ ଟାଣେ ବାରବାର
ଜନ୍ମ ଜନ୍ମ ଘୁରି କାନ୍ଦି ବୁଡିମଲି
ପତିତରେ ରକ୍ଷା କର
କରି ତୁମ ପରିଚାର ।୧।

ବିତିଯାଉ ଦେବ ଏ ଦୀନ ଜୀବନ
କରି ଅରଚନା ନାମ ଗୁଣଗାନ
ଅସାର ଜୀବନେ ପ୍ରେମ-ମଧୁପାନେ
ପୁଲକ ଜାଗୁ ଅନ୍ତର
ଦୀନ ଦାସେ କୃପା କର ।୨।

ଦରଦୀ ବନ୍ଧୁ ହେ ! ମହିମା ଅପାର
ତାରି ଅଛ କେତେ ପତିତ ପାମର
ତୁମ ନାମ ଧରି ହେଲେ ଯିବି ତରି
ଏ ସଂସାର ପାରାବାର
ଆଶା ମୋର ପୂର୍ଣ୍ଣ କର ।୩।

**ଭକତି ଭିଖାରି ଯେହୁ ନାଥ ତବ ଚରଣେ**

ଭକତି ଭିଖାରି ଯେହୁ ନାଥ ତବ ଚରଣେ
ଧନ୍ୟ ଧନ୍ୟ ଧନ୍ୟ ଏକା ସେହୁ ଏହି ଭୁବନେ ।୦।

ବରଜି ସଂସାର ଆଶା ମୋହ ମାୟାର ପିପାସା
ଶାନ୍ତି ସତ୍ୟେ ମଜ୍ଜି ରହେ ତେଜି ଭବ ଭରମେ ।୧।

ମହିମା ତୁମରି ଗାଇ କାଳ ଯାହାର ବିତଇ
ଚରଣ ତୁମର ରାଜେ ସଦା ଯାର ମରମେ ।୨।

ତବ ନାମସୁଧା ପାନ କରେ ଯେହୁ ଭୃଙ୍ଗ ସମ
ପୂରିଯାଏ ଯାର ଚିତ୍ତ ଗୁରୁନାମ ସ୍ମରଣେ ।୩।

ବିବେକ ବୈରାଗ୍ୟ ଧ୍ୟାୟୀ ତବ ଚରଣେ ଆଶ୍ରଇ
ସାହା ହୁଅ ତୁମେ ପ୍ରଭୁ ତାର ବାଞ୍ଛା ପୂରଣେ ।୪।

ଶିରେ ତବ ପଦ ଧୂଳି ଭକତିରେ ହୁଏ ବୋଳି
ଶରଣ ମାଗଇ ରଟି ଜୟଗୁରୁ ବଦନେ ।୫।

**ଭକତିରେ ଧରିଥାଅ ଗୁରୁ ପାଦପଦ୍ମ**

ଭକତିରେ ଧରିଥାଅ ଗୁରୁ ପାଦପଦ୍ମ
ଖଣ୍ଡିବ ଶମନ ଭୟ ଦୁଃଖ ପରମାଦ ହେ ।୦।

ଶ୍ରୀଗୁରୁ ପଦ ମହିମା
ନାହିଁ ଯା'ର ଶେଷ ସୀମା
ଝରୁଅଛି ଅବିରତ ପଦ୍ମ ମକରନ୍ଦ ହେ ।୧।

ସକଳ ତୀର୍ଥରେ ସାର
ଶ୍ରୀଗୁରୁ ପଦ୍ମ ପୟର
ସ୍ୱରଧୁନୀ ଧୋଉଅଛି ଯା'ର ଶିରୀପଦ ହେ ।୨।

ଗୁରୁ ନାମ ଗାଇ ଗାଇ
ପାଗଳ ହୁଅରେ ଭାଇ
ଗୁରୁପଦ ଧ୍ୟାୟି ଲଭ ଅମୃତ ସଂପଦ ହେ ।୩।

ଗୁରୁଙ୍କ ଚରଣ ଧୂଳି
ଶିରରେ ହୋଇଲେ ବୋଲି
ମହକିବ ଏ ଜୀବନେ ଅପୂରୁବ ଗନ୍ଧ ହେ ।୪।

ବ୍ରହ୍ମା ବିଷ୍ଣୁ ମହେଶ୍ୱର
ରାଜନ୍ତି ଗୁରୁ ଶରୀର
'ସର୍ବୋଦେବମୟ ଗୁରୁ' ଭଣିଛନ୍ତି ବେଦ ହେ ।୫।

**ଭକ୍ତବାଞ୍ଛା କଳ୍ପତରୁ**

ଭକ୍ତବାଞ୍ଛା କଳ୍ପତରୁ !
ଠାକୁର ମୋ କଳ୍ପତରୁ
ବନ ଉପବନ ଗଗନ ପବନ
ନିନାଦିତ ଜୟଗୁରୁ ।୦।

ପୁଲକିତ ପ୍ରାଣ ଆକୁଳ ନୟନ
ପ୍ରେମ ଅଶ୍ରୁ ଝରଝର
ମନ ଉନ୍ମତ ଢାଳି ପ୍ରଣିପାତ
ବିଶ୍ୱଗୁରୁ ଶ୍ରୀପୟର
ଠାକୁର ହେ ତୁମେ ନାହିଁ ଯାଅ ଆନେ
ମୋ ନୟନ ପଲକରୁ ।୧।

ନୟନ ପଲକେ ଶ୍ରୀମୁଖ ଝଲକ
ଅପରୂପ ମନ୍ମ ହର
ସୁଠାମ ସୁନ୍ଦର ରାଜ ରାଜେଶ୍ୱର
ଅନୁପମ ଯୋଗେଶ୍ୱର
ପ୍ରଭାମୟ କାନ୍ତି ସ୍ୱରୂପ ପତାନ୍ତି
ପ୍ରାଣପ୍ରିୟ ଜୟଗୁରୁ ।୨।

ଭକ୍ତ ମନ ପ୍ରାଣ ପୁଲକିତ ଚିତ୍ତ
ପାଶେ ପାଶେ ବିଶ୍ୱପତି
ତରୁଣ ଅରୁଣ ଶୋଭା ପରକାଶ
ସବୁରି ହୃଦେ ଶ୍ରୀପତି
ବନ୍ଧା ମୋର ମନ ଛନ୍ଦା ଚରଣରେ
ସଦ୍‌ଗୁରୁ ଜଗତଗୁରୁ ।୩।

ପ୍ରେମ ସୁଧା ନିଧି କରୁଣା ବାରିଧି
ଭକ୍ତବନ୍ଧୁ ପରାତ୍ପର
କୃପାଦାନେ ପୂର୍ଣ୍ଣ କର ଅଭିଳାଷ
କୃପାବର କୃପା କର
ଜନମ ସାର୍ଥକ ଶ୍ରୀପଦ ସେବାରେ
ସୁମରଣ ଜୟଗୁରୁ ।୪।

ସଂସାର ବିଭବ ସଂସାରେ ରହିବ
ମୋ ପାଇଁ ଅସାର ହୋଇ
ଜୟଗୁରୁ ଡାକ ଯିବ ମୋ ସାଥିରେ
ପାଦପଦ୍ମେ ଚିତ୍ତ ଥାଇ
ଆକୁଳ ମାଗୁଣି ମୁକତି ଆଶୀଷ
ଝରୁ ତବ ଶ୍ରୀପୟରୁ ।୫।

## ଭଜରେ ମନ ନରାକାର ପରଂବ୍ରହ୍ମଙ୍କୁ

ଭଜ ରେ ମନ ନରାକାର ପରଂବ୍ରହ୍ମଙ୍କୁ
ଅନାଥର ନାଥ ଭକ୍ତବାଞ୍ଛା-କଳ୍ପତରୁଙ୍କୁ ।୦।

କୋଟି ସୂର୍ଯ୍ୟରୁ ଉଜ୍ଜ୍ୱଳ କୋଟି ଚନ୍ଦ୍ର ସୁଶୀତଳ
(ସେଇ) ଗୁରୁଚରଣ କମଳ ଭକତ ଆଶ୍ରୟସ୍ଥଳ
ଧ୍ୟାୟୁଛନ୍ତି ସୁରମୁନି ଯେଉଁ ପାଦପଦ୍ମଙ୍କୁ ।୧।

ଜୀବ-ଦୁଃଖରେ କାତର ଝରେ ନେତ୍ରୁ ନୀରଧାର
ସ୍ୱଭାବେ ମଙ୍ଗଳମୟ ଚିର ସୁଖର ଆଳୟ
ଜୀବ-ଦୁଃଖହାରୀ ବୋଲି ବେଦ ଭଣେ ଯାହାଙ୍କୁ ।୨।

ଭକତ ହିତ ସାଧନେ ଆସିଛନ୍ତି ଧରାଧାମେ
ଭକତ-ରସିଆ ଦିଅଁ ଭକତର ପ୍ରାଣପ୍ରିୟ
ଭକତଙ୍କୁ ସୁଖ ଦେଇ ବରିଛନ୍ତି ତା'ଦୁଃଖକୁ ।୩।

କୋଟି ପ୍ରଣିପାତ ମମ ଘେନ ହେ ପୁରୁଷୋତ୍ତମ
ରଚି 'ଜୟଗୁରୁ' ନାମ ଯାଉ ଏ ଛାର ପରାଣ
ଶରଣ ଦିଅ ଚରଣେ କ୍ଷମି ସର୍ବ ଦୋଷକୁ ।୪।

## ଭଜ ରେ ଭଜ ଗୁରୁଗୋବିନ୍ଦ

ଭଜ ରେ ଭଜ ଗୁରୁଗୋବିନ୍ଦ
ଧ୍ୟାନ କର ଆଉ ପାନ କର ପ୍ରାଣଭରି ନାମ ମକରନ୍ଦ ।୦।

ହୃଦୟ ଯମୁନା, ଯମୁନାରେ ଢେଉ ଉଠିଲାଣି
ମୁରଲୀରେ ସୁର, ସୁରେ ରାଧା-ରାଧା ଶୁଭିଲାଣି
ଜପ କର ଆଉ ତପ କର ନବଘନ ବୃନ୍ଦାବନ ଚାନ୍ଦ ।୧।

ପାଦରେ ନୂପୁର, ନୂପୁର ଘୁଙ୍ଗୁର ବାଜିଲାଣି
ନୟନେ ସ୍ୱପନ, ସ୍ୱପନେ ମୋହନ ଦିଶିଲେଣି
ଅନୁକୂଳେ ଦେଖ ବହିଲାଣି କରୁଣା-ସମୀର ମନ୍ଦ-ମନ୍ଦ ।୨।

ମନେ କୁଞ୍ଜବନ, କୁଞ୍ଜେ ବେଣୁ ସ୍ୱନ ଶୁଭିଲାଣି
ସଂସାରେ ବନ୍ଧନ, ବନ୍ଧନରେ ମନ ତୁଟିଲାଣି
ଜୀବ ଯାଉ ପଛେ ଲୋଭ ଥାଉ ସେବିବାକୁ ପଦ ଅରବିନ୍ଦ ।୩।

## ଭଲ ପାଇବାକୁ ଶିଖାଇ ଦିଅ ହେ

ଭଲ ପାଇବାକୁ ଶିଖାଇ ଦିଅ ହେ
ବିଶ୍ୱ ପ୍ରେମିକ ମୋର
ସବୁ ମୁଁ ବରଜି ଯଦି ଭଲପାଏ
କରିବନି ମୋତେ ପର ।୦।

କହିଦିଅ ମୋତେ ପାରିବିକି ନାହିଁ
ପୀରତି ଡୋରିରେ ବାନ୍ଧି
ପୋଷା ଶାରୀ ପରି ରଖି ପାରିବି କି
ମନ ପିଞ୍ଜରାରେ ବାନ୍ଧି
ଭୁଲିଯିବ ନାହିଁ ଦରଦୀ-ବନ୍ଧୁ ମୋ
କରି ମୋତେ ସାତପର ।୧।

କେଉଁ ନାମ ଧରି ଡାକିଲେ ଆସିବ
ଖେଳିବ ମୋ ସାଥେ ଖେଳ
ଯେଉଁ ନାମ ଧରି ଡାକିଥିଲେ ଦିନେ
ସୁଦାମ, ମଧୁମଙ୍ଗଳ
କାନେ କହି ଦିଅ କିପରି ସେ ନାମ
ଗଡି ଯାଉଅଛି ବେଳ ।୨।

ନିତି ଦେଖି ଦେଖି ମାୟା ହରିଣୀକୁ
ତୁମକୁ ତ ଭୁଲେ ମୁହିଁ
ନ ଭୁଲିବି କେବେ ବତାଇ ଦିଅ ହେ
ଅଭୁଲା ମନ୍ତ୍ର କହି
ଏତିକି ମାଗୁଣି କରୁଛି ମୁଁ ଅଳି
ହୃଦୟନିଧି ଠାକୁର
ମରଣ ଦୁଆରେ ଆସିବ ହୋଇଣ
ପରାଣ-ବନ୍ଧୁଆ ମୋର ।୩।

## ଭଙ୍ଗାଗଢା ମିଛମାୟା ଏଇ ସଂସାର

ଭଙ୍ଗାଗଢା ମିଛମାୟା ଏଇ ସଂସାର
ତୁମେ ତ କାରିଗର ସାରା ବିଶ୍ୱର

ଖେଳନା ଧରି ମୁଁ କେମିତି ଭୁଲୁଛି
କରୁଣା କର ଠାକୁର
ତୁମେ ତ ଦୟାସାଗର ।୧।

କାଚକୁ କାଞ୍ଚନ ଭାବି ବସେ ଯେବେ
ଭୁଲ୍ ହୋଇଯାଏ ମୋର
ଅଫେରା ବାଟରୁ ଫେରାଇ ଆଣୁଛ
ଆଉଁସି ଦେଇ ମୋ ଶିର
ମାୟା ମରୀଚିକା ପଛରେ ଧାଏଁ ମୁଁ
ତୁମକୁ ଯାଏ ପାସୋର
ତୁମେ ତ ଦୟାସାଗର ।୨।

ସାଗର ବେଳାର ବାଲିଠାରୁ ମୋର
ଅପରାଧ ଯାଏ ବଳି
ଜନମ ଜନମ ସଂଚିତ କରମେ
ଜୀବନଟା ଯାଏ ଜଳି
ନିଃସ୍ୱ କରିଦିଅ ହେ ପ୍ରାଣଠାକୁର !
ରଖିବ କରି ନିଜର
ତୁମେ ତ ଦୟାସାଗର ।୩।

### ଭଙ୍ଗୁର ସଂସାରେ ତୋର

ଭଙ୍ଗୁର ସଂସାରେ ତୋର ଭଙ୍ଗା ଏ କୁଡିଆ ଘର
କେତେ ଦିନକୁ ରେ ମନ ଏ କଥା ବିଚାର କର ।୦।

ସେହି ଦୂର ଅସ୍ତାଚଳେ
ବେଳ ବୁଡି ଗଲା ବେଳେ
କହି କି ପାରିବୁ ସତେ ସାଥୀ କିଏ ହେବ ତୋର ? ।୧।

କାଳ ତ ନ ବୁଝେ କିଛି
ପ୍ରାଣ ନିଏ ବାଛି ବାଛି
ବେଳ ଥାଉଁ ବାଉଳା ରେ ମୁଖେ ଗୁରୁ ନାମ ଧର ।୨।

'ଜୟଗୁରୁ' ନାମ ଗୀତ
ପୁଲକିତ କରେ ଚିତ୍ତ
ସେହି ମହାମନ୍ତ୍ର ଗାଇ ସିଦ୍ଧର ସାଧନା କର ।୩।

ଅକ୍ଷର ସେ ନାମବ୍ରହ୍ମ
ଜପୁଥିଲେ ଅବିରାମ
ଅନାହତ ତାରେ ଦିନେ ଶୁଣିବୁ ମଧୁ ଝଙ୍କାର ।୪।

### ଭବ ପାରାବାରେ ତୁମେ ନାଉରୀ

ଭବ ପାରାବାରେ ତୁମେ ନାଉରୀ
ଦେହ ତରୀରେ ବସିଛି ହେବାକୁ ପାରି ।୦।

ମୋର ସୁଖର ଦୁଃଖର ତରଙ୍ଗ ମାଳା
ଆଜି ଦୋହଲାଇ ଦିଏ ବୁଡିବ ଭେଳା
ମୋର ଭକତିର ପାଲ ଗଲାଣି ଛିଡି ।୧।

ମୋର ମନ ଦଉଡିଟା ଗଲାଣି ଛିଡି
ମୁଁ ଯେ ଦିଗହରା ସବୁ ଗଲାଣି ବୁଡି
ମୋର ଆଗୁଆ ପବନ ହୁଏ ଭଗାରୀ ।୨।

ମୋର ଅପରାଧ ଖୁଣ୍ଟେ ତରି ମୋ ବନ୍ଧା
ତାକୁ ଖୋଲିବାକୁ ରିପୁ ଦିଅନ୍ତି ବାଧା
ତାଙ୍କ ଦାଉରେ ଆଜି ମୁଁ ଯାଉଛି ହାରି ।୩।

ମୋତେ ପାରି କଲେ କର ନ କର ନାହିଁ
ସତ କହୁଛି ଠାକୁର ଶ୍ରୀପଦ ଛୁଇଁ
ଆଜି ବୁଡିଯିବି ତୁମ ନାମକୁ ଗାଇ ।୪।

### ଭବେର ଘାଟେ ଦିଛେନ ଖେୟା

ଭବେର ଘାଟେ ଦିଛେନ ଖେୟା ଗୁରୁ କର୍ଣ୍ଣଧାର
କତଇ ହଇତେ ଛେରେ ପାର
ତୁମି ପାରେର ଭାବନା ଭାବ୍‌ଛ କିରେ
ଘାଟେ ଆପ୍‌ନି ଯାଓୟା ଭାର ।୧।

ଦିନ ଥାକିତେ ଧର ପାଡି ସମୟ ନାଇରେ ଆର
ସେ ଯେ ଅସମୟେ ପାର କରେନା,
ପାରେ ଠେକ୍‌ବିରେ ଏବାର ।୨।

କାରେ ବଲ ଆପନ ଆପନ, କେବା ହୟେ ତୋମାର
ଦୟାଲ ଗୁରୁ ବିନେ ଭବାର୍ଣ୍ଣବେ ବନ୍ଧୁ ନାଇରେ ଆର ।୩।

ଅଧର ବଲେ ଏଇ ଭବେ ଆମି ଦୁରାଚାର
ଆମାର ନା ହଇଲ ଗୁରୁଭଜନ,
(ହ'ଲ) ଆସା ଯାଓୟା ସାର ।୪।

### ଭୟ ବିପଦ ଜଳନିଧି

ଭୟ ବିପଦ ଜଳନିଧି ହେବାକୁ ପାରି ରେ
ସାହା ଏକା ତୋ ଗୁରୁ ଦେଉ ପାଶୋରି ।୦।

ମିଛ ମାୟା ସଂସାରେ ଭୁଲି ରହିଛୁ ତୁରେ
ଆପଣାର ବୋଲୁ ଯାରେ ସେ ତ ଭଗାରୀ ।୧।

ଏ ତୋର ଧନଜନ ଚିର ନୁହଁଇ ମନ
ଉଭାଇ ଯିବ ପାଣି ଫୋଟକା ପରି ।୨।

କିବା ରଜନୀ ଦିନ ସାର କର ଭଜନ
ସେ ଏକା ଭବାର୍ଣ୍ଣବ ତାରଣ ତରୀ ।୩।

ଶ୍ରୀଗୁରୁ ନାମ ତୋର ଗଳାରେ ମାଳ କର
ହୃଦୟର ଆସନ ସଜାଡି କରି ।୪।

ଯମଦୂତେ ଆସିବେ କେଶ ତୋ ଓଟାରିବେ
ସେତେବେଳେ କେ ସାହା ହେବ ତୋହରି ।୫

### ଭାବ ବିନୋଦିଆ ଭକ୍ତବତ୍ସଳ ଘେନ

ଭାବ ବିନୋଦିଆ ଭକ୍ତବତ୍ସଳ
ଘେନ ଭକତର ପ୍ରୀତିପ୍ରଣତି
ତୁମେ ଭକତର ଚିର ଆରାଧ୍ୟ
ତୁମେ ଭକତର ଗତି ମୁକତି ।୦।

କି ଦେଇ ତୋଷିବି କେଉଁ ଧନ ଦେଇ
ଯାହା ଦେଖେ ସବୁ ତୁମରି ଗୋସାଇଁ
ଆଖି ନୀର ମୋର ଏକାନ୍ତ ସମ୍ବଳ
ମନ-ସୁମନରେ ଶ୍ରୀପଦଯୁଗଳ
ମଣ୍ଡିଦେଇ ତୋଷିବି ମୁଁ ତୁମକୁ
ନାହିଁ ମୋର ଆନ ଧନ-ସଂପତ୍ତି ।୧।

ଭଲପାଅ ପ୍ରଭୁ ଶବରୀ ଅଇଁଠା
ଆବର ଦାସିଆ ବାଡି ନଡିଆ
ଭକତ ବିଦୁର ଶାଗଭଜା ଖାଇ
ଶ୍ରୀମୁଖେ କହିଛ ଭାରି ବଢିଆ
ତୁମେ ଭକତ ଭିଖାରୀ ନିରତ
ଆଖିନୀର ଦେଖି ହୁଅ ତୃପତି ।୨।

ଭଲପାଅ ବୋଲି ନୟନେ ଲୋତକ

ସଖା ସୁଦାମାକୁ କନ୍ଦାଅ ନିତି
ଦୁଇ ମୁଠା ଖୁଦ ବଦଳେ ଦେଇଛ
ଅକଳନ ରତ୍ନ-ଧନ-ସଂପତ୍ତି
ତୁମ ଲୀଳା ସିଏ ସିନା ବୁଝିବ
ଯା'ରେ ଦେଇଛ ଅସୀମ ଶକତି ।୩।

ଭକ୍ତ ସୁରଦାସ ଅନ୍ଧଟିଏ ବୋଲି
ହାତ ଧରି ନେଲ ପାଦେ ଚାଲି ଚାଲି
ହାତ ଛାଡି ପୁଣି ଲୁଚି ଯାଅ କାହିଁ
ପଥହରା ସେ ଯେ ବିକଳେ କାନ୍ଦଇ
ଭକ୍ତ ଆଖିରୁ ଝରିଲେ ଲୋତକ
ପୁଣି ଯୋଡିଦିଅ ଭାବ ପୀରତି ।୪।

ପୁରୀରୁ ତ୍ରିପୁରା ସହସ୍ରଯୋଜନ
ଶୈଳବାଳା ଡାକ ବାଜିଲା ପ୍ରାଣେ
ଏତେ ବିପଦରୁ ଉଦ୍ଧାରିଛ ପ୍ରଭୁ
ଚକିତ କରିଛ ଜଗତଜନେ
ମୋର ପାଶେ ରହି ପ୍ରାଣ-ଠାକୁର !
ଦିଅ ହୃଦୟେ ବିଶ୍ୱାସ ଭକତି ।୫।

## ଭାବ-ରାଇଜର ମଉଡମଣି ସେ

ଭାବ-ରାଇଜର ମଉଡମଣି ସେ
ଭବ-ଜୀବନର ଆଦର ଧନ
ତାହାରି କୈବଲ୍ୟ କଣିକାଏ ପାଇଁ
ସଂପିଦିଅ ତାରେ ପରାଣ ମନ ।୦।

ଅନ୍ତର ମଝିରେ ତା ବେଣୁ ବାଜେରେ
ସରବେ ତାହାରେ ଖୋଜନ୍ତି ବାହାରେ
ନୟନ ପୂରାଇ ଚାହିଁ ଦେଖ ଥରେ
ସେହି ଏକା ତୋର ଆପଣା ଜନ ।୧।

ତା ମୁଖ ଦରଶେ, ତା ପଦ ପରଶେ
ମର-ଜୀବନରେ ପୁଲକ ବରଷେ
ଡାକିଲେ କାତରେ ପରାଣ ଆତୁରେ
ହରେ ଭବ-ଦୁଃଖ ଯାତନା ମାନ ।୨।

ମଧୁଠାରୁ ବଳି ମଧୁର ତା' ଭାବ
ବାହି ନେଇଯିବ ତୋ ଜୀବନ-ନାବ
ନଇ ପାରି ହେଲେ ଦିଶିବେ ତୋ ଗାଁ
ହସିବ ତୋ ଲାଗି ରୂପେଲି ଜହ୍ନ ।୩।

## ଭାସିଗଲି ଭବଜଳେ ଠାବ ଦିଅ ପାଦତଳେ

ଭାସିଗଲି ଭବଜଳେ, ଠାବ ଦିଅ ପାଦ ତଳେ
ଭରସା ନ କରି, ଦିନ ଗଲା ସରି
ଡାକୁଛି ଆଜି ଆକୁଳେ ।୦।

କେତେ ମାନ ଅପମାନ ସହିଛି ଏହି ଜୀବନ
ସୁଖ ସପନରେ ମାତି କେତେ କାଳ ଗଲା ବିତି
ଦମ୍ଭ ଗଲା ଭାଜି ବୁଝିଲି ମୁଁ ଆଜି
ତୁମରି କରୁଣା ବଳେ ।୧।

କଳଙ୍କ କାଳିମା ଗାର ପୋଛିଦିଅ ଅଙ୍ଗୁମୋର
ପଙ୍କିଳ ଜୀବନ ପଥ କରିଦିଅ କୁସୁମିତ
ଏ ତିନି ଭୁବନେ ନାହିଁ କେହି ଜଣେ
ସାହା ହେବ ଏତେ ବେଳେ ।୨।

ଜୀବନ କୁସୁମ କଢି ମଉଳି ଗଲାଣି ଝଡି
ମନ, ଧନ, ବଇଭବ ଅରପିଲି ପାଦେ ତବ
ମରଣ ଦୁଆରେ ଦେଖା ଦେଇ ବାରେ
ତୋଳି ନିଅ ତୁମ କୋଳେ ।୩।

## ଭାସି ଚାଲ ମନ ମହାକାଳର ତରଙ୍ଗେ

ଭାସି ଚାଲ ମନ ! ମହାକାଳର ତରଙ୍ଗେ
ଭୁଲିଯାଅ ମନୁ ଦୁନିଆର ନବରଙ୍ଗେ।୦।

ମୃତ୍ୟୁଞ୍ଜୟ ପଦ ଶରଣ ଯାହାର
ଛାର ମରଣରେ କିବା ତାର ଡର ?
ଚାଲ ତୁ ଭକତି-ଡୋରେ ପାଲ ଟାଣି
ଜୀବନ ନାଆର ସଙ୍ଗେ ।୧।

ଯାତ୍ରାପଥରେ ନାହିଁ ଭୟ, ଭୀତି
ମେଲିଦିଅ ନାଆ ଟାଣକରି ଛାତି
ଅନନ୍ତ ଗୀତି ଗାଇ ଆନନ୍ଦରେ
ସ୍ୱର ତାଳ ଲୟ ସଙ୍ଗେ ।୨।

ଡରାଇବ ପଥେ ଝଞ୍ଜା ପ୍ରଳୟ
ଯାତ୍ରୀରେ ! ତିଳେ ନ କର ତୁ ଭୟ
ଅଭୟ ଚରଣେ ଲୟ ରଖି, ମାଖ
ଅଭୟ ବିଭୁତି ଅଙ୍ଗେ ।୩।

ବରଷା, ବାଦଲ, ଘୋର ଅମାରାତି
ପଲକେ ଲୁଚିବ ଯେବେ ଦିବ୍ୟ ଜ୍ୟୋତିଃ
ଅନନ୍ତ ଗଗନ ସୀମା ପରଶିବ
ରସିବୁ ତା' ପର ସଙ୍ଗେ ।୪।

## ଭାରି ସୁଆଦ ବଡ ସୁଆଦ

ଭାରି ସୁଆଦ ବଡ ସୁଆଦ ଗୁରୁନାମ
ସୁଧାରସ ରେ କିଏ ପିଇବ ଆସ
ମୃତ୍ୟୁ ସଞ୍ଜୀବନୀ ରସାଳ ସେ ନାମ
ବିଷକୁ କରେ ପୀୟୂଷ ରେ ।୦।

ଗୁରୁ ପଦ ତଳୁ ଝରୁଛି ଅମୃତ
ପିଅ ମନ ଭରି ତୃଷିତ ତାପିତ
ମେଣ୍ଟିଯିବ କ୍ଷୁଧା ତୁଟିଯିବ ବାଧା ପାଇ ଅମୃତ ପରଶରେ ।୧।

ବିଶ୍ୱ ପ୍ରସବିନୀ ସୁଧା ଭାଣ୍ଡ ଘେନି
ବାଣ୍ଟି ଥିଲେ ଦିନେ ରଞ୍ଜାଇ ଅବନୀ
ଦେବତାଙ୍କମେଳେ ପିଇଲେ କୌଶଳେ
ଅମର ହେଲେ ରାକ୍ଷସ ରେ ।୨।

ଗୁରୁ ବ୍ରହ୍ମା-ବିଷ୍ଣୁ ଗୁରୁ ମହେଶ୍ୱର
କିବା ଦିବା ନିଶି ସେ ନାମ ସୁମର
ଭବ-ପାରାବାର କରିବେ ସେ ପାର
ରଖ ଅଟଳ ବିଶ୍ୱାସ ରେ ।୩।

ନାମ ସୁଧା ଚାଖ (ଗୁରୁ) ପଦଧୂଳି ମାଖ
ଧ୍ୟାନରେ ହେଉ ଗୁରୁ ପଦ୍ମମୁଖ
ଜୀବ ଯିବା ବେଳେ ନାମ ଜପି ହେଲେ
ଛାଡିବୁ ଶେଷ ନିଃଶ୍ୱାସ ରେ ।୪।

## ଭାଙ୍ଗଲୋ ମେଲା ବିଦାୟ ବେଲା

ଭାଙ୍ଗଲୋ ମେଲା ବିଦାୟ ବେଲା ଜୟଗୁରୁ ଜୟ ବଲ
ଜୟଗୁରୁ ନାମ ଜୀବନ ପଥେ ସାଥୀ ଓ ସମ୍ବଲ ।୦।

ସାଥୀ କରେ ଜୀବନ ପଥେ ମନ୍ତ୍ର ଜୟଗୁରୁ
ଯନ୍ତ୍ର ଭାବି ଆପନାରେ ଯାତ୍ରା କର ସୁରୁ
ପଥେର ଯତ ବିଘ୍ନ ବାଧା ଦୁଇ ପାୟତେ ଦଲ ।୧।

ମାଥାୟ ରାଖି ଗୁରୁର ଚରନ ସ୍ମରନ କରି ତାରେ
ଦୁଖଃ ବିରହେର ମର୍ମ ବେଦନ ଭୁଲେତୋରା ଯାରେ
ତାହାର ପାୟେ ସକଲ ସଁପେ ଏଗିୟ ସୁଧୁ ଚଲ ।୨।

ଆସବେ କତ ଦୁଃଖେର ବୋଝା ତୋଦେର ଜୀବନ ମାଝେ
ହାସି କାନ୍ନାର କତଇ ଲିଳା ନିତ୍ୟ ସକାଲ ସାଞ୍ଜେ
ଅନିତ୍ୟ ସେ ମାୟାର ଖେଲା ହେ ହୋସନାରେ ବିହ୍ୱଲ ।୩।

ଲକ୍ଷ ତୋଦେର ପ୍ରେମେର ଠାକୁର ନିତ୍ୟ ଗୁରୁ ଧାମ
ତାର କୃପାୟ ପୂର୍ବେ ତୋଦେର ସକଲ ମନସ୍କାମ
ଉଠବେ ଫୁଟେ ଥରେ ଥରେ ତୋଦେର ଚିତ୍ତ ଦଲ ।୪।

ବିଦାୟ ବେଲା କରବେ ସ୍ମରଣ ତାହାର ଅଭୟବାନୀ
ଭକ୍ତ ଜନେ ନେବେନ ତିନି ଆପନ କୋଲେ ଟାନି
ତାର ବାନିତେ ଆସ୍ଥା ରେଖେ ଆନ ରେ ବୁକେ ବଲ ।୫।

ଭାଙ୍ଗଲୋ ମେଲା ବିଦାୟ ବେଲା ଆବାର ବଲେ ଯାଇ
ଶ୍ରୀଗୁରୁ କାଣ୍ଡାରି ତୋଦେର ଭାବନା କିଛୁ ନାଇ
(ସୁଧୁ) ତାର ଚରଣେ ଢାଲରେ ସଦା ପ୍ରେମେର ଅଶ୍ରୁ ଜଲ ।୬।

## ଭିକାରୀ ନୁହେଁ ମୁଁ ମାଗିବିନି କେବେ

ଭିକାରୀ ନୁହେଁ ମୁଁ ମାଗିବିନି କେବେ
ଦେବ ଯାହା ନେବି ହାତ ପତାଇ
ଜାଣେ ମୁଁ ଅନ୍ତରେ ତୁମ ବିନା ପ୍ରଭୁ
ଜଗତ କରତା ଆଉ କେ ନାହିଁ ।୦।

ବିଶାଦ ପଛରେ ରହିଛି ହରଷ
ଅନ୍ଧକାର ପରେ ଆସଇ ଦିବସ
ତୁମରି ଭିଆଣ ଅଟେ ବର୍ଷ ମାସ
ହସଇ ଚନ୍ଦ୍ରମା ଯା ଗୁଣ ଗାଇ ।୧।

କଣ୍ଟା ଥାଉ ପଛେ ତୁମ ଛଡା ଫୁଲ
ଗୋଟାଇ କରିବି ମୋର ଗଳାହାର
ଲିଭାଇ ନ ଦେବି ହୋମର ଅନଳ
ଦେଉ ଅବା ଯେତେ ଅନ୍ତର ଦହି ।୨।

ଆସୁ ଯେତେ ଝଡ ମୁଣ୍ଡ ଦେବି ପାତି
ପ୍ରଳୟ ହୁଙ୍କାରେ ପତାଇବି ଛାତି
ଟାଳି ନ ପାରିବି ହୁତାଶନ ତାତି
ଦୃଢ ଥିବି ତୁମ ମହିମା ଗାଇ ।୩।

ବାସନା ଯଦି ବା ନ ହୁଏ ପୂରଣ
ନ ମଣିବ ମୋର ପୂଜା ଅକାରଣ
ନ ଗାଇବି କେବେ ବିଦ୍ରୋହର ଗାନ
କେବେ ହେବି ନାହିଁ ମୁଁ ଆଶାହୀନ ।୪।

ତୁମେ ଯେ ମଙ୍ଗଳ ମଙ୍ଗଳ କରତା
ଚିର ଶାନ୍ତିପଦ ସର୍ବ ସୁଖ ଦାତା
ନ ଭୁଲିବ କେବେ ତୁମରି ମମତା
ନାଚୁଥିବି ତୁମ ମହିମା ଗାଇ ।୫।

ତୁମ ଇଚ୍ଛା ପୂର୍ଣ୍ଣ ହେଉ ଏ ଜୀବନେ
ଥାଏ ବା ସଉଧେ କଣ୍ଟକିତ ବନେ
ଚିନ୍ତା ନାହିଁ ପ୍ରଭୁ କିଛି ତୁମ ବିନେ
ମରେ ଯେହ୍ନେ ତୁମ କରୁଣା ପାଇ ।୬।

## ଭିଖ ଦିଅ, ଭିଖ ଦିଅ

ଭିଖ ଦିଅ, ଭିଖ ଦିଅ
ଭିଖାରୀରେ ଭିଖ ଦିଅ,
ଡାକିଲା ପରି ମୁଁ ଡାକି ନାହିଁ ବୋଲି
ବିମୁଖ ତୁମେ ନ ହୁଅ ।୦।

ଅପରାଧ ତ ମୋ ଜୀବନର ସାଥୀ
ତୁମେ ତ କ୍ଷମାସାଗର,
ପତିତ ବୋଲି ମୁଁ 'ପତିତ-ପାବନ'
ନାମଟି ସିନା ତୁମର
ମିଛ କି ଏ କଥା ଦିଅଁ ? ।୧।

ଦୀନଜନ ବନ୍ଧୁ ବୋଲି ପରା ତୁମେ
ବୋଲାଇ ହେଉଛ ଭବେ,
କାହିଁକି ମାନିବି ମୋ ପରିଅଧମେ
ତାରି ନ ପାରିଲ ଯେବେ
ଏ କଥା ବୁଝାଇ କୁହ ।୨।

ଭକତି କାହାକୁ କହନ୍ତି, ସେ କଥା
ଶିଖି ନାହିଁ କାଣିଚାଏ,
ଜାଣିବାରେ ମୋର ଯାଇ ନାହିଁ ଦିନେ
ଦେଉଳ ଦୁଆର ଯାଏ
ସେ ରାହା ମୋତେ ବତାଅ ।୩।

କି ବୋଲି ଡାକିବି କିଭଳି ଡାକିବି
କି ବୋଇଲେ ତୁମେ ଶୁଣ
ଘୁମେ ଜାଗରଣେ ଯେବେ ମୁଁ ଡାକିବି
ମୁଦି ଦେବ ନାହିଁ କାନ ।
ଯେତେ ଦୂରେ ଯହିଁ ଥାଅ ।୪।

ପଥର ଭିଖାରୀ ଏତିକି ମାଗୁଛି
ପତିଦାତା ଜନାର୍ଦ୍ଦନ,
ଭକତି ରସରେ ଜଠର ପୂରାଅ
ନ ହୁଅ ଆଉ କୃପଣ
ଦାତା-ପତାକା ଉଡାଅ ।୫।

## ଭିଜା ଆଖି ଲୁହ ଝରି ପଡୁଥିଲା

ଭିଜା ଆଖି ଲୁହ ଝରି ପଡୁଥିଲା
ପୀରତି ପ୍ରଣତି ବାରି
କମଳ ଚରଣ ବଢାଇ ଦେଲ ହେ
ସବୁ ସୁଖ ଗଲା ପୂରି ।୦।

ଶେଷ ରଜନୀରେ ଗାଉଥିଲା ପିକ
ମହୀରେ ସୁରୁଯ ବୁଣିଲା ଆଲୋକ
ସେ ଆଲୋକ ଧାରେ କୁଆଁରୀ ତାରାଟା
ନାଚୁଥିଲା ମନ ଭରି ।୧।

ଛାତି ଛନକାରେ ଚାହିଁ ଦେଲି ଦୂରେ
ଉଦାସ ମନରେ ପ୍ରୀତି ଭାଷା ଭରେ
ବନ୍ଦନା କରେ ସେ କମଳ ଚରଣ
କୋଟି ଦଣ୍ଡବତ କରି ।୨।

ଏ ଚରଣୁ ଝରେ କୋଟି କଇବଲ୍ୟ
ଏ ଚରଣୁ ଝରେ ଆଶିଷ ବିପୁଳ
ଦରଶେ ପରଶେ ଝରି ଆସେ ଯେତେ
ସୁଖ ସଉଭାଗ୍ୟ ଶିରୀ ।୩।

ଭୁଲିଗଲି ପ୍ରିୟ ନିଜକୁ ସେକାଳେ
ଗୁରୁ ଗଉରବ ବିଭବ ସକଳେ
ଜୀବନ ଫୁଲ ମୋ ଏଇ ପାଦତଳେ
ଦେଉଛି ଅଞ୍ଜଳି ଭରି ।୪।

ତୁମେ ମୋ ଭରସା, ତୁମ ପ୍ରୀତି ଭାଷା
ଜୀବନ ପଥରେ ମୋର ଚିର ଆଶା
ଏ ପୂଜା ବେଦୀରେ ତୁମ ପ୍ରେମ ରେଣୁ
ମୋ ମଥାରେ ପଡୁ ଝରି ।୫।

## ଭିଜା ଶ୍ରାବଣର ଅଳସ ସକାଳ

ଭିଜା ଶ୍ରାବଣର ଅଳସ ସକାଳ
ଆସିଛି ବାରତା ନେଇ
ତାରିବାକୁ ଦୁଖିଃ ତାପିତ ଜନରେ
ଆବିର୍ଭାବ ଯା'ର ଏ ମରତ ଧାମେ
ତୁମେ ପରା ଅଟ ସେହି ।୦।

ପ୍ରିୟଜନ ସୁଖ ତୁମେ ବରଜିଛ
କଣ୍ଟକିତ ପଥ ଆଦରି ନେଇଛ
ଦେଇଛ ଭକତେ ସୁଖର ସମ୍ଭାର
(ଯିଏ) ଭଲପାଏ ପ୍ରାଣ ଦେଇ ।୧।

କେତେ ସୁଖ ପାଅ ମୋତେ ହେ ଠାକୁର !
ନ ଦେଖିଲେ ମନ ହୁଅଇ ଅସ୍ଥିର
ଛଳ ଛଳ ଆଖି ନୀରେ ଢଳ ଢଳ
ସମ୍ଭାଳି ନ ପାରେ ମୁହିଁ ।୨।

କମଳ ଚରଣେ କରିଛି ଭରସା
ମହାଜନ ଭାବି ରଖିଛି ମୁଁ ଆଶା
କୋଳେ ତୋଳି ନେଇ ଆଦରି ଧରିବି
(ପଦ)ସେବା ଅଧିକାର ଦେଇ ।୩।

## ଭୁଲି ମୁଁ ପାରୁନି ପ୍ରିୟ

ଭୁଲି ମୁଁ ପାରୁନି ପ୍ରିୟ ତୁମ ସ୍ନେହ ଅସୁମାରୀ
ଆଖି ଡଳୁ ପୋଛି ଦେଲ ତପତ ବେଦନା ବାରି ।୦।

ବୁଡି ଯାଉଥିଲି କଳୁଷ-ପଙ୍କିଳ ଜଳେ
ଆଶ୍ରୟ ଦେଇଛ ତୁମରି ମମତା କୋଳେ
ପ୍ରେମ-ପାଶେ ବାନ୍ଧିଦେଇ କାଚକୁ କାଞ୍ଚନ କରି ।୧।

ଦରଶନ ଦେଇ ହୃଦୟ ଦୁଆର ଖୋଲି
ଆଶିଷ ଚନ୍ଦନ ମଥାରେ ମୋ ଦେଲ ବୋଳି
ଏ ସଂସାର ମରୁପଥେ ଚଲାଇଛ ହାତଧରି ।୨।

ଏତିକି ଗୁହାରି ଅଭୟ ଚରଣ ତଳେ
ଦରଶନ ଦେବ ଜୀବନର ସଂଜ ବେଳେ
ତୁମ ଜୟ ଗାଉଥିବି ସେ ଦିନକୁ ଆଶା କରି ।୩।

## ମଉଳା ଜୀବନ ବେଳେ

ମଉଳା ଜୀବନ ବେଳେ
ବୁଝୁଛି କାହିଁକି ଜଳି ପୋଡି ମଲି ଦୁଃଖର ଦାବାନଳେ ।୦।

ପାଦଯୁଗ ତବ ଧରି ନ ପାରିଲି ହୃଦେ
ସାରାଟି ଜୀବନ ସରିଗଲା ପରମାଦେ
ସେ ପଦ ଯେ ଧରେ, ପାପ ତାପ ତା'ରେ,
ପରଶି ପାରେ କି ତିଳେ ।୧।

ମନଟି ଯାହାର ଅନୁଭବେ ତବ ଛାୟା,
କ୍ଷଣ କି ସତେ ଛୁଇଁପାରେ ତା'ର କାୟା ?
ସାର କଲି ମନେ ପଡି ରହିଥିବି ତୁମରି ଚରଣ ତଳେ ।୨।

ତୁମି ନ ପାରିଲେ ସେ ବେନି ପଦ-ରାଜୀବ
ବିଫଳ ସିନା ଏ ଜୀବନର ବଇଭବ
ପୋଡା ପାଉଁଶରେ ଘୃତର ଆହୁତି ଢାଳିବାର ଫଳେ ଫଳେ ।୩।

## ମଣିମା ଶୁଣିମା ହେଉ ଦୀନ ଗୁହାରି

ମଣିମା ଶୁଣିମା ହେଉ ଦୀନ ଗୁହାରି
(ମୁଁ ଯେ) ଆଶରା ମାଗୁଛି ତୁମ ଶ୍ରୀପଦ ଧରି ।୦।

ଜନମ ଜନମ ଧରି ଆସିଛି ମୁଁ କେତେ ଘୁରି
ସ୍ୱରୂପ ଦେଇ ପାଶୋରିତୁମକୁ ଗଲି ବିସୋରି
ପାରିବି କି ଶ୍ରେୟ ପଥେ ତୁମକୁ ଧରି ? ।୧।

ଏ ଜୀବନେ ଯେତେ କ୍ଲେଶ ନାହିଁ ନାହିଁ ତାର ଶେଷ
ଲଭିଲେ ତୁମ ଆଶିଷ ପରାଣୁ ଘୁଞ୍ଚିବ ତ୍ରାସ
ପାରିବି କି ଦୟାମୟ ! ସେ ଆଶା କରି ? ।୨।

ଦେଖୁଅଛି ନେତ୍ରଭରି ସଂସାରେ କେଉଁ ପରି
ସ୍ୱାର୍ଥରେ କଳହ କରି ବିଷ ଦିଅନ୍ତି ଭରି
ତୁମ ନିର୍ଦ୍ଦେଶିତ ପଥ ନେବି ମୁଁ ବରି ।୩।

ଲୋଭ ମୋହ କ୍ରୋଧ ଈର୍ଷା ଏ ସକଳ କରି ଆଶ୍ରା
ପ୍ରବୃତ୍ତିରେ ବଳେ ତୃଷା ଉଡଇ ପରାଣୁ ହଂସା
ଅପାସୋରା ସ୍ନେହ ତୁମ ହେଉଛି ଝୁରି ।୪।

ତୁମେ ମୋର ସର୍ବ ବଳ ତୁମେ ହିଁ ମୋର ସମ୍ବଳ
ତୁମ ଚରଣରେ ଠୁଳ ସର୍ବ ସିଦ୍ଧି ପୁଣ୍ୟ ଫଳ
ରଖ ମୋତେ ତୁମ ଭାବେ ବିଭୋର କରି ।୫।

## ମଣିମା ହେ ! ମୁଁ ଯେ ଶତ ବାସନାର ଦାସ

ମଣିମା ହେ !
ମୁଁ ଯେ ଶତ ବାସନାର ଦାସ
କମଳ ଚରଣ ଅରଚନ ପାଇଁ
କରିଛି ମନରେ ଆଶ ।୦।

ଏଇ ଧରା, ଏଇ ଭାତି
ଏଇ ଚାନ୍ଦ, ଏଇ ରାତି
ସୁର ଭରା ଗୀତି, ଅଭିମାନ, ପ୍ରୀତି
ତହିଁରେ ମୋ ମନ ବଶ ।୧।

ଶ୍ରୀଚରଣେ ପୂଜା ପାଇଁ
ମୋର ବୋଲି କିଛି ନାହିଁ
ମରତ ମାଟିରେ ଜନମ ଦେଇଛ
ମୋ ଫୁଲରେ ନାହିଁ ବାସ ।୨।

କହ କେଉଁ ଦିନ ସତେ
ହସି ଅନାଇବ ମୋତେ
ପରାଣ ମନର ପିଆସା ମେଣ୍ଟିବ
ପ୍ରେମ ଜଳେ ଦେବି ଝାସ ।୩।

## ମଥା ଛୁଇଁ ମୋହର ତୁମେ କହିଲ

ମଥା ଛୁଇଁ ମୋହର ତୁମେ କହିଲ ସତେ
କୋଳରେ ଧରି ଖେଳାଏ କିଏ ସେ ମୋତେ ।୦।

ମାଆରୁ ବଳି ପରା, ତୁମର ସ୍ନେହ ଧାରା
ବରଷୁଛ ଅବିରତ କେଜାଣି କେତେ? ।୧।

ତୁମେ କିସ ମୋହର, ବନ୍ଧୁ ଅବା ପିଅର
କି ସମ୍ବନ୍ଧ ତୁମ ତୁଲେ ମୋର ଜଗତେ ।୨।

ଆଖି କି ଦେଖା ନ ଦେଇ, ସବୁ କର ଲୁଚି ରହି
ସନ୍ତାନରେ କର କିଆଁ ଛଳନା ଏତେ ।୩।

ବାରୁଛି ତୁମର ଦୟା, ତୁମ ସ୍ନେହ ତୁମ ମାୟା
ଝୁରୁଛି ମୁଁ ଭେଟିବାକୁ ଥରେ କେମନ୍ତେ ।୪।

## ମଧୁର ମଧୁର ବଂଶୀ ବାଜେ

ମଧୁର ମଧୁର ବଂଶୀ ବାଜେ ଏଇ ସେଇ ବୃନ୍ଦାବନ
ଏଇତ ସେଇ ବରଜବିଧୁ ଏଇ ସେଇ ଘନଶ୍ୟାମ ।୦।

ଏଇତ ସେଇ ଯମୁନା କୂଳ ଏଇ ସେଇ କୁଞ୍ଜବନ
ଏଇତ ସେଇ ଶିଖିଚୁଳିଆ ରାଧିକାର ପ୍ରାଣଧନ
ଏଇତ ସେଇ ରାସ ରସିକ ଏଇ ସେଇ ଘନଶ୍ୟାମ ।୧।

ଏଇ ଶୁଭୁଛି ବଂଶୀ ସ୍ୱନ ରାଧା ରାଧା ନାମ
ଯମୁନା କୂଳ ଉଛୁଳି ଉଠେ ଶୁଣି ସେଇ ମଧୁ ତାନ
କଳାକାହ୍ନୁର ନୂପୁର ଧ୍ୱନି ଶୁଭୁଅଛି ଅବିରାମ ।୨।

କେଳି କଦମ୍ବ ମୂଳରେ ଦେଖ ସେ ମନମୋହନ
ଅଧରେ ଶୋଭେ ମୋହନ ବଂଶୀ କରଇ ଉଚ୍ଚାଟନ
ତ୍ରିଭଙ୍ଗଠାଣୀରେ ଉଭା ଆଜି ଭକ୍ତ ପ୍ରାଣ ଧନ
ଗୋପୀମାନେ କରୁଛନ୍ତି ତାଙ୍କ ଗୁଣ ଗାନ ।୩।

## ମଧୁରେ ମଧୁରେ ମୂରଲୀ ବାଜିଲା

ମଧୁରେ ମଧୁରେ ମୂରଲୀ ବାଜିଲା
ଅପୂର୍ବ ଲଗନ ଉଠିଲା ବିକଶି
ପଞ୍ଚମ ରାଗିଣୀ ତାନେ କୋକିଳ ଗାଇଲା ।୦।

କୁଞ୍ଜେ କୁଞ୍ଜେ ତରୁଡାଳେ ବିହଗର କୂଜନ
ବାସଫୁଲ ମହକରେ ମଧୁପର ଗୁଞ୍ଜନ
ଶୀତଳ ସମୀର ବହେ ଧୀର ଧୀର
ଗୋବିନ୍ଦ ପଦ ବନ୍ଦନା କଲେ ବ୍ରଜବାଳା ।୧।

କୃଷ୍ଣଙ୍କୁ ସୁବେଶ କରି ଗୋପବାଳୀ
ଚରଣ ପୂଜିଲେ ଦେଇ ହୁଳହୁଳି
ଧୂପଦୀପ ଗନ୍ଧ ଅରପିଲେ ନୈବେଦ୍ୟ
ବନମାଳୀ ଗଳେ ଦେଲେ ବନ ଫୁଲମାଳା ।୨।

ଶ୍ରୀଅଙ୍ଗେ ଲେପିଲେ ଭକତି ତିଳକ
ଯା ଯୋଗେ ସୀମନ୍ତ ଦିଶେ ଜକ ଜକ
ଗୋପାଙ୍ଗନା ପ୍ରାଣେ ଭରିଲା ପୁଲକ
ପ୍ରେମ ମନ୍ଦାକିନୀ ଧାର ପ୍ରଖର ହୋଇଲା ।୩।

ତାରାଗଣ ମଧ୍ୟେ ଯେହ୍ନେ ଶଶଧର
ଗୋପୀଙ୍କ ଗହଣେ ଶ୍ୟାମ ନଟବର
ଅପରୂପ ଶୋଭା ମୁନିଜନ ଲୋଭା
ମଦନ ମୋହନ ରୂପ ଜଗତ ମୋହିଲା ।୪।

## ମନ କଥା କହୁଛି ଶ୍ୟାମା

ମନ କଥା କହୁଛି ଶ୍ୟାମା
ଶୁଣ ଅବା ନ ଶୁଣ ତୁ ପସରା ନାହିଁ ମୋ ଜମା ।୦।

କୋଳ ଛଡା କଲୁ ମୋତେ ଭୋଗାଇଲୁ ଦୁଃଖ ଯେତେ
ଏବେ ହେଲେ ଆହା ବୋଲି ସାହା ତ ନ ହେଲୁ ତୁ ମା ।୧।

ଦୟା ନ କଲେ ନ କର କର ପଛେ ସାତ ପର
ନ ନିଅ ମୁଖରୁ 'ମୋର' ମାଆ ଡାକ ହରି ଉମା! ।୨।

ପଥର ରାଜାର ଝିଅ ପଥରେ ଗଢା ତୋ ଦେହ
ତୁ କାହୁଁ ପାରିବୁ କରି ସନ୍ତାନର ଦୋଷ କ୍ଷମା ।୩।

ନ ଧର କୋଳରେ ତୋର ଏତିକି ମାତର କର
କାନି ପଣତ ଛାଇରୁ ଦୂରେ ତୁ ତଡି ଦିଅନା ।୪।

## ମନ କଥା ଶୁଣ ମୋର ମା

ମନ କଥା ଶୁଣ ମୋର ମା'
ହସିବି ଆନନ୍ଦଭରେ ନାଚିବି କୋଳେ ତୋର ମା' ।୦।

ତୁ ତ ମାଆ ଅନ୍ନପୂର୍ଣ୍ଣା
ଗଉରୀ, ଚଣ୍ଡୀ, ଅପର୍ଣ୍ଣା
ମହିଷାମର୍ଦ୍ଦିନୀ ଦୁର୍ଗା କାଳୀ କରାଳୀ ଘୋର ମା' ।୧।

ତୁ ପୁରୁଷ କିବା ନାରୀ
ନ ପାରେ କେ ତୋତେ ବାରି
ଅଧା କାହ୍ନୁ, ଅଧା ରାଇ କେବେ କେଉଁ ରୂପର ମା' ।୨।

କଇଳାସପୁରେ ଉମା
ବଇକୁଣ୍ଠେ ତୁହି ରମା
ସୃଷ୍ଟି, ସ୍ଥିତି, ଲୟ କାଳେ ବ୍ରହ୍ମା, ବିଷ୍ଣୁ, ଶଙ୍କର ମା' ।୩।

ଜଗତର ମାତା ତୁହି
ଚୈତନ୍ୟରୂପିଣୀ ତୁହି
ଶକ୍ତି ସ୍ୱରୂପିଣୀ ତୁ ମା' ଅଜ୍ଞାନ ମୋର ହର ମା' ।୪।

ଅନୁଗତ ଯେ ମା' ତୋର
ସେ ତୋହର ତୁହି ତାର
ସଂପଦେ ବିପଦେ ସାହା କରୁଣା ଏକା ତୋର ମା' ।୫।

ମାୟା, ମୋହ ଭୁଲି ହେଲେ
ବସି ତୋ ଚରଣତଳେ
ଗୁରୁ-ଦାସ ଅନ୍ତକାଳେ ମା' ଡାକୁ ବାର ବାର ମା' ।୬।

## ମନ ଘରେ ବସା ବାନ୍ଧି ରଖିବାକୁ

ମନ-ଘରେ ବସା ବାନ୍ଧି ରଖିବାକୁ
କେତେ ଆଶା ମନେ କରିଅଛି
ମନା କର ନାହିଁ ହେ ହୃଦୟ-ସାଇଁ !
ଶିରୀପଦେ ଗୁହାରି ହେଉଛି ।୦।

ସାଉଁଟି ଆଣିବି ଭକତି ସୁମନ
ନୀଡ଼ଟି ରଚିବି ଦେଇ ମନ ପ୍ରାଣ
ଶ୍ରଦ୍ଧା ଭୋଗ ଦେଇ ପ୍ରେମ ନୀର ପେଇ
ସେବା କରୁଥିବି ମନ ବୁଝି ।୧।

ହୃଦୟ ପଲଙ୍କେ ସେନେହ ଶେଯରେ
ଶୁଆଇଣ ଦେବି ପ୍ରସନ୍ନ ଚିତ୍ତରେ
କହିବି ମନର ଅକୁହା କଥା ମୁଁ
ଗୋପନ ଅନ୍ତରେ ଅଛି ସାଇତି ।୨।

ତିଆଗ ସଂଯମ ପଥ ଆଚରିବି
ଭାବର ଆର୍ତ୍ତିରେ ଆରତି କରିବି
ମଥା ନତ କରି ଶରଣ ଆଦରି
ଚିତ୍ତ ପ୍ରସନ୍ନତା ମନରେ ବାଂଛି ।୩।

କାମନା-ବାସନା ଧୂପ ନିବେଦିବି
ଅଭ୍ୟାସ ବୈରାଗ୍ୟ ପଥ ଆଦରିବି
ନିବୃତ୍ତି ମାର୍ଗର ଆଶରା ନେବି ମୁଁ
ସ୍ୱାର୍ଥ ସଂକୀର୍ଣ୍ଣତା ହୃଦରୁ ପୋଛି ।୪।

ଗୁରୁସେବା ସେବା-ମାହାତ୍ମ୍ୟ ପଥ
ବୁଝି ହୋଇବି ମୁଁ ସେବାରେ ରତ
ଆନନ୍ଦେ ହେରିବି ସେ ଚନ୍ଦ୍ରବଦନ
ଅନ୍ତିମେ ପରମ ପଦକୁ ଇଚ୍ଛି ।୫।

## ମନ ଚାଲ ନିଜ ନିକେତନେ

ମନ ଚାଲ ନିଜ ନିକେତନେ
ସଂସାର ବିଦେଶେ ବିଦେଶୀର ବେଶେ ଭ୍ରମୁ କିବା ଅକାରଣେ ।୦।

ବିଷୟ ପଞ୍ଚକ ପୁଣି ଭୂତ ଗଣ
ପଞ୍ଚଦିଗେ ତୋତେ କରେ ଆକର୍ଷଣ
ଇନ୍ଦ୍ରିୟର ଫାନ୍ଦେ ପଡି ଅଚେତନ ଭୁଲିଲୁ ଆପଣା ଜନେ ।୧।

ସତ୍ୟପଥେ ମନ କର ଆରୋହଣ
ଜ୍ଞାନାଲୋକ ଜାଳି ଚାଲ ଅନୁକ୍ଷଣ
ସଙ୍ଗରେ ସମ୍ବଳ ରଖ ପୂଣ୍ୟ ଧନ ଗୋପନେ ଅତି ଯତନେ ।୨।

ଲୋଭ ମୋହ ଆଦି ପଥେ ଦସ୍ୟୁ ଗଣ
ପାନ୍ଥର କରନ୍ତି ସର୍ବସ୍ୱ ହରଣ
ପରମ ଯତନେ ଲଗାଅ ପ୍ରହରି ଶମ ଦମ ବେନି ଜନେ ।୩।

ସାଧୁସଙ୍ଗନାମେ ଅଛି ପାନ୍ଥଧାମ
ଶ୍ରାନ୍ତ ହେଲେ ତହିଁ କରିବୁ ବିଶ୍ରାମ
ପଥଭ୍ରାନ୍ତ ହେଲେ ଦେଖାଇବେ ପଥ ସେ ପାନ୍ଥନିବାସି ଗଣେ ।୪।

ଯଦି ଦେଖୁ ପଥେ ବିଭିଷିକା ଘୋର
ପ୍ରାଣ ପଣେ ଦିଅ ଦୁହାଇ ପ୍ରଭୁର
ସେ ପଥେ ତାଙ୍କର ପ୍ରବଳ ପ୍ରତାପ, ଯମ ଡରେ ଯା ଶାସନେ ।୫।

## ମନଚାରୀ ରେ ! ଅଳପେ ଅନାଅଁ ଥରେ ଫେରି

ମନଚାରୀ ରେ ! ଅଳପେ ଅନାଅଁ ଥରେ ଫେରି ରେ
ମୁଁ ଯେ ଦୁଆରେ ତୋର ଭିଖାରୀ ରେ ।୦।

ତୁ ତ ପଠାଇଲୁ ଏ ଜଗତେ ସାଇଁ
ତୋ କରମ ସିନା ସାଧିବାର ପାଇଁ
କିଏ ଦେବ ତେବେ ଏ ଦେହେ, ଏ ମନେ ବଳବପୁ ମୋର ଭରି ରେ ।୧।

ରାତିପରେ ଦିନ ତୋର ସରଜନା
ଦୁଃଖକୁ ସୁଖକୁ ତେବେ କି ଶୋଚନା
ମାଟି ମୁଁ ତ ତୁ'ଯେ ପାରଖା କୁମ୍ଭାର ଗଢ ତୁ ତୋ ମନ ପରି ରେ ।୨।

କଥା ନ କହି ତୁ ମଥା ହଲାଇ ଦେ,
କଟାଳ ଆଉ ମୁଁ ନ କରିବି ପଦେ
ଅରଜ ମୋର ତୁ ଘେନ ଦୟାନିଧି ! ଦେବି ଲାଞ୍ଜ ଆଖିବାରି ରେ ।୩।

ମାଗୁନାହିଁ ଧନ, ମାଗୁନାହିଁ ଜନ
ମାଗୁନାହିଁ ମାନ, ବସନ-ଭୂଷଣ
ଗୁରୁଦାସ ପଣେ ତୋ ଦୁଆରେ ଖାଲି ମାଗୁଛି ମୁଁ ନଉକରି ରେ ।୪।

## ମନ ଜୟଗୁରୁ ଜୟଗୁରୁ ବୋଲ

ମନ, ଜୟଗୁରୁ ଜୟଗୁରୁ ବୋଲ ରେ
ମନ ଜୟଗୁରୁ ଜୟଗୁରୁ ବୋଲ
ତୋର ହୃଦୟ ଦୁଆର ଖୋଲ ଖୋଲ ରେ ।୦।

ସଂସାର ମାୟା ବନ୍ଧନ କଠୋର କଠିନ
ଫିଟାଇ ଦେବାକୁ ସେତ ଦେବେରେ ସନ୍ଧାନ
ସଂପଦେ ବିପଦେ ଗୁରୁନାମ କର ସାର ।୧।

କି ଛାର ମରଣ ଡର ଘେନରେ ଶରଣ
ଗୁରୁ ଗଢିଦେବେ ହେଲେ ଅମୃତ ସୋପାନ
ମୁକତି ପଥର ସେ ଯେ କମକାରିଗର ।୨।

ଗୁରୁ ଅଙ୍ଗେ ବିରାଜିତ ବ୍ରହ୍ମ ସନାତନ
ଘେନାଇଁ ଦେବେ ନୟନେ ଜ୍ଞାନର ଅଞ୍ଜନ
ହେରିବୁ ତୁ ଜ୍ୟୋତିରୂପ ପରମ ସୁନ୍ଦର ।୩।

ପାହୁଣ୍ଡ ମାତର ଗଲେ ତାଙ୍କ ପାଶେ ଧାଇଁ
ସହସ ଯୋଜନୁଁ ଆସି ନେବେ ସେ କୋଳାଇ
ଗୁରୁ ବିନେ ନାହିଁ ତୋର କେହି ଆପଣାର ।୪।

ପତିତପାବନ ସେ ଯେ ଅଧମ ତାରଣ
ଅଗତିର ଗତି ଗୁରୁ ନାମର ସ୍ମରଣ
ଦୟାଳୁ ପଣରେ ନାହିଁ କେହି ସମତୁଲ ।୫।

## ମନ ଜାଣୁ ଜାଣୁ ସିନା ତୁ ହେଉଛୁ ବାଇ

ମନ, ଜାଣୁ ଜାଣୁ ସିନା ତୁ ହେଉଛୁ ବାଇ
ଅନ୍ଧ ପରାଏ ବୁଲୁ ବାଟି ହଜାଇ ।୦।

ହାରି ଗୁହାରି ତୋର
ସବୁ ତାକୁ ଗୋଚର
ବୋଝ ବାହି ତୁ, ମିଛେ ମରୁ କି ପାଇଁ ? ।୧।

ତାରିଲେ ତାରିବ ସେ
ମାରିଲେ ମାରିବ ସେ
ଶ୍ରୋତା ସେ, ବକତା ସେ, ଆନ କେ ନାହିଁ ।୨।

କଟାଅ କାଳ ହସି
ପ୍ରେମେ ତାର ବିଳସି
ମଥାରେ କରୁଣା ସେ ସଦା ଢାଳଇ ।୩।

ଶରଣ ତା'ର ଘେନ
କର ତୁ ମନ ଟାଣ
ତା' ପାଦ ତଳେ ଦିଅ ଶିର ଲୋଟାଇ ।୪।

ଯାହା କରିବେ ସାଇଁ
କାହାରି ହାତ ନାହିଁ
ନିରତ ଏତିକି ତୁ ଘୋଷ ନିଠାଇ ।୫।

## ମନନ ଧିଆନ ଜ୍ଞାନ

ମନନ, ଧିଆନ, ଜ୍ଞାନ ତୁମେ ଏକା ରଙ୍କନିଧି !
ଦୁନିଆର ସୁଖ ଦୁଃଖ ସବୁ ତ ତୁମରି ବିଧି ।୦।

ତୁମ ପାଶ ଛାଡି କାହିଁ ଯିବା ପାଇଁ
କେବେ ହେଲେ ମୋର ପାଦ ନ ଚଳଇ
କର ଚାହେଁ ମୋର ଧରିବାକୁ ଲୋଭେ ତୁମରି କମଳ ପଦ ନିରବଧି ।୧।

ତୁମ ନାମ ବିନେ କେବେ ଆଉ କିଛି
ଶୁଣିବାକୁ ମୋର କାନ ନ ଚାହୁଁ ଛି
କଣ୍ଠ ଚାହେଁ ଖାଲି ତୁମ ଗୀତ ବୋଲି ପାଗଳ ହେବାକୁ ଗଳା ସାଧି ସାଧି ।୨।

ହୃଦୟ ମୋ ଲୋଡେ ତୁମ ଆଲିଙ୍ଗନ
ଶିର ମୋର ଚାହେଁ ତୁମରି ଚୁମ୍ବନ
ଆଖି ଚାହେଁ ନିତି ତୁମରି ମୂରତୀ ହେରୁଥିବ ତୁମ ଶ୍ରୀଚରଣ ବନ୍ଦି ।୩।

ମାୟା ସୁଖ ଆଶା ଜଳି ପୋଡିଯାଉ
ତୁମରି ଧିଆନେ ମନ ମୋର ଥାଉ
କାହର ହେବି ମୁଁ ତୁମେ ପର କଲେ କିଏ ତାରିବ ଏ ସଂସାର-ବାରିଧି ।୪।

## ମନର କଥା ମୋ ଏତେ

ମନର କଥା ମୋ ଏତେ
ତୁମରି ଅମଳ-କମଳ-ପୟର
ଧୂଳି ବରଷୁ ମୋ ମାଥେ ।୦।

କୁରୀତି, କୁମତି, ଅନୀତି ଯେତେ
ଦୂରେ ରହୁ ମତି ତହୁଁ ସନ୍ତତେ
ଅଭିମାନ, ଅହଂକାର, ଅନାଚାର
ଠାବ ନ ପାଉ ମୋ' ଅନ୍ତରଗତେ ।୧।

ବିଷୟ ଆସକ୍ତି ତେଜି ଏ ମତି
ତବ ନାମ ଗାନେ ବଢାଉ ରତି
କରୁଣାନିଧାନ ପ୍ରାଣର ଠାକୁର !
କ୍ଷମା କର ତବ ଶରଣାଗତେ ।୨।

## ମନର ଗୁହାରି ଶୁଣ ଜଗତଜୀବନ

(ମୋର) ମନର ଗୁହାରି ଶୁଣ ଜଗତଜୀବନ !
ଚରଣ ତଳରେ ମିଶାଅ ଛାର ପରାଣ ।୦।

ପାଷାଣ ହିଆ ମୋ ଯାଉ ହେ ତରଳି
ସେହି ନୀରେ ଦେବି ଚରଣ ପଖାଳି
ଅନ୍ଧ ନୟନ ନିରେଖିବ ତାହା
ଘେନାଅଁ ଜ୍ଞାନ ଅଞ୍ଜନ ।୧।

ଧନ, ଜନ ତୁଚ୍ଛ ଗରବ, ସରବ
ନାମ ତଳେ ତବ ପାଉ ପରାଭବ
ମାୟା କୁହୁକରେ ଯାଦୁକର
ଘେରା ସପନ କର ଭଞ୍ଜନ ।୨।

ଦି' ଦିନିଆ ସାଥୀ ବନ୍ଧୁ ପରିଜନ
ବୁଝି, ବୁଝୁ ନାହିଁ ଛାର ଏ ବନ୍ଧନ
ଜୀବନେ ମରଣେ ଜନମେ ଜନମେ
ତୁମେ ତ ପରାଣ ଧନ ।୩।

ପାଶୋରା ବୁକୁରେ ପାଷାଣର ଗାରେ
ତୁମେ ମୋର ବୋଲି ଅଲିଭା ଅକ୍ଷରେ
ଗାରି ଦିଅ ଖାଲି କରୁଣା ସାଗର
ଏତିକି ମୋ ନିବେଦନ ।୪।

## ମନର ଠାକୁର ଆଜି

ମନର ଠାକୁର ଆଜି ମନ କଥା ଘେନା କର
କହିବି କହିବି ବୋଲି ଅକୁହା ରହିଛି ମୋର ।୦।

ଆୟୁ ଧନ ମାନ ଜନ
ମାଗୁ ନାହିଁ ଜୀବଧନ
ଭିକାରିରେ ଦୟାନିଧି ଚରଣ ଛଡା ନ କର ।୧।

ଶୁଣ ହେ ମନମୋହନ
ମୁଦା ଥିବ ଏ ନୟନ
ନବଘନ କମ ଠାମ ନିରେଖୁ ଥିବି ମାତର ।୨।

ମୂକ ଥିବ ମୁଖ ମୋର
କଣ୍ଠରେ ନ ଥିବ ସ୍ବର
ଏ ରସନା ରଟୁଥିବ ତୁମରି ନାମ କ୍ଷେବଳ ।୩।

ତନୁ ହରାଇ ଚେତନ
କରୁଥିବ ଆଲିଙ୍ଗନ
ଅରୂପ ସ୍ୱରୂପ ତବ ପ୍ରେମେ ହୋଇ ଜରଜର ।୪।

## ମନର ବେଦନା କହିବି ବୋଲି ମୁଁ

ମନର ବେଦନା କହିବି ବୋଲି ମୁଁ ତୁମ ପାଶେ ଆସିଥିଲି
ଯାହା ଭାବିଥିଲି, ଯାହା ଚିନ୍ତି ଥିଲି
ସବୁ ତ ପାଶୋରି ଦେଲି ।୦।

ତୁମେ ଅଟ ମୋର ରଙ୍କୁଣୀର ଥାଳ
ତୁମ ଆଶ୍ରା ବିନା ନାହିଁ ଥଳ କୂଳ
ଚରଣ ତଳରେ ଶରଣ ମାଗୁଛି ପକାଇ ପଣତ କାନି ।୧।

ମୋ ଜୀବନ ପଥ ଆଲୋକିତ କଲ
ଅଭାବ ଯା ଥିଲା ପୂର୍ଣ୍ଣ କରିଦେଲ
ମୋ ମଙ୍ଗଳ ପାଇଁ ସବୁ ଦେଇଅଛ ପାରିବି କି ତାହା ଭୁଲି ।୨।

ଚାଲି ଯାଉ ପଛେ ସରବସ୍ୱ ମୋର
ସେଥିଲାଗି ମୋର ନ ଥିବ ଖାତର
ତୁମ କରମରେ ତୁମ ସେବା ଲାଗି ଜୀବନ ମୋ ଯାଉ ଚାଲି ।୩।

ଯା' ସେବା ନିମିତ୍ତ ଦେବତା ବ୍ୟାକୁଳ
କି ସେବା କରିବ ଏ ଅଧମ ଛାର ?
ସଦା ଭଜୁଥିବି, 'ଜୟଗୁରୁ' ନାମ ଦେଖୁଥିବି ରୂପ ଖାଲି ।୪।

ଦୋଷ ତ୍ରୁଟି ମୋର ନ ଘେନ ଠାକୁର
ନିଜ ଜନ ବୋଲି ନ କରିବ ପର
କର ଯୋଡି ମୁହିଁ ପ୍ରାର୍ଥନା କରୁଛ କ୍ଷମା କରି ଦେବ ବୋଲି ।୫।

## ମନରେ ! ଏ ବିଚାର କର ସାର

ମନରେ ! ଏ ବିଚାର କର ସାର
ରଟୁଥିଲେ ଖାଲି ନାମଟି ତାହାର
ମୁକତି ହେବ କି ତୋର? ।୦।
କି ଫଳ ନିରତ ତା ନାମ ଜପିଲେ
ଆଦେଶଟି ତାର ତିଳେ ନ ପାଳିଲେ
ଯାହାଲାଗି ଯେଉଁ ଧରମ କରମ
ବିହି ଲିହିଛି ସେ ଗାର ।୧।
ଗୃହୀ ଯେବେ, ଗଢ ସୁ-ସାର ସଂସାର
ଚାଷୀ ଯେବେ, ଚାଷେ ମନ ଟାଣକର
କରମଟି ଅଟେ ଧରମ, ଯେବେ ତା'
ଆଦେଶ ବୋଲି ବିଚାର ।୨।
କର୍ତ୍ତବ୍ୟ ପାଳନ, ଜୀବନର ମୂଳ
ନ କରି ତା, ନାମ ଭଜି ନାହିଁ ଫଳ
ହୃଦୟଟି ସଦା ସରସ କର ତୁ
ସିଞ୍ଚି ତା'ର ପ୍ରେମ-ନୀର ।୩।

## ମନରେ ଗୁରୁତତ୍ତ୍ୱକୁ

ମନରେ ଗୁରୁତତ୍ତ୍ୱକୁ ଚିତ୍ତେ ଚିନ୍ତ ନିରତ
ଗୁରୁଦତ୍ତ ତତ୍ତ୍ୱ ଉପଦେଶାମୃତ
କରମେ ଲଗାଅ ଅନବରତ ।୦।

ଗୁରୁ ସେବା ବିନେ ଚଉଦ ଭୁବନେ
କହ କେ ସାଧକ ଲଭିଛି ସତ୍ୟ
ଗୁରୁ ସେବା ଫଳେ ବିକଶିବ ଜ୍ଞାନ
ଅନ୍ତର ଚିତ୍ତ ତୋ ହେବ ସଂଯତ ।୧।

ଗୁରୁନାମ ରତ୍ନ ମୁକତି ପସରା
ଅକ୍ଷର ନ ମଣ ବିବେକୀ ଚାଟ
ଅକ୍ଷର ନୁହଁଇ ଅକ୍ଷୟ ବୀଜ ସେ
ମନ୍ତ୍ର ରାଜ (ବୋଲି) ବେଦ ପୁରାଣେ ଖ୍ୟାତ ।୨।

ଗୁରୁ ପାଦୋଦକ ପ୍ରୟାଗୁ ପବିତ୍ର
ପାନ କର ଯେତେ ଶରଣାଗତ
ଗଙ୍ଗା, ଗୟା, କାଶୀ, ପୁରୀ, ବାରାଣସୀ
ଗୁରୁ ପଦେ ଠୁଳ ସକଳ ତୀର୍ଥ ।୩।

ଶ୍ରୀଗୁରୁ ସେବାକୁ କର୍ମ ମନେ କଲେ
ସେବା ଭାବ ତୋର ହୋଇବ ବ୍ୟର୍ଥ
ଦେବଙ୍କୁ ଦୁର୍ଲ୍ଲଭ ଭକ୍ତଙ୍କୁ ସୁଲଭ
ସଦ୍‌ଗୁରୁ ସେବକ ଜୀବନମୁକ୍ତ ।୪।

ଗୁରୁଗତ ପ୍ରାଣ ଭକତ ଜନଙ୍କୁ
ସାଧାରଣ ଭାବ ନୁହେଁ ଉଚିତ
ଭକତ ବେଶରେ ଲୀଳା ଖେଳା କରେ
ନର ଦେହେ ନାରାୟଣ ସାକ୍ଷାତ ।୫।

## ମନରେ ! ଜୀବନ ଯାଏ ସରି ସରି

ମନ ରେ ! ଜୀବନ ଯାଏ ସରି ସରି
ମରୁବାଲି ତୀରେ ଝରଣା ଯେମିତି
ମରି ଯାଏ ଝରି ଝରି ରେ |୦|

ଅତି ଦୁର୍ଲଭ ଏ ମାନବ ଜନମ
ଆହୁରି ଦୁର୍ଲଭ ସଦ୍ଗୁରୁ ଚରଣ
ନ ବୁଝିବୁ ଯେବେ ଏ ଗହନ କଥା
କାଳ ନେବ ବାଳ ଧରି ରେ |୧|

ମଣିଷପଣର ସାଧନା ତୁ କର
ଲିଭିଯିବ ସବୁ କାଳିମା ମନର
ସାଗର ସେପାରି ପ୍ରେମ-ରାଇଜକୁ
ଗୁରୁ ନେବେ କର ଧରି ରେ |୨|

କହନ୍ତି ଶ୍ରୀଗୁରୁ କରି ଯା ରେ ଧନ
କଥା ମାନିବାର ସହଜ ସାଧନ
ସବୁ ଜାଣି ତୁ ଯେ କେତେ ଛଳ କରୁ
ଚେଇଁ ଶୋଇଥିଲା ପରି ରେ |୩|

ଲେଖିଛନ୍ତି ଗୁରୁ ତୋହରି ପାଇଁକି
ଜ୍ଞାନର ପୋଥି ତୁ ନ ପଢୁ କାହିଁକି ?
ଏ ଦେହେ ସାଧନା ନ କରିବୁ ଯେବେ
ଆଉ ନ ପାରିବୁ କରି ରେ |୪|

## ମନରେ ବନ୍ଦନ କର ତୁ ଅବିରତ

ମନରେ ବନ୍ଦନ କର ତୁ ଅବିରତ
ମାଗ ଶ୍ରୀନିଗମାନନ୍ଦେ ଶରଣ ପସାରି ହାତ ।୦।

ସରଗ ବିହାରୀ ସେହି ତୁଳନା ଯା ଭବେ ନାହିଁ
ପରମାନନ୍ଦେ ମଗନ ହୋଇ କର ତା ପୂଜନ
ଆଦ୍ୟ ବନ୍ଦନ ଯେ ସେହି ହୁଅ ତୁ ତାଙ୍କ ଭକତ ।୧।

କର ସଂକେତ ମାତର ଲଭି କରୁଣାରେ ଯା'ର
ଭବ ସାଗର ଦୁସ୍ତର ପାଲଟେ ଗୋଷ୍ପଦ ଛାର
ତରିବାକୁ ଆଶକରି ଭକତ ଲୋଡେ ନିରତ ।୨।

ସେବ ଶ୍ରୀନିଗମାନନ୍ଦ ଶ୍ରୀଚରଣ ଅରବିନ୍ଦ
ଭବ-ଶୋକ-ତାପ-ମାୟା ପରଶିବ ନାହିଁ କାୟା
ସେହି ନାମ ସୁମରଣେ ଦିଅ ନିଶିଦିନ ଚିତ୍ତ ।୩।

## ମନ ହାତୀ ଆନେ ମାତି

ମନ ହାତୀ ଆନେ ମାତି ଗୁରୁ ଗୀତି ଭୁଲନାରେ
ସଂସାର ଧନ ସଂପତ୍ତି ମିଛ ମାୟା ଛଳନାରେ ।୦।

ମୁଖେ ଭଜ ଗୁରୁ ନାମ ପୂରିବରେ ମନସ୍କାମ
ତୁଟିବ ଭବ ବନ୍ଧନ ପୁରିଯିବ କାମନାରେ ।୧।

ଗଲା ବେଳେ ପ୍ରାଣପକ୍ଷୀ ଗୁରୁ ଥିବେ ଏକା ସାକ୍ଷୀ
ସେ ଏକା ପାରିବେ ରଖି କର ନାହିଁ ଭାବନାରେ ।୨।

ଗୁରୁଦତ୍ତ ବୀଜମନ୍ତ୍ର ଚିତ୍ତେ ଚିନ୍ତ ଅବିରତ
ପୂରିବରେ ମନୋରଥ ଅନ୍ଧାରେ ତୁ ଦ୍ରୁତନାରେ ।୩।

## ମନ ବାସନା ଭରି ହରି ନାମ ଗାଅ

ମନ ବାସନା ଭରି ହରି ନାମ ଗାଅ
ଆସ ନାରୀ ନର ବୁଲି ଘର ଘର ହରିନାମ ବାଣ୍ଟିଦିଅ ।୦।

ମାତି ହରିନାମ ପ୍ରେମବଶରେ
ଚାଖି ହରିନାମ ସୁଧାରସରେ
ନ କରି ବିଚାର ପର ଆପଣାର ସମାନ ଦୃଷ୍ଟିରେ ଚାହଁ ।୧।

ସୁଗନ୍ଧି କନକ କମଳ ସମ
ତହିଁରେ ରଞ୍ଜ ହରିଗୁଣ ଗ୍ରାମ
ହରି-ପ୍ରେମ-ସୂତା ଭକତିରେ ଗୁନ୍ଥା ମାଳ କଣ୍ଠରେ ପିନ୍ଧାଅ ।୨।

ସଦ୍‌ଗୁରୁ ସେବକ ହୁଅ ନିରତ
ସେ ଏକା ଜଗତେ ଅତି ମହତ
ନାମ ଗୁଣ ଗାଇ ବେଦନା ଘୁଞ୍ଚାଇ ନାମ-ପାରାବାରେ ବୁଡି ତୁ ରହ ।୩।

## ମନଭୋଲା ଚପଲାର ମତ ଘୁରେ ମରୋନା

ମନଭୋଲା ଚପଲାର ମତ ଘୁରେ ମରୋନା
ଗୁରୁପଦ ନେହାର କର, ଯାବେ ଭବ ଯନ୍ତ୍ରଣା ।୦।

ଆତ୍ମତତ୍ତ୍ୱ ପରତତ୍ତ୍ୱ, ତା'ର ଉପରେ ପରମାତ୍ମା
ସବାର ଉପର ଗୁରୁତତ୍ତ୍ୱ, ତାଓ କିରେ ଭାଇ ଯାନନା ।୧।

ଫକିରିଚାନ୍ଦ ଫକିରେର ବାଣୀ, ଭଜ ଗୁରୁ ଚିନ୍ତାମଣି
ଗୁରୁପଦ ପରଶମନି, ଠେକଲେ ଦେହ ହୟ ସୋନା ।୨।

## ମନ ମୋହନ ସେ ମୂରତି

ମନ ମୋହନ ସେ ମୂରତି କି ମନୋହର
ମନ ମନ୍ଦିର ଆସନେ ବିଜୟ ତାର ।୦।

ଧିଆନୀ ହୃଦୟ ଧନ ଜ୍ଞାନୀର ଜୀବ ଜୀବନ
ପରାଣର ପରାଣ ସେ କରୁଣା କର ।୧।

ସେ ଯେ ଶାନ୍ତି ନିକେତନ ଅଗତି ଗତି କାରଣ
ପ୍ରେମିକ ବଇରାଗିର ଗଳାର ହାର ।୨।

ଅପରୂପ ରୂପଧର ବାଞ୍ଛିତ ଚିର ଚିତ୍ତର
ଅମଳ କମଳ ନିନ୍ଦି ତାର ପୟର ।୩।

ଅପାର କରୁଣାମୟ ନାମ ହରେ ଭବଭୟ
ସୁମରଣେ ମାୟା ମୋହ ହୁଅଇ ଦୂର ।୪।

ଚରଣ ଚିର ସେବିବି ପ୍ରାଣ ମନ ଅରପିବି
ଗୁରୁଦାସର ବାସନା ସଫଳ କର ।୫।

## ମନେ ମୋର ଚିର ଜାଗେ ହେ ଠାକୁର

ମନେ ମୋର ଚିର ଜାଗେ ହେ ଠାକୁର,
ତୁମେ ମୋର, ମୁଁ ତୁମର
ପରାଣର ତୁମେ ପରାଣ, ସକଳ
ଜାଣି ତୁମେ ବ୍ୟଥା ହର ।୦।

ତୁମ ସରି ମୋର କିଏ ଅଛି ଆଉ
କିଏ ସେ ସହିବ ଜୀବନର ଦାଉ ?
ସେଥିଲାଗି ସିନା ସବୁ ଅଧିକାର
ତୁମରିପରେ ମୋହର ।୧।

ପରାଣର ତୁମେ ପରାଣ ଦେବତା
ଲୁଚି ରହି କାହିଁ, ନ କହୁଛ କଥା
ଦିବସ ରଜନୀ ନିଶ୍ୱାସେ ପ୍ରଶ୍ୱାସେ
ଖେଳ ତୁମେ ନିରନ୍ତର ।୨।

କିଏ ସତେ ଆଉ ପିଛୁଳା ପାସୋରା -
ଆଖିରେ ମୋ ଆତେ ଚାହିଁ ରହେ ଭଲା?
ଚିରଜାଗ୍ରତ ପହରୀ ସମାନ
କିଏ ଭଲା ଜଗୁଆଳ ।୩।

ତୁମ ପ୍ରେମଭାର ସତେ ଅତୁଳନ
ସହିବି କିପରି ଭାବୁଛି ଏ ମନ
ମାଗୁଛି ଏତିକି ତୁମ ଦିଆ ପ୍ରେମ
ମଥାରେ ତୋଳିବା ବଳ ।୪।

## ମନୁଁଆ ସେ ଦିନକୁ ମନେ ପକା

ମନୁଁଆ ସେ ଦିନକୁ ମନେ ପକା
ଯେଉଁ ଦିନ ଯିବୁ ଏ ସଂସାର ଛାଡି
ସେ ଦେଶୁଁ ଆସିଲେ ଡକା ।୦।

ଚିର ସହଚର ଭାବିଛୁ ଯାହାଙ୍କୁ
ସେ ତ ଅଢେଇ ଦିନିଆ
ଦାରା ସୁତ ଧନ ବାନ୍ଧବ ସ୍ୱଜନ
ମିଛ ସବୁ ଦିଆ ନିଆ
ବିପଦେ ନଦେବେ ଦେଖା ।୧।

ଏ ସବୁ ବରଜି ଗୁରୁ ନାମ ଭଜି
ମଜ୍ଜି ରହ ଭୁଲା ମନ
ଅଥଳ ସଂସାର ସାଗର ନାଆରେ
ନାଉରିଆ ଗୁରୁ ଜାଣ
(ତିଳେ) ନକର କାହାକୁ ଶଙ୍କା ।୨।

ଜନମ କାଳରେ କାନ୍ଦୁଥିଲୁ ତୁହି
ହସାଇ ବନ୍ଧୁ ସୋଦର
ଏମିତି କରମ କରତୋ ପାଇଁକି
କାନ୍ଦିବେ ସାରା ସଂସାର
(ତୁହି) ହସି ହସି ଯିବୁ ଏକା ।୩।

ପଥ ହରାଇ ତୁ ବିପଥରେ ଗଲେ
ହାତ ଧରି ନେବେ ଟାଣି
ମୁକତି ଟିକଟ କାଖେ ଧରି ଆଣ୍ଟ
ଗୁରୁ ନାମ ହୁଅ ଗୁଣି
(ଦେଖି) ଶମନ ହେବ ତାଟକା ।୪।

## ମରମ ମଝିରେ ଅଲିଭା ଦୀପାଳୀ ଜାଳି

ମରମ ମଝିରେ ଅଲିଭା ଦୀପାଳୀ ଜାଳି
ମନ ଉପବନୁ ସୁବାସ କୁସୁମ ତୋଳି
ଚରଣ ସୁମରି ସଜାଇ ବରଣ ଡାଲା
କେତେ ଦିବାନିଶି ଉଜାଗରେ ବିତିଗଲା
ଏବେ ମନ୍ଦ ଅନୀଳ ଛନ୍ଦରେ ତୁମ ଗନ୍ଧ ବାରିଲି ପ୍ରିୟ
ମୋତେ ଚରଣେ ଶରଣ ଦିଅ ।୧।

ଅନ୍ଧ ମୁଁ ବୋଲି ଛନ୍ଦ କରିବ ନାହିଁ
ବନ୍ଧା ଆଖି ମୋ ଖୋଲି ଦିଅ ଅଳି ସାଇଁ
ମୋ ଶେଷ ସନ୍ଧ୍ୟା ବନ୍ଧ୍ୟା ନ କର ଆଉ
ପରସନ ହୁଅ ଜଞ୍ଜାଳ ଦୂର ହେଉ
ଏବେ ବନ୍ଧନହୀନ କରି ବନ୍ଦନ ଘେନ ହେ ପରାଣପ୍ରିୟ!
ମୋତେ ଆପଣାର କରି ନିଅ ।୨।

କଅଁଳ ସକାଳ ଅରୁଣ କିରଣ ରାଗେ
ଅଞ୍ଜଳି ପାତି ଭକତି ପୀରତି ମାଗେ
ଅଳପ ନୁହେଁ ତ କଳପ ଗଲାଣି ବିତି
ସଂକଳପ ମୋର ଅସରା ପୂନେଇଁ ରାତି
ଏବେ ମଧୁ-ଆନନ୍ଦ-ଲଳିତ ଛନ୍ଦେ ଗାଇବି ମୁଁ ତୁମ ଜୟ
ମୋତେ ମଧୁମୟ କରି ଦିଅ ।୩।

## ମରମ ବେଦନା କହିବି କା' ଆଗେ

ମରମ ବେଦନା କହିବି କା' ଆଗେ
କିଏ ଅଛି ତୁମ ବିନେ ?
ମନର ମଣିଷ ପାଇଛି ତୁମକୁ
ସାରା ଦୁନିଆରେ ଜଣେ ।୦।

ତୁମେ ପାଶେ ଥରେ ବସିବାକୁ ଆସି
ଗଣୁଥିଲି ଦିନ ଘରେ ବସି ବସି
ଆସିଛି ସେ ଦିନ ହସୁଛି ମୋ ମନ
ଚାହିଁ ବାରେ ନେତ୍ର କୋଣେ ।୧।

କି କରିବି ପ୍ରିୟ ବିରହ ବେଦନା
ସହିଛି ଯାହା ମୁଁ ପାଇଛି ଯାତନା
ତୁମେ ଦୂରେ ଥିଲେ ଏତେ ଦୁଃଖ ହୁଏ
ଅନୁଭବୀ ସିନା ଜାଣେ ।୨।

କରମ ଜଞ୍ଜାଳ ଖେଳୁଥିଲା ଖେଳ
ମିଳନ ପଥରେ ହେଉଥିଲା କାଳ
ବନ୍ଧୁ ପରିଜନ ପାଶୋରି ଆସିଛି
ଆଦରି ନିଅ ହେ କୋଳେ ।୩।

ଏ ସଂସାରେ ସିନା ତୁମେ ଏକା ସାଥୀ
ତୁମ ପାଶେ ଥାଇ ଦିନ ଯାଉ ବିତି
କିପରି କହିବି ଅନ୍ତରର ବ୍ୟଥା
ନିତି ନିତି ଯାହା ଭାଳେ ।୪।

## ମରମର ବ୍ୟଥା ପରାଣର କଥା

ମରମର ବ୍ୟଥା ପରାଣର କଥା
ଅନ୍ତରଯାମୀ ସେ ଏକା ଜାଣନ୍ତି
ତାଙ୍କ ବିନେ ଆଉ କାହାରେ କହିବି
ସଂସାରେ ମୋ ଆନ କେହି ନାହାନ୍ତି ।୦।

ହୃଦୟ ମଝିରେ ମୋର ଶୁଭେ ଯା ମୁରଲୀ ସ୍ୱର
ବେନି କର ଯୋଡି କହେଁ ବିପତ୍ତି ।୧।

ନିଶି କି ଅବା ବାସର ସେ ଯେ ପ୍ରାଣବନ୍ଧୁ ମୋର
ତା' ବିହୁନେ ଦୁଃଖହାରୀ କାହାନ୍ତି ।୨।

ସଦା ମାନସ ମନ୍ଦିରେ ପୂଜିବି ଏକା ତାହାରେ
ଅରପି ମନର ଚିର ଭକତି ।୩।

## ମହକ ନ ଥିବା ଫୁଲଟିଏ ହୋଇ

ମହକ ନ ଥିବା ଫୁଲଟିଏ ହୋଇ ଫୁଟିଛି ମୁଁ ବଗିଚାରେ
ହାତର ପରଶ ଦେଇ ହେ ଠାକୁର ! ଭରି ଦିଅ ମହକରେ ।୦।

ତୁମ ହାତ ଗଢା ମଣିଷ ହେବି ମୁଁ
ସେବା ହେବ ମୋର କାମ
ବିନା ବିଚାରରେ ପାଳିବି ଆଦେଶ
ଗାଇ 'ଜୟଗୁରୁ' ନାମ
ଆଖିର ଲୁହରେ ଧୋଇ ଦେବି ପାଦ
ଦିଅ ସ୍ଥାନ ଚରଣରେ ।୧।

ଧନ ଜନ କିଛି ମାଗିବି ନାହିଁ ମୁଁ
ମାଗିବିନି କେବେ ମୁକ୍ତି
ଦେବାକୁ ଚାହିଁଲେ ଦେବ ଯଦି ପ୍ରଭୁ
ଦିଅ ମନେ ମୋର ଭକ୍ତି
ଦରଶନ ଦେଇ ବାନ୍ଧି ରଖ ମୋତେ
ତୁମ ଚାରୁ ଶ୍ରୀପୟରେ ।୨।

ଯଶ ଅପବାଦ ଶୁଣିବି ନାହିଁ ମୁଁ
ନ କହିବି କେବେ ମିଛ
ତୁମ ଭକ୍ତ ସେବା କରିବି ମୁଁ ଆଗ
ଆଉ ସବୁ ହେବ ପଛ
ତୁମରି ଆଦେଶ ଉପଦେଶ ହେବ
ବ୍ରତ ମୋର ଜୀବନରେ।୩।

## ମହାବାହୁ ଏତିକି ମାଗୁଣି ମୋର

ମହାବାହୁ
ଏତିକି ମାଗୁଣି ମୋର
କୃପା ବହି ଦିଅ କରି ଦୟାମୟ
ଏ ମୋର କାନ ବଧିର ହେ ।୦।

ଆଉ କିଛି ବେନି କାନ ନ ଶୁଣିବ
କେବଳ ତୁମରି ମୁରଲୀ ଶୁଭିବ
ତୁମ ବାଣୀ ଖାଲି ବାଜୁଥିବ କାନେ
ତୁମରି ନାମ ମଧୁର ହେ ।୧।

ଦୁନିଆଁ ଅନ୍ଧାରେ ନ ବୁଲିବି ଘୁରି
ଦିଅ ଦିଅ ମୋତେ ତୁମେ ପଙ୍ଗୁ କରି
ଦୁଆରେ ତୁମରି ପଡି ରହିଥିବି
ପୂରାଅ ବାଞ୍ଛା ମନର ହେ ।୨।

ଜଗତରେ ଯେବେ ସକଳେ ଭୁଲିବେ
ସୁଖରେ ଦୁଃଖରେ କେହି ନ ଚାହିଁବେ
ସେତିକି ବେଳରେ ତୁମ ପାଦତଳେ
ରଖ, ଏ ମିନତି ମୋର ହେ ।୩।

## ମହାବାହୁ, ଏତିକି କରୁଣା ହେଉ

ମହାବାହୁ, ଏତିକି କରୁଣା ହେଉ
ତୁମରି ସେବାରେ ତୁମରି ପୂଜାରେ ଦିନକାଳ ବିତି ଯାଉ ।୦।

ତୁମେ ଯେଉଁ ପରି ହୋଇବ ସନ୍ତୋଷ
ସେହିପରି କର୍ମେ ବଳୁ ମୋ ମାନସ
ତୁମେ ସଦଗୁରୁ ବାଞ୍ଛାକଳ୍ପତରୁ ଏ ବିଶ୍ୱାସ ହୃଦେ ରହୁ ।୧।

ତୁମେ ମୁକ୍ତି ଦାତା ସର୍ବମୟ କର୍ତ୍ତା
ତୁମେ ଥିଲେ ପାଶେ କାହିଁ ମୋର ଚିନ୍ତା
ତୁମରି ମୂରତି ଚକ୍ଷୁ ଦିନରାତି ଦେଖି ଶାନ୍ତି ପାଉଥାଉ ।୨।

କାମିନୀ କାଞ୍ଚନ ଧନ ଜନ ବିତ୍ତ
ସଂସାର ମାୟାରେ ନ ହୁଏ ଆସକ୍ତ
ତୁମରି ଭଜନ ଜୟଗୁରୁ ନାମ ମୁଖ ସଦା ରଟୁଥାଉ ।୩।

ତୁମେ ପ୍ରଭୁ ମୁହିଁ ଦାସ ଶ୍ରୀଚରଣେ
ଏଇ ଭାବ ସଦା ଜାଗୁ ମୋର ମନେ
ଶୟନେ ସ୍ୱପନେ ଅବା ଜାଗରଣେ ନାମ ଜପା ମାଳା ହେଉ ।୪।

## ମହାବାହୁ ! ନାମ ଗାଉ ଗାଉ ଜୀବ ଯାଉ

ମହାବାହୁ ! ନାମ ଗାଉ ଗାଉ ଜୀବ ଯାଉ ହେ |୦|

ବନ୍ଧୁ ସହୋଦର ସବୁ ଦି' ଦିନର
ସୁଖର ସାଥୀ ସରବେ
ସପନ ସମାନ ମାନବ ଜୀବନ
ସୁଖ ଶାନ୍ତି ନାହିଁ ଲବେ |
ସକାଳରେ ଯାହା, ସଞ୍ଜେ ନାହିଁ ତାହା
ଜଳେ, ଲିଭେ ଚାହୁଁ ଚାହୁଁ ହେ |୧|

ଧନ, ଜନ, ମାନ, ଯଶ ଅରଜନ
ଯହିଁ ପାଇଁ ମନ ଧାଏଁ
ଜଳ ବିମ୍ବ ସରି ଜନମ ସବୁରି
ଆଖି ପଲକେ ଉଭାଏ |
ଭରସା କାହାର କରିବ ଏ ଜୀବ
ତୁମେ ନାଥ ଥାଉଁ ଥାଉଁ ହେ |୨|

## ମାଗୁଛି ପତାଇ ହାତ ମୋର ଦୁଇ

ମାଗୁଛି ପତାଇ ହାତ ମୋର ଦୁଇ
ଅଞ୍ଜଳି ଦିଅ ପୂରାଇ
କୋଟିଏ ଜୀବର ଅନ୍ତରେ ତୁମକୁ
ଦେଖିବି ମନ ପୂରାଇ ।୦।

ଗୋଟିଏ ଜୀବର ନୁହେଁ ଏ ଆକୁଳ
କୋଟିଏ ଜୀବର ପରାଣ-ଦୁଲାଳ
ହୋଇ ଝୁଲୁଥାଅ ରତନ ବେଦୀରେ
ହୃଦ-ଝୁଲଣାରେ ଥାଇ ।୧।

ଗୋଟିଏ 'ପରାଣ ପିତୁଳି' ଆମର
କୋଟିଏ ଝୁରନ୍ତି ଲୁଚି ପରସ୍ପର
ମିଳନ୍ତି ସରବେ ଗୋଟିଏ ସ୍ଥାନରେ
ସ୍ୱଦେହେ ମିଶନ୍ତି ଯାଇ ।୨।

ଗୋଟି ଗୋଟି କରି ଯେତେ କୋଟି ଜୀବ
ସଜାଇଛ ପୁଣି ଲଗାଇଛ ଭାବ
ସେ ଭାବେ ପହଁରି ଜୀବ ଯାଏ ତରି
ପୁଣି ତୁମକୁ ଖୋଜଇ ।୩।

ଗୋସାଇଁ ! କରୁଣା ଜଳେ ଅବଗାହି
ସାଫଲ୍ୟ ହେଉ ଏ ମୋର ମରଦେହୀ
ତୁମରି ସେବାରେ ବିତିଯାଉ ଦିନ
ଦରଶନ ଲୋଭା ହୋଇ ।୪।

## ମାଗୁଛି ହେ ପ୍ରଭୁ ତୁମ ସେବା କରି

ମାଗୁଛି ହେ ପ୍ରଭୁ ତୁମ ସେବା କରି
ଜୀବନ ମୋ ବିତିଯାଉ
ସେବକ ଜୀବନେ ତୁମ ଆଶିଷର
ଝରାଫୁଲ ଝରୁଥାଉ ।୦।

କଣ୍ଟାର ଆଘାତ ଦେଉ ପତିଘାତ
ବିପଦେ ଆପଦେ ହେଉ ବୁକୁ ପାତ
ତେବେ ବି ଚରଣ ଧରି ପଡିଥିବି
ସେବାରେ ମୋ ମନ ରହୁ ।୧।

ଆସୁ ହେ ବତାସ ନ ହେବି ହତାଶ
ଧରିଥିବି ଦେବ ତୁମ ପୀତ ବାସ
ଭରସି ମାଗୁଛି ହରଷି କୁହ ହେ
ଦୂରେଇ ନ ଦେବ ଆଉ ।୨।

ହେଉ ଅମାନିଶା ବରଷୁ ବରଷା
ଅଭୟ ଚରଣେ ବାନ୍ଧିଛି ଭରସା
ତୁମ ସେବାପଥ ଭକତି ପଥରେ
ପାଦ ମୋର ଚାଲୁଥାଉ ।୩।

ପାଦ ଖସୁ ପଛେ ଖସଡା ପଥରେ
ଅପମାନ-କାଳି ଲାଗୁ ପଛେ ଶିରେ
ତଥାପି ତୁମରି ସେବାରେ ଠାକୁର
ନିରନ୍ତର ମନ ଥାଉ ।୪।

ଦିଅ ହେ ବିଶ୍ୱାସ ନ ହେବି ନିରାଶ
ସେବା କରୁଥିବି ହୋଇ ହସ ହସ
ସେବା ଆନନ୍ଦର ମଧୁର ପୀୟୂଷ
ଅନ୍ତରେ ମୋ ରହି ଯାଉ
ସେବା କରୁ କରୁ 'ଜୟଗୁରୁ' ନାମ
ତୁଣ୍ଡ ମୋର ଗାଉ ଥାଉ ।୫।

## ମାଗୁନାହିଁ ଧନଜନ ମାଗୁଛି ମୁଁ ଶରଣ

ମାଗୁନାହିଁ ଧନଜନ ମାଗୁଛି ମୁଁ ଶରଣ
ଜାଣି ମୁହିଁ ଜାଣୁନାହିଁ ତୁମେ ଜୀବ କାରଣ ।୧।

ନାହିଁନାହିଁ କେହି ମୋର ଏ ସଂସାର ମାୟାଘୋର
ହରବର କରୁଛନ୍ତି ଭଗାରୀ ଛଅଜଣ ।୨।

ଚିତ୍ତରେ ଚିନ୍ତିବି ବୋଲି ଦଣ୍ଡେ ଯେବେ ବିଚାରିଲି
ଚଞ୍ଚଳ ଏ ଚିତ୍ତ ଥାଇ କରେ ସଦା ବାରଣ ।୩।

ଏତିକି କରୁଣା କର କଣ୍ଠେ ମୋର ସୁର ଭର
ସବୁ ଭୁଲି ତୁମ ନାମ କରୁଥିବି ଗାୟନ ।୪।

ଅଧମ ଜନର ସାହା ତୁମେ ଏକା ଚଉବାହା
ବିଜେକର ପାତି ଅଛି ତୁମଲାଗି ଆସନ ।୫।

ଘର କରି ଜଗତରେ ଥିବି ତୁମରି ଦୁଆରେ
ଗୁରୁଦାସ ପଣେ ସେବୁଥିବି ତୁମ ଚରଣ ।୬।

## ମାଗୁଣି ଏତେ ମାତର

ମାଗୁଣି ଏତେ ମାତର ଗୁରୁଦେବ ! କୃପାକର ।୦।

ତୁମରି ଧିଆନ ଫଳରେ ଏ ମନେ
ଶକତି ଲଭିବି ଯେବେ
ସୁଖେ ମୋର ତାହା ନ ଲଗାଇ, ଜନ-
ହିତେ ଅରପିବି ତେବେ
ସରଗ ମୋ ମନ-ଘର
ଲୁଚି ରହିଅଛି ଅନ୍ତର ମଝିରେ, ଆଖି ଦିଅ ଚିହ୍ନିବାର ।୧।

ରିପୁକୁଳ ସଦା ବାଟ ଓଗାଳନ୍ତି
ଏ ମନ-ରାଇଜେ ଥାଇ
(ହେ) ହୃଦୟ-ଦେବତା ! ତଡିଦିଅ ତାଙ୍କ
ପ୍ରଭାବ, ତାଡନା ଦେଇ
ସେବା କରି ଜଗତର,
ସଫଳ ହେଉ ଏ ଜୀବନ, ଜନମ, ଦିଅ ପ୍ରଭୁ ! ଏହି ବର ।୨।

ବିଶ୍ୱନାଥ ହେ ! ବିଶ୍ୱ ରୂପରେ
ତୁମେ ବିରାଜିତ ନିତ୍ୟ
ତୁମେ ହେ ଧର୍ମ, ତୁମେ ହେ କର୍ମ,
ତୁମେ ତ ସୁ-ଚିର ସତ୍ୟ
ଦିଅ ହେ ଶୁଭ ମନ୍ତର ;
ସୃଷ୍ଟି ମଝିରେ ପର, ଆପଣାର ଭେଦ ନ ରଖୁ ଅନ୍ତର ।୩।

## ମାଗେ ଭବମାନବ ଆଶିଷ ମଧୁ ଧାର

ମାଗେ····· ମାଗେ ଭବମାନବ ଆଶିଷ ମଧୁ ଧାର
ବରଣ କରି ଚରଣେ ପ୍ରଣମେ ବାରବାର ।୦।

ଜିତ ବର ବରନ ସିତ ସରସଦଳ
କମଳ ଢଳଢଳ ଅମଳ ପଦତଳ
ମୋ ମନ ମଧୁକର ଚୁମ୍ବନ ଲୋଡେ ତା'ର ।୧।

ନୟନ ନୀଳମଣି ଭୁବନର ରଞ୍ଜନ
ଚାହାଣୀ ମନୋହର ପରାଣ ନନ୍ଦନ
ନିଖିଳ ଭୁବନର ଆନନ୍ଦ ପାରାବାର ।୨।

ଲଳିତ ଲାବଣ୍ୟ କାନ୍ତି କୋମଳ
ଝରଇ ଝରଝର ବଦନୁ ଅବିରଳ
ଦରଶେ ଅପସରେ ଦାରୁଣ ଦୁଃଖଭାର ।୩।

## ମାଧବ ହେ ଦୀନବାନ୍ଧବ ମୋର

ମାଧବ ହେ ଦୀନବାନ୍ଧବ ମୋର
ଆରତ ମନର ମିନତି ଏହି
ଜୀବନେ ଯାହାରେ ଆଦର କରିଛ
ମରଣରେ ତାକୁ ଭୁଲିବ ନାହିଁ ।୦।

ଗଙ୍ଗା ତରଙ୍ଗରେ ବୁଡ ଦେଲି ଯେତେ
ଘୁଞ୍ଚିଲା ନାହିଁ ତ କାଳିମା କିଞ୍ଚିତେ
ତାରିବା ଆଗରୁ ଏ ଭବ-ସାଗରୁ
ଦିଅ ଦିଅ ମୋର କଳଙ୍କ ଧୋଇ ।୧।

ତୁମ ପଦ ତଳେ କୋଟି ପୁଣ୍ୟ ଫଳେ
ଅମୃତ ଜୀବନ ଲଭନ୍ତି ସକଳେ
ସେଇ ପଦ ମୋର ଶିରେ ଥାପି ଦେଲେ
ରହି କି ପାରିବି ପାତକୀ ହୋଇ ? ।୨।

ମର-ଜୀବନର ହସ କାନ୍ଦ ସବୁ
ସାଇତି ରଖିଛି ତୁମ ପାଇଁ ପ୍ରଭୁ
ସଞ୍ଜ ବେଳେ ତୁମ ଦେଉଳ ଦୁଆର
ମେଲା ରଖିଥିବ ମୋହରି ପାଇଁ ।୩।

## ମାନସେ ମନାସେ ନାଥ ଚିର ଶରଣ

ମାନସେ ମନାସେ ନାଥ ଚିର ଶରଣ
ଅଗତିର ଗତିଦାତା ଗୁରୁ ପରମ ।୦।

ସହାୟ ସମ୍ବଳ ଯେବେ ନ ଥିଲା ମୋର
ଆହା କହି ସାହା ହେଲ ପସାରି କର
ଏଭଳି ସେନେହ କାହିଁ ଏ ଜଗତ ଦେଇନାହିଁ
ତଥାପି ଧାଏଁ ତା ପଛେ ଧିକ ଏ ଜୀବନ ।୧।

କାହିଁ କେଉଁ ବନାନୀର ଅଫୁଟା କଳି
ଅଣଦେଖା ହୋଇ ଲତା ଆଦରି ଥିଲି
ସରସ ପରଶ ଦେଲ ପରାଣେ ବାସ ଭରିଲ
ଆବେଗେ ଚରଣେ ସଂପି ଦେଲି ପରାଣ
ହେ ଦୟିତ ! ହେ ଦୟାଳୁ ! କର ଗ୍ରହଣ ।୨।

## ମିଛେ ମିଛେ ଘୁରି ମରେଁ ମୁଁ ସିନା

ମିଛେ ମିଛେ ଘୁରି ମରେଁ ମୁଁ ସିନା
ଇଚ୍ଛାମୟ ତୁମେ ଯହିଁ ତହିଁ ଥାଅ
ସବୁ ଜାଣୁ ଜାଣୁ ମୁଁ ଯେ ଅଜଣା ।୦।

ଚଉକତି ଖୋଜିବୁଲେ ଦରଶନ ପାଇଁ
ତୁମେ ମୋତେ ଦେଖ ରଖ ବାରି ବାରେ ନାହିଁ
ଅତୁଳନ ସତେ ତୁମ କରୁଣା ।୧।

କୋଟି ଅପରାଧ ମୋର ନ ଧର ଗୋସାଇଁ
କ୍ଷମା କର ହସି ହସି କୋଳରେ ବସାଇ
ସେ ଆଦର କେ କରିବ କଳନା ।୨।

ମଥା ପାତି ନେବି ଯେତେ ଦିଅ ଦୁଃଖ ଭାର
କେବେ ହେଲେ ନ ଛାଡିବି ସେ ବେନି ପୟର
ଆହା ବୋଲି ସାହା ହେବ ତ ଜଣା ।୩।

## ମୁଁ ଦେଇ କି ଧନ ତୋଷିବି ମନ

ମୁଁ ଦେଇ କି ଧନ ତୋଷିବି ମନ ।୦।

କୁସୁମ କାନନେ ବୁଲି ବାସ ଫୁଲ ମୁଁ ବାଛିଲି
ସରାଗେ ପରାଗ ବୋଳି ଅଛି ସେ ପାଖୁଡା ମେଲି
ଭ୍ରମର କହିଲା କାନେ ଏ ପରା ତୁମରି ଦାନ ।୧।

ପଖାଳିବି ପାଦ ବେନି ଭାଳି ଗଲି ଜଳ ଆଣି
ଶୁଣିଲି ସେ କୁଳୁଭଣି ଗୀତ ଗାଇ ନାଚେ ପୁଣି
ଲହରୀ ତାଳେ ଜଣାଏ ତୁମେ ତାର ଜୀବଧନ ।୨।

ସୁବାସ ଚୁଆ ଚନ୍ଦନ କରିବାକୁ ଅରପଣ
ଭାଳିଲା ମୋର ଏ ମନ କରିଗଲି ଆହରଣ
ସବୁଥିରେ ବାରିଲି ମୁଁ ତୁମ କାରିଗରି ପଣ ।୩।

ଯାହା ଦେଖୁଛି ନୟନ ସବୁ ତ ତୁମରି ଦାନ
କି ଘେନି ମୁଁ ଅରଚନ କରିବି ଭଲା ଚରଣ
ନାହିଁ ନାହିଁ କିଛି ଆନ ଜୁହାରୁଛି ନିଃଶରଣ ।୪।

## ମୁଁ ଗୁହାରି କରେ ମୋ ଆଖିର ଲୁହରେ

ମୁଁ ଗୁହାରୀ କରେ ମୋ ଆଖିର ଲୁହରେ
ଆଖିର ଲୁହରେ ମୋ ଅକୁହା କୋହରେ ।୦।

ପରାଣ ନାଥ ହେ ତୁମରି ନିଶା ଘାରୁ ମୋର ତନୁ ମନରେ
ବାଉଳା ହେବି ମୁଁ ତୁମରି ପ୍ରେମରେ ଝୁରିହେବି ନିଶି ବାସରେ ।୧।

ହରିନିଅ ପ୍ରଭୁ ଯାଆ ଅଛି ମୋର ନିଃସ୍ୱ କରିଦିଅ ବିଶ୍ୱରେ
ଭିକ ଥାଳ ଧରି ହାତ ପତାଇବି ନିତି ତୁମ ଦୟା ଦୁଆରେ ।୨।

ଉଜୁଡି ଯାଉ ମୋ ସଂସାର ପଛେ ଝଞ୍ଜା ଆସୁ ମାଡି ବେଗରେ
ପାଦ ଧରିଥିବି ନାମ ଗାଉଥିବି ନ ହେବି କାତର ବ୍ୟଥାରେ ।୩।

ଜୀବନ ସାଥି ହେ ମରଣର ସାଥି ରଖ ମୋତେ ଦାସ ପଣରେ
ସେବା କରୁଥିବି ଜୀବନେ ମରଣେ ଆଜ୍ଞା ମାନି ନତ ଶିରରେ ।୪।

## ମୁଁ ଯେ ଏକ ବାସହୀନ କାଗଜ ଫୁଲ

ମୁଁ ଯେ ଏକ ବାସହୀନ କାଗଜ ଫୁଲ
କାହିଁକି ବା ଏତେ ମୋତେ ପାଇଛ ଭଲ ।୦।

ନାହିଁ ମୋର ସୁରଭିତ ସୁନ୍ଦର ପାଖୁଡ଼ା
କେଉଁ ଗୁଣ ପାଇଁ ଅବା ହେବି ତୁମ ଲୋଡ଼ା
ତନୁରେ ଭରିଛି ମୋର କେତେ ଯେ କାଳିମା ଗାର
ପ୍ରତିଦାନେ କେମିତି ବା ଦେବି ମୁଁ ମୂଲ ।୧।

କେତେ ଭଲ ପାଇ ତୁମେ ଧରି ନେଲ ହାତ
ଟୋଳି ନେଲ କୋଳେ ସହି କଣ୍ଟାର ଆଘାତ
ବରଷି କରୁଣା ବାରି ପାପ ତାପ ନେଲ ହରି
ଏ ମନକୁ ତୁମ ପାଦ ତଳେ ବାନ୍ଧି ଦେଲ ।୨।

ଅମଉଳା ହୋଇ ତୁମ ପାଦେ ପଡ଼ିଥିବି
ତୁମରି ଭକତ ସଙ୍ଗ ସଦା ଲଭୁଥିବି
'ନାମ ଗାଇ ଜୀବ ଯାଉ' ଏତିକି କରୁଣା ହେଉ
ଏ ଜନମେ ଯେବେ ଏତେ ଭଲ ପାଇଥିଲ ।୩।

## ମୁଁ ଯେ କରୁଣାକଣା ଭିଖାରୀ

ମୁଁ ଯେ କରୁଣାକଣା ଭିଖାରୀ
କରୁଣା ଆଖିରେ ଚାହିଁ ଦେଲେ ଥରେ
ଥାଳ ମୋର ଯିବ ଭରି ।୦।

ଦାରୁଣ ବେଦନା କରୁଣ କାନ୍ଦଣା
ସହି ସହି ମୋର ତନୁ ହେଲା ଚୂନା
ସବୁରି ଲାଞ୍ଛନା ଦେଲା ପତାରଣା
ଶୁଣିବା ହେଉ ଗୁହାରି ।୧।

ଅସାର ସଂସାରେ ସୁଖର ଆଶାରେ
ମାୟା ମରୀଚିକା ପଛେ ଧାଇଁ ମରେ
ଶରଣ-ବାଞ୍ଛିତ ହୋଇଲେ ଲାଞ୍ଛିତ
କି ଯଶ ହେବ ତୁମରି ।୨।

କରୁଣାସାଗର ବୋଲି ତ୍ରିଭୁବନେ
ନାଗରା ବାଜଇ ଶୁଣିଛି ମୁଁ କାନେ
କରୁଣା-ସାଗରୁ କଣିକାଏ ଦେଲେ
ଏ ଜୀବନ ଯିବ ପୂରି ।୩।

ବିଷୟ ସୁଖରେ ଲାଗୁ ନାହିଁ ମନ
କରିଦିଅ ପ୍ରଭୁ ତୁମ ପଦେ ଲୀନ
ତୁମ ନାମାବଳୀ କରି ଜପାମାଳି
ଜୀବ ମୋ ଯାଉ ବାହାରି ।୪।

## ମୁଁ ଯେ ତୁମରି ସନ୍ତାନ

ମୁଁ ଯେ ତୁମରି ସନ୍ତାନ
ତୁମ ପାଇଁ ଏ ଜୀବନ
ତୁମେ ମୋର ପିତା ତୁମେ ମୋର ମାତା
ଦେଇଛ ପଦେ ଶରଣ ।୦।

ଅନ୍ଧାରରେ ଯେବେ ଚାଲିଯାଏ ମୁହିଁ
ଝୁଣ୍ଟି ପଡ଼ୁଥାଏ ତୁହାଇ ତୁହାଇ
ହାତ ଧରି ମୋତେ ନେଇ ଯାଅ ପଥେ
ତୁମେ ମୋର ଜୀବଧନ ।୧।

ଶତ ଅପରାଧ କ୍ଷମିଛ ଠାକୁର
ତୁମ ପରି ଆଉ କିଏ ହେବ ମୋର
ଏପରି କରୁଣା କାନେ ନାହିଁ ଶୁଣା
ବୁଝି ବୁଝେ ନାହିଁ ମନ ।୨।

ଆଶାର ଆଲୋକ ଜାଳିଛ ଅନ୍ତରେ
ସ୍ନେହର ପ୍ରୀତିର ମଧୁର ରାଗରେ
ଥିଲେ ଯେତେ ଦୂରେ ପାଖେ ପାଖେ ବାରେ
ଶୁଭେ ସେ ମୂରଲୀ ତାନ ।୩।

ଆଉ କିଛି ଦିଅ ବୋଲି ଚାହେଁ ନାହିଁ
ହୃଦୟ-ଆସନେ ତୁମକୁ ବସାଇ
ସେ କଞ୍ଜ ଚରଣ ଶୋଭା ଦରଶନ
କରି ବିତିଯାଉ ଦିନ ।୪।

## ମୁଁ ଯେ ତୁମରି ଏକା ହେ ସୁନ୍ଦର

ମୁଁ ଯେ ତୁମରି ଏକା ହେ ସୁନ୍ଦର !
ତୁମରି ପ୍ରାଣର ଆବେଗ ସଞ୍ଚାରି, ମୂରତି ଗଢ଼ିଛ ମୋହର ।୦।

ଖୋଜିବାକୁ ନିଜ-ଜନ ବୋଲି କାହିଁ
ତୁମ ବିନେ ଏ ଜଗତେ କେହି ନାହିଁ
ଏ ମୋ ତନୁ, ମନ ସବୁ ତୁମ ଦାନ, ବନ୍ଧା ମୁଁ ଚିର ତୁମର ।୧।

ତୁମ ବିନେ ନାହିଁ କେହି ସ୍ୱତନ୍ତ୍ର
ତୁମେ ଏକା ଯିବ-ବୀଣାର ତନ୍ତ୍ର
ତୁମେ ହେ ସତ୍ୟ, ତୁମେ ହେ ନିତ୍ୟ, ଆନ ଯେତେ ସେ ତ ଅସାର ।୨।

ମାୟା-ଜାଲ-ଘେରା ଭରା ଅହଙ୍କାର
ସବୁଥିରେ ଖାଲି 'ମୁଁ-କାର', 'ମୁଁ-କାର'
ଦିନର ସପନେ ଭୁଲା-ମନ ମୋର, ଜାଣି ଜାଣି ଯାଏ ପାଶୋର ।୩।

କହ ଆଉ କେତେ ଦିନ ବନ୍ଧୁ ! ମୋର
ଦୂରେ ଦୂରେ ଥାଇ କରିବ ଅନ୍ତର
ଚେତାଇ ଦିଅ ଏ ପରାଣେ ଏଥର 'ତୁମେ ମୋର, ମୁଁ ତୁମର' ।୪।

ତୁଟିଯାଉ ମୋର ଅନ୍ଧାର ରଜନୀ
ତୁମ ଜ୍ୟୋତି-ରେଖା ହସାଉ ଅବନୀ
ଦେବତା ହେ ! ତାକେ ଶିରପାତି ପଦେ, ପୂତ କର ମନ-ମନ୍ଦିର ।୫।

## ମୁଁ ଯେ ତୁମରି ବାଉଳା ବଇଁଶୀ

ମୁଁ ଯେ ତୁମରି ବାଉଳା ବଇଁଶୀ
ମୋତେ ଭାବରେ ଭାବରେ ବଜାଅ
ବେସୁରା ହେଲାଣି ସକଳ ସାଧନା
ତୁମ ସୁର ଦେଇ ସଜାଅ ।୦।

ଯମୁନା ପୁଳିନେ ଯେ ସୁର ବଜାଇ
ଦେଇଥିଲ ରାଈ ପରାଣ ଭିଜାଇ
ଶୂନ୍ୟ ହୃଦୟର ସବୁ ଅପୂର୍ଣ୍ଣତା
ସେଇ ସୁରେ ସୁରେ ହଜାଅ ।୨।

ଅନ୍ତର ମଝିରେ ବାଜୁ ନିରନ୍ତର
ଭାବ ଭରା ତୁମ ବ୍ରହ୍ମାନନ୍ଦ ସୁର
ସେ ମଧୁ ନିନାଦ କୋଟି କାନେ ଭରି
ଚଉଦ ଭୁବନ ମଜାଅ ।୧।

ତୁମେ ଭାବମୟ ଭବ-ତାପହାରୀ
ତୁମରି ଭାବର ମୁଁ ଆଜି ଭିକାରି
ପାଶେ ପାଶେ ରହ ପରାଣପ୍ରିୟ ହେ !
ମୋତେ ଛାଡି ଦୂରେ ନ ଯାଅ ।୩।

## ମୁଁ ଯେ ନୀଳ କଇଁ

ମୁଁ ଯେ ନୀଳ କଇଁ ତୁମ ପ୍ରେମରେ ମଗନ
ତୁମେ ମୋ ହୃଦ-ସରଗ ଜହ୍ନ
ଆମ ଏ ମିଳନ, ଏ ଲଗନ ରହୁ ସାରା ଜନମ ।୦।

କୃପା ବହି ଦେଲ ଭବେ ଜନମ
ଅନୁରାଗେ ଭରି ଦେଲ ମରମ
ପ୍ରେମେ ମନ ମଜାଇ ଦୁଃଖ ଦେଲ ହଜାଇ
ନିଅ ହାତ ଧରି ଦାସ କରି ଦିଅ ପଦେ ଶରଣ ।୨।

ପାଇ ତୁମ ପ୍ରୀତି ମଧୁ ଜୋଛନା
ଦୂରେ ଗଲା ଯେତେ ଭବ-ଯାତନା
ଲୁଚି ଲୁଚି ଗୋପନେ ଦେଖା ଦେଲ ସପନେ
ଗୁରୁ ତୁମ ସମ,ପ୍ରିୟତମ ନାହିଁ ସଂସାରେ ଆନ ।୧।

ବିଛେଦ କରଇ ସିନା ମୁହୂର୍ତ୍ତ
ଅଜ୍ଞାନ ଏ ଘନ କଳା ଜୀମୂତ
ତୁମ କରୁଣା କରେ ଦୁଃଖ ପଳାଏ ଦୂରେ
ତୁମ ସେବା କରି ନାମ ଧରି ଯାଉ ଏଇ ଜୀବନ ।୩।

## ମୂଢରେ ଦୃଢ କରିଥା

ମୂଢରେ ଦୃଢ କରିଥା
ଗୁରୁ ନାମକୁ ଘୋଷି
କରିଲେ ତୁ ହେଳା, ବୁଡିଯିବ ଭେଳା
କାଳ ଯମ ଦେବ ଗଳାରେ ଫାଶି ।୦।

ତୁଟିବ ଏ ବିଶ୍ୱ ବିଭବ ଶିରୀ
କଂପିବ ଧରଣୀ ଖୁଂପିବ କାଳ
ସଂପି ମନ କର ନାମ ସମ୍ବଳ
ଗୁରୁ ନାମ ଧନ କର ଅରଜନ
ଜୀବ ପରମରେ ଯିବରେ ମିଶି ।୨।

ଅକାଳ ଚଡକ ଦେବରେ ଦେଖା
ବିଫଳ ହୋଇବ ସଫଳ ଲେଖା
ପ୍ରଳୟ ଜୁଆର ଆସିବ ମାଡି
କାଳ ଭଇରବ ଛାଡିବ ରଡି
ବେଳ ଥାଉଁ କର, ଗୁରୁନାମ ସାର
ଭବ ପାରାବାର ନାବରେ ବସି ।୧।

ଗ୍ରାମ ଭୂଇଁ ହେବ ମଶାଣି ସରି

ଗୁରୁ ବିନେ ନାହିଁ ତୋର ମୁକତି
ଜନମେ ମରଣେ ସେ ଚିର ସାଥୀ
ଏ ଭବ ସାଗରୁ ଉଦ୍ଧାର ପାଇଁ
ନିଜକୁ ନାମରେ ଦିଅ ହଜାଇ
ଏ ଭବ ବନ୍ଧନ ହେବରେ ଖଣ୍ଡନ
କାଳ ନ ପାରିବ ପାଖରେ ପଶି ।୩।

## ମେଘ ମହ୍ଲାର

ମେଘ ମହ୍ଲାର
ରାଗ ରାଗିଣୀର ଛନ୍ଦ ତାଳ ତୁମେ
ତୁମକୁ ମୋ କୋଟି ଜୁହାର ।୦।

ତୁମେ ଶ୍ରାବଣର ପୂତ ବାରିଧାରା
ତୁମେ ମୋ ମନର ଚିନ୍ତନ ଅସରା
ତୁମ ନାମାବଳୀ ଅଙ୍ଗେ ମୋର ବୋଳି
ନାଚିବି ମୁଁ ହୋଇ ବିଭୋର ।୧।

ତୁମେ ମଧୁପର ମଧୁର ଗୁଞ୍ଜନ
ଦୂର ବନାନୀର ତୁମେ କୁହୁସ୍ୱନ
ତରୁ ବିଥିକାର ସୁବାସ ସୁମନେ
କରିବ କି ଥରେ ଆଦର ।୨।

ସରସିଜ ପାଇଁ ସରସୀର ଶୋଭା
ରସିକ-ଜନର ଅତି ମନଲୋଭା
ହୃଦ-ସରସିଜ ବିକଶିତ ଆଜି
ରସିବ କି ରସଶେଖର ।୩।

ସବୁ ଆଦରର ତୁମେ ଯେ ଆଦର
ତୃଷିତ ପ୍ରାଣର ତୁମେ ବାରିଧାର
ମୋ ମନ ଚାତକ ନିରତେ ଖୋଜୁଛି
ତୁମ କୃପା ସୁଧାଧାର ।୪।

## ମୋ ଆକୁତି ଶୁଣ ଦିଅଁ

ମୋ ଆକୁତି ଶୁଣ ଦିଅଁ
ଭରମରେ ଯେତେ ଭରମି ହେଲେ ବି
ମୁଁ କି ବା ତୁମର ନୁହଁ ।୦।

ଜଗତେ ଏ ଆଖି ଦେଖେ ଯେତେ ଯାହା
ତୁମେ ସିନା ନାଥ ସେ ସକଳ ରାହା
ପ୍ରିୟତମ ତୁମେ ଏ ଜୀବନ ନାହା
ପରାଣରୁ ବଳି ପ୍ରିୟ ।୧।

ପଦ ତଳେ ଅଳି ଶୁଣ ହେ କାଣ୍ଡାରୀ
ଜାଣୁ ଜାଣୁ ଦୋଷ ଯାଏ କେତେ କରି
ତୁମ ମହା ନାମେ ଭରଷା ମୋହରି
କ୍ଷମି ପଦେ ଥାନ ଦିଅ ।୨।

## ମୋ ଆଖିରେ ଲୁହ ଭରିଦିଅ ପ୍ରଭୁ

ମୋ ଆଖିରେ ଲୁହ ଭରିଦିଅ ପ୍ରଭୁ
ଝରୁ ଥାଉ ତୁମ ପାଇଁ
ମୋ କଣ୍ଠ ରେ ସୁର ଭରିଦିଅ ତୁମେ
ଯିବି ତୁମ ନାମ ଗାଇ ।୧।

ଦେହରେ ଶକତି ହୃଦୟେ ଭକତି
ବିଶ୍ୱାସ ଓ ଶ୍ରଦ୍ଧା ଦିଅ
'ଜୟଗୁରୁ' ନାମ ଘୋଷୁଥାଉ ମନ
ଚରଣେ ପ୍ରଣତି ନିଅ ।୨।

ତୁମ ଦରଶନ ଲୋଡୁ ଏ ନୟନ
ଆଖିରେ ମୋ ଜ୍ୟୋତି ଦିଅ
କାନ୍ଦୁଥାଉ ପ୍ରାଣ ସଦା ତୁମ ପାଇଁ
ଅନ୍ତରେ ଭରି କୋହ ।୩।

ଆପଣାର ବୋଲି ଖୋଜି ହେଲେ ଯେତେ
ନ ପାଏ ନିଜର କେହି
ତୁମ ଛବି ମନେ ଉଙ୍କିମାରେ ସଦା
ତୁମେ ମୋ ଜୀବନ ସାଇଁ ।୪।

## ମୋ ବିଧୁର ପ୍ରାଣେ

ମୋ ବିଧୁର ପ୍ରାଣେ ମଧୁର ତାନର ମନ୍ଦ୍ର ଝଙ୍କାର ତୋଳି
ମୋ ଦୀନ କୁଟୀରେ ରଙ୍ଗା ପଦ ତୁମ ଦେଇଛ କି ମନେ ଭାଳି ।୦।

ଜୀବନର ଏଇ ବନ୍ଧୁର ପଥରେ ଚାଲୁଥାଏ ମୁହିଁ ତୁମରି ସାଥିରେ
ମୋ ପରାଣପ୍ରିୟ ହାତଧରା ସାଥି ନେଇଛ ହେ କୋଳେ ତୋଳି ।୧।

ତୁମରି ମୋହନ ବାଉଳା ବଇଁଶି ବାଜୁଥାଉ ସଦା ମୋ ମରମେ ପଶି
ହେରୁଥାଉ ଚିତ୍ତ ତୁମରି ସ୍ୱରୂପ ତୁମେ ମୋର ଗଳାମାଳି ।୨।

ଜୀବନ ଦୀପାଳି ଜାଳେ ତୁମ ପାଇଁ ଲିଭିଲେ ମିଶିବି ତୁମ ପଦେ ଯାଇ
ତୁମରି ସେବାରେ ଜନମେ ଜନମେ ରଖ ମୋ ଏତିକି ଅଳି ।୩।

## ମୋ ପ୍ରଭୁ ଆଶିଷମୟ

ମୋ ପ୍ରଭୁ ଆଶିଷମୟ ଜୀବନର ଚିରପ୍ରିୟ
ଭାବଭୋଳା ଲାଗି ଦୋଳା ସାଜେ ନିତି ମୋର ମୁକୁଳାହୃଦୟ ।୦।

ସେ ଯେ ନିରିଜନେ ମୋ ମନ ଗହନେ
ବଜାଇ ମୁରଲୀ ମଜାଇ ଧିଆନେ
କେବେ କୃଷ୍ଣ କେବେ ରାମ ଅଭିରାମ
ସାଜନ୍ତି ହୋଇ ସଦୟ ।୧।

ସେ ରସେ ହରସେ ଆପଣା ପାଶୋରି
ହେବି ଫୁଲ ପରି ଅଳି ମନୋହରି
ସେ ମୃଦୁଗୁଞ୍ଜନେ ନିବାରିବି ସତେ
ତିନି ତାପ ପର ଦାହ ।୨।

ଚହଲି ଗଲେ ମୋ ମନ କେବେ ହୁଡି
ଅଭୟ କୋଳେ ସେ ନିଅନ୍ତି ଆଦରି
ଆହାକି କରୁଣା ପୁରୁଛି ମୋ ପାଇଁ
ସଦା ସେ ମୋତେ ସହାୟ ।୩।

## ମୋ ପ୍ରଭୁ ସମ କମନୀୟ ନାହିଁ ଆଉ

ମୋ ପ୍ରଭୁ ସମ କମନୀୟ ନାହିଁ ଆଉ
ଅନୁପମ ରୂପକାନ୍ତି ଦିଶେ କେଡେ ଦାଉ ଦାଉ |୦|

ଚାହାଁ ସେ ଚରଣ ତଳ ସତେ କି ରକ୍ତକମଳ
ଫୁଟିଛି ପାଖୁଡା ମେଲି, ସେ ପଦେ ଶିର ଲୋଟୁଥାଉ |୧|

ପ୍ରଭୁ ଅଙ୍ଗଗନ୍ଧ ବାସ ମହକାଏ ଚଉପାଶ
ମୋ ମନ ଭ୍ରମର ଆଶ ଆଘ୍ରାଣରେ ମଜ୍ଜି ରହୁ |୨|

(ତାଙ୍କୁ) ଗଢ଼ିଛି କେଉଁ ବିନ୍ଧାଣି (ଲାଗି) କେତେ ଦିବସ ଯାମିନୀ
ଆଖି ତାରା ଲାଖିଯାଏ ଥରେ ମାତ୍ର ଚାହୁଁ ଚାହୁଁ |୩|

(ସେ) ଭକତ ରଙ୍କନିଧିଙ୍କି ହୃଦପଦ୍ମେ ବସାନ୍ତି କି
ଫୁଟନ୍ତା କାମନାକଳି ଏ ଜୀବନ ଥାଉ ଥାଉ |୪|

ବନ୍ଦୁଛି ଚରଣବେନି ଭକ୍ତି ପୁଷ୍ପାଞ୍ଜଳି ଘେନି
ନିବେଦୁଛି ପଦତଳେ ଘେନାକର ମହାବାହୁ |୫|

## ମୋ' ଭାଲେ ସତେ ହେବକି ସେଦିନ

ମୋ' ଭାଲେ ସତେ ହେବକି ସେଦିନ
ପାଗଳ ହୋଇବି ଗାଇ ଗାଇ ତବ ଗୁଣ ଗଣ ।୦।

ଫଳ ଭରେ ତରୁ ଶାଖା ନଇ ପଡିଥିଲା ପରି
ତବ ଭାବ ଭୋଳେ ନତ ହେବ ଏ ଶିର ମୋହରି
ତୃଣ ସରି ସହୁଥିବି ସବୁରି ପଦ ଦଳନ ।୧।

ନୋହିବି କାରେ ବିମୁଖ ଭରାଥିବ ଆତ୍ମ ସୁଖ
ଜଗତେ ସବୁରି ଲାଗି ହେବ ଏ ମନ ସମାନ ।୨।

କେବେ ମୁଖ ହସ ଭରା କେବେ ଆଖି ଲୁହ ଝରା
ସୁଖ ଦୁଃଖ ଏକା ଭଳି ମଣିବ ଏ ମୋ ଜୀବନ ।୩।

ଭବ ସାଗରେ ପହଁରି ଜଗତ ଦେବି ପାଶୋରି
ଶିରପାଗ ହେବ ମୋର ଆନନ୍ଦ ଲହରି ଫେଣ ।୪।

ଗୁରୁ କୃପା ହିଁ କେବଳ କରି ଜୀବନ ସମ୍ବଳ
ମରୁ ବାଲି ପରକାର ମଣିବି ମୁଁ ଧନ ଜନ ।୫।

## ମୋ ଭିଜା ଆଖିରୁ ଲୁହ ପୋଛି ଦେଇ

ମୋ ଭିଜା ଆଖିରୁ ଲୁହ ପୋଛି ଦେଇ
ଯେବେ ଆପଣାର କଲ
ସାତ ସୁରେ ବନ୍ଧା ଜୀବନ-ବୀଣାର
କି ସୁରେ ମୋତେ ବାନ୍ଧିଲ ।୦।

ଅକାଳରେ କାହିଁ ପିକ ମଧୁତାନ
ଅପୂର୍ବ ପୁଲକେ ଭରି ଦେଲା ପ୍ରାଣ
କୋଟି ଜନମର ମରଣ ଯାତନା
ସେ ପରଶେ ହରି ନେଲ ।୧।

ମଧୁ ମଳୟର ମନ୍ଦ ଗନ୍ଧବହ
'ମହାନନ୍ଦା' ସୁରେ ଚିତ୍ତ କଲା ମୋହ
ତୁମ ଛନ୍ଦାୟିତ ପ୍ରୀତି ମହକରେ
ମରମ ଭିଜାଇ ଦେଲ ।୨।

କଅଁଳ ସୁରୁଯ ଅରୁଣ ରାଗରେ
ମୁଖେ ମାଖି ଦେଲା ଅତି ସରାଗରେ
ସରମେ ନୟନ ଚରଣ ଚୁମିଲା
ଚକିତେ ନଇଁଲା ଶିର ।୩।

କାହିଁ କେତେକାଳୁ ଏ ଶୁଭ ଲଗନ
ଥିଲା ଏ ଦୀନର ଅଦେଖା ସପନ
ହେ ପରମପ୍ରିୟ! ବିକିଲି ପରାଣ
କରୁଣାରେ କିଣି ନେଲ
କାଳ କାଳ ପାଇଁ ଏ କିଣା ଦାସର
ଜୀବନ ସର୍ବସ୍ୱ ହେଲ
ହେ ଚିରବାଞ୍ଛିତ ମୋର ।୪।

## ମୋ ମନ ଆକାଶେ ଚାନ୍ଦଟିଏ

ମୋ ମନ-ଆକାଶେ ଚାନ୍ଦଟିଏ
ଧରିବାକୁ ଭାରି ମନ ହୁଏ
ଆହା କି ସୁନ୍ଦର ରୂପ ମନୋହର
ଦେଖା ଦେଇ କାହିଁ ଲୁଚିଯାଏ
ରୂପ ଲାଗି ଆଖି ଝୁରୁଥାଏ |୦|

ଶୁଣିଛି ପୁରାଣେ ତା ମହିମା
ଦେବେ ନ ପାଆନ୍ତି ଯା'ର ସୀମା
ଯୋଗୀ ଧ୍ୟାନେ ବସି ପାଏ ନାହିଁ ଖୋଜି
ଏଇଠି ଥାଏ ସେ ଏଠି ନଥାଏ
ବିଜୁଳି ଯେସନେ ଘନେ ହୁଏ |୧|

ଭକତି ଭରେ ଯେ ଖୋଜେ ନିତି
ତା ସଙ୍ଗେ ନିବିଡ ଭାବ ପ୍ରୀତି
ଭକତ ରସିଆ ଭାବ ବିନୋଦିଆ
ପ୍ରୀତି ସୁଆଗିଆ ଦିଅଁଟିଏ
ଭକତ ଭାବରେ ବନ୍ଧା ଥାଏ |୨|

ଅଭାବରେ ଦିଏ ନାହିଁ ଧରା
ସେ ଯେ ଭକତ ଦୁଃଖପାସୋରା
ନୟନରୁ ନିର ଝରୁଥାଏ ଯା'ର
ଅଦେଖାରେ ଲୁହ ପୋଛୁଥାଏ
ତା ଚଲାପଥର ସାଥିଟିଏ |୩|

ମୁଁ ଅତି ଅଧମ ଅଭାଜନ
ଭକତି ବିହୀନ ମୋ ଜୀବନ
ଦିଅ ଦେବ ଶ୍ରଦ୍ଧା ତୁମ ପଦେ ସଦା
ପଦ ସେବି ଯେହ୍ନେ ଦିନ ଯାଏ
ପରମ ପଦରେ ଠାବ ପାଏ |୪|

## ମୋ ମନ ଫୁଲବନେ ରସିକ ଭ୍ରମର ତୁମେ

ମୋ ମନ ଫୁଲବନେ ରସିକ ଭ୍ରମର ତୁମେ
ପିଇଯାଅ ପ୍ରୀତିମଧୁ ଗୁଂଜରଣ କରି କାନେ ।୦।

ଅଳିକ ମହକ ମୋର ପାନକର ପ୍ରିୟବର
ଗାଇ ମୋ ମନବୀଣାର ପଞ୍ଚମ ରାଗିଣୀ ତାନେ ।୧।

ଅସାର ଜୀବନ ମୋର ନ କରିବ କେବେ ପର
ଲେଖିଦିଅ ପାଖୁଡାରେ ତବ ପାଦପଦ୍ମ ଚିହ୍ନେ ।୨।

ଆଖି ତୁମ ରୂପ ଚାହୁଁ ମୁଖ ତୁମ କଥା କହୁ
ଚାହିଁ ରହିଥାଉ ଆଖି ସଦା ତୁମ ଦରଶନେ ।୩।

## ମୋ ମନରେ ତୁମେ ଗନ୍ଧ କସ୍ତୁରୀ

ମୋ ମନରେ ତୁମେ ଗନ୍ଧ କସ୍ତୁରୀ
ନୟନର ଦୀପଶିଖା
ଯଶ ଗଉରବେ ମାନ ଅପମାନେ
ତୁମେ ମୋ ବିଜୟଟୀକା |୦|

ଭ୍ରାନ୍ତ ନିଶାନ୍ତର ଉଷା
ଅୟୁତ ଭୁବନ ରାଜରାଜେଶ୍ବର
ମାଗେ ପଦରଜ ଭିକ୍ଷା |୧|

ଜୀବନ ମରୁରେ ପ୍ରୀତି ମନ୍ଦାକିନୀ
ମରମର ମନସିଜ
ହେ ପ୍ରିୟ ବରେଣ୍ୟ ତାପସ ପ୍ରଣମ୍ୟ
ଦେବଗଣ ଶିର ଧ୍ଵଜ

ଚେତନାରେ ତୁମେ ଚିଦାନନ୍ଦ ରୂପ
ଜୀବନେ ଅମୃତ ଆଶା
ତୃଷାର୍ତ୍ତ ପରାଣେ ଅମିୟ ସିଞ୍ଚନ

ସୃଜନ ପାଳନ ନିଖିଳ ଜୀବନ
ମୁକତିର ହୋମଶିଖା ।୨।

ଅଶାନ୍ତ ବଳୟେ ତୁମେ ଶାନ୍ତ ଦ୍ୟୁତି
ଭକ୍ତ ମାନସ ଆଶ୍ରୟ
ନିରୁଦ୍ଧ ପ୍ରାଣର ଅନ୍ତର୍ଯ୍ୟାମୀ ତୁମେ
ସନ୍ତାପେ ଗନ୍ଧ ମଳୟ
ପରମ ଦରଦୀ ହେ ଜୀବନଶିଳ୍ପୀ
ବିଧିର ଜୀବନ୍ତ ଲେଖା ।୩।

**ମୋହ ଲାଗି ଏକା ଆସିଛ ବନ୍ଧୁ ହେ**

ମୋହ ଲାଗି ଏକା ଆସିଛ ବନ୍ଧୁ ହେ
ମରତରେ ଅବତରି
କେତେ ସୁଖ ପାଅ ଦୟାନିଧି! ସତେ
ହୃଦୟରେ ଅଛ ଧରି ।୦।

ତୁମ ବିନେ ମୋର ନାହିଁ କେହି ଆନ
ତୁମେ ଏକା ମୋର ସାଥୀ ବନ୍ଧୁଜନ
ଅତି ଦୀନ ହୀନ ଅତି ମୂଢ ମୁହିଁ
ତେବେ ହେଲେ ମୁଁ ତୁମରି ।୧।

ତୁମେ ମାତା, ପିତା, ହରତା, କରତା
ଦୁଃଖ ଦୁରୁଦିନେ ଅଭୟ ବିଧାତା
ଜୀବନ ଅନ୍ଧାରୀ ଆକାଶ ମଝିରେ
ତୁମେ ଧ୍ରୁବତାରା ସରି ।୨।

ପଥଭୁଲା ମୁହିଁ ପଥୁକୀ ଅଧମ
ତୁମେ ହେ କଢାଅ ବାଟ ଭଗବାନ !
ସବୁ ଅପରାଧ କ୍ଷମା କରି ହର
ଜୀବନ ତାପ ମୋହରି ।୩।

**ମୋତେ ଆଜି ତୁମେ କୁହ ଠାକୁର**

ମୋତେ ଆଜି ତୁମେ କୁହ ଠାକୁର
ତୁମର ନ ହୋଇ ମୁଁ ବା ହେବି କାହାର ? ।୦।

ଏତେ ବଡ ଦୁନିଆରେ ମୋ ପରି ଅକିଞ୍ଚନରେ
ଆହା ବୋଲି ସାହା କେହି ନ ଥିଲେ ମୋର ।୧।

ସେନେହ ପରଶ ଦେଲ ପାଖକୁ ମୋତେ ଡାକିଲ
ପୋଛି ଦେଲ ଲୁହ ମୋର ଆଉଁସି ଶିର ।୨।

ସତ କହୁଛି ଠାକୁର ପାଇ ତୁମରି ଆଦର
ଭୁଲିଛି ମୁଁ ଦୁଃଖ ସବୁ ଜୀବନେ ମୋର ।୩।

ହେଲେ ମୁଁ ଅଯୋଗ୍ୟ କେବେ ତୁମ ମନ କଥା ଲବେ
ବୁଝିନି, ଦେଇଛି ଖାଲି ଦୁଃଖ ଅପାର ।୪।

ଜାଣି ଆଶରା ଦେଇଛ ଦୋଷ ମୋ ଦେଖି ରୁଷୁଛ
ପାରୁନି ମୁଁ ଛାଡି ଜମା ପୂର୍ବ ସଂସ୍କାର ।୫।

ଅଳି ଏତେ ଚରଣରେ ଜଣାଉଛି ଯୋଡ କରେ
ଚରଣ ସେବାରୁ ମୋତେ ଛଡା ନ କର ।୬।

**ମୋତେ ଆନନ୍ଦଧାମେ ପଥ**

ମୋତେ ଆନନ୍ଦଧାମେ ପଥ ଦେଖାଅ
କି ଭାବେ ତୁମକୁ ଚିହ୍ନିବି ଠାକୁର
(ସେଇ) କଳା କଉଶଳ ଶିଖାଅ ।୦।

ସେବୁଥିବି ଚରଣ ହୋଇ ଆନନ୍ଦେ ମଗ୍ନ
ନେଲି ତୁମ ଶରଣ ସେବକରେ ଗ୍ରହଣ
କରି ପଦସେବାରେ ଲଗାଅ ।୧।

ପାସୋରି ଦେଇ ମନ ଆତ୍ମୀୟ ବନ୍ଧୁଜନ
ତୁମ ପ୍ରେମରେ ପଡି ଝୁମିବି ନିଶିଦିନ
(ପ୍ରଭୁ) ପ୍ରେମ-ସୁଆଦ ଥରେ ଚଖାଅ ।୨।

ନେବଟି ହାତ ଧରି କହିଛ ସତ୍ୟ କରି
ଭୁଲିବ ନାହିଁ ପ୍ରଭୁ ମୁହିଁ ପରା ତୁମରି
(ରଙ୍ଗ) ଚରଣ ରେଣୁ ଅଙ୍ଗେ ମଖାଅ ।୩।

**ମୋତେ କମଳ କୋମଳ ଚରଣେ**

ମୋତେ କମଳ-କୋମଳ ଚରଣେ ଦିଅ ଶରଣ
ମୁଁ ଧନର ଭିଖାରୀ ନୁହେଁ ତ ମନ-ମୋହନ ।୦।

ଯେ ପଦ ଅନନ୍ତ ପାଇ ନାହିଁ ଅନ୍ତ ପିତାମହ ତ୍ରିନୟନ
ସୁରଧନୀ ଯାର ପଖାଳି ପୟର ଜଗତେ ପାଏ ପୂଜନ
ସେହି ପଦେ ମୋର ମନ ।୧।

ଯେତେ ମୁଁ ବିଚାରେ ମାୟା ପାଶୁ ଦୂରେ ରହିବି ରଜନୀ ଦିନ
କୁହୁକ ଘେରାଇ ଛଳରେ ଘୁରାଇ ଭୁଲାଏ ମୋର ଜୀବନ
ତୁମେ ଏକା ପରିତ୍ରାଣ ।୨।

ପଥ ସାଥୀ ପାଇଁ ସାହା କେହି ନାହିଁ ତୁମ ବିନେ ନାରାୟଣ
ପାପ ଭାର ଖାଲି ସାଇତି ରଖିଲି ପୁଣ୍ୟର ଦରଶନ
ଜୀବନେ ମୋର ସପନ ।୩।

ଯେବେ ଭାବେ ସାଇଁ ଆସିଲି କିପାଇଁ କଲି ମୁଁ କିବା କରମ
ଅନୁତାପେ ମୋର ଜଳଇ ଅନ୍ତର ନୀର ଭରା ଏ ନୟନ
ଲୋଡେ ତବ ସନ୍ନିଧାନ ।୪।

ଆସିବି ଯିବି ମୁଁ ସେବାରେ ଥିବି ମୁଁ ଭଜି ତବ ପ୍ରେମ ନାମ
କରୁଣା ସାଗର ଦୋଷ କ୍ଷମା କର ଉଡାଇ ଯଶ-କେତନ
ତୁମେ ଅଧମ ତାରଣ ।୫।

## ମୋତେ ତୁମରି ଦୁଆରେ ଭିଖାରି କରିଛ

ମୋତେ ତୁମରି ଦୁଆରେ ଭିଖାରି କରିଛ
ଜୀବନ କରିଛ ଧନ୍ୟ ।
ତୁମରି ଅମର ପ୍ରେମରେ ମୋହର
ହୃଦୟ କରିଛ ପୂର୍ଣ୍ଣ ।୦।

ପାଇବାକୁ ଥରେ ସତ୍ୟର ସନ୍ଧାନ
ଆକୁଳ ଅନ୍ତରେ କରିଥିଲି ମନ
କହିଥିଲ ମୋତେ ପ୍ରତୀକ୍ଷାରେ ରହ
ଲଭିବୁ ଯେବେରେ ପୂଣ୍ୟ ।୧।

ଆଜି ମଧୁମୟ ମୂରତୀରେ ତୁମ
ଭରିଅଛ ମୋର ବିଧୁର ମରମ
ଯେତେ ମାନ ଯେତେ ଅଭିମାନ ମୋର
ସବୁ ତ କରିଛ ଚୂର୍ଣ୍ଣ ।୨।

ଅଭାବ ଜୀବନେ ଢାଳିଦେଲ ଭାବ
ଅକୂଳରୁ ନେଇ କୂଳେ ଦେଲ ଠାବ
ତୁମେ ଏକା ସିନା ଦୟାମୟ ବୋଲି
ଦେଲ ଏ ମହତ ଦାନ ।୩।

## ମୋତେ ସେଇ ରାଇଜକୁ ନେଇ ଯାଅ

ମୋତେ ସେଇ ରାଇଜକୁ ନେଇ ଯାଅ
ତୁମ ପ୍ରେମ ଡୋରେ ବାନ୍ଧି
ମାନ, ଅଭିମାନ, ସ୍ୱାର୍ଥ, କାମନା
ମାୟା-ମୋହ ଘେରା ବିରହ ବେଦନା
ଯେଉଁଠି ନ କରେ ବନ୍ଦୀ ।୦।

ଏ ଭବ ଜଳଧି ମାୟା ଭଉଁରୀରେ ବୁଡି ମୁଁ ମଲିଣି
ଏ ମାୟା ସଂସାରେ ବଞ୍ଚିବା ମରିବା ସମାନ ହେଲାଣି
ଦେଇଥିଲ ଯେଉଁ ଦୁର୍ଲ୍ଲଭ ଜୀବନ
ନ ବୁଝି ହେଳାରେ ବିତାଇଛି ଦିନ
ନିରାଶାରେ କାନ୍ଦି କାନ୍ଦି ।୧।

ସେ କୂଳେ ଯିବାକୁ ଦିଶୁନାହିଁ ପଥ ଦିଗ ଅନ୍ଧାରୁଆ
ଏ କୂଳେ ଲଗାଅ କୃପାନାବ ଆହେ ଭବ ନାଉରିଆ
ଦୁନିଆଁ ହାଟରୁ ଯାହା ମୁଁ କିଣିଛି
ଘାଟ ମୂଲ ପାଇଁ ସବୁ ଅରପୁଛି
ଦାସ ପଣେ ରଖ ଛନ୍ଦି ।୨।

## ମୋତେ ସେବକ ପଣରେ ରଖ ହେ ଠାକୁର

ମୋତେ ସେବକ ପଣରେ ରଖ ହେ ଠାକୁର
ସେବକ ପଣରେ ରଖ
ମାଗୁନାହିଁ କିଛି ଧନ ଦଉଲତ,
ମାଗୁଛି ଏତିକି ଭିଖ ।୦।

ସବୁରି ଦୁଆରେ ହାତ ପତାଇ ମୁଁ ଆସିଛି ନିରାଶେ ଫେରି
ସେମିତି ଖାଉନ୍ଦ ହୋଇଥିଲେ ସିନା ଦେଇଥାନ୍ତ ନଉକରୀ
ପତିତ କାରଣ ନାମ ତୁମ ସିନା, ଜଗତେ ରହିଛି ଟେକ ।୧।

ଯେ କାମ କହିବି, ସେ କାମ କରିବି, ନ ଦେବି କଥା ଏଡାଇ
ଯେ ଯାହା କହିବେ ତାହା ମୁଁ ସହିବି ମନରେ ରୋଷନ ବହି
ତୁମରି ଦୁଆରେ ପଡିଥିବି ରହି ଏ ଜୀବନ ଥିବା ଯାକ ।୨।

ଗଜ ମୂରୁଖ ମୁଁ କିଛି ଜାଣି ନାହିଁ ଜ୍ଞାନ ଭକତି ମୋ ନାହିଁ
ତୁମ ପ୍ରେମ ପୋଥି ଦିଅ ହେ ପଢାଇ ଭଲ ପାଇବା ଶିଖାଇ
ପାଉଣା ମୋହର ଲୋଡା ନାହିଁ କିଛି ମାଗୁଛି ଖାଲି ଏତିକି ।୩।

ଜୀବନର ଏତେ କାଳ ମୋ ବିତିଲା ବେଠି ଖଟି ସଂସାରରେ
ବାକିଅଛି ଯେତେ ଦିନ ହେ ମଣିମା ଲାଗୁ ତା ତୁମ ସେବାରେ
ଜୀବ ଯିବା ବେଳେ ଅଳି ମୋର ନାଥ! ତୁମ କରୁଣା କଟାକ୍ଷ ।୪।

## ମୋତେ ସେବକ ସାଜ ଦିଅ ଠାକୁର

ମୋତେ ସେବକ ସାଜ ଦିଅ ଠାକୁର ! ।୦।

ସେବାରେ ତୁମ ଲାଗୁ ଏ ମନ
ତୁମରି ପାଇଁ ଏଇ ଜୀବନ
ସେବା କରି ବିତିଯାଉ ଜୀବନ ମୋର
ସେବା ବିନେ ଏ ଜୀବନ ଅସାର ।୧।

ସଂଘକୁ ମଣିବି ସ୍ୱରୂପ ତୁମ
ମାନି ଚଳିବାକୁ କରିବି ପଣ
ସେବା କରିବାକୁ ଦିଅ ହେ ବଳ
ସେବକ ଭାବନା ରହୁ ମୋ ଚିର
ଶରଣ ଦେବ ପ୍ରାଣ ଠାକୁର
କରିବ ପାର ଭବ-ସାଗର
ନାମ ରଟୁଥିବି ନିଶି ବାସର ।୨।

ମଳୟ ବିନା କି ଆସେ ଫଗୁଣ
ନ ବାଜିଲେ କାନେ କୋଇଲି ସ୍ୱନ
ତୁମ ବିନା କିଛି ଭଲ ଲାଗେନା
ତୁମେ ଅଛ ବୋଲି ମୁଁ ଅଛି ସିନା
ଯାଉଛି ଭୁଲି ସ୍ୱରୂପ ମୋର
କଟାଇ ଦିଅ ମାୟା ପଟଳ
ରଖ କରି ମୋତେ ଦାସ ତୁମର ।୩।

## (ମୋର) ଆଉ କାମନା ନାହିଁ ମା !

(ମୋର) ଆଉ କାମନା ନାହିଁ ମା ! ଆନ ଧନେ !
(ତୁମକୁ) ମୁଦିଲେ ନୟନ ଯେହ୍ନେ ଦେଖେ ହୃଦ ପଦ୍ମାସନେ ।୦।

ହୃଦୟ ତବ ମୁରତି ଦେଖେ ଯେହ୍ନେ ନିଶି ଦିନ
ରହୁ ମୋ ନୟନ ଲାଖି ତବ ପଦ ନଖ କୋଣ
ତୁମକୁ ଦେଖିଣ ତାରା ହୁଏ ଯେହ୍ନେ ଦିଶହରା
ଝରୁ ପ୍ରେମ ଅଶ୍ରୁଧାରା ମୋ (ବେନି) ନୟନେ ।୧।

କି ଛାର ମଣି କାଞ୍ଚନ ତା ପାଶେ ତୁଚ୍ଛ ନଗଣ୍ୟ
ସେ ପଦ ପରଶମଣି ଜାଗେ ଯେବେ ହୃଦ କୋଣ
ଧନ ଆଶା ଯାଏ ଯାର ପରଶନେ ।୨।

ଅନିତ୍ୟ ଧନ ସମ୍ପଦେ କି ଫଳ ଅଛି ଜନନୀ
ଯଦି ହୋଇ ନ ପାରିଲି ତବ ପଦ-ଧନେ ଧନୀ
ତେବେ ଆଉ କିବା ଫଳ ସେ ଧନ କରି ସମ୍ବଳ
ଯେ ଧନ ଭୁଲାଏ ତବ ପଦ ଧ୍ୟାନେ ।୩।

## ମୋର ବୋଲି ଯା'ରେ ଆଦର କରିବି

ମୋର ବୋଲି ଯା'ରେ ଆଦର କରିବି
ସେ ଜଣକ ଏକା ତୁମେ
ଦିନ ରାତି ଯେଉଁ ଗୀତ ମୁଁ ଗାଇବି
ସୁର ତାର ଏକା ତୁମେ ।୦।

ମନ ଦେଉଳେ ଯା ମୂରତି ଥାପିବି
ସେ ଜଣକ ଏକା ତୁମେ
ସଞ୍ଜ ସକାଳେ ଯା ଆରତି କରିବି
ସେ ଜଣକ ଏକା ତୁମେ ।୧।

ଦୁଃଖ ମୋର ଯାର କାନେ ଶୁଣାଉବି
ସେ ଜଣକ ଏକା ତୁମେ
ଶରଣ ଯାହାର ମାଗିବି ଜୀବନେ
ସେ ଜଣକ ଏକା ତୁମେ ।୨।

ସବୁରି ଭିତରେ ଦେଖିବି ଯାହାକୁ
ସେ ଜଣକ ଏକା ତୁମେ
ହସିବି ରସିବି ତୋଷିବି ଯାହାକୁ
ସେ ଜଣକ ଏକା ତୁମେ ।୩।

## ମୋର ବୋଲି ମୋତେ କହିବାକୁ ସତେ

ମୋର ବୋଲି ମୋତେ କହିବାକୁ ସତେ
କିଏ ଅଛି ଏ ସଂସାରେ ?
କାତ ଧରି ଆଉ ଖରସୁଆ ନଈ
କିଏ ସେ ନେବ ସେପାରେ ।୦।

ଯେବେ ମୁଁ ତୁମକୁ ଅନ୍ତରରେ ପାଏ
ଅମା ଅନ୍ଧକାର ଆଲୋକିତ ହୁଏ
ପଲକ ମାତରେ ଦୁଃଖ ଶୋକ ତାପ
ମନରୁ ମୋର ପାସୋରେ ।୧।

କଣ୍ଠ ଭରି ତୁମ ନାମ ଗାଉଥିବି
ଗୁରୁଦାସ ପଣେ କାଳ ବିତାଇବି
ମନର ମୋହର କାମନା ବାସନା
ଆଉ ଜଣାଇବି କା'ରେ ? ।୨।

ତୁମ ବିନେ ମୋର କେହି ନାହିଁ ନାହିଁ
ପଡୁଛି ତୁମରି ପାଦତଳେ ଶୋଇ
ମାରିଲେ ମାରିବ ତାରିଲେ ତାରିବ
ମିନତି ଘେନ ମୋ ବାରେ ।୩।

## ମୋର ମଥା ନତ କରି

(ମୋର) ମଥା ନତ କରି ଦିଅ ହେ ତୁମରି
ଶ୍ରୀଚରଣ ଧୂଳି ତଳେ
ସବୁ ଅଭିମାନ ଅହଂକାର ମୋର
ଭସାଅ ନୟନ ଜଳେ ।୦।

ନିଜେ କରି ନିଜ ଗଉରବ ଗାନ
ନିଜକୁ ମୁଁ ଖାଲି କରେ ଅପମାନ
ନିଜ ଚଉପାଶେ ଘେରି ଘେରି ମୁଁ ଯେ
ଘୂରି ମରେ ପଳେ ପଳେ ।୧।

ତୁମ କର୍ମ ଛଳେ ମୋହରି ପ୍ରଚାର
ନ କରିବି ଯେହ୍ନେ, ଦିଅ ସେ ବିଚାର
ତୁମ ଇଚ୍ଛା ପୂର୍ଣ୍ଣ କର ଏ ଜୀବନେ
ନାହିଁ ଆନ ଆଶା ତିଳେ ।୨।

ମାଗେ ମୁଁ ତୁମରି ଚରଣେ ଶାନ୍ତି
ପରାଣେ ତୁମର ପରମ କାନ୍ତି
ସକଳ କାଳିମା ହରି ନେଇ ରାଜ
ହୃଦୟ-କମଳ-ଦଳେ ।୩।

## (ମୋର) ସକଳ ବନ୍ଧନ ତୁଟାଇ ଦିଅ

(ମୋର) ସକଳ ବନ୍ଧନ ତୁଟାଇ ଦିଅ, ପ୍ରଭୁ !
(ଖାଲି) ତୁମର ବନ୍ଧନ ରହୁ
ସବୁ ସାଜ ମୋର ଖୋଲି ନିଅ, ଖାଲି
(ତୁମ) ସେବକ ସାଜଟି ଥାଉ ।୦।

ସଞ୍ଜ ସକାଳେ ତୁମ ପଦତଳେ ଶିର ମୋର ଲୋଟୁଥାଉ
ତୁମରି ଅମୀୟ ଭାରତୀ ମୋ କାନେ ଅହରହ ବାଜୁଥାଉ ।୧।

ତୁମରି କରମ ସାଧି ସାଧି ମୋର ସାରା ଦିନ ବିତିଯାଉ
ଶୟନେ ସ୍ୱପନେ ତୁମରି ମୂରତି ଚିତ୍ତ ମୋର ଚେତୁଥାଉ ।୨।

ତୁମରି ସନ୍ତାନ-ମେଳରେ ଏ ଦୀନ (ସଦା) ତୁମ ଗୁଣ ଗାଉଥାଉ
ଆଉ କିଛି, ପ୍ରଭୁ ! ଚାହେଁ ନା ଜୀବନେ
(ଏକା) ତୁମ ପଦେ ଧ୍ୟାନ ରହୁ ।୩।

## ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ

ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ !
ଦୂର ନ କର ହେ ତୁମରି ପାଦ ତଳରୁ ।୦।

ଆସିବ ଯେ', ଦିନେ ଯିବ ସେ ମୁକର
ଅଢେଇ ଦିନର ସବୁ ଖେଳ ଘର
ସତ୍ୟ ନିରାଟ ମର ଦୁନିଆଁରେ
ନାହିଁ କିଛି ମରଣରୁ,
ମୁକୁଳି ଯାଏ ମୁଁ ତବ ପଦେ ନମି
ଏଇ ଭବ-ବନ୍ଧନରୁ ।୧।

ମୁଖ ନୁହେଁ, ମନ ରଟୁ ତବ ନାମ
କଳପନା ଦେଖୁ ଛବି ଅବିରାମ
ମୁଦିଲେ ନୟନ ପଲକ ଉହାଡେ
ସେ ମୂରତି ରୂପ ଧରୁ,
ଘେନ ବନ୍ଦନ ଜଗତଗୁରୁ ହେ !
ତୁମେ ତ କଳପତରୁ ।୨।

## ଯହିଁକି ଯା ସାଜେ ଭଲ

ଯହିଁକି ଯା ସାଜେ ଭଲ ସବୁ ତୁମେ ସଜାଡିଛ
ଦୁନିଆଁରେ ସବୁଥିରେ ତୁମ ନାମଟି ଛାପିଛ ।୦।

ମେଘର ଚାନ୍ଦୁଆ ଟଣା ଏହି ପୃଥିବୀ ଉପରେ
ତୁମର ସଜଡା କୋଟି ତାରା ଝିଲିମିଲି କରେ
ମଝିରେ ବସାଇ ଚାନ୍ଦ ହସ ତା ମୁଖେ ଭରିଛ ।୧।

ସଜାଡି ଖଞ୍ଜିଛ ଲତା ତରୁରେ ଫୁଲ ଫୁଟାଇ
ପାଖୁଡାରେ ପାଖୁଡାରେ ତୁମରି ହସ ଫୁଟାଇ
ସୁବାସେ ଆନନ୍ଦମୟ ନାମ ତୁମେ ବୋଲାଉଛ ।୨।

ଜଗତ ଜୀବନ ତୁମେ ଜଳେ ତୁମ ନାମ ଲେଖା
କମଳ ଆନନେ ସାଜେ ତୁମରି ଚରଣ ରେଖା
ଲେଖା ରେଖା ଭଳି ଦେଖା କାହିଁ ପାଇଁ ନ ଦେଉଛ ।୩।

ସବୁରି ଭିତରେ ତୁମେ ରହିଛ ଅଦେଖା ହୋଇ
ଯେତେ ମୁଁ ଡାକିଲେ ଦୂରେ ଦୂରେ ଯାଉଛ ପଳାଇ
ଜୀବନ ମଝିରେ ଛପି ପ୍ରାଣ ବନ୍ଧୁ ବୋଲାଉଛ ।୪।

## ଯାହା କର ହେ ଜଗତ ସାଇଁ

ଯାହା କର ହେ ଜଗତ ସାଇଁ
ସବୁ ମୋହରି ମଙ୍ଗଳ ପାଇଁ
ଅବୁଝା ଏ ମନ ଭରେ ଅଭିମାନ
ଖାଲି ମାୟାରେ ହୋଇଣ ବାଇ ।୦।

ଭୋଗୁଛି ମୁଁ ଯେତେ ଦୁଃଖ କଷଣ
ସେ ସବୁ ତ ତୁମ କରୁଣା ଦାନ
ଧୋଇଦେବା ପାଇଁ କଳଙ୍କ କାଳିମା
କନ୍ଦାଉଛ ଦୁଃଖ ଦେଇ ।୧।

ଯେ ଦିନ ତୁମକୁ କଲି ନିଜର
ଭାଇ ବନ୍ଧୁ ସବୁ ହୋଇଲେ ପର
ସକଳ ମୁରୁଛି ତୁମକୁ ଚାହୁଁଛି
ଉଦ୍ଧାର ହେ କୃପାବହି ।୨।

ଏତେ ଦରଦିଆ ଠାକୁର ତୁମେ
ବିଶ୍ୱ-ବ୍ରହ୍ମାଣ୍ଡରେ ନ ଥିବ ଜଣେ
କରୁଛି ମିନତୀ ପଦ ତଳେ ନିତି
ଜୀବ ଯାଉ ନାମ ଗାଇ ।୩।

## ଯାହାଦେବ ଗୁରୁଦେବ ସେ ମୋ କୋଟି ବଇଭବ

ଯାହାଦେବ ଗୁରୁଦେବ ସେ ମୋ କୋଟି ବଇଭବ
ମଥା ପାତି ନେବି ହସି ବିଚାରି କରୁଣା ତବ ।୦।

ଜାଗରେ ଅବା ସ୍ୱପନେ ରଖିଥିବି ସଦା ମନେ
ମଙ୍ଗଳମୟ ସ୍ମରଣେ ଅମଙ୍ଗଳ କାହୁଁ ହେବ ।୧।

ନୟନେ ନୟନେ ମୋର ନାଚୁ ସେ ରୂପ ସୁନ୍ଦର
ଯେଣିକି ଚାହିଁଲେ ତେଣେ ହସମୁଖ ଦିଶୁଥିବ ।୨।

ତବ ପ୍ରେମ ଜଳେ ଭାସି ସନ୍ତରିବି ଦିବାନିଶି
ଗାଉ ଗାଉ ତବ ନାମ ଅଧମ ଜୀବନ ଯିବ ।୩।

## ଯେଉଁ ବଇଁଶୀର ସୁରେ ରାଧାକୁ ମୋହିଲ

ଯେଉଁ ବଇଁଶୀର ସୁରେ ରାଧାକୁ ମୋହିଲ
ସେହି ବଂଶୀ ସୁରେ ମୋତେ କରିଦିଅ ବଶ ।୦।

ମୋହ ନିଦ୍ରା ଯାଉ ଭାଜି ତୁମ ନାମ ଭଜି ଭଜି
ସକଳ କଳ୍ମଷ ମୋର କରିଦିଅ ନାଶ ।୧।

ସେ ବଇଁଶୀ ସୁରେ ସୁରେ ମନ ହୁଏ ଝୁରି
ଯେପରି ଭାବରେ ଗୋପୀ ମନ କଲ ଚୋରି
ସେହିପରି ଶିରେ ମୋର କରୁଣା ବରଷ ।୨।

ଅଭୟ ଶ୍ରୀପାଦପଦ୍ମେ ଏତିକି ଗୁହାରି
ଶ୍ରୀଚରଣେ ଠାବ ଦେବ ହେ ବିଶ୍ବବିହାରୀ
ପ୍ରଣିପାତ ଘେନା କର ନ କର ନିରାଶ ।୩।

## ରତନ ଆସନେ ବସେ ଗୌରୀ ଶଙ୍କର

ରତନ-ଆସନେ ବସେ ଗୌରୀ ଶଙ୍କର
ହେର ସହସ୍ରାରେ ରଜତ-ଭୂଧରେ ଯେନ ଉଦିତ ଶଶଧର ।୦।

କିବା ଶୋଭା ଏକ ଭାଲେ ଧ୍ୱକ-ଧ୍ୱକ ବହ୍ନି ଜ୍ୱଲେ
ଆର୍ ଭାଲେ ଶୋଭେ ଅର୍ଦ୍ଧ-ସୁଧାଂଶୁ ସୁନ୍ଦର ।୧।

ଶିବେର ଶିରୋପରେ କରେ ଗଙ୍ଗା କଲ-କଲ
ବାସନ୍ତୀ ବସେଛେ ବାମେ ଏଲାୟେ କୁନ୍ତଳ
ଏକେର କର୍ଣ୍ଣେତେ ଦୋଲେ କୃଷ୍ଣ-ଧୁତୁରାର ଦଳ
ଅପରେର କର୍ଣ୍ଣଶୋଭା କନକ-କୁଣ୍ଡଳ

ଈଶାନ ବିଷାଣ କରେ ପଲକେ ପ୍ରଳୟ କରେ
ଜୀବେ ଅନ୍ନଦାନ କରେ ଅଭୟାର୍ ଉଭୟ କର ।୨।

କଞ୍ଚୁଳି ପରେଛେ ଉମା ଜ୍ୱଳିଛେ ମଣି-ମାଣିକ୍ୟ
ବାଘାମ୍ବରେର୍ ବାଘଛାଲ କଟି-ସନେ ନାଁଇ ଐକ୍ୟ
ଦୀନ ନଳିନୀ କୟ ପଦଶୋଭା ଭିନ୍ନ ନୟ
ଯେ ପଦ ଭାବନା କେନ ଛୋବେ ନା ଯମ-କିଙ୍କର ।୩।

## ରଙ୍ଗପୟର ହେ ରଙ୍ଗପୟର

ରଙ୍ଗପୟର ହେ ରଙ୍ଗପୟର
ରହୁ ତବ ପଦେ ମନ ଆମର |୦|

କାମକୁ କରି ଦମନ
ପ୍ରେମରେ କର ମଗନ
କାମନା ବାସନା ହୋଇବ ଦୂର |୧|

କ୍ରୋଧ ତ ବଡ ଭଗାରି
ବାନ୍ଧ ହେ ନ୍ୟାୟର ଡୋରି
ଅନ୍ୟାୟ ବିରୁଦ୍ଧ ହେଉ ସତ୍ୱର |୨|

ଲୋଭଟି ବଡ ବଇରୀ
ଶକତି ପାଉ ତୁମରି
ଜ୍ଞାନ ଲାଭେ ଲୋଭ ହେଉ ହେ ସାର |୩|

ସଂସାର ମୋହରେ ପଡି
ଯାଉଅଛୁ ଭବେ ବୁଡି
ତୁମଲାଗି ମୋହ ଦିଅ ହେ ଠାକୁର |୪|

କାଟିଣ ସବୁ ବିକାର
ଦିଅ ସେବା ଅଧିକାର
ସରବେ ରହିବୁ ନିତ୍ୟଧାମର |୫|

## ରତ୍ନ ସିଂହାସନେ ଉଭା ଲାବଣ୍ୟ ଠାଣିରେ

ରତ୍ନ ସିଂହାସନେ ଉଭା ଲାବଣ୍ୟ ଠାଣିରେ
କୋଟି ସୂର୍ଯ୍ୟ ଜିଣି ପ୍ରଭା ଦିବ୍ୟ ମୂରତିରେ
ବାଞ୍ଛା-କଳ୍ପତରୁ ସାଜି ବସିଛ ଠାକୁରେ
ଭକତଙ୍କ ଦୁଃଖ ହରି ନେବ ଅବହେଳେ ।୧।

ମୁଁ ଦୀନ ଭକତ ଜଣେ ତୁମରି ଦୁଆରେ
ହାତ ପାତିଅଛି ମୋର ଡାକ ଶୁଣ ଥରେ
କରୁଣା କଣାଏ ଦେବ ବରଷି ମୋ ଶିରେ ।୨।

କେତେ କେତେ ଭକତଙ୍କ ଡାକ ଶୁଣିଅଛ
ଅଭୟ ଆଶିଷ ଦାନେ ପରାଣ ମୋହିଛ
ଅପାର ତୁମର ଲୀଳା କିଏ କଳି ପାରେ ? ।୩।

ତୁମ ପରି ଏ ସଂସାରେ କେହି ନାହିଁ ମୋର
କିଏ ବା ଶମିବ ମୋର ବେଦନାର ଭାର
ଏ ଜୀବନ ସଂପିଦେଲି ତୁମ ଶ୍ରୀପୟରେ ।୪।

## ରସନା, ଗୁରୁ ବିନେ ଆନେ ରସନା

ରସନା, ଗୁରୁ ବିନେ ଆନେ ରସନା
ଗୁରୁ ନାମରସ ପାନେ ବଳାଅ ବାସନା ରେ ।୦।

କଣ୍ଠ ତଟେ ତୋର ଗୁରୁନାମ କର ହାର
ଗୁରୁ ହରି, ଗୁରୁ ପ୍ରାଣ-ଆରାମ ତୋହର
ସେପଦ ଶରଣ ଭବଭୟ କରେ ଚୁନା ରେ ।୧।

ପାନ କର ସଦା ଗୁରୁନାମାମୃତ ଧାର
ଗୁରୁ ନାମ ସାର, ଆନ ସକଳ ଅସାର
ଭବଜଳଧିର ଛଳ ନାବରେ ଭାସନା ରେ ।୨।

ଆଖିରେ ଆଖିରେ ଗୁରୁ ମୂରତି ଟି ଦେଖ
ଅଲିଭା ଗାରରେ ଗୁରୁ ଛବି ଲେଖି ରଖ
ଗତି ମୁକତି ମନ୍ତର ଗୁରୁ ନାମ ସିନା ରେ ।୩।

## ରାହା ଦେଖାଅ ମୋତେ ଦୟାସାଗର

ରାହା ଦେଖାଅ ମୋତେ ଦୟାସାଗର
ପାସୋରି ରହିଥିଲି ଠାକୁର ।୦।
ପିତା ଅବା ମାତା, ଭାଇ, ବନ୍ଧୁ, ସୋଦର
ବତାଇ ଦିଅ ଠାକୁର ! କିଏ ବା ମୋର
ତୁମ ରୂପ ନ ଦେଖି କେସନେ ରହିବି କି
ତୁମ ବିନୁ କେ ସାହା- ନାହିଁ, କରିବ ଆହା
ଭରିଛି ଚଉଦିଗେ ଅନ୍ଧାର ।୧।

ଅନିତ୍ୟ ଏଇ ସଂସାରେ ତୁମକୁ ଭୁଲି
ମୋହ ପାରାବାରେ ମୁହିଁ ବୁଡି ତ ଥିଲି
ଏବେ ବାରୁଛି ମୁହିଁ ମୋର ତ କେହି ନାହିଁ
କିଏ ବୋଲିବ ମୋର ସଭିଏଁ ସାତପର
ପାରିକର ଏ ଭବ ସାଗର ।୨।

ତୁମ ସରି ପ୍ରାଣବନ୍ଧୁ ନାହାନ୍ତି ଆଉ ?
ଇହ ଅବା ପରକାଳେ ପାଇବି କାହୁଁ ?
ମାଗେ ଅଧମ ଦାସ ଚରଣ ତଳେ ବାସ
ନ କର ହେ ନିରାଶ ପୂରାଅ ମନ-ଆଶ
ଜଣା କରୁଛି ଧରି ପୟର ।୩।

କରୁଣାସାଗର ବୋଲି ଉଡେ ପତାକା
ନିଠୁର ହେଲ କି ମୋହ ବେଳକୁ ଏକା ?
ଜଗତେ ପାପୀଜନ ଲଭି ତୁମ ଶରଣ
ଗାଇ ତୁମର ନାମ ହେଲେ ସରବେ ଧନ୍ୟ
ମୁଁ ହେଲି ଭଗାରି କି ତୁମର ? ।୪।

## ରୂପ ତାର କି ମନୋହର କେଡେ ରୁଚିର

ରୂପ ତାର କି ମନୋହର କେଡେ ରୁଚିର
ନାମର ନାହିଁ ତୁଳନା ମଧୁ ଠାରୁ ମଧୁର ।୦।

ଆଖି ମୁଦିଲେ ଅନ୍ତରେ ଜାଗରଣେ ଚଉଠାରେ
ଯେଣେ ଚାହିଁଲେ ଦେଖିବି କମଠାଣି ମଞ୍ଜୁଳ ।୧।

ପକ୍ଷୀର ମୃଦୁ କୂଜନେ ଭ୍ରମରର ଗୁଞ୍ଜରଣେ
ପିଣ୍ଡେ ବ୍ରହ୍ମାଣ୍ଡେ ଶୁଣିବି ତା ନାମର ଝଙ୍କାର ।୨।

ସତେ ମୋ ଆଶା ମେଣ୍ଟିବ ନାମରୂପ ସାର ହେବ
ନାମ ଗାଇ ରୂପ ଧ୍ୟାଇ ହେବି ମୁହିଁ ପାଗଳ ।୩।

## ଶରଣ ଦେବ ଠାକୁର ଚରଣ ତଳେ

ଶରଣ ଦେବ ଠାକୁର ଚରଣ ତଳେ
(ମୋର) ମରଣ କାଳେ
ଚରଣ ଆଶ୍ରିତ ଜନ ଡାକେ ଆକୁଳେ ।୦।

ପରବଳ ରିପୁଦଳ କବଳେ ପଡି
କଳୁଷ ପଙ୍କରେ ପ୍ରଭୁ ଗଲି ମୁଁ ବୁଡି
(ଏବେ) ଅନୁତାପ ଅନଳରେ ପରାଣ ଜଳେ ।୧।

ବେଳୁ ବେଳ ସରି ସରି ଆସେ ଆୟୁଷ
କାଳ ଆସି କେତେବେଳେ ଟାଣିବ କେଶ
ନିଶ୍ୱାସକୁ ବିଶ୍ୱାସ ମୋ ନାହିଁଟି ତିଳେ ।୨।

ଭାଇବନ୍ଧୁ ଦାରାସୁତ ମାୟା ମୂରତୀ
ମୋର କାୟା ସଙ୍ଗେ ଅଟେ ତାଙ୍କ ପିରତି
ଜୀବ ଗଲେ ଜାଳିଦେବେ ମଶାଣି ତଳେ ।୩।

ଜୀବନେ ଯେପରି ସାହା ଅଛ ଠାକୁର
ମରଣ ଦୁଆରେ ମୋର ଧରିବ କର
ପିତା ଧରିଥିଲେ ପୁତ୍ର ନିର୍ଭୟେ ଚଳେ ।୪।

ଆସିଥିଲି ଏକା ଏବେ ଯିବି ମୁଁ ଏକା
'ଜୟଗୁରୁ' ନାମ ହେଉ ମୋ ପଥେ ସଖା
ଶମନ ଧକ୍‌କାକୁ ଦକା ନାହିଁ ମୋ ତିଳେ ।୫।

## ଶୁଣ ମୋର ମନ ଗୁହାରି

ଶୁଣ ମୋର ମନ ଗୁହାରି
ଜଣାଏ ଚରଣେ ଜୁହାରି ।୦।

ତରଙ୍ଗ ସମାନ ରିପୁଗଣ ଆସି
ଘେରି ଚଉକତି ମିଶନ୍ତି ଗରାସି
ନ ପାରଇ ମୁହିଁ ନିବାରି
ବିଷୟ ଚଞ୍ଚଳ ମନ ଦୁରୁବଳ
ମୁକତି ପାଇଁକି ଶକତି ମାଗୁଛି
ଭକତି ଦୁଆରେ ଉଭାରି ।୧।

ଆସୁ ଝଡ, ଆସୁ ଝଞ୍ଜା ଏ ଜୀବନେ
ତିଳେକ ପସରା ନଥାଉ ଏ ମନେ ସବୁ ପ୍ରତିକୂଳ ହେଉ ଅନୁକୂଳ
ଆଶିଷ ବଳରେ ତୁମରି ଦୁସ୍ତର ସାଗରୁ ନିସ୍ତାରିବା ପାଇଁ
ସାହା ହୁଅ ତୁମେ ନାଉରୀ ।୨।

## ଶ୍ରୀ ଗୁରୁଦେବ ତୁମକୁ ମୁଁ ପ୍ରଣାମ କରେ

ଶ୍ରୀ ଗୁରୁଦେବ ତୁମକୁ ମୁଁ ପ୍ରଣାମ କରେ
ତୁମ ବିନା କିଏ ଅଛି ମୋର ସଂସାରେ ।୦।

ତୁମେ ମୋର ଭଗବାନ ତୁମେ ମୋ ପ୍ରାଣ
ମୋ ଜୀବନେ ଯାହା କିଛି ତୁମରି ଦାନ
ତୁମେ ପରିବ୍ୟାପ୍ତ ମୋର ସର୍ବ ଶରୀରେ ।୧।

ତୁମେ ମୋର ଭାଗବତ ତୁମେ ମୋ ଗୀତା
ତୁମେ ମୋର ଧର୍ମଶାସ୍ତ୍ର ବ୍ରହ୍ମ ସଂହିତା
ତୁମ ବାଣୀ ଅନ୍ତରରେ ଆନନ୍ଦ ଭରେ ।୨।

ତୁମେ ମୋର ପିତା ମାତା ତୁମେ ମୋ ବନ୍ଧୁ
ତୁମେ ମୋ ପଥର ସାଥୀ କରୁଣା ସିନ୍ଧୁ
ତୁମକୁ ମୁଁ ଅନୁଭବେ ପ୍ରତି ଶ୍ୱାସରେ।୩।

ଦିଅ ମୋର ହୃଦୟରେ ଅସୀମ ଶକ୍ତି
ଦିଅ ମୋର ମନ ପ୍ରାଣେ ତୁମରି ଭକ୍ତି
ତୁମକୁ ପାଇ ମୁଁ ଧନ୍ୟ ଏ ଜୀବନରେ ।୪।

## ଶ୍ରୀଗୁରୁ ନାମ ତୁ ସୁମରଣ କର

ଶ୍ରୀଗୁରୁ ନାମ ତୁ ସୁମରଣ କର, କର ଭୁଲା ମନ
ପାପ ନାଶନ ସେ, ହେବ ରେ ସଫଳ ଏ ଜୀବନ ।୦।

ପରକାଶ ହେଲେ ସେ ରବି ଛବିଟି
ମୋହ ଅନ୍ଧକାର ଦୂରେ ଯିବ ହଟି
ହୃଦୟ ସରସୀ-ପ୍ରେମେ ନୀରେ ତୋର
କମଳ ଫୁଟିବ ଅନୁଦିନ ।୧।

ସଞ୍ଚରିବ ମନ୍ଦ ମଳୟ ନିରତ
ସଉରଭେ ତୋର ପୁଲକିବ ଚିତ୍ତ
କାମନା, ବାସନା ସହବାସେ ତା'ର
ପୂରିବ, ଘୁଞ୍ଚିବ ଦୁରୁଦିନ ।୨।

ଭେଟି ଭକତରି ସୁମନ-ଅଞ୍ଜଳି
ଚରଣରେ ତାର ହୁଅ ନିଉଛାଳି
ଦୁଃଖ, ଶୋକ, ତାପ ଲେଶ ନ ରହିବ,
କର ମନ ! ଜୟଗୁରୁ ଗାନ ।୩।

## ଶ୍ରୀଛାମୁରେ ଆଜି ଅଞ୍ଜଳି ପାତିଛି

ଶ୍ରୀଛାମୁରେ ଆଜି ଅଞ୍ଜଳି ପାତିଛି
କରୁଣା କଣାଏ ପାଇଁ
ଭକତି ସୂତାରେ ଗୁନ୍ଥା ମନଫୁଲ
ଚରଣେ ଭେଟୁଛି ସାଇଁ ।୦।

ତୁମେ ତ ଠାକୁର ପତିତପାବନ
ମୁଁ ପତିତ ଜନ ମାଗୁଛି ଶରଣ
କଟାକ୍ଷରେ ଥରେ ଚାହିଁ ଦିଅ ବାରେ
ସବୁ ପାପ ଯିବ ଧୋଇ ।୧।

ନିଃସହାୟ ହୋଇ ଘୁରି ବୁଲୁଥିଲି
କେଉଁ ଭାଗ୍ୟବଳେ ତୁମକୁ ଭେଟିଲି
ମଥାରେ ମୋହର ଥିଲେ ତୁମ କର
ଯିବି ମୁହିଁ ଧନ୍ୟ ହୋଇ ।୨।

ଏ ସାରା ସଂସାର ମିଛ ମରୀଚିକା
ତୁମେ ଏକା ସତ ପିତାମାତା ସଖା
ଅଭୟ ଦିଅ ହେ କରୁଣା ସାଗର
ଶ୍ରୀଚରଣେ ଠାବ ଦେଇ ।୩।

## ଶ୍ୟାମା ଚରଣ ତଳେ ଶରଣ ଦେ ମା

ଶ୍ୟାମା ଚରଣ ତଳେ ଶରଣ ଦେ ମା
ଶିବେ ସର୍ବାର୍ଥ ସାଧିକେ ସକଳ ମଙ୍ଗଳମୟୀ
କରୁଣାକର ଜନନୀ ତ୍ରୀଜଗତ ଶକ୍ତିମୟୀ
ମିନତୀ ଶୁଣ ଗୋ ହରବାମା ।୧।

ନ ଜାଣେ ଭକତି ମାଗୋ ନ ଜାଣେ ପୂଜନ ରୀତି
ନିଶିଦିନ ଆଚରିଛି ଜୀବନେ ଯେତେ ଅନୀତି
ଜନନୀ ଗୋ ନ ଦେବୁ କି କ୍ଷମା ।୨।

କୁସନ୍ତାନ ଭରା ଭବ କୁମାତା ଯେ ଅସମ୍ଭବ
ଜନନୀ ଅଙ୍କରେ କିଗୋ କୁପୁତ୍ର ନାହିଁ ଠାବ
ଗୁରୁଦାସ ମା ହରା କି ମା ।୩।

## ସକଳ ବନ୍ଧନ ତୁଟାଇ ଦେଇଛ

ସକଳ ବନ୍ଧନ ତୁଟାଇ ଦେଇଛ ଫିଟାଇ ଦେଇଛ ନୟନ
କେମିତି କହିବି ଦେଇନାହଁ କିଛି ପାଇନାହିଁ ବୋଲି ଶରଣ ।୦।

ବୁଝି ନ ଥିଲି ଯା ଦେଇଛ ବୁଝାଇ
ପରମ ପ୍ରେମରେ ମରମ ଭିଜାଇ
ଶିଖାଇ ଦେଇଛ ଭଜିବାକୁ ନାମ ଖୋଜିବାକୁ ନୂଆ ଜୀବନ ।୧।

ମର ହୃଦୟରେ ଅମର ଚେତନା
ଏଇ ପରା ପ୍ରଭୁ ତୁମରି ରଚନା
ମଳିନ ମନକୁ ବତାଇ ଦେଇଛ ଅମୃତ ଦେଶର ସନ୍ଧାନ ।୨।

ଅନ୍ଧ ଜୀବନର ବନ୍ଧୁର ପଥରେ
ସାଥୀ ତୁମେ ମୋର ଅନ୍ଧାର ରାତିରେ
ଏ ସାରା ଜଗତେ କିଏ ହେବ ସତେ ବନ୍ଧୁ ପଣେ ତୁମ ସମାନ ।୩।

କ୍ଷୁଦ୍ର ଫୁଲଟିଏ ସେଦିନ ସକାଳେ
ଫୁଟିଥିଲି କେଉଁ ବନ ବୀଥିତଳେ
ଖୋଜିଆଣି ସ୍ଥାନ ଦେଇଛ ଚରଣେ କରିଛ ପରାଣ ନନ୍ଦନ ।୪।

## ସଖି ସାର ହେଲା ନୀର ଧାର ଗୋ

ସଖି, ସାର ହେଲା ନୀର ଧାର ଗୋ
ମୋତେ କାହ୍ନୁ କଲେ ସାତପର ଗୋ |୦|

ତା ପୀରତି-ପଥ ଖସଡା ବୋଲି ମୁଁ
ଅନୁମାନେ ବାରିଥିଲି
ଘର ଅଗଣାରେ ଜଳ ଢାଳି ସଖି ,
ନିତି ମୁଁ କେତେ ଶିଖିଲି ଗୋ
ବେନି ପାଦ ମୋର ଚାଲିବାର |୧|

ମିଳନ ପଥରେ କଣ୍ଟା ଥାଏ ଶୁଣି
ସହିଯିବ ପାଦ ବୋଲି
ଉପବନ ବାଟେ ପୋତି ଦେଇ କଣ୍ଟା
ଯାଏଁ ନିତି ଫୁଲ ତୋଳି ଗୋ
ମୋର ଛାତିକି କରି ପଥର |୨|

ମୁରଲୀ ଶୁଣି ମୁଁ ବନପଥେ ଗଲେ
ଅହି ଦଂଶନକୁ ଡରି
ଗାରଡି ମନ୍ତର ଶିଖିଲି ରେ ସଖି
ଗୁଣିଆରେ ଗୁରୁ କରି ଗୋ
କାହ୍ନୁ ନ ବୁଝିଲେ ମନ ମୋର |୩|

ଆତୁରେ ଧାଉଁ ମୁଁ ବନପଥେ ଅହି
ବେଢାଇ ହେଲେ ପୟରେ
ପାଦର ନୂପୁର ମଣଇଁ ମୁଁ ସଖି
ନକରି ଶୋଚନା ଥରେ ଗୋ
ନିତି ମିଳନ ଆଶାରେ ତାର |୪|

ସବୁ ବିପରୀତ ହୋଇଲା ତ ଏବେ
ଶାମ ବିରହରେ ସହି !
ଗଳା ଫୁଲ ହାର , ପାଦର ନୂପୁର
ପାଲଟି ଗଲେଣି ଅହି ଗୋ
ମୋର ଜୀବନୁ ମରଣ ଭଲ |୫|

## ସଜଳ ନୟନେ କୁସୁମ ଅଞ୍ଜଳି ମୋର

ସଜଳ ନୟନେ କୁସୁମ ଅଞ୍ଜଳି ମୋର
ଅଜାଡି ଦେଉଛି ସେ ରଙ୍ଗ ପୟରେ
ଘେନା କର ପ୍ରିୟବର ।୦।

ସ୍ନିଗ୍ଧ ସୁନ୍ଦର ସେ ରୂପ ମଧୁର
ହେରୁଥାଉ ମନ ମୋର
ଅନ୍ତରେ ଅନ୍ତରେ ହୃଦୟ ମନ୍ଦିରେ
ନିରେଖୁ ସେ ରୂପ ଚିର
ସ୍ୱରୂପ ତୁମରି ସଦା ମୁଁ ସୁମରି
ପୁଲକି ଉଠୁ ଅନ୍ତର ।୧।

ରହିଛି ଲୁହ ମୋ ଦୁଇ ଆଖି ଭରି
ଝରୁ ଥାଉ ତୁମ ପାଇଁ
ହୃଦୟ ବେଦୀ ମୁଁ ଚକ୍ଷୁ ଗଙ୍ଗା ଜଳେ
ଧୋଇ ତୁମକୁ ବସାଇ
ସେବା କରୁଥିବି ଜଗତ ବିସୋରି
ଆନନ୍ଦେ ହୋଇ ବିଭୋର ।୨।

ଅସରନ୍ତି ତୁମ ଆଶିଷ ଠାକୁର
ଦେଇଛ ଜୀବନେ ଭରି
ଲୋଡିଅଛ ଯାହା ପାରିନି ମୁଁ ଦେଇ
ଚିର ଅବହେଳା କରି
ଭରା ଅନୁରାଗେ ଢାଳୁଛି ପ୍ରଣତି
ରଙ୍ଗ ଚରଣେ ତୁମର ।୩।

## ସଜନୀ ଗୋ ! ପରାଣୁ

ସଜନୀ ଗୋ ! ପରାଣୁ ସେ ଆପଣାର
ଅସରା ଦୁଃଖର ପଶରା ଧରି ମୁଁ ପାଇଛି ସେ ଚିତ୍ତ ଚୋର ।୦।

ଝରିଅଛି କେତେ ଲୁହ ଏ ନୟନୁ
ପ୍ରିୟ ପଥ ଚାହିଁ ଚାହିଁ
ବିରହର କେତେ ଦୁଃସହ ରଜନୀ
ଜାଗରେ ଯାଇଛି ପାହି
ମଉଳି ଯାଇଛି କେତେ ଫୁଲ ଶେଯ ପୀରତିର ଉପଚାର ।୧।

କେତେ ନିନ୍ଦା କେତେ ଅପବାଦ ଦୁଆ
ଉଠିଛି ରାଇଜ ଭରି
ରକତ ମାଉଁସ ଗଢା ଏ ଦେହକୁ
ଦେଇଛି ପଥର କରି
ସେ ଭଗାରି-ହସା ହସ-ମୁଖ ହେରି, ଯାଇଛି ସବୁ ପାଶୋର ।୨।

ପରାଣ ବନ୍ଧୁଆ ପଥ ଅନୁସରି
ସହିଛି ଯେତେକ ଦୁଃଖ
ତାକୁ ଯେବେ ଦୁଃଖ କହିବି ସହି ଗୋ !
କାହାକୁ ମଣିବି ସୁଖ ?
ସକଳ ଯାତନା ଆଦରି ନେଇ ମୁଁ, କରିଛି ଗଳାର ହାର ।୩।

ସେ ପରା ମୋହର ଚିର ପ୍ରିୟତମ
ଅଭୁଲା ପରାଣ-ପତି
ସେ ପରା ମୋହର ନୟନର ତାରା
ଜନମ ଜନମ ସାଥୀ
କିପରି ବଞ୍ଚିବି କହ ପ୍ରାଣ-ମିତ ! ନୟନୁ ସେ ହେଲେ ଦୂର ।୪।

## ସତ କହ ଲୀଳାମୟ କେଉଁ ଲୀଳା କରୁଛ

ସତ କହ ଲୀଳାମୟ କେଉଁ ଲୀଳା କରୁଛ ?
ମୋ ଆଖିରେ ଲୁହ ଭରି ଆଢୁଆଳେ ହସୁଛ ।୦।

ଦୁଃଖ ପରେ ଦୁଃଖ ଦିଅ ମଥା ପାତି ସହିବି
ସକଳ ବେଦନା ମୋର ତୁମ ଆଗେ କହିବି
ପରୀକ୍ଷାରେ ହାରିଯିବି ସବୁ ତୁମେ ଜାଣିଛ ।୧।

ବୁଝି ତ ନ ପାରେ ମୋର ଏ ମୂରୁଖ ମନଟା
ବରିଛି ପୂରୁବେ ଯାହା ଭୋଗୁଅଛି ସେ ବ୍ୟଥା
ପାଶେ ଘେନିଯିବ ବୋଲି ଏତେ ବୋଝ ଦେଉଛ ।୨।

ଆସୁଅଛି ଲିଭି ଲିଭି ଜୀବନର ପ୍ରଦୀପ
ତୁଟି ନାହିଁ ଅହମିକା ଅଭିମାନ ମମତ୍ୱ
ଫୁଟି ଉଠ ମୋ ଅନ୍ତରେ ଭଲ ଯେବେ ପାଉଛ ।୩।

ପଥହରା ହେବି କାଳେ ଶଙ୍କା ଆସେ ମନରେ
ଭୁଲିଯିବ ନାହିଁ ବନ୍ଧୁ ଏ ଅଭାଗା ଜନରେ
ସଉଭାଗ୍ୟ ସିନା ମୋର, ପଦେ ଠାବ ଦେଇଛ ।୪।

## ସତ କହ, ସତ କହ ମୋତେ

ସତ କହ, ସତ କହ
ମୋତେ ପାଦ ତଳୁ ପଛେ ଠେଲି ଦିଅ ।୦।

ମାୟା-ସିନ୍ଧୁ-ଜଳେ ଯାଇ ଭାସୁଥିଲି, ସାହା ନାହିଁ
କିଏ କୂଳ ବତାଇଲ କିଏ ସେ କରୁଣାମୟ ।୧।

ଭବ-ରଙ୍ଗମଞ୍ଚ ପରେ ନାନା ଅଭିନୟ ବେଳେ
କିଏ ମୋ ମୁଖରୁ ରଙ୍ଗ ପୋଛି ମତି କଲା ଥୟ ।୨।

ତୁମେ ନା ସେ ଗୁରୁ ମୋର ଅହେତୁକ କୃପା ଯା'ର
ତୁମ ବିନେ କିଏ ଆଉ, ଶମିବ ତ୍ରିତାପ-ଭୟ ।୩।

## ସପତ ସାଗର ସରଜିଛି ଯିଏ

ସପତ ସାଗର ସରଜିଛି ଯିଏ
ଦୁଇ ଟୋପା ଲୁହେ ଭାସେ ରେ
ଜଗତ ମୁକତି ଯାହାର କରୁଣା
ବନ୍ଧା ସେ ପୀରତି ପାଶେ ରେ ।୦।

ବିଜ୍ଞ ସୁର-ନର ନ ପାଆନ୍ତି ଯା'ର
ପୂତ ପୟୋନିଧି ପାବନ ପୟର
ବିରହ ବିଧୁର ରସ ରସିକର
ହୃଦୟ-ବେଦୀରେ ବସେ ରେ ।୧।

ନ ଥାଏ ସେ ଭବ୍ୟ ମର୍ମର ମନ୍ଦିରେ
ବରିଛି ବନ୍ଧନ ଭାବ-କାରାଗାରେ
ଭକ୍ତ ନେତ୍ରନୀରେ ମେଣ୍ଟିବାକୁ ତୃଷା
ଚାହିଁ ରହିଥାଏ ଶୋଷେ ରେ ।୨।

ହୃଦୟର ଭାଷା ଶୁଣେ କାନ ଡେରି
ଆନଠି ଆଦର ନ ଥାଏ ତାହାରି
ମୂକ ହୃଦୟକୁ ବଧିର ପାଲଟି
ଦୂରେଇ ଯାଏ ସେ କୋଶେ ରେ ।୩।

ସିଏ ମୋର ବଳ ସିଏ ମୋ ସମ୍ବଳ
ମୋ ଜୀବନ ମୀନ ପାଇଁ ସିଏ ଜଳ
ସିଏ ମୋର ଛିତି ସିଏ ଜ୍ଞାନଜ୍ୟୋତି
ସିଏ ମୋର ପ୍ରୀତି ବେଶେ ରେ ।୪।

## ସବୁ ପ୍ରଭୁ ତୁମରି ଲୀଳା

ସବୁ ପ୍ରଭୁ ତୁମରି ଲୀଳା
ହସ କାନ୍ଦ ରାଗ ରୁଷା
ରଚ କେତେ ମାୟା ଖେଳା ।୦।

ସକାଳେ ଅରୁଣ ହସେ
ଫୁଟିଲା କୁସୁମ ବାସେ
ଅନ୍ଧାର ନାଶି କେ କ୍ଷଣେ
ଆଲୋକେ ଲୋଟାଏ ଧରା
ସବୁ ପ୍ରଭୁ ତୁମରି ଲୀଳା ।୧।

ପଲକେ ସୃଷ୍ଟି ବିଲୟ
ସବୁ ତୁମ ଅଭିନୟ
ଯୋଗୀ ମୁନି ବୁଦ୍ଧି ହଜେ
(ଏ ଯେ) କାହା କୁହୁକ ପସରା
ସବୁ ପ୍ରଭୁ ତୁମରି ଲୀଳା ।୨।

ସବୁ ଜାଣି ବି ଅଜାଣ
ବୁଝି ଅବୁଝା ଏ ମନ
ସବୁରି ଭିତରେ ତୁମେ
ଖେଳୁଥାଅ ନବ ପ୍ରେମେ
ଲେଖି ଦିଅ ଏ ମରମେ
ନ ଭୁଲୁ ଏ ଜୀବ ସାରା
ସବୁ ପ୍ରଭୁ ତୁମରି ଲୀଳା ।୩।

## ସହଜ ଭାବ ମୋତେ ଦିଅ ହେ ପ୍ରେମମୟ

ସହଜ ଭାବ ମୋତେ ଦିଅ ହେ ପ୍ରେମମୟ
ଜାଣ ତ ମୁଁ ଅସହାୟ ଆହେ ଦୟାମୟ ।୦।

ପରାଣୁ ପ୍ରିୟ ବୋଲି ଜଣାଏ ପଦ ଧରି
ମଙ୍ଗଳ ପଥେ ଘେନିଯାଅ ମଙ୍ଗଳମୟ ।୧।

ତୁମ ଆଶରା ପାଇ କେ ଅଛି ଶୂନ୍ୟ ହୋଇ ?
ପୂର୍ଣ୍ଣ କରିଛ ଜୀବନ ଦେଇ ବରାଭୟ ।୨।

ବାତ୍ସଲ୍ୟ ଭାବେ ବନ୍ଧା ଯେହ୍ନେ ନନ୍ଦ ଯଶୋଦା
ସେ ଭାବେ ମୋତେ ଗଢିନିଅ ରାହା ଦେଖାଅ ।୩।

ଲଭି ତୁମ ଶରଣ ଆନନ୍ଦେ ଭରା ପ୍ରାଣ
କଳନା ନାହିଁ ସୁଖ ଏତେ ଦେଇଛ ପ୍ରିୟ ।୪।

ଭବ ବନ୍ଧନ ମୋର ଖଣ୍ଡିବ ପ୍ରାଣେଶ୍ୱର
ମଣ୍ଡିବ ମୋ ହୃଦୟ ସଦା ହୋଇ ସଦୟ ।୫।

## (ସେଇ) ମାଆ ତ ଆମରି

(ସେଇ) ମାଆ ତ ଆମରି
ଯୁଗ ଅନୁସରି ଶ୍ୟାମ ଶ୍ୟାମା ରୂପ ଧରେ
ଅବୋଧ ମାନବ ବିଷୟାନ୍ଧ ଜୀବ
(ତାଙ୍କୁ) ଆନ ଆନ ମନେ କରେ ।୦।

କିଏ କହେ ସେ ଯେ ଶ୍ୟାମ ନଟବର
ଶ୍ୟାମା ବୋଲି କେ ବା ପୂଜେ ତା ପୟର
ଜ୍ଞାନୀ ଦେଖେ ସେହି ସତତ ରାଜଇ
ବ୍ରହ୍ମ ରୂପେ ଚରାଚରେ ।୧।

ଶକ୍ତି ରୂପେ ଯେହୁ ବୋଲାନ୍ତି ଶିବାନୀ
ଲକ୍ଷ୍ମୀ ରୂପେ ସେହି ସେବେ ଚିନ୍ତାମଣି
ପୁଣି ଶୁଣେ ସେହି ଥିଲେ ଗର୍ଭବାସେ
ମିଶି ଅଭେଦ ଭାବରେ ।୨।

ଆଦ୍ୟାଶକ୍ତି ଦେବ-ଦୁଃଖ ଦୂର ପାଇଁ
ଅସିପାଶାଙ୍କୁଶ ଚତୁଷ୍କରେ ନେଇ
ଦୈତ୍ୟବଳ ନାଶିବାକୁ ଲୋଳଜିହ୍ୱା
ଲମ୍ବୋଦରୀ ମୂର୍ତ୍ତି ଧରେ ।୩।

ପୁଣି ସେ ଭୂ-ଭାର ହରଣ କାରଣେ
ଅସି ତେଜି ବଂଶୀ ଧରି ବୃନ୍ଦାବନେ
ଗୋପାଳ ରୂପରେ ଗୋପାଳ ଭବନେ
(ଧେନୁ) ଚରାଇଲେ ନୀପ ମୂଳେ ।୪।

ଏ ଦିନ ନଳିନୀ କହେ ଯୋଡକରେ
ସତ୍ତ୍ୱ, ରଜ,ତମ ଅଭେଦ ବିଶ୍ୱରେ
ଭେଦାଭେଦ ଜ୍ଞାନ କରେ ଯେ ବିଶ୍ୱରେ
ଠାବ ତା'ର ନରକରେ ।୫।

ହୃଦୟରେ ମୋର ଲାଗିଅଛି କାଳୀ
ତେଣୁ ଆଦରେ ମୁଁ ସୁଖ ପାଏଁ କାଳୀ
କୁତୁହଳେ ସଦା ଭଜେ କାଳୀ କାଳୀ,
କାଳି ଦେବାକୁ କାଳ ମୁଖରେ ।୬।

## ସେଇ ମୋ ଜଣକ ତୁମେ

ସେଇ ମୋ ଜଣକ ତୁମେ
ଯା ପାଇଁ ଜନମ, ଧରମ, କରମ; ଯାଏ ଆସେ ଜନ୍ମେ ଜନ୍ମେ |୦|

ସାରା ଏ ଜୀବନ ଯା' ରୂପ ଦେଖଇ
ଯା'ର ଗୁଣ ଶୁଣି ଗୁଣ ଗାଉ ଥାଇ
ଯା' ମଧୁର ବାଣୀ ସଦା ଶୁଣି ଶୁଣି
ସପନ ଦେଖେ ନୟନେ |୧|

କୋଟି କୁସୁମର ଅଞ୍ଜଳି ଅଜାଡି
ଯା'ର ପାଦତଳେ ମଥା ଦିଏ ମାଡି
ଯା' ପାଇଁ ମନ୍ଦିରେ ଆରତି ଜାଳଇ
ବନ୍ଦନା ଗୀତିର ତାନେ |୨|

ପାଇଛି ଜୀବନେ ଯା' ପ୍ରେମ କରୁଣା
ଯା' ପ୍ରୀତି ମଧୁର ଭକତି ଭାବନା
ଯା' ଭରସା, ବଳ, ଆଶା, ଅଭିଳାଷ
ଲୋଡୁଥାଏ ମନେ ମନେ |୩|

ଯା' ଶିରୀ ପୂରିଛି ନିଖିଳ ଭୁବନେ
ଭରି ରହିଛନ୍ତି ଯେ ପ୍ରତି ଜୀବନେ
ନିଖିଳ ଜୀବନ ମହାନ୍ତ ପୁରୁଷ !
ପ୍ରୀତି ପ୍ରଣତି ଚରଣେ |୪|

## ସେ ଏକା ସାଥି ଏଇ ମର ସଂସାରେ

ସେ ଏକା ସାଥୀ ଏଇ ମର ସଂସାରେ
ତା ବିନା ଭୁଲନାରେ ରସି ଅସାରେ |୦|

କରି ସେ କରାଉ ଥାଇ ତା ବିନେ କେ ଆନ ନାହିଁ
ଅଢ଼େଇ ଦିନକୁ ଏତେ ଆଣ୍ଟ କିଆଁରେ |୧|

ପିତା ବନ୍ଧୁ ସହୋଦର କହିବେ ସେ ମୋର ମୋର
ଘଟରେ ଥିବା ଯାଏ ତୋ ଜୀବ ସିନାରେ |୨|

ଯେବେରେ ଏ ଜୀବ ଯିବ ଘଟ ତୋ ମଡ଼ା ହେବ
ମଶାଣୀ ପଦାକୁ ତୁ ହେବୁ ବୁହାରେ |୩|

ଧନ ମାନ ଅଭିମାନ ସବୁ ତୋ ଅଢ଼େଇ ଦିନ
ଦୁଃଖ ବେଳେ ନ ଦେବେ କେ ଧରାଛୁଆଁରେ |୪|

ଏତିକି ବେଳରୁ ହେଜ ଜୟଗୁରୁ ନାମ ଭଜ
ସବୁ ଦୁଃଖର ତ ଏକା ସେହି ସାହାରେ |୫|

ନିଶି ଦିବସ ଘୁମାଇଁ କାଳତୁ ବିତାଅ ନାହିଁ
ଜୟଗୁରୁ ନାମ ଏକା ଶାନ୍ତି ଦିଆରେ |୬|

ଆରେରେ ପାଗଳା ମନ ! ମାନତୁ ମୋ କଥା ମାନ
ଘୋଷି ହୁଅ ସଦା ଜୟଗୁରୁ ନାଆଁରେ |୭|

ହୋଇ ତୁ ଶ୍ରୀଗୁରୁ ଦାସ ଜୀବନକୁ କର ଶେଷ
ସେ ଏକା ଏ ଭବତରୀ ନାଉରୀଆରେ |୮|

## ସଂଘ ମୋ ପାଇଁ ସକଳ ତୀର୍ଥ

ସଂଘ ମୋ ପାଇଁ ସକଳ ତୀର୍ଥ
ଗଙ୍ଗା, ଗୟା, କାଶୀ ନୀଳାଚଳ କ୍ଷେତ୍ର ।୦।

ସଂଘ ଶିଖାଇଛି ନିତି ଆଦର୍ଶ କଥା
ଆଦର୍ଶ ଜନନୀ ଜାୟା ଆଦର୍ଶ ଭ୍ରାତା
ପଢ ଶାସ୍ତ୍ର କର ହୁଅ ସୁଜ୍ଞାନୀ ସନ୍ଥ ।୧।

ମୋ ପାଇଁ ମୋ ଗୁରୁଙ୍କର ଅମୃତ ବାଣୀ
ମରୁ ହୃଦେ କୃପାବାରି ସିଞ୍ଚିଲା ଆଣି
ଭାବ ଫୁଲ ଫୁଟି ବାସେ ଦିଗଦିଗନ୍ତ ।୨।

ଭାବ ଫୁଲର ସୁରକ୍ଷା ଦାୟିତ୍ୱ ମୋର

ସଂଘନୀତି କରିଛି ମୋ ଗଳାର ହାର
ମହକିବ ମହମହ ଏ ଦେହ ରଥ ।୩।

ଏ ଦେହ ରଥେ ସାରଥୀ ପ୍ରାଣ ଠାକୁର
ଧିଆନ ନୟନେ ହେରି ରଙ୍ଗ ପୟର
ଅରପି ଭକତି ଫୁଲ ପୂଜିବି ନିତ୍ୟ ।୪।

ବ୍ରହ୍ମାନନ୍ଦ ତୁଚ୍ଛ କରି ଭକତ ପାଇଁ
ନରବେଶେ ଆସିଛନ୍ତି ବ୍ରହ୍ମାଣ୍ଡ ସାଇଁ
ବୁଝିବାକୁ ଭକ୍ତ-ବ୍ୟଥା ବେଦନା ଦୁଃଖ ।୫।

## ସଂଘସେବୀ ଭକ୍ତଗଣ

ସଂଘସେବୀ ଭକ୍ତଗଣ !
ଗୁରୁଦେବଙ୍କର ଅମିୟ ମଧୁର ଉପଦେଶ ବାରେ ଘେନ ।୧।

ସଂଘର ସଂହତି ରଖିବାକୁ ଯେବେ
ଇଚ୍ଛା ଅଛି, ଭାଇ ମନେ ହେଜ ଲବେ
ଗଉରବ ଲାଭ କରିବାକୁ ସଂଘେ ନ ବଳାଅ କେବେ ମନ ।୨।

ସାଧନ ପଥରେ ଅଳ୍ପ ଅଗ୍ରସର
ହୋଇ ଭାବ ଯେବେ ସବୁ ହେଲା ମୋର
ଆଳସ୍ୟ ଜଡତା ମୋହ ଆଦି ରିପୁ କରିବେ ଅନୁଗମନ ।୩।

ଆତ୍ମତୃପ୍ତି ଭାବ ବଡ ମାରାତ୍ମକ
କଉଶଳେ ହରେ ବିଚାର ବିବେକ
ଲକ୍ଷ୍ୟଲାଭ ପାଇଁ ଯେତେ ବ୍ୟାକୁଳତା ଅଚିରେ ହୁଅଇ ମ୍ଳାନ ।୪।

ଲୋକ ଦେଖାଣିଆ ବାହ୍ୟ ଆଡମ୍ବର
କରି ଭାବ ହେଲା ଉନ୍ନତି ସଂଘର
ସ୍ୱାର୍ଥବୁଦ୍ଧି ବିଶୃଙ୍ଖଳା ଓ ବିଭେଦ ନଷ୍ଟ କରେ ଅନୁଷ୍ଠାନ ।୫।

ମୂଳ ଲକ୍ଷ୍ୟ ପ୍ରତି ଦୃଷ୍ଟି ନ ରହିଲେ
ଏହିପରି ବିପରୀତ ବୁଦ୍ଧି ମିଳେ
ସ୍ୱାର୍ଥ ସାଧନର କ୍ଷେତ୍ର ହୁଏ ସଂଘ, ବୃଥା ସାଧନ ଭଜନ ।୬।

ଦେଶସେବା କଲେ ସ୍ୱାର୍ଥବୁଦ୍ଧି ନେଇ
ସେହିପରି ଫଳ ଅବଶ୍ୟ ଫଳଇ
ହିଂସା ଦ୍ୱେଷ ନର ଶୋଣିତରେ ଦେଶ ହୁଏ ଶ୍ମଶାନ ସମାନ ।୭।

ଭୋଗ କଲେ ସିନା ଶକ୍ତି ହୁଏ କ୍ଷୟ
ତ୍ୟାଗ ପଥେ ଶକ୍ତି ବୃଦ୍ଧିଟି ନିଶ୍ଚୟ
ଏ କଥା ବିଚାର ନ କରି ହେଳାରେ ସାର ଅମୂଲ୍ୟ ଜୀବନ ।୮।

ପ୍ରେୟ ପଥେ ଚଳି ମାନବ ସକଳ
ଶ୍ରେୟ ପଥ ଛୁଡି ହୁଅନ୍ତି ବିକଳ
ଯୁଗ ଯୁଗ ଧରି ଜନ୍ମମୃତ୍ୟୁ ପଛେ କରନ୍ତି ଅନୁଧାବନ ।୯।

ସଂଘ ଅଟେ ଭାଇ ଗୁରୁଙ୍କ ସ୍ୱରୂପ
କଳିଯୁଗେ ସଂଘ ଶକ୍ତି ଅପରୂପ
ଗୁରୁନାମ ଧରି ସଂଘକାର୍ଯ୍ୟକରି ମର୍ତ୍ତ୍ୟେ ହୁଅ ମହୀୟାନ ।୧୦।

## ସଂପି ଦେଉଛି ପଦତଳେ ଜୀବନ

ସଂପି ଦେଉଛି ପଦତଳେ ଜୀବନ
ସେବକ ବୋଲି ଘେନ ନ ଘେନ ।୦।

ସଂସାର ସୁଖ ବୋଲି ଖେଳିଲି କେତେ ଭୁଲି
ଏବେ ସିନା ବାରିଲି ମାୟା ସପନ ବୋଲି
ଦୟାନିଧି ! ଏଥର ଦିଅ ଭଲା ଶରଣ ।୧।

ଆପଣା ଜନ ଭାଳି କଲି ଯାହାରେ ମାଳି
ନିଜ ପାଇଁ ସେ ଖାଲି ଆଖିରେ ଦେଲା ବାଲି
ଦୟାନିଧି ! ଜାଣିଲି ମୋର ଏକା ଆପଣ ।୨।

ଅତି ଆରତେ ମୁହିଁ ସିଂହ-ଦୂଆରେ ଥାଇ
କର ଯୋଡି ଜଣାଇଁ ଡାକ ଛାଡେ ଗୋସାଇଁ ।
ଦୟାନିଧି ! ଲୁଚି ନ ରହ କଞ୍ଜବଦନ ।୩।

## ସଂସାର ଜଞ୍ଜାଳେ ନିତି ଜଳିଜଳି

ସଂସାର ଜଞ୍ଜାଳେ ନିତି ଜଳି ଜଳି
ଜୀବନଟା ଯାଏ ସରି
ତୁମରି ମନ୍ଦିରେ ଜାଳିଦିଅ ପ୍ରଭୁ
ଦୀପର ସଳିତା କରି |୦|

ଆସନ ପାଖରେ ରହି ଜଳୁଥିବି
ତୁମରି ଭକତ-ସଙ୍ଗ ଲଭୁଥିବି
ହଜି ଯାଉଥିବି ତୁମ ମୂରତିରେ
ଯେବେ ଜଳୁଥିବି ସନ୍ଧ୍ୟା ଆରତିରେ
ସୁଖୀ ହେଉଥିବି ଶ୍ରୀମୁଖକୁ ଦେଖି
ଏତିକି ମୋର ଗୁହାରି |୧|

ଯେବେ ଜଳୁଥିବି ଭୋଗ ଦୀପ ହୋଇ
ଧନ୍ୟ ହେବି ତୁମ ପ୍ରସାଦକୁ ପାଇ
ଜନମ ଲଭି ମୁଁ ତୁମରି ସଂସାରେ
ଜଳିବାକୁ ଯେବେ ଅଛି ଜୀବନରେ
କିବା ଲାଭ ଦୁଃଖ ଦୁନିଆରେ ଜଳି
ଜଳାଅ ସଳିତା କରି |୨|

କଣ୍ଟକପୂର୍ଣ୍ଣ ମୋ ଜୀବନର ପୃଷ୍ଠା
କଳଙ୍କ କାଳିମା ରଙ୍ଗରେ ସେ ଛଟା
ଅପରାଧୀ ସିନା ମୁଁ ଜନ୍ମଜନ୍ମର
ତୁମେ ପରା ପ୍ରିୟ କ୍ଷମାର ସାଗର
ଏତିକି ଗୁହାରି ତୁମ ପାଦତଳେ
ନିଅ ହେ ନିଜର କରି |୩|

## ସଂସାର ସାଗରେ ଭାସୁଅଛି ମୁହିଁ

ସଂସାର ସାଗରେ ଭାସୁଅଛି ମୁହିଁ
ଥଳ କୂଳ ପାଉନାହିଁ
ତୁମରି ଶ୍ରୀପଦ ଆଶ୍ରୟ ମୋହର
ଠାବ ଦେବ ପ୍ରାଣସାଇଁ ।୧।

ତୁମକୁ ନ ବୁଝି ଜୀବନ ସାରା ମୁଁ
ଦେଇଛି କାଳ ବିତାଇ
ଯେବେ ମୁଁ ଜାଣିଲି ତୁମେ ସତ୍ୟ, ନିତ୍ୟ
ତୁମ ପାଶେ ଗଲି ଧାଇଁ ।୨।

ଦେଖି ତୁମ ରୂପ ଭୁଲିଲି ନିଜକୁ
ମାୟା ସପନ କୁ ତେଜି

ଅପସରି ଗଲା ଦୁଃଖ ଅବସାଦ
ଅଭିମାନ ଗଲା ଭାଜି ।୩।

ସବୁଠାରେ ତୁମେ ବିରାଜିତ ଅଛ
ପ୍ରତ୍ୟେକ ଭକ୍ତ ଅନ୍ତରେ
କେତେ କେତେ ଲୀଳା ରଚନା କରିଛ

ବାନ୍ଧିଛ ପ୍ରେମ-ଫାଶରେ ।୪।

ହେ ପ୍ରାଣଠାକୁର ! ଏତିକି ମୋ ଅଳି
ଘେନା କର ଶ୍ରୀଚରଣେ
ଜନମେ ଜନମେ ଶ୍ରୀପଦ ସେବା ରେ
ଦାସ ପଣେ ଥିବି ରହି ।୫।

## ସଂସାରେ ମୋହର କିଛି ନାହିଁ ସିନା

ସଂସାରେ ମୋହର କିଛି ନାହିଁ ସିନା ଧନ, ଜନ ଅବା ମାନ
ଗୁରୁ ଗଉରବ ଦିଆ ନିଆ ଯାହା ଜାଣୁଛି ଏ ମୋର ମନ
ଜୀବଧନ, ସବୁ ତ' ତୁମରି ଦାନ
ମୋର ବୁଲିବାକୁ କି ଅଛି , ଏ ଆଖି ଖୋଜି ବୁଲେ ନିଶିଦିନ |୧|

ଜଳ, ଥଳ, ଗିରି, ବନରେ ଉକୁଟେ ତୁମରି କରଣୀ ଛାଇ
ମୂରୁଖ ପଣରେ ମୋର ମୋର ବୋଲି ନିତି ମୁଁ ହେଉଛି ଗାଇ
ଜୀବଧନ, ଅନ୍ତର କରି ମୋଚନ
ବାରିଲି ଦିନେ ମୁଁ ଜଗତ ମଝିରେ ଅଟେ ଅତି ଅଭାଜନ |୨|

ଭେଟିଲି ଯାହାକୁ ପଚାରିଲି ତାକୁ ନ ଦେଲେ କେହି ବତାଇ
କରାଏ, କୁହାଏ ଯେ ମୋତେ ତାହାରେ କି ଧନେ ତୋଷିବି ମୁହିଁ
ଜୀବଧନ, କହିଦେଲା ନିଜ ମନ
ପ୍ରଣତି ମାତର ଭେଟିବି ତା' ପଦେ ସେହି ମୋର ବଡ ଧନ |୩|

## ସ୍ମରରେ ମନ ! ନିଗମାନନ୍ଦ

ସ୍ମରରେ ମନ ! ନିଗମାନନ୍ଦ ସାଧକକୁଳଗୌରବ,
ଭଜରେ ମନ ! ନିଗମାନନ୍ଦ ଦିକ୍‌ଷୁ ବ୍ୟାପ୍ତ ସୌରଭ ।୧।

ସ୍ମରରେ ମନ ! ନିଗମାନନ୍ଦ ଶାନ୍ତ ମଧୁର ଦର୍ଶନ,
ଭଜରେ ମନ ! ନିଗମାନନ୍ଦ ଅଘନିକରମର୍ଷଣ ।୨।

ସ୍ମରରେ ମନ ! ନିଗମାନନ୍ଦ ଶିରସି କେଶଲୁଣ୍ଠନ,
ଭଜରେ ମନ ! ନିଗମାନନ୍ଦ ମୋଚନ ମୋହ ଗୁଣ୍ଠନ ।୩।

ସ୍ମରରେ ମନ ! ନିଗମାନନ୍ଦ ସର୍ବସାଧନତତ୍ପର,
ଭଜରେ ମନ ! ନିଗମାନନ୍ଦ ସିଦ୍ଧବିଦ୍ୟ ନୃ ବର ।୪।

ସ୍ମରରେ ମନ ! ନିଗମାନନ୍ଦ କରୁଣାପ୍ଲୁତ ଈକ୍ଷଣ,
ଭଜରେ ମନ ! ନିଗମାନନ୍ଦ ତତ୍ତ୍ୱପୂର୍ଣ୍ଣ ଶିକ୍ଷଣ ।୫।

ସ୍ମରରେ ମନ ! ନିଗମାନନ୍ଦ ଗମ୍ଭୀର ମୃଦୁ ଭାଷଣ,
ଭଜରେ ମନ ! ନିଗମାନନ୍ଦ ସ୍ନିଗ୍‌ଧ ମଧୁର ଶାସନ ।୬।

ସ୍ମରରେ ମନ ! ନିଗମାନନ୍ଦ ରକ୍ତୋତ୍ପଳଚରଣ,
ଭଜରେ ମନ ! ନିଗମାନନ୍ଦ ଦୀନ ଭକ୍ତ ଶରଣ ।୭।

ସ୍ମରରେ ମନ ! ନିଗମାନନ୍ଦ ଜୀବ-ଦୁଃଖକାତର,
ଭଜରେ ମନ ! ନିଗମାନନ୍ଦ ମୋହ ତାମସ ଘାତର ।୮।

ସ୍ମରରେ ମନ ! ନିଗମାନନ୍ଦ ଲବ୍‌ଧ ସମାଧି ସଦ୍‌ଗୁରୁ,
ଗୃହାଣ ଚରଣେ ଶରଣ ତସ୍ୟ ତସ୍ମୈ ପ୍ରଣିପାତ କୁରୁ ।୯।

## ସାଗରେ ତରଙ୍ଗ ପରି ଅଧୀର ମୋ ମନ

ସାଗରେ ତରଙ୍ଗ ପରି ଅଧୀର ମୋ ମନ ଭାରି
ଥିଲେ ବି ସାଗର ଅଙ୍କେ ଚିହ୍ନି ନ ପାରେ ଯେପରି |୦|

କେତେ ଜନମର ଯେତେ ସଞ୍ଚିତ କରମ
ଜୀବନ-ପଥକୁ କଲା ମରୁଭୂମି ସମ
ମରୁପଥେ ଚାଲି କେତେ
ପାଇବାକୁ କୃପାବାରି ଚାହିଁଛି ଚାତକ ପରି |୧|

ରଙ୍ଗ ଦୁନିଆରେ ବୁଲି ଖିଆଲି ମନରେ
ତୁମ କଥା ଗଲି ଭୁଲି ମାୟା ମମତାରେ
ତୁମ ପାଇଁ ଝୁରେ ମୁହିଁ
ବଢ଼ାଇ କରୁଣା କର ଭବ-ସିନ୍ଧୁ କର ପାରି |୨|

ଗୋପନ ମରମେ ଯେତେ ଅକୁହା ବେଦନା
ସମ୍ପି ଦେଲି ତୁମ ପଦେ କର ପ୍ରଭୁ ଘେନା
ଏ ମିନତି ପଦେ ନିତି
ଅଶାନ୍ତିରୁ ପ୍ରଶାନ୍ତିକୁ ନିଅ ପ୍ରଭୁ ହାତ ଧରି |୩|

## ସାଗରେ ଭୂଧରେ ନଭେ ପାତାଳରେ

ସାଗରେ ଭୂଧରେ ନଭେ ପାତାଳରେ
ଯହିଁ ଦେଖ ତହିଁ ଅଛି ଅଛି ମୁଁ ରେ ।୦।

କେବେ ରୂପ ମୋର ହୁଅଇ ପ୍ରକଟ
କେବେ ପୁଣି ମୁହିଁ ଥାଏ ଅପ୍ରକଟ
କେବେ ମୁହିଁ ଦୂରେ ଅଛି ନିକଟରେ
ଆସିବି ପାଶରେ ଡାକ ଦେଲେ ତୁ'ରେ ।୧।

ଚିରଦିନ ମୁହିଁ ଭାବର ଭିଖାରୀ
ମନଭାବ ମୁଁ ଯେ ଖୋଜଇ ତୋହରି
ମୋର ନାମ ଜୟ ଗାଇ ତୁ ଅଭୟ
ସବୁ ମାୟା ମୋହ ମନୁ ବରଜରେ ।୨।

ରଜନୀ ଦିବସ କର ସୁମରଣ
ଦୂରେ ପଳାଇବେ ଷଡ ରିପୁଗଣ
ମଥାରେ ତୋହର ରହିଛି ମୋ କର
ଚିତ୍ତେ ନ ବିଚାର କେବେ ଅଛି ଦୂରେ ।୩।

ରହିବି ତୋହର ମନ ଘରେ ମୁହିଁ
ରଖ ମନେ ମୋତେ ପାଶୋରି ନ ଦେଇ
କରି ମୁଁ ବିନାଶ ମନର ପରାଶ
ମୁଖରେ ଫୁଟାଇ ସୁହାସ ମଧୁରେ ।୪।

## ସାଧୁସଙ୍ଗ ମୋତେ ଦିଅ

ସାଧୁସଙ୍ଗ ମୋତେ ଦିଅ ହେ ଚିର ମଙ୍ଗଳମୟ
ତୁମରି ଭକତି ଦୁର୍ଲ୍ଲଭ ସଂପତ୍ତି ମାଗେ ହୀନ ଅସହାୟ ।୦।

ସଦା ତୁମ ନାମ ଲୀଳା ସଂକୀର୍ତ୍ତନ
ଭୋଳ ହୋଇ ଶୁଣୁ ଥାଉ ମୋ ଶ୍ରବଣ
ଅନ୍ତର ଶୁଦ୍ଧି ପାଇଁ ଦୟାନିଧି ଅନ୍ତରେ ହୁଅ ସଦୟ ।୧।

ସବୁ କରି ତୁଚ୍ଛ ତୁମ ଭାବେ ମଜ୍ଜି
ଯେ ନିଜ ଭିତରେ ଯାଉଛନ୍ତି ହଜି
ତାଙ୍କ ପାଦଧୂଳି ଶିରେ ମୋର ବୋଳି ଖଟେ ମୁଁ କିଙ୍କର ପ୍ରାୟ ୨।

ଭକତ ହୃଦୟେ ତୁମ ସିଂହାସନ
ବିରାଜ ବିଶ୍ୱାସେ ହେ ବିଶ୍ୱମୋହନ
ମୁଁ ଯେ ଭାଗ୍ୟହୀନ ମୋ ଚିତ୍ତ ମଳିନ ଚଞ୍ଚଳ ମନ ଅଥୟ ।୩।

ଭାବ ବିନୋଦିଆ ଭାବକୁ ନିକଟ
ସତ୍ୟରୂପେ ତୁମେ ସଂସାରେ ପ୍ରକଟ
ସତ୍ୟଶୁଦ୍ଧ ଜ୍ଞାନ କରି ପ୍ରଭୁ ଦାନ ଭକତିର ହେଉ ଜୟ ।୪।

## ସାରା ବଗିଚାଟା ଫୁଲଭରା ଦେଖି

ସାରା ବଗିଚାଟା ଫୁଲଭରା ଦେଖି
ରହିଲେ ଖାଲି ତୁ ଚାହିଁ
ନ ତୋଳିବୁ ଯେବେ, ନ ଗୁନ୍ଥିବୁ ଯେବେ
ମାଳ ସେ ହୋଇବ କାହିଁ ? ।୦। ।୦।

ଦୂର ଗଗନରେ ଚାନ୍ଦଶିରୀ ହେରି
ହାତ ତୁ ଦେଲେ ବଢାଇ
ଖସି ପଡିବ କି ତୋ' ହାତରେ ଶଶୀ
ବାଉଳା ନ ହୁଅ ତୁହି ।୧।

ଅଳସ ଡାକରେ ଡାକି ଥକିଗଲେ
ସେ କି ଆସିବରେ ଧାଇଁ
ଆପଣା କରମେ ଅବଶ ହେଲେ ତା'
ଆସନ ଟଳିବ ନାହିଁ ।୨।

ହଳମୁଠା ଧରି ନ ଚଷିବୁ ଯେବେ
କର-ଚରଣ ମେଲାଇ
ଯେତେ ବରଷିଲେ ବରଷା ଜଳରେ
ଫଳ ଆଶା କାହିଁ ଥାଇ ? ।୩।

ଲଙ୍ଗର ପକାଇ ନାଆମଙ୍ଗରେ ତୁ
ଆହୁଲା ଦେଲେ ଚଳାଇ
ଭାଳିଲୁ ମନରେ, ଯେତେ ମନ କଲେ
ନାଆକି ତିଳେ ଘୁଞ୍ଚଇ ? ।୪।

ନାଆମଙ୍ଗେ ପାଲ ଟାଣିଦେଇ ଯେବେ
ଖୁଣ୍ଟରୁ ଦେବୁ ଖସାଇ
ଦିଗ ନ ହୁଡିଲେ କୂଳେ ଲଗାଇବ,
ଅଛି ସେ ତରାଇ ଭାଇ ।୫।

## ସିଂହ ଦୁଆର ପାଶେ

ସିଂହ ଦୁଆର ପାଶେ କରଯୋଡି ନିରାଶେ
ଜଣାଏଁ ଦୀନ ଜନ ଆସି
କୃପା-ସରିତପତି ଅଗତି ଜନଗତି
ଉଡିତ' ଯାଉଛି ଫାଶୀ
ହେ ଦୟାନିଧୀ
ବିଧିରେ ଏ କିସ ଅବିଧି
ମୋହଲାଗି କେବଳ କ୍ଷମା-ସରିତ ଜଳ
ଶୁଖିଗଲା କି ନିରବଧି ? ।୧।

ନାହାନ୍ତି କେତେ କେତେ ପାପୀ, ତାପୀ ଜଗତେ
ଶୁଣିତ' ଅଛି କାନେ ମୁହିଁ
କେବଳ ନାମ ଶରି ଯାଇ ଅଛନ୍ତି ତରି
ଦୁଆର ବାସନ୍ଦ ମୋ ପାଇଁ

ହେ କୃପାମୟ!
କେ କି ଲାଞ୍ଚ ଦେଇଛି କହ
ଧନ ଜନ-ଜୀବନ ମନ ଧିଆନ ଜ୍ଞାନ
ଜାଣୁଛି କିଛି ମୋର ନୁହଁ ।୨।

ଅପରାଧ ମୋ କେତେ ଗଣିବା ପାଇଁ ସତେ
ସାଗର ବାଲି ହେବ ଊଣା
ତୁମ ବିନେ ମଣିମା ! କେ' କଳିବ ତା ସୀମା
ଭାବି ଭାବି ମୋ ବୁଦ୍ଧି ବଣା
ହେ ମହାବାହୁ !
ମାଗୁଣି ନାହିଁ କିଛି ଆଉ
କ୍ଷମା ନ ଦେଲେ ନାହିଁ ଶ୍ରୀଗୁରୁ ଦାସ ହୋଇ
ନାମ ଗାଇ ଏ ଜୀବ ଯାଉ ।୩।

## ସୁଆଦ ତା'ର କେ' ବାରିପାରେ

ସୁଆଦ ତା'ର କେ' ବାରିପାରେ
ନ ବୁଡିଲେ ଶ୍ୟାମ-ପ୍ରେମ-ସାଗରେ ।୦।

ଅତି ବିଚିତ୍ର ସେ କାହ୍ନୁ ପୀରତି

ରତି ବଢାଇ କରତଇ ଛାତି
ଆଖି ଆଢୁଆଳ ହେଲେ ସେ ଥରେ ।୧।

ପଲକ ମାତ୍ରକେ ବିରହ ତା'ର

ଦହି ଦିଏ ତନୁ ମନ ମୁକର
(ତେବେ) କାହିଁକି କେଜାଣି ତା'ସଙ୍ଗ ଝୁରେ ।୨।

ପାଶୋରି ନିଜରେ ଏକାନ୍ତେ ବସି
ବିରହୀ ତା' ନାମ ହୁଅଇ ଘୋଷି
(ପୁଣି) ଶୁଣିଲେ ତା' ନାମ ହୃଦୟ ଥରେ ।୩।

ସମରପି ମନ, ମାନ, ମହତ
ହୁଅଇ ଯେ ତା'ର ଶରଣାଗତ
ଠାବ ଲଭେ ରଙ୍ଗ-ଚରଣ ତଳେ ।୪।

## ସୁଠାମ ସୁନ୍ଦର ଶ୍ରୀମୁଖ ଯା'ର

ସୁଠାମ ସୁନ୍ଦର ଶ୍ରୀମୁଖ ଯା'ର
ଝରଇ ନୟନୁ କରୁଣା ଝର
ହେଉ ପଶୁ-ପକ୍ଷୀ ହେଉ ସେ ନର
ନ ମଣଇ ଯେହୁ ଆପଣା ପର
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ
ସମସରି ତା'ର ନାହିଁ ।୧।

ପରହିତ ଲାଗି ରିପୁ ଛଅଟି
ବୋଲମାନି ଯା'ର ଥାଆନ୍ତି ଖଟି
ପରଦୁଃଖେ ଯାଏ ଯା' ଛାତି ଫାଟି
ଦରଦର ଝରେ ଲୁହଧାରଟି
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ
ସମସରି ତା'ର ନାହିଁ ।୨।

ମାନ,ଅପମାନ, ସମାନ ତା'ର
ପରଘର ମଣେ ଆପଣା ଘର
ଦୁଃଖ ଦୁରୁଦିନେ ନୋହେ କାତର
ମୁଖରେ ବଖାଣେ ନାହିଁ ଚାତର
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ
ସମସରି ତା'ର ନାହିଁ ।୩।

ଶିଶୁପରି ଯା'ର ସରଳ ମନ
କୂଟ କପଟରେ ନଥାଏ ଥାନ
ନାହିଁ ଜଳପନା, ମାନ ଗୁମାନ
ଜଗତ ହିତ ଯା' ସଦା ଧିଆନ
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ
ସମସରି ତା'ର ନାହିଁ ।୪।

ପରଦୁଃଖ ମଣେ ଆପଣା ଦୁଃଖ
ଆନ ହେଲେ ସୁଖୀ ଯାହାର ସୁଖ
ପତାଇ ଦିଏ ଯେ ଆପଣା ବେକ
ରଖିବା ପାଇଁକି ଆନର ଟେକ
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ
ସମସରି ତା'ର ନାହିଁ ।୫।

## ସୁନ୍ଦର ଫୁଲହାର

ସୁନ୍ଦର ଫୁଲହାର - ଶ୍ରୀଚରଣେ ଉପହାର
ଗୁନ୍ଥି ନାହିଁ ଦେବ, ଅରପିବି ତବ ଶ୍ରୀଚରଣେ ଉପହାର
ବ୍ୟର୍ଥ ଜୀବନର ସାର୍ଥକ ଅଞ୍ଜଳି, ଅବ୍ୟକ୍ତ ବେଦନାଭାର ।୦।

ଦେଇଥିଲ ହାତେ ଦୁର୍ଲଭ ଜୀବନ
ଖେଳିଲି ଏହାକୁ ଧରି ଅନୁକ୍ଷଣ
ବେଳ ନାହିଁ ଆଉ କରୁଛି ଅର୍ପଣ
ତୁମ ଠାରେ ତୁମ ଭାର ।୧।

ଯେଉଁ ଭାବେ ଇଛା ବଜାଅ ଜୀବନ
ନାହିଁ ମୋ ଶୋଚନା ହେଲେ ଛନ୍ଦହୀନ
ଛନ୍ଦଠାରୁ ତାର ସାର୍ଥକ ଦର୍ଶନ-
ପାଇଁ କର ବ୍ୟବହାର ।୨।

ପ୍ରାପ୍ତି-ଆଶା ସଙ୍ଗେଅପ୍ରାପ୍ତି ନିରାଶା
ରଚେ ହାର ଗୁନ୍ଥ ହର୍ଷ କାନ୍ଦ ଭାଷା
ରଖିଛି ଅଶ୍ରୁର ଅଶ୍ରୁତ ପିପାସା
ବିରହର ତପ୍ତ ଧାର ।୩।

ଥୋଇଛ ସମ୍ମୁଖେ କ୍ଷୀଣ ଯବନିକା
ନ ଦେଖି ତୁମକୁ ମନ ହୁଏ ଫିକା
ବିଫଳ ବାସନା ବୋଲି କି ହେ ଦେବି
ବ୍ୟର୍ଥତାର ହାହାକାର ।୪।

ହୋଇଥିବି ସଦା ଅଭାବର ଦାସ
ତବ ସ୍ମୃତି ପାଇଁ ମୋର ଅବକାଶ
ରହିଛି ଜାଗତ କୃତକର୍ମ-ପ୍ରାଶ
ଗୁନ୍ଥିଦେବି ତହିଁ ହାର ।୫।

ସାଥୀହୀନ ଦୀର୍ଘ ଯାତ୍ରାପଥଶେଷେ
ଚିର ସାଥୀ ଅଛ ଆଲିଙ୍ଗନ ଆଶେ
ଭେଟିପାଇଁ କାଣି କଉଡିଏ ନାହିଁ
ଶୂନ୍ୟ ଭିକ୍ଷାପାତ୍ର ସାର ।୬।

ସକଳ ଜଣାରେ ତୁମେ ତ ଅଜଣା
ସକଳ ଚିହ୍ନାରେ ତୁମେ ହିଁ ଅଚିହ୍ନା
ଅନାହତ ତବ ଅପୂର୍ବ ବାଜଣା
ବଜାଅ ଜୀବନ-ତାର ।୭।

## ସୁନ୍ଦରଠାରୁ ସେ ଆହୁରି ସୁନ୍ଦର

ସୁନ୍ଦରଠାରୁ ସେ ଆହୁରି ସୁନ୍ଦର
କମଳରୁ କମନୀୟ
ମଧୁରଠାରୁ ସେ ଆହୁରି ମଧୁର
ଯୁଗେ ଯୁଗେ ନମନୀୟ ।୦।

କଣ୍ଠେ ଥିଲେ ତାର ନାମ ରତ୍ନମାଳି
ଲିଭିଯାଏ ସବୁ ଜୀବନର କାଳି
ତାହାରି ନୟନ ମଧୁ ଚାହାଣିରେ
ଥକା ମନ ହୁଏ ଥୟ ।୧।

ମନ ଆକାଶର ଚଲା ମେଘ ଫାଙ୍କେ
ଚାନ୍ଦ ମୁଖ ତାର ଚହଟି ଚମକେ
କାନ ଡେରି ଶୁଣେ ଭକତର ଡାକ
ସେହି ଗୁରୁ ପ୍ରେମମୟ ।୨।

ଏଇ ଧରା ସାରା ଯେତେ ପଥହରା
ସବୁରି ଜୀବନେ ସେ ଯେ ଧ୍ରୁବତାରା
ଭବ ପାରାବାର ତାରଣ ତରୀ ସେ
ଏହି ତାର ପରିଚୟ ।୩।

## ସେ ଅଛନ୍ତି କି ନାହିଁ ଯେବେ ତୁ

ସେ ଅଛନ୍ତି କି ନାହିଁ ଯେବେ ତୁ ଭାଳି ହୋଇଲୁ ବାବୁ,
ପାଇବୁ କେବେ ତା'ସନ୍ଦେଶ ମୋହ-ବ୍ୟାଧି ଭୁଲିବୁ ।୧।

ଭବ-ନଦୀ ପାରହେବାକୁ କାହିଁ ନାଉରୀ କହ,
ନ ଡରିବୁ କା'ରେ ଚାହିଁ ତୁ ଯମ ଶାସନ ଭୟ ।୨।

ଜୀବନ ଅନ୍ଧାର ରାତିରେ କିଏ ଜାଳିବ ବତୀ ?
ଏ ଘର, ଏ ପୁର ତେଜିଲେ କିଏ ହେବ ତୋ ସାଥୀ ? ।୩।

ଆଜି ଛାଡି କାଲି ଭାଙ୍ଗିଲେ ଦେହ-ରଥଟି ତୋର
ବାଟ ମଣାଇବ କିଏ ସେ, କାହିଁ ସାରଥି ତାର ? ।୪।

ଦି' ଦିନିଆ ତୋର ସଂପଦ ଯିବ ଉଭାଇ କାଲି
ପାଣିଫୋଟକାର ଜୀବ ତୁ, ଯାଉ କାହିଁକି ଭୁଲି ? ।୫।

ମୋହ ସପନରୁ ଚେତାଇ କିଏ ଦେବ ଉଠାଇ
ଶମନରେ ଦେବୁ ଭୁଲାଇ କାହା ନାମ ତୁ ଗାଇ ? ।୬।

ପଲକେ ପଲକେ ଆୟୁଷ ସରି ଯାଉଛି ପରା
ଜ୍ଞାନ-ବୁଦ୍ଧି-ମତି ହଜିଲେ କିଏ ହେବ ସାହାରା ? ।୭।

ଦାରା-ସୁତ-ସୁତା ସଭିଙ୍କି ଆଜି କହୁଛୁ ମୋର
ଆଖି ମୁଦିଲେ ତୁ କେହି କି ଯିବେ ସାଥିରେ ତୋର ? ।୮।

ବେଳ ଥାଉ ବନ୍ଧ ବାନ୍ଧରେ ମାଡି ଆସୁଛି ନଈ
ମାୟା-ନାଆରେ ତୁ ବସିଲେ କୂଳ ପାଇବୁ କାହିଁ ? ।୯।

ସ୍ୱାର୍ଥର ବନ୍ଧନ ସଂସାର ପରମାର୍ଥ ସପନ
ମୁକତି ଲାଗି ତୁ ଘେନ ରେ, ଗୁରୁ ପଦ ଶରଣ ।୧୦।

## ସେ ଚରଣ ତଳେ ଆଜି

ସେ ଚରଣ ତଳେ ଆଜି ମାଗେ ଶରଣ
ଦୟାମୟ ଅଗତିର ଗତିକାରଣ ।୦।

ଦିଅ ଦୁଃଖ ଦିଅ ଶୋକ ନାହିଁ ମୋର ଚିନ୍ତାଦକ
ପାଶୋରିବି ସବୁ ହେରି ଚନ୍ଦ୍ରବଦନ ।୧।

ସୁଖ ଶାନ୍ତି ଦେବ ଯେବେ ଆନନ୍ଦେ ମାତିବି ତେବେ
ଅକଳନ କରୁଣା ମୁଁ କରି ଚିନ୍ତନ ।୨।

ନୟନରୁ ପ୍ରେମ ବାରି ପଡୁଥିବ ଝରିଝରି
ସରାଗେ ମୁଁ ଧୋଇଦେବି ରଙ୍ଗଚରଣ ।୩।

ଆଜିରେ ଶପଥ ନେଲି ଏ ଜୀବନ ସଂପି ଦେଲି
ଅଧମ ଜନରେ ଦିଅ ନବ ଜୀବନ ।୪।

## ସେ ତ ସକଳ ସାଧନ ଧନ ରେ

ସେ ତ ସକଳ ସାଧନ ଧନ ରେ
ଚିର ସାଥୀ ଜନ୍ମ ଜନ୍ମାନ୍ତରେ,
ତୋର ଅନାଦରେ ଅଭିମାନ ଭରେ ଅପ୍ରକଟ ତୋ ଅନ୍ତରେ ।୦।

ପଥ ଚାହିଁ ନିରାଲମ୍ବ ଭୁବନେ
ସେ ତ ଖେଳି ରହିଛନ୍ତି ଗଗନେ
ଶୀତଳନ୍ତି ଜ୍ୱାଳା ଦକ୍ଷିଣା ପବନେ ତପତ ମରୁ ପ୍ରାନ୍ତରେ ।୧।

ତୋର ମରମ ଗୁପତ ବ୍ୟଥାରେ
ସଦା ଗୁଣୁଥାଉ ତାଙ୍କ କଥାରେ
ଭାବର ବାରତା ଶତ ଅଭାବରେ, ପ୍ରଚାରନ୍ତି ନିରନ୍ତରେ ।୨।

ସେ ତ ସକଳ ମନ୍ଦିରେ ଅର୍ଚ୍ଚନା,
ସେ ତ ସକଳ ସଙ୍ଗୀତେ ମୂର୍ଚ୍ଛନା,
ନିଖିଳ ସୃଷ୍ଟିର ସଉନ୍ଦର୍ଯ୍ୟ ଉତ୍ସ, ଅମୃତ-ଭୂମି କେନ୍ଦ୍ରରେ ।୩।

ଉଷା ପ୍ରଥମ ଅରୁଣ ରାଗରେ
ସଞ୍ଜ ସୁନାଶିରୀ ଶେଷଭାଗରେ
ନୀରବ ନିଶୀଥେ ବିଜନ ଜାଗରେ, ଖୋଜ ବ୍ରାହ୍ମମୂର୍ହୁତ୍ତରେ ।୪।

ଭବେ ଅତି ପ୍ରିୟ ଯେତେ ଦରବ,
ଯାହା ପାଇଁ କରୁ ଏତେ ଗରବ,
ଦେଖା ପାଇଯିବୁ ଅରପିଲେ ସବୁ, ସେହି ଚରଣପ୍ରାନ୍ତରେ ।୫।

## ସେ ଦିନ ହୋଇବ କେବେ ଅଛି ଅନାଇଁ

ସେ ଦିନ ହୋଇବ କେବେ ଅଛି ଅନାଇଁ
ପାଗଳ ହୋଇବି ଗୁରୁ ନାମକୁ ଗାଇ ।୦।

ମନ ବାସନା ମୋହର ଢାଳି ଦେଇ ପଦେ ତା'ର
ବିତରିବି ସେ ନାମକୁ ଗାଇ ଗାଇ ।୧।

ଗୁରୁ ନାମକୁ ସୁମରି ଦିବସ ନିଶି ବିସୋରି
ଭାଳିବି ମୁଁ ସୁଖ ଦୁଃଖ କିଛି ନାହିଁ ।୨।

ବିହଙ୍ଗମ ଡାକ ଦେଲେ ପଚାରିବି ତାକୁ ଭଲେ
କି ନାମ ତୁ ବୋଲୁ ଅଛୁ ଗାଇ ଗାଇ ।୩।

ତିନି ଭଙ୍ଗିଆ କାଳିଆ ବନ କୁସୁମ ମାଳିଆ
କଦମ୍ବ ମୂଳରେ କା'ରେ ଥାଏ ଚାହିଁ ।୪।

କେବେ ଧୂଳି ଧରା ପରେ ଦୀନ କାଙ୍ଗାଳ ବେଶରେ
ମାଗିବି ଭିଖ ଶ୍ରୀ ଗୁରୁ ନାମ ଗାଇ ।୫।

କେବେ ନୟନର ନୀରେ ତିନ୍ତାଇ ଏ ହୃଦୟରେ
ଗୁରୁ ନାମ ସୁଧା ଧାରା ପିଇ ପିଇ ।୬।

## ସେ ନାମେ କି ଯାଦୁ ଅଛି କହକହ ରେ ସଖୀ

ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ
ଶୁଣି ପଲକ ପାଶୋରି ବସିଲା ଆଖି
ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ ।୦।

ଅଦିନ ବରଷା ସରି ଝରିଲା ନୟନବାରି
ତନୁ ବଲ୍ଲରୀ ସହସା ଉଠିଲା କଂପି ।୧।

ନ ଚଳିଲା ସଖୀ ପାଦ ଏତେବଡ ପରମାଦ
ପୁଣି ଶୁଣିବାକୁ କାନ ରହିଲା ଟାକି ।୨।

ପୁଲକ ଆଗେ ସେ ମନ କାହିଁ ହୋଇଲା ମଗନ
ଜାଣି ନପାରିଲି ଚେତା ନାହିଁ ଅଛିକି ।୩।

ଆଜନମ କେତେ ନାମ ଶୁଣି ନଥିଲା ଏ କାନ
ଏସନ ରୀତିକା ନାମେ ନଥିଲି ଚାଖି ।୪।

ଅପୂର୍ବ ସେ ନାମ ରସ ଯେ ଜାଣେ ସେ ହୁଏ ବଶ
ଲଭେ ମୁକତି ପରଶ ଜନମ ଦୁଃଖୀ ।୫।

ସଜନୀ କହୁଛି ଶୁଣ ନାମ ରୂପ କୋଟିଗୁଣ
ବିକି ହୋଇଯିବୁ ଥରେ ପଡିଲେ ଆଖି ।୬।

## ସେ ଯେ ଭାବ ବିନୋଦିଆ ହରି ହେ

ସେ ଯେ ଭାବ-ବିନୋଦିଆ ହରି ହେ ।୦।

ଭାବ ପାଇଁ ତା'ର ଦୁଆର ମୁକୁଳା
ଅଭାବ ପାଇଁକି ଦୁଆରଟି କିଳା
ଧନ, ଜନ, ମାନ କିଛି ଲୋଡେ ନାହିଁ
ଖାଲି ପ୍ରେମ-ଭକତି-ଭିଖାରୀ ହେ ।୧।

କେ ତୋଷିବ ତାକୁ କିବା ଧନ ଦେଇ
କୋଟି ବ୍ରହ୍ମାଣ୍ଡର ନାଥ ପରା ସେହି
ଭକତ ଆଖିର ଲୁହ ଦି' ଟୋପାକୁ
ଆଦର ତାହାର ଭାରି ହେ ।୨।

ତା'ର ପାଶେ ଛାର ହେମ ସିଂହାସନ
ସେ ଯେ ଖୋଜୁଥାଇ ମନ-ବୃନ୍ଦାବନ
ଭକତି, ପୀରତି ଗଢା ଆସନରେ
ହସେ, ଖେଳେ ମନ ଭରି ହେ ।୩।

## ସେଇ କଜଳ ଘେନାଇ ଦିଅ

ସେଇ କଜଳ ଘେନାଇ ଦିଅ ନୟନେ ମୋର ଠାକୁର !
ହେରିବି ଏଇ ବିଶ୍ୱସାରା ସୁନ୍ଦର ହେ ! ସୁନ୍ଦର ।୦।

ଦୂର ନୀଳ ଘନକୋଳେ ହସି ସରସେ ଶଶୀଟି ଖେଳେ
କାଳିବାଦଲ ଲପନେ ଘେରି ନ ସାରୁ ତାର ଆବୁର
ନିରେଖୁଥିବି ନିତିକି ନିତି ସୁନ୍ଦର ହେ ! ସୁନ୍ଦର ।୧।

ଅଝୁରା ତଟ-ତଟିନୀ-ନୀରେ ଭସାଇ ତରୀ ମନ ଅଧିରେ
ପଞ୍ଚିମର ରଙ୍ଗଛବି ନଚାଉଥିବ ଅନ୍ତର
ଶୁଣୁଥିବି ମୁଁ ଦୂର ବଇଁଶୀ ସୁନ୍ଦର ହେ ! ସୁନ୍ଦର ।୨।

ସବୁରି ଦେହେ ତୁମରି ଛାଇ ମଧୁର ଶିରୀ ରହିବି ଚାହିଁ
ଉଛୁଳୁଥିବ କଣ୍ଠେ ତୁମ ବନ୍ଦନାର ଝଙ୍କାର
ନିଶିଦିବସ ହସ ବିରସ ମୋ ଲାଗି ହେବ ସୁନ୍ଦର ।୩।

## ସେଇ ଜଣକର ଚରଣତଳରେ

ସେଇ ଜଣକର ଚରଣତଳରେ ସମରପି ଦେଇ ପରାଣ ମନ
ଭଲ ମନ୍ଦ ସବୁ ତାଙ୍କ ପଦେ ଥାପି ଆମେ ସବୁ ଚାଲୁ ତାଙ୍କରି ଧାମ ।୦।

ତାଙ୍କରି ଆଦେଶେ ଫୁଲ ଫୁଟି ବାସେ
ମାଳା ଗୁନ୍ଥୁ ଆମେ ତାଙ୍କ ନିରିଦେଶେ
ତାଙ୍କରି ପ୍ରେମରେ ମତି ଆକୁଳିତ
ଆମ କଣ୍ଠ ଗାଏ ତାଙ୍କରି ଗୁଣ ।୧।

ତାଙ୍କ ରସ ଗୀତି ଶୁଣୁ ସିନା ଆମେ
ଖେଳିଉଠେ ଯାହା ଗଗନେ ପବନେ
ନିଶି ଅବା ଦିନ ଶୟନେ ଚେତନେ
ସେହି ସୁର ଧାରା ଭରେ ଏ କାନ ।୨।

ଧରମ କରମ ସବୁ ତାଙ୍କ ପଦେ
ଅରପି ଜୀବନ ବିତାଉ ଆନନ୍ଦେ
ସୁଖ ଦୁଃଖ ସବୁ ତାଙ୍କରି ଆଶିଷ
ସେହି ପିତାମାତା ଆପଣା ଜନ ।୩।

## ସେବକ ବ୍ରତ ତୁ ଦିଅ ଗୋ ମାଆ

ସେବକ ବ୍ରତ ତୁ ଦିଅ ଗୋ ମାଆ
ସେହି ବରତ ମୁଁ ପାଳି ନିରନ୍ତର
ସେବୁଥିବି ତୋର ପାଆ ।୦।

ଯେଉଁ ରୂପ ଯେବେ ଧରି ଆଭାସିବୁ ଅବତରି
ଇଙ୍ଗିତ ତୋହର ପାଇ ସମାଦରେ
ପାଳୁଥିବି ମୁହିଁ ତାହା ।୧।

ଯେବେ ଦେବୁ ଯେଉଁ ଦୀକ୍ଷା ମଣିବି ସେ ତୋର ଶିକ୍ଷା
ମାନି ସେ ଆଦେଶ ନିଶିଦିବସ ମୁଁ
ଅନୁସରିବି ସେ ରାହା ।୨।

ଯେ ଚରିତ୍ରେ ଭଲ ଯାହା ଆଦରି ଘେନିବି ତାହା
ଇଚ୍ଛା ତୋର ହେଉ ମୋର ଇଚ୍ଛା ମାଆ
ଜୀବନର ଚିର ସାହା ।୩।

## ସେହି ଭାବ ଦିଅ ଆହେ ପ୍ରେମମୟ !

ସେହି ଭାବ ଦିଅ ଆହେ ପ୍ରେମମୟ !
ପାଇବି ଜୀବନେ ତୁମ ପ୍ରେମକୁ
ଯେଉଁ ପ୍ରେମେ ରାଧା ସହି କେତେ ବାଧା
ପାଇଥିଲା ଦିନେ ଶ୍ୟାମଘନକୁ ।୦।

କଳଙ୍କିନୀ ବୋଲି ନାଗରା ବାଜିଲା
ବରଜ ଦାଣ୍ଡରେ ସିନା
ଛାତିକୁ ପଥର କରି ସହିଥିଲା
ଶାଶୁ-ନଣନ୍ଦ ଗଞ୍ଜଣା
ସେ ମୁରଲୀ ସ୍ୱନେ ଧାଇଁ କୁଞ୍ଜବନେ
ବିକି ଦେଇଥିଲା ମନପ୍ରାଣକୁ ।୧।

ଶ୍ୟାମ ପ୍ରେମ ଲିପି ତା' କପାଳେ ଲେଖି
ମହାଭାବେ ହୋଇ ଲୀନ
ସହି ଅପବାଦ ସକଳ ବିଷାଦ
କରିଥିଲା ତନୁ କ୍ଷୀଣ
ମିଳନ ଆଶାରେ ପ୍ରୀତି-ବରଷାରେ
ଭିଜି ଯାଇଥିଲା ଘୋରବନକୁ ।୨।

ରାଇ ବିନୋଦିନୀ ହୋଇ ପାଗଳିନୀ
ପାଇଥିଲା ଯେଉଁ ପ୍ରେମ
ସେ ପ୍ରେମ-ହେମରେ ସଜାଇ ଦିଅ ହେ
ଗାଉଥିବି ତୁମ ନାମ
ନ କରି ନିରାଶ ନିଅ ତୁମ ପାଶ
ପଦେ କର ଲୀନ ଏ ଜୀବନକୁ ।୩।

## ସ୍ନେହ-ପ୍ରୀତି-ଭକ୍ତି ଭରା

ସ୍ନେହ-ପ୍ରୀତି-ଭକ୍ତି ଭରା, ମୋଦେର ଗୁରୁ ଜଗତ୍‌ଜୋଡା
ତାହାର ମାଝେ ଆଛେ ଏକ ଜନ ସକଲ ଗୁରୁର୍ ସେରା
(ଓ ସେ) ଜ୍ଞାନ ଦିୟେ ତୈରୀ ସେ ଯେ ପ୍ରେମ ଦିୟେ ଘେରା ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୧।

ଅତୁଲନ ସେ ରୂପେ ଗୁଣେ, ତାର ତୁଲନା ନାଇଁ ଭୁବନେ
କେବା ଏମନ ସଦାଇ ଫିରେ କାଙ୍ଗାଲ ଯଥାୟ ଦେଖେ
(ଓ ତାର) ସ୍ନେହେର ଡାକେ ମୁକ୍ତ ହଇ ଗୋ ସକଲ ଜ୍ୱାଲା ଥେକେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୨।

କାର ପରଶେ ଶୀତଲତା, କେବା ଏମନ ଶାନ୍ତିଦାତା
ବାଞ୍ଛାକଳ୍ପତରୁ କେବା ଭକ୍ତେର ଭାବଟି ବୁଝେ
ତ୍ରିତାପଜ୍ୱାଲା ଦୂର ହୟରେ କାର ପାୟ ମାଥା ଗୁଁଜେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୩।

ଭକ୍ତେର ବ୍ୟଥାୟ ସେ ଯେ ବ୍ୟଥୀ, ଭକ୍ତେର ସଦା ସାଥେର ସାଥୀ
ଭକ୍ତେର ଭାଲ ସଦାଇ କରେ ପ୍ରେମେର ଚୋଖେ ଚେୟେ
ଭକ୍ତେର ମାନ ସଦାଇ ରାଖେ ଆପନ ମାନଟି ଖେୟେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୪।

ଜୀବେର ଦୁଃଖ ସଇତେ ନାରି, ବ୍ରହ୍ମାନନ୍ଦ ପରିହରି
କେବା ଏମନ ଜୀବେର ଲାଗି ଦ୍ୱାରେ ଦ୍ୱାରେ ଘୁରି
ସେ ଯେ ଭକ୍ତେର ଲାଗି ଜୀବନ ଧରେ ଭକ୍ତେର କୁଶଲ ସ୍ମରି ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୫।

ସଦାଇ ଶିଷ୍ୟେର ପାଛେ ପାଛେ, କେବା ଏମନ ଫିରିତେଛେ
ଶିଷ୍ୟେର ଦୁଃଖ ଦେଖେ କେବା ଏମନ ଯତନ କରେ
ଭକ୍ତେର ବ୍ୟଥା ବୁଝେ ଯେ ତାର ସଦାଇ ଆଁଖିଝୁରେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୬।

ଦୃଷ୍ଟି ଏମନ କରୁଣ କାହାର, କେବା ଏମନ ଦୟାର ଆଧାର
କେବା ଏମନ ହାସିମୁଖେ ଲୟ ଗୋ ଆପନ କରେ
ଆଁଖି ହତେ କୃପାର କଣା କାର ବା ଏମନ ଝରେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୭।

ପରେର ବୋଝା ଆପନ ମାଥେ, ତୁଲେ ନିୟେ ଆପନ ହାତେ
କେବା ଏମନ ବଦ୍ଧଜୀବେ ଦେୟ ଗୋ ମୁକ୍ତ କରେ
ହାସିମୁଖେ ସୟ ଗୋ ଜ୍ୱାଲା ତାରି କୁଶଲ ତରେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୮।

ଗୁରୁଶିଷ୍ୟେ ଏମନ ସ୍ନେହ, କୋଥାଏ ଖୁଁଜେ ପାବେ କେହ
ଏସ ଆମାର ହିୟାର ମାଣିକ ହୃଦେ ତୋମାୟ ଧରି
ତୋମାର କର୍ମେଇ ଜୀବନ ଆମାର (ଯେନ) ତୋମାୟ ଦେଖେଇ ମରି ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୯।

## ଲୀଳାମୟ ଲୀଳାନିଧି ହେ

ଲୀଳାମୟ ଲୀଳାନିଧି ହେ !
ହୃଦ କନ୍ଦର ତାମସ ଭାସ୍କର
ପରମ କାରଣ, କାରଣ ହେ ବିଭୁ
କି ଗୁଣ ଗାଇବି ତୁମର ।୦।

ଅମୃତ କୁ ଗତି ତୁମ ଚଲାପଥ
କେବେ ଭୁଲିନାହିଁ କେବେ ରଖି ପାଦ
ବସ୍ତୁ ବାସନାରେ ଭରା ମୋ ଅନ୍ତର
ସେବୁଥିବି ସଦା ଶ୍ରୀପୟର ।୧।

ହସିଛି କାନ୍ଦିଛି କେତେ ରାହା ଧରି
ତୁମ ରାହା ସିନା ଦେଇଛି ପାଶୋରି
ବହୁ ଅପରାଧେ ଦୋଷୀ ମୁଁ ତଥାପି
କରିଛ କରୁଣା ଅପାର ।୨।

ଅଗତିର ଗତି ଆହେ ଦିବ୍ୟଜ୍ୟୋତି
କୃପାମୟ ଦେବ ହେ ପରାଣ ପତି
ଆହେ ପ୍ରେମମୟ ମୋ ହୃଦ ଚନ୍ଦନ
ନୀଳାଚଳେ ଲୀଳା ତୁମର ।୩।

## ଲେଖିଦିଅ ତୁମ ନାମ ଥରେ

ଲେଖିଦିଅ ତୁମ ନାମ ଥରେ
ପ୍ରଭୁ ମୋର ଚିତ୍ତ ଫଳକରେ
ଆସୁ ଯେତେ ଝଡି ପଡୁ ଦୁଃଖ ମାଡି
ନ ଭୁଲିବି କେବେ ଜୀବନରେ ।୦।

କୃପା କରି ତୁମ ପ୍ରେମ ରଙ୍ଗ ତୁଳୀରେ
ଆଙ୍କିଦିଅ ତୁମ ଛବି ନାମ ପାଖରେ
ନାମ ଗାଉଥିବି ରୂପ ଧ୍ୟାଉଥିବି
ସଦା ନୀର ଭିଜା ନୟନ ରେ ।୧।

କେବେ ଯେବେ ପଡିଯିବି ମାୟା ମୋହରେ
ଲିଭି ନ ଯାଉ ସେ ନାମ ଆଖି ଲୁହରେ
ଭକତି ଥାଳି ରେ ପ୍ରୀତି ଦୀପାଳି ରେ
ଅର୍ଘ୍ୟ ଢାଳୁଥିବି ଶ୍ରୀପୟରେ ।୨।

ଯେବେ ସେ ପାରିକୁ ମୋତେ ଯିବାକୁ ହେବ
ସେ ନାମ କୁ ଜପି ଜପି ଜୀବନ ଯିବ
ଏହି ଅଳି ମୋର ରଖିବ ଠାକୁର
ରହିଥିବ ତୁମେ ପାଶ ରେ ।୩।

## ଲୋଟୁ ତୁ ଯେବେ ଗୁରୁ-ଆଶିଷରେ

ଲୋଟୁ ତୁ ଯେବେ ଗୁରୁ-ଆଶିଷରେ
ପରାଣ ଭରି ଗୁରୁ ନାମ ଘୋଷ ।୦।

ଯେ କରେ ଆରାଧନ
ସେ ଏକା ଭାଗ୍ୟବାନ
ପିଇ ଯେ ପାରେ ଗୁରୁ ନାମ ରସ ।୧।

ଜଣାଅ ଯୋଡି କର
'ଗୁରୁ କରୁଣା କର'
ଧନ-ଜନ-ମାନରେ ତୁ ନ ରସ ।୨।

ଚେତନେ ଅଚେତନେ
ଶୟନେ ବା ସପନେ
ଗୁରୁନାମ ଧିଆନେ ହୁଅ ତୋଷ ।୩।

ଶୁଣି ଗୁରୁ ପ୍ରସଙ୍ଗ
କରରେ ସାଧୁସଙ୍ଗ
ଗୁରୁ-ପ୍ରେମନୀର ତରଙ୍ଗେ ଭାସ ।୪।

କରିବେ ଭବ ପାରି
ସେହି ହୋଇ ନାଉରୀ
ସେବ ପୟର ଯୁଗ ହୋଇ ଦାସ ।୫।

## ହସରେ ହସରେ ମୁକୁତା ଝରେ

ହସରେ ହସରେ ମୁକୁତା ଝରେ ଯା' ରଙ୍ଗ ଅଧରୁ
ଆଶିଷର ଧାରା ବରଷି ଯାଏ ଯା' ଶ୍ରୀରିକରରୁ
ସେହି ମୋ ଠାକୁର ସେହି ମୋର ଗୁରୁ
ସେହି ମୋ ନିଗମ-କଳପତରୁ ।୦।

ସେହି ମୋ ମାତ ସେହି ମୋର ତାତ
ସେହି ମୋ ପୂଜନ ବାଲ୍ୟକାଳରୁ ।୧।

ନୟନ ଯୁଗଳ ସବିତା ଶଶାଙ୍କ
ଜ୍ୟୋତିରାଶି ଝଲସଇ
ଶ୍ରୀମୁଖ ସୁଷମା ନାହିଁ ତା' ଉପମା
ପଲକ ନ ପଡେ ଚାହିଁ
ଫୁଲଠୁଁ କୋମଳ ଯା' ଚରଣୁ ସଦା ଝରେ ଅମୃତ
ସେ ଅମୃତ ପାନେ ଭକତ ମାନସ ହୁଏ ତୃପତ

ବୀଣା ଜିଣା ସ୍ୱର ଶୁଭେ ବାର ବାର
ପରାଣେ ପୁଲକ ଜାଗଇ
ସେ ମଧୁର ବାଣୀ ମନ ନିଏ କିଣି
ଜନମ ମରଣ ଭୁଲଇ
ଚରଣ ଯାହାର ବିରଞ୍ଚି ବାଞ୍ଛିତ ନିଗମ-ସୁଧା
ତାପିତ ହୃଦୟେ ସୁଶୀତଳ ବାରି ସିଞ୍ଚେ ବସୁଧା
ସେହି ମୋର ପ୍ରିୟ ସେହି ମୋ ହୃଦୟ
ସେହି ମୋ ପରମ ଆରାଧ୍ୟ ଗୁରୁ ।୨।

## ହେ ଆନନ୍ଦ ! ଭୁବନାନନ୍ଦ

ହେ ଆନନ୍ଦ ! ଭୁବନାନନ୍ଦ ଚିନ୍ମୟ ଚିର ସୁନ୍ଦର,
ବନ୍ଦଇ ଆଜି ଚରଣ ତୁମର ବିଶ୍ୱ-ମାନସ-କନ୍ଦର ।ଠା

ତୁମେ ହେ ଶାନ୍ତ କାନ୍ତ ମଧୁର
ତୁମେ ଅନନ୍ତ ଅମୃତ ଧାର
ତୁମରି ମହିମା ରଞ୍ଜନ କରେ ସକଳ ହୃଦୟ-ମନ୍ଦିର ।୧।

ସବୁରି ସଦନେ ତୁମରି ଭଜନ
ସବୁରି ବଦନେ ତୁମ ଜୟଗାନ
ଏ ସାରା ଜଗତ ବିନ୍ଦୁ ମାତର ତୁମରି ପରାଣ-ସିନ୍ଧୁର ।୨।

ପ୍ରଣବର ତୁମେ ଅନାହତ ପ୍ରାଣ
ନିଖିଳ ସୃଷ୍ଟିର ସ୍ରଷ୍ଟା ମହାନ
ପ୍ରଳୟର ଘନ ମନ୍ଦ୍ର ନିନାଦ ଝଙ୍କାର ବେଦ ଛନ୍ଦର ।୩।

ତୁମରି ପୀରତି ତୁମରି ଦୟାରେ
ରାଜୁ ତୁମ ଜ୍ୟୋତି ଅନ୍ତରେ ବାହାରେ
ଆଲୋକିତ କର ଭବ-ଜୀବନର ଚଲାପଥ ଘୋର ଅନ୍ଧାର ।୪।

## ହେ ଗୁରୁ ତୁମେ ମଙ୍ଗଳମୟ

ହେ ଗୁରୁ ତୁମେ ମଙ୍ଗଳମୟ
କୃପା ବିନୁ ମୁକ୍ତି ନାହିଁ
ଧରଣୀ ମା'ର ଯୋଗ୍ୟ ସନ୍ତାନ
ତୁମ ବିନୁ ଶାନ୍ତି କାହିଁ ।ଠା

ଅଲୋକ ଶିଖାର ତୁମେ ତ ଇଙ୍ଗିତ
ତୁମ ପାଇଁ ଜନ୍ମ ମୁଁ ହିଁ
ଅନ୍ଧାର ପଥରେ ତୁମେ ତ ଲଉଡି
ଅଣ୍ଡାଳି ଚାଲୁଛି ମୁହିଁ ।୧।

ତୁମେ ଅଖିଳର ତୁମେ ନିଖିଳର
ଆଶିଷ ତୁମେ ମୋ ପାଇଁ
ଧର୍ମ ନିର୍ଦ୍ଦେଶନା ଦେବା ପାଇଁ ପରା
ଅବତୀର୍ଣ୍ଣ ଭାବଗ୍ରାହି ।୨।

ତୁମରି ଆଶିଷେ ଆଜି ଏହି ଧରା
ପୁରି ଉଠୁ ନାମ ଗାଇ
ଜୟଗୁରୁ ଦେବ ଜୟ ହେ ଠାକୁର
ଅଧମ ପାଦେ ଚିନ୍ତଇ ।୩।

## ହେ ଗୁରୁଦେବ ପରମାରାଧ୍ୟ

ହେ ଗୁରୁଦେବ ପରମାରାଧ୍ୟ
ହେ ପ୍ରିୟତମ ତିନିଲୋକ ବନ୍ଦ୍ୟ
ତୁମେ ତେଜ ଅଧିଷ୍ଠାତ୍ରୁ ଦେବତା
ତୁମେ ତ୍ରିଜଗତ ଆଲେକ ଦାତା
ତୁମେ ଧ୍ରୁବତାରା
ଦେଖାଅ ପଥ ଆମେ ପଥହରା ।ଠା

ଆମ ପରମବନ୍ଧୁ ଭଗବାନ
ଲଭି ତାହାଙ୍କ ସ୍ୱରୂପ ମହାନ
ସେବିବୁ ହୋଇ ତବ ନିତ୍ୟଦାସ
ତବ ପଦାରବିନ୍ଦେ କରି ଆଶ
କର ସେ ବ୍ୟବସ୍ଥା
ହେ ନିତ୍ୟମଣ୍ଡଳ ନିତ୍ୟ ଦେବତା ।୧।

ଚାଳିତ କରି ସଦା ଶୁଭ ପଥେ
କର ଆକର୍ଷଣ ନିତ୍ୟ ଜଗତେ
କୁବୃତ୍ତି ଗଣ ଶୁଭପଥେ ଆସି
ଦିଅନ୍ତି ବାଧା ଧରନ୍ତି ଆକର୍ଷି
ଦେବ ଅନ୍ତର୍ଯ୍ୟାମି
କର ହେ ନିବୃତ୍ତି ପଥ ଅନୁଗାମୀ ।୨।

ତବ ଚିନ୍ମୟ ରୂପ ବିମୋହନ
କେତେ କାଳୁ କରି ନାହୁଁ ଦର୍ଶନ
ସେବି ନାହୁଁ ତବ ପଦ ସରୋଜ
ସେବକ ସାଜ ଦିଅ ହୃଦ ରାଜ
ଏତିକି ମାତର
ମିନତି ପଦେ ନମୁ ବାରମ୍ବାର ।୩।

ପୁଣି ଶ୍ରୀପଦେ ଏତିକି ପ୍ରାର୍ଥନା
ହେ କୃପା ଅକୁପାର କର ଘେନା
ତବ ଅମଳ କମଳ ଚରଣେ
ଅଚଳା ଭକ୍ତି ଜୀବନେ ମରଣେ
ନ ହୋଇବ ଊଣା,
ଏତିକି ମାତ୍ର କର ହେ କରୁଣା ।୪।

## ହେ ଜଗତଗୁରୁ ହେ ମହିମାମେରୁ

ହେ ଜଗତଗୁରୁ ହେ ମହିମାମେରୁ
ତୁମେ ବିଶ୍ୱ ଗୁରୁବର ହେ
ତୁମରି ଅମୀୟ ଅଭୟ ବାଣୀ କୁ
ମରମେ କରିଣ ସାର ହେ
ଘେନି ତୁମରି ଆଶିଷ
ବିତୁ ଆମରି ନିଶି ଦିବସ ହେ ।୧।

ତୁମ ଶ୍ରୀପୟରେ ଆଶା ଦେଇ ପ୍ରଭୁ
କର ବରାଭୟ ଦାନ ହେ
କରି ତୁମ କାମ ରଖୁ ତୁମ ନାମ
ଧନ୍ୟ ହେଉ ଦେଶ ମାନ ହେ
ସନାତନ ଧର୍ମଧାରା
ହେଉ ପ୍ରଚାରିତ ବିଶ୍ୱସାରା ହେ ।୨।

ସତ୍‌ଶିକ୍ଷା ବିସ୍ତାର ଜୀବସେବା ସାର
ବ୍ରତ ହେଉ ଜୀବନର ହେ
ଆଦର୍ଶ ଗୃହସ୍ଥ ହୋଇ ସଂଘଶକ୍ତି
ଦୃଢ଼ କରୁ ବାର ବାର ହେ
ଭାବ ବିନିମୟ କରି
ବିଶ୍ୱେ ଭାତୃଭାବ ଦେଇ ଭରି ହେ ।୩।

ଏ ଦେଶ ର ନାରୀ ସତୀ ସୁଚତୁରୀ
ହୋଇ ପତି ସେବା ବ୍ରତ ହେ
ସନ୍ତାନ ପାଳନ କରି ଗୁରୁଜନ
ସେବୁଥାନ୍ତୁ ଦେଇ ମତି ହେ
ଏ ଦେଶ ର ଯୁବ ଗଣ
ହୋଇଥାନ୍ତୁ ତ୍ୟାଗୀ ସତ୍ୟବାନ ହେ ।୪।

ସ୍ୱଧର୍ମ ପାଳନେ ଏ ଦେଶର ଜନେ
ସଦା ଦେଇଥାନ୍ତୁ ମନ ହେ
କର୍ମ ମଧ୍ୟେ ଯୋଗ ତ୍ୟାଗ ମଧ୍ୟେ ଭୋଗ
କରୁଥାନ୍ତୁ ଅନୁଦିନ ହେ
ଦେଶବାସୀ ଦେଶ ଟେକ
ରଖିବାକୁ ହେଉଥାନ୍ତୁ ଏକ ହେ ।୫।

ଦେବ ଦେବୀ ଗଣ ଆଶିଷ ବର୍ଷଣେ
କରି ପାଳନେ ସରବେ ହେ
ଯଜ୍ଞ ଦାନ ବ୍ରତ ଆଚରିଣ ସର୍ବେ
ପୂଜୁଥାନ୍ତୁ ଗୁରୁଦେବ ହେ
ସଦାଦେହ ମନ ପ୍ରାଣେ
ଶାନ୍ତି ଲଭୁଥାନ୍ତୁ ଅନୁକ୍ଷଣେ ହେ ।୬।

ଯଥାକାଳେ ବାରି ବରଷୁଣ ଥାଉ
ଧରାହେଉ ଫଳଭରା ହେ
ଅନ୍ନଜଳ ବସ୍ତ୍ର ଶସ୍ତ୍ର ଅବା ଶାସ୍ତ୍ର
ଜ୍ଞାନ ରେ ପରାଏ ପ୍ରଜା ହେ
ପୂର୍ଣ୍ଣ କରନ୍ତୁ ଜୀବନ
ଲଭି ଶାନ୍ତି ସୁଧା ଚିର ଦିନ ହେ ।୭।

## ହେ ଠାକୁର ! କେବେ ହେବ ଭାଗ୍ୟ ମୋର

ହେ ଠାକୁର ! କେବେ ହେବ ଭାଗ୍ୟ ମୋର
ସୁମରି ତୁମରି ଗୁଣ ଅସୁମାରୀ
ହାରିବି ଚେତନା ମୋର ।୧।

ତୁମ କମ ଛବି ହେରିବି ନୟନେ
ଥାପି ହୃଦ ପଦ୍ମାସନେ
ନେତ୍ର ନୀର ଢାଳି ଧୋଇବି ଚରଣ
ସଂତାପ କରିବି ଦୂର ।୨।

ଶିରିମୁଖ ଝରା ଅମୀୟ ବଚନ
କାନ ଡେରି ଶୁଣୁ ଥିବି
ଦୁନିଆଁ ବିଚାର ନହେବ ଗୋଚର
ହେବି ମୁଁ ଚିର ତୁମର ।୩।

ବିଶ୍ୱ ବିମୋହନ ତୁମ ରୂପ ହେରି
ନାଚିବି ସବୁ ପାଶୋରି
ସବୁରି ଭିତରେ ତୁମ ଚାନ୍ଦ ମୁଖ
ଦେଖି ମୁଁ ହେବି ବିଭୋର ।୪।

ସୁଖ ଦୁଃଖ ହେବ ତୁଲ୍ୟ ଏ ଜୀବନେ
ସମ ଅନ୍ଧାର ଆଲୋକ
ସସାଗରା ଧରା ହେବ ମୋ ଆଶ୍ରୟ
ନ ଥିବ ଆପଣା ପର ।୫।

ତୁମ ରୂପ ହେରି ତୁମ ନାମ ଧରି
ମରଣ ମରିବି ଛାର
ଚିର ଦିନ ପାଇଁ ଭୁଲି ମର ଭୂଇଁ
ହେବି ଲୀଳା ସହଚର ।୬।

## ହେ ଠାକୁର ! ବନ୍ଦନ ଘେନ ହେ ମୋର

ହେ ଠାକୁର ! ବନ୍ଦନ ଘେନ ହେ ମୋର
ଶତଦଳ ପଦ୍ମେ ଥାଇ ପ୍ରଣିପାତ ଘେନା କର ।୦।

ନିର୍ଗୁଣ ବ୍ରହ୍ମରେ ଥାଇ ହୁଅ ସଗୁଣ
ସଗୁଣ ଲୀଳାରେ ରହି ଖୋଜ ନିର୍ଗୁଣ
ଏକ ରୂପେ ଥାଇ ଦୁଇ ଦୁଇ ପୁଣି ଏକ ହୋଇ
ହୃଦ-ପଦ୍ମରେ ଗୁଞ୍ଜର ।୧।

ନିର୍ବିକଳ୍ପ ଭୂମି ପରେ ଗୁରୁବିନ୍ଦୁରେ
ଗୁରୁ ଭାବ ନେଇ ଆବିର୍ଭାବ ମର୍ତ୍ତ୍ୟରେ
ସଦ୍‌ଗୁରୁ ରୂପେ ରହି କରୁଛ ଜୀବ ଉଦ୍ଧାର
ବନ୍ଦନ ଘେନ ହେ ମୋର ।୨।

ତୁମେ ମୋର ଭଗବାନ ତୁମେ ମୋ ପ୍ରାଣ
ଏ ଜୀବନେ ଯାହା କିଛି ତୁମରି ଦାନ
ତୁମେ ପରିବ୍ୟାପ୍ତ ସର୍ବ ଶରୀରେ ମୋର
ତୁମ ବିନୁ ଗତି ନାହିଁ ଏ ଜୀବନର
ବନ୍ଦନ ଘେନ ହେ ମୋର ।୩।

## ହେ ଦୟାଳୁ! ହେ ଦରଦୀ!

ହେ ଦୟାଳୁ ! ହେ ଦରଦୀ ! ହେ ଚିର ସୁନ୍ଦର !
ତୁମେ ସତ୍ୟ, ତୁମେ ନିତ୍ୟ ତୁମେ ସାଥୀ ମୋ ଜନ୍ମ ଜନ୍ମର ।୦।

ତୁମେ ମଧୁର ରାଗିଣୀ ଛନ୍ଦ ତୁମେ ଫୁଟନ୍ତା କୁସୁମ ଗନ୍ଧ
ତୁମେ ଭକତର ଭଗବାନ ତୁମେ ଜୀବନର ପ୍ରିୟତମ
ତୁମେ ଶାନ୍ତ, ତୁମେ ଅନନ୍ତ ତୁମେ ସ୍ୱପ୍ନ ମୋ କାମନାର ।୧।

ତୁମେ ସନ୍ଧ୍ୟା ଗଗନେ ତାରା ତୁମେ ପ୍ରଣୟର ପ୍ରୀତି ଧାରା
ତୁମେ ପାହାନ୍ତି ଆକାଶେ ଜହ୍ନ ତୁମେ କୋଇଲିର କୁହୁ ତାନ
ତୁମେ ଶକ୍ତି, ତୁମେ ମୁକ୍ତି ତୁମେ ଗୁଞ୍ଜନ ମଧୁପର ।୨।

ତୁମେ ନବୀନ ଅରୁଣ ରଙ୍ଗ ତୁମେ ସାଗରେ ନୀଳ ତରଙ୍ଗ
ତୁମେ ଭକତ ଜନ ଆରାଧ୍ୟ କ୍ଷମ ଯେତେ ମୋର ଅପରାଧ
ତୁମେ ପିତା, ତୁମେ ମାତା ତୁମେ ବନ୍ଧୁ, ସଖା ସହୋଦର ।୩।

## ହେ ଦୁଃଖ ହାରୀ

ହେ ଦୁଃଖ ହାରୀ
ପ୍ରଣାମ କରିବି କେଉଁ ପରି ତୁମ ପଦ ଧରି ।୦।

ଆସିଛି ଗାଧୋଇ ଭବ ପଙ୍କିଳ ଜଳେ
ଛୁଇଁ ଦେଲେ ତୁମ ପଦ ପଣମିବା ବେଳେ
ଶିରୀ ଅଙ୍ଗେ ଲାଗି ଯିବ କାଳି ।୧।

ଜଗତରେ ତୁମ ନାମେ ବାଜିବ ନାଗରା
ମୋ ଲାଗି ବହିଲ ବୋଲି କଳଙ୍କ ପସରା
ତୁମ ନିନ୍ଦା ସହିବି କିପରି ।୨।

ବୁଡିଲେ ବୁଡିବି ପଛେ ଅସରା ଲୁହରେ
ନ ଲାଗୁ ମୋ କଳା ତୁମ ଚନ୍ଦମା ଦେହରେ
ନ ଦେଲେ ନ ଦିଅ ସୁଖ ଶିରୀ ।୩।

ଏତିକି ଆଶିଷ ଦିଅ ଦୟାଳୁ ଠାକୁର
ଜଣାଇବି ହୃଦୟର ଭକତି ଜୁହାର
ଦୂରେ ଥାଇ ପାଶେ ଥିଲା ପରି ।୪।

## ହେ ଦୁଃଖହାରୀ, ହେ ଦୁଃଖହାରୀ!

ହେ ଦୁଃଖହାରୀ, ହେ ଦୁଃଖହାରୀ!
ତୁମ ଆଶିଷରେ ଦୃଢ ବିଶ୍ୱାସରେ
ଗାଇବି ଜୟ ଜୟ ତୁମରି, ତୁମ ପଦ ଧରି ।୦।

ବାହୁରେ ଶକତି ହୃଦୟେ ଭକତି
ଭରି ଦିଅ ପ୍ରଭୁ ଭରି ଦିଅ
କାମନା ବାସନା ବୃଥା କଳପନା
ହରି ନିଅ ପ୍ରଭୁ ହରି ନିଅ
କୋଟି ଜନମର ଅଶୁଭ ସଂସ୍କାର
ନିମିଷକେ ଦିଅ ଦୂର କରି ।୧।

ଶିଶିରେ କି ଚୂତ ପଲ୍ଲବିବ କହ
ବସନ୍ତର ଆଗମନ ବିନା
ଭକତ ହୃଦୟେ ଭକତି କମଳ
ଫୁଟଇ ତୁମ ଆଶିଷେ ସିନା
ସେହିମତି ମୋର ମରମ ମନ୍ଦିରେ
ରାଜ ରାଜେଶ୍ୱର କୃପା କରି ।୨।

ଆଉ କାହା ପାଶେ ଜଣାଇବି ମୋର
ମନର ବ୍ୟଥା ବେଦନା ଯେତେ
କିଏ ତୁମ ସରି ଅଭୟ କୋଳରେ
ଆଦରରେ ଠାବ ଦେବ ମୋତେ
ଶ୍ରୀଚରଣେ ଘେନ କୃତଜ୍ଞତା ଭରା
ଲୁହଭିଜା ଫୁଲ-ଅଞ୍ଜଳି ।୩।

## ହେ ନିଗମାନନ୍ଦ ମୋର ପରାଣ ଠାକୁର

ହେ ନିଗମାନନ୍ଦ ମୋର ପରାଣ ଠାକୁର
ଦିବାନିଶି ସୁମରଇ ନାମଟି ତୁମର ।୦।

ଅପରୂପ ରୂପ ଶିରୀ ଦେଖଇ ଆନନ୍ଦ ଭରି
ସେହି ଛବି ଚିତ୍ତାକାଶେ ଭାସଇ ମୋହର ।୧।

ତୁମରି ଅଭୟ ବାଣୀ ଦିଏ ସୁଧାଧାର ବୁଣି
ମୃତ ପରାଣରେ ଚିର ଅମୃତ ପ୍ରକାର ।୨।

ଘେନ ପ୍ରଣତି ମୋହର ସକଳ ସନ୍ତାପ ହର
ଜୟଗୁରୁ ଜୟଗୁରୁ କଣ୍ଠ ଗାଉ ମୋର ।୩।

## ହେ ପରମାରାଧ୍ୟ ତ୍ରିଜଗତବନ୍ଦ୍ୟ

ହେ ପରମାରାଧ୍ୟ ତ୍ରିଜଗତବନ୍ଦ୍ୟ
ଘେନ ପଦେ କୋଟି ପ୍ରଣିପାତ
ଯେତେ ଶୁଣିଲେ ହେଁ ତବ ସୁଧାବାଣୀ
ଭବତାପ କରେ ସନ୍ତାପିତ ।୦।

ଶାନ୍ତି ଅଶାନ୍ତିର ଆବର୍ତ୍ତରେ ପଡି
ଭାସିଯାଉଅଛୁ ସତ୍ୟପଥ ହୁଡି
ଅନ୍ଧ କରି ଦିଏ ମାୟାର କୁହୁଡି
ହୋଇଯାଏ ଲକ୍ଷ୍ୟ ବିଚଳିତ ।୧।

ଚାଳିତ କର ହେ ସଦା ଶୁଭପଥେ
ଆମ ବୁଦ୍ଧି ତବ ନିଜ ଇଚ୍ଛାମତେ

ସାରଥୀ ସାଜିଣ ଏହି ଦେହ ରଥେ
ଲକ୍ଷ୍ୟସ୍ଥଳେ କର ଉପଗତ ।୨।

ବିତରିଛ ଯେଉଁ ଉପଦେଶ ସୁଧା
ଧରି ରଖିବାକୁ ଅନ୍ତରେ ସର୍ବଦା
କର ସେ ବ୍ୟବସ୍ଥା ତୁଟୁ ଭବ ବାଧା
ହେଉ ସଦା ପ୍ରାଣ ପୁଲକିତ ।୩।

ଅମୃତ ସନ୍ତାନ ଆମେ ଏ ମରତେ
ଏ ଦୃଢବିଶ୍ୱାସ ଜାଗୁ ଅବିରତେ
ସେଥିପାଇଁ ସଦା ଆମ ହୃଦପଥ
ପ୍ରଜ୍ଞାଲୋକେ କର ଆଲୋକିତ ।୪।

## ହେ ପ୍ରାଣ ଠାକୁର ! ପରମ ଈଶ୍ୱର

ହେ ପ୍ରାଣ ଠାକୁର ! ପରମ ଈଶ୍ୱର !
ଆସିଛ ଏ ଦୀନେ କୃପା ବହି
କୋଟି ଜନମର ସଂସ୍କାର ଫେଇ
ଭବ ସାଗରୁ ତାରିବା ପାଇଁ ।୦।

କାହିଁ କେତେକାଳୁ ରହିଥିଲୁ ଚାହିଁ
ସୁଧା-ଝରା ପଦ ଦରଶନ ପାଇଁ
କି ଦେଇ ପୂଜିବୁ କାହିଁ ବସାଇବୁ
ବ୍ରହ୍ମ-ବନ୍ଦ୍ୟ-ଯୋଗ୍ୟ ଥାନ କାହିଁ? ।୧।

ନନ୍ଦନବନ ସୁବାସ ସୁମନ
କସ୍ତୁରୀ ଗନ୍ଧ ସିତ ଶ୍ରୀଚନ୍ଦନ
କାହିଁ ସେ ଦରବ ସରଗ-ନୈବେଦ୍ୟ
କି ଦେଇ ତୋଷିବୁ ପ୍ରାଣ-ସାଇଁ ? ।୨।

ଜାଣୁ ନାହିଁ ଦେବ ତବ ପୂଜା ବିଧି
ଜହ୍ନଠାରେ ମନ ବାମନ ଅବଧି
କୃପାକରି ଦିଅ ଚରଣ ବଢାଇ
ଧନ୍ୟ ହେବୁ ଆଖି ନୀରେ ଧୋଇ ।୩।

କରିଛୁ ଭରସା ସେ ରଙ୍ଗପୟର
ଲାଗି ହେବୁ ନିତ୍ୟ-ସେବା ସୁମଧୁର
ଆନନ୍ଦ ସାଗରେ ବୁଡି ରହିଥିବୁ
ଅପାର ମହିମା ଗାଇ ଗାଇ ।୪।

## ହେ ପ୍ରାଣ ଠାକୁର ପ୍ରଣତି ଆମର

ହେ ପ୍ରାଣ ଠାକୁର ପ୍ରଣତି ଆମର
ଶ୍ରୀଚରଣ ତଳେ ଘେନା କର
ତୁମ ବିଶ୍ୱରୂପ ଅଦ୍ୱୟ ସ୍ୱରୂପ
ଏହି ଜ୍ଞାନ ମନେ ରହୁ ସ୍ଥିର ।୦।

ତତ୍ତ୍ୱଦର୍ଶୀ ମୁନି ଜ୍ଞାନୀ ଭକ୍ତଗଣ
ସେ ଅଦ୍ୱୟ ତତ୍ତ୍ୱ କରି ନିରୂପଣ
ବ୍ରହ୍ମ, ଆତ୍ମା, ଭଗବାନ କହିଥାନ୍ତି
ମନେ ହେଜି ବିଶ୍ୱହିତ ଚିର ।୧।

ଆମେ ଦୀନ ଭକ୍ତ ଆଶ୍ରିତ ସେବକ
ଅନ୍ତର ମନ୍ଦିରେ ସେ ମୋହନ ରୂପ
ହେରିବୁ ସର୍ବଦା ଠେଲି ସର୍ବ ବାଧା
ପ୍ରାର୍ଥନା ଆମର ଶ୍ରୀପୟର ।୨।

ତୁମର ଅନନ୍ତ କରୁଣା ସାଗର
ଲାଭ କରି ଆମେ କଣିକା ମାତର
ଅପାର ଆନନ୍ଦ ସାଗରରେ ବୁଡି
ହୋଇ ଯାଉ ଆମେ ଏକାକାର ।୩।

ଯେ ବୃତ୍ତି ସକଳ ତୁମ ସେବା ପଥେ
ବାଧା ଦେଇ ସଦା ଚଳାନ୍ତି ବିପଥେ
ଦିଅ ମନେ ବଳ ସେ ରିପୁ ସକଳ
ଦଳି, ଜୟୀ ହେବୁ ନିରନ୍ତର ।୪।

ତୁମ ସେବା କରି ତୁମ ନାମ ଗାଇ
ଜୀବନ ଯାପିବୁ ହେ ପରାଣସାଇଁ
କର ଆଶୀର୍ବାଦ ହେ ପରମାରାଧ୍ୟ
ପ୍ରାର୍ଥନା ଆମର ଘେନା କର ।୫।

## ହେ ବିଶ୍ୱସେବକ ଶିରୋମଣି !

ହେ ବିଶ୍ୱସେବକ ଶିରୋମଣି !
ମୋତେ ସେବକ ସାଜରେ ଦିଅ ସଜାଇ
ଏତିକି ପ୍ରାର୍ଥନା ଶ୍ରୀପଦେ ନିଜକୁ
ଜଗତ ସେବାରେ ଦେବି ହଜାଇ ।୦।

ପୋଛି ଦିଅ ମନୁ ମାନ ଅଭିମାନ
ହିଂସାଦ୍ୱେଷ ଅହଂକାର
ଭରି ଦିଅ ପ୍ରାଣେ ସ୍ନେହ, ପ୍ରେମ, ପ୍ରୀତି
ଭାଷା ହେଉ ସୁମଧୁର
ସତ୍ୟ-ସରଳତା ବିନୟ ଗୁଣରେ
ଶିର ମୋର ପଡୁଥାଉ ନଇଁ ।୧।

ସଦା ନିରଳସ କରିଦିଅ ମୋତେ
ମୁଖ ହେଉ ହସ ହସ
ପରନିନ୍ଦା ପର ଚରଚାରେ କେବେ
ନ ବଳୁ ମୋର ମାନସ
ଆନନ୍ଦରେ ଭିଜି ସେବା କରୁଥିବି
ଆନନ୍ଦେ ସଭିଙ୍କୁ ଦେବି ଭସାଇ ।୨।

ପର ଆପଣର ଭାବ କେବେ ମନେ
ନ ଆସୁ ଏହି ଜୀବନେ
ସେବା କରୁଥିବି ତୁମରି ସନ୍ତାନ
ମଣି ମୁଁ ଜଗତ ଜନେ
ପରଦୁଃଖେ ଦୁଃଖୀ ପରସୁଖେ ସୁଖୀ
ହେବି ନିରନ୍ତର ଜଗତସାଇଁ ।୩।

ମଧୁମକ୍ଷୀ ପରି ଭଲ ଗୁଣ ବାଛି
ନେବି ମୁଁ କରି ଆଦର
ଦୟା, କ୍ଷମା ଗୁଣ ସହିବା ଶକତି
ଜୀବନେ ଆସୁ ମୋହର
ନିନ୍ଦା, ଗାଳି ଯେତେ ଗଳାହାର କରି
ପିନ୍ଧିବି ସରାଗେ ତୁମରି ପାଇଁ ।୪।

ତୁମ ସେବାପଥେ ମଣିବି ନିଜକୁ
ତୃଣଠାରୁ ଛାର ବୋଲି
ନାମ ଗୁଣୁଥିବି ଦିନ ଗଣୁଥିବି
(ତୁମ) ନିତ୍ୟଲୋକେ ଯିବି ବୋଲି
ଏତିକି ମିନତି ହେ ପରାଣସାଇଁ !
ହାତ ଧରି ପଥ ନେବ ମଣାଇ ।୫।

## ହେ ବିଶ୍ୱବିହାରୀ ଭୁବନମୋହନ ନନ୍ଦନ

ହେ ବିଶ୍ୱବିହାରୀ ଭୁବନମୋହନ ନନ୍ଦନ !
ବନ୍ଦନ ଘେନ କଞ୍ଜପଦେ ଭକ୍ତ ହୃଦ-ଚନ୍ଦନ ।0।

ଖଣ୍ଡନ କର ହେ ନାଥ ! ଭକ୍ତ ଭବ-ବନ୍ଧନ
ଅଜ୍ଞାନ ଅନ୍ଧାର ନାଶି ଲେପି ଜ୍ଞାନ-ଅଞ୍ଜନ
କରୁଣା ବରଷି ଦିଅ ଅମୃତର ସନ୍ଧାନ
ଘେନ ପଦେ ବନ୍ଦନ ।୧।

କୋଟି କୋଟି ଭକତଙ୍କ ଗୋଟି ଗୋଟି ପ୍ରାର୍ଥନା
ପୂରଣ କରୁଛ ପ୍ରଭୁ ନାହିଁ ତିଳେ ଶୋଚନା
ମଥାରେ ଦେଇଛ ବୋଲି ଶୁଭାଶିଷ ଚନ୍ଦନ
ଘେନ ପଦେ ବନ୍ଦନ ।୨।

ତନ୍ତ୍ର ଜ୍ଞାନ ଯୋଗ ପ୍ରେମେ ସିଦ୍ଧ ସଦ୍ଗୁରୁବର
ଉଜ୍ଜ୍ୱଳ ତାରକା, ଗ୍ରନ୍ଥପ୍ରଣେତା ଯୋଗେଶ୍ୱର
ସନାତନ ଧର୍ମ ରକ୍ଷାକର୍ତ୍ତା ବିଶ୍ବବନ୍ଦନ
ଘେନ ପଦେ ବନ୍ଦନ ।୩।

ବିଶ୍ବର କମଳାସନେ ତୁମେ ଜ୍ଞାନ-ସବିତା
ଅନ୍ତରଙ୍ଗ ଭକ୍ତ ସଙ୍ଗେ ଗୋପନେ କୁହ କଥା
ବ୍ୟଥା ହରି ଦୀନବନ୍ଧୁ ଦିଅ ପଦେ ଶରଣ
ଘେନ ଆମ ବନ୍ଦନ ।୪।

## ହେ ଭାବନିଧି! ଭାବରେ ରଖ

ହେ ଭାବନିଧି !
ଭାବରେ ରଖ ମୋତେ ବାନ୍ଧି
ମାଗୁନାହିଁ ମୁଁ ଆନ ସିଦ୍ଧି ।0।

ଭବ ବଇଭବ ଚିନ୍ତି ପଙ୍କିଳ ହେଲାଣି ମତି
ହାରି ଦେଲିଣି ଜ୍ଞାନ ବୁଦ୍ଧି ।୧।

ସକଳ କାମ କାମନା ହେଉପଛେ ମୋତେ ମନା
ଚରଣେ କର ଚିର ବନ୍ଦୀ ।୨।

ଲଭି ଶ୍ରୀପଦ ପରଶ ଭୁଲିବି ଭବ ପରାସ
ଗାଇବି ନାମ ନିରବଧି ।୩।

ଶିରୀମୁଖ ଚାହିଁ ଚାହିଁ ପୁଲକିତ ହେବ ଦେହୀ
କର ମୋ ଲାଗି ଏହି ବିଧି ।୪।

## ହେ ମହାନ, ମହିମାବନ୍ତ ମହାବାହୁ

ହେ ମହାନ, ମହିମାବନ୍ତ ମହାବାହୁ
ପାପୀ, ତାପୀ ଜନ ଛାମୁରେ ଜଣାଏ
ଦୁଃଖ ତାର ଦୀନବନ୍ଧୁ ! ଶୁଣିବା ହେଉ ।0।

ଜାଣେ ନାହିଁ ମନ୍ତ୍ର, ତନ୍ତ୍ର, ନାହିଁ ଦିବ୍ୟଜ୍ଞାନ
କେମିତି ଡାକିଲେ ନାଥଟଳିବ ଆସନ
ବିଦ୍ୟା ବୁଦ୍ଧିହୀନ ଅତି ହିଁ ଅଜ୍ଞାନ
କରୁଣା ସାଗର ଲବେ କରୁଣା ହେଉ ।୧।

କି ଭାବେ କି ସ୍ତବ ସ୍ତୁତି କରି ତୁମ ମନ
ତୋଷିବି ପୂଜିବି ପଦ ଆକୁଳ ପରାଣ
ପରାଣେ ଶାଶ୍ୱତ ପ୍ରେରଣା ଜଗାଇ
ନାଶ କର ଭବ ମାୟା ବନ୍ଧନ ରାହୁ ।୨।

ସକଳ ଭୟନାଶକ 'ଜୟଗୁରୁ' ନାମ
ସଦା ରଟୁଥିବ ମନ, କର ହେ କଲ୍ୟାଣ
ପୀରତି-ରଜ୍ଜୁରେ ବାନ୍ଧି ରଖ କରି ଚିର ବନ୍ଦୀ
ଆନ କା ପାଶେ ଯେମନ୍ତ ନ ଯିବ ସେ ଆଉ ।୩।

## ହେ ମହାମହୀମ ଭୁବନମୋହନ ନନ୍ଦନ

ହେ ମହାମହୀମ ଭୁବନମୋହନ ନନ୍ଦନ
ବନ୍ଦନ ତୁମ ପଦକଞ୍ଜେ ପ୍ରଣତି ଘେନ ମମ ।।୦

ଭକତର ପ୍ରାଣେ ଦିଅ ଜ୍ଞାନଦୀପ ଜଳାଇ
ହୃଦ-ସରସୀରେ ଦିଅ ଶତଦଳ ଫୁଟାଇ
ତୁମେ ଭବ-ବନ୍ଧନ ବିମୋଚନ
ଏ ବିଶ୍ୱ ପ୍ରଣତି ଢାଳେ ଆହେ ବିଶ୍ୱ-ବନ୍ଦନ ।।୧

ଛନ୍ଦା ପଦେ ବନ୍ଧା ମନ ପୂର୍ଣ୍ଣ କର କାମନା
କୁଞ୍ଚିତକେଶା ମୋ ଦଶା ଛାମୁରେ କରେ ଜଣା
କରୁଣା କର ହେ କୃପା ନିଧାନ
ଶରଣାଗତ ଭକତ ହୃଦ ତଟ ଚନ୍ଦନ ।।୨

ରକତରଙ୍ଗେ ରଞ୍ଜିତ ଶୋଭା ତୁମ ଚରଣ
କଟି ତଟେ ବିମଣ୍ଡିତ ଶ୍ୱେତ କୁଞ୍ଜବସନ
କପାଳେ ଶୋଭଇ ଗନ୍ଧ ଚନ୍ଦନ
ନିଖିଳ ଅଳକାବଳୀ କରେ ଗଣ୍ଡ ମଣ୍ଡନ ।। ୩

କୋଟି ଶଶୀ-ପ୍ରଭା ଜିଣି ବରାଭୟ ମୂରତି
ଦୁସ୍ତର ଭବ-ସାଗରୁ ଉଦ୍ଧର ହେ ଶ୍ରୀପତି
ପଶୁଛି ସେ ପଦେ ଆଜି ଶରଣ
ଆତ୍ମଜ୍ଞାନ କର ଦାନ ଧନ୍ୟ ହେଉ ଜୀବନ ।। ୪

## ହେ ମୋର ଜୀବନବନ୍ଧୁ

ହେ ମୋର ଜୀବନବନ୍ଧୁ
ନିଖିଳ ସୃଷ୍ଟିର ଅମୃତମୟୀ
ଚେତନାର ଆଦି ବିନ୍ଦୁ ।୦।
ସତ୍ୟଲୋକ ପାରେ ନିତ୍ୟ ଜଗତରେ
ବିରାଜିତ ତୁମେ ଜ୍ୟୋତିର୍ମୟ ପୁରେ
ତୁମେ ହେ କରୁଣାସିନ୍ଧୁ ।୧।
ଭାବ ରାଇଜର ଭାବର ଠାକୁର
ଭବ ଜୀବନକୁ ଭାବମୟ କର
ମାଗେ ତବ ପ୍ରୀତି ମଧୁ ।୨।
ନିଗମର ସିନା ତୁମେ ନିରାକାର
ମୋ ଲାଗି ତୁମେ ତ ସଗୁଣ ସାକାର
ତୁମେ ମୋ ପୂର୍ଣ୍ଣିମା ଇନ୍ଦୁ ।୩।
ତୁମ ଶୁଭ ଶଙ୍ଖ ଶୁଣିବି ଯେ ଦିନ
ଜାଣିବି ସେହି ମୋ ମୁକତି ଲଗନ
ହସିବି ମୁଁ ଦୀନବନ୍ଧୁ ।୪।

## ହେ ସତ୍ୟ ସୁନ୍ଦର ଦେବ ପରାତ୍ପର

ହେ ସତ୍ୟ ସୁନ୍ଦର ଦେବ ପରାତ୍ପର
ଏ ସାରା ଜଗତ ସ୍ୱରୂପ ତୁମର
ଜ୍ୟୋତିର୍ମୟ ଦେବ ରାଜ ମୋ ଅନ୍ତରେ
ପୁଲକି ଉଠୁ ଏ ପରାଣ ମୋର ।୦।

ଯୁଗ ଯୁଗାନ୍ତର ବିଶ୍ୱ ଚରାଚର
ବିପୁଳ ବିଭବ ପ୍ରକଟ ତୁମର
ନିଖିଳ ଜଗତ ବିଲୟ ଉଦ୍‌ଭବ
ଇଙ୍ଗିତରେ ତୁମ ହେଉଅଛି ସ୍ଥିର ।୧।

ହୃଦ ସିଂହାସନେ ରାଜ ଅଧିରାଜ
ପାଉ ନବରୂପ ମାନବ ସମାଜ
ଗ୍ରହ ଉପଗ୍ରହ ଉତ୍ପତ୍ତି ବିଲୟ
ସବୁ ହୁଏ ତୁମ ଇଚ୍ଛାରେ ମାତର ।୨।

ରବି ଶଶୀ ପୁଣି ଗ୍ରହ ତାରା ଗଣ
ତୁମ ଜ୍ୟୋତିର୍ବଳେ ସର୍ବେ ଜ୍ୟୋତିଷ୍ମାନ
ଅମ୍ବର ସାଗର ବିଶ୍ୱ ଚରାଚର
ମହିମା ଜ୍ଞାନରେ ମଗ୍ନ ନିରନ୍ତର ।୩।

ଅନ୍ତର ମୋହର ପୂରୁ ସେହି ଗାନେ
ନାଚୁ ସେହି ରୂପ ସତତ ନୟନେ
ବିଲୋକ ପୁଲକ ପାଇ ସେ ଆଲୋକ
ଜୟଗାନ ତବ କରୁ ନିରନ୍ତର ।୪।

## ହେବ କି ସେ ଏ ଜନମେ

ହେବ କି ସେ ଏ ଜନମେ ମନର ପାଶୋରା ସତେ
ହେବ କି ପାଶୋରା
ଆଖି ଆଗେ ନାଚେ ପାଦ ପଦ୍ମ ରଂଗ ହରା ସତେ
ହେବ କି ପାଶୋରା ।୦।

କଟୀ ତଟେ ଶୁକ୍ଳ ବସ୍ତ୍ର କଣ୍ଠେ ରୁଦ୍ରାକ୍ଷର ମାଳା
ନଧର ଅଧର ଯୁଗେ ଦରହାସ କରେ ଖେଳା
ବଚନ ଉପମା ନାହିଁ ମଧୁରୁ ବଳି ମଧୁର ।୧।

ଭାଷାରେ ବୋଲା ଅଛି କି ପ୍ରେମ ଅନୁରାଗ ଶାନ୍ତି
ଝଟକି ଉଠୁଛି କିବା ଅଂଗେ ଅରୁଣର କାନ୍ତି
ସବୁରି ଲାଗି ଆଦର ନୟନ ଯୁଗଳେ ବୋଳା ।୨।

ଭକତ ଡାକରା ପାଇ ଆସିଛ ମରତେ ସାଇଁ
ମନେହୁଏ ଏ ଜଗତେ ତୁମର କେ ପର ନାହିଁ
ତତ୍ତ୍ୱ ଜ୍ଞାନ ଯୋଗର କି ତୁମେ ସାଧନ ପସରା ।୩।

ବିଷାଦ କାଳିମା ହରେ ତୁମରି ଅଭୟ ବାଣୀ
ଅଗାଧ ଅସୀମ ସ୍ନେହ ପାରିବ କେ ପରିମାଣି
ଆଶୀଷ ବରଷ ଦେବ ଘେନ ନତି ଭକ୍ତି ଭରା ।୪।

## ହୋରି ଖେଳନ୍ତି ରଙ୍ଗେ କହ୍ନାଇ ଗୋ

ହୋରି ଖେଳନ୍ତି ରଙ୍ଗେ କହ୍ନାଇ ଗୋ
ସଙ୍ଗେ ଘେନି ରସମତୀ ରାଈ ଗୋ
ହୋରି ଖେଳନ୍ତି ।୦।

ମଣ୍ଡଳୀ ରଚିଲେ ଗୋପବାଳାଗଣ
ମଧ୍ୟେ ରଖି ରାଧାରାଣୀ,
ଏକାଳେ ମାଧବ ମୂରଲୀ ବଜାଇ
ଉଭା ତ୍ରିଭଙ୍ଗୀମା ଠାଣୀ ଗୋ ।୧।

ରସମତୀ ରାଈ ଅଙ୍ଗେ ବୋଳି ଫଗୁ
ଆନନ୍ଦରେ ମଗ୍ନ ହେଲେ,
କୃଷ୍ଣ ଅଙ୍ଗେ ଫଗୁ ବୋଳି ଗୋପବାଳା
ଆନନ୍ଦରେ ନୃତ୍ୟ କଲେ ଗୋ ।୨।

ଶ୍ରୀମତୀ ଧଇଲେ କୃଷ୍ଣ ବାସ ଭିଡି
ଛଡାଇ ମୂରଲୀ କରୁ
ଦେଖି ତା ଚକିତେ ବୃନ୍ଦାବନ ଚନ୍ଦ୍ର
ବେଣୁ ଭିଡି ତା ପାଶରୁ

ହେରି ଏହି ଦୃଶ୍ୟ ଗୋପିଏ ନାଚିଲେ
ଚଉଧାର ତାଳି ମାରି
କୃଷ୍ଣ-କରୁ ଫଗୁ ରାଈଅଙ୍ଗେ ଲାଗି
ରଙ୍ଗେ ହେଲା ରସଭରା,

ରାଈ-କର ଫଗୁ ଶ୍ୟାମ ଅଙ୍ଗେ ଲାଗି
ଦିଶିଲା ତା' ବଡ ତୋରା
ଗୋପିକା, ଶ୍ରୀକୃଷ୍ଣ ଶ୍ରୀମତୀ ସଭିଏଁ
ଫଗୁ-ରଙ୍ଗେ ଏକାକାର,

ଅପରୂପ ଶୋଭା ଜନମନ ଲୋଭା
ହେରି ଜଗତ ବିଭୋର ।
ସତେ ଆକାଶୁ ଫଗୁ ଝରଇ ଗୋ
ଭକ୍ତେ ଆନନ୍ଦେ ହୋଇଲେ ବାଇ ଗୋ ।୩।

## ହୃଦୟର କଥା ହୃଦୟର ଭାବ

ହୃଦୟର କଥା ହୃଦୟର ଭାବ
କାହାକୁ କହିବି କୁହ
ତୁମେ ନ ଶୁଣିଲେ କିଏ ସେ ପୋଛିବ
ଆଖିର ଅବୁଝା ଲୁହ ।୦।

ତୁମ ପାଶେ ବସି ଗୋପନେ ଠାକୁର
କହିବାକୁ ଅଛି କେତେ କଥା ମୋର
ଆଜ୍ଞା ପଦେ ମୋତେ ମିଳିବ କି ନାହିଁ
ଆଜି ବାରେ କହି ଦିଅ ।୧।

ସେଦିନ ସେଦିନ କେତେ ଦିନ କୁହ
ଝରିବନି ଆଉ ବିରହର ଲୁହ
ଶୁଭି ଯାଉଥିବ ମିଳନ ବଇଁଶୀ
ବହିବ ଆନନ୍ଦ ସୁଅ ।୨।

ଏ ସଂସାରେ ଆଉ ନାହିଁ ମୋର ମନ
ଫେରାଇ ନିଅ ହେ ତୁମ ନିତ୍ୟଧାମ
ଚରଣ ଧରି ମୁଁ ମାଗୁଛି ଠାକୁର
ତୁମ ପଦ ସେବା ଦିଅ ।୩।

## କ୍ଷମାନିଧି ! କ୍ଷମା ଜମା ମାଗୁନାହିଁ

କ୍ଷମାନିଧି ! କ୍ଷମା ଜମା ମାଗୁନାହିଁ
କହି ଦିଅ ଖାଲି ଅବୋଲର କରି
ଜନମ ଦେଲ କି ପାଇଁ ।୦।

ପିତାବୋଲି ମୋର, ମନା କରିବାକୁ
ଅଛି କି ତୁମର ବଳ
ସେ ଗଛବିହୁନ ସେହି ଡାଳର ମୁଁ
ନୁହେଁ କି ସତରେ ଫଳ ?
କହ ମୋର ମଥା ଛୁଇଁ ।୧।

ମାଗି ଆସିଛି ମୁଁ ଦୁଆରେ ତୁମର
କ୍ଷମା ନୁହେଁ, ତୁମ ରୋଷ
ଅଯୋଗ୍ୟ ବୋଲି ମୁଁ ଠେଲିଦିଅ ପଦେ
ସେତିକିରେ ହେବି ତୋଷ
ପଦ ଧୂଳି ମନାସଇଁ ।୨।

## କ୍ଷମା-ସାଗର ବୋଲାଇ ହେଲା ଏକି ସୁବିଚାର

କ୍ଷମା-ସାଗର ବୋଲାଇ ହେଲା ଏକି ସୁବିଚାର ?
କରଯୋଡି ପଚାରୁଛି ଅବୁଝା, ଦୋଷ ନ ଧର ।୦।

ଅପରାଧ କରିବାର ଯେବେ ମୋ କରମଗାର
କହ ତେବେ ଏ ଜୀବନ ଗଢିଛି, କେ କାରିଗର ? ।୧।

ମୁଁ ଯେବେ ହେ କ୍ଷମାନିଧି ! ସାଧିଲି ଯେତେ ଅବିଧି
କ୍ଷମା ଦେଇ, ରାହା କିଏ ବତାଇବ, ସାହା ମୋର ।୨।

ଯାହା ଇଚ୍ଛା ତାହା କର, ଏତିକି ମିନତି ମୋର
ମାଗିଲେ ମାଗିବ କ୍ଷମା ତବ ପୟରେ କେବଳ ।୩।

### କ୍ଷମା-ସାଗର ହେ ! କାହିଁକି ଏ ନାମ ଧର

କ୍ଷମା-ସାଗର ହେ ! କାହିଁକି ଏ ନାମ ଧର
କ୍ଷମା ଯେବେ ତୁମେ ନ ଦେବ ଠାକୁର !
କୋଟି ଅପରାଧ ମୋର ? ।୦।

ଭୂଇଁଛୁଆଁ କାଳୁ ଯେବେ ମୋତେ ଜଣା-
ନ ଥିଲା ସଂସାର କିସ
ସେତିକିବେଳରୁ ରକତେ ମିଶାଇ-
ଦେଇ ଅପରାଧ-ବିଷ
ଅଥଳେ ଭସାଇ, ତାରିବା ବେଳକୁ
କାହିଁକି ପର ବିଚାର ? ।୧।

ଅପରାଧ ତ' ମୋ ଜୀବନ ଦୋଷର
ତୁମେ କି ନ ଜାଣ ତାହା
ହେବି ପଥ ବଣା ଏ କଥା ତ' ଜଣା
କିଏ ମଣାଇବ ରାହା ?
ତୁମେ ପରା ଅନ୍ଧ-ଲଉଡି ମଣିମା
ମିଛ କି ମୋ କହିବାର ।୨।

ଅପରାଧୀ ବୋଲି ଅଳି କଲି ଯେବେ
କ୍ଷମା ପାଇବାକୁ ମୁହିଁ
ଗୁରୁଦୋଷ ଦେଖି କ୍ଷମା ନ ଦେବାର
ବିଚାର ଯେବେ ଗୋସାଇଁ !
ପଦେ ଠେଲି ଦିଅ, ଚରଣଧୂଳିରେ
ଧୂସର ହେଉ ଏ ଶିର,
ମଥାରେ ଲାଗୁ ଠାକୁର ।୩।

**---::: ସମାପ୍ତ :::---**

**ଜୟଗୁରୁ**